# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ
# ସରକାରୀ ଉଦ୍ୟୋଗର ଅନୁପାଳନ ସମୀକ୍ଷା ଉପରେ
# ମାର୍ଚ୍ଚ 2022ରେ ସମାପ୍ତ ବର୍ଷ ପାଇଁ

SUPREME AUDIT INSTITUTION OF INDIA

लोकहितार्थ सत्यनिष्ठा

Dedicated to Truth in Public Interest

**ଓଡ଼ିଶା ସରକାର**

**ବର୍ଷ 2024ର ପ୍ରତିବେଦନ ସଂଖ୍ୟା 1**

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ
# ସରକାରୀ ଉଦ୍ୟୋଗର ଅନୁପାଳନ ସମୀକ୍ଷା ଉପରେ
# ମାର୍ଚ୍ଚ 2022ରେ ସମାପ୍ତ ବର୍ଷ ପାଇଁ

**ଓଡିଶା ସରକାର**

**ବର୍ଷ 2024ର ପ୍ରତିବେଦନ ସଂଖ୍ୟା 1**

# ସୂଚୀପତ୍ର


| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| ମୁଖବନ୍ଧ | | v |
| ବିହଙ୍ଗାବଲୋକନ | | vii-xiii |
| **ଅଧ୍ୟାୟ I : ଉପକ୍ରମ** | | |
| **ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ** | | |
| ଉପକ୍ରମ | 1.1 | 1-4 |
| ସରକାରୀ କମ୍ପାନୀ ଓ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ | 1.2 | 5-9 |
| ଏସ୍‌ପିଏସ୍‌ଇଗୁଡିକରୁ ଉପାର୍ଜନ | 1.3 | 9-13 |
| ଉତ୍ପାଦନର ମୂଲ୍ୟ | 1.4 | 13-17 |
| ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ସମୀକ୍ଷା | 1.5 | 17 |
| ସିଏଜିଙ୍କ ଦ୍ୱାରା ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି | 1.6 | 17 |
| ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବ ଦାଖଲ | 1.7 | 17-19 |
| ସିଏଜିଙ୍କ ତଦାରଖ–ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରକ ସମୀକ୍ଷା | 1.8 | 19-20 |
| ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ | 1.9 | 20-29 |
| ବୈଧାନିକ ନିଗମ ଯେଉଁଠାରେ ସିଏଜି ଏକମାତ୍ର ସମୀକ୍ଷକ | 1.10 | 29-30 |
| ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍ ପ୍ରାବଧାନର ଅନୁପାଳନ ନକରିବା | 1.11 | 30 |
| ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି | 1.12 | 30-31 |
| ସୁପାରିଶ | 1.13 | 31 |
| **ଅଧ୍ୟାୟ II : କ୍ଷତି ସହୁଥିବା ପିଏସ୍‌ୟୁଗୁଡିକ ଚାଲୁ ରଖିବାର ଯଥାର୍ଥତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା** | | |
| ଉପକ୍ରମ | 2.1 | 33 |
| ପରିସର ଏବଂ ପଦ୍ଧତି | 2.2 | 33-34 |
| ସମୀକ୍ଷା ଉଦ୍ଦେଶ୍ୟ | 2.3 | 34 |
| ସମୀକ୍ଷା ମାନଦଣ୍ଡ | 2.4 | 34 |
| ଗ୍ରୀଡ୍‌କୋ ଲିମିଟେଡ୍ | 2.5 | 34-50 |
| ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ (ଇଡ୍‌କଲ୍) ଏବଂ ଏହାର ସହଯୋଗୀ କମ୍ପାନୀ ଯଥା, ଇଡ୍‌କଲ୍ ଫେରୋକ୍ରମ ଏବଂ ଆଲଏଜ୍ ଲିମିଟେଡ୍ (ଇଫ୍‌କାଲ୍) ଏବଂ ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (ଆଇକେଆଇଡବ୍ଲ୍ୟୁଏଲ୍) | 2.6 | 51-72 |
| ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | 2.7 | 73-82 |
| **ଅଧ୍ୟାୟ III : ଓଡିଶାରେ ସ୍ମାର୍ଟ ସିଟି ମିଶନ ଅଧିନରେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା** | | |
| ଉପକ୍ରମ | 3.1 | 83-84 |
| ସମୀକ୍ଷା ଉଦ୍ଦେଶ୍ୟ | 3.2 | 85 |
| ସମୀକ୍ଷା ମାନଦଣ୍ଡ | 3.3 | 85 |
| ସମୀକ୍ଷା ପରିସର | 3.4 | 85 |
| ସମୀକ୍ଷା ପଦ୍ଧତି | 3.5 | 85 |
| ସ୍ମାର୍ଟ ସିଟି ପ୍ରସ୍ତାବ ପ୍ରକଳ୍ପଗୁଡିକର ଯୋଜନା ଏବଂ କାର୍ଯ୍ୟକାରିତା | 3.6 | 86-100 |
| ପ୍ରକଳ୍ପ ପାଣ୍ଠି ଏବଂ ଆର୍ଥିକ ପରିଚାଳନା | 3.7 | 100-104 |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା | 3.8 | 104-107 |
| ଉପସଂହାର | - | 107-108 |
| ସୁପାରିଶ | - | 108 |
| **ଅଧ୍ୟାୟ IV : ଅନୁପାଳନ ସମୀକ୍ଷା ମନ୍ତବ୍ୟ** | | |
| ***ଓଡିଶା ବିଦ୍ୟୁତ ନିୟାମକ ଆୟୋଗ*** | | |
| ପରିହାର୍ଯ୍ୟ କ୍ଷତି | 4.1 | 109-111 |
| ***ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍*** | | |
| ଉପଭୋକ୍ତାଙ୍କ ଉପରେ ଅବାଞ୍ଛିତ ବୋଝ | 4.2 | 111-112 |
| ବୈଧାନିକ ଦେୟର ସ୍ୱଳ୍ପ ପଇଠ | 4.3 | 112-113 |
| ***ଗ୍ରୀଡ୍‌କୋ ଲିମିଟେଡ୍*** | | |
| ପରିହାର୍ଯ୍ୟ ଜୋରିମାନା ଦେୟ | 4.4 | 114-116 |
| ***ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍*** | | |
| ଠିକାଦାରମାନଙ୍କୁ ଅଧିକ ଦେୟ ପ୍ରଦାନ | 4.5 | 116-117 |
| ***ଓଡିଶା ଖଣି ନିଗମ ଲିମିଟେଡ୍*** | | |
| ପରିହାର୍ଯ୍ୟ ବ୍ୟୟ | 4.6 | 118-119 |
| ଅପରିଣାମଦର୍ଶୀ ଖର୍ଚ୍ଚ | 4.7 | 120-121 |
| ରାଜସ୍ୱ ହାନି | 4.8 | 121-123 |
| କ୍ରୋମ ପଥରର ସର୍ବନିମ୍ନ ମୂଲ୍ୟର ଭୁଲ ନିର୍ଦ୍ଧାରଣ | 4.9 | 123-124 |
| ***ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍*** | | |
| ସୁଧର ପରିହାର୍ଯ୍ୟ କ୍ଷତି | 4.10 | 124-126 |
| ***ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍*** | | |
| ନିରର୍ଥକ ଖର୍ଚ୍ଚ | 4.11 | 126-128 |
| ନିଷ୍ଫଳ ବ୍ୟୟ | 4.12 | 128-129 |
| ***ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ*** | | |
| ଅହେତୁକ ଅନୁକମ୍ପା | 4.13 | 130-131 |
| ରାଜସ୍ୱ ହାନି | 4.14 | 131-133 |


## ପରିଶିଷ୍ଟ


| ***ପରିଶିଷ୍ଟ ସଂଖ୍ୟା*** | ***ବିଷୟ*** | ***ପ୍ରସଙ୍ଗ ସୂଚନା*** | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| 1 | 82ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇର ତାଲିକା | 1.1.3 | 135-137 |
| 2 | ପରିସମାପନ ପ୍ରକ୍ରିୟାରେ ଥିବା ନିଷ୍କ୍ରିୟ କମ୍ପାନୀ ସମୂହର ବକେୟା ହିସାବଗୁଡିକର ବିବରଣୀ | 1.1.3 ଏବଂ 1.7.2 | 138-139 |
| 3 | ବକେୟା ହିସାବଗୁଡିକର ବିବରଣୀ | 1.1.3 ଏବଂ 1.7.2 | 140 |

| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| 4 | ଓଡିଶାର ଜିଏସ୍‌ଡିପି ତୁଳନାରେ ବିଭାଗ-ୱାରୀ କାରବାରର ବିବରଣୀ | 1.1.4 | 141-142 |
| 5 | ଏସ୍‌ପିଏସ୍‌ଇ-ୱାରୀ ସମୁଦାୟ ସମ୍ପତ୍ତି ଓ ଦୀର୍ଘକାଳୀନ ଋଣର ତୁଳନାତ୍ମକ ବିବରଣୀ | 1.2.2.2 | 142 |
| 6 | 2020-21 ଏବଂ 2021-22 ମଧ୍ୟରେ 11ଟି ଏସ୍‌ପିଏସ୍‌ଇ ଦ୍ୱାରା ହୋଇଥିବା କ୍ଷତି | 1.3.2 | 143 |
| 7 | 31 ମାର୍ଚ୍ଚ 2022 ସୁଦ୍ଧା ଋଣାତ୍ମକ ନିଟ୍ ମୂଲ୍ୟ ଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା | 1.3.3 | 144 |
| 8 | ସରକାରୀ କମ୍ପାନୀଗୁଡିକ ଦ୍ୱାରା ପଇଠ ହୋଇନଥିବା ଲାଭାଂଶ | 1.3.4 | 145 |
| 9 | ଏସ୍‌ପିଏସ୍‌ଇଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ନିୟୋଜିତ ପୁଞ୍ଜି | 1.4 | 146 |
| 10 | ଏସ୍‌ପିଏସ୍‌ଇଗୁଡିକର ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ | 1.4.1 | 147-148 |
| 11 | ଏସ୍‌ପିଏସ୍‌ଇଗୁଡିକର ଇକ୍ୱିଟି ଉପରେ ଉପାର୍ଜନ | 1.4.2 | 149-151 |
| 12 | 27ଟି ଏସ୍‌ପିଏସ୍‌ଇର ଉପାର୍ଜନର ପ୍ରକୃତ ହାର | 1.4.3 | 152 |
| 13 | ଏସ୍‌ପିଏସ୍‌ଇଗୁଡିକର ତାଲିକା ଯେଉଁଠାରେ ସିଏଜିଙ୍କ ଦ୍ୱାରା ମନ୍ତବ୍ୟ ପ୍ରଦାନ କରାଯାଇଛି | 1.9.1.2 | 153 |
| 14 | କମ୍ପାନୀଗୁଡିକର ବିବରଣୀ ଯେଉଁଠାରେ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ଦର୍ଶାଯାଇଥିବା ହିସାବ ମାନଦଣ୍ଡ/ଇଣ୍ଡ ଏଏସ୍‌ର ଅନୁପାଳନ ହୋଇନଥିଲା | 1.11 | 154 |
| 15 | ଏସ୍‌ପିଏସ୍‌ଇଗୁଡିକର ତାଲିକା ଯେଉଁଗୁଡିକ ପାଇଁ ସିଏଜିଙ୍କ ଦ୍ୱାରା ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି ଜାରି କରାଯାଇଥିଲା | 1.12 | 155 |
| 16 | 31 ମାର୍ଚ୍ଚ 2022ରେ ଶେଷ ହେଉଥିବା ପାଞ୍ଚ ବର୍ଷ ପାଇଁ ଗ୍ରୀଡ୍‌କୋ ଲିମିଟେଡ୍‌ର ଆର୍ଥିକ ପ୍ରଦର୍ଶନ | 2.5.3 | 156 |
| 17 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍(ଇଡ୍‌କଲ୍)ର ଆର୍ଥିକ ସ୍ଥିତି ଓ କାର୍ଯ୍ୟ ଫଳାଫଳ | 2.6.5 | 157-159 |
| 18 | 31 ମାର୍ଚ୍ଚ 2022ରେ ଶେଷ ହେବାକୁ ଥିବା ପାଞ୍ଚବର୍ଷ ପାଇଁ ଓଆର୍‌ଏଚ୍‌ଡିସି ଲିମିଟେଡ୍‌ର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ଫଳାଫଳ | 2.7.4 | 160 |
| 19 | ଓଡିଶା ଖଣି ନିଗମ ଦ୍ୱାରା କ୍ରୋମ ପଥର ବିକ୍ରୟ ପାଇଁ ମୂଳ ମୂଲ୍ୟର ଭୁଲ ନିର୍ଦ୍ଧାରଣ ହେତୁ ରାଜସ୍ୱ କ୍ଷତିର ଗଣନା | 4.9 | 161 |
| 20 | ସ୍ଥାୟୀ ଜମାଗୁଡିକର ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ କରିବା ହେତୁ ସୁଧ ବାବଦ କ୍ଷତି | 4.10 | 162 |
| | ସଂକ୍ଷେପଣ ଶବ୍ଦର ପରିଭାଷା | - | 163-166 |

# ମୁଖବନ୍ଧ

ଏହି ପ୍ରତିବେଦନରେ ମାର୍ଚ୍ଚ 2022ରେ ସମାପ୍ତ ଦୁଇ ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଯଥା ଓଡ଼ିଶା ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡ଼ିକର ସମୀକ୍ଷା ଫଳାଫଳ ରହିଛି।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ 1971ର ଧାରା 19କ (ସଂଶୋଧନ ସହିତ) ଅନୁଯାୟୀ ମାର୍ଚ୍ଚ 2022ରେ ଶେଷ ହୋଇଥିବା ଦୁଇ ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଉପରେ ପ୍ରତିବେଦନ ରାଜ୍ୟ ବିଧାନସଭାରେ ଉପସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଅଛି।

କମ୍ପାନୀ ଅଧିନିୟମ, 2013ର ଧାରା 139 ଏବଂ 143 ଅନୁଯାୟୀ ସରକାରୀ କମ୍ପାନୀଗୁଡ଼ିକର ହିସାବ ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା କରାଯାଇଥାଏ। ବୈଧାନିକ ନିଗମଗୁଡ଼ିକର ସମୀକ୍ଷା ବ୍ୟବସ୍ଥା ସମ୍ପୃକ୍ତ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଛି ଯାହା ମାଧମରେ ନିଗମଗୁଡ଼ିକ ପ୍ରତିଷ୍ଠିତ।

ଏହି ପ୍ରତିବେଦନରେ ଉଲ୍ଲେଖ କରାଯାଇଥିବା ଘଟଣାଗୁଡ଼ିକ 2020-22 ବର୍ଷର ନମୁନା ସମୀକ୍ଷାରେ ଦୃଷ୍ଟିଗୋଚର ହୋଇଥିବା ଘଟଣା ସହିତ ପୂର୍ବ ବର୍ଷଗୁଡ଼ିକରେ ଦୃଷ୍ଟିଗୋଚର ହୋଇଥିବା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନଗୁଡ଼ିକରେ ଉଲ୍ଲେଖ କରାଯାଇ ପାରିନଥିବା ଘଟଣା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଅଛି। ଆବଶ୍ୟକ ସ୍ଥଳେ, 2020-22ର ପରବର୍ତ୍ତୀ ବିଷୟଗୁଡ଼ିକୁ ମଧ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଅଛି। ଏହି ପ୍ରତିବେଦନଟି ଓଡ଼ିଶା ରାଜ୍ୟରେ ଥିବା 82ଟି ସରକାରୀ ଉଦ୍ୟୋଗ (ପିଏସ୍‌ୟୁ) ଯାହାକି 64ଟି ସରକାରୀ କମ୍ପାନୀ, 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଏବଂ ତିନୋଟି ବୈଧାନିକ ନିଗମକୁ ନେଇ ଗଠିତ ତାହାର କାର୍ଯ୍ୟଦକ୍ଷତା ସହିତ ସମ୍ପୃକ୍ତ, ଯାହାର ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କୁ ଦିଆଯାଇଥିଲା। ପ୍ରତିବେଦନରେ ଏକ ପ୍ରାରମ୍ଭିକ ଅଧ୍ୟାୟ, "କ୍ଷତି ସହୁଥିବା ପିଏସ୍‌ୟୁଗୁଡ଼ିକ ଚାଲୁ ରଖିବାର ଯଥାର୍ଥତା" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା ଏବଂ "ଓଡ଼ିଶାରେ ସ୍ମାର୍ଟ ସିଟି ମିଶନ ଅଧିନରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷାକୁ ମିଶାଇ 16 ଗୋଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା କରାଯାଇଅଛି।

ଅନୁଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ, ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ।

# ବିହଙ୍ଗାବଲୋକନ

# ବିହଙ୍ଗାବଲୋକନ

ଓଡିଶା ସରକାରଙ୍କ ରାଜ୍ୟ ସରକାରୀ ଉଦ୍ୟୋଗ(ଏସ୍‌ପିଏସ୍‌ଇ)ଗୁଡିକର ସମୀକ୍ଷାର ପର୍ଯ୍ୟବେକ୍ଷଣ ଉପରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ଅପ୍ରେଲ 2020ରୁ ମାର୍ଚ୍ଚ 2022 ସମୟ ଅବଧିକୁ ପରିସରଭୁକ୍ତ କରେ। ଏହି ପ୍ରତିବେଦନରେ ଦୁଇଟି ବିସ୍ତୃତ ଅନୁପାଳନ ସମୀକ୍ଷା, ଯଥା: "ଓଡିଶାରେ ସ୍ମାର୍ଟ ସିଟି ମିଶନ ଅଧୀନରେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା", "କ୍ଷତି ସହୁଥିବା ପିଏସ୍‌ୟୁଗୁଡିକ ଚାଲୁ ରଖିବାର ଯଥାର୍ଥତା" ଏବଂ ଅନୁପାଳନ ସମୀକ୍ଷାର ପର୍ଯ୍ୟବେକ୍ଷଣ ଅନ୍ତର୍ଭୁକ୍ତ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ପରିଣାମ ରାଜ୍ୟ ବିଧାନସଭାର ଦୃଷ୍ଟିକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ। ସମୀକ୍ଷାର ଫଳାଫଳଗୁଡିକ କାର୍ଯ୍ୟନିର୍ବାହୀକୁ ଠିକ୍ ସମୟରେ କାର୍ଯ୍ୟକୁ ସଂଶୋଧନ କରିବାକୁ ସମର୍ଥ କରିବ ବୋଲି ଆଶା କରାଯାଏ। ଏହା ନୀତି ଏବଂ ନିର୍ଦ୍ଦେଶନାମାଗୁଡିକୁ ପ୍ରଣୟନ କରିବାରେ ସାହାଯ୍ୟ କରେ ଯାହା ସଂଗଠନଗୁଡିକର ଉନ୍ନତ ପରିଚାଳନା କରିବା ସହିତ ଉନ୍ନତ ଶାସନରେ ସହାୟକ ହେବ।

ସଂସ୍ଥାଗୁଡିକର ବ୍ୟୟ, ପ୍ରାପ୍ତି, ସମ୍ପତ୍ତି ଏବଂ ଦାୟିତ୍ୱଗୁଡିକ, ଏହାର ପ୍ରଯୁଜ୍ୟ ନିୟମ, ଆଇନ, ବିନିୟମ, ବିଭିନ୍ନ ନିର୍ଦ୍ଦେଶ ଏବଂ ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଅନୁଦେଶଗୁଡିକୁ ପାଳନ କରାଯାଇଛି କି ନାହିଁ ଜାଣିବାକୁ କରାଯାଉଥିବା ପରୀକ୍ଷାକୁ ଅନୁପାଳନ ସମୀକ୍ଷା କୁହାଯାଏ।

## I. ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ

### *ଆଦେଶ*

ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ସମୀକ୍ଷା ସିଏଜିଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, 2013ର ଧାରା 143(5)ରୁ 143(7), ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ, 1971ର ଧାରା 19 ଏବଂ ସେଥିରେ ପ୍ରସ୍ତୁତ ନିୟମାବଳୀର ପ୍ରାବଧାନ ଅନୁସାରେ କରାଯାଏ। କମ୍ପାନୀ ଅଧିନିୟମ, 2013 ଅନୁଯାୟୀ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି) ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ କମ୍ପାନୀଗୁଡିକର ବୈଧାନିକ ସମୀକ୍ଷକ ଭାବରେ ନିଯୁକ୍ତି କରନ୍ତି ଏବଂ ହିସାବଗୁଡିକ କିପରି ସମୀକ୍ଷା କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥାଆନ୍ତି। ଏଥିସହ, ଏକ ଅନୁପୂରକ ସମୀକ୍ଷା କରିବାକୁ ସିଏଜିଙ୍କର ଅଧିକାର ଅଛି।

31 ମାର୍ଚ୍ଚ 2022 ସୁଦ୍ଧା, 64ଟି ସରକାରୀ କମ୍ପାନୀ, ତିନୋଟି ବୈଧାନିକ ନିଗମ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀକୁ ନେଇ ସିଏଜିଙ୍କ ସମୀକ୍ଷା ଅଧୀନରେ 82ଟି ରାଜ୍ୟ ସରକାରୀ ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଥିଲା। ଏଥିମଧ୍ୟରୁ, 44ଟି ଏସ୍‌ପିଏସ୍‌ଇର ଆର୍ଥିକ ପ୍ରଦର୍ଶନର ସାରାଂଶ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଛି।

***(ଅନୁଚ୍ଛେଦ 1.1.1 ଏବଂ 1.1.3)***

### *ରାଜ୍ୟ ଜିଏସ୍‌ଡିପିକୁ ଅବଦାନ*

2021-22ରେ 44ଟି ଏସ୍‌ପିଏସ୍‌ଇ 38,504.42 କୋଟି ଟଙ୍କାର କାରବାର କରିଥିଲେ। ଏହି କାରବାର ଓଡିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର 6.03 ପ୍ରତିଶତ ଥିଲା।

***(ଅନୁଚ୍ଛେଦ 1.1.4)***

### *ସରକାରୀ କମ୍ପାନୀ, ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ*

31 ମାର୍ଚ୍ଚ 2022 ସୁଦ୍ଧା, 32ଟି ଏସ୍‌ପିଏସ୍‌ଇରେ ବିନିଯୋଗ (ଇକ୍ୱିଟି ଏବଂ ଦୀର୍ଘକାଳୀନ ଋଣ) 25,204.22 କୋଟି ଟଙ୍କା ଥିଲା। 2021-22 ମଧ୍ୟରେ ଏହି 32ଟି ଏସ୍‌ପିଏସ୍‌ଇଗୁଡିକର ମୋଟ ଇକ୍ୱିଟି ହୋଲ୍ଡିଂରେ 3,561.40 କୋଟି ଟଙ୍କାର ନିଟ୍ ବୃଦ୍ଧି ପଞ୍ଜିକୃତ ହୋଇଛି ଯାହା ପାଞ୍ଚଟି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରଙ୍କ ଇକ୍ୱିଟି ଅଂଶଧନ ବୃଦ୍ଧି ଏବଂ ଗୋଟିଏ ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରୀ କମ୍ପାନୀଗୁଡିକର ଇକ୍ୱିଟି ଅଂଶଧନ ବୃଦ୍ଧି ହେତୁ ହୋଇଥିଲା। 31 ମାର୍ଚ୍ଚ 2022 ସୁଦ୍ଧା 32ଟି ସରକାରୀ କମ୍ପାନୀ ଏବଂ ନିଗମ ମଧ୍ୟରୁ 11ଟି ଏସ୍‌ପିଏସ୍‌ଇରେ

ବକେୟା ଥିବା ମୋଟ ଦୀର୍ଘକାଳୀନ ଋଣ 15,903.38 କୋଟି ଟଙ୍କା ଥିଲା। 31 ମାର୍ଚ୍ଚ 2022 ସୁଦ୍ଧା, ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଇକ୍ୱିଟି 933.08 କୋଟି ଟଙ୍କା ଥିଲା।

***(ଅନୁଚ୍ଛେଦ 1.2, 1.2.1, 1.2.2.1 ଏବଂ 1.2.3)***

***ଏସ୍‌ପିଏସ୍‌ଇଗୁଡିକରୁ ଉପାର୍ଜନ***

21ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର ଅର୍ଜିତ ଲାଭ 2021-22ରେ 3,289.86 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ଯାହାକି 2020-21ରେ 23ଟି ଏସ୍‌ପିଏସ୍‌ଇମାନଙ୍କର 1,937.72 କୋଟି ଟଙ୍କା ଥିଲା। ଏହି 21ଟି ଏସ୍‌ପିଏସ୍‌ଇର ଆର୍‌ଓଇ 2021-22ରେ ଶତକଡା 22.37 ପ୍ରତିଶତ ତୁଳନାରେ 2020-21ରେ 23ଟି ଏସ୍‌ପିଏସ୍‌ଇ କ୍ଷେତ୍ରରେ 20.04 ପ୍ରତିଶତ ଥିଲା। 11ଟି ସରକାରୀ କମ୍ପାନୀ ଓ ନିଗମମାନଙ୍କର କ୍ଷତି 2021-22ରେ 2,423.12 କୋଟି ଟଙ୍କା ଥିଲା। 2021-22ରେ 12ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କ ମଧ୍ୟରୁ ଛଅଟି କମ୍ପାନୀ 3.33 କୋଟି ଟଙ୍କା ଲାଭ ହାସଲ କରିଥିଲେ ଏବଂ ପାଞ୍ଚଟି କମ୍ପାନୀ 30.22 କୋଟି ଟଙ୍କା କ୍ଷତି ସହିଥିଲେ।

31 ମାର୍ଚ୍ଚ 2022 ସୁଦ୍ଧା, 32ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କ ମଧ୍ୟରୁ 11ଟି ଏକତ୍ରୀକୃତ ଭାବେ 8,980.85 କୋଟି ଟଙ୍କା କ୍ଷତି ସହିଥିଲେ। 11ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଆଠଟିର ନିଟ୍ ମୂଲ୍ୟ ଏକତ୍ରୀକୃତ କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ କ୍ଷୟ ହୋଇଯାଇଥିଲା ଏବଂ ସେମାନଙ୍କର ନିଟ୍ ମୂଲ୍ୟ ଋଣାତ୍ମକ ଥିଲା। 31 ମାର୍ଚ୍ଚ 2022 ସୁଦ୍ଧା ଏହି ଆଠଟି ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ (-) 5,256.37 କୋଟି ଟଙ୍କା ଥିଲା ଯେଉଁଥିରେ ସାଧାରଣ ଅଂଶଧନ ବିନିଯୋଗ 3,443.97 କୋଟି ଟଙ୍କା ଥିଲା।

***(ଅନୁଚ୍ଛେଦ 1.3.1, 1.3.2 ଏବଂ 1.3.3)***

***ସିଏଜିଙ୍କ ତଦାରଖ ଭୂମିକା***

***ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ସମୀକ୍ଷା***

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ଭାରତର ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଏକ ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀର ବୈଧାନିକ ସମୀକ୍ଷକଙ୍କୁ ନିଯୁକ୍ତି କରନ୍ତି। ସମୀକ୍ଷା କରିବା ଏବଂ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ମନ୍ତବ୍ୟ ଜାରି କରିବାର ଅଧିକାର ସିଏଜିଙ୍କର ଅଛି। କେତେକ ନିଗମକୁ ପରିଚାଳନା କରୁଥିବା ବିଧାନ ଅନୁସାରେ ସେମାନଙ୍କର ବିବରଣୀକୁ ସିଏଜିଙ୍କ ଦ୍ୱାରା ସମୀକ୍ଷା କରି ପ୍ରତିବେଦନକୁ ରାଜ୍ୟ ବିଧାନସଭାରେ ଦାଖଲ କରାଯାଏ।

ବୈଧାନିକ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକୁ ସଠିକ ଏବଂ ପ୍ରଭାବଶାଳୀ ଭାବରେ ନିର୍ବାହ କରୁଛନ୍ତି ବୋଲି ସିଏଜି ସରକାରୀ ଉଦ୍ୟୋଗମାନଙ୍କ ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଏକ ତଦାରଖ ଭୂମିକା ଗ୍ରହଣ କରନ୍ତି। କ୍ଷମତା ବ୍ୟବହାର କରି କରାଯାଉଥିବା କାର୍ଯ୍ୟଗୁଡିକ ହେଲା:

- କମ୍ପାନୀ ଅଧିନିୟମ, 2013ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା ଏବଂ
- କମ୍ପାନୀ ଅଧିନିୟମ, 2013ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କ ପ୍ରତିବେଦନ ଉପରେ ଅନୁପୂରକ ମନ୍ତବ୍ୟ ଜାରି କରିବା।

***(ଅନୁଚ୍ଛେଦ 1.5 ଏବଂ 1.8.2)***

### *ହିସାବଗୁଡିକର ପ୍ରସ୍ତୁତିରେ ସମୟାନୁବର୍ତ୍ତୀତା*

67ଟି ସରକାରୀ ଉଦ୍ୟୋଗ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କର ହିସାବ 2021-22 ବର୍ଷ ପାଇଁ ଦାଖଲ କରିବାର ଥିଲା। ସମୁଦାୟ 13ଟି ସରକାରୀ ଉଦ୍ୟୋଗ ଏବଂ ଦୁଇଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇଗୁଡିକ 30 ସେପ୍ଟେମ୍ବର 2022 କିମ୍ବା ତା ପୂର୍ବରୁ ସିଏଜିଙ୍କ ଦ୍ୱାରା ସମୀକ୍ଷା ପାଇଁ ତାଙ୍କର ହିସାବ ଦାଖଲ କରିଥିଲେ। 54ଟି ସରକାରୀ ଉଦ୍ୟୋଗ ଏବଂ 13ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କର ହିସାବ ବକେୟା ଥିଲା।

30 ସେପ୍ଟେମ୍ବର 2022 ସୁଦ୍ଧା ଏକ ବୈଧାନିକ ନିଗମ ଯଥା, ଓଡିଶା ରାଜ୍ୟ ପଣ୍ୟାଗାର ନିଗମ 2019-20, 2020-21 ଏବଂ 2021-22 ପାଇଁ ଏବଂ ଅନ୍ୟ ଦୁଇଟି ବୈଧାନିକ ନିଗମ ଯଥା, ଓଡିଶା ରାଜ୍ୟ ଅର୍ଥ ନିଗମ ଏବଂ ଓଡିଶା ରାଜ୍ୟ ସଡକ ପରିବହନ ନିଗମର 2021-22 ପାଇଁ ହିସାବ ପ୍ରତିକ୍ଷିତ ଥିଲା।

***(ଅନୁଚ୍ଛେଦ 1.7.2)***

## II. ବିସ୍ତୃତ ଅନୁପାଳନ ସମୀକ୍ଷା

କ୍ଷତି ସହୁଥିବା ପିଏସ୍‌ୟୁଗୁଡିକ ଚାଲୁ ରଖିବାର ଯଥାର୍ଥତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା ସମୟରେ ଲକ୍ଷ୍ୟ କରାଯାଇଥିବା ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକ ସେମାନଙ୍କର ଆର୍ଥିକ ପରିଣାମ ସହିତ ଏହି ଅଧ୍ୟାୟରେ ପ୍ରମୁଖ ଭାବରେ ଦିଆଯାଇଛି।

- ଏହି ସମୀକ୍ଷାରେ କ୍ଷତି ସହୁଥିବା ନିର୍ଦ୍ଦିଷ୍ଟ କିଛି ସରକାରୀ ଉଦ୍ୟୋଗ ଯେଉଁଗୁଡିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନଙ୍କର ପ୍ରଦର୍ଶନର ଯଥାର୍ଥତା ବିଶ୍ଳେଷଣ କରାଯାଇଥିଲା। ପାଞ୍ଚଟି କ୍ଷତି ସହୁଥିବା ସରକାରୀ ଉଦ୍ୟୋଗ ଯଥା: ଗ୍ରୀଡ୍‌କୋ ଲିମିଟେଡ୍, ଇଡ୍‌କଲ୍ ଫେରୋକ୍ରୋମ ଓ ଆଲଏଜ୍ ଲିମିଟେଡ୍, ଇଡ୍‌କଲ୍ କଳିଙ୍ଗ ଆଇରନ ୱାର୍କ୍ସ ଲିମିଟେଡ୍, ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍‌କୁ ଚିହ୍ନଟ କରି ଏହି ବିସ୍ତୃତ ଅନୁପାଳନ ସମୀକ୍ଷାର ପରିସରଭୁକ୍ତ କରାଯାଇଛି।

***(ଅନୁଚ୍ଛେଦ 2.1)***

- ରାଜ୍ୟ ବାହାରେ ଅବସ୍ଥିତ ଏନ୍‌ଟିପିସି ବିଦ୍ୟୁତ କେନ୍ଦ୍ରଗୁଡିକରୁ ଉଚ୍ଚ ଦରରେ ବିଦ୍ୟୁତ କ୍ରୟ କରିବାରୁ ଗ୍ରୀଡ୍‌କୋ 1,065.55 କୋଟି ଟଙ୍କାର କ୍ଷତି ସହିଥିଲା। ଏହି କ୍ରୟକୁ ଗ୍ରୀଡ୍‌କୋର ମୋଟ ରାଜସ୍ୱ ଆବଶ୍ୟକତା ଧାର୍ଯ୍ୟ ସମୟରେ ଓଇଆରସି ଅନୁମୋଦନ କରିନଥିଲେ କାରଣ ଏହି ପରିପ୍ରେକ୍ଷୀରେ ଓଇଆର୍‌ସିଙ୍କର ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ସେହି ଉଚ୍ଚ ଦରର ବିଦ୍ୟୁତ କେନ୍ଦ୍ରଗୁଡିକରୁ ଚୁକ୍ତି ଅନୁଯାୟୀ କିଣାଯାଉଥିବା ବିଦ୍ୟୁତ ଅଂଶକୁ ଫେରସ୍ତ କରିବାରେ ମାତ୍ରାଧିକ ବିଳମ୍ବ ହୋଇଥିଲା।

***(ଅନୁଚ୍ଛେଦ 2.5.6.1)***

- ପିପିଏ ଅନୁଯାୟୀ ଆଇପିପିମାନଙ୍କଠାରୁ ହକ୍ ସ୍ୱଳ୍ପ ମୂଲ୍ୟର ବିଦ୍ୟୁତ କ୍ରୟରେ କ୍ରମାଗତ ନିଅଣ୍ଟ ହେବାରୁ ଅନ୍ୟ ଉଚ୍ଚ ମୂଲ୍ୟର ଉତ୍ସରୁ ବିଦ୍ୟୁତ କ୍ରୟ ହେତୁ ଗ୍ରୀଡ୍‌କୋ 3,257.40 କୋଟି ଟଙ୍କା କ୍ଷତି ସହିଥିଲା।

***(ଅନୁଚ୍ଛେଦ 2.5.6.2)***

- 2017-18ରୁ 2021-22 ସମୟ ଅବଧି ମଧ୍ୟରେ 12,688.06 ଏମ୍‌ୟୁ ନବୀକରଣଯୋଗ୍ୟ ବିଦ୍ୟୁତ ଶକ୍ତି କ୍ରୟ ଲକ୍ଷ୍ୟରୁ ଗ୍ରୀଡ୍‌କୋ 7,134.62 ଏମ୍‌ୟୁ କ୍ରୟ କରିପାରିଲା ଏବଂ 5,553.44 ଏମ୍‌ୟୁ ନିଅଣ୍ଟ ହୋଇଥିଲା ଯାହା ଫଳରେ 1,315.73 କୋଟି ଟଙ୍କାର ଜୋରିମାନା ଦେୟ ହୋଇଥିଲା।

***(ଅନୁଚ୍ଛେଦ 2.5.6.4)***

- ଡିସକମ୍‌ମାନଙ୍କଠାରୁ ବିଏସ୍‌ପି ଦେୟ ଆଦାୟ କରି ଏହାର ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବାରେ ବିଫଳ ହେବା ହେତୁ 2015-16ରୁ 2021-22 ମଧ୍ୟରେ ଋଣ ଉପରେ ସୁଧ ବାବଦକୁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ କରି ଗ୍ରୀଡ୍‌କୋ 2,391.54 କୋଟି ଟଙ୍କାର କ୍ଷତି ସହିଥିଲା।

***(ଅନୁଚ୍ଛେଦ 2.5.7.1)***

- ପୂର୍ବରୁ ଓଇଆରସି ତାଙ୍କର 2016ରେ ଟ୍ରୁଇଙ୍ଗ ଅପ୍ ଆଦେଶନାମାରେ ଅତିରିକ୍ତ ବିଦ୍ୟୁତ ବ୍ୟବସାୟରୁ ଏବଂ ଓଡିଶା ସରକାରଙ୍କ ବଜେଟ ସହାୟତାରୁ କ୍ଷତିକୁ ଭରଣା କରିବା ପାଇଁ ଗ୍ରୀଡ୍‌କୋକୁ ନିର୍ଦ୍ଦେଶ ଦେଇଥିବାରୁ ଓଇଆର୍‌ସି ତାଙ୍କର ଅକ୍ଟୋବର 2021 ଟ୍ରୁଇଙ୍ଗ ଅପ୍ ଆଦେଶନାମାରେ ଗ୍ରୀଡ୍‌କୋର ଦାବି 3,588.02 କୋଟି ଟଙ୍କାରୁ କେବଳ 971.07 କୋଟି ଟଙ୍କାର ରାଜସ୍ୱ ଭରଣା ପାଇଁ ଅନୁମତି ଦେଇଛନ୍ତି। ଯେହେତୁ ଗ୍ରୀଡ୍‌କୋ ସେପରି କୌଣସି ଉପାର୍ଜନ କରିପାରିଲା ନାହିଁ; ଏହା ନିୟାମକ ସମ୍ପତ୍ତିର ଟ୍ରୁଇଙ୍ଗ ଅପ୍ ଅନୁମତି ପାଇନଥିଲେ ଯାହା ଦ୍ୱାରା 2,616.95 କୋଟି ଟଙ୍କା କ୍ଷତି ସହିଥିଲା।

***(ଅନୁଚ୍ଛେଦ 2.5.8)***

- ଜୁନ୍‌ରୁ ନଭେମ୍ବର 2019 ମଧ୍ୟରେ ଉଭୟ ଚୁଲାକୁ 8,520 ଘଣ୍ଟା ବନ୍ଦ ହେତୁ ଇଫ୍‌କାଲ୍ 9,421.728 ଏମ୍‌ଟି ଏଚ୍‌ସିଏଫ୍‌ସି ଉତ୍ପାଦନର କ୍ଷତି ସହିବା ସହ 4.83 କୋଟି ଟଙ୍କାର ଅବଦାନ ହରାଇଲା।

***(ଅନୁଚ୍ଛେଦ 2.6.7.3)***

- ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957ର ଧାରା 21(5) ଅଧିନରେ 2000-01ରୁ 2010-11 ସମୟ ଅବଧି ମଧ୍ୟରେ ତଳଙ୍ଗୀ କ୍ରୋମାଇଟ ଖଣି ଓ ରୋଇଡା-ଗ ଖଣିରେ ପରିବେଶ ମଞ୍ଜୁରୀ ବିନା ତଥା ପରିବେଶ ମଞ୍ଜୁରୀଠାରୁ ଅଧିକ ଉତ୍ପାଦନ କରିଥିବାରୁ ଇଡ୍‌କଲ୍ ବେଆଇନ ଖଣି ଖନନ ଓ ଜୋରିମାନା ବାବଦକୁ 751.74 କୋଟି ଟଙ୍କାର କ୍ଷତିପୂରଣ ଓ ସୁଧ ଓଏମ୍‌ସିଠାରୁ ଋଣ ନେଇ ଏବଂ ନିଜସ୍ୱ ଅର୍ଥରୁ ପ୍ରଦାନ କରିଥିଲା।

***(ଅନୁଚ୍ଛେଦ 2.6.8.3)***

- ପ୍ରକଳ୍ପ ଫାଇନାନ୍ସ ଯୋଜନା, ବିଲ୍ଡିଂ ସେକ୍ଟର ଯୋଜନା, କର୍ପୋରେଟ ଋଣ ଯୋଜନା, କଳିଙ୍ଗ କୁଟୀର ଯୋଜନା, ବ୍ୟକ୍ତିଗତ ଗୃହ ନିର୍ମାଣ ଫାଇନାନ୍ସ ଯୋଜନା, କ୍ରେଡିଟ ଲିଙ୍କ୍‌ଡ ଗୃହ ନିର୍ମାଣ ଯୋଜନାରେ 31 ମାର୍ଚ୍ଚ 2022 ସୁଦ୍ଧା ଓଆର୍‌ଏଚ୍‌ଡିସିର 2,405.11 କୋଟି ଟଙ୍କା ଅନାଦାୟେ ରହିଥିଲା।

***(ଅନୁଚ୍ଛେଦ 2.7.6.1, 2.7.6.2, 2.7.6.3, 2.7.6.4, 2.7.6.5 ଏବଂ 2.7.6.6)***

- କମ୍ପାନୀ ଅଧିନିୟମ, 2013ର ପ୍ରାବଧାନଗୁଡିକର ଉଲ୍ଲଙ୍ଘନ କରି ଓଆର୍‌ଏଚ୍‌ଡିସି 2009-10ରୁ ଏହାର ବାର୍ଷିକ ହିସାବ ପ୍ରସ୍ତୁତ କରିନାହିଁ।

***(ଅନୁଚ୍ଛେଦ 2.7.7)***

## III. ବିସ୍ତୃତ ଅନୁପାଳନ ସମୀକ୍ଷା

ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକ ଓଡିଶା ସ୍ମାର୍ଟ ସିଟି ମିଶନ ଅଧିନରେ ଥିବା ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନରେ ତ୍ରୁଟିଗୁଡିକୁ ସେମାନଙ୍କର ଆର୍ଥିକ ପରିଣାମ ସହିତ ଦର୍ଶାଉଛି।

- ଭାରତ ସରକାର (ଜିଓଆଇ)ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ମାର୍ଟ ସିଟି ମିଶନ (ଏସ୍‌ସିଏମ୍) ଅଧିନରେ ସ୍ମାର୍ଟ ସିଟି ଭାବରେ ବିକଶିତ ହେବାକୁ ଜିଓଆଇଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଭୁବନେଶ୍ୱର ଓ ରାଉରକେଲା ଚୟନ କରାଯାଇଥିଲା। ଏସ୍‌ସିଏମ୍‌ର ଉଦ୍ଦେଶ୍ୟ ଥିଲା ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହରଗୁଡିକୁ ପ୍ରୋତ୍ସାହିତ କରିବା ଯାହାକି ମୂଳ ଭିତ୍ତିଭୂମି ଯୋଗାଇବ ଏବଂ ସେମାନଙ୍କ ନାଗରିକଙ୍କୁ ଏକ ଉପଯୁକ୍ତ ଜୀବନ ଶୈଳି ସୁନିଶ୍ଚିତ କରିବା ସହିତ ସ୍ଥାନୀୟ କ୍ଷେତ୍ର ବିକାଶ ଏବଂ ସ୍ମାର୍ଟ ସଲ୍ୟୁସନ୍ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ଏକ ସ୍ୱଚ୍ଛ ଏବଂ ସ୍ଥାୟୀ ପରିବେଶ ପ୍ରଦାନ କରିବ। ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏସ୍‌ସିଏମ୍ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଦୁଇଟି ଏସ୍‌ପିଭି ଯଥା: ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍) ଗଠନ କରାଯାଇଥିଲା।

***(ଅନୁଚ୍ଛେଦ 3.1)***

- ଯୋଜନା ଏବଂ ସମ୍ବଳ ସଂଗ୍ରହରେ ଦୁର୍ବଳତା ହେତୁ ଉଭୟ ବିଏସ୍‌ସିଏଲ୍ ଓ ଆର୍‌ଏସ୍‌ସିଏଲ୍ ଅନୁମୋଦିତ ପ୍ରକଳ୍ପ ମୂଲ୍ୟର ଯଥାକ୍ରମେ ମାତ୍ର 36 ପ୍ରତିଶତ ଏବଂ 37 ପ୍ରତିଶତ କାର୍ଯ୍ୟକାରୀ କରିଥିଲେ।

***(ଅନୁଚ୍ଛେଦ 3.6.1, 3.6.2 ଏବଂ 3.6.2.4)***

- ଏସ୍‌ସିଏମ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ଏସ୍‌ସିଏମ୍ ପ୍ରକଳ୍ପଗୁଡିକର କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ ଫଳରେ ଆର୍‌ଏସ୍‌ସିଏଲ୍ ଦ୍ୱାରା 27.73 କୋଟି ଟଙ୍କାର ଅଧିକ ପ୍ରକଳ୍ପ ଖର୍ଚ୍ଚ ହୋଇଥିଲା।

***(ଅନୁଚ୍ଛେଦ 3.6.2.2)***

- କାର୍ଯ୍ୟ ପରିସରକୁ ଚୂଡାନ୍ତ ଏବଂ ସମକାଳୀନ ନକରି ପରାମର୍ଶଦାତାଙ୍କୁ ନିୟୋଜିତ କରିବାରୁ ପରାମର୍ଶଦାତାଙ୍କୁ ପରିହାର୍ଯ୍ୟ ଦେୟ ପ୍ରଦାନ କରାଗଲା।

***(ଅନୁଚ୍ଛେଦ 3.6.2.3)***

- ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଏବଂ ଅନୁମୋଦିତ ଏସ୍‌ସିଏମ୍ ପ୍ରସ୍ତାବକୁ ଅନୁପାଳନ ନକରି ପ୍ରକଳ୍ପର କାର୍ଯ୍ୟକାରିତା କରିବା ଫଳରେ ମିଶନ ପାଣ୍ଠିରୁ ଖର୍ଚ୍ଚ ହୋଇଥିଲା ଯାହା ପାଇଁ ଏମ୍‌ଓଏଚ୍‌ୟୁଏ ଦ୍ୱାରା କୌଣସି ଅନୁମୋଦନ ଦିଆଯାଇନଥିଲା।

***(ଅନୁଚ୍ଛେଦ 3.6.3.2)***

- ଏସ୍‌ସିଏମ୍ ପ୍ରକଳ୍ପଗୁଡିକ ବିଳମ୍ବ ହେବା ଫଳରେ ନାଗରିକମାନଙ୍କୁ ପ୍ରକଳ୍ପଗୁଡିକର ଉପକାରିତା ମିଳିପାରୁ ନଥିଲା।

***(ଅନୁଚ୍ଛେଦ 3.6.3.5 ଏବଂ 3.6.3.7)***

- ଏମ୍‌ଓଏଚ୍‌ୟୁଏଙ୍କ ପରାମର୍ଶକୁ ଅମାନ୍ୟ କରି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ବିଭାଗ/ ପ୍ରତିନିଧିମାନଙ୍କୁ ସିଧାସଳଖ ପାଣ୍ଠି ପ୍ରଦାନ ଫଳରେ ଆର୍ଥିକ ନିୟନ୍ତ୍ରଣ କ୍ଷୁର୍ଣ୍ଣ ହୋଇଥିଲା।

***(ଅନୁଚ୍ଛେଦ 3.7.1 ଏବଂ 3.7.2)***

- ଏସ୍‌ସିଏମ୍ ନିର୍ଦ୍ଦେଶାବଳୀକୁ ଅନୁପାଳନ ନକରିବା ଦ୍ୱାରା ମିଶନ ପାଣ୍ଠିରୁ ପ୍ରଶାସନିକ ଏବଂ କାର୍ଯ୍ୟାଳୟ ଖର୍ଚ୍ଚ ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ଦିଗରେ ଅଧିକ ଖର୍ଚ୍ଚ ହୋଇଥିଲା।

***(ଅନୁଚ୍ଛେଦ 3.7.3 ଏବଂ 3.7.5)***

- ଏଚ୍‌ଆର୍ ନୀତିଗୁଡିକର ଗଠନ, ପୂର୍ଣ୍ଣକାଳୀନ ସିଇଓ ନିଯୁକ୍ତି ଏବଂ ସ୍ମାର୍ଟ ସିଟି ପରାମର୍ଶ ବିଚାରପୀଠ ବୈଠକ ପାଇଁ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀକୁ ଅନୁପାଳନ ନକରିବା, ବାଞ୍ଛିତ ପର୍ଯ୍ୟାଲୋଚନା ଓ ନିୟନ୍ତ୍ରଣର ଅଭାବକୁ ଦର୍ଶାଉଥିଲା।

***(ଅନୁଚ୍ଛେଦ 3.8.2, 3.8.3 ଏବଂ 3.8.4)***

## IV. ଅନୁପାଳନ ସମୀକ୍ଷା ମନ୍ତବ୍ୟ

ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ ଅନୁପାଳନ ସମୀକ୍ଷା ମନ୍ତବ୍ୟଗୁଡିକ ଆର୍ଥିକ ପ୍ରଭାବ ସହିତ ପିଏସ୍‌ୟୁଗୁଡିକର ପରିଚାଳନାରେ ଅଭାବକୁ ଦର୍ଶାଏ। ସୂଚିତ ହୋଇଥିବା ଅନିୟମିତତାଗୁଡିକ ନିମ୍ନରେ ସଂକ୍ଷେପରେ ଦିଆଯାଇଛି:

- ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଦ୍ୱାରା ଡିସ୍‌କମମାନଙ୍କର ବିକ୍ରୟ ମୂଲ୍ୟ ଫେରସ୍ତରେ ବିଳମ୍ବ ହେତୁ ଗ୍ରୀଡ୍‌କୋ ଦ୍ୱାରା ପରିହାର୍ଯ୍ୟ ଋଣ ନିଆଯିବା ଫଳରେ 39.82 କୋଟି ଟଙ୍କା ସୁଧର ବୋଝ।

***(ଅନୁଚ୍ଛେଦ 4.1)***

- ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ ଦ୍ୱାରା ଦାଖଲ ଟାରିଫରେ ଅଗ୍ରାହ୍ୟ ଆୟକର ଖର୍ଚ୍ଚ ଅନ୍ତର୍ଭୁକ୍ତ କରିବାରୁ କମ୍ପାନୀ 18.56 କୋଟି ଟଙ୍କାର ଅଗ୍ରାହ୍ୟ ପ୍ରତିପୂରଣ ପାଇଥିଲେ ଯାହା ଫଳରେ ରାଜ୍ୟର ଉପଭୋକ୍ତାମାନଙ୍କ ଉପରେ ଅଯଥା ବୋଝ।

***(ଅନୁଚ୍ଛେଦ 4.2)***

- ଓଡିଶା ବିଦ୍ୟୁତ (ଶୁଳ୍କ) ଅଧିନିୟମ, 1961ରୁ ବିଚ୍ୟୁତ ହୋଇ ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ ଦ୍ୱାରା କମ୍ ହାରରେ ବିଦ୍ୟୁତ ଶୁଳ୍କ ପ୍ରଦାନ କରିବାରୁ ରାଜ୍ୟ ରାଜକୋଷକୁ 2.36 କୋଟି ଟଙ୍କାର କ୍ଷତି।

***(ଅନୁଚ୍ଛେଦ 4.3)***

- ଗ୍ରୀଡ୍‌କୋ ଲିମିଟେଡ୍ ଦ୍ୱାରା ସରକାରୀ ପ୍ରତ୍ୟାଭୂତି ଦାଖଲରେ ବିଳମ୍ବ ହେତୁ ବାଣିଜ୍ୟିକ ବ୍ୟାଙ୍କମାନଙ୍କ ଦ୍ୱାରା 6.19 କୋଟି ଟଙ୍କାର ପରିହାର୍ଯ୍ୟ ଜୋରିମାନା ଲାଗୁ।

***(ଅନୁଚ୍ଛେଦ 4.4)***

- ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା ଉଚ୍ଚ ହାରରେ ଚୁକ୍ତି ମୂଲ୍ୟର ଭୁଲ ନିର୍ଦ୍ଧାରଣ ଯୋଗୁ ଠିକାଦାରମାନଙ୍କୁ 2.44 କୋଟି ଟଙ୍କାର ଅଧିକ ଦେୟ ପ୍ରଦାନ।

***(ଅନୁଚ୍ଛେଦ 4.5)***

- ଜଙ୍ଗଲ ଜମିରେ ଅବୈଧ ଖଣି ଖନନ ପାଇଁ ଓଡିଶା ଖଣି ନିଗମ ଲିମିଟେଡ୍ ଦ୍ୱାରା 47.12 କୋଟି ଟଙ୍କାର ପରିହାର୍ଯ୍ୟ ଦଣ୍ଡନୀୟ ନିଟ୍ ବର୍ତ୍ତମାନ ମୂଲ୍ୟ ପ୍ରଦାନ।

***(ଅନୁଚ୍ଛେଦ 4.6)***

- ଓଡିଶା ଖଣି ନିଗମ ଲିମିଟେଡ୍ ଦ୍ୱାରା ଖଣିଜ ଅନ୍ୱେଷଣ କାର୍ଯ୍ୟ ପାଇଁ 7.40 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ।

***(ଅନୁଚ୍ଛେଦ 4.7)***

- ଓଡିଶା ଖଣି ନିଗମ ଲିମିଟେଡ୍‌ର ଗନ୍ଧମାର୍ଦ୍ଦନ ଅଞ୍ଚଳରେ ଲୁହାପଥର ଗୁଣ୍ଡର ସର୍ବନିମ୍ନ ମୂଲ୍ୟର ଅନୁପଯୁକ୍ତ ନିର୍ଦ୍ଧାରଣ ହେତୁ 2.98 କୋଟି ଟଙ୍କାର ରାଜସ୍ୱ କ୍ଷତି।

***(ଅନୁଚ୍ଛେଦ 4.8)***

- କ୍ରୋମ ପଥର ବିକ୍ରୟ ନିମିତ୍ତ ଓଡିଶା ଖଣି ନିଗମ ଲିମିଟେଡ୍ ଦ୍ୱାରା ସର୍ବନିମ୍ନ ମୂଲ୍ୟର ଭୁଲ ନିର୍ଦ୍ଧାରଣ ହେତୁ 1.97 କୋଟି ଟଙ୍କାର ରାଜସ୍ୱ ହ୍ରାସ।

***(ଅନୁଚ୍ଛେଦ 4.9)***

- ଓଡିଶା ରାଜ୍ୟ ଆରକ୍ଷୀ ଗୃହନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ ଦ୍ୱାରା ଅଧିକ ଜିଏସ୍‌ଟି ପ୍ରଦାନ ହେତୁ 3.12 କୋଟି ଟଙ୍କା କ୍ଷତି।

***(ଅନୁଚ୍ଛେଦ 4.10)***

- ବୈଷୟିକ ସମ୍ଭାବ୍ୟତା ଯାଞ୍ଚ ନକରି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଦ୍ୱାରା ଅନ-ବୋର୍ଡ-ବସ୍ ୟୁନିଟ କ୍ରୟ କରିବା ଦ୍ୱାରା 4.50 କୋଟି ଟଙ୍କାର ନିରର୍ଥକ ଖର୍ଚ୍ଚ ।

***(ଅନୁଚ୍ଛେଦ 4.11)***

- ଆର୍ଥିକ ସ୍ୱାର୍ଥକୁ ସୁରକ୍ଷିତ ନକରି ପ୍ରକଳ୍ପର ଅର୍ଥ ପ୍ରଦାନ ଫଳରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଦ୍ୱାରା 1.91 କୋଟି ଟଙ୍କାର ଅପଚୟ।

***(ଅନୁଚ୍ଛେଦ 4.12)***

- ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା ଲଜିଷ୍ଟିକ ପାର୍କ ପାଇଁ କମ ମୂଲ୍ୟରେ ଜମି ଆବଣ୍ଟନ ହେତୁ 1.82 କୋଟି ଟଙ୍କାର ରାଜସ୍ୱ କ୍ଷତି ।

***(ଅନୁଚ୍ଛେଦ 4.13)***

- ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା ଜମିର ଅନୁପଯୁକ୍ତ ଆବଣ୍ଟନ, ଏହାର ଉପଯୋଗର ସ୍ୱଳ୍ପ ପର୍ଯ୍ୟାଲୋଚନା ଏବଂ 16.19 କୋଟି ଟଙ୍କାର ପାଉଣା ଅନାଦେୟ ।

***(ଅନୁଚ୍ଛେଦ 4.14)***

# ଅଧ୍ୟାୟ-I

## ଉପକ୍ରମ

# ଅଧ୍ୟାୟ-I
# ଉପକ୍ରମ

## ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ

### 1.1 ଉପକ୍ରମ

ଏହି ପ୍ରତିବେଦନ ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ ଉପସ୍ଥାପନ କରେ। ରାଜ୍ୟ ସରକାରୀ ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଶବ୍ଦ ସେହି ସରକାରୀ କମ୍ପାନୀଗୁଡିକୁ ଅନ୍ତର୍ଭୁକ୍ତ କରେ ଯେଉଁଥିରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଭାଗିଦାରି 51 ପ୍ରତିଶତ କିମ୍ବା ତତୋଧିକ ଏବଂ ଏହା ସରକାରୀ କମ୍ପାନୀଗୁଡିକର ଅଧିନସ୍ଥ ସହାୟକ କମ୍ପାନୀ ଅଟେ। ବିଧାନସଭା ଦ୍ୱାରା ପ୍ରଣୀତ ବୈଧାନିକ ନିଗମ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନା କିମ୍ବା ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ମଧ୍ୟ ଏସ୍‌ପିଏସ୍‌ଇ ଭାବରେ ବର୍ଗୀକୃତ ହୋଇଛନ୍ତି।

ଏକ ସରକାରୀ କମ୍ପାନୀ, କମ୍ପାନୀ ଅଧିନିୟମ, 2013ର ଧାରା 2(45)ରେ ବ୍ୟାଖ୍ୟା କରାଯାଇଛି ଯେ କୌଣସି କମ୍ପାନୀରେ ସମାଦତ୍ତ ପୁଞ୍ଜିର ଅନ୍ୟୁନ୍ୟ 51 ପ୍ରତିଶତ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ନତୁବା ରାଜ୍ୟ ସରକାର/ ସରକାରମାନଙ୍କ ଦ୍ୱାରା ବା କିଛି ଅଂଶ କେନ୍ଦ୍ର ସରକାରଙ୍କ ଦ୍ୱାରା ଏବଂ କିଛି ଅଂଶ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିବେଶିତ ହୋଇଥାଏ, ତେବେ ସେହି କମ୍ପାନୀକୁ ସରକାରୀ କମ୍ପାନୀ କୁହାଯାଏ ଏବଂ ଏହି କମ୍ପାନୀଗୁଡିକର ଅଧିନସ୍ଥ ସହାୟକ କମ୍ପାନୀ ମଧ୍ୟ ସରକାରୀ କମ୍ପାନୀ ଅଟେ।

ଏହା ବ୍ୟତୀତ, ଅନ୍ୟ କୌଣସି କମ୍ପାନୀର ମାଲିକାନା କିମ୍ବା ନିୟନ୍ତ୍ରଣ ଯଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର/ ସରକାରମାନଙ୍କ ନିକଟରେ ଥାଏ କିମ୍ବା ଆଂଶିକ କେନ୍ଦ୍ର ସରକାର ଏବଂ ଆଂଶିକ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ନିକଟରେ ଥାଏ, ଏହି ପ୍ରତିବେଦନରେ ସେଗୁଡିକୁ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଭାବରେ ଉଲ୍ଲେଖ କରାଯାଇଛି।

### 1.1.1 ସମୀକ୍ଷା ଆଦେଶ

ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ସମୀକ୍ଷା ସିଏଜିଙ୍କ ଦ୍ୱାରା କମ୍ପାନୀ ଅଧିନିୟମ 2013ର ଧାରା 143(5)ରୁ 143(7), ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ 1971ର ଧାରା 19 ଏବଂ ସେଥିରେ ପ୍ରସ୍ତୁତ ନିୟମାବଳୀର ପ୍ରାବଧାନ ଅନୁସାରେ କରାଯାଏ। କମ୍ପାନୀ ଅଧିନିୟମ, 2013 ଅନୁଯାୟୀ, ସିଏଜି ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ କମ୍ପାନୀଗୁଡିକର ବୈଧାନିକ ସମୀକ୍ଷକ ଭାବରେ ନିଯୁକ୍ତ କରନ୍ତି ଏବଂ ହିସାବଗୁଡିକ କିପରି ସମୀକ୍ଷା କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥାଆନ୍ତି । ଏଥି ସହିତ ଏକ ଅନୁପୂରକ ସମୀକ୍ଷା କରିବାକୁ ସିଏଜିଙ୍କର ଅଧିକାର ଅଛି। କେତେକ ବୈଧାନିକ ନିଗମଗୁଡିକୁ ନିୟନ୍ତ୍ରଣ କରୁଥିବା ନିୟମଗୁଡିକ ସେମାନଙ୍କ ସମୀକ୍ଷା କେବଳ ମହାସମୀକ୍ଷକଙ୍କ ଦ୍ୱାରା ହେବା ଆବଶ୍ୟକ କରନ୍ତି।

### 1.1.2 ଏହି ପ୍ରତିବେଦନରେ ବିଷୟବସ୍ତୁ

ଏହି ପ୍ରତିବେଦନ ରାଜ୍ୟ ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ବାର୍ଷିକ ହିସାବରୁ ଆର୍ଥିକ ପ୍ରଦର୍ଶନର ଏକ ସାମଗ୍ରିକ ଚିତ୍ର ପ୍ରଦାନ କରିଥାଏ।

2021-22 ବର୍ଷ ପାଇଁ ସିଏଜି ଦ୍ୱାରା ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ବିବରଣୀର ଅନୁପୂରକ ସମୀକ୍ଷା ଫଳରେ ହିସାବ ସଂଶୋଧନ ଉପରେ ପ୍ରଭାବ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଏହି ଅଧ୍ୟାୟରେ ଦିଆଯାଇଛି। ବୈଧାନିକ ନିଗମର ଆର୍ଥିକ ବିବରଣୀ ଉପରେ ସିଏଜି ଦ୍ୱାରା ଦିଆଯାଇଥିବା ମନ୍ତବ୍ୟର ପ୍ରଭାବ ମଧ୍ୟ ଏହି ଅଧ୍ୟାୟରେ ଦିଆଯାଇଛି।

### 1.1.3 ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା

31 ମାର୍ଚ୍ଚ 2022 ସୁଦ୍ଧା ସିଏଜିଙ୍କ ସମୀକ୍ଷା ଅଧୀନରେ 82[1]ଟି ଏସ୍‌ପିଏସ୍‌ଇ ଥିଲା (**ପରିଶିଷ୍ଟ** 1) । ଏଥିମଧ୍ୟରେ 64ଟି ସରକାରୀ କମ୍ପାନୀ, 03ଟି ବୈଧାନିକ ନିଗମ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଅନ୍ତର୍ଭୁକ୍ତ। 64ଟି ସରକାରୀ କମ୍ପାନୀ ମଧ୍ୟରୁ 8ଟି ଶକ୍ତି କ୍ଷେତ୍ରର କମ୍ପାନୀ ଏବଂ 56ଟି ଅଣ-ଶକ୍ତି କ୍ଷେତ୍ରର କମ୍ପାନୀ ଥିଲା । 56ଟି ଅଣ ଶକ୍ତି କ୍ଷେତ୍ରର କମ୍ପାନୀ ମଧ୍ୟରୁ 26ଟି ଅଣ କାର୍ଯ୍ୟକ୍ଷମ ଥିଲା । ଏଥି ମଧ୍ୟରୁ, 44ଟି ଏସ୍‌ପିଏସ୍‌ଇର ଆର୍ଥିକ ପ୍ରଦର୍ଶନର ସାରାଂଶ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ଏସ୍‌ପିଏସ୍‌ଇଗୁଡ଼ିକର ପ୍ରକାର ନିମ୍ନ ସାରଣୀରେ ସୂଚିତ କରାଯାଇଛି:

**ସାରଣୀ 1.1: ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇଗୁଡିକର ଅନ୍ତର୍ଭୁକ୍ତି ଏବଂ ପ୍ରକାର**

| ଏସ୍‌ପିଏସ୍‌ଇର ପ୍ରକାର | ମୋଟ ଏସ୍‌ପିଏସ୍‌ଇ ସଂଖ୍ୟା | ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା ହିସାବ | | | | ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇନଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା |
|---|---|---|---|---|---|---|
| | | **2021-22** | **2020-21** | **2019-20** | ମୋଟ | |
| ସରକାରୀ କମ୍ପାନୀ ସମୂହ | 64 | 13 | 14 | 3 | 30 | 34 |
| ବୈଧାନିକ ନିଗମ ସମୂହ | 3 | 0 | 2 | 0 | 2 | 1 |
| ମୋଟ କମ୍ପାନୀ ସମୂହ / ନିଗମ ସମୂହ | 67 | 13 | 16 | 3 | 32 | 35 |
| ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ | 15 | 2 | 9 | 1 | 12 | 3 |
| **ମୋଟ** | **82** | **15** | **25** | **4** | **44** | **38** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକରୁ ପ୍ରାପ୍ତ ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

2021-22ରେ କୌଣସି ସରକାରୀ କମ୍ପାନୀ/ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସିଏଜିଙ୍କ ସମୀକ୍ଷା ପରିସରଭୁକ୍ତ ହୋଇନଥିଲେ ତଥା ଏଥିରୁ ବାହାରକୁ ଯାଇନଥିଲେ।

ଏହି ପ୍ରତିବେଦନରେ 38ଟି ଏସ୍‌ପିଏସ୍‌ଇ (03ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଏବଂ 01ଟି ବୈଧାନିକ ନିଗମ ଅନ୍ତର୍ଭୁକ୍ତ କରି) ଅନ୍ତର୍ଭୁକ୍ତ କରାଯାଇ ନାହିଁ ଯାହାର ହିସାବ ତିନି ବର୍ଷ କିମ୍ବା ତା'ଠାରୁ ଅଧିକ ବକେୟା ରହିଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା। ଏହା **ପରିଶିଷ୍ଟ 2** ଏବଂ **ପରିଶିଷ୍ଟ 3**ରେ ଦର୍ଶାଯାଇଛି ।

କମ୍ପାନୀ ଅଧିନିୟମ ଅନୁଯାୟୀ ନିଷ୍କ୍ରିୟ କମ୍ପାନୀଗୁଡିକର ସ୍ୱେଚ୍ଛାକୃତ ଭାବେ ବନ୍ଦ ହେବା ପ୍ରକ୍ରିୟାକୁ ଯଥାଶୀଘ୍ର ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି।

### 1.1.4 ରାଜ୍ୟ ଜିଏସ୍‌ଡିପିକୁ ଅବଦାନ

ସରକାରୀ କମ୍ପାନୀ ଏବଂ ନିଗମର କାରବାର ସହିତ ମୋଟ ରାଜ୍ୟ ଘରୋଇ ଉତ୍ପାଦର ଅନୁପାତ ରାଜ୍ୟ ଅର୍ଥନୀତିରେ ସେମାନଙ୍କର କାର୍ଯ୍ୟକଳାପର ପରିମାଣ ଦର୍ଶାଏ। ଏକାଧିକ ସମୟ ଅବଧିରେ ଅଭିବୃଦ୍ଧି ହାର ମାପିବା ପାଇଁ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର୍) ଏକ ଉପଯୋଗୀ ପଦ୍ଧତି। ନିମ୍ନଲିଖିତ ସାରଣୀରେ ମାର୍ଚ୍ଚ 2022ରେ ଶେଷ ହେବାକୁ ଥିବା ତିନିବର୍ଷ ପାଇଁ 32ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 12ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇର କାରବାର ଏବଂ ଓଡିଶାର ଜିଏସ୍‌ଡିପିର ବିବରଣୀ ପ୍ରଦାନ କରାଯାଇଛି:

---

[1] 2020-21 ମଧ୍ୟରେ ଦୁଇଟି ସରକାରୀ କମ୍ପାନୀ ଯଥା- ଷ୍ଟାଟଅପ୍ ଓଡିଶା ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ସିଏଜିଙ୍କ ସମୀକ୍ଷା ଅଧିନକୁ ଆସିଥିଲେ

**ସାରଣୀ 1.2: ଓଡିଶାର ଜିଏସ୍‌ଡିପି ତଥା ରାଜ୍ୟ ପିଏସ୍‌ଇଗୁଡିକର କାରବାରର ବିବରଣୀ**

*(ଟଙ୍କା କୋଟିରେ)*

| ସବିଶେଷ | 2019-20 | 2020-21 | 2021-22 |
|---|---|---|---|
| କାରବାର | 21,149.69 | 23,876.47 | 38,504.42 |
| ପୂର୍ବ ବର୍ଷ ତୁଳନାରେ କାରବାରର ଶତକଡା ପରିବର୍ତ୍ତନ | 0.97 | 12.89 | 61.27 |
| ବର୍ତ୍ତମାନ ମୂଲ୍ୟରେ ଓଡିଶାର ଜିଏସ୍‌ଡିପି | 5,46,413 | 5,42,889 | 6,38,342 |
| ପୂର୍ବ ବର୍ଷ ତୁଳନାରେ ଓଡିଶା ଜିଏସ୍‌ଡିପିର ଶତକଡା ପରିବର୍ତ୍ତନ | 9.59 | -0.64 | 17.58 |
| ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 3.87 | 4.40 | 6.03 |

*(ଉତ୍ସ: ସରକାରୀ କମ୍ପାନୀ ଏବଂ ନିଗମର 30 ସେପ୍ଟେମ୍ବର 2022 ସୁଦ୍ଧା ସର୍ବଶେଷ ଚୂଡାନ୍ତ ହିସାବର କାରବାର ଏବଂ ଆର୍ଥିକ ଆଟେଷ୍ଟ ୱିଙ୍ଗ ଅନୁଯାୟୀ ଜିଏସ୍‌ଡିପି)*

ଜିଏସ୍‌ଡିପି ଉପରେ ଏସ୍‌ପିଏସ୍‌ଇର କାରବାରର ହାର 2021-22ରେ ପୂର୍ବ ବର୍ଷର 4.40 ପ୍ରତିଶତରୁ ବୃଦ୍ଧି ପାଇ 6.03 ପ୍ରତିଶତ ରହିଥିଲା। 2020-21 ତୁଳନାରେ 2021-22ରେ ଜିଏସ୍‌ଡିପିର ଅଭିବୃଦ୍ଧି ହାର 17.58 ପ୍ରତିଶତକୁ ବୃଦ୍ଧି ପାଇଥିଲା ଏବଂ ଏହି ସମୟ ମଧ୍ୟରେ ସରକାରୀ କମ୍ପାନୀ ଓ ନିଗମର କାରବାରର ଅଭିବୃଦ୍ଧି ହାର 61.27 ପ୍ରତିଶତକୁ ବୃଦ୍ଧି ପାଇଥିଲା। ଗତ ତିନି ବର୍ଷ ମଧ୍ୟରେ ଜିଏସ୍‌ଡିପିର ବାର୍ଷିକ ଅଭିବୃଦ୍ଧି[2] 8.59 ପ୍ରତିଶତ ହୋଇଥିବା ବେଳେ, ସେହି ସମୟ ଅବଧି ମଧ୍ୟରେ କାରବାରର ଅଭିବୃଦ୍ଧି ହାର 22.50 ପ୍ରତିଶତ ରହିଥିଲା। ଏହାଦ୍ୱାରା ଏହି ରାଜ୍ୟ ପିଏସ୍‌ଇଗୁଡିକର କାରବାରର ଅଂଶ ଜିଏସ୍‌ଡିପି ତୁଳନାରେ, 2019-20ରେ 3.87 ପ୍ରତିଶତରୁ 2021-22ରେ 6.03 ପ୍ରତିଶତକୁ ବୃଦ୍ଧି ପାଇଥିଲା। **ପରିଶିଷ୍ଟ 4**ରେ ବିଭାଗ-ୱାରୀ ସ୍ଥିତି ଦିଆଯାଇଛି। ଶକ୍ତିକ୍ଷେତ୍ର ଉଦ୍ୟୋଗ ଏବଂ ଅଣ-ଶକ୍ତିକ୍ଷେତ୍ର ଉଦ୍ୟୋଗର କାରବାର ବାର୍ଷିକ 16.80 ପ୍ରତିଶତ ଏବଂ 26.97 ପ୍ରତିଶତ ରେକର୍ଡ ହୋଇଛି।

## 1.1.5 ରାଜ୍ୟ ପିଏସ୍‌ଇଗୁଡିକୁ ବଜେଟ ସହାୟତା

ଓଡିଶା ସରକାର (ଜିଓଓ) ବାର୍ଷିକ ଅଟକଳ ମାଧ୍ୟମରେ ବିଭିନ୍ନ ରୂପରେ ରାଜ୍ୟ ପିଏସ୍‌ଇମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଆନ୍ତି। 2021-22ରେ 41ଟି ସରକାରୀ କମ୍ପାନୀ ମଧ୍ୟରୁ 16ଟି ସରକାରୀ କମ୍ପାନୀ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ 3ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀକୁ ଇକ୍ୱିଟି, ଋଣ, ଅନୁଦାନ /ସବ୍‌ସିଡି, ଋଣ ଛାଡ ଏବଂ ଋଣର ଇକ୍ୱିଟିରେ ରୂପାନ୍ତରଣ ବାବଦକୁ ଓଡିଶା ସରକାର ବଜେଟ ସହାୟତା ପ୍ରଦାନ କରିଥିଲେ। ମାର୍ଚ୍ଚ 2022ରେ ଶେଷ ହୋଇଥିବା ତିନିବର୍ଷ ପାଇଁ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି:

**ସାରଣୀ 1.3: ରାଜ୍ୟ ପିଏସ୍‌ଇଗୁଡିକୁ ବଜେଟ ସହାୟତା ସମ୍ବନ୍ଧୀୟ ବିବରଣୀ**

*(ଟଙ୍କା କୋଟିରେ)*

| ସବିଶେଷ[3] | 2019-20 | | 2020-21 | | 2021-22 | |
|---|---|---|---|---|---|---|
| | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ |
| ସାଧାରଣ ଅଂଶଧନ (i) | 2 | 118.70 | 2 | 32.54 | 4 | 572.80 |
| ପ୍ରଦତ୍ତ ଋଣ (ii) | 1 | 100.05 | 0 | 0 | 2 | 118.40 |
| ପ୍ରଦତ୍ତ ଅନୁଦାନ/ସବ୍‌ସିଡି (iii) | 8 | 1,136.03 | 9 | 758.19 | 16 | 1,436.14 |
| ମୋଟ ପ୍ରଦତ୍ତ ଅର୍ଥ (i+ii+iii) | 8# | 1,354.76 | 9* | 790.73 | 19$ | 2,127.34 |
| ଋଣ ପରିଶୋଧ ଛାଡ | 0 | 0 | 0 | 0 | 0 | 0 |
| ସାଧାରଣ ଅଂଶଧନରେ ରୂପାନ୍ତରିତ ଋଣ | 0 | 0 | 0 | 0 | 2 | 2,439.69 |
| ପ୍ରତିଭୂତିପ୍ରଦାନ | 1@ | 600.00 | 1@ | 2,000.00 | 1@ | 600.00 |
| ପ୍ରତିଭୂତି ପ୍ରତିଶ୍ରୁତି[4] | 1@ | 913.50 | 1@ | 6,233.90 | 1@ | 8,277.50 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକଠାରୁ ପ୍ରାପ୍ତ ସୂଚନା ଆଧାରରେ ସଂକଳିତ)*

---

[2] ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର [[{(2021-22ର ମୂଲ୍ୟ/ 2018-19ର ମୂଲ୍ୟ)^(1/3 ବର୍ଷ)}- 1]*100] ଯେଉଁଠାରେ 2018-19 ବର୍ଷ ପାଇଁ କାରବାର ଏବଂ ଜିଏସ୍‌ଡିପି ଯଥାକ୍ରମେ 20,947.39 କୋଟି ଟଙ୍କା ଏବଂ 4,98,576.00 କୋଟି ଟଙ୍କା ଥିଲା।

[3] ପରିମାଣ କେବଳ ରାଜ୍ୟ ବଜେଟ୍‌ରୁ ଆଉଟଗୋକୁ ପ୍ରତିନିଧିତ୍ୱ କରେ।

[4] ଏକ ନିର୍ଦ୍ଦିଷ୍ଟ ବର୍ଷ ଶେଷରେ ଏସ୍‌ପିଏସ୍‌ଇଗୁଡିକ ଉପରେ ସରକାରୀ ପ୍ରତିଭୂତିର ଅନ୍ତିମ ଅବଶେଷ।

# ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ 2019-20ରେ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ ଗ୍ରହଣ କରିଥିଲା ଏବଂ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ 2019-20ରେ ଉଭୟ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା ।

* ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ 2020-21ରେ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା ।

$ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ 2021-22ରେ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା, ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ 2021-22ରେ ଉଭୟ ସାଧାରଣ ଅଂଶଧନ ଏବଂ ଋଣ ଗ୍ରହଣ କରିଥିଲା ଏବଂ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ମତ୍ସ୍ୟଜୀବୀ ଉନ୍ନୟନ ନିଗମ ଲିମିଟେଡ୍ 2021-22ରେ ଉଭୟ ଋଣ ଏବଂ ଅନୁଦାନ ଗ୍ରହଣ କରିଥିଲା ।

@ ଗ୍ରୀଡକୋ ଲିମିଟେଡ୍

2021-22 ବର୍ଷରେ ଦିଆଯାଇଥିବା 2,127.34 କୋଟି ଟଙ୍କାର ବଜେଟୀୟ ସହାୟତା ଇକ୍ୱିଟି, ଋଣ ଏବଂ ଅନୁଦାନ/ସବ୍‌ସିଡି ଆକାରରେ ଥିଲା । 2021-22 ବର୍ଷ ମଧ୍ୟରେ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (584.30 କୋଟି ଟଙ୍କା) ଏବଂ ଓଡ଼ିଶା ଉଠା ଜଳସେଚନ ନିଗମ ଲିମିଟେଡ୍‌କୁ (170.99 କୋଟି ଟଙ୍କା) ସର୍ବାଧିକ ଅନୁଦାନ/ ସବ୍‌ସିଡି ପ୍ରଦାନ କରାଯାଇଥିଲା । ଏହି ଦୁଇ ଏସ୍‌ପିଏସ୍‌ଇ 2021-22 ଆର୍ଥିକ ବର୍ଷର ବାର୍ଷିକ ହିସାବ 30 ସେପ୍ଟେମ୍ବର 2022 ସୁଦ୍ଧା ଦାଖଲ କରିନାହାନ୍ତି ।

ଭାରତର ସମ୍ବିଧାନ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସୀମା ଅନୁଯାୟୀ ସରକାରଙ୍କ ଦ୍ୱାରା ଜାରି (ନଭେମ୍ବର 2002) କରାଯାଇଥିବା ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀ ଅନୁଯାୟୀ ଓଡିଶା ସରକାର ପ୍ରତିଭୂତି ପ୍ରଦାନ କରିଥାଆନ୍ତି । ଅନୁମୋଦିତ ସର୍ବାଧିକ ପ୍ରତିଭୂତି ଉପରେ 0.50 ପ୍ରତିଶତ ହାରରେ ଏକ ପ୍ରତିଭୂତି କମିଶନ ଆଦାୟ କରାଯାଏ । ଆର୍ଥିକ ବର୍ଷରେ ଜିଓଓର ବକେୟା ପ୍ରତିଭୂତି ପ୍ରତିଶ୍ରୁତି 32.78 ପ୍ରତିଶତ ବୃଦ୍ଧି ପାଇ 2020-21ରେ 6,233.90 କୋଟି ଟଙ୍କାରୁ 2021-22ରେ 8,277.55 କୋଟି ଟଙ୍କାରେ ପହଁଞ୍ଚିଥିଲା । ଗ୍ରୀଡ୍‌କୋ ଲିମିଟେଡ୍ ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନରୁ ଋଣ ପାଇବା ପାଇଁ ଜିଓଓଠାରୁ ଅତିରିକ୍ତ ପ୍ରତିଭୂତି ପ୍ରତିଶ୍ରୁତି ଲୋଡିବା ଏହି ବୃଦ୍ଧିର କାରଣ ଥିଲା । ଗ୍ରୀଡ୍‌କୋ ଲିମିଟେଡ୍ 2021-22 ମଧ୍ୟରେ 33.12 କୋଟି ଟଙ୍କାର ପ୍ରତିଭୂତି କମିଶନ ଦେଇଥିଲା ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇ (ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ)ର ଆର୍ଥିକ ପ୍ରଦର୍ଶନର ସାମଗ୍ରୀକ ସାରାଂଶକୁ ନିମ୍ନ ସାରଣୀରେ ସଂକ୍ଷିପ୍ତରେ ଦିଆଯାଇଅଛି ।

**ସାରଣୀ 1.4: ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 2021-22 ପାଇଁ ଏସ୍‌ପିଏସ୍‌ଇର ଆର୍ଥିକ ପ୍ରଦର୍ଶନର ସାରାଂଶ (ସରକାରୀ କମ୍ପାନୀ ସମୂହ ଏବଂ ବୈଧାନିକ ନିଗମ ସମୂହ)**

| | |
|---|---|
| ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା | 67 |
| ଅନ୍ତର୍ଭୁକ୍ତ ହୋଇଥିବା ଏସ୍‌ପିଏସ୍‌ଇ | 32 |
| ସମାଦତ୍ତ ପୁଞ୍ଜି (32 ଏସ୍‌ପିଏସ୍‌ଇ) | 9,300.84 କୋଟି ଟଙ୍କା |
| ଦୀର୍ଘକାଳୀନ ଋଣ (32 ଏସ୍‌ପିଏସ୍‌ଇ) | 15,903.38 କୋଟି ଟଙ୍କା |
| ନିଟ୍ ଲାଭ (21 ଏସ୍‌ପିଏସ୍‌ଇ) | 3,289.86 କୋଟି ଟଙ୍କା |
| ନିଟ୍ କ୍ଷତି(11 ଏସ୍‌ପିଏସ୍‌ଇ) | 2,423.12 କୋଟି ଟଙ୍କା |
| ଘୋଷିତ ଲାଭାଂଶ (11 ଏସ୍‌ପିଏସ୍‌ଇ) | 565.10 କୋଟି ଟଙ୍କା |
| ମୋଟ ସମ୍ପତ୍ତି (32 ଏସ୍‌ପିଏସ୍‌ଇ) | 75,237.61 କୋଟି ଟଙ୍କା |
| ଉତ୍ପାଦନର ମୂଲ୍ୟ (15 ଏସ୍‌ପିଏସ୍‌ଇ) | 8,070.01 କୋଟି ଟଙ୍କା |
| ନିଟ୍ ମୂଲ୍ୟ (32 ଏସ୍‌ପିଏସ୍‌ଇ) | 12,598.72 କୋଟି ଟଙ୍କା |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଏବଂ ଏସ୍‌ପିଏସ୍‌ଇଗୁଡିକରୁ ପ୍ରାପ୍ତ ସୂଚନା ଆଧାରରେ ସଂକଳିତ)*

## 1.2 ସରକାରୀ କମ୍ପାନୀ ଓ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ

31 ମାର୍ଚ୍ଚ 2022 ଶେଷ ସୁଦ୍ଧା 32[5]ଟି ସରକାରୀ କମ୍ପାନୀ ଏବଂ ନିଗମରେ ସାଧାରଣ ଅଂଶଧନ ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.5: ସରକାରୀ କମ୍ପାନୀ ଏବଂ ନିଗମଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣ**

*(ଟଙ୍କା କୋଟିରେ)*

| ବିନିଯୋଗର ଉତ୍ସ | 31.03.2022 ତାରିଖରେ | | | 31.03.2021 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ |
| 1. ରାଜ୍ୟ ସରକାର | 7,629.47 | 1,495.68 | 9,125.15 | 4,108.87 | 1,243.93 | 5,352.80 |
| 2. ରାଜ୍ୟ ସରକାରୀ କମ୍ପାନୀ / ନିଗମ/ସ୍ୱୟଂ ଚାଳିତ ସଂସ୍ଥା | 1,549.14 | 722.83 | 2,271.97 | 616.59 | 596.35 | 1,212.94 |
| 3. କେନ୍ଦ୍ର ସରକାର / କେନ୍ଦ୍ର ସରକାରୀ କମ୍ପାନୀ /ନିଗମ | 44.95 | 6760.81 | 6,805.76 | 44.95 | 7,241.53 | 7,286.48 |
| 4. ଆର୍ଥିକ ପ୍ରତିଷ୍ଠାନ ଏବଂ ଅନ୍ୟମାନେ | 77.28 | 6,924.06 | 7,001.34 | 969.03 | 6,912.09 | 7,881.12 |
| ମୋଟ | **9,300.84** | **15,903.38** | **25,204.22** | **5,739.44** | **15,993.90** | **21,733.34** |
| ମୋଟ ବିନିଯୋଗ ଉପରେ ରାଜ୍ୟ ସରକାରଙ୍କ ବିନିଯୋଗର ଶତକଡା ହାର | 82.03 | 9.40 | 36.20 | 71.59 | 7.78 | 24.63 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

31 ମାର୍ଚ୍ଚ 2022 ଶେଷ ସୁଦ୍ଧା 12ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.6: ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣ**

*(ଟଙ୍କା କୋଟିରେ)*

| ବିନିଯୋଗର ଉତ୍ସ | 31.03.2022 ତାରିଖରେ | | | 31.03.2021 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ |
| ରାଜ୍ୟ ସରକାର | 235.01 | 0 | 235.01 | 235.01 | 0 | 235.01 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*


### 1.2.1 ସାଧାରଣ ଅଂଶଧନର ପରିମାଣ

2021-22 ମଧ୍ୟରେ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 32ଟି ଏସ୍‌ପିଏସ୍‌ଇର ସାଧାରଣ ଅଂଶଧନର ପରିମାଣ ମୋଟ 3,561.40 କୋଟି ଟଙ୍କା ବୃଦ୍ଧି ହୋଇଛି । ଏହା ମୁଖ୍ୟତଃ 50 କୋଟି ଟଙ୍କା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ, 2,214.51 କୋଟି ଟଙ୍କା ଗ୍ରୀଡ୍‌କୋ ଲିମିଟେଡ୍‌ରେ, 22.54 କୋଟି ଟଙ୍କା ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍‌ରେ, 207.00 କୋଟି ଟଙ୍କା ଓଡ଼ିଶା ତାପଜ ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍‌ରେ, 1,026.94 କୋଟି ଟଙ୍କା ଓଡ଼ିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍‌ରେ ରାଜ୍ୟ ସରକାରଙ୍କର ସାଧାରଣ ଅଂଶଧନ ବୃଦ୍ଧି ହେତୁ ଘଟିଛି ଏବଂ 39.95 କୋଟି ଟଙ୍କା ଓଡ଼ିଶା କୋଇଲା ଏବଂ ଶକ୍ତି ଲିମିଟେଡ୍‌ରେ ରାଜ୍ୟ ସରକାରୀ କମ୍ପାନୀଗୁଡ଼ିକର ସାଧାରଣ ଅଂଶଧନ ବୃଦ୍ଧି ହେତୁ ଘଟିଛି ।

[5] (67 - 35) ଏସ୍‌ପିଏସ୍‌ଇ ଯାହାର ହିସାବ ତିନି ବର୍ଷ କିମ୍ବା ତା ଠାରୁ ଅଧିକ ବକେୟା ଥିଲା କିମ୍ବା ପ୍ରଥମ ବର୍ଷର ହିସାବ ଗ୍ରହଣ ହୋଇ ନଥିଲା କିମ୍ବା ଗ୍ରହଣ କରିବାର ଧାର୍ଯ୍ୟ ସମୟ ହୋଇ ନଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା ।

ସରକାରୀ କମ୍ପାନୀ ଏବଂ ନିଗମରେ 31 ମାର୍ଚ୍ଚ 2022ରେ ଶେଷ ହୋଇଥିବା ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏବଂ ଅନ୍ୟମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ସାଧାରଣ ଅଂଶଧନର ପରିମାଣ ନିମ୍ନରେ ଥିବା ଗ୍ରର୍ଟରେ ଚିତ୍ରିତ ହୋଇଛି:

**ଗ୍ରର୍ଟ-1.1: ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକର ରାଜ୍ୟ ସରକାର ଓ ଅନ୍ୟମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ସାଧାରଣ ଅଂଶଧନର ପରିମାଣ**




*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

2021-22 ମଧ୍ୟରେ ଏସ୍‌ପିଏସ୍‌ଇର ସମାଦତ୍ତ ପୁଞ୍ଜିରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ (200 କୋଟି ଟଙ୍କାରୁ ଅଧିକ)ର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.7: ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ**

*(ଟଙ୍କା କୋଟିରେ)*

| ଏସ୍‌ପିଏସ୍‌ଇର ନାମ | ବିଭାଗର ନାମ | ପରିମାଣ | ରାଜ୍ୟ ସରକାରଙ୍କ ସମୁଦାୟ ହୋଲ୍ଡିଂ ତୁଳନାରେ ଏହି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରଙ୍କ ହୋଲ୍ଡିଂର ଶତକଡା ହାର |
|---|---|---|---|
| **ବୈଧାନିକ ନିଗମ** | | | |
| ଓଡିଶା ରାଜ୍ୟ ଅର୍ଥ ନିଗମ | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | 342.72 | 4.69 |
| ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | 328.54 | 4.49 |
| **ସରକାରୀ କମ୍ପାନୀ ସମୂହ** | | | |
| ଓଡିଶା ତାପଜ ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | 1,136.47 | 14.90 |
| ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | ଶକ୍ତି | 1,886.71 | 24.73 |
| ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | ଶକ୍ତି | 833.19 | 10.92 |
| ଗ୍ରୀଡ୍‌କୋ ଲିମିଟେଡ୍ | ଶକ୍ତି | 2,791.22 | 36.58 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

## 1.2.2 ସରକାରୀ କମ୍ପାନୀ ଏବଂ ନିଗମଗୁଡିକୁ ଦିଆଯାଇଥିବା ଋଣ

### 1.2.2.1 31 ମାର୍ଚ୍ଚ 2022 ସୁଦ୍ଧା ବକେୟା ଥିବା ଦୀର୍ଘକାଳୀନ ଋଣର ଗଣନା


ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 32ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକ ମଧ୍ୟରୁ 11ଟି ଏସ୍‌ପିଏସ୍‌ଇର 31 ମାର୍ଚ୍ଚ 2022 ସୁଦ୍ଧା ସମସ୍ତ ଉତ୍ସରୁ 15,903.38 କୋଟି ଟଙ୍କା ବକେୟା ଦୀର୍ଘକାଳୀନ ଋଣ ରହିଥିଲା। 2021-22 ମଧ୍ୟରେ ସରକାରୀ କମ୍ପାନୀ ଏବଂ ନିଗମର ଦୀର୍ଘକାଳୀନ ଋଣରେ 90.52 କୋଟି ଟଙ୍କାର ହ୍ରାସ ହୋଇଥିଲା।

ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକର ବକେୟା ଦୀର୍ଘକାଳୀନ ଋଣର ବର୍ଷ-ୱାରୀ ବିବରଣୀଗୁଡ଼ିକ ନିମ୍ନ ଚାର୍ଟରେ ଚିତ୍ରିତ ହୋଇଛି:

**ଚାର୍ଟ 1.2: ସରକାରୀ କମ୍ପାନୀସମୂହ ଏବଂ ନିଗମସମୂହରେ ବକେୟା ଦୀର୍ଘକାଳୀନ ଋଣ**

*(ଟଙ୍କା କୋଟିରେ)*

**ସରକାରୀ କମ୍ପାନୀସମୂହ ଏବଂ ନିଗମସମୂହରେ ବକେୟା ଦୀର୍ଘକାଳୀନ ଋଣ**




*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

### 1.2.2.2 ଋଣ ଦେୟକୁ ପୂରଣ ପାଇଁ ସମ୍ପତ୍ତିର ପର୍ଯ୍ୟାପ୍ତତା

ସମୁଦାୟ ସମ୍ପତ୍ତି ସହିତ ମୋଟ କରଜର ଅନୁପାତ ହେଉଛି ଏକ କମ୍ପାନୀ ଶୋଧକ୍ଷମ ରହିପାରିବ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ପଦ୍ଧତି ମଧ୍ୟରୁ ଗୋଟିଏ। ଶୋଧକ୍ଷମ ଭାବରେ ବିବେଚନା କରିବାକୁ, ଏକ ସଂସ୍ଥାର ସମ୍ପତ୍ତିର ମୂଲ୍ୟ ଏହାର କରଜ/ଋଣ ପରିମାଣଠାରୁ ଅଧିକ ହେବା ଜରୁରୀ। 31 ମାର୍ଚ୍ଚ 2022 ସୁଦ୍ଧା ବକେୟା କରଜ ଥିବା 11ଟି ସରକାରୀ ଏସ୍‌ପିଏସ୍‌ଇରେ ମୋଟ ସମ୍ପତ୍ତିର ମୂଲ୍ୟ ଅନୁଯାୟୀ ଦୀର୍ଘକାଳୀନ କରଜର ତୁଳନା ***ପରିଶିଷ୍ଟ 5***ରେ ଦିଆଯାଇଛି । ସେହି ବିଷୟର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.8: ମୋଟ ସମ୍ପତ୍ତି ସହିତ ଦୀର୍ଘକାଳୀନ ଋଣର ତୁଳନା**

| | ଧନାତ୍ମକ ତୁଳନା | | | | ଋଣାତ୍ମକ ତୁଳନା | | | |
|---|---|---|---|---|---|---|---|---|
| | ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | ଦୀର୍ଘକାଳୀନ ଋଣ (ଟଙ୍କା କୋଟିରେ) | ସମ୍ପତ୍ତି | ଋଣ ତୁଳନାରେ ସମ୍ପତ୍ତିର ଶତକଡା ହାର | ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | ଦୀର୍ଘକାଳୀନ ଋଣ (ଟଙ୍କା କୋଟିରେ) | ସମ୍ପତ୍ତି | ଋଣ ତୁଳନାରେ ସମ୍ପତ୍ତିର ଶତକଡା ହାର |
| ବୈଧାନିକ ନିଗମ ସମୂହ | 2 | 107.33 | 1,129.86 | 1,052.70 | - | - | - | - |
| ସରକାରୀ କମ୍ପାନୀ ସମୂହ | 9 | 15,796.05 | 34,345.10 | 217.43 | - | - | - | - |
| ମୋଟ୍ | **11** | **15,903.38** | **35,474.96** | | **-** | **-** | **-** | **-** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଉପର୍ଯ୍ୟୁକ୍ତ ସାରଣୀ ଓ **ପରିଶିଷ୍ଟ 5**ରୁ ଏହା ଜଣା ପଡ଼ିଛି ଯେ ସମସ୍ତ 11ଟି ସରକାରୀ କମ୍ପାନୀ ଏବଂ ନିଗମର ଧନାତ୍ମକ ଅନୁପାତ ରହିଛି, ଯାହା ସୂଚାଇଥାଏ ଯେ ସମସ୍ତ କମ୍ପାନୀ ଏବଂ ନିଗମର ଋଣ ଦାୟିତ୍ୱ ପୂରଣ ପାଇଁ ପର୍ଯ୍ୟାପ୍ତ ସମ୍ପତ୍ତି ଅଛି ।

### 1.2.2.3 ସୁଧ ଭରଣା

ସୁଧ ଭରଣ ଅନୁପାତ (ଆଇସିଆର୍) ବକେୟା ଋଣ ଉପରେ କମ୍ପାନୀର ସୁଧ ଦେବାର କ୍ଷମତା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ ଏବଂ ସେହି ସମୟର ସୁଧ ଖର୍ଚ୍ଚ ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ କମ୍ପାନୀର ଆୟ (ଇବିଆଇଟି)କୁ ଭାଗ କରି ଗଣନା କରାଯାଏ। ଅନୁପାତ କମ୍ ହେଲେ କମ୍ପାନୀର କରଜ ଉପରେ ସୁଧ ଦେବାର କ୍ଷମତା କମ ହୋଇଥାଏ। ଏକରୁ କମ ଥିବା ଆଇସିଆର ସୂଚାଇଦିଏ ଯେ ସୁଧ ଖର୍ଚ୍ଚ ପ୍ରଦାନ କରିବା ପାଇଁ କମ୍ପାନୀ ପର୍ଯ୍ୟାପ୍ତ ପରିମାଣରେ ଆୟ କରୁନାହିଁ। 2019-20ରୁ 2021-22 ମଧ୍ୟରେ ବକେୟା ଦୀର୍ଘକାଳୀନ ଋଣ ଥିବା

ଏସ୍‌ପିଏସ୍‌ଇଗୁଡିକର ଧନାତ୍ମକ ଏବଂ ଋଣାତ୍ମକ ସୁଧ ଭରଣ ଅନୁପାତର ବିବରଣୀ, ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.9: ସୁଧ ଭରଣ ଅନୁପାତ**

| ବର୍ଷ | ସୁଧ (ଟଙ୍କା କୋଟିରେ) | ସୁଧ ଏବଂ ଟିକସ ପୂର୍ବରୁ ଆୟ (ଇବିଆଇଟି) (ଟଙ୍କା କୋଟିରେ) | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଆଇସିଆର୍ ଧନାତ୍ମକ ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଆଇସିଆର୍ ଋଣାତ୍ମକ ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା |
|---|---|---|---|---|---|
| **ବୈଧାନିକ ନିଗମ ସମୂହ** | | | | | |
| 2019-20 | 0.47 | 5.73 | 1 | 1 | - |
| 2020-21 | 0.47 | -1.59 | 1 | - | 1 |
| 2021-22 | 0.47 | -0.45 | 1 | - | 1 |
| **ସରକାରୀ କମ୍ପାନୀ ସମୂହ** | | | | | |
| 2019-20 | 662.75 | 911.48 | 6 | 4 | 2 |
| 2020-21 | 1,640.31 | 70.61 | 7 | 5 | 2 |
| 2021-22 | 1,760.18 | 1,675.28 | 9 | 8 | 1 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଏହା ଦେଖାଯାଇଥିଲା ଯେ ପୂର୍ବ ବର୍ଷ ତୁଳନାରେ 2021-22 ମଧ୍ୟରେ ଆଇସିଆର୍ ଧନାତ୍ମକ ଥିବା ଏସ୍‌ପିଏସ୍‌ଇର ସଂଖ୍ୟା ସରକାରୀ କମ୍ପାନୀ କ୍ଷେତ୍ରରେ ସଂଖ୍ୟା ବୃଦ୍ଧି ପାଇଛି ଏବଂ ବୈଧାନିକ ନିଗମ କ୍ଷେତ୍ରରେ ହ୍ରାସ ପାଇଛି ।

### 1.2.2.4 ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ-ୱାରୀ ବିଶ୍ଳେଷଣ

31 ମାର୍ଚ୍ଚ 2022 ସୁଦ୍ଧା, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଚାରୋଟି ଏସ୍‌ପିଏସ୍‌ଇର ଦୀର୍ଘକାଳୀନ ଋଣ ଉପରେ 956.09 କୋଟି ଟଙ୍କାର ସୁଧ ବକେୟା ଥିଲା। ଏସ୍‌ପିଏସ୍‌ଇଗୁଡିକରେ ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ-ୱାରୀ ବିଶ୍ଳେଷଣ ନିମ୍ନ ସାରଣୀରେ ଚିତ୍ରିତ ହୋଇଅଛି:

**ସାରଣୀ 1.10: ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1 ବର୍ଷରୁ କମ୍ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1ରୁ 3 ବର୍ଷ ପର୍ଯ୍ୟନ୍ତ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 3 ବର୍ଷରୁ ଅଧିକା ବକେୟା |
|---|---|---|---|---|---|
| 1 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | 842.27 | 66.94 | 140.23 | 635.10 |
| 2 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 0.98 | - | - | 0.98 |
| 3 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 56.53 | 1.66 | 6.04 | 48.83 |
| 4 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | 56.31 | 21.58 | 0 | 34.73 |
| **ମୋଟ** | | **956.09** | **90.18** | **146.27** | **719.64** |


*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକରୁ ପ୍ରାପ୍ତ ହୋଇଥିବା ସୂଚନା ଆଧାରରେ ସଂକଳିତ)*

ଉପର୍ଯ୍ୟୁକ୍ତ ସାରଣୀରୁ ଏହା ଜଣା ପଡ଼ିଛି ଯେ କମ୍ପାନୀଗୁଡ଼ିକ ସୁଧ ପଇଠ କରିବାରେ ବିଫଳ ହୋଇଥିଲେ ଯାହାକି ଗୋଟିଏ ବର୍ଷ ମଧ୍ୟରେ ପ୍ରଦାନ କରାଯିବା ଉଚିତ୍, ଫଳସ୍ୱରୂପ ବର୍ଷକୁ ବର୍ଷ ରାଜ୍ୟ ସରକାର ଋଣ ଉପରେ ସୁଧ ଜମା ହେଉଛି ।

## 1.2.3 ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ

ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା 2021-22 ବର୍ଷ ମଧ୍ୟରେ 12ଟି[6] ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀରେ ବିନିଯୋଗ ହୋଇଥିବା ପୁଞ୍ଜି ନିମ୍ନ ଋର୍ଟରେ ଚିତ୍ରିତ ହୋଇଅଛି:

**ଋର୍ଟ 1.3: ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଅଂଶଧନ ପୁଞ୍ଜି ରଚନା**




*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

31 ମାର୍ଚ୍ଚ 2022 ମଧ୍ୟରେ, ଏହି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକରେ ସାଧାରଣ ଅଂଶଧନ 2020-21 ସହିତ ସମାନ ରହିଛି ।


## 1.3 ଏସ୍‌ପିଏସ୍‌ଇଗୁଡିକରୁ ଉପାର୍ଜନ

### 1.3.1 ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ପ୍ରାପ୍ତ ଲାଭ

2020-21ରେ 23ଟି ଏସ୍‌ପିଏସ୍‌ଇର ଅର୍ଜିତ ଲାଭ 1,937.72 କୋଟି ଟଙ୍କାରୁ ବୃଦ୍ଧି ପାଇ 2021-22ରେ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 32ଟି ସରକାରୀ କମ୍ପାନୀ ଓ ନିଗମମାନଙ୍କ ମଧ୍ୟରୁ 21ଟି ଏସ୍‌ପିଏସ୍‌ଇରେ 3,289.86 କୋଟି ଟଙ୍କା ହୋଇଥିଲା । 2021-22ରେ 21ଟି ଏସ୍‌ପିଏସ୍‌ଇର ସାଧାରଣ ଅଂଶଧନ ଉପରେ ଲାଭ (ଆର୍‌ଓଇ) 22.37 ପ୍ରତିଶତ ଥିଲା, ଯାହା 2020-21ରେ 23ଟି ଏସ୍‌ପିଏସ୍‌ଇରେ 20.04 ପ୍ରତିଶତ ଥିଲା । 2019-20ରୁ 2021-22 ମଧ୍ୟରେ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା ନିମ୍ନ ଋର୍ଟରେ ଚିତ୍ରିତ ହୋଇଅଛି:

[6] 15 ବିଯୁକ୍ତ 3ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀସମୂହ ଯାହାର ହିସାବ ତିନି ବର୍ଷ କିମ୍ବା ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା ।

ଚାର୍ଟ 1.4: ଲାଭ କରିଥିବା ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା




*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

2021-22 ମଧ୍ୟରେ ସର୍ବାଧିକ ଲାଭ ପ୍ରଦାନ କରିଥିବା ଶ୍ରେଷ୍ଠ ତିନୋଟି ବିଭାଗର ବିରବଣୀ ନିମ୍ନ ସାରଣୀରେ ଦର୍ଶାଯାଇଅଛି:

**ସାରଣୀ 1.11: 2020-21ଏବଂ 2021-22ରେ ସର୍ବାଧିକ ଲାଭ ପ୍ରଦାନ କରିଥିବା ଶ୍ରେଷ୍ଠ ତିନୋଟି ବିଭାଗ**

| ବିଭାଗର ନାମ | 2021-22 | | | 2020-21 | | |
|---|---|---|---|---|---|---|
| | ଲାଭ କରୁଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର | ଲାଭ କରୁଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର |
| **ଇସ୍ପାତ ଓ ଖଣି** | | | | | | |
| ସରକାରୀ କମ୍ପାନୀ | 1 | 906.12 | 104.57 | 1 | -234.42 | - |
| **ଜଳ ସମ୍ପଦ** | | | | | | |
| ସରକାରୀ କମ୍ପାନୀ | 1 | 49.05 | 5.66 | 1 | 49.88 | - |
| **ଗୃହ** | | | | | | |
| ସରକାରୀ କମ୍ପାନୀ | 1 | 20.95 | 2.42 | 1 | 20.06 | - |
| **ମୋଟ** | 3 | 976.12 | 112.66 | 3 | 100.95 | - |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

2021-22 ବର୍ଷ ମଧ୍ୟରେ 50 କୋଟି ଟଙ୍କାରୁ ଅଧିକ ଲାଭ ହାସଲ କରିଥିବା ସରକାରୀ କମ୍ପାନୀଗୁଡିକର ତାଲିକା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 1.12: 50 କୋଟି ଟଙ୍କାରୁ ଅଧିକ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇ ଗୁଡିକର ତାଲିକା**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ନିଟ୍ ଲାଭ |
|---|---|---|
| 1 | ଓଡିଶା ଖଣି ନିଗମ ଲିମିଟେଡ୍ | 2,731.72 |
| 2 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ | 180.64 |
| 3 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | 61.97 |
| 4 | ଓଡ଼ିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | 158.27 |
| **ମୋଟ** | | 3,132.60 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଏହା ଦେଖାଯାଇପାରେ ଯେ ଏହି ଚାରୋଟି ଏସ୍‌ପିଏସ୍‌ଇ 2021-22 ମଧ୍ୟରେ 21ଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜିତ ମୋଟ ଲାଭରେ 95.22 ପ୍ରତିଶତ ଯୋଗଦାନ ଦେଇଥିଲେ।

12ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ 6ଟି କମ୍ପାନୀ 31 ମାର୍ଚ୍ଚ 2022 ଶେଷ ହୋଇଥିବା ବର୍ଷରେ 3.33 କୋଟି ଟଙ୍କା ଲାଭ କରିଥିଲେ।

### 1.3.2 ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ହୋଇଥିବା କ୍ଷତି

2021-22 ବର୍ଷ ମଧ୍ୟରେ 11ଟି ସରକାରୀ କମ୍ପାନୀ ଏବଂ ନିଗମ କ୍ଷତି ସହିଥିଲେ। 2020-21 ମଧ୍ୟରେ ଏହି ଏସ୍‌ପିଏସ୍‌ଇଗୁଡ଼ିକ ଦ୍ୱାରା କ୍ଷତି ହୋଇଥିବା 3,414.86 କୋଟି ଟଙ୍କା ତୁଳନାରେ ଏହି ଏସ୍‌ପିଏସ୍‌ଇଗୁଡ଼ିକ 2021-22 ମଧ୍ୟରେ 2,423.12 କୋଟି ଟଙ୍କା କ୍ଷତି ସହିଥିଲେ ଯାହା **ପରିଶିଷ୍ଟ 6**ରେ ଦିଆଯାଇଛି । 2019-20ରୁ 2021-22 ପର୍ଯ୍ୟନ୍ତ କ୍ଷତି ସହିଥିବା ଏସ୍‌ପିଏସ୍‌ଇଗୁଡ଼ିକର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 1.13: 2019-20ରୁ 2021-22 ଅବଧିରେ କ୍ଷତି ସହିଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା**

| ବର୍ଷ | କ୍ଷତି ସହିଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ବର୍ଷକ ପାଇଁ ନିଟ୍ କ୍ଷତି (ଟଙ୍କା କୋଟିରେ) | ଏକତ୍ରୀକୃତ କ୍ଷତି (ଟଙ୍କା କୋଟିରେ) | ନିଟ୍ ମୂଲ୍ୟ[7] (ଟଙ୍କା କୋଟିରେ) |
|---|---|---|---|---|
| **ସରକାରୀ କମ୍ପାନୀ** | | | | |
| 2019-20 | 7 | 304.52 | 4,982.95 | -3,873.27 |
| 2020-21 | 10 | 3,568.19 | 7,453.93 | -2,936.07 |
| 2021-22 | 11 | 2,423.12 | 8,035.66 | -2,106.83 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

11ଟି ସରକାରୀ ଏସ୍‌ପିଏସ୍‌ଇ ଦ୍ୱାରା ହୋଇଥିବା 2,423.12 କୋଟି ଟଙ୍କା କ୍ଷତି ମଧ୍ୟରୁ 2,361.39 କୋଟି ଟଙ୍କା କ୍ଷତି ମୁଖ୍ୟତଃ ଶକ୍ତି ଏବଂ ଇସ୍ପାତ ଓ ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିବା ତିନୋଟି ଏସ୍‌ପିଏସ୍‌ଇ (ଗ୍ରୀଡ୍‌କୋ ଲିମିଟେଡ୍, ଓଡ଼ିଶା ତାପଜ ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ ଏବଂ ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ) ଦ୍ୱାରା ହୋଇଥିଲା। 2021-22 ମଧ୍ୟରେ ପ୍ରମୁଖ କ୍ଷତି ସହିଥିବା ପାଞ୍ଚୋଟି କମ୍ପାନୀ ନିମ୍ନରେ ଦିଆଯାଇଛି:।

i) **ଗ୍ରୀଡ୍‌କୋ ଲିମିଟେଡ୍**: 2021-22 ମଧ୍ୟରେ 440.18 କୋଟି ଟଙ୍କା କ୍ଷତିର ମୁଖ୍ୟ କାରଣ ହେଉଛି ଉଚ୍ଚ ମୂଲ୍ୟର ବିଦ୍ୟୁତ୍ କ୍ରୟ ଏବଂ ବିତ୍ତୀୟ ବ୍ୟୟରେ ବୃଦ୍ଧି ।

ii) **ଓଡିଶା ତାପଜ ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି)**: 2021-22 ମଧ୍ୟରେ 102.83 କୋଟି ଟଙ୍କାର କ୍ଷତି ମୁଖ୍ୟତଃ ସାମଗ୍ରୀ ଖର୍ଚ୍ଚ ଏବଂ ବିତ୍ତୀୟ ବ୍ୟୟ ଯୋଗୁ ହୋଇଥିଲା ।

iii) **ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି)**: 2020-21 ମଧ୍ୟରେ 1,818.38 କୋଟି ଟଙ୍କା କ୍ଷତି ମୁଖ୍ୟତଃ ପ୍ରକଳ୍ପ ଖର୍ଚ୍ଚ ହେତୁ ହୋଇଥିଲା ।

iv) **ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ (ଆଇକେଆଇଡବ୍ଲ୍ୟୁଏଲ୍)**: 2021-22 ମଧ୍ୟରେ 37.64 କୋଟି ଟଙ୍କା କ୍ଷତି କାରବାର ନହୋଇଥିବା ହେତୁ ହୋଇଥିଲା।

v) **ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି)**: 2020-21 ମଧ୍ୟରେ 10.59 କୋଟି ଟଙ୍କା କ୍ଷତି କାରବାର ରାଜସ୍ୱ ତୁଳନାରେ ଅପରେସନ୍ ଏବଂ କର୍ମଚାରୀ ସୁବିଧା ବାବଦରେ ଅଧିକ ଖର୍ଚ୍ଚ ଯୋଗୁ ହୋଇଥିଲା।

7 ନିଟ୍ ମୂଲ୍ୟର ଅର୍ଥ ହେଉଛି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣ ଓ ବଳକାର ସମଷ୍ଟି, ବିଯୁକ୍ତ ଏକତ୍ରୀକୃତ କ୍ଷତି ଏବଂ ବିଳମ୍ବିତ ରାଜସ୍ୱ ବ୍ୟୟ। ମୁକ୍ତ ଆରକ୍ଷଣ ଅର୍ଥ ହେଉଛି ଲାଭ ଏବଂ ଅଂଶ ପ୍ରିମିୟମ ଖାତାରୁ ସୃଷ୍ଟି ହୋଇଥିବା ସମସ୍ତ ଆରକ୍ଷଣ, କିନ୍ତୁ ସମ୍ପତ୍ତିର ପୁନଃ ମୂଲ୍ୟାଙ୍କନରୁ ସୃଷ୍ଟି ହୋଇଥିବା ଆରକ୍ଷଣ ଓ ଅବକ୍ଷୟଣ ପ୍ରାବଧାନର ପୁନଃଲେଖନକୁ ଅନ୍ତର୍ଭୁକ୍ତ କରେ ନାହିଁ।

### 1.3.3 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକରେ ପୁଞ୍ଜି କ୍ଷୟ

31 ମାର୍ଚ୍ଚ 2022 ସୁଦ୍ଧା, 32ଟି ମଧ୍ୟରୁ 11ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକର ଏକତ୍ରୀକୃତ କ୍ଷତି 8,980.85 କୋଟି ଟଙ୍କା ଥିଲା। 2021-22 ବର୍ଷରେ 11ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଛଅଟି ଏସ୍‌ପିଏସ୍‌ଇ 497.70 କୋଟି ଟଙ୍କା କ୍ଷତି ସହିଥିଲେ, ଅବଶିଷ୍ଟ ପାଞ୍ଚଟି ଏସ୍‌ପିଏସ୍‌ଇ 2021-22 ବର୍ଷରେ କ୍ଷତି କରିନଥିଲେ ଯଦିଓ ସେମାନଙ୍କର 240.31 କୋଟି ଟଙ୍କାର ଏକତ୍ରୀକୃତ କ୍ଷତି ରହିଥିଲା।

11ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଆଠଟିର ନିଟ୍ ମୂଲ୍ୟ ଜମା ହୋଇଥିବା କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ ଭାବେ କ୍ଷୟ ହୋଇଯାଇଥିଲା ଏବଂ ଋଣାତ୍ମକ ଥିଲା। 31 ମାର୍ଚ୍ଚ 2022 ସୁଦ୍ଧା ଏହି ଏସ୍‌ପିଏସ୍‌ଇଗୁଡିକର ମୋଟ 3,443.97 କୋଟି ଟଙ୍କାର ସାଧାରଣ ଅଂଶଧନ ନିବେଶ ହୋଇଥିବା ବେଳେ ଏହି ଆଠଟି ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ (-) 5,256.37 କୋଟି ଟଙ୍କା ଥିଲା। ପୁଞ୍ଜି ସମ୍ପୂର୍ଣ୍ଣ ଭାବରେ କ୍ଷୟ (ଋଣାତ୍ମକ ନିଟ୍ ମୂଲ୍ୟ) ହୋଇଥିବା ଆଠଟି ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ଏସ୍‌ପିଏସ୍‌ଇ 2021-22 **(ପରିଶିଷ୍ଟ 7)**ରେ 29.58 କୋଟି ଟଙ୍କାର ଲାଭ ହାସଲ କରିଥିଲେ।

21ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଦୁଇଟି[8] ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ ସେମାନଙ୍କ ସମାଦତ୍ତ ପୁଞ୍ଜିର ଅଧାରୁ କମ ଥିଲା ଯାହାର ନିଟ୍ ମୂଲ୍ୟ 31 ମାର୍ଚ୍ଚ 2022 ଶେଷରେ ଧନାତ୍ମକ ଥିଲା, ଏହା ସେମାନଙ୍କର ସମ୍ଭାବ୍ୟ ଆର୍ଥିକ ଦୁର୍ବଳତାକୁ ସୂଚାଉଥିଲା। ମୋଟ ଉପରେ ସମସ୍ତ 32ଟି ସରକାରୀ କମ୍ପାନୀ ଓ ନିଗମର ମୋଟ ନିଟ୍ ମୂଲ୍ୟ 12,598.72 କୋଟି ଟଙ୍କା ଥିବା ବେଳେ ସେମାନଙ୍କର ମୋଟ ସମାଦତ୍ତ ପୁଞ୍ଜି 9,300.84 କୋଟି ଟଙ୍କା ରହିଥିଲା।

### 1.3.4 ଏସ୍‌ପିଏସ୍‌ଇ ଦ୍ୱାରା ଲାଭାଂଶ ପ୍ରଦାନ

ରାଜ୍ୟ ସରକାର ଲାଭାଂଶ ନୀତି ପ୍ରସ୍ତୁତ କରିଥିଲେ (ଡିସେମ୍ବର 2011) ଯେଉଁଥିରେ ସମସ୍ତ ଲାଭ କରୁଥିବା ପିଏସୟୁଗୁଡିକ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନର 20 ପ୍ରତିଶତ କିମ୍ବା ଟିକସ ପରବର୍ତ୍ତୀ ଲାଭର 20 ପ୍ରତିଶତ ମଧ୍ୟରୁ ଯାହା ଅଧିକ ତାହା ବାର୍ଷିକ ଲାଭାଂଶ ଆକାରରେ ଦେବାର ଥିଲା। ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଥିବା ପିଏସୟୁଗୁଡିକ ପାଇଁ ସର୍ବନିମ୍ନ ଲାଭାଂଶ ପ୍ରଦାନ ଟିକସପରବର୍ତ୍ତୀ ଲାଭର 30 ପ୍ରତିଶତ ଥିଲା। ପରବର୍ତ୍ତୀ ସମୟରେ, ଜିଓଓ ସମସ୍ତ ପିଏସୟୁ ପାଇଁ 30 ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ କରିବା ପାଇଁ ସଂଶୋଧିତ ନୀତି ଜାରି କରିଥିଲେ (ଫେବୃଆରୀ 2016)। କିନ୍ତୁ, ସାତଟି ଏସ୍‌ପିଏସ୍‌ଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଆଧାରରେ ଲାଭାଂଶ ଘୋଷଣା କରି ନଥିଲେ ଯାହା **ପରିଶିଷ୍ଟ 8**ରେ ଦିଆଗଲା। ଏହି ହିସାବରେ ମୋଟ ନିଅଣ୍ଟ 2021-22ରେ 558.25 କୋଟି ଟଙ୍କା ଥିଲା।

ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମସମୂହ ଦ୍ୱାରା ଅର୍ଜିତ ଲାଭ ଏବଂ ଘୋଷିତ/ ପ୍ରଦତ୍ତ ଲାଭାଂଶର ବିବରଣୀ ନିମ୍ନରେ ଥିବା ସାରଣୀରେ ଦିଆଯାଇଛି:

**ସାରଣୀ 1.14: ଅର୍ଜିତ ଲାଭ ଏବଂ ଘୋଷିତ/ପ୍ରଦତ୍ତ ଲାଭାଂଶ**

| ବର୍ଗ | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ମୋଟ ସମାଦତ୍ତ ପୁଞ୍ଜି (ଟଙ୍କା କୋଟିରେ) | ନିଟ୍ ଲାଭ (ଟଙ୍କା କୋଟିରେ) | ଘୋଷିତ ଲାଭାଂଶ (ଟଙ୍କା କୋଟିରେ) |
|---|---|---|---|---|
| ସରକାରୀ କମ୍ପାନୀ | 11 | 958.90 | 3,039.97 | 565.10 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*


32ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ମଧ୍ୟରୁ 11ଟି ଏସ୍‌ପିଏସ୍‌ଇ 2021-22ରେ ଲାଭାଂଶ ଘୋଷଣା କରିଥିଲେ। ଲାଭାଂଶ ଘୋଷଣା/ପ୍ରଦାନ କରିଥିବା ଆଠଟି ଏସ୍‌ପିଏସ୍‌ଇ ମଧ୍ୟରୁ ଗୋଟିଏ ଏସ୍‌ପିଏସ୍‌ଇ ଯଥା:

8 ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଓଡ଼ିଶା ଜଳ ନିଗମ ଲିମିଟେଡ୍

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମକୁ 2021-22ରେ ବାଦ ଦିଆଯାଇଛି କାରଣ ଏହା 2019-20ରୁ 2021-22 ମଧ୍ୟରେ ତା'ର ବାର୍ଷିକ ହିସାବ ଦାଖଲ କରିନଥିଲା। ନିଟ୍ ଲାଭରେ ଘୋଷିତ ଲାଭାଂଶର ଶତକଡା ହାର 2020-21ରେ 57.76 ପ୍ରତିଶତରୁ 2021-22ରେ 18.59 ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାରେ କହିଲେ, 2021-22ରେ ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ଲାଭାଂଶ ପୂର୍ବବର୍ଷ ତୁଳନାରେ 484.63 କୋଟି ଟଙ୍କା ହ୍ରାସ ପାଇଥିଲା। ନିମ୍ନ ଚାର୍ଟରେ ଗତ ତିନି ବର୍ଷ ମଧ୍ୟରେ ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ଘୋଷିତ ଲାଭାଂଶ, ସେମାନଙ୍କ ଦ୍ୱାରା ଅର୍ଜିତ ଲାଭ ଏବଂ ସେମାନଙ୍କ ସମାଦତ୍ତ ପୁଞ୍ଜିକୁ ଚିତ୍ରଣ କରାଯାଇଛି ।

**ଚାର୍ଟ 1.5: ଘୋଷିତ ଲାଭାଂଶ, ନିଟ୍ ଲାଭ ଏବଂ ସମାଦତ୍ତ ପୁଞ୍ଜିର ତୁଳନାତ୍ମକ ଚିତ୍ର**

*(ଟଙ୍କା କୋଟିରେ)*




*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟ ଆଧାରରେ ସଂକଳିତ)*

2021-22 ବର୍ଷ ପାଇଁ 11ଟି ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ହୋଇଥିବା 565.10 କୋଟି ଟଙ୍କାର ମୋଟ ଲାଭାଂଶ ମଧ୍ୟରୁ ରାଜ୍ୟ ସରକାର ଗ୍ରହଣ କରିଥିବା/ଗ୍ରହଣଯୋଗ୍ୟ ଲାଭାଂଶ 564.81 କୋଟି ଟଙ୍କା ଥିଲା (ଘୋଷିତ ମୋଟ ଲାଭାଂଶର 99.95 ପ୍ରତିଶତ)। ଏହି 11ଟି ଏସ୍‌ପିଏସ୍‌ଇର ମୋଟ ସାଧାରଣ ଅଂଶଧନ ନିବେଶ 958.90 କୋଟି ଟଙ୍କା ଥିବା ବେଳେ ସେଥିରୁ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନ ନିବେଶ 956.97 କୋଟି ଟଙ୍କା ଥିଲା।

12ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ ଛଅଟି କମ୍ପାନୀ 31 ମାର୍ଚ୍ଚ 2022ରେ ଶେଷ ହେଉଥିବା ବର୍ଷରେ 3.33 କୋଟି ଟଙ୍କା ଲାଭ କରିଥିଲେ। କିନ୍ତୁ, ଏହି ଛଅଟି କମ୍ପାନୀ ମଧ୍ୟରୁ 2021-22 ମଧ୍ୟରେ କୌଣସି କମ୍ପାନୀ ଲାଭାଂଶ ଘୋଷଣା/ପ୍ରଦାନ କରି ନଥିଲେ।


## ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମର ପରିଚାଳନାଗତ ଦକ୍ଷତା

### 1.4 ଉତ୍ପାଦନର ମୂଲ୍ୟ

ତିନି ବର୍ଷ ମଧ୍ୟରେ 15ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରେ ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜିର ସାରାଂଶ ନିମ୍ନରେ ଦିଆଯାଇଥିବା ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ 1.6: ଉତ୍ପାଦନର ମୂଲ୍ୟ, ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି**

*(ଟଙ୍କା କୋଟିରେ)*




*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ପୂର୍ବ ବର୍ଷ ତୁଳନାରେ 2021-22 ବର୍ଷରେ ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ବୃଦ୍ଧି ପାଇଥିଲା। **ପରିଶିଷ୍ଟ 9**ରେ ଏସ୍‌ପିଏସ୍‌ଇଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜିର ବିବରଣୀ ଦିଆଗଲା।

### 1.4.1 ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ (ଆର୍‌ଓସିଇ)

ଆର୍‌ଓସିଇ ହେଉଛି ଏକ ଅନୁପାତ ଯାହା ଏକ କମ୍ପାନୀର ଲାଭଦାୟକତା ଏବଂ ଏହାର ପୁଞ୍ଜି ନିୟୋଜିତ କରିବାର ଦକ୍ଷତାକୁ ସୂଚାଇ ଥାଏ। ନିୟୋଜିତ ପୁଞ୍ଜି[9] ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ ଏକ କମ୍ପାନୀର ଆୟ(ଇବିଆଇଟି)କୁ ଭାଗ କରି ଆର୍‌ଓସିଇ ଗଣନା କରାଯାଏ। **ପରିଶିଷ୍ଟ 10**ରେ ଏସ୍‌ପିଏସ୍‌ଇଗୁଡିକର ଆର୍‌ଓସିଇର ବିବରଣୀ ଦିଆଯାଇଛି। 2019-20ରୁ 2021-22 ମଧ୍ୟରେ 32ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମର ଏକତ୍ରିତ ଆର୍‌ଓସିଇ ନିମ୍ନ ସାରଣୀରେ ଦିଆଯାଇଛି।

**ସାରଣୀ 1.15: ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ**

| ବର୍ଷ | ଇବିଆଇଟି (ଟଙ୍କା କୋଟିରେ) | ନିୟୋଜିତ ପୁଞ୍ଜି (ଟଙ୍କା କୋଟିରେ) | ଆର୍‌ଓସିଇ (ଶତକଡାରେ) |
|---|---|---|---|
| 2019-20 | 2,754.36 | 22,762.61 | 12.10 |
| 2020-21 | 898.44 | 22,908.04 | 3.92 |
| 2021-22 | 3,921.16 | 28,502.10 | 13.76 |

***(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)***

ଏହା ଦେଖାଗଲା ଯେ 2020-21 ବର୍ଷ ତୁଳନାରେ 2021-22 ବର୍ଷ ମଧ୍ୟରେ 32ଟି ସରକାରୀ କମ୍ପାନୀ ଏବଂ ନିଗମର ଆର୍‌ଓସିଇ ଅଧିକ ଥିଲା ।

### 1.4.2 ଏସ୍‌ପିଏସ୍‌ଇଗୁଡିକର ଇକ୍ୱିଟି ଉପରେ ଉପାର୍ଜନ (ଆର୍‌ଓଇ)

ଆର୍‌ଓଇ[10] ହେଉଛି କମ୍ପାନୀଗୁଡିକର ଆର୍ଥିକ ପ୍ରଦର୍ଶନର ଏକ ମାପ ଯାହାକି ନିଟ୍ ଲାଭକୁ ଅଂଶୀଦାରମାନଙ୍କ

---

[9] ନିୟୋଜିତ ପୁଞ୍ଜି= ସମାଦତ୍ତ ପୁଞ୍ଜି + ମୁକ୍ତ ଆରକ୍ଷଣ ଏବଂ ବଳକା + ଦୀର୍ଘକାଳୀନ ଋଣ – ଏକତ୍ରୀକୃତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

[10] ଇକ୍ୱିଟି ଉପରେ ଉପାର୍ଜନ = (ଟିକସ ଏବଂ ପ୍ରିଫରେନ୍ସ ଲାଭାଂଶ ପରବର୍ତ୍ତୀ ନିଟ୍ ଲାଭ /ଇକ୍ୱିଟି)*100 ଯେଉଁଠାରେ ଇକ୍ୱିଟି = ସମାଦତ୍ତ ପୁଞ୍ଜି + ମୁକ୍ତ ଆରକ୍ଷଣ ଏବଂ ବଳକା – ଏକତ୍ରୀକୃତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

ଇକ୍ୱିଟି ଦ୍ୱାରା ଭାଗ କରି ଗଣନା କରାଯାଏ। ଏସ୍‌ପିଏସ୍‌ଇ-ଓ୍ୱାରୀ ଆର୍‌ଓଇ **ପରିଶିଷ୍ଟ 11**ରେ ଦିଆଯାଇଛି। 2019-20ରୁ 2021-22 ମଧ୍ୟରେ 32ଟି ସରକାରୀ କମ୍ପାନୀ ଏବଂ ନିଗମର ଏକତ୍ରିତ ଆର୍‌ଓଇ ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 1.16: ଇକ୍ୱିଟି ଉପରେ ଉପାର୍ଜନ**

| ବର୍ଷ | ଟିକସ ଓ ପ୍ରିଫରେନ୍ସ ଲାଭାଂଶ ପରବର୍ତ୍ତୀ ନିଟ୍ ଲାଭ (ଟଙ୍କା କୋଟିରେ) | ଇକ୍ୱିଟି (ଟଙ୍କା କୋଟିରେ) | ଆର୍‌ଓଇ (ଶତକଡାରେ) |
|---|---|---|---|
| 2019-20 | 1,381.20 | 9,594.64 | 14.40 |
| 2020-21 | -1,651.19 | 6,914.22 | -23.88 |
| 2021-22 | 866.78 | 12,598.70 | 6.88 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଏହା ଦେଖାଗଲା ଯେ 32ଟି ସରକାରୀ କମ୍ପାନୀ ଏବଂ ନିଗମର 2020-21 ବର୍ଷରେ ଋଣାତ୍ମକ ଆର୍‌ଓଇ ତୁଳନାରେ 2021-22 ବର୍ଷରେ ବୃଦ୍ଧି ପାଇଥିଲା ଏବଂ ଆର୍‌ଓଇ ଧନାତ୍ମକ ହୋଇଯାଇଥିଲା। 2019-20ରୁ 2021-22 ବର୍ଷ ମଧ୍ୟରେ ଯେଉଁ ସରକାରୀ କମ୍ପାନୀ ଏବଂ ନିଗମର କ୍ଷେତ୍ର-ଓ୍ୱାରୀ ମୋଟ ଇକ୍ୱିଟି ଯେଉଁଠାରେ 50 କୋଟି ଟଙ୍କାରୁ ଅଧିକ ଥିଲା ସେମାନଙ୍କ କ୍ଷେତ୍ର-ଓ୍ୱାରୀ ଆର୍‌ଓଇ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.17: ସମୁଦାୟ ଇକ୍ୱିଟି 50 କୋଟି ଟଙ୍କା ଏବଂ ଅଧିକ ଥିବା କ୍ଷେତ୍ରଗୁଡିକର ଆର୍‌ଓଇ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ବିଭାଗର ନାମ | 2019-20 | 2020-21 | 2021-22 |
|---|---|---|---|---|
| 1 | ଶିକ୍ଷା | -15.42 | -9.58 | 0.77 |
| 2 | ବାଣିଜ୍ୟ ଏବଂ ପରିବହନ | 2.57 | 2.57 | -6.26 |
| 3 | ଶକ୍ତି | 3.64 | -194.59 | -4.77 |
| 4 | ଇସ୍ପାତ ଏବଂ ଖଣି | 18.00 | -3.57 | 10.20 |
| 5 | ଗୃହ | 13.82 | 14.57 | 13.75 |
| 6 | ଜଳସମ୍ପଦ | 33.30 | 33.30 | 27.19 |
| 7 | ଅବକାରୀ | 9.37 | 9.37 | 6.07 |
| 8 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 15.59 | 15.59 | 2.97 |
| 9 | କୃଷି ଏବଂ କୃଷକ ସଶକ୍ତିକରଣ | 15.81 | 18.67 | 6.43 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଉପର୍ଯ୍ୟୁକ୍ତ ସାରଣୀରୁ ଏହା ଦେଖିବାକୁ ମିଳେ ଯେ 2021-22 ବର୍ଷରେ ଶିକ୍ଷା କ୍ଷେତ୍ରରେ ଆର୍‌ଓଇ ବୃଦ୍ଧି ପାଇଛି ।

### 1.4.3 ସରକାରୀ ବିନିଯୋଗ ଉପରେ ପ୍ରକୃତ ଲାଭର ହାର (ଆର୍‌ଓଆର୍‌ଆର୍)

ଆର୍‌ଓଆର୍‌ଆର୍ ଲାଭ ଏବଂ ଦକ୍ଷତା ମାପ କରେ ଯେଉଁଥିରେ ଇକ୍ୱିଟି ଏବଂ ସମାନ ଅଣ-ସୁଧ ବହନ କରୁଥିବା ପୁଞ୍ଜିଗୁଡିକ ସେମାନଙ୍କ ସମୟ ମୂଲ୍ୟ ପାଇଁ ସଜାଡିବା ପରେ ନିୟୋଜିତ ହୋଇଛି ଏବଂ ପାରମ୍ପରିକ ଆର୍‌ଓଆର୍ ସହିତ ତୁଳନା କଲେ ତାହାର ମହତ୍ୱ ଜଣାଯାଏ, ଯାହା ଐତିହାସିକ ମୂଲ୍ୟ ଆଧାରରେ ସେପରି ସମସ୍ତ ବିନିଯୋଗର ରାଶି ଦ୍ୱାରା ପିଏଟି ଭାଗ କରି ଗଣନା କରାଯାଏ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 44ଟି ଏସ୍‌ପିଏସ୍‌ଇ ମଧ୍ୟରୁ 27ଟି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାର ପ୍ରତ୍ୟକ୍ଷ ବିନିଯୋଗ କରିଛନ୍ତି।

ଏହି ଏସ୍‌ପିଏସ୍‌ଇଗୁଡିକରେ ରାଜ୍ୟ ସରକାରଙ୍କ ବିନିଯୋଗର ଆର୍‌ଓଆର୍‌ଆର୍ ନିମ୍ନଲିଖିତ ଅନୁମାନ ଆଧାରରେ ଗଣନା କରାଯାଇଥିଲା:

- ସରକାରୀ ଉଦ୍ୟୋଗଗୁଡିକରେ ଇକ୍ୱିଟି ଆକାରରେ ରାଜ୍ୟ ସରକାରଙ୍କ ବାସ୍ତବ ବିନିଯୋଗ ବ୍ୟତୀତ କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ସୁଧମୁକ୍ତ ଋଣ ଏବଂ ଅନୁଦାନ/ସବ୍‌ସିଡି ଦେଇଥିଲେ ଯାହାକି ରାଜ୍ୟ ସରକାରଙ୍କ ନିବେଶ ଭାବେ ବିବେଚନା କରାଯାଇଛି।

- ଯେଉଁ କ୍ଷେତ୍ରରେ ଏସ୍‌ପିଏସ୍‌ଇକୁ ଦିଆଯାଇଥିବା ସୁଧମୁକ୍ତ ଋଣ ପରେ ଇକ୍ୱିଟିରେ ରୂପାନ୍ତରିତ ହୋଇଥିଲା, ଇକ୍ୱିଟିରେ ରୂପାନ୍ତରିତ ଋଣ ପରିମାଣ ସୁଧମୁକ୍ତ ଋଣ ପରିମାଣରୁ କଟାଯାଇ ସେହି ବର୍ଷର ଇକ୍ୱିଟିରେ ଯୋଡି ଦିଆଗଲା।

- ସମ୍ପୃକ୍ତ ଆର୍ଥିକ ବର୍ଷ[11] ପାଇଁ ରାଜ୍ୟ ସରକାରୀ ସିକ୍ୟୁରିଟି ଉପରେ ହାରାହାରି ସୁଧ ହାର ବର୍ତ୍ତମାନର ମୂଲ୍ୟ (ପିଭି)ରେ ପହଞ୍ଚିବା ପାଇଁ ଚକ୍ରବୃଦ୍ଧି ହାର ଭାବରେ ଗ୍ରହଣ କରାଯାଇଥିଲା କାରଣ ସେମାନେ ବର୍ଷ ପାଇଁ ପାଣ୍ଠି ବିନିଯୋଗରେ ସରକାରଙ୍କ ଖର୍ଚ୍ଚକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେଥିପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜି ବିନିଯୋଗରେ ଆଶା କରାଯାଉଥିବା ଉପାର୍ଜନ ହାର ସର୍ବନିମ୍ନ ଭାବରେ ବିବେଚନା କରାଯାଏ।

- ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗର ଆର୍‌ଓଆର୍‌ଆର୍ ଗଣନା ପାଇଁ 2002-03ରୁ ଆରମ୍ଭ କରି 2021-22 ପର୍ଯ୍ୟନ୍ତ ଅବଧିକୁ ବିଚାରକୁ ନିଆଯାଇଥିଲା। ଏଥିପାଇଁ 31 ମାର୍ଚ୍ଚ 2002 ସୁଦ୍ଧା ଏହି 27ଟି ଏସ୍‌ପିଏସ୍‌ଇର ବିନିଯୋଗକୁ 2002-03 ବର୍ଷ ଆରମ୍ଭରେ ରାଜ୍ୟ ସରକାରଙ୍କ ବର୍ତ୍ତମାନ ମୂଲ୍ୟ ଭାବରେ ବିଚାର କରାଯାଇଛି।

- 27ଟି ଏସ୍‌ପିଏସ୍‌ଇର ଆର୍‌ଓଆର୍‌ଆର୍ ଗଣନା କରାଯାଇଛି ଯାହା **ପରିଶିଷ୍ଟ 12**ରେ ବିସ୍ତୃତ ଭାବରେ ଦିଆଯାଇଛି।

**ପରିଶିଷ୍ଟ 12**ରେ କରାଯାଇଥିବା ବିଶ୍ଳେଷଣରୁ ଦେଖାଯାଏ ଯେ, 2002-03ରୁ 2021-22 ମଧ୍ୟରେ ଆର୍‌ଓଆର୍‌ଆର୍‌ରେ ଏକ ପରିବର୍ତ୍ତନଶୀଳ ଧାରା ଭାବରେ ଦେଖାଯାଇଛି ଯାହା -6.63ରୁ 17.93 ପ୍ରତିଶତ ମଧ୍ୟରେ ଥିଲା।

**ସାରଣୀ 1.18: 2021-22 ବର୍ଷ ପାଇଁ ରାଜ୍ୟ ସରକାରଙ୍କ ବିନିଯୋଗ ଉପରେ ଏକତ୍ରିତ ଆର୍‌ଓଆର୍‌ଆର୍**

| 2021-22 ରେ ମୋଟ ଆୟ/କ୍ଷତି (ଟଙ୍କା କୋଟିରେ) | ଆରମ୍ଭରୁ 2021-22 ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ବିନିଯୋଗ (ଟଙ୍କା କୋଟିରେ) | ଐତିହାସିକ ମୂଲ୍ୟ ଆଧାରରେ, ରାଜ୍ୟ ସରକାରଙ୍କ ବିନିଯୋଗ ଉପରେ ଉପାର୍ଜନ (ଶତକଡାରେ) | 2021-22 ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ବିନିଯୋଗର ବର୍ତ୍ତମାନ ମୂଲ୍ୟ (ଟଙ୍କା କୋଟିରେ) | ବିନିଯୋଗର ବର୍ତ୍ତମାନ ମୂଲ୍ୟକୁ ବିଚାର କରି ରାଜ୍ୟ ସରକାରଙ୍କ ବିନିଯୋଗ ଉପରେ ଆର୍‌ଓଆର୍‌ଆର୍ (ଶତକଡାରେ) |
|---|---|---|---|---|
| କ | ଖ | ଗ | ଘ | ଙ |
| ପରିଶିଷ୍ଟ 12ର ସ୍ତମ୍ଭ 'ଏମ୍'ର ମୂଲ୍ୟ | ପରିଶିଷ୍ଟ 12ର ସ୍ତମ୍ଭ 'ଏଚ୍'ର ମୋଟ + 2002-03 ଆରମ୍ଭରେ ସରକାରୀ ବିନିଯୋଗ | କ*100/ ଖ | ପରିଶିଷ୍ଟ 12ର ସ୍ତମ୍ଭ 'କେ'ର ମୂଲ୍ୟ | କ *100/ଘ |
| 711.22 | 14,572.83<br>(8,636.02 + 5,936.81) | 4.88 | 38,054.65 | 1.87 |

11 ସରକାରୀ ଋଣ ଉପରେ ହାରାହାରି ସୁଧ ହାର ସମ୍ପୃକ୍ତ ବର୍ଷ ପାଇଁ ରାଜ୍ୟ ଆର୍ଥିକ ହିସାବ(ଓଡିଶା ସରକାର)ର ଭାରତର ସିଏଜିଙ୍କ ପ୍ରତିବେଦନରୁ ଗ୍ରହଣ କରାଯାଇଥିଲା ଯେଉଁଥିରେ ପ୍ରଦତ୍ତ ସୁଧର ହାରାହାରି ହାର = ସୁଧ ଦେୟ/ [(ପୂର୍ବ ବର୍ଷର ଆର୍ଥିକ ଦାୟିତ୍ୱର ପରିମାଣ + ଚଳିତ ବର୍ଷର ଆର୍ଥିକ ଦାୟିତ୍ୱ) / 2] * 100

### 1.4.4 ବିକ୍ରୟ ଏବଂ ମାର୍କେଟିଂ

2021-22 ବର୍ଷରେ, 32ଟି ସରକାରୀ କମ୍ପାନୀ ମଧ୍ୟରୁ 26ଟିର ମୋଟ ବିକ୍ରି 39,963.81 କୋଟି ଟଙ୍କା ଥିଲା, ଯାହା ତୁଳନାରେ 2020-21 ବର୍ଷର ବିକ୍ରି 23,253.96 କୋଟି ଟଙ୍କା ଥିଲା। 2021-22 ବର୍ଷରେ 26ଟି ଏସ୍‌ପିଏସ୍‌ଇ ମଧ୍ୟରୁ 10ଟି ଏସ୍‌ପିଏସ୍‌ଇ ସରକାରୀ କ୍ଷେତ୍ରକୁ 4,138.75 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରି/ ସେବା ଯୋଗାଣ କରିଥିଲେ। ଏହି 10ଟି ଏସ୍‌ପିଏସ୍‌ଇଗୁଡିକର ସରକାରୀ କ୍ଷେତ୍ରକୁ ସାମଗ୍ରୀ ବିକ୍ରୟ ସେମାନଙ୍କ ମୋଟ ବିକ୍ରୟର ସାମଗ୍ରିକ ହାର ହେଉଛି 10.36 ପ୍ରତିଶତ। ଏହି ଅବଧି ମଧ୍ୟରେ କୌଣସି ଏସ୍‌ପିଏସ୍‌ଇର ସାମଗ୍ରୀ/ ସେବାର ରପ୍ତାନି କିମ୍ବା ଆମଦାନୀ କରିନଥିଲେ।

ତିନି ବର୍ଷ ପାଇଁ 26ଟି ଏସ୍‌ପିଏସ୍‌ଇର ସମୁଦାୟ ବିକ୍ରୟ, ସରକାରୀ କ୍ଷେତ୍ରକୁ ବିକ୍ରୟ ଓ ଅନ୍ୟାନ୍ୟ ବିକ୍ରୟ ବିଷୟରେ ନିମ୍ନରେ ଦିଆଯାଇଛି:

**ସାରଣୀ 1.19: 26ଟି ଏସ୍‌ପିଏସ୍‌ଇର ବିକ୍ରୟ ବିବରଣୀ**

*(ଟଙ୍କା କୋଟିରେ)*

| ବର୍ଷ | ମୋଟ ବିକ୍ରୟ | ସରକାରୀ କ୍ଷେତ୍ରକୁ ବିକ୍ରୟ | ଅନ୍ୟକୁ ବିକ୍ରୟ |
|---|---|---|---|
| 2019-20 | 20,895.88 | 3,014.59 | 17,881.51 |
| 2020-21 | 23,253.96 | 3,765.63 | 19,488.33 |
| 2021-22 | 39,963.81 | 4,138.75 | 35,825.06 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

## 1.5 ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ସମୀକ୍ଷା

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ଭାରତର ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଏକ ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀର ବୈଧାନିକ ସମୀକ୍ଷକଙ୍କୁ ନିଯୁକ୍ତ କରନ୍ତି। ଅନୁପୂରକ ସମୀକ୍ଷା କରିବା ତଥା ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ମନ୍ତବ୍ୟ ଜାରି କରିବାର ଅଧିକାର ସିଏଜିଙ୍କର ଅଛି। କେତେକ ନିଗମକୁ ପରିଚାଳନା କରୁଥିବା ବିଧାନ ଅନୁସାରେ ସେମାନଙ୍କର ହିସାବକୁ ସିଏଜି ସମୀକ୍ଷା କରନ୍ତି ଏବଂ ଏକ ପ୍ରତିବେଦନ ରାଜ୍ୟ ବିଧାନସଭାରେ ଦାଖଲ କରନ୍ତି।

## 1.6 ସିଏଜିଙ୍କ ଦ୍ୱାରା ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଅନୁସାରେ ଏକ ସରକାରୀ କମ୍ପାନୀ କିମ୍ବା ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ବୈଧାନିକ ସମୀକ୍ଷକମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭର 180 ଦିନ ମଧ୍ୟରେ ସିଏଜି ଦ୍ୱାରା ନିଯୁକ୍ତ କରାଯାଏ।

2021-22 ଆର୍ଥିକ ବର୍ଷ ପାଇଁ ସରକାରୀ ଉଦ୍ୟୋଗଗୁଡିକର ବୈଧାନିକ ସମୀକ୍ଷକମାନଙ୍କୁ ଅଗଷ୍ଟ 2021 ମଧ୍ୟରେ ସିଏଜି ଦ୍ୱାରା ନିଯୁକ୍ତ କରାଯାଇଥିଲା।

## 1.7 ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବ ଦାଖଲ

### 1.7.1 ଧାର୍ଯ୍ୟ ସମୟରେ ଦାଖଲର ଆବଶ୍ୟକତା

କମ୍ପାନୀ ଅଧିନିୟମ, 2013ର ଧାରା 394 ଅନୁଯାୟୀ ଏକ ସରକାରୀ କମ୍ପାନୀର କାର୍ଯ୍ୟ ଏବଂ ବ୍ୟାପାର ଉପରେ ଏକ ବାର୍ଷିକ ପ୍ରତିବେଦନ ଏହାର ବାର୍ଷିକ ସାଧାରଣ ସଭା(ଏଜିଏମ୍)ର ତିନିମାସ ମଧ୍ୟରେ ପ୍ରସ୍ତୁତ କରାଯାଏ। ଏହିପରି ପ୍ରସ୍ତୁତି ପରେ ଯେତେ ଶୀଘ୍ର ହୋଇପାରେ, ବାର୍ଷିକ ବିବରଣୀ ସହିତ ସମୀକ୍ଷା ପ୍ରତିବେଦନ ଉପରେ ସିଏଜିଙ୍କ ମନ୍ତବ୍ୟକୁ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଏ। ବୈଧାନିକ ନିଗମମାନଙ୍କୁ ନିୟନ୍ତ୍ରଣ କରୁଥିବା

ବିଧାନଗୁଡିକରେ ପ୍ରାୟ ସମାନ ବ୍ୟବସ୍ଥା ରହିଛି। ଏହି ପ୍ରକ୍ରିୟା ରାଜ୍ୟର ଏକତ୍ରୀକୃତ ନିଧିରୁ କମ୍ପାନୀଗୁଡିକରେ ବିନିଯୋଗ ହୋଇଥିବା ଜନସାଧାରଣ ପାଣ୍ଠିର ଉପଯୋଗ ଉପରେ ବୈଧାନିକ ନିୟନ୍ତ୍ରଣ କରିଥାଏ।

କମ୍ପାନୀ ଅଧିନିୟମ, 2013ର ଧାରା 96 ପ୍ରତ୍ୟେକ କମ୍ପାନୀକୁ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଥରେ ଅଂଶୀଦାରମାନଙ୍କ ଏଜିଏମ୍ କରିବାକୁ ଆବଶ୍ୟକ କରେ। ଏହା ମଧ୍ୟ କୁହାଯାଇଛି ଯେ ଗୋଟିଏ ଏଜିଏମ୍‌ର ତାରିଖ ଏବଂ ପରବର୍ତ୍ତୀ ଏଜିଏମ୍‌ର ତାରିଖ ମଧ୍ୟରେ ବ୍ୟବଧାନ 15 ମାସରୁ ଅଧିକ ହେବ ନାହିଁ। ପୁନଶ୍ଚ, କମ୍ପାନୀ ଅଧିନିୟମ, 2013ର ଧାରା 129 ଧାର୍ଯ୍ୟ କରିଛି ଆର୍ଥିକ ବର୍ଷ ପାଇଁ ସମୀକ୍ଷିତ ବିତ୍ତୀୟ ବିବରଣୀକୁ ବିଚାର ପାଇଁ ଉକ୍ତ ଏଜିଏମ୍‌ରେ ରଖିବାକୁ ହେବ।

କମ୍ପାନୀ ଅଧିନିୟମ, 2013ର ଧାରା 129(7) ଅନୁଯାୟୀ ଯଦି ଧାରା 129 ର ନିୟମାବଳୀକୁ ପାଳନ କରାନଯାଏ ତେବେ ଦାୟୀ ଥିବା କମ୍ପାନୀର ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନଙ୍କ ପାଇଁ ଜୋରିମାନା ଆଦାୟ ଏବଂ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି।

ଉପର୍ଯ୍ୟୁକ୍ତ ସତ୍ତ୍ୱେ, ବିଭିନ୍ନ ସରକାରୀ ଉଦ୍ୟୋଗଗୁଡିକର ବାର୍ଷିକ ହିସାବ 30 ସେପ୍ଟେମ୍ବର 2022 ପର୍ଯ୍ୟନ୍ତ ପଡିରହିଥିଲା ଯାହା ନିମ୍ନ ଅନୁଚ୍ଛେଦମାନଙ୍କରେ ବିସ୍ତୃତ ଭାବରେ ଦିଆଗଲା।

### 1.7.2 ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବଗୁଡିକର ସମୟୋଚିତ ପ୍ରସ୍ତୁତି

31 ମାର୍ଚ୍ଚ 2022 ସୁଦ୍ଧା, 67ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସିଏଜିଙ୍କ ସମୀକ୍ଷା ଅଧିନରେ ଥିଲା। ଏହି 67ଟି ସରକାରୀ ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ବୈଧାନିକ ନିଗମ ଅଟେ।

2021-22 ବର୍ଷ ପାଇଁ ସମସ୍ତ 67ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇଗୁଡିକର ହିସାବ ଦାଖଲ କରିବାର ଥିଲା। ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବକେୟା ଥିବା ହିସାବର ବିବରଣୀ ପୃଥକ ଭାବେ **ପରିଶିଷ୍ଟ 2** ଏବଂ **ପରିଶିଷ୍ଟ 3**ରେ ସୂଚିତ କରାଯାଇଛି। ଉପର୍ଯ୍ୟୁକ୍ତ ଦୁଇଟି ବର୍ଗ ପାଇଁ ବକେୟା ଥିବା ହିସାବ ସଂଖ୍ୟା ନିମ୍ନରେ ଦିଆଗଲା:

**ସାରଣୀ 1.20: ସରକାରୀ କମ୍ପାନୀମାନଙ୍କର ହିସାବ ଦାଖଲର ବିବରଣୀ**

| ସବିଶେଷ | ସରକାରୀ ଏସ୍‌ପିଏସ୍‌ଇ /ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | | |
|---|---|---|---|
| | ସରକାରୀ ଏସ୍‌ପିଏସ୍‌ଇ | ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | ମୋଟ |
| **31.03.2022 ସୁଦ୍ଧା ସିଏଜିଙ୍କ ସମୀକ୍ଷା ଅଧିନରେ ଥିବା ସମୁଦାୟ ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା** | **67** | **15** | **82** |
| ତାଲିକାଭୁକ୍ତ ନଥିବା | 67 | 15 | 82 |
| ବିଯୁକ୍ତ: ନୂତନ ଏସ୍‌ପିଏସ୍‌ଇଗୁଡିକ ଯେଉଁଥିରୁ 2021-22 ପାଇଁ ହିସାବ ଧାର୍ଯ୍ୟ ହୋଇନଥିଲା | - | - | - |
| ନୂତନ ଏସ୍‌ପିଏସ୍‌ଇଗୁଡିକ ଯେଉଁଥିରୁ 2021-22 ପାଇଁ ହିସାବ ଧାର୍ଯ୍ୟ ହୋଇଥିଲା | 67 | 15 | 82 |
| ଆର୍ଥିକ ବର୍ଷ 2021-22 ପାଇଁ 30 ସେପ୍ଟେମ୍ବର 2022 ସୁଦ୍ଧା ସିଏଜିଙ୍କ ସମୀକ୍ଷା ପାଇଁ ହିସାବ ଉପସ୍ଥାପନ କରିଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା | 13 | 2 | 15 |

| | | | | |
|---|---|---|---|---|
| **ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା ଯାହାର ହିସାବ ବକେୟା ଥିଲା** | | | | |
| ଏସ୍‌ପିଏସ୍‌ଇଗୁଡିକର ବର୍ଗୀକରଣ ଯାହାର ହିସାବଗୁଡିକ ବକେୟା ଅଛି | (i) ସମାପନ ପ୍ରକ୍ରିୟାରେ | 16 | 0 | 16 |
| | (ii) ଅଚଳ | 10 | 0 | 10 |
| | (iii) ପ୍ରଥମ ହିସାବ ଦାଖଲ ହୋଇନାହିଁ | 2 | 0 | 2 |
| | (iv) ଅନ୍ୟାନ୍ୟ | 26 | 13 | 39 |
| | **ମୋଟ** | **54** | **13** | **67** |
| **ବକେୟା ଥିବା ହିସାବଗୁଡିକର ସଂଖ୍ୟା** | | | | |
| ବୟସ-ଓ୍ୱାରୀ ବକେୟାର ବିଶ୍ଳେଷଣ | ଏକବର୍ଷ (2021-22) | 16* | 9 | 25 |
| | ଦୁଇବର୍ଷ (2020-21 ଏବଂ 2021-22) | 06 | 2 | 08 |
| | ତିନି ବର୍ଷ ଏବଂ ତଦୁର୍ଦ୍ଧ | 942** | 16 | 958 |
| | **ମୋଟ** | **964** | **27** | **991** |

* ଦୁଇଟି ବୈଧାନିକ ନିଗମ ଅନ୍ତର୍ଭୁକ୍ତ ଯଥା ଓଡିଶା ରାଜ୍ୟ ଅର୍ଥ ନିଗମ ଏବଂ ଓଡିଶା ରାଜ୍ୟ ସଡକ ପରିବହନ ନିଗମ।

** ଗୋଟିଏ ବୈଧାନିକ ନିଗମ ଅନ୍ତର୍ଭୁକ୍ତ ଯଥା ଓଡିଶା ରାଜ୍ୟ ପଣ୍ୟାଗାର ନିଗମ।

ହିସାବଗୁଡ଼ିକର ଚୂଡ଼ାନ୍ତ କରିବାରେ ବିଳମ୍ବ ସମ୍ବନ୍ଧୀୟ ଆଇନର ପ୍ରାବଧାନର ଉଲ୍ଲଙ୍ଘନ ବ୍ୟତୀତ ଜାଲିଆତି ଏବଂ ଜନସାଧାରଣଙ୍କ ଅର୍ଥ ଅପଚୟ ହେବାର ଆଶଙ୍କା ବହନ କରେ । ବକେୟା ହିସାବଗୁଡ଼ିକର ଉପର୍ଯ୍ୟୁକ୍ତ ସ୍ଥିତିକୁ ଦୃଷ୍ଟିରେ ରଖି, 2021-22 ବର୍ଷ ପାଇଁ ରାଜ୍ୟ ଜିଡିପିରେ ରାଜ୍ୟ ପିଏସ୍‌ୟୁର ପ୍ରକୃତ ଅବଦାନ ଜଣାପଡ଼ିଲା ନାହିଁ ଏବଂ ରାଜ୍ୟ ରାଜକୋଷକୁ ସେମାନଙ୍କର ଅବଦାନ ମଧ୍ୟ ରାଜ୍ୟ ବିଧାନ ସଭାକୁ ରିପୋର୍ଟ କରାଯାଇ ନଥିଲା । ତେଣୁ, ପ୍ରଶାସନିକ ବିଭାଗଗୁଡ଼ିକ ବକେୟା ହିସାବ ସମାପ୍ତ କରିବା ପାଇଁ କଠୋର ଭାବରେ ତଦାରଖ କରିବା ଏବଂ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିବା ଉଚିତ୍ । ସରକାର ପିଏସ୍‌ୟୁର ହିସାବ ପ୍ରସ୍ତୁତ କରିବାରେ ଥିବା ସମସ୍ୟା ଉପରେ ମଧ୍ୟ ଦୃଷ୍ଟି ଦେଇପାରନ୍ତି ଏବଂ ବକେୟା ହିସାବ ଚୂଡ଼ାନ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରନ୍ତି ।

## 1.8 ସିଏଜିଙ୍କ ତଦାରଖ – ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରକ ସମୀକ୍ଷା

### 1.8.1 ବିତ୍ତୀୟ ରିପୋର୍ଟ ଢ଼ାଞ୍ଚା

କମ୍ପାନୀ ଅଧିନିୟମ, 2013ର ଅନୁସୂଚୀ IIIରେ ଦର୍ଶାଯାଇଥିବା ଫର୍ମାଟରେ ଏବଂ ଜାତୀୟ ହିସାବ ମାନଦଣ୍ଡ ପରାମର୍ଶଦାତା ସମିତିର ପରାମର୍ଶ ଅନୁସାରେ କେନ୍ଦ୍ର ସରକାରଙ୍କ ବିହିତ ହିସାବ ମାନଦଣ୍ଡ ଅନୁଯାୟୀ କମ୍ପାନୀଗୁଡିକ ଆର୍ଥିକ ବିବୃତ୍ତି ପ୍ରସ୍ତୁତ କରିବା ଆବଶ୍ୟକ କରନ୍ତି । ସିଏଜିଙ୍କ ପରାମର୍ଶ କ୍ରମେ ଏବଂ ନିଗମଗୁଡିକୁ ପରିଚାଳନା କରୁଥିବା ବିଧାନର ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ବୈଧାନିକ ନିଗମଗୁଡିକ ନିୟମରେ ବିହିତ ଫର୍ମାଟ ଅନୁସାରେ ହିସାବ ପ୍ରସ୍ତୁତ କରିଥାନ୍ତି ।

### 1.8.2 ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡିକର ହିସାବ ସମୀକ୍ଷା

କମ୍ପାନୀ ଅଧିନିୟମ, 2013ର ଧାରା 139 ଅନୁଯାୟୀ ସିଏଜିଙ୍କ ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକ ସରକାରୀ କମ୍ପାନୀଗୁଡିକର ହିସାବକୁ ସମୀକ୍ଷା କରନ୍ତି ଏବଂ କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସେମାନଙ୍କ ପ୍ରତିବେଦନ ଦାଖଲ କରନ୍ତି ।

ବୈଧାନିକ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକୁ ସଠିକ ଏବଂ ପ୍ରଭାବଶାଳୀ ଭାବରେ ନିର୍ବାହ କରୁଛନ୍ତି ବୋଲି ସିଏଜି ସରକାରୀ ଉଦ୍ୟୋଗଗୁଡିକର ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଏକ ତଦାରଖ ଭୂମିକା ଗ୍ରହଣ କରନ୍ତି । କ୍ଷମତା ବ୍ୟବହାର କରି କରାଯାଉଥିବା କାର୍ଯ୍ୟଗୁଡିକ:

- କମ୍ପାନୀ ଅଧିନିୟମ, 2013ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା; ଏବଂ

- କମ୍ପାନୀ ଅଧିନିୟମ, 2013ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କ ପ୍ରତିବେଦନ ଉପରେ ଅନୁପୂରକ ମନ୍ତବ୍ୟ ଜାରି କରିବା ।

### 1.8.3 ସରକାରୀ କମ୍ପାନୀଗୁଡିକର ହିସାବର ଅନୁପୂରକ ସମୀକ୍ଷା

କମ୍ପାନୀ ଅଧିନିୟମ, 2013 କିମ୍ବା ଅନ୍ୟାନ୍ୟ ପ୍ରଯୁଜ୍ୟ ଅଧିନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ଆର୍ଥିକ ରିପୋର୍ଟ ଢ଼ାଞ୍ଚା ଅନୁଯାୟୀ ଆର୍ଥିକ ବିବରଣୀ ପ୍ରସ୍ତୁତ କରିବାର ମୁଖ୍ୟ ଦାୟିତ୍ୱ ହେଉଛି ସଂସ୍ଥାର ପରିଚାଳନା କର୍ତ୍ତୃପକ୍ଷଙ୍କର ।

କମ୍ପାନୀ ଅଧିନିୟମ 2013ର ଧାରା 139 ଅନୁଯାୟୀ ସିଏଜିଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବୈଧାନିକ ସମୀକ୍ଷକମାନେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର (ଆଇସିଏଆଇ)ର ମାନକ ସମୀକ୍ଷା ପ୍ରଥା ଏବଂ ସିଏଜିଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆର୍ଥିକ ବିବରଣୀ ଉପରେ ଏକ ସ୍ୱାଧୀନ ସମୀକ୍ଷା କରି କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ମନ୍ତବ୍ୟ ଜାରି କରିବା ପାଇଁ ଦାୟୀ ଅଟନ୍ତି । କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ବୈଧାନିକ ସମୀକ୍ଷକମାନେ ସମୀକ୍ଷା ପ୍ରତିବେଦନକୁ ସିଏଜିଙ୍କୁ ଦାଖଲ କରିବା ଆବଶ୍ୟକ ।

ମନୋନୀତ ସରକାରୀ କମ୍ପାନୀଗୁଡିକର ପ୍ରମାଣୀକୃତ ହିସାବଗୁଡିକ ସହିତ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନକୁ ସିଏଜି ଏକ ଅନୁପୂରକ ସମୀକ୍ଷା ଦ୍ୱାରା ପୁନର୍ବିଲୋକନ କରିଥାନ୍ତି । ଏହି ପୁନର୍ବିଲୋକନ ଅନୁସାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକୁ କମ୍ପାନୀ ଅଧିନିୟମର ଧାରା 143(6) ଅନୁଯାୟୀ ବାର୍ଷିକ ସାଧାରଣ ସଭାରେ ସ୍ଥାନିତ କରାଯାଇଥାଏ ।

## 1.9 ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ

### 1.9.1 କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସରକାରୀ କମ୍ପାନୀ/ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ହିସାବର ସମୀକ୍ଷା

30 ସେପ୍ଟେମ୍ବର 2022 ସୁଦ୍ଧା 13 ଗୋଟି ସରକାରୀ କମ୍ପାନୀ ଏବଂ 02ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକଠାରୁ 2021-22 ବର୍ଷ ପାଇଁ ସେମାନଙ୍କର ଆର୍ଥିକ ବିବରଣୀ ଗ୍ରହଣ କରାଯାଇଥିଲା । ଏଥିମଧ୍ୟରୁ 09ଟି ସରକାରୀ କମ୍ପାନୀ ଏବଂ 02ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀର ହିସାବକୁ ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା ।

#### 1.9.1.1 ସମୀକ୍ଷକଙ୍କ ପ୍ରତିବେଦନର ସଂଶୋଧନ

ସିଏଜିଙ୍କ ଦ୍ୱାରା 31 ମାର୍ଚ୍ଚ 2022ରେ ଶେଷ ହୋଇଥିବା ବର୍ଷ ପାଇଁ ଆର୍ଥିକ ବିବରଣୀର ଅନୁପୂରକ ସମୀକ୍ଷା ଫଳରେ ଏହାର ବାର୍ଷିକ ସାଧାରଣ ବୈଠକରେ କମ୍ପାନୀର ଆର୍ଥିକ ବିବରଣୀ ସ୍ଥାନିତ କରିବା ପୂର୍ବରୁ କୌଣସି ଏସ୍‌ପିଏସ୍‌ଇର ବୈଧାନିକ ସମୀକ୍ଷା ପ୍ରତିବେଦନରେ କୌଣସି ସଂଶୋଧନ ହୋଇନଥିଲା ।

### 1.9.1.2 ସରକାରୀ କମ୍ପାନୀ/ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଉପରେ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅନୁପୂରକ ମନ୍ତବ୍ୟ

ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା ପରେ 01 ଅକ୍ଟୋବର 2021ରୁ 30 ସେପ୍ଟେମ୍ବର 2022 ମଧ୍ୟରେ ଗ୍ରହଣ କରାଯାଇଥିବା ଆର୍ଥିକ ବିବରଣୀଗୁଡିକ ମଧ୍ୟରୁ ସିଏଜି ମନୋନୀତ ସରକାରୀ କମ୍ପାନୀଗୁଡିକ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଅନୁପୂରକ ସମୀକ୍ଷା କରିଥିଲେ। ମନ୍ତବ୍ୟ ଜାରି କରାଯାଇଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା **ପରିଶିଷ୍ଟ 13**ରେ ଦିଆଯାଇଛି। ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ ବିବରଣୀ ଉପରେ ଜାରି କରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ, ଯାହାର ଆର୍ଥିକ ପ୍ରଭାବ ଏହାର ଲାଭ ଉପରେ 2.40 କୋଟି ଟଙ୍କା ବୃଦ୍ଧି ଏବଂ କ୍ଷତିରେ 56.93 କୋଟି ଟଙ୍କା ବୃଦ୍ଧି, ସମ୍ପତ୍ତି ବୃଦ୍ଧି (51.01 କୋଟି ଟଙ୍କା) ଏବଂ ଦାୟିତ୍ୱ ବୃଦ୍ଧି (109.07 କୋଟି ଟଙ୍କା) ଥିଲା। ଏହାର ବିବରଣୀ ନିମ୍ନ **ସାରଣୀ 1.21**ରୁ **1.24**ରେ ଦିଆଯାଇଛି:

**ସାରଣୀ 1.21: ସରକାରୀ କମ୍ପାନୀଗୁଡିକର ଲାଭ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ପୃଥକ ଆର୍ଥିକ ବିବୃତି) | ଆର୍ଥିକ ଦାୟିତ୍ୱ (ଅନ୍ୟ ପାଇଁ ଦାୟିତ୍ୱ) 9.96 କୋଟି ଟଙ୍କା କମ ହିସାବ ହୋଇଥିଲା ଏବଂ ଅନ୍ୟାନ୍ୟ ଆୟରେ 9.96 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହା ଜଳ ସମ୍ପଦ ବିଭାଗରୁ ରାଜସ୍ୱର ଆଡଜଷ୍ଟମେଣ୍ଟ ହେତୁ ଘଟିଛି, ଯାହା ନିଶ୍ଚିତକରଣ ପାଇଁ ବିଚାରାଧୀନ ଅଛି ଏବଂ ଏହା ଓଏଚ୍‌ପିସିର ନିଜସ୍ୱ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟିଂ ନୀତିର ଉଲ୍ଲଂଘନ ଅଟେ। ଏହା ମଧ୍ୟ ସମାନ ପରିମାଣରେ ଲାଭର ବୃଦ୍ଧି କରିଥିଲା। ଯଦିଓ 31 ମାର୍ଚ୍ଚ 2020ରେ ଶେଷ ହୋଇଥିବା ବର୍ଷ ପାଇଁ ସିଆଣ୍ଡଏଜି ମନ୍ତବ୍ୟ ସଂଖ୍ୟା କ(2)ରେ ଏହା ଦର୍ଶାଯାଇଥିଲା, ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। |
| 2 | ଗ୍ରୀଡ୍‌କୋ ଲିମିଟେଡ୍ | I. ଅକ୍ଟୋବର 2021ରୁ ଫେବୃଆରୀ 2022 ଅବଧି ପାଇଁ ସେଣ୍ଟ୍ରାଲ ଟ୍ରାନ୍ସମିସନ ୟୁଟିଲିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସିଟିୟୁଆଇଏଲ୍)ର 20.75 କୋଟି ଟଙ୍କା ଦାବିର ହିସାବ ନହେବା, ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପିଜିସିଆଇଏଲ୍) ର ସ୍ଥଗିତ ଟିକସ ଦାୟିତ୍ୱ 2020-21 ମଧ୍ୟରେ 0.70 କୋଟି ଟଙ୍କା ପରିସମାପ୍ତି ହେଉଥିବା ଏବଂ ତାଳଚେର ଏବଂ ଦରଲିପାଲି ସୁପର ଥର୍ମାଲ୍ ପାୱାର ଷ୍ଟେସନ ପାଇଁ ସହାୟକ ଶକ୍ତି ବ୍ୟବହାର ଏବଂ ଆଞ୍ଚଳିକ ଲୋଡ୍ ଡିସ୍‌ପାଚ୍ ସେଣ୍ଟର ଚାର୍ଜ ଉପରେ ଦେୟ ହେଉଥିବା ବିଦ୍ୟୁତ୍ ଶୁଳ୍କ 3.80 କୋଟି ଟଙ୍କାର ବିଚାର ନକରିବା କାରଣରୁ ଖର୍ଚ୍ଚ (ଶକ୍ତି ମୂଲ୍ୟ) 25.25 କୋଟି ଟଙ୍କା ହ୍ରାସ କରାଯାଇଥିଲା। ଏହା ମଧ୍ୟ ସମାନ ପରିମାଣରେ ସାମ୍ପ୍ରତିକ ଦାୟିତ୍ୱ ଏବଂ କ୍ଷତିର 25.25 କୋଟି ଟଙ୍କା ହ୍ରାସ କରିଥିଲା।।<br>II. 31 ମାର୍ଚ୍ଚ 2021 ସୁଦ୍ଧା ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ଓଏଚ୍‌ପିସି)ର 152.93 କୋଟି ଟଙ୍କାର ସିକ୍ୟୁରିଟାଇଜ୍‌ଡ ବକେୟା ଦେୟ ଉପରେ ସୁଧ ବାବଦରେ 52.93 କୋଟି ଟଙ୍କା ଅର୍ଥ ବ୍ୟୟ ଅନ୍ତର୍ଭୁକ୍ତ ନୁହେଁ, ଯାହାକି 12-18 ମାସିକ ସମାନ କିସ୍ତିରେ ପୈଠ କରିବାକୁ ଥିଲା। ତେବେ କମ୍ପାନୀ ଓଏଚ୍‌ପିସି (15 ମାର୍ଚ୍ଚ 2022) ନିକଟରେ କିସ୍ତିରେ 152.93 କୋଟି ଟଙ୍କା ପୈଠ କରିବା ପରିବର୍ତ୍ତେ ଏକକାଳୀନ 100 କୋଟି ଟଙ୍କା ପ୍ରଦାନ କରି ସମୁଦାୟ ରାଶିର ସମ୍ପୂର୍ଣ୍ଣ ଏବଂ ଚୂଡାନ୍ତ ସମାଧାନ ପାଇଁ ପ୍ରସ୍ତାବ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ରଖିଥିଲା ଏବଂ ଆକାଉଣ୍ଟରେ ଏକତରଫା ଭାବେ ଏଥିପାଇଁ ବ୍ୟବସ୍ଥା କରିଥିଲା ଏବଂ ଆକସ୍ମିକ ଦାୟିତ୍ୱ ଅଧୀନରେ 52.93 କୋଟି ଟଙ୍କାର ଅବଶିଷ୍ଟ ରାଶି ଦର୍ଶାଇଥିଲା ଯାହା ଏପର୍ଯ୍ୟନ୍ତ ଓଏଚ୍‌ପିସି ଦ୍ୱାରା ଗୃହିତ ହୋଇନାହିଁ। ଏହା ଫଳରେ ଆର୍ଥିକ ଖର୍ଚ୍ଚ 52.93 କୋଟି ଟଙ୍କା ହ୍ରାସ ପାଇଛି ଏବଂ ସାମ୍ପ୍ରତିକ ଦାୟିତ୍ୱ ସମାନ ପରିମାଣରେ ହ୍ରାସ ପାଇଛି। ଏହା ଫଳରେ 52.93 କୋଟି ଟଙ୍କାର ଆକସ୍ମିକ ଦାୟିତ୍ୱ ବୃଦ୍ଧି ହୋଇଛି।<br>III. କମ୍ପାନୀକୁ ପ୍ରଦାନ କରାଯାଇଥିବା ପ୍ରତିଭୂତି ପରିମାଣ ଉପରେ ଓଡ଼ିଶା ସରକାରଙ୍କ ପ୍ରତିଭୂତି ଦେୟ ଅର୍ଥ ଖର୍ଚ୍ଚ 6.25 କୋଟି ଟଙ୍କାରେ ଅନ୍ତର୍ଭୁକ୍ତ ନୁହେଁ । ଏହାର ଫଳସ୍ୱରୂପ ଅର୍ଥ ଖର୍ଚ୍ଚ 6.25 କୋଟି ଟଙ୍କା କମ୍ ହୋଇଛି ଏବଂ ସମାନ ପରିମାଣରେ କ୍ଷତିରେ ହ୍ରାସ ହୋଇଛି । ଏହା ଦ୍ୱାରା ସାମ୍ପ୍ରତିକ ଦାୟିତ୍ୱକୁ ମଧ 6.25 କୋଟି ଟଙ୍କା କମ୍ ହୋଇଛି । |
| 3 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | I. ସିଭିଲ୍ ୱାର୍କସ ଡିଭିଜନ, ଭୁବନେଶ୍ୱର ଅଧୀନରେ ସମ୍ପୂର୍ଣ୍ଣ ହୋଇଥିବା 112 ସଂଖ୍ୟକ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟର ବ୍ୟବସ୍ଥା ନ ହେବା କାରଣରୁ ଅନ୍ୟ ଖର୍ଚ୍ଚକୁ 3.66 କୋଟି ଟଙ୍କା ହ୍ରାସ କରାଯାଇଛି ଏବଂ ସମାନ ପରିମାଣରେ ଲାଭର ବୃଦ୍ଧି ହୋଇଛି । ଏହା ମଧ ବର୍ତ୍ତମାନର ଦାୟିତ୍ୱ 3.66 କୋଟି ଟଙ୍କା ହ୍ରାସ କରିଛି ।<br>II. ପ୍ରତାପଶାସନରେ 132/33 କେଭି ଗ୍ରୀଡ୍ ସବ୍‌ଷ୍ଟେସନର କାର୍ଯ୍ୟର ପୁଞ୍ଜିକରଣରେ ବିଳମ୍ବ ହେତୁ ଅବମୂଲ୍ୟାୟନ ଏବଂ ଆମୋର୍ଟାଇଜେସନ ଖର୍ଚ୍ଚ 1.66 କୋଟି ଟଙ୍କା ହ୍ରାସ ପାଇଥିଲା । ଯଦିଓ ଏହି କାର୍ଯ୍ୟ 30 ଅକ୍ଟୋବର 2020ରେ ସମାପ୍ତ ହୋଇଥିଲା, ଏହାକୁ 31 ମାର୍ଚ୍ଚ 2021ରେ ପୁଞ୍ଜିକରଣ କରାଯାଇଥିଲା । ଏହା ବର୍ଷର ଲାଭର 1.66 କୋଟି ଟଙ୍କା ବୃଦ୍ଧି କରିଥିଲା । |
| 4 | ଓଡିଶା ଜଳ ନିଗମ ଲିମିଟେଡ୍ | I. ଲାଇସେନ୍ସ ଶୁଳ୍କ ନପାଇବା ଯୋଗୁ 0.80 କୋଟି ଟଙ୍କା ଏବଂ ବିଳମ୍ବିତ ଦେୟ ସୁଧ ଯୋଗୁ 0.60 କୋଟି ଟଙ୍କା ହିସାବ ନହେବା କାରଣରୁ ଅନ୍ୟ ଆୟ (ଭଡ଼ା ପୁନରୁଦ୍ଧାର) 0.14 କୋଟି ଟଙ୍କା ହ୍ରାସ ପାଇଥିଲା । ଏହା ଦ୍ୱାରା ବଳକା ଏବଂ ସାମ୍ପ୍ରତିକ ସମ୍ପତ୍ତି ସମାନ ପରିମାଣରେ ହ୍ରାସ ପାଇଥିଲା ।<br>II. ଅନାବଶ୍ୟକ ଭିତ୍ତିରେ ଡବ୍ଲ୍ୟୁଏଟିସିଓରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପେନସନ ଯୋଗଦାନର ସ୍ୱଳ୍ପ ହିସାବ ହେତୁ ସ୍ୱଳ୍ପକାଳୀନ ବ୍ୟବସ୍ଥା (କର୍ମଚାରୀ କଲ୍ୟାଣ ଖର୍ଚ୍ଚ) 0.92 କୋଟି ଟଙ୍କା ହ୍ରାସ ପାଇଥିଲା । ଏହା ଦ୍ୱାରା ବଳକା ଏବଂ ସ୍ୱଳ୍ପକାଳୀନ ବ୍ୟବସ୍ଥା ସମାନ ପରିମାଣରେ ହ୍ରାସ ପାଇଥିଲା ।<br>III. ନୂତନ କ୍ଲୋରିନ୍ ଲିକ୍ ଅବଶୋଷଣ ପ୍ରଣାଳୀ (ପୁଞ୍ଜି ସମ୍ପତ୍ତି) ନିର୍ମାଣ ଉପରେ 0.56 କୋଟି ଟଙ୍କା ପୁଞ୍ଜି ଖର୍ଚ୍ଚ ବୁକ୍‌ଂ ହେତୁ ଅନ୍ୟ ଖର୍ଚ୍ଚ (କ୍ୟାପିଟାଲ ରିଜର୍ଭ) ବୃଦ୍ଧି ହୋଇଛି । ଏହା ମଧ ସମାନ ପରିମାଣରେ ବଳକାର ହ୍ରାସ କରିଛି । |
| 5 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | ଅନ୍ୟ ଖର୍ଚ୍ଚ (ଜିଲା ନିବେଶ ପ୍ରୋତ୍ସାହନ ସଂସ୍ଥା (ଡିଆଇପିଏ) ଖର୍ଚ୍ଚ)ରେ 0.65 କୋଟି ଟଙ୍କା ଫେବୃଆରୀ ଏବଂ ମାର୍ଚ୍ଚ 2022 ପାଇଁ ଡିଆଇପିଏ ପରାମର୍ଶ ଶୁଳ୍କ ପ୍ରାଇସ୍ ୱାଟରହାଉସ୍ କୁପର୍ସ ପ୍ରାଇଭେଟ୍ ଲିମିଟେଡ୍ (ପିଡ୍ଲ୍ୟୁସିପିଏଲ୍)କୁ ଦେୟ ଦେଖାଯାଇନାହିଁ ।<br><br>28 ଜୁନ୍ 2021ରେ ଓଡ଼ିଶା ସରକାର ନେଇଥିବା ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ଏବଂ କମ୍ପାନୀର ଏକ ବିସ୍ତାରିତ ଶାଖା ଭାବେ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ରାଜ୍ୟର ବିଭିନ୍ନ ଜିଲାରେ ଭିତ୍ତିଭୂମି ସୃଷ୍ଟି ପାଇଁ ଏକ ଡିଆଇପିଏ ସ୍ଥାପନ କରାଯାଇଥିଲା । ଏକ ଚୁକ୍ତିନାମା ସାକ୍ଷରିତ ହୋଇଥିଲା ଯେଉଁଥିରେ ପିଡବ୍ଲ୍ୟୁସିପିଏଲ୍ (କାର୍ଯ୍ୟକାରୀ ସଂସ୍ଥା)କୁ ମାନବ ସମ୍ବଳ ଏବଂ ଭିତ୍ତିଭୂମି ଯୋଗାଇବାକୁ ହେବ ଏବଂ ସେମାନଙ୍କ ଖର୍ଚ୍ଚ ପାଇଁ କମ୍ପାନୀ ଉପରେ ମାସିକ ବିଲ୍ ଉପସ୍ଥାପନ କରିବାକୁ ପଡ଼ିବ, ଯାହା ପରବର୍ତ୍ତୀ ସମୟରେ ଇଡ୍‌କୋକୁ ଦେବାକୁ ହେବ । ଏହିପରି କମ୍ପାନୀକୁ ଅନ୍ୟାନ୍ୟ ଖର୍ଚ୍ଚ ଭାବରେ ପିଡ୍ବ୍ଲ୍ୟୁସିପିଏଲ୍‌କୁ ଦେୟ ରାଶି ବୁକ୍ କରିବାକୁ ପଡ଼ିବ ଏବଂ ଅନ୍ୟାନ୍ୟ ଆୟ ଇଡ୍‌କୋରୁ ଗ୍ରହଣଯୋଗ୍ୟ ଭାବରେ ବୁକ୍ କରିବାକୁ ପଡ଼ିବ । 2021-22 ବର୍ଷ ମଧ୍ୟରେ, 1.92 କୋଟି ଟଙ୍କା ବିଲ୍ ରାଶି ପ୍ରାପ୍ତ ହେବା ପରେ, କମ୍ପାନୀ ଅନ୍ୟାନ୍ୟ ଆୟ ଭାବରେ ମାତ୍ର 0.62 କୋଟି ଟଙ୍କା ଏବଂ 1.27 କୋଟି ଟଙ୍କା ଅନ୍ୟାନ୍ୟ ଖର୍ଚ୍ଚ ଭାବରେ ବୁକ୍ କରିଛି ଯାହା ଦ୍ୱାରା 0.02 କୋଟି ଟଙ୍କା ହିସାବକୁ ନିଆଯାଇ ନଥିଲା । କିନ୍ତୁ, 1.92 କୋଟି ଟଙ୍କା ଉଭୟ ଆୟ ଏବଂ ଖର୍ଚ୍ଚରେ ବୁକ୍ କରିବାର ଥିଲା ।<br><br>ଏହାର ଫଳସ୍ୱରୁପ 1.30 କୋଟି ଟଙ୍କା (1.92 କୋଟି ଟଙ୍କା - 0.62 କୋଟି ଟଙ୍କା) ଅନ୍ୟାନ୍ୟ ଆୟ ଏବଂ 0.65 କୋଟି ଟଙ୍କା (1.92 କୋଟି ଟଙ୍କା - 1.27 କୋଟି ଟଙ୍କା) ଅନ୍ୟାନ୍ୟ ଖର୍ଚ୍ଚ ଅଙ୍କ ହ୍ରାସ ପାଇଥିଲା । ଫଳସ୍ୱରୁପ, ଲାଭ 0.65 କୋଟି ଟଙ୍କା ହ୍ରାସ ପାଇଥିଲା । |
| 6 | ଓଡିଶା ଖଣି ନିଗମ ଲିମିଟେଡ୍ | ଆୟକର ଅଧିନିୟମ, 1961ର ଧାରା 244ଏ ଅନୁଯାୟୀ, 2021-22 ଆର୍ଥିକ ବର୍ଷରେ ଆକଳନ କରାଯାଇଥିବା 2006-07 ଏବଂ 2007-08 ବର୍ଷ ପାଇଁ ଫେରସ୍ତ ଯୋଗ୍ୟ ଆୟକର ଉପରେ ସୁଧ ଅନ୍ତର୍ଭୁକ୍ତ ନହେବା କାରଣରୁ ଅନ୍ୟାନ୍ୟ ଆୟ 19.82 କୋଟି ଟଙ୍କା ହ୍ରାସ ପାଇଥିଲା । କମ୍ପାନୀ, ଆଇଟି ଅଧିନିୟମ, 1961ର ଧାରା 244ଏ ଅନୁଯାୟୀ 2006-07 ଏବଂ 2007-08 ବର୍ଷ ପାଇଁ ଆୟକର କମିଶନରଙ୍କ କାର୍ଯ୍ୟାଳୟରୁ ମୂଲ୍ୟାଙ୍କନ ଆଦେଶ ଗ୍ରହଣ କରିଥିଲା, ଯେଉଁଥିରେ ଫେରସ୍ତ ଯୋଗ୍ୟ ଆୟକର ରାଶି ଉପରେ ସୁଧ ଯଥାକ୍ରମେ 14.35 କୋଟି ଟଙ୍କା ଏବଂ 5.47 କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା । ଆକାଉଣ୍ଟରେ ସୁଧ ପରିମାଣ ଅନ୍ତର୍ଭୁକ୍ତ ନହେବା ଦ୍ୱାରା ସାମ୍ପ୍ରତିକ ସମ୍ପତ୍ତି ଏବଂ ବର୍ଷ ପାଇଁ ଲାଭ 19.82 କୋଟି ଟଙ୍କା ହ୍ରାସ ପାଇଥିଲା । |
| 7 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | I. ଦାୟିତ୍ୱ ପରିବର୍ତ୍ତେ ଗୁଣବତ୍ତା ନିୟନ୍ତ୍ରଣ ଏବଂ ଆକସ୍ମିକ ପରିସ୍ଥିତିକୁ ରାଜସ୍ୱ ଭାବରେ ଭୁଲ୍ ହିସାବ ହେତୁ କାରବାର 0.97 କୋଟି ଟଙ୍କା ବୃଦ୍ଧି ପାଇଥିଲା । ଏହା ଦ୍ୱାରା ଦାୟିତ୍ୱ (ଗୁଣବତ୍ତା ନିୟନ୍ତ୍ରଣ ଏବଂ ଆକସ୍ମିକ) ଏବଂ ଲାଭ ସମାନ ପରିମାଣରେ ବୃଦ୍ଧି ପାଇଥିଲା ।<br>II. ଓଡ଼ିଶାର ଏଜି(ଏଆଣ୍ଡଇ)ଙ୍କ ଦାବି ଅନୁଯାୟୀ ଛୁଟି ଦରମା ଏବଂ ପେନସନ ଯୋଗଦାନ ହିସାବ ନହେବା କାରଣରୁ କର୍ମଚାରୀ କଲ୍ୟାଣ ଖର୍ଚ୍ଚ 0.97 କୋଟି ଟଙ୍କା ହ୍ରାସ ପାଇଥିଲା । ଏହାଦ୍ୱାରା 0.97 କୋଟି ଟଙ୍କା ବ୍ୟବସ୍ଥାରେ ଏବଂ ଲାଭରେ ବୃଦ୍ଧି ପାଇଥିଲା । |
| 8 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | କର୍ମଚାରୀ କଲ୍ୟାଣ ଖର୍ଚ୍ଚରେ 2020-21 ବର୍ଷ ପାଇଁ କମ୍ପାନୀ ଦ୍ୱାରା ଜୀବନ ବୀମା ନିଗମକୁ ଗ୍ରୁପ୍ ଗ୍ରାଚ୍ୟୁଇଟି ଯୋଜନା ଉପରେ ପ୍ରିମିୟମ ଦେୟ (12.06.2020ରେ ଦେୟ) ପାଇଁ 1.36 କୋଟି ଟଙ୍କା ଅନ୍ତର୍ଭୁକ୍ତ । ଯେହେତୁ ଦେୟ 2020-21 ବର୍ଷ ପାଇଁ ଥିଲା, ଏହା 2019-20ର ବାର୍ଷିକ ହିସାବରେ ଦେଖାଯିବା ଉଚିତ୍ ନଥିଲା । ଏହାର ଫଳସ୍ୱରୂପ କର୍ମଚାରୀ କଲ୍ୟାଣ ଖର୍ଚ୍ଚ 1.36 କୋଟି ଟଙ୍କା ବୃଦ୍ଧି ପାଇଥିଲା ଏବଂ ସମାନ ପରିମାଣରେ ଲାଭ ବୃଦ୍ଧି ପାଇଥିଲା । |

**ସାରଣୀ 1.22: ସରକାରୀ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ପୃଥକ ଆର୍ଥିକ ବିବୃତି) | I. ବର୍ତ୍ତମାନର ଦାୟିତ୍ୱ (ମାଛକୁଣ୍ଡ ଖାତା ଉପରେ ଏପିଜେନକୋକୁ ଦେୟ)1.66 କୋଟି ଟଙ୍କା ହ୍ରାସ ପାଇଥିଲା । ଫଳସ୍ୱରୂପ, ପିପିଇ ମଧ୍ୟ ସମାନ ପରିମାଣରେ ହ୍ରାସ ପାଇଥିଲା । ଏହା ମାଛକୁଣ୍ଡ ପ୍ରୋଜେକ୍ଟର ଇ-ଟାଇପ୍ ଏବଂ ଏଫ୍-ଟାଇପ୍ ବ୍ଲକ୍ ନିର୍ମାଣ ପାଇଁ 30 ପ୍ରତିଶତ ଖର୍ଚ୍ଚ ବାବଦକୁ ଏପିଜେନ୍‌କୋର ବିଲ ପୈଠ ନକରିବା ହେତୁ ଘଟିଥିଲା ।<br>II. ମାଛକୁଣ୍ଡ ପ୍ରକଳ୍ପର ସଞ୍ଚାଳନ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦ ଅଂଶ 30%ରୁ 50%କୁ ସଂଶୋଧନ କରିବା ହେତୁ ହୋଇଥିବା 4.98 କୋଟି ଟଙ୍କାର ଅଧିକ ଖର୍ଚ୍ଚକୁ ହିସାବକୁ ନନେବାରୁ ବର୍ତ୍ତମାନର ଦାୟିତ୍ୱ (ମାଛକୁଣ୍ଡ ଖାତାରେ ଏପିଜେନକୋକୁ ଦେୟ) ହ୍ରାସ ପାଇଥିଲା । ଏହା ମଧ୍ୟ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ଅନୁଯାୟୀ ସମାନ ପରିମାଣରେ ଗ୍ରୀଡକୋରୁ ଗ୍ରହଣଯୋଗ୍ୟ ପରିମାଣ ହ୍ରାସ ପାଇଥିଲା ।<br>III. ଅତିରିକ୍ତ 20 ପ୍ରତିଶତ ଅଂଶଧନ ଅଧିଗ୍ରହଣ ପାଇଁ ମାଛକୁଣ୍ଡ ପ୍ରକଳ୍ପରେ ବିନିଯୋଗ ହୋଇଥିବା 27.42 କୋଟି ଟଙ୍କା ସ୍ଥାୟୀ ସମ୍ପତ୍ତିରେ (ନିବେଶ) ଅନ୍ତର୍ଭୁକ୍ତ ହୋଇନାହିଁ । ଯେହେତୁ ଏହା ଏକ ପୁଞ୍ଜି ଖର୍ଚ୍ଚ, ଏହାକୁ ସ୍ଥାୟୀ ସମ୍ପତ୍ତି ଭାବରେ ହିସାବ କରାଯିବା ଉଚିତ୍ ଥିଲା । ଆହୁରି ମଧ୍ୟ, କମ୍ପାନୀ ଏହାକୁ ଗ୍ରୀଡକୋରୁ ଗ୍ରହଣଯୋଗ୍ୟ ଭାବରେ ଭୁଲରେ ଦର୍ଶାଇଛି । ଏହିପରି, ଏହା ସ୍ଥାୟୀ ସମ୍ପତ୍ତି (ନିବେଶ)କୁ ହ୍ରାସ କରିଥିଲା ଏବଂ ସାମ୍ପ୍ରତିକ ସମ୍ପତ୍ତି (ଗ୍ରୀଡକୋରୁ ଗ୍ରହଣଯୋଗ୍ୟ)କୁ 27.42 କୋଟି ଟଙ୍କା ବୃଦ୍ଧି କରି ଦର୍ଶାଇଥିଲା । |
| 2 | ଓଡ଼ିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | ସରକାରଙ୍କ ଅନୁମୋଦନ ବିନା ସରକାରୀ ଋଣର ଭୁଲ୍ ହିସାବ ହେତୁ ଇକ୍ୱିଟି (ଅନ୍ୟାନ୍ୟ ଇକ୍ୱିଟି) 15.00 କୋଟି ଟଙ୍କା ଅଧିକ ଦର୍ଶାଯାଇଥିଲା ଏବଂ ଋଣ ସମାନ ପରିମାଣରେ କମ ଦର୍ଶାଯାଇଥିଲା । |
| 3 | ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ | I. ପୁଞ୍ଜି କାର୍ଯ୍ୟ ପ୍ରଗତିରେ 6.33 ଲକ୍ଷ ଟଙ୍କା ମୂଲ୍ୟର ବିଭିନ୍ନ ପରିତ୍ୟକ୍ତ କାର୍ଯ୍ୟପ୍ରଗତି ଅନ୍ତର୍ଭୁକ୍ତ ଯାହା 20 ବର୍ଷରୁ ଅଧିକ ପୁରୁଣା । ଯେହେତୁ କାର୍ଯ୍ୟ ସମାପ୍ତ ହେବାର ଆଉ କୌଣସି ସୁଯୋଗ ନାହିଁ, କାର୍ଯ୍ୟ ହୋଇଥିବା 6.33 ଲକ୍ଷ ଟଙ୍କାର ମୋଟ ଖର୍ଚ୍ଚକୁ ସାମ୍ପ୍ରତିକ ଖର୍ଚ୍ଚ ଭାବରେ ବିବେଚନା କରାଯିବା ଉଚିତ୍ ଥିଲା ଏବଂ ଲାଭ କ୍ଷତି ହିସାବରେ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ଥିଲା, କିନ୍ତୁ ତାହା ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇନାହିଁ । ଏହାର ଫଳସ୍ୱରୂପ ସ୍ଥାୟୀ ସମ୍ପତ୍ତି (ପୁଞ୍ଜି କାର୍ଯ୍ୟରେ ପ୍ରଗତି) ଏବଂ ଲାଭ 6.33 ଲକ୍ଷ ଟଙ୍କା ଅଧିକ ଦର୍ଶାଯିବା ସହ ସାମ୍ପ୍ରତିକ ଖର୍ଚ୍ଚ ସମାନ ପରିମାଣରେ କମ ଦର୍ଶାଯାଇଥିଲା ।<br>II. କମ୍ପାନୀ ଏହାର କର୍ମଚାରୀମାନଙ୍କୁ ଗ୍ରାଚ୍ୟୁଇଟି ଦେୟ ପାଇଁ ଏଚ୍‌ଡିଏଫ୍‌ସି ଲାଇଫରେ ଏକ ଖାତା ରଖିଛି । ଏଚ୍‌ଡିଏଫ୍‌ସି ଲାଇଫ୍ ଅନୁଯାୟୀ, 31.03.2018ରେ ଓପିଡିସି କର୍ମଚାରୀ ଗ୍ରାଚ୍ୟୁଇଟି ଟ୍ରଷ୍ଟ ଅଧୀନରେ ଅନ୍ତିମ ଅବଶେଷ 1.14 ଲକ୍ଷ ଟଙ୍କା ଥିଲାବେଳେ ପରିଚାଳନା କର୍ତ୍ତୃପକ୍ଷ ଅନ୍ତିମ ଅବଶେଷକୁ 5.61 ଲକ୍ଷ ଟଙ୍କା ବୋଲି ବିବେଚନା କରିଛନ୍ତି । ଏହାର ଫଳସ୍ୱରୂପ ସାମ୍ପ୍ରତିକ ନିବେଶ ଏବଂ ଲାଭକୁ 4.47 ଲକ୍ଷ ଟଙ୍କା (5.61 ଲକ୍ଷ ଟଙ୍କା – 1.14 ଲକ୍ଷ ଟଙ୍କା) ଅଧିକ ଦର୍ଶାଯାଇଥିଲା ଏବଂ ସମାନ ପରିମାଣରେ ଖର୍ଚ୍ଚର ଅନୁରୂପ ଅଳ୍ପ ବିବୃତ୍ତି ଦିଆଯାଇଛି । |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 4 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | I. ବୋର୍ଡ ଦ୍ୱାରା ଆକାଉଣ୍ଟଗୁଡ଼ିକର ଅନୁମୋଦନ ପୂର୍ବରୁ ପ୍ରଦାନ କରାଯାଇଥିବା ମୂଲ୍ୟ ଆଡଜଷ୍ଟମେଣ୍ଟ ବିଲ୍ ହିସାବକୁ ନନେବା କାରଣରୁ ଅନ୍ୟ ସାମ୍ପ୍ରତିକ ଦାୟିତ୍ୱଗୁଡ଼ିକ 2.08 କୋଟି ଟଙ୍କା ଦ୍ୱାରା କମ୍ ହୋଇଥିଲା ।<br>II. ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶର ଉଲ୍ଲଙ୍ଘନ କରି ରାଜସ୍ୱ ପ୍ରକଳ୍ପଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ହିସାବ ହେତୁ ଅନ୍ୟ ସାମ୍ପ୍ରତିକ ଦାୟିତ୍ୱ 0.56 କୋଟି ଟଙ୍କା ଅଧିକ ଦର୍ଶାଯାଇଛି । |
| 5 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | I. ଜିଏଫ୍ଆର୍ 2017ର ବ୍ୟବସ୍ଥାର ସର୍ତ୍ତାବଳୀ ଉଲ୍ଲଙ୍ଘନ କରି ଜିଓଆଇରୁ ପ୍ରାପ୍ତ ଅନୁଦାନରେ ଅର୍ଜିତ ସୁଧର ହିସାବ ହେତୁ ଅନ୍ୟାନ୍ୟ ଇକ୍ୱିଟି 9.96 କୋଟି ଟଙ୍କା (2020-21 ଆର୍ଥିକ ବର୍ଷ ପାଇଁ 4.15 କୋଟି ଟଙ୍କା ଏବଂ 2019-20 ବର୍ଷ ପାଇଁ 5.81 କୋଟି ଟଙ୍କା) ଅଧିକ ଦର୍ଶାଯାଇଛି । ଏହା ମଧ୍ୟ ସମାନ ପରିମାଣରେ ସାମ୍ପ୍ରତିକ ଦାୟିତ୍ୱ କମ ଦର୍ଶାଇଛି ।<br>II. ତିନୋଟି ପ୍ରୋଗ୍ରାମ ପରିଚାଳନା ଉପଦେଷ୍ଟା ଯଥା: ସ୍ମାର୍ଟ ସମାଧାନ ପ୍ରକଳ୍ପ, କ୍ଷେତ୍ର ଆଧାରିତ ବିକାଶ ପ୍ରକଳ୍ପ ଏବଂ ପ୍ରକଳ୍ପ ଓ ପ୍ରକଳ୍ପ ପ୍ରାରମ୍ଭ ଓ ଧାରଣା, ଠିକାଦାର ଇତ୍ୟାଦିଙ୍କୁ ପ୍ରଦାନ କରାଯାଇଥିବା ଉପଦେଷ୍ଟା ଶୁଳ୍କକୁ ରାଜସ୍ୱ ଖର୍ଚ୍ଚ ଭାବରେ ହିସାବ କରିବାରୁ ପୁଞ୍ଜି କାର୍ଯ୍ୟ ପ୍ରଗତି 27.50 କୋଟି ଟଙ୍କା କମ ହୋଇଯାଇଥିଲା। ଏହାଦ୍ୱାରା ଅନ୍ୟାନ୍ୟ ଖର୍ଚ୍ଚ ଏବଂ କ୍ଷତି ମଧ୍ୟ 27.50 କୋଟି ଟଙ୍କା (3.66 କୋଟି ଟଙ୍କା 2020-21 ଏବଂ ପୂର୍ବ ଅବଧି ପାଇଁ 23.84 କୋଟି ଟଙ୍କା) ଅଧିକ ହୋଇଯାଇଥିଲା । |
| 6 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | I. ଉତ୍ସରୁ କଟାଯାଇଥିବା ଆୟକରର (ଆଇଟିଡିଏସ୍) ଗ୍ରହଣଯୋଗ୍ୟ ପରିମାଣର ଭୁଲ୍ ହିସାବ ଯୋଗୁ ସାମ୍ପ୍ରତିକ ସମ୍ପତ୍ତି 3.39 କୋଟି ଟଙ୍କା ଅଧିକ ଦର୍ଶାଯାଇଛି । ଏହାଦ୍ୱାରା ଅନ୍ୟାନ୍ୟ ସାମ୍ପ୍ରତିକ ସମ୍ପତ୍ତି ମଧ୍ୟ ସମାନ ପରିମାଣରେ କମ ଦର୍ଶାଯାଇଛି ।<br>II. ସ୍ୱଳ୍ପ ମିଆଦୀ ଋଣ ଓ ଅଗ୍ରୀମରେ ବିଭିନ୍ନ ଯୋଗାଣକାରୀ (0.27 କୋଟି ଟଙ୍କା) ଏବଂ ଠିକାଦାର (0.35 କୋଟି ଟଙ୍କା)ଙ୍କୁ ଦିଆଯାଇଥିବା 0.62 କୋଟି ଟଙ୍କାର ଅଗ୍ରୀମ ସହିତ ଅନ୍ତର୍ଭୁକ୍ତ ଯାହା ଯୋଗାଣକାରୀଙ୍କ କ୍ଷେତ୍ରରେ 18 ବର୍ଷରୁ ଅଧିକ ଏବଂ ଠିକାଦାରଙ୍କ କ୍ଷେତ୍ରରେ 7 ବର୍ଷରୁ ଅଧିକ ସମୟ ଧରି ଗଡୁଛି । ଏହି ଅଗ୍ରୀମ ପୁନରୁଦ୍ଧାର ସମ୍ଭାବନା କମ ହୋଇଥିବାରୁ ଆବଶ୍ୟକୀୟ ପ୍ରାବଧାନ କରାଯିବା ଉଚିତ ଥିଲା। ତାହାର ପ୍ରାବଧାନ ନକରିବା ଫଳରେ ଅନ୍ୟାନ୍ୟ ଖର୍ଚ୍ଚ କମ ହୋଇଯାଇଥିଲା ଏବଂ ସ୍ୱଳ୍ପମିଆଦୀ ଋଣ ଓ ଅଗ୍ରୀମ ଏବଂ ଲାଭ 0.62 କୋଟି ଟଙ୍କା ବୃଦ୍ଧି ପାଇଥିଲା।<br>III. ଅନ୍ୟ ସାମ୍ପ୍ରତିକ ସମ୍ପତ୍ତିଗୁଡ଼ିକ ମଧ୍ୟରେ 2013-14 ଏବଂ 2014-15 ବର୍ଷ ପାଇଁ ଆୟକର ବିଭାଗରୁ ଫେରସ୍ତ ପାଇବା ପାଇଁ 0.16 କୋଟି ଟଙ୍କା ଅନ୍ତର୍ଭୁକ୍ତ । ଯେହେତୁ ଫେରସ୍ତ ପାଇବା ଟାଇମ ବାର୍‌ଡ ହୋଇସାରିଛି ଏବଂ ଫେରସ୍ତ ପାଇବାର ସମ୍ଭାବନା କମ ଅଟେ, ଆବଶ୍ୟକ ବ୍ୟବସ୍ଥା କରାଯିବା ଉଚିତ ଥିଲା । ଏହାର ପ୍ରାବଧାନ ନକରିବାରୁ ସ୍ୱଳ୍ପମିଆଦୀ ପ୍ରାବଧାନ କମ ହୋଇଯାଇଥିଲା ଏବଂ ଅନ୍ୟ ସାମ୍ପ୍ରତିକ ସମ୍ପତ୍ତି ଏବଂ ଲାଭ ଅଧିକ ହୋଇଯାଇଥିଲା । |
| 7 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଦୀର୍ଘକାଳୀନ ଋଣ ଏବଂ ଅଗ୍ରୀମରେ ଗତ ଅନେକ ବର୍ଷ ଧରି ଅଣ-ପୁନରୁଦ୍ଧାର ଏବଂ ଅସମାଯୋଜିତ ହୋଇ ପଡ଼ିଥିବା ଆଠଟି ଅଚଳ ପ୍ରକଳ୍ପ ସମ୍ବନ୍ଧୀୟ ଯୋଗାଣକାରୀଙ୍କ ଅଗ୍ରୀମ ବାବଦ 1.11 କୋଟି ଟଙ୍କା ଅନ୍ତର୍ଭୁକ୍ତ । ଯେହେତୁ ପ୍ରକଳ୍ପଗୁଡ଼ିକ ଅଚଳ ଥିଲା |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ଅଗ୍ରୀମ ସଂଗ୍ରହର ସମ୍ଭାବନା ବହୁତ କମ, ତେଣୁ ଏହାକୁ ଖରାପ ଏବଂ ସନ୍ଦେହଜନକ ଅଗ୍ରୀମ ଭାବରେ ସମ୍ପୂର୍ଣ୍ଣ ଭାବରେ ବାଦ ଦିଆଯିବା ଉଚିତ୍ । ଏହିପରି ପ୍ରାବଧାନ ନକରିବାରୁ ଦୀର୍ଘକାଳୀନ ଋଣ ଏବଂ ଅଗ୍ରୀମ 1.11 କୋଟି ଟଙ୍କା ଅଧିକ ଦର୍ଶାଯାଇଛି ଏବଂ ଫଳସ୍ୱରୂପ ସେହି ପରିମାଣରେ ଲାଭର ଅଧିକ ଦର୍ଶାଯାଇଛି । |

## ସାରଣୀ 1.23: ଡିସକ୍ଲୋଜର ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | କମ୍ପାନୀ 31 ମାର୍ଚ୍ଚ 2021 ସୁଦ୍ଧା ବୀମା ସଂରକ୍ଷଣ ପାଣ୍ଠିର ଅନ୍ତିମ ଅବଶେଷ 6.01 କୋଟି ଟଙ୍କା ବୋଲି ପ୍ରକାଶ କରିନାହିଁ ଯାହା ଉପରେ 18.34 ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି ଅଛି ଯାହା ଆକାଉଣ୍ଟର ନୋଟ୍‌ରେ ଉପଯୁକ୍ତ ଭାବରେ ପ୍ରକାଶ କରାଯିବା ଉଚିତ୍ ଥିଲା । |
| 2 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ଏଫ୍‌ପିଏସ୍ ସ୍ୱୟଂଚାଳିତ ପ୍ରକ୍ରିୟାରେ, ଅତ୍ୟାବଶ୍ୟକ ସାମଗ୍ରୀର ସମସ୍ତ କାରବାରକୁ ଡିଜିଟାଇଜ୍ କରିବା ପାଇଁ ପଏଣ୍ଟ ଅଫ୍ ସେଲ୍(ପିଓଏସ୍) ଯନ୍ତ୍ର ସ୍ଥାପନ କରାଯାଇଥିଲା । ଏଫ୍‌ପିଏସ୍ କାରବାରକୁ ସ୍ୱୟଂଚାଳିତ କରିବା ପାଇଁ ହାର୍ଡୱେୟାର ସ୍ଥାପନ ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ଦ୍ୱାରା ଜିଓଓରୁ ପ୍ରାପ୍ତ 36.43 କୋଟି ଟଙ୍କା ବ୍ୟବହାର କରାଯାଇଥିଲା । ଉପକରଣ ଏବଂ ସଫ୍ଟୱେୟାରର ମାଲିକା ଉପରେ ପିଡିଏସ୍ ସିଷ୍ଟମ ଅଧୀନରେ ଏଫ୍‌ପିଏସ୍ ସ୍ୱୟଂଚାଳନ ପାଇଁ ମାଷ୍ଟର ସର୍ଭିସ୍ ଚୁକ୍ତିନାମାର ପାରା 13(କେ) ଅନୁଯାୟୀ ବିକ୍ରେତା (ଦ୍ୱିତୀୟ ପକ୍ଷ) ଦ୍ୱାରା କ୍ରୟ, ବିକଶିତ, ବର୍ଦ୍ଧିତ, ପ୍ରସ୍ତୁତ କରାଯାଇଥିବା ସମସ୍ତ ଉପକରଣର ମାଲିକାନା ଓଏସ୍‌ସିଏସ୍‌ସି/ଜିଓଓ ପାଖରେ ସ୍ଥାୟୀ ଭାବରେ ରହିବ । ତଥାପି, 36.43 କୋଟି ଟଙ୍କାର ଏଫ୍‌ପିଏସ୍ ସ୍ୱୟଂଚାଳନ ପାଇଁ ସ୍ଥାପିତ ପିଓଏସ୍ ଯନ୍ତ୍ର ଭଳି ଦୃଶ୍ୟମାନ ସମ୍ପତ୍ତିକୁ ଓଏସ୍‌ସିଏସ୍‌ସିଏଲ୍‌ର ହିସାବକୁ ନିଆଯାଇ ନଥିଲା। ସମ୍ପତ୍ତିର ହିସାବ ନକରିବାର ଏହି ତଥ୍ୟକୁ ନୋଟ୍ ଅନ୍ ଆକାଉଣ୍ଟରେ ଏପରି ହିସାବ ନକରିବାର କାରଣ ସହିତ ଉପଯୁକ୍ତ ଭାବରେ ପ୍ରକାଶ କରାଯିବା ଉଚିତ୍ ଥିଲା। ନୋଟ୍ ଅନ୍ ଆକାଉଣ୍ଟ ସେହି ପରିମାଣରେ ନିଅଣ୍ଟ ଥିଲା । |
| 3 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | କମ୍ପାନୀର ପରିଚାଳନା କର୍ତ୍ତୃପକ୍ଷ, ଜଳନିଧି-2, ଏସ୍କ୍ରୋ ଆକାଉଣ୍ଟ, ଆରକେଭିୱାଇ ଏବଂ ବିକେଭିୱାଇ ଯୋଜନା ପାଣ୍ଠି ପାଇଁ ପୃଥକ ବ୍ୟାଙ୍କ ଆକାଉଣ୍ଟ ରଖିଛନ୍ତି ଏବଂ ବାଲାନ୍ସ ସିଟ୍‌ର ଦାୟିତ୍ୱ ପାର୍ଶ୍ୱରେ ଯୋଜନା ପାଣ୍ଠି ଉପରେ ଅର୍ଜିତ ସୁଧ ଦେଖାଉଛନ୍ତି । ଏହା ବ୍ୟତୀତ 10.21 କୋଟି ଟଙ୍କା (ଅର୍ଥାତ୍ 25.53 କୋଟି ଟଙ୍କା ରୋଜଗାର କରିଥିବା ମୋଟ ସୁଧର 40 ପ୍ରତିଶତ) ମଧ୍ୟ ଅନ୍ୟ ଯୋଜନା ପାଣ୍ଠି ଜମାରୁ ଅର୍ଜିତ ସୁଧ ଅନ୍ୟ ଦୀର୍ଘକାଳୀନ ଦାୟିତ୍ୱ ଅଧୀନରେ ଦର୍ଶାଯାଇଛି । ଦାୟିତ୍ୱ ପାର୍ଶ୍ୱରେ 40 ପ୍ରତିଶତ ସୁଧ ନେବାର ଅଭ୍ୟାସ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସେହି ଯୋଜନାଗୁଡ଼ିକ ପାଇଁ ନିଜସ୍ୱ ଅତିରିକ୍ତ କାର୍ଯ୍ୟ ପାଣ୍ଠି ମୁକ୍ତ କରିବା ହେତୁ ବିଚାର କରାଯାଇଛି ଯାହା ସ୍ଥିର ୟୁନିଟ୍‌କୁ ଅଗ୍ରୀମ ମୁକ୍ତ କରିବା ପରେ ସରକାର ଭରଣା କରନ୍ତି । ତଥାପି, ବାଲାନ୍ସ ସିଟ୍‌ର ଦାୟିତ୍ୱ ପାର୍ଶ୍ୱରେ ନିଆଯାଇଥିବା 40 ପ୍ରତିଶତ ସୁଧର ଅଭ୍ୟାସ ଏହାର ଉପଯୁକ୍ତ ଯଥାର୍ଥତା ସହିତ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟିଂ ନୀତି ଅଧୀନରେ ଉପଯୁକ୍ତ ଭାବରେ ପ୍ରକାଶ କରାଯାଇନାହିଁ । ତେଣୁ, ଡିସ୍କ୍ଲୋଜରଟି ସେହି ପରିମାଣରେ ନିଅଣ୍ଟ ଥିଲା। |
| 4 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ | ଜିଏସ୍‌ଟି ନିୟମର ଧାରା 73(5) ଅଧିନରେ ଇପିକଲ୍ ଦ୍ୱାରା ଦେୟ କରାଯାଉଥିବା ଟିକସ/ସୁଧ/ଜୋରିମାନା ପୈଠ ବାବଦରେ କେନ୍ଦ୍ରୀୟ ଜିଏସ୍‌ଟି ଏବଂ ସିଇ, |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | ଲିମିଟେଡ୍ | ଭୁବନେଶ୍ୱରର ପ୍ରମୁଖ ଆୟୁକ୍ତ (ଅଡିଟ୍) କାର୍ଯ୍ୟାଳୟରୁ ପ୍ରାପ୍ତ 0.30 କୋଟି ଟଙ୍କାର ଦାବି (14.12.2021) ସମ୍ଭାବ୍ୟ ଦାୟିତ୍ୱ [ନୋଟ୍ 20(2.7)]ରେ ଅନ୍ତର୍ଭୁକ୍ତ ନୁହେଁ । ଯେହେତୁ କମ୍ପାନୀ ଉପର୍ଯ୍ୟୁକ୍ତ ନୋଟିସ ବିରୋଧରେ ଦେୟ ପାଇଁ ଆବେଦନ କରିଛି, ତେଣୁ ଆକାଉଣ୍ଟରେ ଉପଯୁକ୍ତ ତଥ୍ୟ ପ୍ରକାଶ ହେବା ଉଚିତ ଥିଲା । |
| 5 | ଓଡିଶା ଖଣି ନିଗମ ଲିମିଟେଡ୍ | ନିଗମ, ଅଗଷ୍ଟ 2016ରେ 101.33 କୋଟି ଟଙ୍କା (ସ୍ଥାୟୀ ପରିମାଣ: 31.99 କୋଟି ଟଙ୍କା + ଅପ୍‌ଫ୍ରଣ୍ଟ ଦେୟ: 69.34 କୋଟି ଟଙ୍କା) ଦେୟ କରି ଜିଓଆଇରୁ ବୈତରଣୀ ପଶ୍ଚିମ କୋଇଲା ଖଣିର ଲିଜ୍ ହାସଲ କରିଥିଲା । ଆଜି ପର୍ଯ୍ୟନ୍ତ ଖଣିଟି କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ବିନା ଜୋରିମାନାରେ ଅଣ କାର୍ଯ୍ୟକ୍ଷମ ଖଣି ଫେରସ୍ତ କରିବା ପାଇଁ ଜିଓଆଇ (9 ମଇ 2022) ଦ୍ୱାରା ଏକ ଯୋଜନା ଘୋଷଣା ହେବା ପରେ ନିଗମ ଏକ ସଂକଳ୍ପ (19 ମଇ 2022) ପାରିତ କରିଥିଲା ଏବଂ ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ଏହି ଯୋଜନା ଅଧୀନରେ ବୈତରଣୀ ପଶ୍ଚିମ କୋଇଲା ଖଣିକୁ ଫେରସ୍ତ କରିବା ଏବଂ 101.33 କୋଟି ଟଙ୍କା ପରିତ୍ୟାଗ କରିବା ପାଇଁ ଏକ ଦରଖାସ୍ତ (ଜୁନ୍ 2022) ଦାଖଲ କରିଥିଲା । ନିଗମ ଘଟଣାର ଆସନ୍ନ ପ୍ରଭାବ ପ୍ରକାଶ କରିବାରେ ବିଫଳ ହୋଇଥିଲା । |
| 6 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | ସ୍ମାର୍ଟ ସିଟି ମିଶନ ବିବୃତ୍ତି ଏବଂ ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟି ମିଶନ ଉଭୟ ରାଜ୍ୟ ଏବଂ କେନ୍ଦ୍ରର ମେଳକ ଅବଦାନ ସହିତ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍‌ଏସ୍) ଭାବରେ ପରିଚାଳିତ ହେବ । ମଞ୍ଜୁର ହୋଇଥିବା 500 କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାର ଏମ୍‌ଓଏଚ୍‌ୟୁଏର ଏବଂ ଓଇ ଖର୍ଚ୍ଚ ପାଇଁ 2 ପ୍ରତିଶତ (ଅର୍ଥାତ୍ 5 କୋଟି ଟଙ୍କା) କାଟିବା ପରେ 245 କୋଟି ଟଙ୍କା ଯୋଗଦାନ କରିଥିଲେ । 250 କୋଟି ଟଙ୍କାର ଅନୁରୂପ ଅଂଶଦାନ ପ୍ରତିବଦଳରେ, ରାଜ୍ୟ ସରକାର 249 କୋଟି ଟଙ୍କା ପ୍ରଦାନ କରିଛନ୍ତି ଯାହାଫଳରେ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ 1.00 କୋଟି ଟଙ୍କା କମ୍ ରହିଛି ଯାହା ଆର୍ଥିକ ବିବୃତ୍ତିରେ ପ୍ରକାଶ କରାଯିବା ଉଚିତ୍ ଥିଲା । ଏହିପରି ଡିସକ୍ଲୋଜରଟି ସେହି ପରିମାଣରେ ନିଅଣ୍ଟ ଥିଲା । |
| 7 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 09 ଜୁନ୍ 2021ରେ ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିଷ୍ପତ୍ତି ଅନୁଯାୟୀ ତଲଙ୍ଗୀ 'ଏ' ଖଣିର ଖଣି ଅଧିକାର ହିସାବରୁ ବାଦ ଦେବା କାରଣରୁ ଅଦୃଶ୍ୟ ସମ୍ପତ୍ତି (ଖଣି ଅଧିକାର) 17.02 କୋଟି ଟଙ୍କା କମ ହୋଇଛି । ଏହାର ଅସୁରକ୍ଷିତ ଏବଂ ଅମିତବ୍ୟୟୀ କାର୍ଯ୍ୟ ହେତୁ ଇଡ୍‌କଲ୍ ଫେରୋକ୍ରୋମ ଆଣ୍ଡ ଆଲଏଜ୍ ଲିମିଟେଡ୍ (ଇଫ୍‌କାଲ୍)ର ପରିଚାଳନା ନିର୍ଦ୍ଦେଶକଙ୍କ ବିଜ୍ଞପ୍ତି ଅନୁଯାୟୀ 26 ଜୁନ୍ 2020ରୁ ଦୁଇ ବର୍ଷ ପାଇଁ ଖଣି କାର୍ଯ୍ୟ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଥିଲା । ବୋର୍ଡର ନିଷ୍ପତ୍ତି ସଠିକ ନଥିଲା କାରଣ ଖଣି ସମ୍ବନ୍ଧରେ ଅନାବଶ୍ୟକ ପରିମାଣ ହିସାବରୁ ବାଦ ଦେବା ପୂର୍ବରୁ ଖଣି ଲିଜ୍ ଫେରସ୍ତ କରାଯାଇ ନଥିଲା କିମ୍ବା ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇ ନଥିଲା । ଏହିପରି, ଏକ ବର୍ଷରେ ଖଣି ଅଧିକାରର ଅନୁପଯୁକ୍ତ ପରିଶୋଧ ଫଳରେ "ଖଣି ଅଧିକାର" କମ ହୋଇଥିଲା, "ଅବମୂଲ୍ୟାୟନ ଏବଂ ପରିଶୋଧ" ବୃଦ୍ଧି ପାଇବା ସହିତ "ଲାଭ" 17.02 କୋଟି ଟଙ୍କା କମ ହୋଇଥିଲା । |
| 8 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଏଏସ୍-15 ଅନୁଯାୟୀ, ଯଦି ଅବସରକାଳୀନ ସୁବିଧା ପାଇଁ ଦାୟିତ୍ୱ ଏକ ବୀମାକାରୀଙ୍କ ଦ୍ୱାରା ପରିଚାଳିତ ଏକ ଯୋଜନା ମାଧ୍ୟମରେ ପାଣ୍ଠି ପ୍ରଦାନ କରାଯାଏ, ତେବେ କମ୍ପାନୀ ସେହି ଯୋଜନାଗୁଡ଼ିକରେ ପରିବର୍ତ୍ତନର ଆର୍ଥିକ ପ୍ରଭାବ ସମ୍ବନ୍ଧରେ ସୂଚନା, ପ୍ରତ୍ୟେକ ନିର୍ଦ୍ଦିଷ୍ଟ ହେଡ୍ ତଳେ ପୃଥକ ଭାବରେ ଦେଖାଯାଉଥିବା ନିର୍ଦ୍ଧାରିତ ବାଧ୍ୟତାମୂଳକର ବର୍ତ୍ତମାନର ମୂଲ୍ୟର ସନ୍ତୁଳନ ଖୋଲିବା ଏବଂ ବନ୍ଦ କରିବାର ଏକ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ସମନ୍ୱୟ ବିବୃତ୍ତି, ନିର୍ଦ୍ଧାରିତ ଲାଭ ବାଧ୍ୟତାମୂଳକର ପାଣ୍ଠି ପ୍ରାପ୍ତ ସ୍ଥିତି, ଯୋଜନା ସମ୍ପତ୍ତିର ଉଚିତ୍ ମୂଲ୍ୟ ଏବଂ ବାଲାନ୍ସ ସୀଟ୍‌ରେ ସ୍ୱୀକୃତି ପ୍ରାପ୍ତ ଦେୟ ଅତି କମରେ ଅତୀତର ସେବାମୂଲ୍ୟ ପ୍ରକାଶ କରିବା ଉଚିତ ଥିଲା । ଏହା ପ୍ରକାଶ କରାଯାଇନଥିଲା । ଏହିପରି ଡିସ୍‌କ୍ଲୋଜରଟି ସେହି ପରିମାଣରେ ନିଅଣ୍ଟ ଥିଲା । |
| 9 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | (I) ସମ୍ପୂର୍ଣ୍ଣ ଦାବି ବାବଦକୁ 54. 25 କୋଟି ଟଙ୍କା ମୂଲ୍ୟାଙ୍କନ ବର୍ଷ 2014-15 ପାଇଁ ପ୍ରତିବାଦରେ ଆୟକର ପ୍ରଦାନ କରାଯାଇଥିଲେ ମଧ୍ୟ କେବଳ 38.07 କୋଟି ଟଙ୍କା ସମ୍ଭାବ୍ୟ ଦାୟିତ୍ୱ ଭାବରେ ହିସାବ କରାଯାଇଛି । ଏହାର ଫଳସ୍ୱରୁପ ସମ୍ଭାବ୍ୟ ଦାୟିତ୍ୱ 16.18 କୋଟି ଟଙ୍କା କମ ହୋଇଥିଲା ।<br>(II) 2020-21 ବର୍ଷରେ ମଦ ବିକ୍ରି ଉପରେ କମ୍ପାନୀ ଭାଟ୍ (ମୂଲ୍ୟଯୁକ୍ତ ଟିକସ) ଏବଂ ଟିସିଏସ୍ (ଉତ୍ସରେ ସଂଗୃହିତ ଟିକସ) ଦିଗରେ ଓଡ଼ିଶା ସରକାରଙ୍କୁ ଯଥାକ୍ରମେ 1,329.41 କୋଟି ଟଙ୍କା ଏବଂ 57.72 କୋଟି ଟଙ୍କା ପ୍ରଦାନ କରିଛି/କରିବାର ଅଛି । ଯେହେତୁ ଭାଟ୍ ଏବଂ ଟିସିଏସ୍ ସହିତ ଜଡ଼ିତ ପରିମାଣ ବହୁତ ବେଶି ଏବଂ କମ୍ପାନୀର କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହା 2020-21 ବର୍ଷ ପାଇଁ ହିସାବରେ ପ୍ରକାଶ କରାଯିବା ଉଚିତ୍ ଥିଲା ।<br>(III) 2020-21 ବର୍ଷରେ ଆଇଏମ୍‌ଏଫ୍‌ଏଲ୍ ଏବଂ ବିୟର ବିକ୍ରି ଉପରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆଦାୟ କରାଯାଉଥିବା ସ୍ୱତନ୍ତ୍ର କୋଭିଡ୍ ଦେୟ ପାଇଁ କମ୍ପାନୀ 570.77 କୋଟି ଟଙ୍କା ପ୍ରଦାନ କରିଛି/କରିବାର ଅଛି । ଏହା ମଧ୍ୟ 2020-21 ବର୍ଷ ପାଇଁ ହିସାବରେ ପ୍ରକାଶ କରାଯିବା ଉଚିତ ଥିଲା ।<br>(IV) ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଅନୁଯାୟୀ, 15.59 କୋଟି ଟଙ୍କାର ଅଗ୍ରୀମ 365 ଦିନରୁ ଅଧିକ ସମୟ ପାଇଁ ପଡି ରହିଅଛି । ତେବେ ଅଡିଟ୍ ଅନୁଯାୟୀ, 7.53 କୋଟି ଟଙ୍କାର ଅଗ୍ରୀମ 365 ଦିନରୁ ଅଧିକ ସମୟ ପାଇଁ ବକେୟା ଅଛି । |

**ସାରଣୀ 1.24: ସମୀକ୍ଷକଙ୍କ ପ୍ରତିବେଦନ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | I. କମ୍ପାନୀ ଅଧିନିୟମ 2013 ଅଧୀନରେ ବୈଧାନିକ ସମୀକ୍ଷକଙ୍କୁ ଜାରି କରାଯାଇଥିବା ଉପ ନିର୍ଦ୍ଦେଶ 1 ଅନୁଯାୟୀ, ସାଧୀନ ସମୀକ୍ଷକଙ୍କୁ ବର୍ଷରେ କମ୍ପାନୀ ଦ୍ୱାରା ବହନ କରାଯାଉଥିବା ବୀମା କଭରେଜ୍ ଖର୍ଚ୍ଚର ଆକାଉଣ୍ଟିଂ ପ୍ରଭାବ ଉପରେ ମନ୍ତବ୍ୟ ଦେବା ଆବଶ୍ୟକ ଥିଲା । ତଥାପି, ବୈଧାନିକ ସମୀକ୍ଷକ ବୀମା ପ୍ରିମିୟମ ପାଇଁ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା 0.89 କୋଟି ଟଙ୍କାର ବୀମା କଭରେଜ ଖର୍ଚ୍ଚର ଆକାଉଣ୍ଟିଂ ପ୍ରଭାବ ବିଷୟରେ ଚୁପ୍ ରହିଥିଲେ ଯଦିଓ କମ୍ପାନୀ ଏହାର ଇନ୍‌ଭେଣ୍ଟୋରୀ ଭାବରେ ବୀମାଭୁକ୍ତ ଷ୍ଟକ୍‌କୁ ହିସାବ କରେ ନାହିଁ ।<br>II. କମ୍ପାନୀ ଅଧିନିୟମ 2013 ଅଧୀନରେ ବୈଧାନିକ ସମୀକ୍ଷକଙ୍କୁ ଜାରି କରାଯାଇଥିବା ଉପ ନିର୍ଦ୍ଦେଶ 2 ଅନୁଯାୟୀ ସାଧୀନ ସମୀକ୍ଷକଙ୍କୁ ଓଡ଼ିଶା ଅବକାରୀ ଅଧିନିୟମ, 2008 ଅନୁଯାୟୀ ଦୁଇଟି ଲାଇସେନ୍ ଅବଧି |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ମଧ୍ୟରେ ଭିନ୍ନ ଉତ୍ପାଦ ଶୁଳ୍କ ଦିଗରେ ନିଗମ ଦ୍ୱାରା କରାଯାଇଥିବା ଆକାଉଣ୍ଟିଂ ଏଣ୍ଟ୍ରିର ସମ୍ପୂର୍ଣ୍ଣତା ଉପରେ ମନ୍ତବ୍ୟ ଦେବା ଆବଶ୍ୟକ ଥିଲା । ତଥାପି, ସାଧୀନ ସମୀକ୍ଷକଙ୍କ ପ୍ରତିବେଦନ ବିଭେଦକ ଉତ୍ପାଦ ଶୁଳ୍କ ପରିମାଣ ବିଷୟରେ ଚୁପ୍ ଅଛି । ଅଡିଟ୍ ଅନୁଯାୟୀ, 2020-21 ମଧ୍ୟରେ ଯୋଗାଣକାରୀଙ୍କଠାରୁ ସଂଗ୍ରହ କରାଯାଇଥିବା ଆନୁମାନିକ ବିଭେଦକ ଉତ୍ପାଦ ଶୁଳ୍କ ହେଉଛି 26.62 କୋଟି ଟଙ୍କା ।<br>III. କମ୍ପାନୀ ନିୟମ, 2013 ଅଧୀନରେ ବୈଧାନିକ ସମୀକ୍ଷକଙ୍କୁ ଜାରି କରାଯାଇଥିବା ଉପ ନିର୍ଦ୍ଦେଶ 4 ଅନୁଯାୟୀ ସାଧୀନ ସମୀକ୍ଷକଙ୍କୁ ବର୍ଷରେ ଷ୍ଟକ୍ ଧାରଣ ଚାର୍ଜର ସଠିକତା ସୁନିଶ୍ଚିତ କରିବା ଆବଶ୍ୟକ ଥିଲା । ତଥାପି, ସାଧୀନ ସମୀକ୍ଷକ ଉପଭୋକ୍ତା ଷ୍ଟକ୍ ଧାରଣ ଚାର୍ଜ କରୁଥିବା ଆକଳନର ସଠିକତା ବିଷୟରେ ଚୁପ୍ ରହିଥିଲେ । ସମୀକ୍ଷକଙ୍କ ମନ୍ତବ୍ୟ ଏହି ଦିଗରେ ନିଅଣ୍ଟ ଥିଲା । |
| 2 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 17.55 କୋଟି ଟଙ୍କାର ଅସମାପ୍ତ ଖଣି ଅଧିକାରର ପରିଶୋଧ ଏଏସ୍-28, ଅର୍ଥାତ୍ "ସମ୍ପତ୍ତିର ଦୁର୍ବଳତା" ବ୍ୟବସ୍ଥା ଉପରେ ଆଧାର କରି କ୍ୱାଲିଫାଏଡ୍ କରିଥିଲେ ଯାହା ଉପଯୁକ୍ତ ନଥିଲା । ଯେହେତୁ କମ୍ପାନୀ ଅସମାପ୍ତ ଖଣି ଅଧିକାରକୁ ହିସାବରୁ ବାଦ ଦେଇଥିଲା, ଯାହାର କାର୍ଯ୍ୟ ସାମୟିକ ଭାବରେ ବନ୍ଦ କରାଯାଇଥିଲା, ଏହାକୁ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସଠିକ୍ ଭାବରେ କ୍ୱାଲିଫାଏଡ୍ କରାଯିବା ଉଚିତ୍ ଥିଲା । |

## 1.10 ବୈଧାନିକ ନିଗମ ଯେଉଁଠାରେ ସିଏଜି ଏକମାତ୍ର ସମୀକ୍ଷକ

ସିଏଜି ଦ୍ୱାରା ବୈଧାନିକ ନିଗମର ହିସାବ ଉପରେ ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଯେଉଁଠାରେ ସିଏଜି ଏକମାତ୍ର ଅଡିଟର ଅଟନ୍ତି ତାହା ନିମ୍ନରେ ବିସ୍ତୃତ:

**ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍ଆର୍‌ଟିସି)**

(i) କର୍ମଚାରୀ କଲ୍ୟାଣ ଖର୍ଚ୍ଚରେ 2019-20 ଆର୍ଥିକ ବର୍ଷରେ ସଂଶୋଧିତ ସର୍ବନିମ୍ନ ମଜୁରୀ ବାବଦରେ ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା 0.44 କୋଟି ଟଙ୍କା ଅନ୍ତର୍ଭୁକ୍ତ ହୋଇନାହିଁ । ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ପ୍ରଦାନ କରାଯାଉଥିବା ସଂଶୋଧିତ ସର୍ବନିମ୍ନ ମଜୁରୀର ହିସାବ ନହେବା ଦ୍ୱାରା ସ୍ୱଳ୍ପ କାଳୀନ ବ୍ୟବସ୍ଥା ଏବଂ କ୍ଷତିରେ 0.44 କୋଟି ଟଙ୍କା କମ ହୋଇଥିଲା ।

(ii) ଅନୁଗୋଳ ଏବଂ କଟକରେ ବସ୍ ରହଣିସ୍ଥଳ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ହିସାବ ନହେବା କାରଣରୁ ସ୍ଥାୟୀ ସମ୍ପତ୍ତି 2.45 କୋଟି ଟଙ୍କା ଅଳ୍ପ ଦର୍ଶାଯାଇଛି । ଏହା ଦ୍ୱାରା ଅନୁଦାନ ଏବଂ ସହାୟତା (ରାଜ୍ୟ ସରକାରୀ ପୁଞ୍ଜି ବ୍ୟୟ) 2.45 କୋଟି ଟଙ୍କା ଅଧିକ ମଧ ହୋଇଛି ଏବଂ ଅବକ୍ଷୟଣ ଏବଂ କ୍ଷତିର 0.06 କୋଟି ଟଙ୍କା କମ ହୋଇଛି ।

(iii)ପୁଞ୍ଜି କାର୍ଯ୍ୟ ପ୍ରଗତିରେ 6.78 କୋଟି ଟଙ୍କା ହ୍ରାସ ପାଇଛି କାରଣ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଜୟପୁର ଏବଂ ବଲାଙ୍ଗିରରେ ଚାଲୁଥିବା ପ୍ରକଳ୍ପ ଯଥା ବସ୍ ରହଣୀସ୍ଥଳ ପାଇଁ ପାଣି ପ୍ରଦାନ କରିବାର ଦାବି (6.78 କୋଟି ଟଙ୍କା)ର ହିସାବ ହୋଇନାହିଁ । ଏହାଦ୍ୱାରା ସମାନ ପରିମାଣରେ ଅନ୍ୟାନ୍ୟ ଦାୟିତ୍ୱ କମ ହୋଇଛି ।

(iv) ନିଗମ ମଧ୍ୟସ୍ଥତା ପ୍ରକ୍ରିୟା ସଂଖ୍ୟା 68/2019 ଏବଂ ମଧ୍ୟସ୍ଥତା ପ୍ରକ୍ରିୟା ରକ୍ଷଣାବେକ୍ଷଣ ପାଇଁ ଏସ୍‌ଏଲ୍‌ପି(ସି) ଡିଓ୍ୱାଇ ସଂଖ୍ୟା 10086/2020ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଓଏସ୍‌ଆର୍‌ଟିସିରୁ ମେସର୍ସ ଏଆର୍‌ଏସ୍‌ଏସ୍ ବସ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଦାବି କରାଯାଇଥିବା ପରିମାଣ 25.61 କୋଟି ଟଙ୍କା ପ୍ରକାଶ କରାଯାଇ ନାହିଁ । ଏଏସ୍ 29 ଅନୁଯାୟୀ ଆକାଉଣ୍ଟର ନୋଟ୍‌ରେ ସମ୍ଭାବ୍ୟ ଦାୟିତ୍ୱ (ନୋଟ୍-21.15) ଭାବରେ ଏହା ପ୍ରକାଶ କରାଯିବା ଉଚିତ୍ ଥିଲା ।

## 1.11 ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍ ପ୍ରାବଧାନର ଅନୁପାଳନ ନକରିବା

କମ୍ପାନୀ ଅଧିନିୟମ, 2013ର ଧାରା 469 ଏବଂ ଧାରା 129(1), 132, 133ରେ ପ୍ରଦାନ କରାଯାଇଥିବା କ୍ଷମତାର ପ୍ରୟୋଗରେ କେନ୍ଦ୍ର ସରକାର ହିସାବ ମାନଦଣ୍ଡ 1ରୁ 7 ଏବଂ 9ରୁ 29 ବିହିତ କରିଥିଲେ। ଏତଦ୍‌ବ୍ୟତୀତ, କେନ୍ଦ୍ର ସରକାର କମ୍ପାନୀଗୁଡିକ (ଭାରତୀୟ ହିସାବ ମାନଦଣ୍ଡ) ନିୟମ, 2015 ଏବଂ କମ୍ପାନୀଗୁଡିକ (ଭାରତୀୟ ହିସାବ ମାନଦଣ୍ଡ) (ସଂଶୋଧନ) ନିୟମ, 2016 ମାଧ୍ୟମରେ, 41ଟି ଭାରତୀୟ ହିସାବ ମାନଦଣ୍ଡ (ଇଣ୍ଡ ଏଏସ୍) ଜାରି କରିଥିଲେ।

ବୈଧାନିକ ସମୀକ୍ଷକ ତାଙ୍କ ପ୍ରତିବେଦନରେ ଦର୍ଶାଇଛନ୍ତି ଯେ 11ଟି କମ୍ପାନୀ ବାଧ୍ୟତାମୂଳକ ହିସାବ ମାନଦଣ୍ଡ/ଇଣ୍ଡ ଏଏସ୍‌କୁ ଅନୁପାଳନ କରୁନାହାନ୍ତି ଯାହା **ପରିଶିଷ୍ଟ 14**ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଅନୁପୂରକ ସମୀକ୍ଷା ପ୍ରକ୍ରିୟାରେ ସିଏଜି ନୀରିକ୍ଷଣ କଲେ ଯେ, ନିମ୍ନଲିଖିତ କମ୍ପାନୀଗୁଡିକ ମଧ୍ୟ ହିସାବ ମାନଦଣ୍ଡ/ଇଣ୍ଡ ଏଏସ୍‌କୁ ଅନୁପାଳନ କରି ନଥିଲେ ଯାହାକି ସେମାନଙ୍କ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ପ୍ରତିବେଦିତ କରାଯାଇ ନଥିଲା ଏବଂ ଏହା ନିମ୍ନ ସାରଣୀ 1.25ରେ ଦର୍ଶାଯାଇଛି ।

**ସାରଣୀ 1.25: ଅନୁପୂରକ ସମୀକ୍ଷା ସମୟରେ ଦେଖାଯାଇଥିବା ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍‌କୁ ଅନୁପାଳନ ନକରିବା**

| ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍ | | କମ୍ପାନୀର ନାମ | ବ୍ୟତିକ୍ରମ |
|---|---|---|---|
| ଏଏସ୍ 15 | ଅବସରକାଳୀନ ସୁବିଧା ନିମିତ୍ତ ବୀମା ଯୋଜନାରେ କରାଯାଇଥିବା ପରିବର୍ତ୍ତନର ଆର୍ଥିକ ପ୍ରଭାବ ପ୍ରକାଶ ନକରିବା | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଏଏସ୍-15 ଅନୁଯାୟୀ, ଯଦି ଅବସରକାଳୀନ ସୁବିଧା ପାଇଁ ଦାୟିତ୍ୱ, ଏକ ବୀମାକାରୀଙ୍କ ଦ୍ୱାରା ପରିଚାଳିତ ଏକ ଯୋଜନା ମାଧ୍ୟମରେ ପାଣ୍ଠି ପ୍ରଦାନ କରାଯାଏ, ତେବେ କମ୍ପାନୀ ସେହି ଅବଧି ମଧ୍ୟରେ ସେହି ଯୋଜନାରେ ପରିବର୍ତ୍ତନର ଆର୍ଥିକ ପ୍ରଭାବ ସମ୍ବନ୍ଧରେ ସୂଚନା ପ୍ରକାଶ କରିବା ଉଚିତ୍ । ଏହା କମ୍ପାନୀ ଦ୍ୱାରା ପ୍ରକାଶ କରାଯାଇ ନଥିଲା । |

## 1.12 ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି

ଆର୍ଥିକ ସମୀକ୍ଷାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ସମୀକ୍ଷକ ଏବଂ ନିଗମଗୁଡିକର ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଆର୍ଥିକ ବିବରଣୀଗୁଡିକର ସମୀକ୍ଷାରୁ ଉତ୍ପନ୍ନ ସମୀକ୍ଷା ପ୍ରସଙ୍ଗରେ ଯୋଗାଯୋଗ ସ୍ଥାପନ କରିବା।

ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ବିବରଣୀ ଉପରେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣଗୁଡିକ କମ୍ପାନୀ ଅଧିନିୟମ, 2013ର ଧାରା 143(5) ଅନୁଯାୟୀ ସିଏଜିଙ୍କ ମନ୍ତବ୍ୟ ଭାବରେ ରିପୋର୍ଟ କରାଯାଇଥିଲା। ଏହି ମନ୍ତବ୍ୟଗୁଡିକ ବ୍ୟତୀତ, ଆର୍ଥିକ ବିବରଣୀ କିମ୍ବା ରିପୋଟିଂ ପ୍ରକ୍ରିୟାରେ ସିଏଜିଙ୍କ ଦ୍ୱାରା ଦର୍ଶାଯାଇଥିବା ଅନିୟମିତତା କିମ୍ବା ତ୍ରୁଟିଗୁଡିକର ସଂଶୋଧନ ପାଇଁ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଏକ ଚିଠି ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା। ଏହି ଅଭାବଗୁଡିକ ସାଧାରଣତଃ ନିମ୍ନ ସମ୍ବନ୍ଧୀୟ:

- ହିସାବ ନୀତି ଏବଂ ପ୍ରଥାର ପ୍ରୟୋଗ ଓ ବ୍ୟାଖ୍ୟା;

- ସମୀକ୍ଷାରୁ ଉତ୍ପନ୍ନ ସଂଶୋଧନ ଯାହା ଆର୍ଥିକ ବିବରଣୀ ଉପରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ; ଏବଂ

- ନିର୍ଦ୍ଦିଷ୍ଟ ସୂଚନା ଉପରେ ପର୍ଯ୍ୟାପ୍ତ କିମ୍ବା ଆଦୌ ଉଲ୍ଲେଖ ନକରିବା ବିଷୟରେ ସଂପୃକ୍ତ ସରକାରୀ ଉଦ୍ୟୋଗର ପରିଚାଳନା କର୍ତ୍ତୃପକ୍ଷ ପରବର୍ତ୍ତୀ ବର୍ଷଗୁଡ଼ିକରେ ସଂଶୋଧିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେଇଥିବା ଆଶ୍ୱାସନା ।

ବର୍ଷ ମଧ୍ୟରେ, ସିଏଜି 26ଟି ରାଜ୍ୟ ସରକାରୀ ଉଦ୍ୟୋଗର 'ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି' ଜାରି କରିଥିଲେ ଯାହାର ତାଲିକା **ପରିଶିଷ୍ଟ 15**ରେ ଦିଆଯାଇଛି।

## 1.13 ସୁପାରିଶ

ରାଜ୍ୟ ସରକାର ଏସ୍‌ପିଏସ୍‌ଇଗୁଡିକର ଆର୍ଥିକ ବିବରଣୀ ଠିକ୍ ସମୟରେ ଦାଖଲ ନିଶ୍ଚିତ କରିପାରନ୍ତି କାରଣ ହିସାବଗୁଡିକର ଚୂଡ଼ାନ୍ତକରଣ ଅନୁପସ୍ଥିତିରେ, ଏହି ଏସ୍‌ପିଏସ୍‌ଇଗୁଡିକରେ ସରକାରୀ ବିନିଯୋଗ ରାଜ୍ୟ ବିଧାନସଭାର ତଦାରଖ ବାହାରେ ରହିଥାଏ ।

# ଅଧ୍ୟାୟ-II

## କ୍ଷତି ସହୁଥିବା ପିଏସ୍‌ୟୁଗୁଡିକ ଚାଲୁରଖିବାର ଯଥାର୍ଥତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

## ଅଧ୍ୟାୟ-II

## ଗ୍ରୀଡ୍‌କୋ ଲିମିଟେଡ୍, ଇଡ୍‌କଲ୍ ଓ ଏହାର ସହାୟକ ଏବଂ ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍

## କ୍ଷତି ସହୁଥିବା ପିଏସ୍‌ୟୁଗୁଡିକ ଚାଲୁରଖିବାର ଯଥାର୍ଥତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

### 2.1 ଉପକ୍ରମ

ଜନସାଧାରଣଙ୍କ କଲ୍ୟାଣ ନିମିତ୍ତ ସାମଗ୍ରିକ ସ୍ତରରେ ବିକାଶ ପାଇଁ ଅର୍ଥନୀତିର ପୃଥକ କ୍ଷେତ୍ରଗୁଡିକ ସରକାରୀ ହସ୍ତକ୍ଷେପର ପରିମାପ ଭାବରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଉଦ୍ୟୋଗ(ପିଏସ୍‌ୟୁ)ଗୁଡିକ ସୃଷ୍ଟି କରାଯାଇଛି। ସେଗୁଡିକରେ ବିନିଯୋଗ ହୋଇଥିବା ଜନସାଧାରଣଙ୍କ ବିପୁଳ ଅର୍ଥକୁ ସଠିକ ଭାବରେ ବ୍ୟବହାର କରିବା ସହିତ ସେମାନଙ୍କର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ଉତ୍ତମ ପରିଚାଳନା କରାଯିବା ଆବଶ୍ୟକ। ପିଏସ୍‌ୟୁଗୁଡିକରେ କ୍ଷତି ହେବା ଦ୍ୱାରା ଏଥିରେ ବିନିଯୋଗ ହୋଇଥିବା ପୁଞ୍ଜି ନଷ୍ଟ ହୋଇଥାଏ। ଏହି ପରିପ୍ରେକ୍ଷୀରେ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟକରି କ୍ଷତି ସହୁଥିବା ପିଏସ୍‌ୟୁଗୁଡିକର କାର୍ଯ୍ୟଦକ୍ଷତା ଏହି ସମୀକ୍ଷାରେ ଯଥାର୍ଥତା ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇଥିଲା।

31 ମାର୍ଚ୍ଚ 2022 ସୁଦ୍ଧା, ଓଡିଶାରରେ ସିଏଜିଙ୍କର ସମୀକ୍ଷା ଅଧିନରେ 82ଟି ରାଜ୍ୟ ସରକାରୀ ଉଦ୍ୟୋଗ (ପିଏସ୍‌ୟୁ) ଥିଲା ଯାହା ମଧ୍ୟରେ ତିନୋଟି ବୈଧାନିକ ନିଗମ ଏବଂ 64ଟି ସରକାରୀ କମ୍ପାନୀ (26ଟି ନିଷ୍କ୍ରିୟ ସରକାରୀ କମ୍ପାନୀ ଅନ୍ତର୍ଭୁକ୍ତ କରି) ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ରହିଛି। ଏଥିମଧ୍ୟରୁ 14ଟି[12] ପିଏସ୍‌ୟୁର 31 ମାର୍ଚ୍ଚ 2022 ସୁଦ୍ଧା 8,775.18 କୋଟି ଟଙ୍କା ଏକତ୍ରୀକୃତ କ୍ଷତି ହୋଇଥିଲା। ପାଞ୍ଚଟି କ୍ଷତି ସହିଥିବା ପିଏସ୍‌ୟୁ ଯଥା ଗ୍ରୀଡ୍‌କୋ ଲିମିଟେଡ୍ (ଗ୍ରୀଡ୍‌କୋ), ଇଡ୍‌କଲ୍ ଫେରୋକ୍ରୋମ ଏବଂ ଆଲଏଜ୍ ଲିମିଟେଡ୍ (ଇଫ୍‌କାଲ୍), ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (ଆଇକେଆଇଡବ୍ଲ୍ୟୁଏଲ୍), ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ (ଇଡ୍‌କଲ୍) ଏବଂ ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ (ଓଆର୍‌ଏଚ୍‌ଡିସି), ଯେଉଁଥିରେ ଓଡିଶା ସରକାରଙ୍କ ଦ୍ୱାରା ବିନିଯୋଗ ହୋଇଥିବା 3,065.41 କୋଟି ଟଙ୍କାର ସମସ୍ତ ପୁଞ୍ଜି ବିନିଯୋଗ, ସେଗୁଡିକର 8,313.34 କୋଟି ଟଙ୍କାର ଏକତ୍ରୀକୃତ କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ କ୍ଷୟ ହୋଇଯାଇଥିଲା ଏବଂ ନିଟ୍ ମୂଲ୍ୟ 5,247.93 କୋଟି ଟଙ୍କା ଋଣାତ୍ମକ ରହିଥିଲା, ସେଗୁଡିକୁ ଏହି ବିସ୍ତୃତ ଅନୁପାଳନ ସମୀକ୍ଷାରେ ଅନ୍ତର୍ଭୁକ୍ତ କରାଯାଇଅଛି।

### 2.2 ପରିସର ଏବଂ ପଦ୍ଧତି

ସମୀକ୍ଷା ପରିସରରେ ଏହି ପାଞ୍ଚଟି କ୍ଷତି ସହୁଥିବା ପିଏସ୍‌ୟୁର କ୍ଷୟକ୍ଷତିର କାରଣ ଜାଣିବା ଏବଂ ନିରନ୍ତର କାର୍ଯ୍ୟ କରିବା ପାଇଁ ସେମାନଙ୍କର କାର୍ଯ୍ୟକ୍ଷମତା ବିଶ୍ଳେଷଣ କରିବା ପାଇଁ 31 ମାର୍ଚ୍ଚ 2022 ସୁଦ୍ଧା ସମାପ୍ତ ବିଗତ ପାଞ୍ଚ ବର୍ଷର ସେମାନଙ୍କର ଆର୍ଥିକ ଏବଂ କାର୍ଯ୍ୟଦକ୍ଷତା ପ୍ରଦର୍ଶନର ବିଶ୍ଳେଷଣ ଅନ୍ତର୍ଭୁକ୍ତ। ଗ୍ରୀଡ୍‌କୋ, ଇଡ୍‌କଲ୍,

[12] ଗ୍ରୀଡ୍‌କୋ ଲିମିଟେଡ୍ (7,886.18 କୋଟି ଟଙ୍କା), ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) (110.76 କୋଟି ଟଙ୍କା), ଇଡ୍‌କଲ୍ ଫେରୋକ୍ରୋମ ଏବଂ ଆଲଏଜ୍ ଲିମିଟେଡ୍ (ଇଫ୍‌କାଲ୍) (33.89 କୋଟି ଟଙ୍କା), ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (188.38 କୋଟି ଟଙ୍କା), ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ (ଓଏମ୍‌ଇସିଏଲ୍) (13.48 କୋଟି ଟଙ୍କା), ଓଡିଶା ଜଳ ନିଗମ ଲିମିଟେଡ୍ (ୱାଟ୍‌କୋ) (0.46 କୋଟି ଟଙ୍କା), ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଲିମିଟେଡ୍ (ଓଏସ୍‌ଆର୍‌ଟିସି) (183.56 କୋଟି ଟଙ୍କା), ଓଡିଶା ଜଙ୍ଗଲ ଉନ୍ନୟନ ନିଗମ ଲିମିଟେଡ୍ (ଓଏଫ୍‌ଡିସି) (66.82 କୋଟି ଟଙ୍କା), ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ (ଇଡ୍‌କଲ୍) (58.84 କୋଟି ଟଙ୍କା), ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) (75.51 କୋଟି ଟଙ୍କା), ଓଡିଶା ତାପଜ ବିଦ୍ୟୁତ ନିଗମ ଲିମିଟେଡ୍ (ଓଟିପିସିଏଲ୍) (7.87 କୋଟି ଟଙ୍କା), ପାରାଦୀପ ପ୍ଲାଷ୍ଟିକ ପାର୍କ ଲିମିଟେଡ୍ (ପିପିପିଏଲ୍) (3.16 କୋଟି ଟଙ୍କା), ଓଡିଶା ଇଲେକ୍ଟ୍ରୋନିକ୍ ପାର୍କ ଲିମିଟେଡ୍ (ଓଇପିଏଲ୍) (0.22 କୋଟି ଟଙ୍କା) ଏବଂ ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ (146.05 କୋଟି ଟଙ୍କା)।

ଆଇକେଆଇଡବ୍ଲ୍ୟୁଏଲ୍, ଇଫ୍‌କାଲ୍ ଏବଂ ଓଆର୍‌ଏଚ୍‌ଡିସି ଏବଂ ସେମାନଙ୍କର ସମ୍ପୃକ୍ତ ପ୍ରଶାସନିକ ବିଭାଗ ଯଥା, ଶକ୍ତି ବିଭାଗ, ଇସ୍ପାତ ଓ ଖଣି ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗର ଦସ୍ତାବିଜଗୁଡିକର ଯାଞ୍ଚ କରାଯାଇଥିଲା ।

ସମୀକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତିରେ ସଂଗୃହୀତ ତଥ୍ୟ ଏବଂ ସୂଚନାର ବିଶ୍ଳେଷଣ କରାଯାଇଥିଲା ଏବଂ ଯେଉଁ ସ୍ଥଳରେ ସେମାନଙ୍କର ଉତ୍ତର ମିଳିଥିଲା ତାହା ଅନ୍ତର୍ଭୁକ୍ତ କରି ପରିଚାଳନା କର୍ତ୍ତୃପକ୍ଷ/ସରକାରଙ୍କୁ ପ୍ରତିବେଦନ ପ୍ରଦାନ କରାଯାଇଥିଲା ।

କମ୍ପାନୀଗୁଡିକ ସହିତ 29 ସେପ୍ଟେମ୍ବର 2022ରେ ହୋଇଥିବା ଏକ ପ୍ରବେଶ ସମ୍ମିଳନୀରେ ସମୀକ୍ଷାର ଉଦ୍ଦେଶ୍ୟ ଏବଂ ସମୀକ୍ଷା ପଦ୍ଧତି ବିଷୟରେ ବର୍ଣ୍ଣନା କରାଯାଇଥିଲା । ସମୀକ୍ଷାରେ ଅନ୍ତର୍ଭୁକ୍ତ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କ ମନୋନୀତ ବ୍ୟକ୍ତିମାନଙ୍କ ସହ 18 ମାର୍ଚ୍ଚ 2023ରେ ପ୍ରସ୍ଥାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବେଦନ ଚୂଡାନ୍ତ କରିବା ପାଇଁ ବୈଠକରେ ବ୍ୟକ୍ତ ମତାମତଗୁଡିକୁ ଯଥାର୍ଥ ଭାବରେ ବିଚାର କରାଯାଇଛି ।

## 2.3 ସମୀକ୍ଷା ଉଦ୍ଦେଶ୍ୟ

ବିସ୍ତୃତ ଅନୁପାଳନ ସମୀକ୍ଷାର ଉଦ୍ଦେଶ୍ୟ ଏହା ଆକଳନ କରିବାର ଥିଲା ଯେ:

- ପିଏସ୍‌ୟୁଗୁଡିକର ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ସାମଗ୍ରୀ, ପୁଞ୍ଜି, ଆର୍ଥିକ ଏବଂ ମାନବ ସମ୍ବଳର ଅଧିଗ୍ରହଣ ଏବଂ ବ୍ୟବହାର ପାଇଁ ବ୍ୟବସାୟ ମଡେଲ, ଯୋଜନା ଏବଂ ପର୍ଯ୍ୟାଲୋଚନା ପ୍ରଣାଳୀ ବିଦ୍ୟମାନ ଥିଲା;
- ଉତ୍ସଗୁଡିକର ସର୍ବୋତ୍କୃଷ୍ଟ ଉପଯୋଗ କରିବା ଏବଂ ଆର୍ଥିକ ଏବଂ କାର୍ଯ୍ୟ ସମ୍ବନ୍ଧୀୟ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରିବା ପାଇଁ ବ୍ୟବସାୟିକ କାର୍ଯ୍ୟପ୍ରଣାଳୀଗୁଡିକ ଉତ୍ତମ ଢ଼ଙ୍ଗରେ ବାଞ୍ଛିତ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଉପଯୋଗ କରାଯାଇଥିଲା;
- କମ୍ପାନୀଗୁଡିକର ବିକ୍ରୟ ଲକ୍ଷ୍ୟଗୁଡିକ ଉତ୍ପାଦନ କ୍ଷମତା, କଞ୍ଚାମାଲ ଏବଂ ବଜାର ଚାହିଦା ଉପଲବ୍ଧତା ଉପରେ ଆଧାର କରି ସ୍ଥିର କରାଯାଇଥିଲା; ଏବଂ
- ସରକାରୀ ନୀତି/ନିୟାମକ ଆଦେଶ/ସାମଗ୍ରୀକ ଅର୍ଥନୀତି ଏବଂ ଶିଳ୍ପ ପରିସ୍ଥିତି ଏବଂ ସରକାର/ପିଏସ୍‌ୟୁ ଦ୍ୱାରା ନିଆଯାଇଥିବା କାର୍ଯ୍ୟକୁ ଦୃଷ୍ଟିରେ ରଖି ଏହି ପିଏସ୍‌ୟୁଗୁଡିକର ନିରନ୍ତର କାର୍ଯ୍ୟକ୍ଷମତା ଅଛି ।

## 2.4 ସମୀକ୍ଷା ମାନଦଣ୍ଡ

ଯେହେତୁ ପାଞ୍ଚଟି ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପିଏସ୍‌ୟୁଗୁଡିକରେ ଏହି ବିସ୍ତୃତ ଅନୁପାଳନ ସମୀକ୍ଷା କରାଯାଇଥିଲା, ଗ୍ରହଣ କରାଯାଇଥିବା ସମୀକ୍ଷା ମାନଦଣ୍ଡ ପ୍ରତ୍ୟେକ ପିଏସ୍‌ୟୁ ପାଇଁ ପୃଥକ ଭାବରେ ଦିଆଯାଇଛି । ଗ୍ରୀଡ୍‌କୋ ଏବଂ ଓଆର୍‌ଏଚ୍‌ଡିସି ପାଇଁ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକ ପୃଥକ ଭାବରେ ଦିଆଯାଇଛି । ଇଡ୍‌କଲ୍ ଏବଂ ଏହାର ଦୁଇଟି ସହାୟକ କମ୍ପାନୀ ଇଫ୍‌କାଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍ ଉପରେ ସମୀକ୍ଷା ପର୍ଯ୍ୟବେକ୍ଷଣ ଏକତ୍ର ଦିଆଯାଇଛି ।


## 2.5 ଗ୍ରୀଡ୍‌କୋ ଲିମିଟେଡ୍

### 2.5.1 ଉପକ୍ରମ

ଓଡିଶାର ବିଦ୍ୟୁତ କ୍ଷେତ୍ରର ଓଡିଶା ବିଦ୍ୟୁତ ସଂସ୍କାର (ଓଇଆର୍) ଅଧିନିୟମ, 1995 ଅନୁଯାୟୀ ପୁନର୍ଗଠନ ଯୋଗୁ ଗ୍ରୀଡ୍‌କୋ ଲିମିଟେଡ୍ (ଗ୍ରୀଡ୍‌କୋ) ଓଡିଶା ସରକାରଙ୍କ ଏକ ସମ୍ପୂର୍ଣ୍ଣ ମାଲିକାନା ଥିବା ଉଦ୍ୟୋଗ ଭାବରେ 20 ଅପ୍ରେଲ 1995ରେ ସ୍ଥାପନ କରାଯାଇଥିଲା । ଏହି ଅଧିନିୟମ ପ୍ରାକ୍ତନ ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ(ଓଏସ୍‌ଇବି)ର ବିଦ୍ୟୁତ୍ କ୍ରୟ, ସଞ୍ଚାରଣ ଏବଂ ବିତରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପକୁ ଗ୍ରୀଡ୍‌କୋକୁ ହସ୍ତାନ୍ତର କରିଥିଲା । ପରବର୍ତ୍ତୀ ସମୟରେ, ଗ୍ରୀଡ୍‌କୋର ବିତରଣ କାର୍ଯ୍ୟକଳାପକୁ ଅଲଗା କରି 26 ନଭେମ୍ବର 1998ରୁ ଚାରୋଟି ବିତରଣ କମ୍ପାନୀ (ଡିସ୍‌କମ୍)ଠାରେ ନ୍ୟସ୍ତ କରାଯାଇଥିଲା । ତଥାପି, ଗ୍ରୀଡ୍‌କୋ ଉତ୍ପାଦନକାରୀଙ୍କଠାରୁ ବିଦ୍ୟୁତ କ୍ରୟ ଜାରି ରଖିଥିଲା ।

ରାଜ୍ୟ ଦ୍ୱାରା ନିଯୁକ୍ତ ସଂସ୍ଥା ଭାବରେ ଏହା ରାଜ୍ୟର ବିଦ୍ୟୁତ ଚାହିଦା ମେଣ୍ଟାଇବା ପାଇଁ ଚାରୋଟି ଡିସ୍କମ୍‌କୁ ବିଦ୍ୟୁତ ଯୋଗାଣ ପାଇଁ ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀ ସହିତ ବିଦ୍ୟୁତ କ୍ରୟ ଚୁକ୍ତିନାମା (ପିପିଏ) କାର୍ଯ୍ୟକାରୀ କରିଥିଲା। ରାଜ୍ୟର ଚାହିଦା ପୂରଣ କରିବା ପରେ ଗ୍ରୀଡ୍‌କୋ ବଳକା ବିଦ୍ୟୁତ ରାଜ୍ୟ ବାହାରେ ବିକ୍ରି କରେ। ବିଦ୍ୟୁତ ଅଧିନିୟମ (ଇଏ), 2003 ଲାଗୁ ହେବା ପରେ, ସଞ୍ଚାରଣ କାର୍ଯ୍ୟ ମଧ୍ୟ ଗ୍ରୀଡ୍‌କୋଠାରୁ ଅଲଗା କରାଯାଇଥିଲା ଏବଂ 01 ଅପ୍ରେଲ 2005ଠାରୁ ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ଉପରେ ନ୍ୟସ୍ତ ହୋଇଥିଲା। ଏହିପରି, ଗ୍ରୀଡ୍‌କୋ ପାଖରେ ଉତ୍ତରାଧିକାରୀ ଭାବରେ ଯାହା ରହିଲା ତାହା ହେଉଛି ଉତ୍ପାଦନକାରୀଙ୍କଠାରୁ ବିଦ୍ୟୁତ କ୍ରୟ କରିବା ଏବଂ ଡିସ୍କମ୍‌ଗୁଡିକୁ ବହୁ ପରିମାଣରେ ବିକ୍ରୟ କରିବାର ବ୍ୟବସାୟ। ଓଡିଶାରେ ଏହା ଏକ ନିଆରା ପରିସ୍ଥିତି ଯେଉଁଠାରେ ବିଦ୍ୟୁତ କ୍ଷେତ୍ରର ତିନୋଟି କାର୍ଯ୍ୟକଳାପ ଯଥା ବିଦ୍ୟୁତ ଉତ୍ପାଦନ, ସଞ୍ଚାରଣ ଏବଂ ବିତରଣ, କୌଣସିରେ ସମ୍ପୃକ୍ତି ବିନା ବିଦ୍ୟୁତ କ୍ଷେତ୍ରରେ ଗ୍ରୀଡ୍‌କୋ ବିଦ୍ୟମାନ ଅଛି। ଏହା ମଧ୍ୟ ଏକ ସ୍ୱାଧୀନ ବିଦ୍ୟୁତ ବ୍ୟବସାୟୀ ନୁହେଁ କାରଣ ଏହା ଡିସ୍କମ୍‌ଗୁଡିକୁ ବିଦ୍ୟୁତ ଯୋଗାଇବା ପାଇଁ ବାଧ୍ୟ ଅଟେ। ଅନ୍ୟ ରାଜ୍ୟଗୁଡିକ ପରି, ଡିସ୍କମ୍‌ଗୁଡିକର ଉତ୍ପାଦନକାରୀଙ୍କ ସହିତ ପିପିଏ ନାହିଁ। ଏହି ପରିପ୍ରେକ୍ଷୀରେ, ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି), ଗ୍ରୀଡ୍‌କୋର ଆଇନଗତ ସ୍ଥିତିକୁ ସ୍ପଷ୍ଟ କଲାବେଳେ ଦେଖିଲେ (18 ମାର୍ଚ୍ଚ 2011) ଯେ, ଜଣେ ବ୍ୟବସାୟୀର ବହୁଳ ଯୋଗାଣ କାର୍ଯ୍ୟକଳାପ, ଇଏ, 2003ର କୌଣସି ବ୍ୟବସ୍ଥାକୁ ବିରୋଧାଭାସ କରେ ନାହିଁ। ଏହା ଓଇଆର୍ ଅଧିନିୟମ, 1995 ଅଧିନରେ ଥିବା ଏକ ଐତିହାସିକ ଉତ୍ତରାଧିକାରୀ ଅଟେ। ଗ୍ରୀଡ୍‌କୋ ଏହାର ଶକ୍ତି କ୍ରୟ ଏବଂ ବିକ୍ରୟକୁ ବାର୍ଷିକ ପରିଯୋଜନା କରେ ଏବଂ ଅନୁମୋଦନ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍) ଆବେଦନ ମାଧ୍ୟମରେ ଓଇଆର୍‌ସିଠାରେ ଦାଖଲ କରେ। ବିଦ୍ୟୁତ କ୍ରୟ ଏବଂ ବିକ୍ରୟ ପାଇଁ ମୂଲ୍ୟ ଇଏ, 2003ର ଧାରା 86(b) ଅନୁଯାୟୀ ଓଇଆର୍‌ସି ଦ୍ୱାରା ନିର୍ଣ୍ଣୟ କରାଯାଏ। ଓଇଆର୍‌ସି ମଧ୍ୟ ଗ୍ରୀଡ୍‌କୋ ଦ୍ୱାରା ଉତ୍ପାଦନକାରୀଙ୍କ ସହିତ ପିପିଏ ଅଧିନରେ ବିଦ୍ୟୁତ କ୍ରୟକୁ ନିୟନ୍ତ୍ରିତ କରିଥାଏ। ଗ୍ରୀଡ୍‌କୋର କାର୍ଯ୍ୟକାରିତାର ପ୍ରବାହ ଚାର୍ଟ ନିମ୍ନରେ ଦିଆଯାଇଛି:

**ଚାର୍ଟ 2.1: ଗ୍ରୀଡ୍‌କୋର କାର୍ଯ୍ୟକାରିତା ପ୍ରବାହ ଚାର୍ଟ**




## 2.5.2 ସାଙ୍ଗଠନିକ ବ୍ୟବସ୍ଥା

ଗ୍ରୀଡ୍‌କୋ ଓଡିଶା ସରକାରଙ୍କର ଶକ୍ତି ବିଭାଗ (ଡିଓଇ)ର ପ୍ରଶାସନିକ ନିୟନ୍ତ୍ରଣରେ ଅଛି। ଗ୍ରୀଡ୍‌କୋର ପରିଚାଳନା ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କ ସମେତ 10 ଜଣ ନିର୍ଦ୍ଦେଶକଙ୍କୁ ନେଇ ଗଠିତ ନିର୍ଦ୍ଦେଶକମଣ୍ଡଳୀ

ଉପରେ ନ୍ୟସ୍ତ। ଏହି ସଂସ୍ଥା ମୁଖ୍ୟତଃ ତିନୋଟି କାର୍ଯ୍ୟକ୍ଷମ ବିଭାଗ ଯଥା ବାଣିଜ୍ୟ ଓ ଶକ୍ତି କ୍ରୟ, ବ୍ୟବସାୟ ଓ ବାଣିଜ୍ୟ ବିକାଶ ଏବଂ ଆର୍ଥିକ ଓ କମ୍ପାନୀ ବ୍ୟାପାର ସହିତ ଗଠିତ। ଏମ୍‌ଡି ହେଉଛନ୍ତି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ତିନୋଟି କାର୍ଯ୍ୟକ୍ଷମ ବିଭାଗର ନିର୍ଦ୍ଦେଶକମାନେ ତାଙ୍କୁ କମ୍ପାନୀର କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରନ୍ତି।

## 2.5.3 ଆର୍ଥିକ ପ୍ରଦର୍ଶନ

2013-14ଠାରୁ ଗ୍ରୀଡ୍‌କୋ କ୍ରମାଗତ ଭାବରେ କ୍ଷତି ସହି ଆସୁଅଛି। 31 ମାର୍ଚ୍ଚ 2022ରେ ଶେଷ ହେଉଥିବା ପାଞ୍ଚ ବର୍ଷ ମଧ୍ୟରେ ଗ୍ରୀଡ୍‌କୋର ଆର୍ଥିକ ପ୍ରଦର୍ଶନ **ପରିଶିଷ୍ଟ 16**ରେ ଦିଆଯାଇଛି।

ଗତ ପାଞ୍ଚ ବର୍ଷ ପାଇଁ ଗ୍ରୀଡ୍‌କୋର ଆର୍ଥିକ କାର୍ଯ୍ୟଦକ୍ଷତାର ବିଶ୍ଳେଷଣରୁ ଜଣାପଡିଛି ଯେ:

- ଗ୍ରୀଡ୍‌କୋର ବାର୍ଷିକ କ୍ଷତି କ୍ରମାଗତ ଭାବରେ 2017-18ରେ 197.50 କୋଟି ଟଙ୍କାରୁ 2020-21ରେ 1,382.35 କୋଟି ଟଙ୍କା(ଚାରି ବର୍ଷରେ 600 ପ୍ରତିଶତ ବୃଦ୍ଧି)କୁ ବୃଦ୍ଧି ପାଇଥିଲା। ଗ୍ରୀଡ୍‌କୋ ପୂର୍ବ ବର୍ଷର 1,382.35 କୋଟି ଟଙ୍କା କ୍ଷତି ତୁଳନାରେ, 2021-22ରେ ଏହାର କ୍ଷତିକୁ 440.18 କୋଟି ଟଙ୍କାକୁ ହ୍ରାସ କରିବାରେ ସଫଳ ହୋଇଥିଲେ ମଧ୍ୟ ଏହା ପ୍ରାକ୍ କୋଭିଡ ଅବଧି ମଧ୍ୟରେ ହୋଇଥିବା କ୍ଷତି(2018-19ରେ 281.05 କୋଟି ଟଙ୍କା)ଠାରୁ 157 ପ୍ରତିଶତ ଅଧିକ ଥିଲା। କ୍ଷତି ହ୍ରାସ ସତ୍ତ୍ୱେ, ପୂର୍ବ ବର୍ଷ ତୁଳନାରେ ଆର୍ଥିକ ଖର୍ଚ୍ଚ 600.58 କୋଟି ଟଙ୍କାରୁ 2021-22ରେ 741.11 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଦେଖାଗଲା ଯେ ଏହାର ସମସ୍କନ୍ଧ ବେସରକାରୀ ସଂସ୍ଥା (ଯଥା ପିଟିସି ଇଣ୍ଡିଆ) ଏହି ବର୍ଷଗୁଡିକରେ (2019-20 ଏବଂ 2020-21) ଲାଭ ଅର୍ଜନ କରିଥିଲା।

- ଗ୍ରୀଡ୍‌କୋ ଦ୍ୱାରା ଅର୍ଜିତ ରାଜସ୍ୱ 2017-18ରେ ହୋଇଥିବା ମୋଟ ଖର୍ଚ୍ଚର 97.55 ପ୍ରତିଶତରୁ 2019-20ରେ 84.86 ପ୍ରତିଶତକୁ ହ୍ରାସ ପାଇଥିଲା। 2021-22ରେ କୋଭିଡ-19 ମହାମାରୀ ପରେ ବିଦ୍ୟୁତ ଯୋଗାଣରେ ଉନ୍ନତି ସତ୍ତ୍ୱେ ଏହା 95.34 ପ୍ରତିଶତ ଥିଲା।

- ଏକତ୍ରୀକୃତ କ୍ଷତି କ୍ରମାଗତ ଭାବରେ ବୃଦ୍ଧିପାଇ 31 ମାର୍ଚ୍ଚ 2022 ସୁଦ୍ଧା ସର୍ବାଧିକ 7,886.18 କୋଟି ଟଙ୍କାରେ ପହଞ୍ଚିଥିଲା। ଫଳସ୍ୱରୂପ, ସରକାରଙ୍କର ସାଧାରଣ ଅଂଶଧନ ଆକାରରେ 2,791.22 କୋଟି ଟଙ୍କାର ପୁଞ୍ଜି ବିନିଯୋଗ କ୍ଷୟ ହୋଇଯାଇଥିଲା ଯଦିଓ 2021-22ରେ ଓଡ଼ିଶା ସରକାର 2,214.51 କୋଟି ଟଙ୍କାର ସାଧାରଣ ଅଂଶଧନ ପୁନଃ ବିନିଯୋଗ କରିଥିଲେ। 2021-22 ବର୍ଷ ଶେଷ ସୁଦ୍ଧା ଗ୍ରୀଡ୍‌କୋର ନିଟ୍ ମୂଲ୍ୟ (-) 5,094.96 କୋଟି ଟଙ୍କାରେ ଋଣାତ୍ମକ ଥିଲା।

- ଏହା ମଧ୍ୟ ଦେଖାଗଲା ଯେ, ଗ୍ରୀଡ୍‌କୋର କ୍ରମାଗତ ଋଣାତ୍ମକ ନିଟ୍ ମୂଲ୍ୟ ଯୋଗୁ ଓଇଆର୍‌ସି ଏହାକୁ ବାଣିଜ୍ୟ ଲାଇସେନ୍ସ ପ୍ରଦାନ କରିନଥିଲା। ଫଳସ୍ୱରୂପ, ଗ୍ରୀଡ୍‌କୋ ସ୍ୱାଧୀନ ଭାବରେ ରାଜ୍ୟ ବାହାରେ ଶକ୍ତି ବ୍ୟବସାୟ କରିବାରେ ଅସମର୍ଥ ଥିଲା।

ଉପର୍ଯ୍ୟୁକ୍ତ ତଥ୍ୟଗୁଡିକରୁ ଏହା ଦେଖାଗଲା ଯେ, ଗ୍ରୀଡ୍‌କୋର ଆର୍ଥିକ ସ୍ଥିତି ଏତେ ଖରାପ ଥିଲା ଯେ ସଠିକ ସମୟରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ ନକଲେ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନ କରାଯିବ। ଆର୍ଥିକ କାର୍ଯ୍ୟଦକ୍ଷତା ମୂଳତଃ କାର୍ଯ୍ୟଦକ୍ଷତା ପ୍ରଦର୍ଶନର ପ୍ରତିଫଳନ ଅଟେ ଯାହା ନିମ୍ନଲିଖିତ ସମୀକ୍ଷା ମାନଦଣ୍ଡ ଅନୁଯାୟୀ ଅନୁଚ୍ଛେଦ 2.5.5ରୁ 2.5.8 ମଧ୍ୟରେ ସମୀକ୍ଷାରେ ମୂଲ୍ୟାଙ୍କନ କରାଯାଇଛି।

## 2.5.4 ସମୀକ୍ଷା ମାନଦଣ୍ଡ

ସମୀକ୍ଷା ଉଦ୍ଦେଶ୍ୟ ହାସଲ କରିବାରେ ଗ୍ରହଣ କରାଯାଇଥିବା ସମୀକ୍ଷା ମାନଦଣ୍ଡ ନିମ୍ନଲିଖିତ ପ୍ରକାରେ ଅଟେ:

- ଶୁଳ୍କ ଆଦେଶ, ଏଆର୍‌ଆର୍ ଏବଂ ଓଇଆର୍‌ସି ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି)ର ନିୟମାବଳୀ;

- ଶକ୍ତି କ୍ରୟ ଚୁକ୍ତିଗୁଡିକ, ବହୁଳ ଯୋଗାଣ ଚୁକ୍ତିଗୁଡିକ ଏବଂ ଶକ୍ତି ବିକ୍ରୟ ଚୁକ୍ତି (ପିଏସ୍‌ଏ)ଗୁଡିକ;
- ଓଡିଶା ସରକାରଙ୍କ ସହ ବୁଝାମଣାପତ୍ର;
- ପରିପ୍ରେକ୍ଷଣ ଯୋଜନା, ବାର୍ଷିକ ଯୋଜନା ଏବଂ ପିଏସ୍‌ୟୁର ବାର୍ଷିକ ପ୍ରତିବେଦନ ଏବଂ ବାର୍ଷିକ ବଜେଟ୍;
- ବୋର୍ଡର କାର୍ଯ୍ୟ ବିବରଣୀ, କାର୍ଯ୍ୟସୂଚୀ ବିବରଣୀ;
- ରାଜ୍ୟ/କେନ୍ଦ୍ର ସରକାର, ଓଇଆର୍‌ସି ଏବଂ ସିଇଆର୍‌ସି ଦ୍ୱାରା ଜାରି କରାଯାଇଥିବା ଆଦେଶ/ ବିଜ୍ଞପ୍ତି/ ପରିପତ୍ର/ ନିର୍ଦ୍ଦେଶ/ନିଷ୍ପତ୍ତି/ନିୟମାବଳୀ/ନିର୍ଦ୍ଦେଶାବଳୀ;
- ବିଦ୍ୟୁତ ଅଧିନିୟମ, 2003 ଏବଂ ତାହା ଅଧିନରେ ଜାରି କରାଯାଇଥିବା ନିୟମ, ନିୟମାବଳୀ ଏବଂ ନୀତି;
- ଜାତୀୟ ବିଦ୍ୟୁତ ନୀତି (ଏନ୍‌ଇପି) ଏବଂ ଜାତୀୟ ଶୁଳ୍କ ନୀତି (ଏନ୍‌ଟିପି); ଏବଂ
- ଡିସ୍‌କମ୍‌ମାନଙ୍କ ସହିତ ଏସ୍କ୍ରୋ ଚୁକ୍ତିନାମା।

**ସମୀକ୍ଷା ଫଳାଫଳ:**

**କାର୍ଯ୍ୟଦକ୍ଷତାର ପ୍ରଦର୍ଶନ**

ଗ୍ରୀଡ୍‌କୋ ମୌଳିକ ଭାବରେ ଗୋଟିଏ ବିଦ୍ୟୁତ ବ୍ୟବସାୟୀ ହୋଇଥିବାରୁ ସଠିକ ଭାବରେ ବିଦ୍ୟୁତ ଆବଶ୍ୟକତାକୁ ନିଶ୍ଚିତ କରିବା ଉଚିତ ଏବଂ ଏହାର ବ୍ୟବସାୟକୁ ସ୍ଥାୟୀ କରିବା ପାଇଁ ଦକ୍ଷ ଏବଂ ସ୍ୱଳ୍ପ ଖର୍ଚ୍ଚରେ ବିଦ୍ୟୁତ କ୍ରୟ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ନିମ୍ନଲିଖିତ ଅନୁଚ୍ଛେଦଗୁଡିକରେ କରାଯାଇଥିବା ବିଶ୍ଳେଷଣରୁ ଉଭୟ କ୍ଷେତ୍ରରେ ତ୍ରୁଟି ଦେଖାଯାଇଥିଲା।

### 2.5.5 ଯୋଜନା ଏବଂ ପର୍ଯ୍ୟାଲୋଚନା:

**ରଣନୀତିକ ଯୋଜନାର ଅନୁପସ୍ଥିତି**

ରଣନୀତିକ ଯୋଜନା ହେଉଛି ସଂସ୍ଥାର ଦୀର୍ଘମିୟାଦୀ ଲକ୍ଷ୍ୟ ଏବଂ ହିତାଧିକାରୀଙ୍କ ଚିନ୍ତା ଏବଂ ଆଶାକୁ ଅନ୍ତର୍ଭୁକ୍ତ କରି ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ବ୍ୟାପକ ପଦକ୍ଷେପଗୁଡିକ ଚିହ୍ନଟ କରିବାର ପ୍ରକ୍ରିୟା। କିନ୍ତୁ, ସମୀକ୍ଷାରେ ଦେଖାଗଲା ଯେ ଗ୍ରୀଡ୍‌କୋ ଆରମ୍ଭରୁ କୌଣସି ରଣନୀତିକ/ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରିନାହିଁ। ଓଇଆର୍ ଅଧିନିୟମ, 1995ର ଧାରା 13 ଅନୁଯାୟୀ ଉତ୍ପାଦନକାରୀ କମ୍ପାନୀ, ରାଜ୍ୟ ସରକାର, କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ଇତ୍ୟାଦି ସହିତ ସମନ୍ୱୟ ରକ୍ଷା କରି ଗ୍ରୀଡ୍‌କୋକୁ ରାଜ୍ୟର ଶକ୍ତି ଆବଶ୍ୟକତାର ଯୋଜନା ଏବଂ ସମନ୍ୱୟ କରିବାର ଥିଲା। ସେହିଭଳି, ଓଇଆର୍‌ସି (ଆଚରଣ ବିଧି) ନିୟମାବଳୀ, 2004 ଅନୁଯାୟୀ, ବିବେଚିତ ବ୍ୟବସାୟ ଲାଇସେନ୍ସ[13] ବଳବତ୍ତର ହେବାର ତିନି ମାସ ମଧ୍ୟରେ ଗ୍ରୀଡ୍‌କୋକୁ ଓଇଆର୍‌ସିରେ ଏକ ବ୍ୟବସାୟୀକ ଯୋଜନା ଦାଖଲ କରି ପ୍ରତିବର୍ଷ ଏହାକୁ ଅଧୁନାତନ କରିବାର ଆବଶ୍ୟକ ଥିଲା। ବ୍ୟବସାୟୀକ ଯୋଜନାରେ ବାର୍ଷିକ କାରବାର, ପ୍ରକଳ୍ପିତ ଲାଭ ଏବଂ କ୍ଷତିର ହିସାବ, ପ୍ରକଳ୍ପିତ ତୁଳନାପତ୍ର, ପ୍ରକଳ୍ପିତ ନଗଦ ପ୍ରବାହ ବିବରଣୀ ଏବଂ ପ୍ରକଳ୍ପିତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପରିମାପ ଇତ୍ୟାଦି ରହିବାର ଥିଲା। ତଥାପି, ଗ୍ରୀଡ୍‌କୋ ଏପରି କୌଣସି ଯୋଜନା ପ୍ରସ୍ତୁତ କରିନଥିଲା। 2012-13 ବର୍ଷ ପାଇଁ ଏହି କାର୍ଯ୍ୟାଳୟର ସମ୍ପାଦନ ସମୀକ୍ଷା ପ୍ରତିବେଦନରେ ମଧ୍ୟ ଏହି ତଥ୍ୟ ଦର୍ଶାଯାଇଥିଲା ଯେତେବେଳେ ସରକାର କହିଥିଲେ ଯେ ଭବିଷ୍ୟତରେ

[13] ଏକ ସରକାରୀ କମ୍ପାନୀକୁ ବିଦ୍ୟୁତ ଅଧିନିୟମ, 2003ର ଧାରା 14ର ପଞ୍ଚମ ପ୍ରୋଭିଜୋ ଅନୁଯାୟୀ ବିବେଚିତ ବ୍ୟବସାୟ ଲାଇସେନ୍ସ ପ୍ରଦାନ କରାଯାଇଥାଏ।

ପ୍ରଭାବଶାଳୀ ବିଦ୍ୟୁତ ବ୍ୟବସାୟ ପାଇଁ ଗ୍ରୀଡ୍‌କୋ ବ୍ୟବସାୟୀକ ଯୋଜନା ପ୍ରସ୍ତୁତ କରିବ। କିନ୍ତୁ, ଆଜି ପର୍ଯ୍ୟନ୍ତ (ଅଗଷ୍ଟ 2022) ନଅ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବାବଦରେ କୌଣସି କାର୍ଯ୍ୟ ଆରମ୍ଭ କରାଯାଇ ନଥିଲା।

ଶକ୍ତି ବିଭାଗ, ଓଡିଶା ସରକାରଙ୍କ ସହିତ ହୋଇଥିବା ବୁଝାମଣା ପତ୍ର (ଏମ୍‌ଓୟୁ)ର ନିୟମାବଳୀ ଅନୁଯାୟୀ ଗ୍ରୀଡ୍‌କୋକୁ ସଠିକ ସ୍ୱଳ୍ପ ଏବଂ ଦୀର୍ଘମିୟାଦୀ ବିଦ୍ୟୁତ ଚାହିଦାର ପୂର୍ବାନୁମାନ କରିବାର ଆବଶ୍ୟକତା ଥିଲା। କିନ୍ତୁ, ଗ୍ରୀଡ୍‌କୋ ରାଜ୍ୟର ବିଦ୍ୟୁତ ଆବଶ୍ୟକତାର କୌଣସି ସ୍ୱଳ୍ପ ଏବଂ ଦୀର୍ଘମିୟାଦୀ ପୂର୍ବାନୁମାନ କରିବା ପରିବର୍ତ୍ତେ 2006ରେ ପ୍ରକାଶିତ 17ତମ ବିଦ୍ୟୁତ ଶକ୍ତି ସର୍ବେକ୍ଷଣ (ଇପିଏସ୍)ରେ ଧାର୍ଯ୍ୟ ହୋଇଥିବା ଲୋଡ୍ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଏନ୍‌ଟିପିସିର ଆଗାମୀ ଉତ୍ପାଦନକାରୀ ଷ୍ଟେସନ ସହିତ 16ଟି ପିପିଏ ସ୍ୱାକ୍ଷର କରିଥିଲା (ଅଗଷ୍ଟ 2006ରୁ ଜାନୁଆରୀ 2011)। ଅବଶ୍ୟ, 2014 ମସିହାରେ ଗ୍ରୀଡ୍‌କୋ ଅନୁଭବ କଲା ଯେ ଲୋଡ୍ ଅଭିବୃଦ୍ଧି 17ତମ ଇପିଏସ୍‌ରେ ଉଲ୍ଲେଖ କରାଯାଇଥିବା ପରି ହୋଇନାହିଁ। ତେଣୁ, ଗ୍ରୀଡ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ରାଜ୍ୟ ବାହାରେ ଅବସ୍ଥିତ ଏନ୍‌ଟିପିସି ଷ୍ଟେସନର ବିଦ୍ୟୁତ ଫେରସ୍ତ ପାଇଁ ଏକ ପ୍ରସ୍ତାବ ଦେବାପାଇଁ ନିଷ୍ପତ୍ତି  ନେଇଥିଲେ (15 ମାର୍ଚ୍ଚ 2014)। ସେହି ଅନୁଯାୟୀ, ଗ୍ରୀଡ୍‌କୋ ଏନ୍‌ଟିପିସିର ରାଜ୍ୟ ବାହାରେ ଥିବା ଆଗାମୀ ପ୍ରକଳ୍ପଗୁଡିକରୁ ରାଜ୍ୟର ଭାଗ ଫେରସ୍ତ ପାଇଁ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ସହିତ ଆଲୋଚନା କରିବା ପାଇଁ ଶକ୍ତି ବିଭାଗ, ଓଡିଶା ସରକାରଙ୍କର ପ୍ରମୁଖ ସଚିବକୁ ଅନୁରୋଧ କରିଥିଲେ (ନଭେମ୍ବର 2014)। ଏହି ପରିପ୍ରେକ୍ଷୀରେ ସନ୍ତୋଷଜନକ ଅଗ୍ରଗତି ହୋଇପାରିନଥିଲା ଏବଂ 2014-15ରୁ 2019-20 ମଧ୍ୟରେ ଗ୍ରୀଡ୍‌କୋ ଏହି ବିଦ୍ୟୁତ ପ୍ରକଳ୍ପଗୁଡିକରୁ କୌଣସି ବିଦ୍ୟୁତ କ୍ରୟ ନକରି ମଧ୍ୟ ସ୍ଥାୟୀ ଖର୍ଚ୍ଚ ବାବଦରେ 1,071.36 କୋଟି ଟଙ୍କାର ବିପୁଳ ପରିହାର୍ଯ୍ୟ ବ୍ୟୟ କରିଥିଲା। ତେଣୁ, 2018-19ରୁ 2026-27 ଅବଧି ପାଇଁ ବିଦ୍ୟୁତ ଚାହିଦାର ପୂର୍ବାନୁମାନ ଏବଂ ବିଦ୍ୟୁତ ବିପଣନ କୌଶଳର ବିକାଶ ପାଇଁ ଗ୍ରୀଡ୍‌କୋ ଏକ ପରାମର୍ଶଦାତା ମେସର୍ସ ଫିଡବ୍ୟାକ ଇନଫ୍ରାକୁ ନିଯୁକ୍ତି ଦେଇଥିଲେ (15 ମଇ 2018)। ମେସର୍ସ ଫିଡବ୍ୟାକ୍ ଇନଫ୍ରା 25 ଫେବୃୟାରୀ 2019ରେ ଏହାର ଚୂଡାନ୍ତ ପ୍ରତିବେଦନ ପ୍ରଦାନ କରିଥିଲା ଯେଉଁଥିରେ କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନ ଯଥା, କାନ୍ତି ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ (କେବିୟୁଏନ୍‌ଏଲ୍) ଏବଂ ବାର୍ହ-IIରୁ ବ୍ୟୟବହୁଳ ବିଦ୍ୟୁତ ଫେରସ୍ତ କରିବାକୁ ସୁପାରିଶ କରିଥିଲା।

ସମୀକ୍ଷାରେ ଏହା ଦେଖାଗଲା ଯେ ମେସର୍ସ ଫିଡବ୍ୟାକ ଇନଫ୍ରାର ସୁପାରିଶ ଯେପରି ଲାଭ ସହିତ ବାଣିଜ୍ୟ କରିବା, ନିଅଣ୍ଟ ରାଜ୍ୟକୁ ଶକ୍ତି ବିକ୍ରୟ, ଉଚ୍ଚ ମୂଲ୍ୟର ଏନ୍‌ଟିପିସି ଷ୍ଟେସନ ଫେରସ୍ତ ଇତ୍ୟାଦି ଉପରେ ଗ୍ରୀଡ୍‌କୋ ଦ୍ୱାରା କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଫଳସ୍ୱରୂପ, ଗ୍ରୀଡ୍‌କୋ ଏହାର କାର୍ଯ୍ୟ ଦକ୍ଷତାକୁ ଉନ୍ନତ କରିପାରିଲା ନାହିଁ ଏବଂ ବର୍ଷ ବର୍ଷ ଧରି ବିପୁଳ କ୍ଷତି ସହିଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଭବିଷ୍ୟତ ପାଇଁ ରଣନୀତିକ ଯୋଜନା ଗ୍ରହଣ କରିବାକୁ ଗ୍ରୀଡ୍‌କୋ ନିଷ୍ପତ୍ତି ନେଇଛି (ଫେବୃଆରୀ 2023)। ଅଧିକନ୍ତୁ, ଆଗ୍ରହୀ ହିତାଧିକାରୀଙ୍କ ଅନୁପସ୍ଥିତିରେ, ବାର୍ହ-II ଏବଂ କେବିୟୁଏନ୍‌ଏଲ୍ (ମୁଜାଫରପୁର-2 ଏସ୍‌ଟିପିଏସ୍) 2015ରୁ ଫେରସ୍ତ ହୋଇପାରି ନଥିଲା ଯାହା ପରବର୍ତ୍ତୀ ସମୟରେ 19 ଫେବୃଆରୀ 2019 ଏବଂ 28 ମାର୍ଚ୍ଚ 2022ରୁ ବିହାର ଏବଂ ତାମିଲନାଡୁକୁ ପୁନଃଆବଣ୍ଟନ କରାଯାଇଥିଲା। ତଥାପି, ଏହା ସତ୍ୟ ଥିଲା ଯେ, ଏହି ବିଦ୍ୟୁତ ଷ୍ଟେସନଗୁଡିକର ଫେରସ୍ତରେ ଅତ୍ୟଧିକ ବିଳମ୍ବ ହେତୁ ଗ୍ରୀଡ୍‌କୋ ବିପୁଳ ଆର୍ଥିକ କ୍ଷତି ସହିଥିଲା କାରଣ ଏହି ବିଦ୍ୟୁତ ଷ୍ଟେସନଗୁଡିକର ବିଦ୍ୟୁତ ମୂଲ୍ୟ ଅତ୍ୟଧିକ ରହିଥିଲା ଏବଂ ଓଇଆର୍‌ସି ଗ୍ରୀଡ୍‌କୋର ସାମଗ୍ରିକ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍)ରେ ଏହି ବିଦ୍ୟୁତ ଉତ୍ସକୁ ସେହି ବର୍ଷଗୁଡିକରେ ଅନୁମୋଦନ କରିନଥିଲେ ଯାହା ନିମ୍ନ ଅନୁଚ୍ଛେଦରେ ଆଲୋଚନା ହୋଇଛି।

### 2.5.6 ବିଦ୍ୟୁତ କ୍ରୟ

#### 2.5.6.1 ଅଣ ଅନୁମୋଦିତ ଉତ୍ସରୁ ଉଚ୍ଚ ମୂଲ୍ୟରେ ବିଦ୍ୟୁତ କ୍ରୟ

ଓଇଆର୍‌ସି ନିୟମାବଳୀ[14] ଅନୁଯାୟୀ, ବିଦ୍ୟୁତ କ୍ରୟର ପରିମାଣ ଏବଂ ଉତ୍ସକୁ ଲକ୍ଷ୍ୟରେ ରଖି ପରବର୍ତ୍ତୀ ବର୍ଷ ପାଇଁ ଗ୍ରୀଡ୍‌କୋ ବିଦ୍ୟୁତ ଆବଶ୍ୟକତାର ପରିକଳ୍ପନା କରିବା ଏବଂ ତାହା ଅନୁମୋଦନ ପାଇଁ ଏଆର୍‌ଆର୍ ଆବେଦନ

[14] ବ୍ୟବସାୟ ଆଚରଣ ନିୟମାବଳୀ, 2004

ମାଧମରେ ଓଇଆର୍‌ସିରେ ଦାଖଲ କରିବାର ଆବଶ୍ୟକତା ଥିଲା। ନିୟମାବଳୀ ଏହା ମଧ ସ୍ପଷ୍ଟ କରିଥିଲା ଯେ ଗ୍ରୀଡ୍‌କୋ ମିତବ୍ୟୟୀ ଏବଂ ଦକ୍ଷତାର ସହିତ ଏବଂ ଏକ ସ୍ୱଚ୍ଛ ବିଦ୍ୟୁତ କ୍ରୟ ପ୍ରକ୍ରିୟାରେ ଏବଂ ସାଧାରଣତଃ ସର୍ବନିମ୍ନ କ୍ରୟ ମୂଲ୍ୟ ନୀତି ଉପରେ ଆଧାରିତ କରି ବ୍ୟବସାୟ ପାଇଁ ଆବଶ୍ୟକ ବିଦ୍ୟୁତ କ୍ରୟ କରିବାର ଥିଲା। ଲାଇସେନ୍ସ ପ୍ରାପ୍ତ ସଂସ୍ଥା ଦ୍ୱାରା ଦାଖଲ ହୋଇଥିବା ଏଆର୍‌ଆର୍ ଆବେଦନ ଆଧାରରେ ଏବଂ ଇଏ, 2003 ଏବଂ ସେଠାରେ ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ଓଇଆର୍‌ସି (i) ସେହି ବର୍ଷ ପାଇଁ ଶକ୍ତିର ପ୍ରକୃତ ଆବଶ୍ୟକତା (ii) ବିଦ୍ୟୁତ କ୍ରୟ ଉତ୍ସ ଏବଂ (iii) ଏଆର୍‌ଆର ଆବେଦନରେ ପ୍ରସ୍ତାବିତ ଅନ୍ୟାନ୍ୟ ଖର୍ଚ୍ଚର ବିଶ୍ଳେଷଣ କରେ ଏବଂ ସେହି ବର୍ଷ ପାଇଁ ଗ୍ରୀଡ୍‌କୋର ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ଡିସକମ୍‌ଗୁଡିକୁ ବିଦ୍ୟୁତ ବିକ୍ରୟ ପାଇଁ ବିପୁଳ ଯୋଗାଣ ଶୁଳ୍କ ନିର୍ଣ୍ଣୟ କରେ। ସମୀକ୍ଷିତ ହିସାବ ଏବଂ ସେହି ବର୍ଷର ଅନୁମୋଦିତ ବିଦ୍ୟୁତ ମୂଲ୍ୟ ଅନୁଯାୟୀ ପ୍ରକୃତ ବିଦ୍ୟୁତ କ୍ରୟ ମୂଲ୍ୟରେ କୌଣସି ତାରତମ୍ୟ ରହିଲେ, ସେହି ବର୍ଷର ସମୀକ୍ଷା ହୋଇଥିବା ବାର୍ଷିକ ହିସାବ ଚୂଡାନ୍ତ ହେବାପରେ, ଗ୍ରୀଡ୍‌କୋ ଓଇଆର୍‌ସିଠାରେ ସମାୟୋଜନ[15] ପାଇଁ ଆବେଦନ କରିବାର ଥିଲା।

ସମୀକ୍ଷାରେ ଏହା ଦେଖାଗଲା ଯେ, ଗ୍ରୀଡ୍‌କୋ 2015-16, 2016-17 ଏବଂ 2017-18 ବର୍ଷ ପାଇଁ ସମାୟୋଜନ ଆବେଦନ 2018ରେ ଏବଂ 2018-19 ଓ 2019-20 ବର୍ଷ ପାଇଁ ଦୁଇଟି ସମାୟୋଜନ ଆବେଦନ ଯଥାକ୍ରମେ 2020 ଏବଂ 2021ରେ କରିଥିଲା। କିନ୍ତୁ, ଓଇଆର୍‌ସି ତିନୋଟି ଆବେଦନର ଅନୁରୂପ ଶୁଣାଣି କରି ଅକ୍ଟୋବର 2021ରେ ସମାଧାନ କରିଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଏହି ପାଞ୍ଚ ବର୍ଷ ମଧ୍ୟରେ ବିଦ୍ୟୁତ କ୍ରୟ ପାଇଁ ଗ୍ରୀଡ୍‌କୋ ଦ୍ୱାରା ହୋଇଥିବା 35,975.80 କୋଟି ଟଙ୍କାର ପ୍ରକୃତ ଖର୍ଚ୍ଚ ତୁଳନାରେ, ଓଇଆର୍‌ସି ସମାୟୋଜନ ଆଦେଶରେ କେବଳ 35,052.52 କୋଟି ଟଙ୍କାର ଅନୁମତି ଦେଇଥିଲା ଏବଂ ନିମ୍ନଲିଖିତ କାରଣରୁ 923.28 କୋଟି ଟଙ୍କାର ଅନୁମତି ଦେଇ ନଥିଲା:

- 2015-16ରୁ 2019-20 ଆର୍ଥିକ ବର୍ଷ ପାଇଁ ଗ୍ରୀଡ୍‌କୋର ଶୁଳ୍କ ଆଦେଶରେ ଓଇଆର୍‌ସି ବାର୍ହ ଏସ୍‌ଟିପିଏସ୍-II ଏବଂ କେବିୟୁଏନ୍‌ଏଲ୍‌ରୁ ବିଦ୍ୟୁତ କ୍ରୟକୁ ଅନୁମତି ଦେଇନଥିଲା, କାରଣ ଏହି ଉତ୍ସଗୁଡିକରୁ ବିଦ୍ୟୁତ ମୂଲ୍ୟ ଅତ୍ୟଧିକ, ଅମିତବ୍ୟୟୀ ଏବଂ ରାଜ୍ୟର ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ପ୍ରତିକୂଳ ଥିଲା। ଅଧିକନ୍ତୁ, ସେହି ବିଦ୍ୟୁତ ଷ୍ଟେସନଗୁଡିକରୁ ବିଦ୍ୟୁତ କ୍ରୟ ପାଇଁ ପିପିଏଗୁଡିକ ମଧ ଚୁକ୍ତିନାମା କାର୍ଯ୍ୟକାରୀ ହେବା ପୂର୍ବରୁ ଓଇଆର୍‌ସି ଦ୍ୱାରା ଅନୁମୋଦିତ ହୋଇ ନଥିଲା। ତେଣୁ, ଓଇଆର୍‌ସି ଏହି ବିଦ୍ୟୁତ କେନ୍ଦ୍ରଗୁଡିକରୁ ରାଜ୍ୟର ଭାଗକୁ ତୁରନ୍ତ ଫେରସ୍ତ କରିବା ପାଇଁ ଗ୍ରୀଡ୍‌କୋ ଏବଂ ରାଜ୍ୟ ସରକାରଙ୍କୁ ଭାରତ ସରକାରଙ୍କର ଶକ୍ତି ମନ୍ତ୍ରଣାଳୟ ସହିତ ଆଲୋଚନା ମାଧମରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦିଓ ଗ୍ରୀଡ୍‌କୋ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ସହିତ ଏହି ମାମଲା ବିଷୟରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲା, ବାର୍ହ ଏସ୍‌ଟିପିଏସ୍-IIର ରାଜ୍ୟ ଅଂଶ 19 ଫେବୃୟାରୀ 2019ଠାରୁ ବିହାରକୁ ଏବଂ କେବିୟୁଏନ୍‌ଏଲ୍ ତାମିଲନାଡୁକୁ 28 ମାର୍ଚ୍ଚ 2022ଠାରୁ ପାଞ୍ଚବର୍ଷ ପାଇଁ ପୁନଃବଣ୍ଟନ କରାଯାଇଥିଲା। ଫେରସ୍ତ/ପୁନଃବଣ୍ଟନର ପୂର୍ବରୁ ଏହି ପ୍ରକଳ୍ପଗୁଡିକରୁ ଶକ୍ତି କ୍ରୟ ମୂଲ୍ୟ ଓଇଆର୍‌ସି ଦ୍ୱାରା ଅନୁମତିପ୍ରାପ୍ତ ହୋଇନଥିଲା।

- ବିଦ୍ୟୁତ ମୂଲ୍ୟ ଅତ୍ୟଧିକ, ଅମିତବ୍ୟୟୀ ଏବଂ ରାଜ୍ୟର ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ପ୍ରତିକୂଳ ହୋଇଥିବାରୁ, ଗ୍ରୀଡ୍‌କୋ ଏନ୍‌ଟିପିସି ବିଦ୍ୟୁତ ଫେରସ୍ତ କରିବା ପାଇଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଓକିଲଙ୍କଠାରୁ ଆଇନଗତ ମତାମତ ଲୋଡିଥିଲା। ଓକିଲ ମତାମତ ଦେଇଥିଲେ ଯେ, ପିପିଏଗୁଡିକ ଆଇନଗତ ଭାବରେ ସମାପ୍ତ ହୋଇପାରିବ ଯେଉଁଥି ପାଇଁ ଗ୍ରୀଡ୍‌କୋ ସିଇଆର୍‌ସିକୁ ଏକ ଘୋଷଣା କରିବା ପାଇଁ ନିବେଦନ କରିବାକୁ ପଡିବ ଯେ, ପିପିଏଗୁଡିକ ସମାପ୍ତ ହୋଇଯାଇଛି ଏବଂ ଏନ୍‌ଟିପିସିର ଉପର୍ଯ୍ୟୁକ୍ତ ଷ୍ଟେସନଗୁଡିକରୁ ବିଦ୍ୟୁତର ଭାଗକୁ ଅନ୍ୟ ରାଜ୍ୟ/ୟୁଟିଲିଟିକୁ ଆବଣ୍ଟନ କରିବା ପାଇଁ ଜିଓଆଇକୁ ନିର୍ଦ୍ଦେଶ ଦେବାପାଇଁ ପଡିବ। ଯଦିଓ ମାର୍ଚ୍ଚ 2016ରେ ଓକିଲ ତାଙ୍କ ମତ ଦେଇଥିଲେ, ପରିଚାଳନା

[15] 'ସମାୟୋଜନ' ହେଉଛି ଲାଇସେନ୍ସଦାତାଙ୍କ ଦ୍ୱାରା ପ୍ରକୃତ ବ୍ୟୟ ଏବଂ ଏଆର୍‌ଆର୍ ମାଧମରେ ନିର୍ଦ୍ଧାରିତ ପରିକଳ୍ପିତ ରାଜସ୍ୱ ମଧ୍ୟରେ ରାଜସ୍ୱ ବ୍ୟବଧାନର ସମନ୍ୱୟ।

କର୍ତ୍ତୃପକ୍ଷ ଏହା ଉପରେ କୌଣସି କାର୍ଯ୍ୟ କରିନଥିଲେ ଏବଂ ଫେବୃଆରୀ 2019/ମାର୍ଚ୍ଚ 2022ରେ ଫେରସ୍ତ ଦେବା ପର୍ଯ୍ୟନ୍ତ ଅଧିକ ଦରରେ ବିଦ୍ୟୁତ କ୍ରୟ ଜାରି ରଖିଥିଲେ।

- ବାର୍ହ ଏସ୍‌ଟିପିଏସ୍-II ଏବଂ କେବିୟୁଏନ୍‌ଏଲ୍ ସହିତ ହୋଇଥିବା ପିପିଏ ଅନୁଯାୟୀ, ଗ୍ରୀଡ୍‌କୋ ଏହି ଷ୍ଟେସନଗୁଡିକରୁ କୌଣସି ଶକ୍ତି କ୍ରୟ ନକଲେ ମଧ୍ୟ, ସେଗୁଡିକୁ ପୁନଃବଣ୍ଟନ ନକରିବା ପର୍ଯ୍ୟନ୍ତ ଏହାକୁ ସ୍ଥିର ମୂଲ୍ୟ ବହନ କରିବାକୁ ପଡିବ। ଏହି ଦୁଇଟି ଷ୍ଟେସନର ଅଧିକ ସ୍ଥିର ମୂଲ୍ୟ ଯୋଗୁ ହୋଇଥିବା କ୍ଷତିକୁ ଓଇଆର୍‌ସି ଅନୁମୋଦନ କରିନଥିଲା କାରଣ ପିପିଏଗୁଡିକର କାର୍ଯ୍ୟକାରିତା ପୂର୍ବରୁ ଗ୍ରୀଡ୍‌କୋ ଓଇଆର୍‌ସିର ଅନୁମୋଦନ ହାସଲ କରିନଥିଲା।

ସମୀକ୍ଷାରେ ଦେଖାଗଲା ଯେ, 2015-16ରୁ 2019-20 ମଧ୍ୟରେ ଗ୍ରୀଡ୍‌କୋ ବାର୍ହ ଏସ୍‌ଟିପିଏସ୍-II ଏବଂ କେବିୟୁଏନ୍‌ଏଲ୍‌ରୁ ବିଦ୍ୟୁତ କ୍ରୟ ନିମିତ୍ତ 1,850.13 କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏଥିମଧ୍ୟରୁ ଓଇଆର୍‌ସି 926.85 କୋଟି ଟଙ୍କା ମଞ୍ଜୁର କରିଥିଲା ଏବଂ ଉପର୍ଯ୍ୟୁକ୍ତ ନୀତି ଅନୁଯାୟୀ ସମାୟୋଜନ ଆଦେଶରେ 923.28 କୋଟି ଟଙ୍କା ମଞ୍ଜୁର କରିନଥିଲା। ସେହିଭଳି, ଗ୍ରୀଡ୍‌କୋ ମଧ୍ୟ 2020-21 ଏବଂ 2021-22 ମଧ୍ୟରେ କେବିୟୁଏନ୍‌ଏଲ୍ ବିଦ୍ୟୁତ ଷ୍ଟେସନରୁ ବିଦ୍ୟୁତ କ୍ରୟ ନିମିତ୍ତ 142.27 କୋଟି ବ୍ୟୟ କରିଥିଲା ଯାହାକୁ ପରବର୍ତ୍ତୀ ଶୁଳ୍କ ଆଦେଶରେ ଅନୁମତି ମିଳିନଥିଲା, କାରଣ ସେଗୁଡିକ ସମ୍ପୃକ୍ତ ବର୍ଷର ଶୁଳ୍କ ଆଦେଶରେ ଅନୁମୋଦିତ ହୋଇନଥିଲା। ଏହିପରି, ଯଦି ଗ୍ରୀଡ୍‌କୋ ଅନଧିକୃତ ଏବଂ ବ୍ୟୟ ବହୁଳ ଉତ୍ସରୁ ବିଦ୍ୟୁତ ନଆଣି ଅନୁମୋଦିତ ଦାମୀ ଉତ୍ସରୁ ବିଦ୍ୟୁତ ଆଣିଆନ୍ତା, ତେବେ ଏହା 1,065.55 କୋଟି ଟଙ୍କା ସଞ୍ଚୟ କରିପାରିଥାନ୍ତା। ସମୀକ୍ଷାରେ ଏହା ମଧ୍ୟ ଦେଖାଗଲା ଯେ, ଯଦି ଗ୍ରୀଡ୍‌କୋ ଏବଂ ରାଜ୍ୟ ସରକାର ଏହି ବିଦ୍ୟୁତ ଷ୍ଟେସନଗୁଡିକରୁ ରାଜ୍ୟ ଅଂଶ ଫେରସ୍ତ ପାଇଁ ଶୀଘ୍ର ପ୍ରଭାବଶାଳୀ ପଦକ୍ଷେପ ନେଇଥାନ୍ତେ ଏବଂ ଓଇଆର୍‌ସି ଅନୁମୋଦନ ପାଇବା ପରେ ପିପିଏଗୁଡିକ କାର୍ଯ୍ୟକାରୀ କରିଥାନ୍ତେ ତେବେ ଏହି କ୍ଷତି ଏଡାଯାଇ ପାରିଥାନ୍ତା।

ଉପର୍ଯ୍ୟୁକ୍ତ ସମୀକ୍ଷା ପର୍ଯ୍ୟବେକ୍ଷଣର ଉତ୍ତରରେ ସରକାର କହିଲେ (ମାର୍ଚ୍ଚ 2023) ଯେ, ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ବନ୍ଦ ରହିବା କିମ୍ବା ଚାହିଦା ବୃଦ୍ଧି ହେତୁ ରାଜ୍ୟରେ ଉପୁଜିଥିବା ଜରୁରୀକାଳୀନ ପରିସ୍ଥିତିକୁ ଏଡାଇବା ପାଇଁ ଗ୍ରୀଡ୍‌କୋ ଉଚ୍ଚ ମୂଲ୍ୟରେ ଅନଧିକୃତ ଉତ୍ସରୁ (ବାର୍ହ-II ଏବଂ କେବିୟୁଏନ୍‌ଏଲ୍) ବିଦ୍ୟୁତ କ୍ରୟ କରିଥିଲା। କିନ୍ତୁ, ଏହି ଉତ୍ସଗୁଡିକରୁ ଜରୁରୀକାଳୀନ ପରିସ୍ଥିତିରେ କିମ୍ବା ଚାହିଦା ବୃଦ୍ଧି ହେତୁ ବିଦ୍ୟୁତ କ୍ରୟ ହୋଇଥିବାର କୌଣସି ପ୍ରମାଣିକ ଦସ୍ତାବିଜ ପ୍ରଦାନ କରିନଥିଲା।

### 2.5.6.2 ସ୍ୱଳ୍ପ ମୂଲ୍ୟର ଆଇପିପି ବିଦ୍ୟୁତ କ୍ରୟରେ ନିଅଣ୍ଟ

ଗ୍ରୀଡ୍‌କୋ 2017-18ରୁ 2021-22 ମଧ୍ୟରେ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିଥିବା ପାଞ୍ଚଟି ସ୍ୱାଧୀନ ଶକ୍ତି ଉତ୍ପାଦକ (ଆଇପିପି) ମଧ୍ୟରୁ ତିନୋଟି[16]ରୁ ଶକ୍ତି କ୍ରୟ କରିଥିଲା। ଅନ୍ୟ ଦୁଇଟି ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିଥିବା ଆଇପିପିରୁ ବିଦ୍ୟୁତ କ୍ରୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିଲା।

ସମୀକ୍ଷାରେ ଏହା ଦେଖାଗଲା ଯେ, ପିପିଏ ଅନୁଯାୟୀ ଆବଶ୍ୟକ ବିଦ୍ୟୁତ ତୁଳନାରେ ଆଇପିପିରୁ ବିଦ୍ୟୁତ କ୍ରୟରେ କ୍ରମାଗତ ନିଅଣ୍ଟ ଦେଖାଦେଇଥିଲା ଏବଂ ଏହି ନିଅଣ୍ଟ 2017-18ରୁ 2021-22 ମଧ୍ୟରେ 3,636.13 ଏମ୍‌ୟୁରୁ 5,642.76 ଏମ୍‌ୟୁ[17] ମଧ୍ୟରେ ରହିଥିଲା। ଆବଶ୍ୟକ ତୁଳନାରେ ନିଅଣ୍ଟର ହାର 2017-18ରୁ 2021-22 ମଧ୍ୟରେ 44.25 ପ୍ରତିଶତରୁ 68.67 ପ୍ରତିଶତ ରହିଥିଲା। ଯେହେତୁ ଆଇପିପି ବିଦ୍ୟୁତ ସ୍ୱଳ୍ପ ମୂଲ୍ୟର ବିଦ୍ୟୁତ ମଧ୍ୟରୁ ଗୋଟିଏ ଥିଲା, ଗ୍ରୀଡ୍‌କୋ ଉଚ୍ଚ ମୂଲ୍ୟର ଉତ୍ସରୁ ଶକ୍ତି କ୍ରୟ କରିବାରୁ 3,257.40 କୋଟି ଟଙ୍କା କ୍ଷତି ସହିଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି।

**2.5.6.2.1** ମେସର୍ସ ବେଦାନ୍ତ ଲିମିଟେଡ୍ ସହିତ ହୋଇଥିବା ପିପିଏ (ଡିସେମ୍ବର 2012) ସର୍ତ୍ତାବଳୀ ଅନୁଯାୟୀ, 2017-18ରୁ 2021-22 ମଧ୍ୟରେ ଗ୍ରୀଡ୍‌କୋ ୟୁନିଟ୍ ପିଛା 2.38 ଟଙ୍କାରୁ 2.61 ଟଙ୍କା ଦରରେ

[16] ମେସର୍ସ ବେଦାନ୍ତ ଲିମିଟେଡ୍, ମେସର୍ସ ଜିନ୍ଦଲ ଇଣ୍ଡିଆ ତାପଜ ବିଦ୍ୟୁତ ଲିମିଟେଡ୍, ମେସର୍ସ ଜିଏମ୍‌ଆର୍ କମଲାଙ୍ଗ ଶକ୍ତି ଲିମିଟେଡ୍।

[17] ଏମ୍‌ୟୁ ମିଲିୟନ୍ ୟୁନିଟ୍‌କୁ ସୂଚାଉଛି

ବେଦାନ୍ତ ଲିମିଟେଡ୍‌ଠାରୁ 25,167.77 ଏମ୍‌ୟୁ (ପ୍ରତିବର୍ଷ 5,009.97 ଏମ୍‌ୟୁରୁ 5,039.45 ଏମ୍‌ୟୁ) ଶକ୍ତି କ୍ରୟ କରିବାର ଅଧିକାର ପାଇଥିଲା। ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ଦେଖାଗଲା ଯେ:

- ବେଦାନ୍ତ ଲିମିଟେଡ୍ କ୍ରମାଗତ ଭାବରେ 2017-18ରୁ 2021-22 ମଧ୍ୟରେ ପିପିଏ ଅନୁଯାୟୀ ରାଜ୍ୟ ଆବଶ୍ୟକ କରୁଥିବା ବିଦ୍ୟୁତ ପ୍ରଦାନ କରିବାରେ ବିଫଳ ହୋଇଥିଲା। 2017-18ରୁ 2021-22 ମଧ୍ୟରେ ବେଦାନ୍ତ ଲିମିଟେଡ୍ ଏହାର କାରଖାନାରୁ 57,660.43 ଏମ୍‌ୟୁ ବିଦ୍ୟୁତ ଉତ୍ପାଦନ କରିଥିଲା, ଯେଉଁଥିରୁ ଏହା ଗ୍ରୀଡ୍‌କୋକୁ ପିପିଏ ଅନୁଯାୟୀ ଆବଶ୍ୟକୀୟ 25,167.77 ଏମ୍‌ୟୁ ତୁଳନାରେ କେବଳ 7,694.67 ଏମ୍‌ୟୁ ଯୋଗାଇ ଥିଲା। ବଳକା ବିଦ୍ୟୁତକୁ ବେଦାନ୍ତ ଲିମିଟେଡ୍ ନିଜସ୍ୱ ବ୍ୟବହାର ପାଇଁ ଉପଯୋଗ କରିଥିଲା।

- 17,473.10 ଏମ୍‌ୟୁ (25,167.77 ଏମ୍‌ୟୁ – 7,694.67 ଏମ୍‌ୟୁ)ର ନିଅଣ୍ଟିଆ ଯୋଗାଣ ଯୋଗୁ (ପିପିଏ ଅଧୀନରେ ଗ୍ରୀଡ୍‌କୋର ଆବଶ୍ୟକତାର 69.43 ପ୍ରତିଶତ), ଗ୍ରୀଡ୍‌କୋ ବଜାରରୁ ଉଚ୍ଚ ମୂଲ୍ୟରେ ବିଦ୍ୟୁତ କ୍ରୟ କରିଥିଲା, ଯାହାର ମୂଲ୍ୟ 3.13 ଟଙ୍କାରୁ 4.66 ଟଙ୍କା ପ୍ରତି ୟୁନିଟ୍ ଥିଲା ଏବଂ 2017-18ରୁ 2021-22 ମଧ୍ୟରେ 2,020.65 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିଥିଲା। ବେଦାନ୍ତ ଲିମିଟେଡ୍ ରାଜ୍ୟର ପ୍ରାପ୍ତ ବିଦ୍ୟୁତ ଯୋଗାଣ ନକରିବାରୁ, ଗ୍ରୀଡ୍‌କୋ ଇଏ, 2003ରୁ ଧାରା 142 ଅନୁଯାୟୀ ଓଇଆର୍‌ସି ନିକଟରେ ଏକ ଆବେଦନ[18] କରିଥିଲା (ନଭେମ୍ବର 2019) ଯାହା 36 ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଫଏସଲା ହୋଇନଥିଲା (ଡିସେମ୍ବର 2022)। ଆହୁରି ମଧ୍ୟ, ବେଦାନ୍ତ ଲିମିଟେଡ୍‌କୁ ଏମ୍‌ଓୟୁ ଏବଂ ପିପିଏରେ ସହମତି ଅନୁଯାୟୀ ରାଜ୍ୟ ପ୍ରତି ଥିବା ବାଧ୍ୟତାମୂଳକ କର୍ତ୍ତବ୍ୟର ପାଳନ ନକରିବାରୁ ରୋକିବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ମିଳିତ ବୈଠକ ଡକାଇବାକୁ ପ୍ରମୁଖ ଶାସନ ସଚିବ, ଶିଳ୍ପ ବିଭାଗ, ଜିଓଓଙ୍କ ନିକଟକୁ ଏହି ମାମଲା ଅଣାଯାଇଥିଲା। ତେବେ ଆଜି ପର୍ଯ୍ୟନ୍ତ ସରକାର ଏହି ସମ୍ପର୍କରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରିନଥିଲେ।

- ବେଦାନ୍ତ ଲିମିଟେଡ୍ ଯଦି ରାଜ୍ୟର ପ୍ରାପ୍ୟ ବିଦ୍ୟୁତ ଯୋଗାଇବାରେ ବିଫଳ ହୁଏ, ତେବେ ତାହା ପାଇଁ ପିପିଏରେ କୌଣସି ଦଣ୍ଡବିଧାନର ବ୍ୟବସ୍ଥା ନଥିଲା। ଅବଶ୍ୟ, ବିଦ୍ୟୁତ ଯୋଗାଣରେ ନିଅଣ୍ଟ ହେତୁ, ଓଇଆର୍‌ସିର ନିର୍ଦ୍ଦେଶ (ଜୁନ୍ 2020) ଅନୁଯାୟୀ 2017-18ରୁ 2021-22 ମଧ୍ୟରେ ଗ୍ରୀଡ୍‌କୋ ବେଦାନ୍ତଠାରୁ 547.28 କୋଟି ଟଙ୍କା କ୍ଷତିପୂରଣ ରାଶି ଅସୁଲ କରିଥିଲା।

ଏହିପରି, ବେଦାନ୍ତ ଲିମିଟେଡ୍ ରାଜ୍ୟର ପ୍ରାପ୍ୟ ବିଦ୍ୟୁତ ଯୋଗାଣରେ ଖିଲାପ ଫଳସ୍ୱରୂପ 2017-18ରୁ 2021-22 ମଧ୍ୟରେ ଗ୍ରୀଡ୍‌କୋକୁ 1,473.37 କୋଟି ଟଙ୍କା (2,020.65 କୋଟି ଟଙ୍କା – 547.28 କୋଟି ଟଙ୍କା) କ୍ଷତି ହୋଇଛି।

**2.5.6.2.2** ଜିନ୍ଦଲ ଇଣ୍ଡିଆ ତାପଜ ବିଦ୍ୟୁତ ଲିମିଟେଡ୍ (ଜେଆଇଟିପିଏଲ୍) ଫେବୃୟାରୀ 2015ରୁ ଅପ୍ରେଲ 2015 ମଧ୍ୟରେ ଏହାର ୟୁନିଟଗୁଡିକର ବାଣିଜ୍ୟିକ ଅପରେସନ ପରେ ପୂର୍ଣ୍ଣ ରାଜ୍ୟ ବାବଦ ସମ୍ପୂର୍ଣ୍ଣ ବିଦ୍ୟୁତ ଯୋଗାଇ ନଥିଲା। 2017-18ରୁ 2021-22 ମଧ୍ୟରେ ଜେଆଇଟିପିଏଲ୍ ରାଜ୍ୟ ବାହାରେ 25,286.33 ଏମ୍‌ୟୁ ବିଦ୍ୟୁତ ବିକ୍ରି କରି ଇଚ୍ଛାକୃତ ଭାବରେ ରାଜ୍ୟକୁ ବିଦ୍ୟୁତ ଯୋଗାଣରେ ଖିଲାପ କରିଥିଲା। ପିପିଏ ଅନୁଯାୟୀ ପ୍ରାପ୍ୟ 5,042.13 ଏମ୍‌ୟୁର ବିଦ୍ୟୁତ ତୁଳନାରେ, ଜେଆଇଟିପିଏଲ୍ ଉପର୍ଯ୍ୟୁକ୍ତ ସମୟ ମଧ୍ୟରେ ଗ୍ରୀଡ୍‌କୋକୁ ମାତ୍ର 523.72 ଏମ୍‌ୟୁ ବିଦ୍ୟୁତ ଯୋଗାଇଥିଲା। ମାର୍ଚ୍ଚ 2022ରେ ଶେଷ ହୋଇଥିବା ପାଞ୍ଚ ବର୍ଷ ମଧ୍ୟରେ ପିପିଏ ଅନୁଯାୟୀ ଯୋଗାଣର ଅଭାବ 74.09ରୁ 100 ପ୍ରତିଶତ ମଧ୍ୟରେ ରହିଛି। ଯଦିଓ

---

[18] ବିଦ୍ୟୁତ ଅଧିନିୟମ, 2003ର ଧାରା 142ରେ ପିପିଏ ଉଲ୍ଲଙ୍ଘନ ବିରୁଦ୍ଧରେ ଦଣ୍ଡବିଧାନ ପାଇଁ ବ୍ୟବସ୍ଥା ରହିଛି। ବେଦାନ୍ତ ଲିମିଟେଡ୍ ଦ୍ୱାରା ଏପରି ଉଲ୍ଲଙ୍ଘନ ବିରୁଦ୍ଧରେ ପ୍ରତିକାର ପାଇଁ, ଗ୍ରୀଡ୍‌କୋ ଓଇଆର୍‌ସି ନିକଟରେ ଆବେଦନ କରିଥିଲା।

ଜେଆଇଟିପିଏଲ୍ ଗ୍ରୀଡ୍‌କୋକୁ ପରବର୍ତ୍ତୀ ମାସରେ ରାଜ୍ୟର ପ୍ରାପ୍ୟ ବିଦ୍ୟୁତ ଯୋଗାଣର ଅଭାବର କ୍ଷତିପୂରଣ ଦେବାକୁ ଭରସା ଦେଇଥିଲା (ସେପ୍ଟେମ୍ବର 2017), ତାହା କରିନାହିଁ।

- ଆହୁରି ମଧ୍ୟ, ଜେଆଇଟିପିଏଲ୍ ଓଡିଶା ସରକାର କରିଥିବା ଏମ୍‌ଓୟୁ ଏବଂ ଗ୍ରୀଡ୍‌କୋ ସହିତ ହୋଇଥିବା ପିପିଏକୁ ଓଡିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରି ଏକ ରିଟ୍ ପିଟିସନ୍ ଦାଖଲ କରିଥିଲା ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟର ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ (16 ମଇ 2019)କୁ ଦର୍ଶାଇ ଆସନ୍ତା ତାରିଖ ପର୍ଯ୍ୟନ୍ତ ଜେଆଇଟିପିଏଲ୍ ବିରୋଧରେ କୌଣସି ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଦର୍ଶାଇ 23 ମଇ 2019ରୁ ରାଜ୍ୟ ପ୍ରାପ୍ୟ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା। ଯଦିଓ ରାଜ୍ୟ ପ୍ରାପ୍ୟ ବିଦ୍ୟୁତ ଯୋଗାଣ ବନ୍ଦ କରିବାକୁ ନ୍ୟାୟାଳୟଙ୍କର କୌଣସି ନିର୍ଦ୍ଦେଶ ନଥିଲା, ଜେଆଇଟିପିଏଲ୍ ବିଦ୍ୟୁତ ଯୋଗାଣ ପୁନଃ ଆରମ୍ଭ କରିନଥିଲା।

- ପ୍ରାପ୍ୟ ବିଦ୍ୟୁତ ପ୍ରାପ୍ତ ନକରିବାର ପାଞ୍ଚ ବର୍ଷ ବିଳମ୍ବ ପରେ ଏବଂ ରାଜ୍ୟ ପ୍ରାପ୍ୟ ବିଦ୍ୟୁତ ଯୋଗାଣର ସମ୍ପୂର୍ଣ୍ଣ ବନ୍ଦର ଗୋଟିଏ ବର୍ଷ ପରେ, ଗ୍ରୀଡ୍‌କୋ ଓଡିଶା ସରକାରଙ୍କୁ ସୂଚିତ କରିଥିଲେ (ମାର୍ଚ୍ଚ 2020) ଯେ ସମସ୍ତ ସମ୍ପୃକ୍ତ ବିଭାଗମାନଙ୍କ ମଧ୍ୟରେ ସଭା ଡକାଇ ଏହି ବିଷୟରେ ଆଲୋଚନା କରିବା ଏବଂ ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେବା। ଗ୍ରୀଡ୍‌କୋ ସୂଚିତ କରିବାର ଛଅ ମାସ ବିଳମ୍ବ ପରେ, ଶିଳ୍ପ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସଭା ଡକାଯାଇଥିଲା (ସେପ୍ଟେମ୍ବର 2020) ଯେଉଁଠାରେ ଗ୍ରୀଡ୍‌କୋ ଶିଳ୍ପ ବିଭାଗକୁ ଜେଆଇଟିପିଏଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଜ୍ୟରେ ଏହାର କାରଖାନା ସ୍ଥାପନ ଏବଂ ପରିଚାଳନା ପାଇଁ ଜେଆଇଟିପିଏଲ୍‌କୁ ଦିଆଯାଇଥିବା ସମସ୍ତ ସୁବିଧା ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲା। ଜେଆଇଟିପିଏଲ୍‌କୁ ଦିଆଯାଇଥିବା ରିହାତି ସୁବିଧାଗୁଡିକର ମୂଲ୍ୟାଙ୍କନ କରିବାକୁ ରାଜ୍ୟ ସରକାର ଗ୍ରୀଡ୍‌କୋକୁ ଇଡ୍‌କୋ, ଜଳ ସମ୍ପଦ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଇତ୍ୟାଦି ନିକଟକୁ ଯିବାକୁ କହିଲା। ଯଦିଓ ଗ୍ରୀଡ୍‌କୋ ଏକ ରିପୋର୍ଟ ଦାଖଲ କରିଥିଲା (ଫେବୃୟାରୀ 2021), ରାଜ୍ୟ ସରକାର ଏହି ବିଷୟରେ କୌଣସି ପଦକ୍ଷେପ ନେଇ ନଥିଲେ। 23 ମଇ 2019ରୁ ବନ୍ଦ ହେବା ପରେ ଜେଆଇଟିପିଏଲ୍ 29 ଅପ୍ରେଲ 2022ରୁ ପୁନର୍ବାର ରାଜ୍ୟର ପ୍ରାପ୍ୟ ବିଦ୍ୟୁତ ଯୋଗାଣ କରୁଥିଲା। ତେଣୁ, ଗ୍ରୀଡ୍‌କୋ ଏବଂ ରାଜ୍ୟ ସରକାର ଦ୍ୱାରା ବିଳମ୍ବିତ ପଦକ୍ଷେପ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଏହି ପ୍ରକାରର ପରିସ୍ଥିତି ମୁକାବିଲା ପାଇଁ ଦୃଢ଼ ବ୍ୟବସ୍ଥାର ଅଭାବ ହେତୁ ଜେଆଇଟିପିଏଲ୍ ଇଚ୍ଛାକୃତ ଭାବରେ ରାଜ୍ୟର ପ୍ରାପ୍ୟ ବିଦ୍ୟୁତ ପ୍ରଦାନ ନକରିବାର ସୁଯୋଗ ନେଇଥିଲା।

- ସ୍ୱଳ୍ପ ମୂଲ୍ୟର ଆଇପିପି ବିଦ୍ୟୁତ ରାଜ୍ୟ ପ୍ରାପ୍ୟ ବାବଦକୁ ଯୋଗାଣ ନହେବା ହେତୁ (ୟୁନିଟ୍ ପିଛା ମୂଲ୍ୟ 1.28 ଟଙ୍କାରୁ 1.71 ଟଙ୍କା ମଧ୍ୟରେ ଥିଲା), ରାଜ୍ୟ ଚାହିଦା ପୂରଣ କରିବା ପାଇଁ ଗ୍ରୀଡ୍‌କୋ ଉଚ୍ଚ ମୂଲ୍ୟରେ (ୟୁନିଟ୍ ପିଛା ମୂଲ୍ୟ 3.93 ଟଙ୍କାରୁ 8.11 ଟଙ୍କା ମଧ୍ୟରେ) ଉତ୍ପାଦନ କରୁଥିବା ଷ୍ଟେସନ୍‌ଠାରୁ କିଣିବାକୁ ବାଧ୍ୟ ହୋଇଥିଲା ଏବଂ ଏହା ଦ୍ୱାରା 2017-18ରୁ 2021-22 ମଧ୍ୟରେ 1,769.80 କୋଟି ଟଙ୍କା କ୍ଷତି ହୋଇଥିଲା।

**2.5.6.2.3** ସେହିପରି, ମେସର୍ସ ଜିଏମ୍‌ଆର୍ କମଲାଙ୍ଗ ଏନର୍ଜି ଲିମିଟେଡ୍ ସହ ପିପିଏ (ସେପ୍ଟେମ୍ବର 2006/ଜାନୁଆରୀ 2011/ଫେବୃୟାରୀ 2018) ଅନୁଯାୟୀ ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରୁ ପଠାଯାଇଥିବା ବିଦ୍ୟୁତର 25 ପ୍ରତିଶତ ଗ୍ରୀଡ୍‌କୋର ଅଧିକାର ଥିଲା ଯାହାକି 80 ପ୍ରତିଶତରୁ ଅଧିକ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟରଠାରୁ ଅଧିକ ଶକ୍ତି ପରିମାଣ ବାଦ ଦେଇଥାଏ। ସମୀକ୍ଷାରେ ଦେଖାଗଲା ଯେ, ପିପିଏ ଅନୁଯାୟୀ 10,824.90 ଏମ୍‌ୟୁର ପ୍ରାପ୍ୟ ତୁଳନାରେ, 2017-18ରୁ 2021-22 ମଧ୍ୟରେ ଆଇପିପି 8,740.16 ଏମ୍‌ୟୁ ବିଦ୍ୟୁତ ଯୋଗାଇଥିଲା। ପିପିଏ ଅନୁଯାୟୀ ଯୋଗାଣର ଅଭାବ ଉପର୍ଯ୍ୟୁକ୍ତ ସମୟ ମଧ୍ୟରେ 9.06 ପ୍ରତିଶତରୁ 31.36 ପ୍ରତିଶତ ମଧ୍ୟରେ ରହିଥିଲା। କମ ମୂଲ୍ୟରେ (ୟୁନିଟ୍ ପିଛା ମୂଲ୍ୟ 3.08ରୁ 3.23 ଟଙ୍କା) ରାଜ୍ୟର ପ୍ରାପ୍ୟ ଆଇପିପି ଯୋଗାଣ ନଥିବାରୁ ଗ୍ରୀଡ୍‌କୋ 2018-19 ଏବଂ 2020-21 ମଧ୍ୟରେ ଉଚ୍ଚ ମୂଲ୍ୟ (ୟୁନିଟ୍ ପିଛା ମୂଲ୍ୟ 3.24ରୁ 3.62 ଟଙ୍କା)ରେ କ୍ରୟ କରିବାକୁ ବାଧ୍ୟ ହୋଇଥିଲା ଯେଉଁଥିପାଇଁ ଗ୍ରୀଡ୍‌କୋ 14.23 କୋଟି ଟଙ୍କା କ୍ଷତି ସହିଥିଲା।

ତେଣୁ, ଆଇପିପିମାନେ ରାଜ୍ୟର ପ୍ରାପ୍ୟ ବିଦ୍ୟୁତ ନଯୋଗାଇବା ହେତୁ, ଗ୍ରୀଡ୍‌କୋ 3,257.40 କୋଟି ଟଙ୍କା (1,473.37 କୋଟି ଟଙ୍କା + 1,769.80 କୋଟି ଟଙ୍କା + 14.23 କୋଟି ଟଙ୍କା)ର କ୍ଷତି ସହିଥିଲା। ଅଧିକନ୍ତୁ, ପିପିଏରେ ଜୋରିମାନା ପାଇଁ ଧାରା ନଥିବାରୁ ରାଜ୍ୟ ପ୍ରାପ୍ୟ ବାବଦ ବିଦ୍ୟୁତ ଯୋଗାଣରେ ଆଇପିପିମାନଙ୍କ ଦ୍ୱାରା ଖିଲାପ ସମୟରେ ଗ୍ରୀଡ୍‌କୋ ଏହାର ସ୍ୱାର୍ଥ ରକ୍ଷା କରିବା ପାଇଁ ଚୁକ୍ତିନାମା କାର୍ଯ୍ୟକାରୀ କରିପାରି ନଥିଲା। ତେବେ, ତ୍ରୁଟିପୂର୍ଣ୍ଣ ଚୁକ୍ତିନାମା ପାଇଁ ଗ୍ରୀଡ୍‌କୋ ଦ୍ୱାରା କୌଣସି ଉତ୍ତରଦାୟିତ୍ୱ ସ୍ଥିର କରାଯାଇ ନଥିଲା।

ସରକାର ପ୍ରତ୍ୟୁତ୍ତରରେ କହିଲେ (ମାର୍ଚ୍ଚ 2023) ଯେ, ଆଇପିପିରୁ ବିଦ୍ୟୁତର ସାଧାରଣ ଉପଲବ୍ଧତାକୁ ଦର୍ଶାଇ ବିଦ୍ୟୁତ ଅଭାବର ପରିମାଣର ଗଣନା ସଠିକ ନୁହେଁ। ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରୁ ପ୍ରକୃତ ବିଦ୍ୟୁତ ଯୋଗାଣର ପଠାଯାଇଥିବା ବିଦ୍ୟୁତ ସହ ତୁଳନାକୁ ବିଚାର କରି ଅଭାବ ପରିମାଣ ନିର୍ଣ୍ଣୟ କରାଯାଇଥିଲା।

କାରଖାନାରୁ ପଠାଯାଇଥିବା ବିଦ୍ୟୁତ ଉପରେ ଆଧାର କରି ଅଭାବକୁ ହିସାବ କରିବାକୁ ସରକାରଙ୍କ ଉତ୍ତର ଗ୍ରହଣୀୟ ନୁହେଁ କାରଣ ପଠାଯାଉଥିବା ବିଦ୍ୟୁତକୁ ଏହିପରି ପଠାଯାଇଥିବା ବିଦ୍ୟୁତ ବିଚାର କରି ହିସାବ କରାଯିବା ଉଚିତ ନୁହେଁ। ଏହା ଓଇଆର୍‌ସି (ଉତ୍ପାଦନ ଶୁଳ୍କ ନିର୍ଦ୍ଧାରଣର ସର୍ତ୍ତ ଏବଂ ଚୁକ୍ତିନାମା) ନିୟମାବଳୀ, 2014 ଅନୁଯାୟୀ 85 ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟରରେ ନର୍‌ମାଟିଭ୍ ଉତ୍ପାଦନ ସହ ଯୋଡି ହିସାବ କରିବାର ଥିଲା।

### 2.5.6.3 ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍‌ରୁ ବିଦ୍ୟୁତ କ୍ରୟ

ରାଜ୍ୟର ବିଦ୍ୟୁତ ଚାହିଦା ମେଣ୍ଟାଇବା ପାଇଁ ଗ୍ରୀଡ୍‌କୋ ଲିମିଟେଡ୍ ଦ୍ୱାରା କିଣାଯାଇଥିବା ସମସ୍ତ ଶକ୍ତି ଉତ୍ସ ମଧ୍ୟରେ ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍‌ରୁ କିଣାଯାଇଥିବା ଜଳ ବିଦ୍ୟୁତର ମୂଲ୍ୟ ସର୍ବନିମ୍ନ ଅଟେ। ଜଳ ବିଦ୍ୟୁତର ୟୁନିଟ୍ ପିଛା କ୍ରୟ ଦର 2017-18ରୁ 2021-22 ମଧ୍ୟରେ 0.79ରୁ 1.08 ଟଙ୍କା ମଧ୍ୟରେ ଥିଲା। ଏହାଦ୍ୱାରା ଜଳ ବିଦ୍ୟୁତ କ୍ରୟକୁ ସର୍ବାଧିକ କରିବା ରାଜ୍ୟ/ଗ୍ରୀଡ୍‌କୋର ସ୍ୱାର୍ଥରେ ରହିଛି।

ସମୀକ୍ଷାରେ ଏହା ଦେଖାଗଲା ଯେ:

i. 2017-18ରୁ 2021-22 ମଧ୍ୟରେ ଓଇଆର୍‌ସି ଧାର୍ଯ୍ୟ କରିଥିବା 29,408.70 ଏମ୍‌ୟୁ ବିଦ୍ୟୁତ ଲକ୍ଷ୍ୟ ତୁଳନାରେ ଗ୍ରୀଡ୍‌କୋ ଓଏଚ୍‌ପିସିଠାରୁ 28,857.55 ଏମ୍‌ୟୁ ବିଦ୍ୟୁତ କ୍ରୟ କରିଥିଲା। ଉପର୍ଯ୍ୟୁକ୍ତ ପାଞ୍ଚବର୍ଷ ମଧ୍ୟରୁ ତିନିବର୍ଷ ଅର୍ଥାତ୍ 2018-19, 2019-20 ଏବଂ 2020-21 କ୍ଷେତ୍ରରେ ଓଇଆର୍‌ସି ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ଅପେକ୍ଷା ଯଥାକ୍ରମେ 272.58 ଏମ୍‌ୟୁ, 286.68 ଏମ୍‌ୟୁ ଏବଂ 396.22 ଏମ୍‌ୟୁ ଅଧିକ କ୍ରୟ ହୋଇଥିଲା। ଅବଶ୍ୟ, 2017-18 ଏବଂ 2021-22 ବର୍ଷରେ, ଯଥାକ୍ରମେ 292.14 ଏମ୍‌ୟୁ ଏବଂ 1,214.49 ଏମ୍‌ୟୁର ସ୍ୱଳ୍ପ କ୍ରୟ ହୋଇଥିଲା। ତେଣୁ, 31 ମାର୍ଚ୍ଚ 2022ରେ ଶେଷ ହେବାକୁ ଥିବା ପାଞ୍ଚ ବର୍ଷ ମଧ୍ୟରେ ଓଇଆର୍‌ସି ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟଠାରୁ 551.15 ଏମ୍‌ୟୁ କ୍ରୟରେ ସମୁଦାୟ ଅଭାବ ଦେଖାଦେଇଥିଲା। ଏହା ମଧ୍ୟ ପ୍ରକାଶ ପାଇଛି ଯେ, 2014-15 ଏବଂ 2021-22 ମଧ୍ୟରେ ଗ୍ରୀଡ୍‌କୋର ବହୁଳ ଯୋଗାଣ ମୂଲ୍ୟ (ବିଏସ୍‌ପି)କୁ ଅନୁମୋଦନ କରିବାବେଳେ ଓଇଆର୍‌ସି ଦେଖିଲେ ଯେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକର ସଠିକ୍ ଯୋଜନା ଏବଂ ପୁନଃଡିଜାଇନ୍ ସହିତ ଓଏଚ୍‌ପିସି ଲିମିଟେଡ୍‌ର ବିଦ୍ୟୁତ ଉତ୍ପାଦନ ବନ୍ୟା ନିୟନ୍ତ୍ରଣ ଏବଂ ଜଳସେଚନର ବଳିଦାନ ବିନା ଏହାର ଡିଜାଇନ୍ ଶକ୍ତିରୁ ଅଧିକ ହୋଇପାରିବ ଏବଂ ଫଳସ୍ୱରୂପ ଉପଯୁକ୍ତ ଯୋଜନା ଏବଂ ସମନ୍ୱୟ ସହିତ ଗ୍ରୀଡ୍‌କୋ ବହୁ ପରିମାଣର ରାଜସ୍ୱ ଉତ୍ପାଦନ ପାଇଁ ରକ୍ଷଣଶୀଳ ଭିତ୍ତିରେ 2,500 ଏମ୍‌ୟୁ ବିଦ୍ୟୁତ ବାଣିଜ୍ୟ କରିପାରିବ। ତେବେ, ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିନାହାନ୍ତି।

ii. ଆହୁରି ମଧ୍ୟ, 2021-22 ବର୍ଷରେ ଗ୍ରୀଡ୍‌କୋ ଦ୍ୱାରା ମୋଟ କ୍ରୟ କରାଯାଇଥିବା ବିଦ୍ୟୁତ 33,641.65 ଏମ୍‌ୟୁ ସହିତ ସର୍ବାଧିକ ଥିଲା ଯାହା 2017-18 ବର୍ଷରେ କ୍ରୟ ତୁଳନାରେ 29.01 ପ୍ରତିଶତ ଅଧିକ ଥିଲା। ଅବଶ୍ୟ, ସେହି ବର୍ଷ, ଓଏଚ୍‌ପିସିଠାରୁ 1,214.49 ଏମ୍‌ୟୁ ବିଦ୍ୟୁତ କ୍ରୟରେ ବ୍ୟାପକ ଅଭାବ ଦେଖାଦେଇଥିଲା ଯାହା ସେହି ବର୍ଷ ପାଇଁ ଓଇଆର୍‌ସି ସ୍ଥିର କରିଥିବା ଲକ୍ଷ୍ୟଠାରୁ 20.65 ପ୍ରତିଶତ କମ ଥିଲା। ସ୍ୱଳ୍ପ ମୂଲ୍ୟର ଜଳ ବିଦ୍ୟୁତର ସ୍ୱଳ୍ପ କ୍ରୟ ହେତୁ, ଗ୍ରୀଡ୍‌କୋ ଉଚ୍ଚ ମୂଲ୍ୟର ଉତ୍ସରୁ ଶକ୍ତି କ୍ରୟ କଲା। ଦେଖାଗଲା ଯେ, 2017-18 ଏବଂ 2021-22 ଅବଧି ମଧ୍ୟରେ ଗ୍ରୀଡ୍‌କୋର ହାରାହାରି କ୍ରୟ ମୂଲ୍ୟ

2.44ରୁ 2.77 ଟଙ୍କା ଥିଲା ଯାହା ଜଳ ବିଦ୍ୟୁତର ହାରାହାରି ମୂଲ୍ୟ ତୁଳନାରେ ଯଥାକ୍ରମେ 0.79 ଏବଂ 1.08 ଟଙ୍କା ଥିଲା ଯାହା ପାଇଁ ଗ୍ରୀଡ୍‌କୋ 76.18 କୋଟି ଟଙ୍କା କ୍ଷତି ସହିଥିଲା।

ତେଣୁ, ଓଏଚ୍‌ପିସି ଲିମିଟେଡ୍‌ଠାରୁ ବିଦ୍ୟୁତ କ୍ରୟରେ, 2017-18ରୁ 2021-22 ମଧ୍ୟରେ ଗ୍ରୀଡ୍‌କୋକୁ 76.18 କୋଟି ଟଙ୍କାର କ୍ଷତି ହୋଇଥିଲା।

ସରକାର ଉତ୍ତରରେ କହିଲେ (ମାର୍ଚ୍ଚ 2023) ଯେ, 2017-18 ଏବଂ 2021-22 ଆର୍ଥିକ ବର୍ଷରେ ଖରାପ ମୌସୁମୀ ହେତୁ ହାଇଡ୍ରୋଲଜିର ବିଫଳତା ଘଟିଥିଲା ଏବଂ ଓଏଚ୍‌ପିସି ଏହାର ଉତ୍ପାଦନ ଷ୍ଟେସନ୍‌ଗୁଡିକର ଡିଜାଇନ୍ ଶକ୍ତି ଅନୁଯାୟୀ ଉତ୍ପାଦନ କରିବାରେ ସକ୍ଷମ ହୋଇନଥିଲା। ଶକ୍ତି ନିରାପତ୍ତା ନିଶ୍ଚିତ କରିବାକୁ, ଗ୍ରୀଡ୍‌କୋକୁ ତୁଳନାତ୍ମକ ଭାବରେ ଅଧିକ ମୂଲ୍ୟରେ ବିକଳ୍ପ ଉତ୍ସରୁ ଶକ୍ତି କ୍ରୟ କରିବାକୁ ବାଧ୍ୟ ହୋଇଥିଲା।

କିନ୍ତୁ, ଶକ୍ତି ବିଭାଗକୁ ଓଏଚ୍‌ପିସି ଦ୍ୱାରା ଦାଖଲ କରାଯାଇଥିବା ପାକ୍ଷିକ ଜଳଭଣ୍ଡାର ସ୍ତରର ତଥ୍ୟରୁ ଏହା ପ୍ରକାଶ ପାଇଲା ଯେ 2017-18 ଏବଂ 2021-22 ମସିହାରେ ବର୍ଷସାରା ସର୍ବନିମ୍ନ ଡ୍ର-ଡାଉନ ସ୍ତର (ଏମ୍‌ଡିଡିଏଲ୍) ଠାରୁ ଜଳସ୍ତର କ୍ରମାଗତ ଭାବରେ ଅଧିକ ରହିଥିଲା। ଏହିପରି, ଓଇଆର୍‌ସି ଦ୍ୱାରା ଦେଖାଯାଇଥିବା ପରି ଡିଜାଇନ୍ ଶକ୍ତିଠାରୁ ଅଧିକ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକର ଉପଯୁକ୍ତ ଯୋଜନା ଏବଂ ପୁନଃ ଡିଜାଇନ୍ ଆବଶ୍ୟକ।

### 2.5.6.4 ନବୀକରଣଯୋଗ୍ୟ ଶକ୍ତିର କ୍ରୟ ଧାର୍ଯ୍ୟ ଲକ୍ଷ୍ୟରୁ କମ୍

ବିଦ୍ୟୁତ ଅଧିନିୟମ, 2003ର ଧାରା 61(ଏଚ୍) ଏବଂ 86(1)(ଇ) ଅନୁଯାୟୀ, ଓଇଆର୍‌ସି ନବୀକରଣଯୋଗ୍ୟ ଶକ୍ତି ଉତ୍ସରୁ ସହ-ଉତ୍ପାଦନ ଏବଂ ବିଦ୍ୟୁତ ଉତ୍ପାଦନକୁ ପ୍ରୋତ୍ସାହିତ କରିବ ଏବଂ ଏହିପରି ଉତ୍ସରୁ ବିଦ୍ୟୁତ କ୍ରୟ ପରିମାଣ ରାଜ୍ୟର ମୋଟ ବ୍ୟବହାରର କେତେ ଶତକଡା ହେବ ତାହା ନିର୍ଦ୍ଦିଷ୍ଟ କରିବ। ଯଦି ନବୀକରଣଯୋଗ୍ୟ ଉତ୍ସରୁ ପ୍ରକୃତ କ୍ରୟ ନିର୍ଦ୍ଦିଷ୍ଟ ପ୍ରତିଶତରୁ କମ୍ ହୁଏ, ନବୀକରଣଯୋଗ୍ୟ ଶକ୍ତି ପ୍ରମାଣପତ୍ର (ଆର୍‌ଇସି)[19] ଗୁଡିକ ଅନୁଗୃହୀତ ସଂସ୍ଥାଗୁଡିକ କ୍ରୟ କରିବା ଆବଶ୍ୟକ। ଅଧିକନ୍ତୁ, ଓଇଆର୍‌ସି (ନବୀକରଣଯୋଗ୍ୟ ଉତ୍ସରୁ ଶକ୍ତି କ୍ରୟ ଏବଂ ଏହାର ଅନୁପାଳନ) ନିୟମାବଳୀ, 2015 ଏବଂ 2021 ଅନୁଚ୍ଛେଦ 4.2ରେ ଦର୍ଶାଯାଇଛି ଯେ ସର୍ବନିମ୍ନ ପରିମାଣର ବିଦ୍ୟୁତ ନବୀକରଣଯୋଗ୍ୟ ଉତ୍ସରୁ ଅନୁଗୃହୀତ ସଂସ୍ଥା ଦ୍ୱାରା ସମୁଦାୟ ବ୍ୟବହାରର କିଛି ଶତକଡା କ୍ରୟ କରାଯିବ। ନିୟମାବଳୀ, 2015ର ଅନୁଚ୍ଛେଦ 9.1 ଏବଂ ନିୟମାବଳୀ 2021ର ଅନୁଚ୍ଛେଦ 10.1 ଅନୁଯାୟୀ ଯଦି ଅନୁଗୃହୀତ ସଂସ୍ଥା କୌଣସି ବର୍ଷ ମଧ୍ୟରେ ବାଧ୍ୟତାମୂଳକ ନବୀକରଣଯୋଗ୍ୟ କ୍ରୟ (ଆର୍‌ପିଓ) ପୂରଣ କରିବାରେ ସକ୍ଷମ ନହୁଏ ଏବଂ ପ୍ରମାଣପତ୍ର କ୍ରୟ ମଧ୍ୟ କରେ ନାହିଁ, ଅନୁଗୃହୀତ ସଂସ୍ଥାଗୁଡିକ ରାଜ୍ୟର ସଂସ୍ଥା ଦ୍ୱାରା ଆର୍‌ପିଓ ୟୁନିଟ୍‌ର ନିଅଣ୍ଟିଆ କ୍ରୟ ଆଧାରରେ ଗଣନା କରାଯାଇଥିବା ଜୋରିମାନା ଦେବାକୁ ହେବ ଏବଂ କେନ୍ଦ୍ରୀୟ ଆୟୋଗ ଦ୍ୱାରା ସ୍ଥିର ହୋଇଥିବା ମୂଲ୍ୟବୋଧ ମୂଲ୍ୟ ଦେବାକୁ ହେବ।

ଏହା ଦେଖାଗଲା ଯେ, ଗ୍ରୀଡ୍‌କୋ ନବୀକରଣଯୋଗ୍ୟ ଉତ୍ସରୁ ଶକ୍ତି କ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିଲା ନାହିଁ କିମ୍ବା 2017-18ରୁ 2021-22 ମଧ୍ୟରେ ଆର୍‌ଇସିଗୁଡିକ ମଧ୍ୟ କ୍ରୟ କରିପାରିଲା ନାହିଁ ଯାହାଦ୍ୱାରା 1,315.73 କୋଟି ଟଙ୍କାର ଜୋରିମାନା ଦେବାକୁ ପଡିବ। ଏହା ଦେଖାଗଲା ଯେ, 2017-18ରୁ 2021-22 ମଧ୍ୟରେ, 12,688.08 ଏମ୍‌ୟୁ ନବୀକରଣଯୋଗ୍ୟ ଶକ୍ତି କ୍ରୟ ଲକ୍ଷ୍ୟ ତୁଳନାରେ, ଗ୍ରୀଡ୍‌କୋ 7,134.62 ଏମ୍‌ୟୁ କ୍ରୟ କରିପାରିଥିଲା ଯାହାଦ୍ୱାରା 5,553.44 ଏମ୍‌ୟୁ ନିଅଣ୍ଟ ହୋଇଥିଲା।

ସରକାର ଉତ୍ତରରେ କହିଲେ (ମାର୍ଚ୍ଚ 2023) ଯେ, ଯଦିଓ ଆର୍‌ଇସିଗୁଡିକ କ୍ରୟ ଗ୍ରୀଡ୍‌କୋକୁ ଏହାର ଆର୍‌ଇ କ୍ରୟ ଲକ୍ଷ୍ୟ ପାଳନ କରିବାରେ ସାହାଯ୍ୟ କରିଥାନ୍ତା, ବିଦ୍ୟୁତ ମୂଲ୍ୟରେ ବୃଦ୍ଧି ଏବଂ ଶେଷରେ ଉପଭୋକ୍ତା ଶୁଳ୍କ ମାଧ୍ୟମରେ ଏହା ଅନାବଶ୍ୟକ ଭାବରେ ରାଜ୍ୟ ଗ୍ରାହକଙ୍କ ଉପରେ ବୋଝ ହୋଇଥାନ୍ତା। ଅଧିକନ୍ତୁ, ସେମାନେ ଉତ୍ତର ଦେଲେ ଯେ, ଗ୍ରୀଡ୍‌କୋ ଦ୍ୱାରା ଆର୍‌ଇର କ୍ରୟ ଅଭାବ ହେତୁ ଓଇଆର୍‌ସି ଦ୍ୱାରା କୌଣସି ଜୋରିମାନା କରାଯାଇ ନାହିଁ।

---

19 କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ଯଥା, ନ୍ୟାସନାଲ ଲୋଡ୍ ଡେସପ୍ୟାଚ୍ ସେଣ୍ଟର। ଏହା ଭାରତର ଯେକୌଣସି ବିଦ୍ୟୁତ ବିନିମୟ କେନ୍ଦ୍ରରେ କ୍ରୟ ବିକ୍ରୟ ହୋଇପାରିବ।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ କୌଣସି ଜୋରିମାନା ଗ୍ରୀଡ୍‌କୋର ଆର୍ଥିକ ଅବସ୍ଥାକୁ ଆହୁରି ଖରାପ କରିପାରେ। ତେଣୁ ଗ୍ରୀଡ୍‌କୋ ଅକ୍ଷୟ ଶକ୍ତି କ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ସମସ୍ତ ପ୍ରୟାସ କରିବା ଉଚିତ।

### 2.5.6.5 ମାନଦଣ୍ଡରୁ ଅଧିକା ସଞ୍ଚାରଣ କ୍ଷତି ହେତୁ 91.12 କୋଟି ଟଙ୍କାର କ୍ଷତି

ଶକ୍ତି ଏବଂ ମୂଲ୍ୟର ପରିମାଣ ଯେଉଁଥିରେ ଗ୍ରୀଡ୍‌କୋ କ୍ରୟ ଏବଂ ବିକ୍ରୟ କରେ ଓଇଆର୍‌ସି ଦ୍ୱାରା ପ୍ରତିବର୍ଷ ଗ୍ରୀଡ୍‌କୋ ଦ୍ୱାରା ଦାଖଲ ହୋଇଥିବା ବାର୍ଷିକ ରାଜସ୍ୱ ଆବଶ୍ୟକତା ଆବେଦନ ଉପରେ ଆଧାର କରି ଶୁଳ୍କ ଆଦେଶ ନିର୍ଣ୍ଣୟ କରାଯାଏ। ବର୍ଷ ମଧରେ ବିକ୍ରୟ ହେବାକୁ ଥିବା ଶକ୍ତି ପରିମାଣ ନିର୍ଣ୍ଣୟ କରିବାବେଳେ, ଓଇଆର୍‌ସି ନିର୍ଦ୍ଦିଷ୍ଟ ଶତକଡା ବିଦ୍ୟୁତକୁ ସଞ୍ଚାରଣ କ୍ଷତି ଭାବରେ ଅନୁମତି ଦେଇଥାଏ, ଯଥା: କ୍ରୟ ପଏଣ୍ଟରୁ ଡିସକମ୍‌କୁ ବିତରଣ ପର୍ଯ୍ୟନ୍ତ ସଞ୍ଚାରଣରେ କ୍ଷତି ହେଉଥିବା ବିଦ୍ୟୁତ। ଯେହେତୁ ବିକ୍ରୟ ମୂଲ୍ୟରୁ ପୁନରୁଦ୍ଧାର ହେବାକୁ ଥିବା ସଞ୍ଚାରଣ କ୍ଷତି ଶୁଳ୍କ ଆଦେଶରେ ଓଇଆର୍‌ସି ଦ୍ୱାରା ଅନୁମତି ପ୍ରାପ୍ତ ପରିମାଣଠାରୁ ଅଧିକ ହେବ ନାହିଁ, ଯେକୌଣସି ଅତିରିକ୍ତ ସଞ୍ଚାରଣ କ୍ଷତି ଗ୍ରୀଡ୍‌କୋ ବହନ କରିବ। ଏହି ପରିପ୍ରେକ୍ଷୀରେ ସମୀକ୍ଷାରୁ ଦେଖାଗଲା ଯେ:

- ଓଇଆର୍‌ସି, 2017-18ରୁ 2021-22 ବର୍ଷ ପାଇଁ ଶୁଳ୍କ ଆଦେଶ ଅନୁମୋଦନ କରୁଥିବା ବେଳେ, ଉତ୍ପାଦନକାରୀ ଷ୍ଟେସନରୁ ବିଦ୍ୟୁତ କ୍ରୟ ପାଇଁ ସଞ୍ଚାରଣ କ୍ଷତି ପାଇଁ 3ରୁ 3.5 ପ୍ରତିଶତ ଅନୁମତି ଦେଇଥିଲେ। ସମୀକ୍ଷାରେ ଏହା ଦେଖାଗଲା ଯେ, 2017-22 ଅବଧି ମଧରେ, ଗ୍ରୀଡ୍‌କୋ ଦ୍ୱାରା ହୋଇଥିବା ସମୁଦାୟ ସଞ୍ଚାରଣ କ୍ଷତି 2021-22 ବ୍ୟତୀତ ଓଇଆର୍‌ସି ଦ୍ୱାରା ଅନୁମୋଦିତ ନିୟମ ତୁଳନାରେ 0.19ରୁ 0.62 ପ୍ରତିଶତ ଅଧିକ ଥିଲା।

- 2017-18ରୁ 2020-21 ମଧରେ ଉପର୍ଯ୍ୟୁକ୍ତ ଅତିରିକ୍ତ ସଞ୍ଚାରଣ କ୍ଷତି 33.73 ଏମ୍‌ୟୁରୁ 153.68 ଏମ୍‌ୟୁ ମଧରେ ରହିଥିଲା ଯାହାପାଇଁ ଗ୍ରୀଡ୍‌କୋ 91.12 କୋଟି ଟଙ୍କା କ୍ଷତି କରିଥିଲା। ଯଦିଓ ସଞ୍ଚାରଣ କ୍ଷତି ହେତୁ ଗ୍ରୀଡ୍‌କୋ ଭାରି ଆର୍ଥିକ କ୍ଷତି କରିଆସୁଥିଲା, ତଥାପି ସଞ୍ଚାରଣ କ୍ଷତି ହ୍ରାସ ପାଇଁ ଓଡିଶା ସରକାର/ଓପିଟିସିଏଲ୍ ସହ ସମନ୍ୱୟ ରକ୍ଷା କରି କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିନଥିଲା।

ସରକାର କହିଲେ (ମାର୍ଚ୍ଚ 2022) ଯେ, ସଞ୍ଚାରଣ କ୍ଷତି ସମ୍ବନ୍ଧୀୟ କୌଣସି ବୈଷୟିକ ଜ୍ଞାନ କୌଶଳ ଗ୍ରୀଡ୍‌କୋର ପରିସର ବାହାରେ ଥିଲା। କେନ୍ଦ୍ରୀୟ କ୍ଷେତ୍ରରୁ ମିଳିଥିବା ବିଦ୍ୟୁତ ସମ୍ବନ୍ଧୀୟ ସଞ୍ଚାରଣ କ୍ଷତିରେ ଉଭୟ କେନ୍ଦ୍ରୀୟ ସଞ୍ଚାରଣ ୟୁଟିଲିଟି (ସିଟିୟୁ) ଏବଂ ରାଜ୍ୟ ସଞ୍ଚାରଣ ୟୁଟିଲିଟି (ଏସ୍‌ଟିୟୁ) କ୍ଷତି ଅନ୍ତର୍ଭୁକ୍ତ ହୋଇଥିବା ବେଳେ ରାଜ୍ୟ ଭିତରୁ ମିଳିଥିବା ବିଦ୍ୟୁତ ପାଇଁ କେବଳ ଏସ୍‌ଟିୟୁରୁ କ୍ଷତି ଘଟିଛି। ତେଣୁ ସମୁଦାୟ ସଞ୍ଚାରଣ କ୍ଷତି ମାନଦଣ୍ଡ ମଧରେ ଥିଲା।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ସଞ୍ଚାରଣ କ୍ଷତି (ଏସ୍‌ଟିୟୁ/ସିଟିୟୁ ମାଧମରେ ବିଦ୍ୟୁତ କ୍ରୟ ଉପରେ) ଗ୍ରୀଡ୍‌କୋ ଉପରେ ଆର୍ଥିକ ପ୍ରଭାବ ପକାଉଥିବାର ଏକ କାରଣ। ବିଦ୍ୟୁତ କ୍ରୟ ମୂଲ୍ୟ ସ୍ଥିର କରିବା ପାଇଁ ଓଇଆର୍‌ସି ଏକ ନିର୍ଦ୍ଦିଷ୍ଟ ଶତକଡା ସଞ୍ଚାରଣ କ୍ଷତିକୁ ଅନୁମତି ଦେଇଥିଲା ବେଳେ, ସେହି ପ୍ରତିଶତରୁ ଅଧିକ କ୍ଷତି (ଏସ୍‌ଟିୟୁ/ସିଟିୟୁ ମାଧମରେ କ୍ରୟ କରାଯାଇଥିବା ଶକ୍ତି ଉପରେ) ଗ୍ରୀଡ୍‌କୋ ଦ୍ୱାରା ଗ୍ରହଣ ହେବାକୁ ଥିବା କ୍ଷତି ହେବ। ଯେହେତୁ ସାମଗ୍ରିକ କ୍ଷତି ଅନୁମୋଦିତ କ୍ଷତିଠାରୁ ଅଧିକ ବୋଲି ଗଣନା କରାଯାଇଛି, ସେହି ପରିମାଣରେ କ୍ଷତି ଘଟିଛି।

## 2.5.7 ଆର୍ଥିକ ପରିଚାଳନା

### 2.5.7.1 ବିପୁଳ ବକେୟା ବାଣିଜ୍ୟ ପ୍ରାପ୍ତବ୍ୟର ଅନାଦେୟତା

ଡିସ୍‌କମ୍‌କୁ ବିଦ୍ୟୁତ ବିକ୍ରୟ ହେଉଛି ଗ୍ରୀଡ୍‌କୋ ପାଇଁ ରାଜସ୍ୱର ମୂଳ ଉତ୍ସ। କିନ୍ତୁ ସମୀକ୍ଷାରେ ଏହା ଦେଖାଗଲା ଯେ, ଗ୍ରୀଡ୍‌କୋ ଏହି ଡିସ୍‌କମ୍‌ମାନଙ୍କଠାରୁ ଏହାର ରାଜସ୍ୱର ବୃହତ ଅଂଶ ଆଦାୟ କରିବାରେ କ୍ରମାଗତ ଭାବରେ ବିଫଳ ହୋଇଛି ଯାହା ଗ୍ରୀଡ୍‌କୋର ଲିକ୍ୱିଡିଟି ଏବଂ ସଲଭେନ୍ସି ସ୍ଥିତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା। 31 ମାର୍ଚ୍ଚ 2022 ସୁଦ୍ଧା, ଗ୍ରୀଡ୍‌କୋର ବାଣିଜ୍ୟିକ ପ୍ରାପ୍ତବ୍ୟ 2,933.01 କୋଟି ଟଙ୍କା ଥିଲା ଯାହା ସେହି ତାରିଖ ସୁଦ୍ଧା ଗ୍ରୀଡ୍‌କୋର ମୋଟ ସମ୍ପତ୍ତିର 52.85 ପ୍ରତିଶତ ଥିଲା। ଏଥିମଧରୁ, 1,593.92 କୋଟି ଟଙ୍କା ତିନି ବର୍ଷରୁ ଅଧିକ

ସମୟ ପାଇଁ ବକେୟା ଥିଲା ଯେଉଁଥିପାଇଁ ଗ୍ରୀଡ୍‌କୋ 959.51 କୋଟି ଟଙ୍କା କ୍ଷତି ଭଡା ଯୋଗାଇ ଦେଇଥିଲା। ବାଣିଜ୍ୟିକ ପ୍ରାପ୍ତବ୍ୟଗୁଡିକରେ ବିପୁଳ ପୁଞ୍ଜି ଅବରୋଧ ହୋଇଥିବାରୁ ଦୀର୍ଘଦିନ ଧରି ଗ୍ରୀଡ୍‌କୋର ରକ୍ଷଣାବେକ୍ଷଣ ପାଇଁ ବାଣିଜ୍ୟିକ ପ୍ରାପ୍ତବ୍ୟଗୁଡିକର ଦକ୍ଷ ପରିଚାଳନା ଅପରିହାର୍ଯ୍ୟ ଥିଲା।

ଏହା ଦେଖାଗଲା ଯେ, ଏହି ସମୟ ମଧ୍ୟରେ ଡିସ୍‌କମ୍‌ରୁ ସଂଗୃହିତ ପରିମାଣ (36,635.55 କୋଟି ଟଙ୍କା) କର୍ମଚାରୀଙ୍କ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଏବଂ ସାଧାରଣ ଓଭରହେଡ୍ ଖର୍ଚ୍ଚ ପରି ସ୍ଥାୟୀ ଓଭରହେଡ୍ ଖର୍ଚ୍ଚ ପୂରଣ କରିବା ପରେ ଉତ୍ପାଦକମାନଙ୍କୁ ପ୍ରଦାନ କରାଯିବାକୁ ଥିବା ବିଦ୍ୟୁତ କ୍ରୟ ମୂଲ୍ୟ (42,618.26 କୋଟି ଟଙ୍କା) ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହି ଅଭାବୀ ପାଣ୍ଠି ଆବଶ୍ୟକତାକୁ ପୂରଣ କରିବାକୁ, ଗ୍ରୀଡ୍‌କୋ ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ସରକାରୀ ଏବଂ ଅନ୍ୟାନ୍ୟ ପିଏସ୍ୟୁର ପାଣ୍ଠିରୁ ଋଣ କରିବାକୁ ବାଧ ହୋଇଥିଲା ଯେଉଁଥିପାଇଁ ତାଙ୍କୁ ଅଧିକ ସୁଧ ଖର୍ଚ୍ଚ କରିବାକୁ ପଡୁଥିଲା।

ସମୀକ୍ଷାରେ ଏହା ଦେଖାଗଲା ଯେ ବାର୍ଷିକ ହିସାବ ଅନୁଯାୟୀ ଏହି ପାଞ୍ଚ ବର୍ଷ ମଧ୍ୟରେ ହୋଇଥିବା 2,770.03 କୋଟି ଟଙ୍କାର ପ୍ରକୃତ ସୁଧ ଖର୍ଚ୍ଚ ତୁଳନାରେ, ଓଇଆର୍‌ସି ଶୁଳ୍କ ଆଦେଶରେ 826.83 କୋଟି ଟଙ୍କା ମଞ୍ଜୁର କରିଥିଲେ ଏବଂ 1,943.20 କୋଟି ଟଙ୍କା ଅନୁମତି ନେଇ ନଥିଲା। ଏହାବ୍ୟତୀତ, ଗ୍ରୀଡ୍‌କୋ 2015-16 (532.62 କୋଟି ଟଙ୍କା) ଏବଂ 2016-17 (572.35 କୋଟି ଟଙ୍କା)ରେ ସୁଧ ପାଇଁ 1,104.97 କୋଟି ଟଙ୍କା ଖର୍ଚ୍ଚ କରିଛି ଯାହା ତୁଳନାରେ ଓଇଆର୍‌ସି କେବଳ 616.63 କୋଟି ଟଙ୍କା ସମ୍ପୃକ୍ତ ବର୍ଷର ଏଆର୍‌ଆର୍‌ରେ ଅନୁମୋଦନ କରିଛି ଯାହା ଫଳରେ 488.34 କୋଟି ଟଙ୍କାର ବ୍ୟବଧାନ ରହିଛି। ଏହିପରି ଭାବରେ ଡିସ୍‌କମ୍‌ରୁ ବିଏସ୍‌ପି ଦେୟ ଆଦାୟ କରିବାରେ କମ୍ପାନୀର ବିଫଳତା ହେତୁ, ଗ୍ରୀଡ୍‌କୋକୁ ଏହାର ପରିଚାଳନା ଖର୍ଚ୍ଚ ପୂରଣ କରିବା ପାଇଁ ଋଣ କରିବାକୁ ପଡିଲା ଏବଂ 2015-16ରୁ 2021-22 ମଧ୍ୟରେ ସୁଧ ମୂଲ୍ୟ ବାବଦକୁ 2,431.54 କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା ଯାହାକୁ ଓଇଆର୍‌ସି ଏହାର ଶୁଳ୍କ ଆଦେଶରେ ଅନୁମୋଦନ କରିନଥିଲେ।

2017-18 ବର୍ଷ ପାଇଁ ଗ୍ରୀଡ୍‌କୋର ଶୁଳ୍କ ଆଦେଶରେ ଓଇଆର୍‌ସି ଦେଖିଲେ ଯେ, ଡିସ୍‌କମ୍‌ରୁ ବିଏସ୍‌ପି ଦେୟ ସଂଗ୍ରହ ମାଧ୍ୟମରେ ଗ୍ରୀଡ୍‌କୋର ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବାରେ ଅସମର୍ଥତା ଗ୍ରୀଡ୍‌କୋକୁ ନିଅଣ୍ଟିଆ ବାଲାନ୍ସକୁ ଆଣିଛି, ଅର୍ଥାତ୍ ଡିସ୍‌କମ୍‌ରୁ ପ୍ରାପ୍ତ ରାଜସ୍ୱ ଉତ୍ପାଦକଗୁଡିକର ଦେୟ ଦେବାପାଇଁ ପର୍ଯ୍ୟାପ୍ତ ନୁହେଁ ଯାହାକି ଏକ ଚେତାବନୀ। ତେଣୁ ଓଇଆର୍‌ସି 2016-17 ବର୍ଷ ଏବଂ ତାହାପରେ ନିଆଯାଇଥିବା ଋଣ ଉପରେ ସୁଧ ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ।

2015-16ରୁ 2020-21 ବର୍ଷ ପାଇଁ ରାଜସ୍ୱ ବ୍ୟବଧାନ ଦୂର କରିବା ପାଇଁ ଗ୍ରୀଡ୍‌କୋ ଓଇଆର୍‌ସିକୁ ପୂର୍ବରୁ ଆବେଦନ କରିଥିଲେ। କିନ୍ତୁ, 2020-21 ପର୍ଯ୍ୟନ୍ତ ସମାଧାନ କାର୍ଯ୍ୟ ଆଜି ପର୍ଯ୍ୟନ୍ତ (ମାର୍ଚ୍ଚ 2023) ଓଇଆର୍‌ସି ଦ୍ୱାରା ଚୂଡାନ୍ତ ହୋଇନାହିଁ। ସୁଧ ମୂଲ୍ୟର ସମାଧାନ ସମ୍ବନ୍ଧରେ, ଓଇଆର୍‌ସି ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ଏହି ବର୍ଷ ପାଇଁ ଆଶା କରାଯାଉଥିବା ରାଜସ୍ୱର ବିଶ୍ଳେଷଣ କରି ଦେଖିଲେ ଯେ ଗ୍ରୀଡ୍‌କୋ ବ୍ୟାଙ୍କଗୁଡିକଠାରୁ ଅଧିକ ଋଣ ନେବା ଆବଶ୍ୟକ ନୁହେଁ, ଯଦି ଏହା ଡିସ୍‌କମ୍‌ରୁ ଅନୁମୋଦିତ ରାଜସ୍ୱ ସଂଗ୍ରହ କରିବାରେ ସକ୍ଷମ ହୁଏ। ତେଣୁ, ଏହା ସମ୍ପୃକ୍ତ ବର୍ଷର ଶୁଳ୍କ ଆଦେଶରେ ଏହାର ମତକୁ ଦୋହରାଇଲା ଏବଂ 1,284.19 କୋଟି ଟଙ୍କା ସୁଧ ମୂଲ୍ୟ ଅନୁମୋଦନ କଲା ଯାହା ଏଆର୍‌ଆର୍‌ରେ ଅନୁମୋଦିତ ହୋଇଥିଲା। ଏହିପରି, ଡିସ୍‌କମ୍‌ରୁ ବିଏସ୍‌ପି ଦେୟ ସଂଗ୍ରହ କରି ଗ୍ରୀଡ୍‌କୋର ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବାରେ ବିଫଳତା ହେତୁ, 2015-16ରୁ 2021-22 ମଧ୍ୟରେ ଋଣ ଉପରେ ସୁଧର ଅତିରିକ୍ତ ଖର୍ଚ୍ଚ କରି ଗ୍ରୀଡ୍‌କୋ 2,391.54 କୋଟି ଟଙ୍କା କ୍ଷତି ସହିଥିଲା।

ବକେୟା ବାଣିଜ୍ୟିକ ପ୍ରାପ୍ତବ୍ୟଗୁଡିକ ବିପୁଳ ପରିମାଣରେ ଜମା ହେବାର କାରଣଗୁଡିକ ବିଶ୍ଳେଷଣରେ, ଯେଉଁଥିରେ ବିଏସ୍‌ପି ଦେୟ, ବିଳମ୍ବିତ ପେଁଠ ସରଚାର୍ଜ (ଡିପିଏସ୍), ସିକ୍ୟୋରିଟାଇଜ୍‌ଡ ଦେୟ, ସ୍ଥାନାନ୍ତର ଯୋଜନା ଏବଂ ଅନ୍ୟାନ୍ୟ ଦେୟ ଅନ୍ତର୍ଭୁକ୍ତ ହୋଇଛି, ସମୀକ୍ଷାରେ ଏହା ଦେଖାଗଲା ଯେ:

- ଓଇଆର୍‌ସି ଏହାର ଆଦେଶ ତାରିଖ 04 ମାର୍ଚ୍ଚ 2015ରେ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍ (ଆର୍‌ଆଇଏଲ୍)ର ଖୁଚୁରା ଯୋଗାଣ ଲାଇସେନ୍ସକୁ ତିନୋଟି ଡିସ୍‌କମ୍ ଯଥା: ଓଡିଶା ପଶ୍ଚିମାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ (ୱେସ୍କୋ), ଓଡିଶା ଉତ୍ତରାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ

ଲିମିଟେଡ୍ (ନେସ୍କୋ) ଏବଂ ଓଡିଶା ଦକ୍ଷିଣାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ (ସାଉଥକୋ)ର ଖରାପ ପ୍ରଦର୍ଶନ ଯୋଗୁ ପ୍ରତ୍ୟାହାର କରିନେଲା। ଏହି ତିନୋଟି ବଣ୍ଟନ କମ୍ପାନୀଗୁଡିକର ପରିଚାଳନା ଏବଂ ନିୟନ୍ତ୍ରଣ ସହିତ ସମସ୍ତ ସମ୍ପତ୍ତି, ଦାୟିତ୍ୱ ଏବଂ ଅଧିକାର ପ୍ରସାଶକ ଭାବରେ ଅଧକ୍ଷ, ଗ୍ରୀଡ୍‌କୋଙ୍କ ଉପରେ ନ୍ୟସ୍ତ ଥିଲା ଯିଏକି ପ୍ରମୁଖ ସଚିବ, ଶକ୍ତି ବିଭାଗ, ଓଡିଶା ସରକାରଙ୍କ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ରହିଥିଲେ। ପ୍ରତ୍ୟାହାର ତାରିଖ ଅନୁଯାୟୀ, ଗ୍ରୀଡ୍‌କୋକୁ ଏହି କମ୍ପାନୀଗୁଡିକ ଦ୍ୱାରା ପ୍ରଦାନ କରିବାକୁ ଥିବା ବକେୟା ଦେୟ ପରିମାଣ 4,234.09 କୋଟି ଟଙ୍କା ଥିଲା ଯାହାର ଆଦାୟ ପାଇଁ ଗ୍ରୀଡ୍‌କୋ 29 ଅକ୍ଟୋବର 2019ରେ ଓଇଆର୍‌ସି ନିକଟରେ ଏକ ପିଟିସନ୍ ଦାଖଲ କରିଥିଲା। ଓଇଆର୍‌ସି 27 ଅକ୍ଟୋବର 2021ରେ ତିନୋଟି ଆର୍‌ଆଇଏଲ୍ ପରିଚାଳିତ ଡିସ୍‌କମ୍‌ଗୁଡିକୁ ଏବଂ ଆର୍‌ଆଇଏଲ୍‌କୁ ଉପର୍ଯ୍ୟୁକ୍ତ ଦାବି ପାଇଁ ଦାୟୀ କରି ଆଦେଶ ଜାରି କରିଥିଲେ। ଓଇଆର୍‌ସିର ଆଦେଶକୁ ଆର୍‌ଆଇଏଲ୍ ବିଦ୍ୟୁତ ପାଇଁ ଆପେଲେଟ୍ ଟ୍ରିବ୍ୟୁନାଲ (ଆପ୍‌ଟେଲ୍)ରେ ଚ୍ୟାଲେଞ୍ଜ କରିଥିଲା ଯାହାର ରାୟକୁ ଅପେକ୍ଷା କରାଯାଉଥିଲା।

- ୱେସ୍କୋ, ସାଉଥକୋ ଏବଂ ନେସ୍କୋ ୟୁଟିଲିଟିଗୁଡିକ ଯଥାକ୍ରମେ 01 ଜାନୁଆରୀ 2021ରେ ଟାଟା ପାୱାର ପଶ୍ଚିମ ଓଡିଶା ବିତରଣ ଲିମିଟେଡ୍, 01 ଜାନୁଆରୀ 2021ରେ ଟାଟା ପାୱାର ଦକ୍ଷିଣ ଓଡିଶା ବିତରଣ ଲିମିଟେଡ୍ ଏବଂ 01 ଅପ୍ରେଲ 2021ରେ ଟାଟା ପାୱାର ଉତ୍ତର ଓଡିଶା ବିତରଣ ଲିମିଟେଡ୍ ଉପରେ ନ୍ୟସ୍ତ କରାଯାଇଛି। କେନ୍ଦ୍ରୀୟ ବିଦ୍ୟୁତ ଯୋଗାଣ ୟୁଟିଲିଟି (ସେସୁ) 01 ଜୁନ୍ 2020ରେ ଟାଟା ପାୱାର କେନ୍ଦ୍ରୀୟ ଓଡିଶା ବିତରଣ ଲିମିଟେଡ୍ (ଟିପିସିଓଡିଏଲ୍) ଉପରେ ନ୍ୟସ୍ତ ହୋଇଥିଲା। କିନ୍ତୁ, ଚାରୋଟିଯାକ କମ୍ପାନୀ ଗ୍ରୀଡ୍‌କୋକୁ ପ୍ରଦାନ କରାଯିବାକୁ ଥିବା 7,128.60 କୋଟି ଟଙ୍କାର ଦାୟିତ୍ୱ ଗ୍ରହଣ କରିନଥିଲେ ଯାହା ଗ୍ରୀଡ୍‌କୋର ଖାତାରେ ଥିବା ଅବଶିଷ୍ଟ ୟୁଟିଲିଟିରୁ ଗ୍ରହଣଯୋଗ୍ୟ ଥିଲା। ତେବେ ଏଥିପାଇଁ କାହାକୁ ଦାୟୀ କରାଯାଇ ନଥିଲା। ଏହା ଗ୍ରୀଡ୍‌କୋର ସାମ୍ୟର୍ଥ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା ଯାହା ଗ୍ରୀଡ୍‌କୋର ଋଣ ଫେରସ୍ତ କରିବା କ୍ଷମତା ଉପରେ ମଧ ପ୍ରଭାବ ପକାଇଥିଲା।

ସରକାର ଉତ୍ତରରେ କହିଲେ (ମାର୍ଚ୍ଚ 2023) ଯେ, ବକେୟା ବିଏସ୍‌ପି ଦେୟ ଡିସ୍‌କମ୍‌ରୁ ଆଦାୟ ହୋଇପାରିବ ନାହିଁ କାରଣ ସେମାନେ ଗ୍ରୀଡ୍‌କୋକୁ ତାହାର ବିଦ୍ୟୁତ କ୍ରୟ ମୂଲ୍ୟ ପ୍ରଦାନ କରିବାପାଇଁ ତଥା ସେମାନଙ୍କ ପରିଚାଳନା ଖର୍ଚ୍ଚ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ରାଜସ୍ୱ ଅର୍ଜନ କରିପାରିବେ ନାହିଁ। ତେଣୁ, ଉତ୍ପାଦକଙ୍କ ଦେୟ ତଥା ରାଜ୍ୟକୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବଜାୟ ରଖିବା ପାଇଁ ଗ୍ରୀଡ୍‌କୋକୁ ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନରୁ ଋଣ କରିବା ପାଇଁ ବାଧ କରାଗଲା।

ସରକାରଙ୍କ ଉତ୍ତର ଗ୍ରହଣୀୟ ନଥିଲା, କାରଣ ଡିସ୍‌କମ୍‌ରୁ ପୁନରୁଦ୍ଧାରଯୋଗ୍ୟ ଦେୟ ସେମାନଙ୍କର ଚୁକ୍ତିଭିତ୍ତିକ ଦାୟିତ୍ୱ ଥିଲା ଯେମିତି ଉତ୍ପାଦକଙ୍କ ଦେୟ ଗ୍ରୀଡ୍‌କୋର ଚୁକ୍ତିନାମା ଦାୟିତ୍ୱ ଅଟେ। ତେଣୁ, ରାଜ୍ୟକୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଗ୍ରୀଡ୍‌କୋର ଯୁକ୍ତିକୁ ଓଇଆର୍‌ସି ଗ୍ରହଣ କରୁନଥିବାରୁ ଗ୍ରୀଡ୍‌କୋ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ଉଚିତ। ଅଧିକନ୍ତୁ, ଏହିପରି ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଦୀର୍ଘ ସମୟ ମଧରେ ଅସ୍ଥାୟୀ ହେବ।

### 2.5.7.2 ଅନୁମୋଦନ ପାଇଁ ଓଇଆର୍‌ସିକୁ ଓଏଚ୍‌ପିସିର ଦେୟଗୁଡିକର ସୁରକ୍ଷିତକରଣର ସବିଶେଷ ଦଲିଲଗୁଡିକ ଦାଖଲ ନକରିବା ଦ୍ୱାରା ଏହାର ଶୁଳ୍କ ଆଦେଶରେ 193.71 କୋଟି ଟଙ୍କା ସୁଧ ମୂଲ୍ୟ ଅନୁମୋଦନ ହୋଇନଥିଲା

ଗ୍ରୀଡ୍‌କୋ ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ଓଏଚ୍‌ପିସି)ର ଜଳ ବିଦ୍ୟୁତ କେନ୍ଦ୍ରରୁ ଜଳ ବିଦ୍ୟୁତ କ୍ରୟ କରେ। 155ତମ ବିଓଡି (25 ସେପ୍ଟେମ୍ବର 2014)ର ନିଷ୍ପତ୍ତି ଅନୁଯାୟୀ 31 ମାର୍ଚ୍ଚ 2013 ପର୍ଯ୍ୟନ୍ତ ପ୍ରଦାନ କରାଯିବାକୁ ଥିବା 619 କୋଟି ଟଙ୍କା ପରିମାଣର ବିଦ୍ୟୁତ ଦେୟକୁ ସୁରକ୍ଷିତକରଣ କରିବା ପାଇଁ ଓଏଚ୍‌ପିସି ସହିତ ଏକ ଚୁକ୍ତିନାମା 23 ଫେବୃୟାରୀ 2015ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଦେୟ ଉପରେ ଆଠ ପ୍ରତିଶତ ସରଳ ସୁଧ ସହିତ 10 ବର୍ଷ ପରିଶୋଧ ଅବଧି ସହିତ ତିନିବର୍ଷର ମୋରାଟରିୟମ୍ ଅବଧି ଥିଲା। ମୋରାଟରିୟମ୍ ଅବଧି ମଧରେ, ପରବର୍ତ୍ତୀ ମାସର 10 ଦିନ ମଧରେ ପ୍ରତି ମାସରେ 4.13 କୋଟି ଟଙ୍କା ସୁଧ ପରିମାଣ ପ୍ରଦାନ

କରିବାରଥିଲା ଏବଂ 01 ଅପ୍ରେଲ 2017ରୁ 31 ମାର୍ଚ୍ଚ 2024 ପର୍ଯ୍ୟନ୍ତ ମାସକୁ 7.37 କୋଟି ଟଙ୍କା ପରିମାଣର 84 କିସ୍ତିରେ ମୂଳଧନ ସହ ସୁଧ ପରିଶୋଧ କରିବାକୁ ଥିଲା। ତେଣୁ, ଅପ୍ରେଲ 2024 ପର୍ଯ୍ୟନ୍ତ ଗ୍ରୀଡ୍‌କୋ 619 କୋଟି ଟଙ୍କା ଏବଂ 323.94 କୋଟି ଟଙ୍କା ଯଥାକ୍ରମେ ମୂଳଧନ ଏବଂ ସୁଧ ବାବଦକୁ ଜମା କରିବାକୁ ବାଧ ହୋଇଥିଲା। ତଥାପି, ଶୁଳ୍କ ଆଦେଶ 2011-12, 2015-16, 2016-17, 2017-18 ଏବଂ 2018-19ର ଅନୁଚ୍ଛେଦ ଯଥାକ୍ରମେ 482, 290, 277, 303 ଏବଂ 284ରେ ଦର୍ଶାଯାଇଛି ଯେ ଗ୍ରୀଡ୍‌କୋ ଅନୁମୋଦନ ପାଇଁ ଓଇଆର୍‌ସିରେ ଓଏଚ୍‌ପିସି ଦେୟଗୁଡିକର ସୁରକ୍ଷିତକରଣ ସମ୍ବନ୍ଧୀୟ ସବିଶେଷ ଦଲିଲ ଦାଖଲ କରିନାହିଁ। ତେଣୁ, ଓଇଆର୍‌ସି 2014-15ରୁ 2018-19 ମଧ୍ୟରେ ଶୁଳ୍କ ଆଦେଶମାନଙ୍କରେ 193.71 କୋଟି ଟଙ୍କା ସୁଧ ବାବଦକୁ ଅନୁମତି ନଦେବାରୁ, ଗ୍ରୀଡ୍‌କୋର କ୍ଷତି ହୋଇଥିଲା।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସରକାର ଗ୍ରହଣ କଲେ (ମାର୍ଚ୍ଚ 2023)।

### 2.5.7.3 ପାଣ୍ଠି ଆବଶ୍ୟକତାର ଅନୁପଯୁକ୍ତ ବିଶ୍ଳେଷଣ କରିବାରୁ 6.25 କୋଟି ଟଙ୍କାର ଅଯୋଗ୍ୟ ପ୍ରତିଭୂତି ଦେୟ

ଗ୍ରୀଡ୍‌କୋ ପ୍ରତ୍ୟେକ ଆର୍ଥିକ ବର୍ଷରେ ଏହାର କାର୍ଯ୍ୟର ପୁଞ୍ଜି ଆବଶ୍ୟକତା ପୂରଣ କରିବା ପାଇଁ ବାଣିଜ୍ୟିକ ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନରୁ ପାଣ୍ଠି ଧାରସୂତ୍ରରେ ନିଏ। ସମୟ ସମୟରେ ବିଭିନ୍ନ ବାଣିଜ୍ୟିକ ବ୍ୟାଙ୍କରୁ ଟର୍ମ ଋଣ ପାଇବା ପାଇଁ ରାଜ୍ୟ ସରକାର ପ୍ରତିଭୂତି ପ୍ରଦାନ କରିଆସୁଥିଲେ। ଉକ୍ତ ସରକାରୀ ପ୍ରତିଭୂତି ଉପରେ ଗ୍ରୀଡ୍‌କୋକୁ ପ୍ରତିଭୂତି କମିଶନ/ଦେୟ ଦେବାକୁ ପଡିବ। ଅର୍ଥ ବିଭାଗର 26 ନଭେମ୍ବର 2002 ତାରିଖର ରିଜୋଲ୍ୟୁସନ୍ ସଂଖ୍ୟା 54323(14)/ଏଫ୍ ଅନୁଯାୟୀ ମଞ୍ଜୁର ହୋଇଥିବା ସର୍ବାଧିକ ପ୍ରତିଭୂତି ପରିମାଣ ଉପରେ ପ୍ରତିଭୂତି ଦେୟ ଋଣ ଥିବା ପର୍ଯ୍ୟନ୍ତ ପ୍ରଦାନ କରିବାକୁ ପଡିବ। ରିଜୋଲ୍ୟୁସନ୍‌ର ଅନୁଚ୍ଛେଦ ସଂଖ୍ୟା 4 ଅନୁଯାୟୀ ଅନୁପଲବ୍ଧ ପ୍ରତିଭୂତି ଫେରସ୍ତ କରିବାକୁ ଏବଂ ଦେୟଯୋଗ୍ୟ ପ୍ରତିଭୂତି ଦେୟ ହ୍ରାସ କରିବାକୁ ଅନୁମତି ଦିଏ।

ଏହି ପୃଷ୍ଠଭୂମିରେ, ସମୀକ୍ଷାରେ ଦେଖାଗଲା ଯେ, ଗ୍ରୀଡ୍‌କୋ  ଭଲ ଭାବେ ଜାଣିଥିଲା ଯେ, ଅନୁମୋଦିତ ରାଶି ଉପରେ ପ୍ରତିଭୂତି ଦେୟ ଦେବାକୁ ପଡିବ ଏବଂ ଗ୍ରୀଡ୍‌କୋର ଅବ୍ୟବହୃତ ପ୍ରତିଭୂତି ସରକାରଙ୍କୁ ପ୍ରଦାନ କରିପାରିବ ଏବଂ ଉପର୍ଯ୍ୟୁକ୍ତ ବିଜ୍ଞପ୍ତି ଅନୁଯାୟୀ, ପ୍ରତିଭୂତି ଦେୟର ଭାର ଗ୍ରୀଡ୍‌କୋରୁ ହ୍ରାସ କରିପାରିବ। ଅବଶ୍ୟ, ଗ୍ରୀଡ୍‌କୋ ଅନୁମୋଦିତ 3,000 କୋଟି ଟଙ୍କା ସରକାରୀ ପ୍ରତିଭୂତିରୁ 2,350 କୋଟି ଟଙ୍କା ବ୍ୟବହାର କରିଥିଲା, କିନ୍ତୁ 2018-19 ବର୍ଷ ମଧ୍ୟରେ 650 କୋଟି ଟଙ୍କା ବଳକା ରାଶି ଉପରେ ଅବ୍ୟବହୃତ ପ୍ରତିଭୂତି ଫେରସ୍ତ କରି ନଥିଲା। ସେହିପରି, ଗ୍ରୀଡ୍‌କୋ 2,600 କୋଟି ଟଙ୍କା ମଞ୍ଜୁରୀପ୍ରାପ୍ତ ସରକାରୀ ପ୍ରତିଭୂତିରୁ 2,000 କୋଟି ଟଙ୍କା ବ୍ୟବହାର କରିଥିଲା, କିନ୍ତୁ 2020-21 ବର୍ଷ ମଧ୍ୟରେ 600 କୋଟି ଟଙ୍କା ବଳକା ରାଶି ଉପରେ ଅବ୍ୟବହୃତ ପ୍ରତିଭୂତି ଫେରସ୍ତ କରି ନଥିଲା ଯାହାଦ୍ୱାରା ଅବ୍ୟବହୃତ ପ୍ରତିଭୂତି ରାଶି ଉପରେ 0.5 ପ୍ରତିଶତ ହାରରେ 6.25 କୋଟି ଟଙ୍କାର ଅବାଞ୍ଛିତ ବ୍ୟୟ ହୋଇଛି।

ସରକାର ଏହି ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିଲେ ଏବଂ ପ୍ରକାଶ କରିଥିଲେ (ମାର୍ଚ୍ଚ 2023) ଯେ, ଅର୍ଥ ବିଭାଗ, ଓଡିଶା ସରକାର 2020-21 ପର୍ଯ୍ୟନ୍ତ ପ୍ରତିଭୂତି ଦେୟ 2018-19 ଏବଂ 2020-21 ପାଇଁ 6.25 କୋଟି ଟଙ୍କା ଦାବି କରିଥିଲେ। ଏହି ଦାବି ଉଠାଯାଇଥିବା ଋଣ ପାଇଁ ମଞ୍ଜୁରପ୍ରାପ୍ତ/ପ୍ରଦତ୍ତ ପ୍ରତିଭୂତି ନିର୍ବିଶେଷରେ ଅନୁମୋଦିତ ପ୍ରତିଭୂତି ଆଧାରରେ କରାଯାଇଥିଲା।

### 2.5.8 2,616.95 କୋଟି ଟଙ୍କାର ନିୟାମକ ସମ୍ପତ୍ତିର ଅଣ ଆମୋର୍ଟାଇଜେସନ୍

ଜାତୀୟ ଶୁଳ୍କ ନୀତି 2016ରେ ଅନୁଚ୍ଛେଦ 8.2.2ରେ କୁହାଯାଇଛି ଯେ ଏକ ନିର୍ଦ୍ଦିଷ୍ଟ ବର୍ଷରେ ଶୁଳ୍କ ପ୍ରଭାବକୁ ସୀମିତ ରଖିବା ପାଇଁ ଏକ ନିୟାମକ ସମ୍ପତ୍ତିର ସୁବିଧା (ଭବିଷ୍ୟତର ରାଜସ୍ୱରୁ ବର୍ତ୍ତମାନର ଖର୍ଚ୍ଚ ଭରଣା) ଅତୀତରେ କେତେକ ନିୟାମକ ଆୟୋଗ ଦ୍ୱାରା ଗ୍ରହଣ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଫୋର୍ସ ମେଜର ମୁକାବିଲା ପରିସ୍ଥିତିରେ ଏହା କେବଳ ଏକ ବିରଳ ବ୍ୟତିକ୍ରମ ଭାବରେ କରାଯିବା ଉଚିତ।

31 ମାର୍ଚ୍ଚ 2021 ସୁଦ୍ଧା ଓଇଆର୍‌ସି ଦ୍ୱାରା ଅନୁମୋଦିତ ଗ୍ରୀଡ୍‌କୋର ନିୟାମକ ସମ୍ପତ୍ତି 1,306.55 କୋଟି ଟଙ୍କା ଅଟେ। ଏହା 2020-21 ପର୍ଯ୍ୟନ୍ତ ଟ୍ରୁଇଂ ଅପ୍ ଆଦେଶ ଅନୁମୋଦନ ପରେ ଚୂଡାନ୍ତ ହୋଇଛି। କିନ୍ତୁ, 2021-22 ବର୍ଷ ପାଇଁ ଟ୍ରୁଇଂ ଅପ୍ କାର୍ଯ୍ୟ ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇନାହିଁ।

ଏହି ସମ୍ପର୍କରେ, ସମୀକ୍ଷାରେ ଦେଖାଗଲା ଯେ:

- ଯଦିଓ ଜାତୀୟ ଶୁଳ୍କ ନୀତିରେ ଦର୍ଶାଯାଇଛି ଯେ ନିୟାମକ ସମ୍ପତ୍ତି କେବଳ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଫୋର୍ସ ମେଜର ମୁକାବିଲା ପରିସ୍ଥିତିରେ ଅତି ବ୍ୟତିକ୍ରମପୂର୍ଣ୍ଣ କ୍ଷେତ୍ରରେ ସୃଷ୍ଟି ହେବା ଉଚିତ, ଓଇଆର୍‌ସି ଯେଉଁ ବର୍ଷ ଅତିରିକ୍ତ ରାଜସ୍ୱ ଆକଳନ କରାଯାଇଥିଲା ସେହି ବର୍ଷମାନଙ୍କ ବ୍ୟତୀତ ଏହାକୁ ନିୟମିତ ଭାବରେ ଗ୍ରହଣ କରିଥିଲା ।

- 31 ମାର୍ଚ୍ଚ 2015 ସୁଦ୍ଧା ଗ୍ରୀଡ୍‌କୋର ନିୟାମକ ସମ୍ପତ୍ତି 3,588.02 କୋଟି ଟଙ୍କା ଥିଲା ଯାହା ଜାତୀୟ ଶୁଳ୍କ ନୀତି 2016 ଅନୁଯାୟୀ ସାତ ବର୍ଷ ମଧ୍ୟରେ ଆମୋର୍ଟାଇଜ୍ ହେବା ଉଚିତ ଥିଲା। କିନ୍ତୁ ଅକ୍ଟୋବର 2021ର ଟ୍ରୁଇଂ ଅପ୍ ଆଦେଶରେ ଓଇଆର୍‌ସି ଗ୍ରୀଡ୍‌କୋର 3,588.02 କୋଟି ଟଙ୍କାର ଦାବିରୁ କେବଳ 971.07 କୋଟି ଟଙ୍କା ରାଜସ୍ୱ ବ୍ୟବଧାନକୁ ଅନୁମତି ଦେଇଥିଲେ, ଯେହେତୁ ଏହା 2016 ଟ୍ରୁଇଂ ଅପ୍ ଆଦେଶରେ ଗ୍ରୀଡକୋକୁ ଏହାର କ୍ଷତିପୂରଣ ବଳକା ବିଦ୍ୟୁତର ବାଣିଜ୍ୟ, ୟୁଆଇ ଚାର୍ଜେସ, ଅନ୍ୟାନ୍ୟ ବିବିଧ ଆୟ ଏବଂ ରାଜ୍ୟ ସରକାରଙ୍କଠାରୁ ବଜେଟ୍ ସହାୟତା ମାଧ୍ୟମରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ଗ୍ରୀଡ୍‌କୋ ବଳକା ବିଦ୍ୟୁତର ବାଣିଜ୍ୟ, ୟୁଆଇ ଚାର୍ଜେସ ଏବଂ ବିଭିନ୍ନ ଆୟ କାରବାରରୁ ପର୍ଯ୍ୟାପ୍ତ ପରିମାଣର ରାଜସ୍ୱ ପାଇବାରେ ବିଫଳ ହେଲା। ରାଜ୍ୟ ସରକାର ମଧ୍ୟ ବଜେଟ ସହାୟତା ପ୍ରଦାନ କଲେ ନାହିଁ। ତେଣୁ ନିୟାମକ ସମ୍ପତ୍ତିର ଆମୋର୍ଟାଇଜେସନ୍ ନହେବା ହେତୁ ଗ୍ରୀଡ୍‌କୋ 2,616.95 କୋଟି ଟଙ୍କା କ୍ଷତି ସହିଲା।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସରକାର ଗ୍ରହଣ କରିଥିଲେ (ମାର୍ଚ୍ଚ 2023) ଓ ଦର୍ଶାଇଥିଲେ ଯେ, ଓଇଆର୍‌ସିର ଭୁଲ ନିର୍ଦ୍ଦେଶ ଗ୍ରୀଡ୍‌କୋର ଆର୍ଥିକ ଅବସ୍ଥା ଉପରେ ବହୁତ ପ୍ରଭାବ ପକାଇଥିଲା ଯେଉଁଥିପାଇଁ ମାନ୍ୟବର ଆପ୍‌ଟେଲ୍‌ରେ ଆବେଦନ ଦାଖଲ ପାଇଁ ଗ୍ରୀଡ୍‌କୋ ବାଧ୍ୟ ହୋଇଥିଲା, ଯାହା ବିଚାରାଧୀନ ଥିଲା।

## ଉପସଂହାର

**ଗ୍ରୀଡ୍‌କୋ ଏକ ସଂସ୍ଥା ଭାବରେ ବିଦ୍ୟୁତ କ୍ଷେତ୍ରର ତିନୋଟି ମୁଖ୍ୟ କାର୍ଯ୍ୟରେ ଜଡିତ ନୁହେଁ ଯଥା, ଉତ୍ପାଦନ, ସଞ୍ଚାରଣ ଏବଂ ବିତରଣ। ଏହା ଡିସକମ୍‌ଗୁଡିକୁ ବିଦ୍ୟୁତ ଯୋଗାଣ ପାଇଁ ଉତ୍ପାଦକମାନଙ୍କଠାରୁ ବିଦ୍ୟୁତ କ୍ରୟରେ ନିୟୋଜିତ ଅଟେ ଯାହା ଆଦର୍ଶ ଭାବରେ ଡିସକମ୍ ଦ୍ୱାରା କରାଯିବା ଉଚିତ। ଉପର୍ଯ୍ୟୁକ୍ତ ପ୍ରକ୍ରିୟାରେ, ବିଦ୍ୟୁତ କ୍ରୟ କରିବାରେ ଏବଂ ଡିସକମ୍‌ରୁ ଏହାର ଦେୟ ହାସଲ କରିବାରେ ଅପାରଗତା ପାଇଁ ଏହା ବହୁ କ୍ଷତି ସହୁଛି। ତ୍ରୁଟିପୂର୍ଣ୍ଣ ଉତ୍ପାଦକ ଏବଂ ଡିସକମ୍‌ଗୁଡିକର ମୁକାବିଲା ପାଇଁ ଏହା ରାଜ୍ୟ ସରକାରଙ୍କଠାରୁ ଆବଶ୍ୟକ ସହଯୋଗ ମଧ୍ୟ ପାଉନାହିଁ। ଏହାର କାର୍ଯ୍ୟ ଅଯଥାର୍ଥ ହୋଇଛି ଯେହେତୁ ଏହାର କାର୍ଯ୍ୟକଳାପ ଏହାକୁ ଋଣ ଜାଲରେ ଛନ୍ଦି ଦେଇଛି। ପୁରୁଣା ଋଣ ପରିଶୋଧ କରିବାକୁ ଏହା ପ୍ରତିବର୍ଷ ନୂତନ ଋଣ ନେଉଛି। ଏହାର କାର୍ଯ୍ୟରେ ଅପାରଗତା ଦର୍ଶାଇ ଓଇଆର୍‌ସି ଏହାର ସୁଧ ଖର୍ଚ୍ଚର ପରିଶୋଧ କରିବାକୁ ଅନୁମତି ଦେଉନାହିଁ। ଫଳସ୍ୱରୂପ, ଉତ୍ପାଦକ ଏବଂ ଡିସକମ୍ ମଧ୍ୟରେ କାର୍ଯ୍ୟ କରିବା ପାଇଁ ଏହାର ନିଟ୍ ମୂଲ୍ୟ 5,094.96 କୋଟି ଟଙ୍କା ଋଣାତ୍ମକ ସହିତ ଏହାର 6,563.86 କୋଟି ଟଙ୍କାର ଋଣ ଭାର ଅଛି। ଏହା ସର୍ବଶେଷରେ ସାଧାରଣ ଜନତାଙ୍କ ପାଇଁ ଏକ ବୋଝ, କାରଣ ସରକାରୀ ପ୍ରତିଭୂତିରେ ନେଇଥିବା ଋଣଗୁଡିକ ପରିଶୋଧ କରିବାରେ ଗ୍ରୀଡ୍‌କୋ ଅସମର୍ଥ ଅଟେ।**

## ସୁପାରିଶ

- ଗ୍ରୀଡ୍‌କୋର ଭୂମିକା ସରକାର ସମୀକ୍ଷା କରିପାରନ୍ତି କାରଣ ଏହା ବିଦ୍ୟୁତ ଉତ୍ପାଦନ, ସଞ୍ଚାରଣ କିମ୍ବା ବିତରଣ ଭଳି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ନକରି କେବଳ ମଧ୍ୟସ୍ଥ ଭାବରେ ଏବଂ ଆର୍ଥିକ ଅସ୍ଥିରତା ସହିତ କାର୍ଯ୍ୟ କରୁଛି ଏବଂ ଏହାର ଅବସ୍ଥା ଦିନକୁ ଦିନ ବିଗିଡି ଯାଉଛି।
- ରାଜ୍ୟ ବାହାରେ ଅବସ୍ଥିତ ଏନ୍‌ଟିପିସି ପାୱାର ଷ୍ଟେସନ୍‌ରେ ବିଦ୍ୟୁତ ଅଂଶକୁ ନେଇ ସରକାର ତୁରନ୍ତ ପଦକ୍ଷେପ ନେଇପାରନ୍ତି।
- ସରକାର ଗ୍ରୀଡ୍‌କୋକୁ ଏହାର ବକେୟା ପାଉଣା ପାଇବାରେ ଏବଂ ରାଜ୍ୟ ପ୍ରାପ୍ୟ ବିଦ୍ୟୁତର ଅଂଶ ଆଇପିପିମାନଙ୍କଠାରୁ ପାଇବାରେ ସହାୟତା କରିପାରନ୍ତି।
- ରାଜ୍ୟ ରାଜକୋଷର ସ୍ୱାର୍ଥକୁ ରକ୍ଷା ନକରି ତ୍ରୁଟିପୂର୍ଣ୍ଣ ଚୁକ୍ତିନାମା ପାଇଁ ଗ୍ରୀଡ୍‌କୋ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବା ଉଚିତ।
- ନୂତନ ଅଂଶୀଦାରମାନଙ୍କ ମଧ୍ୟରେ ବିଦ୍ୟୁତ ବିତରଣ କାର୍ଯ୍ୟକଳାପ ନ୍ୟସ୍ତ କରିବା ପରେ ଅବଶିଷ୍ଟ ୟୁଟିଲିଟିମାନଙ୍କ ପାଖରେ ବକେୟା ଥିବା **7,128.60** କୋଟି ଟଙ୍କାର ଆଦାୟ ପାଇଁ ସରକାର ଏକ ବ୍ୟବସ୍ଥା ପ୍ରସ୍ତୁତ କରିପାରନ୍ତି।

## 2.6 ଓଡିଶା ଶିଳ୍ପ ଉନ୍ନୟନ ନିଗମ (ଇଡ୍‌କଲ୍) ଏବଂ ଏହାର ସହଯୋଗୀ କମ୍ପାନୀ ଯଥା, ଇଡ୍‌କଲ୍ ଫେରୋକ୍ରୋମ ଏବଂ ଆଲଏଜ୍ ଲିମିଟେଡ୍ (ଇଫ୍‌କାଲ୍) ଏବଂ ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (ଆଇକେଆଇଡବ୍ଲ୍ୟୁଏଲ୍)

### ଉପକ୍ରମ

**2.6.1** ଓଡିଶାର ଶିଳ୍ପ ବିକାଶ ପାଇଁ, ଶିଳ୍ପଗୁଡିକର ପ୍ରୋତ୍ସାହନ ତଥା ପ୍ରତିଷ୍ଠା, ଯୋଜନାଗୁଡିକ ପ୍ରୋତ୍ସାହନ ତଥା ପରିଚାଳନା କରିବା ଏବଂ ଖଣିଜ ପଦାର୍ଥ କ୍ରୟ ଏବଂ ବିକ୍ରୟ ସହିତ ସମସ୍ତ ପ୍ରକାରର ଅନୁସନ୍ଧାନ କରିବା ପାଇଁ ସରକାରୀ କମ୍ପାନୀ ଭାବରେ ଇଡ୍‌କଲ୍‌କୁ ସମ୍ପୂର୍ଣ୍ଣ ମାଲିକାନା ଥିବା ସରକାରୀ କମ୍ପାନୀ ଭାବରେ ପ୍ରତିଷ୍ଠା କରାଯାଇଥିଲା (29 ମାର୍ଚ୍ଚ 1962)। ଇଡ୍‌କଲ୍‌କୁ ଦିଆଯାଇଥିବା ଶିଳ୍ପ ପ୍ରୋତ୍ସାହନ ଏବଂ ବିକାଶର ଭୂମିକା ଓଡିଶାର ଆର୍ଥିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିକାଶଶୀଳ ଦେଶ/ରାଜ୍ୟଗୁଡିକ ବିକାଶ ପାଇଁ ଗଠନମୂଳକ ପରିବର୍ତ୍ତନ ମଡେଲଗୁଡିକ ଉପରେ ଧ୍ୟାନ ଦେଇଥାନ୍ତି ଯାହା ସେମାନଙ୍କର ଅର୍ଥନୀତିକ ସଂରଚନାକୁ ମୁଖ୍ୟତଃ କୃଷି କିମ୍ବା ପ୍ରାଥମିକ କ୍ଷେତ୍ରରୁ ଅଧିକ ଶିଳ୍ପ ଏବଂ ସେବା କ୍ଷେତ୍ରର ନେତୃତ୍ୱରେ ରୂପାନ୍ତର କରନ୍ତି। ଏହି ପରିପ୍ରେକ୍ଷୀରେ ଏହା ଜିଓଓର ଅର୍ଥନୈତିକ ସର୍ଭେ 2022ରେ ଦେଖାଯାଇଛି ଯେ ଓଡିଶାରେ ମୁଣ୍ଡପିଛା ଜିଏସ୍‌ଡିପି 2019-20 ବର୍ଷରେ ଶିଳ୍ପରୁ 38 ପ୍ରତିଶତ ଏବଂ କୃଷିରୁ 22 ପ୍ରତିଶତ ଥିବା ବେଳେ କ୍ଷୁଦ୍ର ରାଜ୍ୟ ଯଥା: ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶର ଶିଳ୍ପରୁ ଯଥାକ୍ରମେ 50 ପ୍ରତିଶତ ଓ 42 ପ୍ରତିଶତ ଏବଂ କୃଷିରୁ ଯଥାକ୍ରମେ 9 ପ୍ରତିଶତ ଓ 14 ପ୍ରତିଶତ ରହିଥିଲା। କିନ୍ତୁ, କୃଷି କ୍ଷେତ୍ର 2019-20 ମସିହାରେ ରାଜ୍ୟର ମୋଟ ଶ୍ରମିକଙ୍କ 48.31 ପ୍ରତିଶତକୁ, ଶିଳ୍ପରେ 26.93 ପ୍ରତିଶତ ନିୟୋଜିତ କରିଛି। ଅଧିକନ୍ତୁ, ଆୟତନ ଦୃଷ୍ଟିରୁ ଓଡିଶା 9ମ ସ୍ଥାନରେ ରହିଛି, ଦେଶର ଜନସଂଖ୍ୟା ଦୃଷ୍ଟିରୁ 11ତମ ସ୍ଥାନରେ ଅଛି କିନ୍ତୁ ମୁଣ୍ଡପିଛା ଆୟ ଦୃଷ୍ଟିରୁ 36ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ମଧ୍ୟରେ 2019-20[20]ରେ 20ତମ ସ୍ଥାନରେ ରହିଛି।

ତେଣୁ କାର୍ଯ୍ୟକ୍ଷମ ଶିଳ୍ପର ବିକାଶ ପାଇଁ ଅନେକ କିଛି କରିବାକୁ ହେବ କାରଣ କୃଷି କ୍ଷେତ୍ର ଅସୁରକ୍ଷିତ ମୌସୁମୀ ଉପରେ ଅତ୍ୟଧିକ ନିର୍ଭରଶୀଳ। ଓଡିଶାରେ ଶିଳ୍ପ କ୍ଷେତ୍ରର ପ୍ରାଥମିକ ଭୂମିକା ହେଉଛି ରାଜ୍ୟ ପ୍ରାଥମିକ କ୍ଷେତ୍ରର ଉତ୍ପାଦଗୁଡିକରେ ମୂଲ୍ୟ ଯୋଗ କରି ଏବଂ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରି କୃଷିରୁ ଜୀବିକା ନିର୍ବାହ କରୁଥିବା ଜନସଂଖ୍ୟାକୁ ଚାପରୁ ମୁକ୍ତି ଦେଇ ଅର୍ଥନୀତିର ଆଧାର ସମ୍ପ୍ରସାରଣ । ଏହା କରିବାର ସମ୍ଭାବ୍ୟତା ଦୃଷ୍ଟିରୁ ଦେଖାଗଲା ଯେ ଓଡିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏହା ମଧ୍ୟରେ ଦେଶର 96 ପ୍ରତିଶତ କ୍ରୋମାଇଟ୍, 92 ପ୍ରତିଶତ ନିକେଲ୍, 51 ପ୍ରତିଶତ ବକ୍ସାଇଟ୍, 33 ପ୍ରତିଶତ ଲୁହାପଥର, 43 ପ୍ରତିଶତ ମାଙ୍ଗାନିଜ୍ ଏବଂ 24 ପ୍ରତିଶତ କୋଇଲା ରହିଛି। ପ୍ରାକୃତିକ ସମ୍ପଦ ଉପରେ ଆଧାର କରି ଏହାର ଶିଳ୍ପ ଗଠନ ପାଇଁ ଓଡିଶାକୁ ଏହି ସମ୍ପଦ ଏକ ସୁଯୋଗ ପ୍ରଦାନ କରିଛି।

ଉଲ୍ଲିଖିତ ଉଦ୍ଦେଶ୍ୟ ଅନୁଯାୟୀ, ଆଜି ପର୍ଯ୍ୟନ୍ତ (ଡିସେମ୍ବର 2022), ଇଡ୍‌କଲ୍ 13ଟି ସହାୟକ ସଂସ୍ଥା[21] ଏବଂ ଗୋଟିଏ ଯୌଥ ଉଦ୍ୟୋଗ[22] (ଜେଭି) ପ୍ରତିଷ୍ଠା/ପ୍ରୋତ୍ସାହିତ କରିଥିଲା। ସେଥିମଧ୍ୟରୁ, 11ଟି ସହାୟକ ଏବଂ ଜେଭି ସମାପନ/ନିଷ୍କ୍ରିୟ କରାଯାଇଥିଲା। ସାତଟି ସହାୟକ କମ୍ପାନୀରେ, ଇଡ୍‌କଲ୍ ଏହାର ପୁଞ୍ଜି ବିନିଯୋଗରେ 140.71 କୋଟି ଟଙ୍କା କ୍ଷତି ହେତୁ ସେୟାର କ୍ୟାପିଟାଲ୍ ଏବଂ ଋଣ ଏବଂ ଆଡଭାନ୍ସ ବାବଦକୁ 347.44 କୋଟି ଟଙ୍କା ବିନିଯୋଗ ତୁଳନାରେ ମାତ୍ର 206.73 କୋଟି ଟଙ୍କା ପୁନରୁଦ୍ଧାର କରିପାରିଲା। ସରକାରୀ ଉଦ୍ୟୋଗ ସମିତି

---

20 ଓଡିଶା ଅର୍ଥନୈତିକ ସର୍ଭେ, 2022ରେ 2021-22 ଆର୍ଥିକ ଅଭିବୃଦ୍ଧିକୁ 2019-20 ସହ ତୁଳନା କରେ। ତେଣୁ, ଏହା ହେଉଛି ସର୍ବଶେଷ ଉପଲବ୍ଧ ତଥ୍ୟ।

21 ଏବିଏସ୍ ସ୍ପିନିଂ ଓଡିଶା ଲିମିଟେଡ୍, ଇଷ୍ଟକୋଷ୍ଟ ବ୍ରିୱରିଜ୍ ଏବଂ ଡିଷ୍ଟିଲେରୀ ଲିମିଟେଡ୍, ପୂର୍ବ ତଟ ଲୁଣ ଏବଂ କେମିକାଲ୍ସ ଲିମିଟେଡ୍, ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ୱାର୍କର୍ସ ଲିମିଟେଡ୍, ହିରା ଷ୍ଟିଲ ଏବଂ ଆଲଏଜ୍ ଲିମିଟେଡ୍, ଇଡ୍‌କଲ୍ ସେମେଣ୍ଟ ଲିମିଟେଡ୍, ଇଡ୍‌କଲ୍ ଫେରୋକ୍ରୋମ ଏବଂ ଆଲଏଜ୍ ଲିମିଟେଡ୍, ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍, ଇଡ୍‌କଲ୍ ପାଇପ୍ ଏବଂ ଇଞ୍ଜିନିୟରିଂ ୱାର୍କ୍ସ ଲିମିଟେଡ୍, ଇଡ୍‌କଲ୍ ରୋଲିଂ ମିଲ୍ସ ଲିମିଟେଡ୍, ଇଡ୍‌କଲ୍ ସଫ୍ଟୱେର ଲିମିଟେଡ୍, କୋଣାର୍କ ଝୋଟ ଲିମିଟେଡ୍ ଏବଂ ଓରିକେମ୍ ଲିମିଟେଡ୍

22 ଏସ୍. ଏନ୍. ନିଗମ ଲିମିଟେଡ୍

(କୋପୁ) ଦ୍ୱାଦଶ ବିଧାନସଭାର ଚତୁର୍ଥ ପ୍ରତିବେଦନରେ ସହାୟକ କମ୍ପାନୀଗୁଡିକର ଶୀଘ୍ର ବିନିବେଶ ପାଇଁ ସୁପାରିଶ କରିଥିଲେ (ମାର୍ଚ୍ଚ 2001)। ଯଦିଓ ଅକ୍ଟୋବର 2005ରେ ବିନିବେଶ ପ୍ରସ୍ତାବ ଆରମ୍ଭ କରାଯାଇଥିଲା, ଅବଶିଷ୍ଟ ଦୁଇଟି ସହାୟକ କମ୍ପାନୀ ଇଫ୍‌କାଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର ବିନିବେଶ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏହାର ଫଳସ୍ୱରୂପ ଇଫ୍‌କାଲ୍ କାରଖାନା ପର୍ଯ୍ୟାପ୍ତ ଭିତ୍ତିଭୂମି ଅଭାବ ସହିତ ଚାଲୁଥିଲା ଯାହାଦ୍ୱାରା ସ୍ୱଳ୍ପ କ୍ଷମତା ବ୍ୟବହାର, କମ୍ ଉତ୍ପାଦନ ଏବଂ ଉତ୍ପାଦନର ଅଧିକ ମୂଲ୍ୟ ରହିଥିଲା।

ବର୍ତ୍ତମାନ ଇଡ୍‌କଲ୍‌ର କାର୍ଯ୍ୟକଳାପ ଏକ କ୍ରୋମ ଖଣି ଖନନ କାର୍ଯ୍ୟରେ ଏବଂ 26 ମାର୍ଚ୍ଚ 1999ରେ ଗଠିତ ଦୁଇଟି କାର୍ଯ୍ୟକାରୀ ସହାୟକ ସଂସ୍ଥାର କାର୍ଯ୍ୟକୁ ତଦାରଖ କରିବା ମଧ୍ୟରେ ସୀମିତ। ଆଇକେଆଇଡବ୍ଲ୍ୟୁଏଲ୍ ଏହାର ଲୁହାପଥର ଖଣି, ପିଗ୍ ଲୁହା/ସ୍ପନ୍ ପାଇପ୍ ଉତ୍ପାଦନ/ବିକ୍ରୟ କାର୍ଯ୍ୟରେ ନିୟୋଜିତ ଥିଲା। ଓଏମ୍‌ସିରୁ କ୍ରୋମ ଖଣିଜ ପାଇବା ପରେ ଇଫ୍‌କାଲ୍ ଉଚ୍ଚ କାର୍ବନ ଫେରୋକ୍ରୋମ ଉତ୍ପାଦନ ଏବଂ ବିକ୍ରିରେ ନିୟୋଜିତ ଥିଲା।

ଏହି ପୃଷ୍ଠଭୂମିରେ, ଇଡ୍‌କଲ୍ ଏବଂ ଏହାର ଦୁଇଟି ସହାୟକ କମ୍ପାନୀର ଉଭୟ ଆର୍ଥିକ ଏବଂ ଭୌତିକ କାର୍ଯ୍ୟଦକ୍ଷତାକୁ ବିଶ୍ଳେଷଣ କରାଯାଇଥିଲା ଯାହା ପ୍ରକାଶ କରିଥିଲା ଯେ, ପ୍ରତିଯୋଗିତାମୂଳକ ବଜାରରେ ସେମାନଙ୍କର ଦକ୍ଷତାର ସହିତ ଚାଲିବାରେ ବିଫଳତା ଯୋଗୁ କୌଣସି ସଂସ୍ଥା ବିନିଯୋଗ କରିବାକୁ ଆସିନଥିଲେ ଯାହା ଅନୁଚ୍ଛେଦ 2.6.5ରୁ 2.6.7ରେ ଆଲୋଚନା କରାଯାଇଛି।

### ସାଙ୍ଗଠନିକ ବ୍ୟବସ୍ଥା

**2.6.2** ଇଡ୍‌କଲ୍ ଏହାର ସହାୟକ କମ୍ପାନୀ ସହିତ ଇସ୍ପାତ ଏବଂ ଖଣି ବିଭାଗ, ଓଡିଶା ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ଅଛି। ଇଡ୍‌କଲ୍‌ର ପରିଚାଳନା, ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଆଠ ଜଣ ନିର୍ଦ୍ଦେଶକଙ୍କୁ ନେଇ ଏକ ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି) ଉପରେ ନ୍ୟସ୍ତ। ପରିଚାଳନା ନିର୍ଦ୍ଦେଶକ, ଇଡ୍‌କଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ହୋଇ ଦୈନନ୍ଦିନ କାର୍ଯ୍ୟର ତଦାରଖ କରନ୍ତି। ସହାୟକ କମ୍ପାନୀଗୁଡିକ ସେମାନଙ୍କର ସମ୍ପୃକ୍ତ ବିଓଡି ଏବଂ ପରିଚାଳନା ନିର୍ଦ୍ଦେଶକମାନଙ୍କ ଦ୍ୱାରା ପରିଚାଳିତ।

### ସହଯୋଗୀ ସଂସ୍ଥାଗୁଡିକର ମୁଖ୍ୟ କାର୍ଯ୍ୟକଳାପ


**2.6.3** ଇଫ୍‌କାଲ୍ ଏହାର ଦୁଇଟି ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସଗୁଡିକ ମାଧ୍ୟମରେ ତଳଙ୍ଗୀରେ ଥିବା ନିଜସ୍ୱ ଖଣିରୁ କ୍ରୋମ ଖଣିଜ ବ୍ୟବହାର କରି ଉଚ୍ଚ କାର୍ବନ୍ ଫେରୋକ୍ରୋମ (ଏଚ୍‌ସିଏଫ୍‌ସି) ଉତ୍ପାଦନ କରେ। ଏହା ଓଡିଶା ଖଣି ନିଗମ (ଓଏମ୍‌ସି)ରୁ କ୍ରୋମ ଖଣିଜ କ୍ରୟ ଏବଂ ଏହାର ବ୍ରିକେଟ୍ କାରଖାନାରେ ଉତ୍ପାଦିତ ବ୍ରିକେଟ୍ ମଧ୍ୟ ବ୍ୟବହାର କରେ। ବିଦ୍ୟମାନ ବ୍ରିକେଟ୍ କାରଖାନା କ୍ରୋମ ପଥର ଗୁଣ୍ଡ, ଚୂନ ଏବଂ ଅନ୍ୟାନ୍ୟ ଇନପୁଟ୍ ସାମଗ୍ରୀ ଚାର୍ଜିଂ ଦ୍ୱାରା ହସ୍ତକୃତ ଭାବରେ ପରିଚାଳିତ ହୁଏ।

ଆଇକେଆଇଡବ୍ଲ୍ୟୁଏଲ୍ ଚାରୋଟି ବ୍ଲାଷ୍ଟ ଫର୍ଣ୍ଣେସ ମାଧ୍ୟମରେ ପିଗ୍ ଲୁହା ଉତ୍ପାଦନ କରେ ଯାହାର ବାର୍ଷିକ ସ୍ଥାପିତ କ୍ଷମତା 1.70 ଲକ୍ଷ ଏମ୍‌ଟି ଅଟେ। ଆବଶ୍ୟକ ପିଗ୍ ଲୁହା ଉତ୍ପାଦନ ପାଇଁ ଅତ୍ୟାବଶ୍ୟକ କଞ୍ଚାମାଲ ହେଉଛି ବ୍ଲାଷ୍ଟ ଫର୍ଣ୍ଣେସ ଗ୍ରେଡ୍‌ର ଲୁହାପଥର। ପ୍ରକ୍ରିୟାରେ ଖଣିଜକୁ ଗରମ ଧାତୁରେ ପରିଣତ କରାଯାଏ ଏବଂ ପିଗ୍ ଲୁହା ଉତ୍ପାଦନ ପାଇଁ ପିଗ୍ କାଷ୍ଟିଂ ମେସିନକୁ ପଠାଯାଏ ଏବଂ ଗରମ ଧାତୁର ଏକ ଅଂଶ କାଷ୍ଟ ଆଇରନ୍ ସ୍ପନ୍ ପାଇପ୍ ଉତ୍ପାଦନ ପାଇଁ ସ୍ପନ୍ ପାଇପ୍ ବିଭାଗକୁ ସ୍ଥାନାନ୍ତରିତ ହୁଏ। ଆଇକେଆଇଡବ୍ଲ୍ୟୁଏଲ୍‌ରେ ପିଗ୍ ଲୁହା ଏବଂ ସ୍ପନ୍‌ପାଇପ୍ ଉତ୍ପାଦନ ପାଇଁ ରୋଏଡା "ସି" ଖଣି ଅଛି। ଅଥଚ, ଅଣ-ଅର୍ଥନୈତିକ ସ୍ଥିତି ହେତୁ ଆଇକେଆଇଡବ୍ଲ୍ୟୁଏଲ୍‌ରେ ଥିବା କାରଖାନା ମାର୍ଚ୍ଚ 2015ଠାରୁ ବନ୍ଦ ହୋଇଯାଇଥିଲା।

ଇଡ୍‌କଲ୍, ଇଫ୍‌କାଲ୍ କାରଖାନାର ତ୍ରୈମାସିକ ଆର୍ଥିକ କାର୍ଯ୍ୟଦକ୍ଷତାକୁ ବିଶ୍ଳେଷଣ କରେ ଏବଂ ଚୁଲାର ଅବଦାନ ମାର୍ଜିନକୁ[23] ବିଶ୍ଳେଷଣ କରି ଚୁଲାଗୁଡିକର କାର୍ଯ୍ୟ/ବନ୍ଦ ପାଇଁ ନିଷ୍ପତ୍ତି ନିଏ। ଇଡ୍‌କଲ୍, ଖଣିଗୁଡିକର କାର୍ଯ୍ୟ ଏବଂ ବଜାରରେ ଏଚ୍‌ସିଏଫ୍‌ସି ଏବଂ ଲୁହାପଥର ବିକ୍ରୟ ପାଇଁ ଟେଣ୍ଡର ଚୂଡାନ୍ତ ସମ୍ବନ୍ଧୀୟର କାର୍ଯ୍ୟଗୁଡିକୁ ମଧ୍ୟ ତୁଲାଇ ଥାଏ।

[23] ଅବଦାନ ମାର୍ଜିନ ହେଉଛି ବିକ୍ରୟ ମୂଲ୍ୟ ଏବଂ ପରିବର୍ତ୍ତନଶୀଳ ମୂଲ୍ୟ ମଧ୍ୟରେ ପାର୍ଥକ୍ୟ

**ଚାର୍ଟ 2.2: ସହାୟକ ସଂସ୍ଥାଗୁଡିକର ବ୍ୟାପକ କାର୍ଯ୍ୟ**




## ସମୀକ୍ଷା ମାନଦଣ୍ଡ

**2.6.4** ସମୀକ୍ଷା ଉଦ୍ଦେଶ୍ୟ ହାସଲ କରିବା ପାଇଁ ଗ୍ରହଣ କରାଯାଇଥିବା ସମୀକ୍ଷା ମାନଦଣ୍ଡ ନିମ୍ନଲିଖିତ ପ୍ରକାରେ ରହିଥିଲା:

- ବିଭିନ୍ନ ବୈଧାନିକ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାବଳୀ ଏବଂ ପରିପତ୍ର ସହିତ ଖଣି ଏବଂ କାରଖାନାଗୁଡିକର କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିବା ଅଧିନିୟମ ଏବଂ ନିୟମ;
- କମ୍ପାନୀଗୁଡିକର ବାର୍ଷିକ ବଜେଟ୍ ଏବଂ ଯୋଜନାଗୁଡିକ;
- କମ୍ପାନୀ ଅଧିନିୟମ, 2013, କମ୍ପାନୀର ମେମୋରାଣ୍ଡମ ଏବଂ ଆର୍ଟିକଲ ଅଫ୍ ଆସୋସିଏସନ୍, ଓଡିଶା ସରକାର ଓ କମ୍ପାନୀ ମଧ୍ୟରେ ହୋଇଥିବା ବୁଝାମଣାପତ୍ର (ଏମ୍‌ଓୟୁ) ସହିତ କମ୍ପାନୀଗୁଡିକ ଜିଓଓ ଏବଂ ଜିଓଓର କର୍ପୋରେଟ୍ ଗଭର୍ନାନ୍ସ ମାନୁଆଲ୍;
- କମ୍ପାନୀମାନଙ୍କ ଦ୍ୱାରା କାରଖାନା ପାଇଁ ସ୍ଥାପିତ କ୍ଷମତା, ଉତ୍ପାଦନ ଏବଂ ବ୍ୟବହାର ପାରାମିଟରଗୁଡିକ; ଏବଂ
- ଜିଓଓ /କମ୍ପାନୀଗୁଡିକର କ୍ରୟ/ବିକ୍ରୟ ନୀତି।

## ସମୀକ୍ଷାର ଫଳାଫଳ

## ଆର୍ଥିକ ପ୍ରଦର୍ଶନର ବିଶ୍ଳେଷଣ

**2.6.5** ଇଡ୍‌କଲ୍ ଏବଂ ଏହାର ସହାୟକ କମ୍ପାନୀମାନେ 2021-22 ବର୍ଷ ପର୍ଯ୍ୟନ୍ତ ସେମାନଙ୍କର ହିସାବଗୁଡିକ ଚୂଡାନ୍ତ କରିଛନ୍ତି। ଏହି କମ୍ପାନୀଗୁଡିକର 2017-18ରୁ 2021-22 ଅବଧି ମଧ୍ୟରେ "ବାଲାନ୍ସ ସିଟ୍" ଅନୁଯାୟୀ ଆର୍ଥିକ ସ୍ଥିତି ଏବଂ "ଲାଭ ଏବଂ କ୍ଷତିର ବିବରଣୀ" ଅନୁଯାୟୀ କାର୍ଯ୍ୟ ଫଳାଫଳ **ପରିଶିଷ୍ଟ 17**ରେ ଦିଆଯାଇଛି। କମ୍ପାନୀର ବାଲାନ୍ସ ସିଟ୍ ଏବଂ ଲାଭ ଓ କ୍ଷତିର ବିବରଣୀରୁ ସମୀକ୍ଷା ନିମ୍ନଲିଖିତଗୁଡିକୁ ପରିଲକ୍ଷିତ କଲା:

- ଇଡ୍‌କଲ୍ 2017-18ରେ 111.55 କୋଟି ଟଙ୍କା ଖଣିକାର୍ଯ୍ୟ କ୍ଷତିପୂରଣ ପ୍ରଦାନ କରିବା ହେତୁ ପାଞ୍ଚ ବର୍ଷ ମଧ୍ୟରୁ ତିନି ବର୍ଷ ପାଇଁ କ୍ଷତି ସହିଥିଲା। ଏହା ମୁଖ୍ୟତଃ ଆଇନଗତ କ୍ଷମତା ନଥାଇ ରୋଇଡା 'ସି' ଖଣି ପରିଚାଳନା ହେତୁ ଏବଂ କୁଦ୍ରମୁଖ ଲୁହାପଥର କମ୍ପାନୀ ଲିମିଟେଡ୍ (କେଆଇଓସିଏଲ୍) ସହ ବିନିବେଶ ସଫଳ ନହେବା କାରଣରୁ 2018-19ରେ 43.09 କୋଟି ଟଙ୍କା ହିସାବରୁ ବାଦ ଦେବାରୁ

ହୋଇଥିଲା ଯାହା ଅନୁଚ୍ଛେଦ ସଂଖ୍ୟା 2.6.10.6ରେ ନିମ୍ନରେ ଆଲୋଚନା କରାଯାଇଛି। ଫଳସ୍ୱରୂପ, "ରିଜର୍ଭ ଏବଂ ସରପ୍ଲସ୍" ଋଣାତ୍ମକ ଥିଲା ଯାହାକି 2021-22 ମଧ୍ୟରେ 564.54 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଏହା ତଳଙ୍ଗୀ କ୍ରୋମାଇଟ ଖଣି (ଟିସିଏମ୍)ରେ ପରିବେଶ ମଞ୍ଜୁରୀ ବିନା କିମ୍ବା ପରିବେଶ ମଞ୍ଜୁରୀଠାରୁ ଅଧିକ ଖଣି ଖନନ ପାଇଁ ଓଡ଼ିଶା ସରକାରଙ୍କୁ କ୍ଷତିପୂରଣ ଦେବା ନିମିତ୍ତ ପ୍ରାବଧାନ ଯୋଗୁ ହୋଇଥିଲା।

- 2019-20 ଏବଂ 2020-21 ମଧ୍ୟରେ ଇଫ୍‌କାଲ୍‌ର "କାରବାରରୁ ଆୟ" ମାନ୍ଦା ବଜାର ସ୍ଥିତି ଯୋଗୁ ଏଚ୍‌ସିଏଫ୍‌ସି ବିକ୍ରି ହ୍ରାସ ହେତୁ କମ୍ ଥିଲା। ଫଳସ୍ୱରୂପ, 2019-20ରୁ "ରିଜର୍ଭ ଏବଂ ସରପ୍ଲସ୍" ଋଣାତ୍ମକ ଥିଲା ଯାହା କମ୍ପାନୀ ଦ୍ୱାରା ଲଗାତାର କ୍ଷତି ହେତୁ ହୋଇଥିଲା।
- ଇଡ୍‌କଲ୍ ଆକାଉଣ୍ଟରେ ରୋଏଡା "ସି" ଖଣିର ରାଜସ୍ୱ ବୁକିଂ ହେତୁ ଆଇକେଆଇଡବ୍ଲ୍ୟୁଏଲ୍‌ର "କାରବାରରୁ ଆୟ" 2019-20ରୁ ହ୍ରାସ ପାଇଥିଲା। କମ୍ପାନୀ ଦ୍ୱାରା କ୍ରମାଗତ କ୍ଷତି ହୋଇଥିବା କାରଣରୁ "ରିଜର୍ଭ ଏବଂ ସରପ୍ଲସ୍" ଋଣାତ୍ମକ ଥିଲା।

ଏହିପରି ପ୍ରତିକୂଳ ଆର୍ଥିକ ସ୍ଥିତିକୁ ବିଭିନ୍ନ କାର୍ଯ୍ୟକ୍ଷମତା ମାପଦଣ୍ଡ ଅନୁଯାୟୀ ନିମ୍ନରେ ଆଲୋଚନା କରାଯାଇଛି:

## କାର୍ଯ୍ୟକ୍ଷମତାର ମାନଦଣ୍ଡ

**2.6.6** 2017-18ରୁ 2021-22 ପର୍ଯ୍ୟନ୍ତ ଇଡ୍‌କଲ୍, ଇଫ୍‌କାଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର ଆର୍ଥିକ କାର୍ଯ୍ୟଦକ୍ଷତା ବାଲାନ୍ସ ସିଟ୍ ଏବଂ ଲାଭ ଓ କ୍ଷତିର ବିବରଣୀ ଉପରେ ଆଧାରିତ କରି ସମୀକ୍ଷାରେ ନିମ୍ନୋକ୍ତ ମାପଦଣ୍ଡ ଅନୁଯାୟୀ ବିଶ୍ଳେଷଣ କରାଯାଇଛି।

### କମ୍ପାନୀଗୁଡିକର ନିଟ୍ ମୂଲ୍ୟ

**2.6.6.1** ନିଟ୍ ମୂଲ୍ୟ ହେଉଛି କମ୍ପାନୀର ସମ୍ପୂର୍ଣ୍ଣ ମୁଦ୍ରା ମୂଲ୍ୟର ଏକ ଆକଳନ ଯାହା ସମ୍ପତ୍ତିର ରାଶିରୁ ଦାୟିତ୍ୱର ରାଶି ବିୟୋଗ କରି ନିର୍ଣ୍ଣୟ କରାଯାଏ। ଏକ କମ୍ପାନୀର ଉଚ୍ଚ ନିଟ୍ ମୂଲ୍ୟ ଋଣଦାତାମାନଙ୍କୁ ସୂଚାଇଥାଏ ଯେ କମ୍ପାନୀର ସମ୍ପତ୍ତି ଅଧିକ, ସେମାନଙ୍କୁ ଋଣ ପାଇବା ପାଇଁ ଅଧିକ ଆକର୍ଷଣୀୟ କରୁଥିବା ବେଳେ, ଏକ ଋଣାତ୍ମକ ନିଟ୍ ମୂଲ୍ୟ ଦର୍ଶାଏ ଯେ କମ୍ପାନୀର ଆର୍ଥିକ ସ୍ଥିତି ଦୁର୍ବଳ ଅଟେ। ନିମ୍ନ ସାରଣୀଟି ଇଡ୍‌କଲ, ଇଫ୍‌କାଲ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର ଗତ 31 ମାର୍ଚ୍ଚ 2022ରେ ଶେଷ ହୋଇଥିବା ପାଞ୍ଚ ବର୍ଷ ପାଇଁ ସେମାନଙ୍କର ନିଟ୍ ମୂଲ୍ୟ ଅନୁଯାୟୀ ଆର୍ଥିକ ପ୍ରଦର୍ଶନକୁ ସୂଚାଇଥାଏ।

**ସାରଣୀ 2.1: ଇଡ୍‌କଲ୍, ଇଫ୍‌କାଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର ଆର୍ଥିକ ପ୍ରଦର୍ଶନ**

***(ଟଙ୍କା କୋଟିରେ)***

| | ଇଡ୍‌କଲ୍ | | | | | ଇଫ୍‌କାଲ୍ | | | | | ଆଇକେଆଇଡବ୍ଲ୍ୟୁଏଲ୍ | | | | |
|---|---|---|---|---|---|---|---|---|---|---|---|---|---|---|---|
| **ବର୍ଷ/ସବିଶେଷ** | **2017-18** | **2018-19** | **2019-20** | **2020-21** | **2021-22** | **2017-18** | **2018-19** | **2019-20** | **2020-21** | **2021-22** | **2017-18** | **2018-19** | **2019-20** | **2020-21** | **2021-22** |
| ଆୟ | 41.57 | 80.96 | 82.87 | 122.52 | 209.22 | 145.05 | 85.28 | 44.01 | 48.66 | 110.88 | 84.60 | 134.29 | 22.79 | 29.13 | 0.59 |
| ବ୍ୟୟ | 131.11 | 88.21 | 80.41 | 112.99 | 773.76 | 149.88 | 93.71 | 66.77 | 73.01 | 112.03 | 98.95 | 138.99 | 26.24 | 13.61 | 38.23 |
| ଲାଭ/କ୍ଷତି | (89.54) | (7.25) | 2.46 | 9.53 | (564.54) | (4.83) | (8.43) | (22.76) | (24.35) | (1.15) | (14.35) | (4.70) | (3.45) | 15.52 | (37.64) |
| ଖର୍ଚ୍ଚରୁ ଆୟର ଶତକଡା | 31.71 | 91.78 | 103.06 | 108.43 | 27.04 | 96.78 | 91.00 | 65.91 | 66.65 | 98.97 | 85.50 | 96.62 | 86.85 | 214.03 | 1.54 |
| ବର୍ଷ ଶେଷ ପର୍ଯ୍ୟନ୍ତ ଏକତ୍ରୀକୃତ ଲାଭ/(କ୍ଷତି) | (63.57) | (70.83) | (68.37) | (58.84) | (623.38) | 21.37 | 20.70 | (2.06) | (31.94) | (33.89) | (158.12) | (162.82) | (166.27) | (150.75) | (188.39) |
| ସମାଦତ୍ତ ପୁଞ୍ଜି | 57.12 | 57.12 | 57.12 | 57.12 | 107.12 | 18.81 | 18.81 | 18.81 | 18.81 | 18.81 | 150.10 | 150.10 | 150.10 | 150.10 | 150.10 |
| ନିଟ୍ ମୂଲ୍ୟ (ସମାଦତ୍ତ ପୁଞ୍ଜି + ଏକତ୍ରୀକୃତ ଲାଭ/(କ୍ଷତି) | (6.45) | (13.71) | (11.25) | (1.72) | (516.26) | 40.18 | 39.51 | 16.75 | (13.13) | (15.08) | (8.02) | (12.72) | (16.17) | (0.65) | (38.29) |

***(ଉତ୍ସ: ଇଡ୍‌କଲ, ଇଫ୍‌କାଲ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର ବାର୍ଷିକ ହିସାବ)***

ସାରଣୀରୁ ଏହା ସ୍ପଷ୍ଟ ହୋଇଛି ଯେ ଇଡ୍‌କଲ୍‌ର ଖର୍ଚ୍ଚରେ ଆୟର ଶତକଡା 27.04ରୁ 108.43 ମଧ୍ୟରେ ରହିଥିଲା, ଇଫ୍‌କାଲ୍ ପାଇଁ ଏହା 65.91ରୁ 98.97 ମଧ୍ୟରେ ଥିଲା ଏବଂ ଆଇକେଆଇଡବ୍ଲ୍ୟୁଏଲ୍ ପାଇଁ 1.54ରୁ 214.03 ମଧ୍ୟରେ ରହିଥିଲା କାରଣ ଆୟ ସେମାନଙ୍କ ଖର୍ଚ୍ଚ ବହନ କରିବା ପାଇଁ ପର୍ଯ୍ୟାପ୍ତ ନଥିଲା। ଏହି କମ୍ପାନୀଗୁଡିକ ଦ୍ୱାରା ହୋଇଥିବା କ୍ଷତି ହେତୁ 2017-18ରୁ 2021-22 ସମୟ ମଧ୍ୟରେ ଇଡ୍‌କଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର ଏକତ୍ରୀକୃତ କ୍ଷତି ଯଥାକ୍ରମେ 63.57 କୋଟି ଟଙ୍କାରୁ 623.38 କୋଟି ଟଙ୍କା ଏବଂ 158.12 କୋଟି ଟଙ୍କାରୁ 188.39 କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଇଫ୍‌କାଲ୍‌ର 2017-18 ମସିହାରେ 21.37 କୋଟି ଟଙ୍କାର ଏକତ୍ରୀକୃତ ଲାଭ 2021-22 ମଧ୍ୟରେ 33.89 କୋଟି ଟଙ୍କା କ୍ଷତିରେ ପରିଣତ ହୋଇଥିଲା। ଫଳସ୍ୱରୂପ, 2021-22 ଶେଷରେ କମ୍ପାନୀଗୁଡିକର ନିଟ୍ ମୂଲ୍ୟ ଋଣାତ୍ମକ ଥିଲା ଯାହା ସେମାନଙ୍କର ଅଂଶଧନ ପୁଞ୍ଜି କ୍ଷୟ କରିଦେଇଥିଲା।

### କମ୍ପାନୀଗୁଡିକର ଲିକ୍ୱିଡିଟି ସ୍ଥିତି

**2.6.6.2** ସମୀକ୍ଷାରେ ଦେଖାଗଲା ଯେ ଇଡ୍‌କଲ୍‌ର ସାମ୍ପ୍ରତିକ ଅନୁପାତ[24] ଏହାର ରୋଏଡା "ସି" ଖଣିରେ ବିକ୍ରି ହୋଇନଥିବା ଲୁହାପଥର ଷ୍ଟକ୍ ହେତୁ 2017-18ରେ 0.46ରୁ 2021-22ରେ 4.68କୁ ବୃଦ୍ଧି ପାଇଛି। ଆଇକେଆଇଡବ୍ଲ୍ୟୁଏଲ୍‌ର ସାମ୍ପ୍ରତିକ ଅନୁପାତ ଏକରୁ କମ୍ ଥିଲା ଯାହା ସୂଚାଉଥିଲା ଯେ ଭବିଷ୍ୟତରେ ଏହାର ଇକ୍ୱିଟି ସ୍ଥିତି ଠିକ୍ ନଥିବାରୁ ଏହା ସମ୍ପତ୍ତିରୁ ଏହାର ଦାୟିତ୍ୱ ପ୍ରଦାନ କରିବାରେ ସକ୍ଷମ ହୋଇନପାରେ।

### କମ୍ପାନୀଗୁଡିକର ଇକ୍ୱିଟି ଅନୁପାତରେ ଋଣ

**2.6.6.3** ସମୀକ୍ଷାରେ ଦେଖାଗଲା ଯେ, କ୍ଷତି ହେତୁ ଏହି ସମସ୍ତ ବର୍ଷ ପାଇଁ ଇକ୍ୱିଟି ଅନୁପାତରେ[25] ଋଣ ଇଡ୍‌କଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର ଋଣାତ୍ମକ ଏବଂ ଇଫ୍‌କାଲ୍ ପାଇଁ 2020-21ରେ ଋଣାତ୍ମକ ଥିଲା ଯାହା କମ୍ପାନୀର ଇକ୍ୱିଟି ପାଇଁ ଉଚ୍ଚ ବିପଦର ସଙ୍କେତ ଭାବରେ ବିବେଚନା କରାଯିବ। ଏହା ସାଧାରଣତଃ ଘଟେ ଯେତେବେଳେ ଏକ କମ୍ପାନୀ ଟଙ୍କା ହରାଉଛି ଏବଂ ଋଣ ପରିଶୋଧ ପାଇଁ ପର୍ଯ୍ୟାପ୍ତ ପରିମାଣର ନଗଦ ପ୍ରବାହ ସୃଷ୍ଟି କରୁନାହିଁ।

### କମ୍ପାନୀଗୁଡିକର ଇକ୍ୱିଟି ଉପରେ ଉପାର୍ଜନ

**2.6.6.4** କ୍ରମାଗତ କ୍ଷତି ହେତୁ କମ୍ପାନୀଗୁଡିକର ଇକ୍ୱିଟି[26] ଉପରେ ଉପାର୍ଜନ ଋଣାତ୍ମକ ଥିଲା, କ୍ରମାଗତ କ୍ଷତି, କମ୍ପାନୀଗୁଡିକର ଖରାପ ଆର୍ଥିକ ପ୍ରଦର୍ଶନକୁ ସୂଚାଇଥାଏ ଯାହା ସେମାନଙ୍କର ଭବିଷ୍ୟତର ଅଭିବୃଦ୍ଧି ଏବଂ ସ୍ଥିରତା ଉପରେ ପ୍ରଭାବ ପକାଇବ ଏବଂ ଏହା ପୁନର୍ବାର ସେମାନଙ୍କୁ ବିନିଯୋଗ ପାଇଁ ଅନାକର୍ଷଣୀୟ କରିବ।

ତେଣୁ, ଉପର୍ଯ୍ୟୁକ୍ତ ମାପଦଣ୍ଡଗୁଡିକ ଦର୍ଶାଇଲା ଯେ, ସେମାନଙ୍କର ଭବିଷ୍ୟତର ସ୍ଥିରତା ଏବଂ ଅଭିବୃଦ୍ଧି ପାଇଁ କମ୍ପାନୀଗୁଡିକର ଆର୍ଥିକ ପ୍ରଦର୍ଶନ ଠିକ୍ ନୁହେଁ। 2017-18ରୁ 2021-22 ମଧ୍ୟରେ କମ୍ପାନୀଗୁଡିକ ଦ୍ୱାରା କରାଯାଇଥିବା କାର୍ଯ୍ୟକଳାପ ଉପରେ ଆଧାର କରି, ସମୀକ୍ଷା ଅନୁଚ୍ଛେଦ 2.6.7ରେ ଏପରି ଅଦକ୍ଷ ପ୍ରଦର୍ଶନ ହେବାର କାରଣ ବିଶ୍ଳେଷଣ କରାଗଲା।

## ଭୌତିକ ପ୍ରଦର୍ଶନର ବିଶ୍ଳେଷଣ

**2.6.7** ଆର୍ଥିକ ପ୍ରଦର୍ଶନ ହେଉଛି ଭୌତିକ ପ୍ରଦର୍ଶନର ପ୍ରତିଫଳନ। ବର୍ତ୍ତମାନ ଇଡ୍‌କଲ୍ ଏବଂ ଏହାର ଦୁଇଟି ସହାୟକ ସଂସ୍ଥାର କାର୍ଯ୍ୟଦକ୍ଷତା ଇଫ୍‌କାଲ୍ ଉତ୍ପାଦନ କରୁଥିବା ଏଚ୍‌ସିଏଫ୍‌ସି ଉତ୍ପାଦନ କରୁଥିବା ଦୁଇଟି ସବମର୍ଜଡ ଇଲେକ୍ଟ୍ରିକ୍ ଆର୍ ଫର୍ଣ୍ଣେସର ଯଥାକ୍ରମେ 13,000 ଏମ୍‌ଟି ଏବଂ 6,000 ଏମ୍‌ଟି ସ୍ଥାପିତ କ୍ଷମତା ଏବଂ

---

24 ସାମ୍ପ୍ରତିକ ଅନୁପାତ = ସାମ୍ପ୍ରତିକ ସମ୍ପତ୍ତି / ସାମ୍ପ୍ରତିକ ଦାୟିତ୍ୱ

25 ଇକ୍ୱିଟି ଅନୁପାତରେ ଋଣ = ମୋଟ ଋଣ /ମୋଟ ଅଂଶୀଦାର ଇକ୍ୱିଟି

26 ଇକ୍ୱିଟି ଉପରେ ଉପାର୍ଜନ = ନିଟ୍ ଆୟ/ଅଂଶୀଦାର ପାଣ୍ଠି

ରୋଏଡା 'ସି' ଖଣି ଏବଂ ଟିସିଏମ୍‌ର କାର୍ଯ୍ୟରେ ସୀମିତ ଥିଲା। ସମୀକ୍ଷା ସେମାନଙ୍କୁ ବିଶ୍ଳେଷଣ କରି ନିମ୍ନମତେ ଦର୍ଶାଇଲା:

**ଇଫ୍‌କାଲ୍‌ରେ ଥିବା ଚୁଲାଗୁଡ଼ିକର କମ ଉପଯୋଗ ହେତୁ ଏଚ୍‌ସିଏଫ୍‌ସିର ଉତ୍ପାଦନରେ ହ୍ରାସ**

**2.6.7.1** ଗତ ପାଞ୍ଚ ବର୍ଷ ପାଇଁ ଇଫ୍‌କାଲ୍‌ରେ ଦୁଇଟି ଚୁଲାର ଉତ୍ପାଦନ ପ୍ରଦର୍ଶନ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ନିମ୍ନମତେ ଥିଲା:

**ସାରଣୀ 2.2: ଇଫ୍‌କାଲର ଉତ୍ପାଦନ ପ୍ରଦର୍ଶନ**

| ବର୍ଷ | ସଂସ୍ଥାପିତ କ୍ଷମତା (ଏମ୍‌ଟିରେ) | | | ପ୍ରକୃତ ଉତ୍ପାଦନ (ଏମ୍‌ଟିରେ) | | | ଆଇ.ସି. ଅନୁଯାୟୀ ଉତ୍ପାଦନରେ କ୍ଷତି (ଏମ୍‌ଟିରେ) | | |
|---|---|---|---|---|---|---|---|---|---|
| | ଚୁଲା-I | ଚୁଲା-II | ମୋଟ | ଚୁଲା-I | ଚୁଲା-II | ମୋଟ | ଚୁଲା-I | ଚୁଲା-II | ମୋଟ |
| 2017-18 | 13,000 | 6,000 | 19,000 | 11,836 | 4,182 | 16,018 | 1,164 | 1,818 | 2,982 |
| 2018-19 | 13,000 | 6,000 | 19,000 | 9,560 | 2,551 | 12,111 | 3,440 | 3,449 | 6,889 |
| 2019-20 | 13,000 | 6,000 | 19,000 | 5,925 | 2,078 | 8,003 | 7,075 | 3,922 | 10,997 |
| 2020-21 | 13,000 | 6,000 | 19,000 | 4,003 | 305 | 4,308 | 8,997 | 5,695 | 14,692 |
| 2021-22 | 13,000 | 6,000 | 19,000 | 7,852 | 2,643 | 10,495 | 5,148 | 3,357 | 8,505 |
| **ସର୍ବ ମୋଟ** | **65,000** | **30,000** | **95,000** | **39,176** | **11,759** | **50,935** | **25,824** | **18,241** | **44,065** |

*(ଉତ୍ସ: ଇଫ୍‌କାଲ୍ ଦ୍ୱାରା ପ୍ରଦତ୍ତ ସୂଚନା)*

ସାରଣୀରୁ ଏହା ଦେଖାଯାଏ ଯେ, 95,000 ଏମ୍‌ଟିର ସ୍ଥାପିତ କ୍ଷମତା ତୁଳନାରେ, ଏହି ସମୟ ମଧ୍ୟରେ ଏଚ୍‌ସିଏଫ୍‌ସିର ପ୍ରକୃତ ଉତ୍ପାଦନ ଥିଲା 50,935 ଏମ୍‌ଟି (53.62 ପ୍ରତିଶତ)। ସମୀକ୍ଷାରେ ଦେଖାଗଲା ଯେ, ଏଚ୍‌ସିଏଫ୍‌ସିର କମ ଉତ୍ପାଦନର କାରଣ ପାଞ୍ଚ ବର୍ଷ ମଧ୍ୟରେ 19 ମାସ ପାଇଁ ଚୁଲା-I ଏବଂ 33 ମାସ ପାଇଁ ଚୁଲା-II ବନ୍ଦ ରହିଥିଲା। ତେଣୁ, ସମୀକ୍ଷା ଉପର୍ଯ୍ୟୁକ୍ତ ସମୟ ମଧ୍ୟରେ ଚୁଲା ଦ୍ୱାରା ଉପଲବ୍ଧ କାର୍ଯ୍ୟ ସମୟର ଉପଯୋଗକୁ ନିମ୍ନମତେ ବିଶ୍ଳେଷଣ କଲା:

**ସାରଣୀ 2.3: ଇଫ୍‌କାଲ୍‌ରେ ଚୁଲାର ଉପଯୋଗ**

| ବର୍ଷ | ଉପଲବ୍ଧ କାର୍ଯ୍ୟ ସମୟ (ଘଣ୍ଟାରେ) | | | ପ୍ରକୃତ କାର୍ଯ୍ୟ ସମୟ (ଘଣ୍ଟାରେ) | | | କାର୍ଯ୍ୟ ସମୟ ହରାଇବା (ଘଣ୍ଟାରେ) | | | ଉପଲବ୍ଧ ସମୟର ଶତକଡା ଉପଯୋଗ | | |
|---|---|---|---|---|---|---|---|---|---|---|---|---|
| | ଚୁଲା-I | ଚୁଲା-II | ମୋଟ | ଚୁଲା-I | ଚୁଲା-II | ମୋଟ | ଚୁଲା-I | ଚୁଲା-II | ମୋଟ | ଚୁଲା-I | ଚୁଲା-II | ମୋଟ |
| 2017-18 | 8,472 | 8,472 | 16,944 | 8,181 | 6,112 | 14,293 | 291 | 2,360 | 2,651 | 96.57 | 72.14 | 84.35 |
| 2018-19 | 8,472 | 8,472 | 16,944 | 6,126 | 3,551 | 9,677 | 2,346 | 4,921 | 7,267 | 72.31 | 41.91 | 57.11 |
| 2019-20 | 8,472 | 8,472 | 16,944 | 4,033 | 3,023 | 7,056 | 4,439 | 5,449 | 9,888 | 47.60 | 35.68 | 41.64 |
| 2020-21 | 8,472 | 8,472 | 16,944 | 2,871 | 530 | 3,401 | 5,601 | 7,942 | 13,543 | 33.89 | 6.26 | 20.07 |
| 2021-22 | 8,472 | 8,472 | 16,944 | 5,990 | 3,959 | 9,949 | 2,482 | 4,513 | 6,995 | 70.70 | 46.73 | 58.72 |
| **ମୋଟ** | **42,360** | **42,360** | **84,720** | **27,201** | **17,175** | **44,376** | **15,159** | **25,185** | **40,344** | **64.21** | **40.55** | **52.38** |

*(ଉତ୍ସ: ଇଫ୍‌କାଲ୍ ଦ୍ୱାରା ପ୍ରଦତ୍ତ ସୂଚନା)*

ସାରଣୀରୁ ଏହା ସ୍ପଷ୍ଟ ହୋଇଛି ଯେ, 84,720 ଘଣ୍ଟା ଉପଲବ୍ଧ କାର୍ଯ୍ୟ ସମୟ ତୁଳନାରେ ଚୁଲାଗୁଡ଼ିକ 44,376 ଘଣ୍ଟା ପାଇଁ ବ୍ୟବହୃତ ହୋଇଥିଲା। ଏହି ସମୟ ମଧ୍ୟରେ ଉପଲବ୍ଧ ଘଣ୍ଟାର ଶତକଡା ବ୍ୟବହାର 6.26 (ଚୁଲା-II)ରୁ 96.57 (ଚୁଲା-I) ମଧ୍ୟରେ ଥିଲା, ଯାହାର ସାମଗ୍ରିକ ବ୍ୟବହାର 52.38 ପ୍ରତିଶତ ଥିଲା। କାର୍ଯ୍ୟ ସମୟର ବ୍ୟବହାର ନକରିବାର ମୁଖ୍ୟ କାରଣ 8,427 ଘଣ୍ଟାର ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ତ୍ରୁଟି, 5,117 ଘଣ୍ଟାର ଟ୍ରାନ୍ସଫର୍ମର ସଂଯୋଗ ପରିବର୍ତ୍ତନ ଏବଂ ଟ୍ରାନ୍ସଫର ସମସ୍ୟା, 1,777 ଘଣ୍ଟାର ରକ୍ଷଣାବେକ୍ଷଣ ବନ୍ଦ, 750 ଘଣ୍ଟାର ଜଳ କ୍ଷରଣ ଇତ୍ୟାଦି ପାଇଁ ଥିଲା ବୋଲି ପରିଚାଳନା କର୍ତ୍ତୃପକ୍ଷ କହିଥିଲେ।

ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲେ ଏବଂ କହିଲେ (ମାର୍ଚ୍ଚ 2023) ଯେ, ଏଚ୍‌ସିଏଫ୍‌ସିର ଅସ୍ଥିର ବଜାର ଏବଂ ନିଜସ୍ୱ ଖଣିର ଉପଲବ୍ଧତା ନଥିବାରୁ ବଜାର ସ୍ଥିତି ଅନୁସାରେ ଚୁଲାଗୁଡିକରେ କାର୍ଯ୍ୟ ଯୋଜନା କରାଯାଇଥିଲା।

ଅବଶ୍ୟ, ପ୍ରକୃତ କଥା ହେଲା ଯେ ଇଫ୍‌କାଲର କାରଖାନା ସ୍ତରୀୟ ସମିତିର ପରାମର୍ଶ (ସେପ୍ଟେମ୍ବର 2018) ଅନୁଯାୟୀ ବ୍ରିକେଟ୍ କାରଖାନାକୁ ଆଧୁନିକୀକରଣ କରି ପରିବର୍ତ୍ତନଶୀଳ ମୂଲ୍ୟ ହ୍ରାସ କରିବାରେ ତଥା ଉନ୍ନତ ଉତ୍ପାଦନ ଏବଂ ଉତ୍ପାଦକତା ହାସଲ କରିବା ପାଇଁ ଟ୍ରାନ୍ସଫର୍ମର ବଦଳାଇବା ସହ ଏଚ୍‌ସିଏଫ୍‌ସି ମୂଲ୍ୟ ହ୍ରାସ କରିବାରେ କମ୍ପାନୀ ବିଫଳ ହୋଇଥିଲା।

ସମୀକ୍ଷାରେ ଉପଲବ୍ଧ କାର୍ଯ୍ୟ ସମୟର କମ୍ ଉପଯୋଗ ହେବାର କାରଣ ବିଶ୍ଳେଷଣ କରାଗଲା ଏବଂ ନିମ୍ନଲିଖିତଗୁଡିକ ଦେଖାଗଲା:

### ଚୁଲା-IIର 6.5 ଏମ୍‌ଭିଏ ଟ୍ରାନ୍ସଫର୍ମର ମରାମତି କରିବାରେ ବିଳମ୍ବ

**2.6.7.2** ଓଭର କରେଣ୍ଟ ହେତୁ ଚୁଲା-IIର 6.5 ଏମ୍‌ଭିଏ ଟ୍ରାନ୍ସଫର୍ମର 25 ଜାନୁଆରୀ 2018ରେ ବନ୍ଦ ହୋଇଯାଇଥିଲା। ଅନୁସନ୍ଧାନ ସମୟରେ ଏହା ଅନୁଭବ ହେଲା ଯେ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ମତାମତି ଆବଶ୍ୟକ। ଇଫ୍‌କାଲ୍ ଟ୍ରାନ୍ସଫର୍ମର ମରାମତି ଏବଂ ଡିଜାଇନ୍ ରୂପାନ୍ତର କାର୍ଯ୍ୟ ପାଇଁ ଠିକାଦାରକୁ କାର୍ଯ୍ୟ ଆଦେଶ ଦେଇଥିଲା (23 ମାର୍ଚ୍ଚ 2018) ଓ କାର୍ଯ୍ୟକୁ କାର୍ଯ୍ୟ ଆଦେଶଠାରୁ 45 ଦିନ ମଧ୍ୟରେ ସମାପ୍ତ କରିବାକୁ 82.32 ଲକ୍ଷ ଟଙ୍କା ମୂଲ୍ୟରେ ସ୍ଥିର କରାଯାଇଥିଲା। ଠିକାଦାର 05 ଅପ୍ରେଲ 2018ରେ ଟ୍ରାନ୍ସଫର୍ମର ଗ୍ରହଣ କରିଥିଲା ଯାହାକି 20 ମଇ 2018 ସୁଦ୍ଧା ମରାମତି ହେବାର ଥିଲା। ଠିକାଦାର 30 ଅପ୍ରେଲ 2018ରେ ଇଫ୍‌କାଲକୁ ସୂଚନା ଦେଇଥିଲା ଯେ ଭୋଲଟେଜ୍ ଟେବୁଲର ଡିଜାଇନ୍ ପରିବର୍ତ୍ତନ ସମ୍ଭବ ନୁହେଁ କିନ୍ତୁ ଠିକାଦାର ବାରମ୍ବାର ଅନୁରୋଧ ସତ୍ତ୍ୱେ ଇଫ୍‌କାଲ୍ ଏହି ମାମଲା ଚୂଡାନ୍ତ କରିନଥିଲା ଏବଂ ଠିକାଦାର 12 ଜୁନ 2018ରେ ପରିବର୍ତ୍ତିତ ଡିଜାଇନ୍ ସହିତ ଟ୍ରାନ୍ସଫର୍ମର ମରାମତି କରିବାରେ ଅସମର୍ଥ ହୋଇଥିଲେ ଏବଂ କେବଳ ବିଦ୍ୟମାନ ଡିଜାଇନ୍ ଅନୁଯାୟୀ ମରାମତି କାର୍ଯ୍ୟ କରିବାକୁ ସେ ପ୍ରବତ୍ତାଇଥିଲେ। ଯେହେତୁ ମରାମତି କାର୍ଯ୍ୟରେ ବିଳମ୍ବ ହୋଇସାରିଛି, ଇଫ୍‌କାଲ୍ ମୂଳ ଡିଜାଇନ୍ ଅନୁଯାୟୀ ଟ୍ରାନ୍ସଫର୍ମର ମରାମତି କରିବାକୁ ସେମାନଙ୍କ ପରାମର୍ଶରେ ସହମତ ହୋଇଥିଲା ଏବଂ ସଂଶୋଧିତ କାର୍ଯ୍ୟ ଆଦେଶ 14 ଜୁନ 2018ରେ ଜାରି କରିଥିଲା। ଶେଷରେ, ଠିକାଦାର 11 ଅକ୍ଟୋବର 2018ରେ ଟ୍ରାନ୍ସଫର୍ମର ପ୍ରଦାନ କଲା ଯାହାକି 29 ଅକ୍ଟୋବର 2018ରେ ଲୋଡ୍ ହେଲା। ଇତି ମଧ୍ୟରେ, ଇଫ୍‌କାଲ୍ ଏହାର ଚୁଲାର ରିଲାଇନିଂ କାର୍ଯ୍ୟ କରୁଥିଲା ଯାହା 20 ଜୁଲାଇ 2018ରେ ସମାପ୍ତ ହୋଇଥିଲା। ତଥାପି, ଟ୍ରାନ୍ସଫର୍ମର ମରାମତି କରିବାରେ ବିଳମ୍ବ ହେତୁ 28 ଅକ୍ଟୋବର 2018 ପର୍ଯ୍ୟନ୍ତ ଏହା ବ୍ୟବହାର କରାଯାଇପାରିଲା ନାହିଁ। ଏହାଦ୍ୱାରା ଇଫ୍‌କାଲ୍ ଦ୍ୱାରା ସ୍ଥିର କରାଯାଇଥିବା ନିୟମ ଅନୁଯାୟୀ 1.14 କୋଟି ଟଙ୍କାର ଅବଦାନ ହରାଇବା ସହିତ ଏଚ୍‌ସିଏଫ୍‌ସିର 1,632.288 ଏମ୍‌ଟି ଉତ୍ପାଦନ କ୍ଷତି ହୋଇଗଲା।

ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲେ (ମାର୍ଚ୍ଚ 2023) ଏବଂ କହିଲେ ଯେ, ମରାମତି ପରେ ଟ୍ରାନ୍ସଫର୍ମରର କାର୍ଯ୍ୟଦକ୍ଷତା ସନ୍ତୋଷଜନକ ଅଟେ। ବିଳମ୍ବ ପାଇଁ କ୍ଷତିପୂରଣ ଧାର୍ଯ୍ୟ କରାଯାଇଥିଲା ଏବଂ ଜମା ହୋଇଥିବା ଇଏମ୍‌ଡି ବାଜ୍ୟାପ୍ତି କରାଯାଇଥିଲା। ଫେରସ୍ତରେ ବିଳମ୍ବ ହେତୁ ଉତ୍ପାଦନ କ୍ଷତି ପାଇଁ ବଳକା ଦେୟ ରାଶି ଅଟକାଇ ଦିଆଯାଇଥିଲା।

ତଥାପି, ବାସ୍ତବତା ହେଲା ଯେ ଇଫ୍‌କାଲ୍ 1.14 କୋଟି ଟଙ୍କା କ୍ଷତି ତୁଳନାରେ ପାର୍ଟିଠାରୁ 6.62 ଲକ୍ଷ ଟଙ୍କା ଉଦ୍ଧାର କରିପାରିଥିଲା।

### ଖଣି କର୍ମଚାରୀଙ୍କ ଦ୍ୱାରା ଧର୍ମଘଟ ହେତୁ ଖଣିରୁ କନ୍‌ସେନ୍‌ଟ୍ରେଟ୍‌ର ଉପଲବ୍ଧତା ନଥିଲା

**2.6.7.3** ଟିସିଏମ୍‌ରୁ ନିମ୍ନ ମାନର କ୍ରୋମ ପଥର, କ୍ରୋମ ପଥର ବେନିଫିକେସନ୍ କାରଖାନା (ସିଓବିପି) ମାଧ୍ୟମରେ କନ୍‌ସେନ୍‌ଟ୍ରେଟ୍‌ରେ ରୂପାନ୍ତରିତ କରାଯାଉଥିଲା। ଉଚ୍ଚ ମାନର ଓଏମ୍‌ସି ପଥର[27] ସହିତ କନସେନ୍ଟ୍ରେଟଗୁଡିକ ବ୍ରିକେଟ୍[28] ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥିଲା ଯାହା ଏଚ୍‌ସିଏଫ୍‌ସି ଉତ୍ପାଦନ ପାଇଁ ଚୁଲାରେ ଉପଯୋଗ କରାଯାଉଥିଲା । ଖଣି ବନ୍ଦକୁ ପ୍ରତିରୋଧ କରୁଥିବା ଖଣି କର୍ମଚାରୀଙ୍କ ବାଧା ଯୋଗୁ ଅପ୍ରେଲ 2019ଠାରୁ ଟିସିଏମ୍‌ରୁ ଉପଲବ୍ଧ କନ୍‌ସେନ୍‌ଟ୍ରେଟ୍ କାରଖାନାକୁ ଅଣାଯାଇ ପାରିଲା ନାହିଁ। ଫଳସ୍ୱରୂପ, ଜୁନରୁ ନଭେମ୍ବର 2019 ମଧ୍ୟରେ ଇଫ୍‌କାଲ୍‌ର ଉଭୟ ଚୁଲାର କାର୍ଯ୍ୟ 8,520 ଘଣ୍ଟା ପାଇଁ ବନ୍ଦ ହୋଇଗଲା ଯାହାଫଳରେ 9,421.728 ଏମ୍‌ଟି ଏଚ୍‌ସିଏଫ୍‌ସି ଉତ୍ପାଦନ କ୍ଷତି ହୋଇଗଲା ଏବଂ ଫଳସ୍ୱରୂପ 4.83 କୋଟି ଟଙ୍କା ଅବଦାନ ହରାଇଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଏଚ୍‌ସିଏଫ୍‌ସିର ଇନପୁଟ୍ ଉପଲବ୍ଧତା ଏବଂ ବଜାର ସ୍ଥିତି ଉପରେ ନିର୍ଭର କରି ଉଭୟ ଚୁଲାର କାର୍ଯ୍ୟ ଯୋଜନା କରାଯାଉଥିଲା।

ଅଥଚ, ବାସ୍ତବତା ହେଲା ଯେ ବଜାର ଧାରା ଏବଂ କମ୍ପାନୀର ସ୍ଥିତିକୁ ବିଚାର କରି ଇଫ୍‌କାଲ୍ ବୋର୍ଡ ନିଷ୍ପତ୍ତି ନେଲେ (ମଇ 2019) ଯେ, କେବଳ ଚୁଲା-I ଓଏମ୍‌ସିରୁ ଖଣିଜ ପଥର କ୍ରୟ କରି ଏବଂ କନ୍‌ସେନ୍‌ଟ୍ରେଟ ଶେଷ ନହେବା ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖାଯାଇପାରିବ । ଟିସିଏମ୍‌ର କିନ୍ତୁ, ତଳଙ୍ଗୀ ଖଣିରୁ ଉପଲବ୍ଧ କନ୍‌ସେନ୍‌ଟ୍ରେଟ, ଅପ୍ରେଲ 2019ଠାରୁ ଖଣି କର୍ମଚାରୀଙ୍କ ପ୍ରତିବନ୍ଧକ ଯୋଗୁ କାରଖାନାକୁ ଅଣାଯାଇ ପାରିଲା ନାହିଁ। ତେଣୁ, ଶେଷରେ କମ୍ପାନୀ ଜୁନ୍‌ରୁ ନଭେମ୍ବର 2019 ପର୍ଯ୍ୟନ୍ତ କାରଖାନା ଚଳାଇବାରେ ସକ୍ଷମ ହୋଇପାରିଲା ନାହିଁ କାରଣ କନ୍‌ସେନ୍‌ଟ୍ରେଟ ଉପଲବ୍ଧ ନଥିଲା ଯାହା ପାଇଁ ଉତ୍ପାଦନରେ କ୍ଷତି ଘଟିଥିଲା।

### ଜୁଲାଇରୁ ସେପ୍ଟେମ୍ବର 2021 ଚୁଲା-IIର କାର୍ଯ୍ୟକ୍ଷମ ନହେବା କାରଣରୁ ଉତ୍ପାଦନରେ କ୍ଷତି

**2.6.7.4** ସରକାରଙ୍କ ଦ୍ୱାରା ଔଦ୍ୟୋଗିକ ଅମ୍ଳଜାନ ଯୋଗାଣରେ ପ୍ରତିବନ୍ଧକ ଏବଂ ପ୍ରତିକୂଳ ବଜାର ପରିସ୍ଥିତି କାରଣରୁ ଅପ୍ରେଲରୁ ଜୁନ 2021 ପର୍ଯ୍ୟନ୍ତ ଚୁଲାଗୁଡିକ ବନ୍ଦ ହୋଇଯାଇଥିଲା। କୋଭିଡ-19 ମହାମାରି ପରିସ୍ଥିତିକୁ ଦୃଷ୍ଟିରେ ରଖି ଇଫ୍‌କାଲ୍ ବୋର୍ଡ ଚୁଲାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଔଦ୍ୟୋଗିକ ଅମ୍ଳଜାନ ସହିତ ଆବଶ୍ୟକ କଞ୍ଚାମାଲ କ୍ରୟ ନିଶ୍ଚିତ କରିବାକୁ ଇଫ୍‌କାଲ୍‌ର ପରିଚାଳନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ (28 ଅପ୍ରେଲ 2021) । ଔଦ୍ୟୋଗିକ ଅମ୍ଳଜାନ ଏବଂ ଓଏମ୍‌ସି ଖଣିଜ ପଥର ଓ କୋକ ପରି ଇନପୁଟ୍ ଯୋଗାଣ ସୁନିଶ୍ଚିତ କରାଯିବା ପରେ, ଚୁଲା-Iର କାର୍ଯ୍ୟ 01 ଜୁଲାଇ 2021ରୁ ପୁନଃ ଆରମ୍ଭ ହେଲା। ବୋର୍ଡ ମଧ୍ୟ ଉଭୟ ଚୁଲା ଚଳାଇବା ଏବଂ ଏଚ୍‌ସିଏଫ୍‌ସିର ବର୍ତ୍ତମାନର ଭଲ ବଜାର ମୂଲ୍ୟର ଲାଭ ଉଠାଇବା ପାଇଁ ଆବଶ୍ୟକ ଯୋଜନା ଏବଂ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲା (25 ଅଗଷ୍ଟ 2021)। ଅବଶ୍ୟ, ରେକର୍ଡରେ କୌଣସି ଲିଖିତ କାରଣ ନଥାଇ ଅନୁକୂଳ ବଜାର ସ୍ଥିତିର ସୁଯୋଗ ନେବାକୁ ଇଫ୍‌କାଲ୍ ଏହି ସମୟ ମଧ୍ୟରେ ଚୁଲା-II ଚଳାଇଲା ନାହିଁ। ଏହାଦ୍ୱାରା ଜୁଲାଇରୁ ସେପ୍ଟେମ୍ବର 2021 ମଧ୍ୟରେ 3.68 କୋଟି ଟଙ୍କା ଅବଦାନ ମାର୍ଜିନ ସହ ଏଚ୍‌ସିଏଫ୍‌ସିର 1,482.384 ଏମ୍‌ଟି ଉତ୍ପାଦନ ନଷ୍ଟ ହୋଇଯାଇଥିଲା।

ସରକାର କହିଲେ ଯେ, କୋଭିଡ-19 କାରଣରୁ ଔଦ୍ୟୋଗିକ ଅମ୍ଳଜାନ ଉପଲବ୍ଧ ନହେବା ହେତୁ ଅପ୍ରେଲ 2021ରୁ ଉଭୟ ଚୁଲା ବନ୍ଦ ହୋଇଯାଇଥିଲା। ଅମ୍ଳଜାନର ଉପଲବ୍ଧତା ପରେ, ପ୍ରଥମେ ଚୁଲା-Iର କାର୍ଯ୍ୟ ପାଇଁ ଯୋଜନା କରାଯାଇଥିଲା। ଚୁଲା-I ପାଇଁ ସମସ୍ତ ଇନପୁଟ୍‌ର ବ୍ୟବସ୍ଥା ଏବଂ ଉତ୍ପାଦନର ସ୍ଥିରତା ନିଶ୍ଚିତ କରିବା ପରେ, ଆବଶ୍ୟକ ଇନପୁଟ୍ ଏବଂ ବ୍ରିକେଟ୍ କ୍ରୟ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅକ୍ଟୋବର 2021ରେ ଚୁଲା-II କାର୍ଯ୍ୟକ୍ଷମ ହେଲା।

---

[27] ଓଏମ୍‌ସିରୁ କ୍ରୋମାଇଟ୍ ପଥର କ୍ରୟ କରାଯାଇଥିଲା

[28] କ୍ରୋମ ପଥରର ଛୋଟ ସଙ୍କୁଚିତ ଖଣ୍ଡ

ଅଥଚ, ବାସ୍ତବତା ହେଲା ଯେ, ଜୁଲାଇ 2021ରୁ ଔଦ୍ୟୋଗିକ ଅମ୍ଳଜାନ ଯୋଗାଣ ଆରମ୍ଭ ହେବା ପରେ ମଧ ଏଚ୍‌ସିଏଫ୍‌ସିର ଭଲ ବଜାର ମୂଲ୍ୟର ଲାଭ ଉଠାଇବା ନିମିତ୍ତ ଇଫ୍‌କାଲ୍ ଚୁଲା-II ଚଳାଇବା ପାଇଁ ସେମାନଙ୍କ ବୋର୍ଡର ପରାମର୍ଶ ପାଳନ କରିନଥିଲା।

### ଚୁଲାଗୁଡିକର ନିମ୍ନ ଉତ୍ପାଦନ

**2.6.7.5** ଚୁଲା-I ଏବଂ ଚୁଲା-II ପାଇଁ ଏଚ୍‌ସିଏଫ୍‌ସି ଉତ୍ପାଦନର ମାନକ ହାର ଘଣ୍ଟାପ୍ରତି ଯଥାକ୍ରମେ 1.520 ଏମ୍‌ଟି ଏବଂ 0.694 ଏମ୍‌ଟି ଥିଲା। 2017-18ରୁ 2021-22 ମଧ୍ୟରେ ଉଭୟ ଚୁଲାର ଉତ୍ପାଦନର ମାନକ ଏବଂ ପ୍ରକୃତ ହାର ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 2.4: ଇଫ୍‌କାଲ୍‌ରେ ଚୁଲାର ଉତ୍ପାଦକତା**

| ବର୍ଷ | ଚୁଲା-I | | | | | ଚୁଲା -II | | | | |
|---|---|---|---|---|---|---|---|---|---|---|
| | ପ୍ରକୃତ କାର୍ଯ୍ୟ ସମୟ (ଘଣ୍ଟାରେ) | ଘଣ୍ଟା ପ୍ରତି ଉତ୍ପାଦନର ମାନକ ହାର | ଆଶା କରାଯାଉଥିବା ଉତ୍ପାଦନ (ଏମ୍‌ଟିରେ) | ପ୍ରକୃତ ଉତ୍ପାଦନ (ଏମ୍‌ଟିରେ) | ପାର୍ଥକ୍ୟ (ଏମ୍‌ଟିରେ) | ପ୍ରକୃତ କାର୍ଯ୍ୟ ସମୟ (ଘଣ୍ଟାରେ) | ଘଣ୍ଟା ପ୍ରତି ଉତ୍ପାଦନର ମାନକ ହାର | ଆଶା କରାଯାଉଥିବା ଉତ୍ପାଦନ (ଏମ୍‌ଟିରେ) | ପ୍ରକୃତ ଉତ୍ପାଦନ (ଏମ୍‌ଟିରେ) | ପାର୍ଥକ୍ୟ (ଏମ୍‌ଟିରେ) |
| 2017-18 | 8,181 | 1.520 | 12,435 | 11,836 | 599 | 6,112 | 0.694 | 4,242 | 4,182 | 60 |
| 2018-19 | 6,126 | 1.520 | 9,312 | 9,560 | -248 | 3,551 | 0.694 | 2,464 | 2,551 | -87 |
| 2019-20 | 4,033 | 1.520 | 6,130 | 5,925 | 205 | 3,023 | 0.694 | 2,098 | 2,078 | 20 |
| 2020-21 | 2,871 | 1.520 | 4,364 | 4,003 | 361 | 530 | 0.694 | 368 | 305 | 63 |
| 2021-22 | 5,990 | 1.520 | 9,105 | 7,852 | 1,253 | 3,959 | 0.694 | 2,748 | 2,643 | 105 |
| **ସର୍ବ ମୋଟ** | **27,201** | | **41,346** | **39,176** | **2,170** | **17,175** | | **11,920** | **11,759** | **161** |

*(ଉତ୍ସ: ଇଫ୍‌କାଲ୍‌ର ମୂଲ୍ୟ ସିଟ୍)*

ଘଣ୍ଟାପ୍ରତି ଉତ୍ପାଦନର ମାନକ ହାରକୁ ବିଚାରକୁ ନେଇ, ପ୍ରକୃତ କାର୍ଯ୍ୟ ସମୟ ଆଧାରରେ ଆଶା କରାଯାଉଥିବା ଉତ୍ପାଦନ, ଉଭୟ ଚୁଲା ପାଇଁ 2017-18ରୁ 2021-22 ମଧ୍ୟରେ 53,266 (41,346 + 11,920) ଏମ୍‌ଟି ହେବାର ଥିଲା। ଚୁଲାର କମ୍ ଉତ୍ପାଦକତା ହେତୁ, 50,935 (39,176 + 11,759) ଏମ୍‌ଟି ଏଚ୍‌ସିଏଫ୍‌ସି ଉତ୍ପାଦିତ ହେଲା ଫଳସ୍ୱରୂପ 2,331 (2,170 + 161) ଏମ୍‌ଟି ଉତ୍ପାଦନ କ୍ଷତି ହେଲା। ସମୀକ୍ଷାରେ ଦେଖାଗଲା ଯେ, ନିମ୍ନ ଉତ୍ପାଦକତା ମୁଖ୍ୟତଃ ନିମ୍ନ ମାନର ବ୍ରିକେଟ୍ ବ୍ୟବହାର ଏବଂ ପୁରୁଣା ଟ୍ରାନ୍ସଫର୍ମର ସହିତ ଚୁଲାର ଅଳ୍ପ ବ୍ୟବହାର ପାଇଁ ଦାୟୀ ଥିଲା ଯାହା ନିମ୍ନରେ ଦିଆଗଲା:

### ନିମ୍ନ ମାନର ବ୍ରିକେଟ୍ ବ୍ୟବହାର ହେତୁ ଉତ୍ପାଦକତା କ୍ଷତି

**2.6.7.6** ଇଫ୍‌କାଲ୍‌ର କାରଖାନା ସ୍ତରୀୟ ସମିତି ଦେଖିଲେ (ସେପ୍ଟେମ୍ବର 2018) ଯେ, ଟିସିଏମ୍‌ରୁ ଉପଲବ୍ଧ ଖଣିଜ ପଥର, କନ୍‌ସେନ୍‌ଟ୍ରେଟ୍ ଏବଂ ଓଏମ୍‌ସିରୁ କଣାଯାଇଥିବା ଖଣିଜ ଉତ୍ପାଦନ ପାଇଁ ଉପଯୁକ୍ତ ଥିଲା କିନ୍ତୁ ଖଣିଜଗୁଡିକର ଆକାର ଉତ୍ପାଦନ ପାଇଁ ଉପଯୁକ୍ତ ନଥିଲା କାରଣ ଖଣିଜଗୁଡିକ ପ୍ରାୟତଃ ଗୁଣ୍ଡ ଥିଲା। ତେଣୁ, ଉତ୍କୃଷ୍ଟ ଉତ୍ପାଦନ କ୍ଷମତା ହାସଲ କରିବା ପାଇଁ ଚୁଲାରେ ଚାର୍ଜ କରିବା ପାଇଁ ଗୁଣ୍ଡକୁ ଯଥା ସମ୍ଭବ ବ୍ରିକେଟ୍ କରାଯିବା ଆବଶ୍ୟକ। କମିଟିର ସୁପାରିଶକୁ ଭିତ୍ତି କରି ମୂଲ୍ୟ ହ୍ରାସ ସହିତ ବର୍ଦ୍ଧିତ ଉତ୍ପାଦନର ଦୀର୍ଘକାଳୀନ ଲାଭ ପାଇବା ପାଇଁ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ବ୍ରିକେଟ୍ କାରଖାନାର ଯାନ୍ତ୍ରିକୀକରଣ ଏବଂ ନୂତନ ଟ୍ରାନ୍ସଫର୍ମର କ୍ରୟ ପାଇଁ ଅନୁମୋଦନ କରିଥିଲା (ସେପ୍ଟେମ୍ବର 2018) ।

ଇଫ୍‌କାଲ୍ ବିଦ୍ୟମାନ ବ୍ରିକେଟ୍ କାରଖାନର ଯାନ୍ତ୍ରିକୀକରଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା (ଅପ୍ରେଲ 2019) ଯାହା ପରବର୍ତ୍ତୀ ସମୟରେ କୌଣସି କାରଣ ନଦର୍ଶାଇ ବୋର୍ଡ ଦ୍ୱାରା ଖାରଜ କରାଯାଇଥିଲା (ଜୁନ 2020)। ତେଣୁ, ଇଫ୍‌କାଲ୍ ବ୍ରିକେଟ୍ କାରଖାନା କମ୍ ଦକ୍ଷତା ସହିତ ମାନୁଆଲ ଅପରେସନ୍ ସହିତ ଜାରି ରହିଲା। ନିମ୍ନ ମାନର ବ୍ରିକେଟ୍ ବ୍ୟବହାର ହେତୁ, ଏଚ୍‌ସିଏଫ୍‌ସି ଉତ୍ପାଦନ ପ୍ରତିକୂଳ ଭାବରେ ପ୍ରଭାବିତ ହେଲା।

ସମୀକ୍ଷାରେ ଦେଖାଗଲା ଯେ, 2017-18ରୁ 2021-22 ମଧ୍ୟରେ, 1,09,252.989 ଏମ୍‌ଟି ପରିମାଣର $Cr_2O_3$ (କ୍ରୋମ) ଏବଂ ବ୍ରିକେଟ୍‌ଗୁଡିକ ଚୁଲାରେ 48,980.289 ଏମ୍‌ଟି କ୍ରୋମ ଥିବା ଇନପୁଟ୍ ଭାବରେ ଚାର୍ଜ କରାଯାଇଥିଲା । କ୍ରୋମ୍‌ର ଇନପୁଟ୍ 33,512.818 ଏମ୍‌ଟି କ୍ରୋମିୟମ ($Cr_2$) ଧାରଣ କରିଥିଲା । ଏହି ପ୍ରକ୍ରିୟା ସମୟରେ, 50,935 ଏମ୍‌ଟି ଏଚ୍‌ସିଏଫ୍‌ସି 30,830.990 ଏମ୍‌ଟି $Cr_2$ ସହିତ ଉତ୍ପାଦିତ ହୋଇଥିଲା । ତେଣୁ, ହ୍ରାସ ପ୍ରକ୍ରିୟାରେ 2,681.839 ଏମ୍‌ଟି $Cr_2$ ସ୍ୱଳ୍ପ ପୁନରୁଦ୍ଧାର ହୋଇଥିଲା ଯାହାର ବିକ୍ରୟ ମୂଲ୍ୟ 21.64 କୋଟି ଟଙ୍କା ଥିଲା । ଏହାବ୍ୟତୀତ ଇଫ୍‌କାଲ୍‌ର କାରଖାନା ସମିତି ମଧ୍ୟ 100 ପ୍ରତିଶତ ଓଏମ୍‌ସି ଖଣିଜ ସହିତ ବ୍ରିକେଟ୍ କାରଖାନାର ଯାନ୍ତ୍ରିକୀକରଣ କରାଗଲେ ବାର୍ଷିକ 1.09 କୋଟି ଟଙ୍କା ସଞ୍ଚୟ ଅନୁମାନ କରିଥିଲେ (ଜୁଲାଇ 2018) । ଅଥଚ, ମାନୁଆଲ ପଦ୍ଧତି ଦ୍ୱାରା ବ୍ରିକେଟ୍ କାରଖାନାର କାର୍ଯ୍ୟକାରିତା ଜାରି ରହିଥିବାରୁ ସମିତି ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବାର୍ଷିକ ସଞ୍ଚୟରେ ଲାଭ ପରିବର୍ତ୍ତେ ଧାତୁରେ କ୍ରୋମିୟମ ହ୍ରାସ ଯୋଗୁ କମ୍ପାନୀ ରାଜସ୍ୱ କ୍ଷତି ସହୁଥିଲା ।

ସରକାର କହିଲେ (ମାର୍ଚ୍ଚ 2023) ଯେ, ମାନୁଆଲ ବ୍ରିକେଟ୍ ଯନ୍ତ୍ର ମାଧ୍ୟମରେ ପ୍ରକ୍ରିୟାକୃତ କ୍ରୋମପଥର ବ୍ରିକେଟ ଏଚ୍‌ସିଏଫ୍‌ସି ଉତ୍ପାଦନ ପାଇଁ ଇଫ୍‌କାଲ ବ୍ୟବହାର କରୁଥିଲା । କ୍ରୋମାଇଟ୍ ଖଣିର ଅନୁପସ୍ଥିତିରେ, ଚୁଲା ଅପରେସନ୍‌ରେ ଅନିଶ୍ଚିତତା ରହିଥିଲା ଯାହା ପାଇଁ ବ୍ରିକେଟ୍ କାରଖାନାର ଯାନ୍ତ୍ରିକୀକରଣ ନିଷ୍ପତ୍ତି ବାତିଲ କରାଯାଇଥିଲା ।

ପ୍ରତ୍ୟୁତ୍ତରଟି ପରବର୍ତ୍ତୀ ସମୟରେ ଏକ ଭାବନା ଭଳି ପ୍ରତୀୟମାନ ହେଉଥିଲା କାରଣ ଏହି ପ୍ରତ୍ୟୁତ୍ତର ଯଥା: କ୍ରୋମାଇଟ ଖଣିଗୁଡିକର ଉପଲବ୍ଧତାର ଅନିଶ୍ଚିତତା, କାରଖାନା ଯାନ୍ତ୍ରିକୀକରଣ ବାତିଲ ନଥିରେ ମିଳିଲା ନାହିଁ । ତଥାପି, କ୍ରୋମାଇଟ ଖଣିର ଅନୁପସ୍ଥିତିରେ ମଧ୍ୟ ଇଫ୍‌କାଲ୍ କମ ଦକ୍ଷତା ସହିତ ମାନୁଆଲ ବ୍ରିକେଟ୍ ଯନ୍ତ୍ର ସହିତ ଓଏମ୍‌ସି ଖଣିଜ ପଥର ସହିତ ଚୁଲାର କାର୍ଯ୍ୟ ଜାରି ରଖିଥିଲା ଏବଂ ସମିତି ଦ୍ୱାରା ଧାର୍ଯ୍ୟ କରାଯାଇଥିବା 100 ପ୍ରତିଶତ ଓଏମ୍‌ସି ଖଣିଜ ପଥର ବ୍ୟବହାର କରି ବାର୍ଷିକ 1.09 କୋଟି ଟଙ୍କା ସଞ୍ଚୟ କରିବାରେ ବିଫଳ ହୋଇଥିଲା ।

### କମ୍ କ୍ଷମତାରେ ଚାଲୁଥିବା ଅପାରଗ ଟ୍ରାନ୍ସଫର୍ମର କାରଣରୁ ଚୁଲାର ସ୍ୱଳ୍ପ ଉପଯୋଗ

**2.6.7.7** ଚୁଲା-1 (9 ଏମ୍‌ଭିଏ) ଏବଂ ଚୁଲାର-II (6.5 ଏମ୍‌ଭିଏ) ପାଇଁ ଉଭୟ ଟ୍ରାନ୍ସଫର୍ମର 55 ବର୍ଷରୁ ଅଧିକ ସମୟ ପାଇଁ ସେବାରେ ଥିଲା ଯାହାଦ୍ୱାରା ଏଗୁଡିକ ଅସୁବିଧା ସହିତ ଚାଲୁଥିଲା ଯାହା ଚୁଲାର କମ୍ ଉତ୍ପାଦନ ଏବଂ ଉତ୍ପାଦକତା ସୃଷ୍ଟି କରିଥିଲା । ତେଣୁ, ଆନୁମାନିକ ମୂଲ୍ୟ 1.50 କୋଟି ଟଙ୍କା ସହିତ ନୂତନ 9 ଏମ୍‌ଭିଏ ଟ୍ରାନ୍ସଫର୍ମର କ୍ରୟ ପାଇଁ ବୋର୍ଡ ରାଜି ହେଲା (24 ସେପ୍ଟେମ୍ବର 2018) ଏବଂ 6.5 ଏମ୍‌ଭିଏ ଟ୍ରାନ୍ସଫର୍ମର କ୍ରୟକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଗଲା ଯେହେତୁ ଏହାର ମରାମତି ପରେ 29 ଅକ୍ଟୋବର 2018ରେ ଲୋଡ୍ କରାଯାଇଥିଲା । କମ୍ପାନୀ ଏହି ପ୍ରସ୍ତାବ ଆରମ୍ଭ କରିଥିଲା ଏବଂ 9 ଏମ୍‌ଭିଏ ଟ୍ରାନ୍ସଫର୍ମରର ମୂଳ ଉତ୍ପାଦକ ମେସର୍ସ ଏବିବିରୁ 10.39 କୋଟି ଟଙ୍କାରେ ଅଫର ମୂଲ୍ୟ ଗ୍ରହଣ କରିଥିଲା (19 ଅକ୍ଟୋବର 2019) । ଅବଶ୍ୟ, ଇଫ୍‌କାଲ୍ କମ୍ପାନୀର ସାମ୍ପ୍ରତିକ ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ପ୍ରସ୍ତାବକୁ ଛାଡିବାକୁ ନିଷ୍ପତ୍ତି ନେଇଥିଲା (ଡିସେମ୍ବର 2020) । ସମୀକ୍ଷାରେ ଦେଖାଗଲା ଯେ, କାରଖାନାର କାର୍ଯ୍ୟ ଏପରି ଏକ ସ୍ଥିତିରେ ପହଞ୍ଚିଛି ଯେଉଁଠାରେ ଅପାରଗତା ଉଭୟ ଖରାପ କାର୍ଯ୍ୟର କାରଣ ଏବଂ ପ୍ରଭାବ ହୋଇଯାଇ ଥିଲା ।

ସରକାର କହିଥିଲେ (ମାର୍ଚ୍ଚ 2023) ଯେ, ନିଜସ୍ୱ ଖଣିରୁ କ୍ରୋମ୍ ପଥରର ମୂଳ ଉତ୍ସ ଅନିଶ୍ଚିତ ହୋଇପଡିଥିବାରୁ ନୂତନ ଟ୍ରାନ୍ସଫର୍ମର କ୍ରୟ ପାଇଁ ନିଷ୍ପତ୍ତିକୁ ରୋକାଯାଇଥିଲା । ତଥାପି ନଥିଗୁଡିକରୁ ଦେଖାଗଲା ଯେ, ଏହି ନିଷ୍ପତ୍ତିର କାରଣ ହେଉଛି ଖରାପ ଆର୍ଥିକ ସ୍ଥିତି, ଯାହା ନିଜେ ଖରାପ ଆର୍ଥିକ ଏବଂ କାର୍ଯ୍ୟକ୍ଷମ ପ୍ରଦର୍ଶନକୁ ସୂଚାଉଛି ।

## ବିଫଳତାର କାରଣଗୁଡିକର ବିଶ୍ଳେଷଣ

ଗତ ପାଞ୍ଚ ବର୍ଷ ମଧ୍ୟରେ ଉଭୟ ଆର୍ଥିକ ଏବଂ ଭୌତିକ ପ୍ରଦର୍ଶନରେ ବିଫଳତାର ଉପର୍ଯ୍ୟୁକ୍ତ ବିଶ୍ଳେଷଣ ବ୍ୟତୀତ, ସମୀକ୍ଷା ରଣନୀତିକ, କାର୍ଯ୍ୟକ୍ଷମ ଏବଂ କାରବାରଗତ ଅଭାବ ଦୃଷ୍ଟିକୋଣରୁ ଏହି ତିନୋଟି କମ୍ପାନୀର କାର୍ଯ୍ୟକ୍ଷମତା ଉପରେ ପ୍ରତିକୂଳ ପ୍ରଭାବ ପକାଇବାର କାରଣ ମଧ୍ୟ ସମୀକ୍ଷା କରାଯାଇଥିଲା।

## 2.6.8 ରଣନୀତିକ ତ୍ରୁଟି

### କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲର ଅଣ-ଅନୁପାଳନ

**2.6.8.1** ଜିଓଓର କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲ (ନଭେମ୍ବର 2009) ବୋର୍ଡର ଭୂମିକା ଏବଂ ଦାୟିତ୍ୱକୁ ବ୍ୟାଖ୍ୟା କରିବା, ରିପୋର୍ଟରେ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବା ଏବଂ ବୈଧାନିକ ଏବଂ ନିୟାମକ ଆବଶ୍ୟକତାଗୁଡିକର ଅନୁପାଳନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ସହିତ ପିଏସ୍ୟୁଗୁଡିକର ଗଠନ ଏବଂ ପ୍ରଣାଳୀକୁ ମଜବୁତ କରିବା ପାଇଁ ଏକ ନିର୍ଦ୍ଦେଶାବଳୀ। ବାର୍ଷିକ ଅପରେଟିଂ ଏବଂ ଆର୍ଥିକ ଯୋଜନା ସହିତ ମାନୁଆଲ ତିନି ବର୍ଷର ନିଗମ ଯୋଜନା ପ୍ରସ୍ତୁତ ଆବଶ୍ୟକ କରେ ଯାହା ଏକ ପିଏସ୍ୟୁ କିପରି ଏହାର ଦୀର୍ଘକାଳୀନ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟଗୁଡିକ ପୂରଣ କରିପାରିବ ତାହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରେ। ଏହା ବାଣିଜ୍ୟିକ ଏବଂ ବିକାଶମୂଳକ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟଗୁଡିକ ଉପରେ ମଧ୍ୟ ଆଦେଶର ଆବଶ୍ୟକତାକୁ ଅନ୍ତର୍ଭୁକ୍ତ କରି ଏକ ବଜେଟ୍ ପ୍ରସ୍ତୁତ କରି ହାସଲ ହେବ।

ସମୀକ୍ଷା 2017-18ରୁ 2021-22 ମଧ୍ୟରେ କମ୍ପାନୀଗୁଡିକ ଉପରେ ଉନ୍ନତ ଯୋଜନା ଏବଂ ପର୍ଯ୍ୟାଲୋଚନା ପାଇଁ ମାନୁଆଲ ଅନୁକରଣଗୁଡିକ ଯାଞ୍ଚ କରିଛି ଏବଂ ନିମ୍ନଲିଖିତ ଭାବରେ ପାଳନ କରାଯାଇଛି:

### ନିଗମ ଯୋଜନାଗୁଡିକର ପ୍ରସ୍ତୁତ ନକରିବା

- କମ୍ପାନୀଗୁଡିକର ଅଭିବୃଦ୍ଧି ପାଇଁ ଲମ୍ବା ରଣନୀତିକ ଚିତ୍ରଣ କରୁଥିବା କୌଣସି ନିଗମ ଯୋଜନା ନଥିଲା। ଇଫ୍‌କାଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍ ଯଥାକ୍ରମେ ଏଚ୍‌ସିଏଫ୍‌ସି ଏବଂ ଖଣିର ପ୍ରସ୍ତାବିତ ଉତ୍ପାଦନ ଏବଂ ବିକ୍ରୟ ସହିତ ବାର୍ଷିକ ରାଜସ୍ୱ ବଜେଟ ପ୍ରସ୍ତୁତ କରି ସେମାନଙ୍କର କାର୍ଯ୍ୟକଳାପ ପରିଚାଳନା କରୁଥିଲେ। ନିଗମ ଯୋଜନାର ଅନୁପସ୍ଥିତିରେ, ଉତ୍ପାଦନ ସୁବିଧାଗୁଡିକର ନବୀକରଣ ଏବଂ ଆଧୁନିକୀକରଣ ତଥା ଏକ ପ୍ରତିଯୋଗୀତାମୂଳକ ପରିବେଶରେ ତିଷ୍ଠି ରହିବା ପାଇଁ ମାର୍କେଟିଂ ପଦକ୍ଷେପ ରଣନୀତି କରିବା ସମ୍ଭବ ନୁହେଁ ଯେଉଁଠାରେ ବେସରକାରୀ ସଂସ୍ଥା ମଧ୍ୟ ଥିଲେ।

  ସରକାର କହିଲେ (ମାର୍ଚ୍ଚ 2023) ଯେ, ବିନିବେଶ କ୍ୟାବିନେଟ୍ ସମିତି 2010 ମସିହାରେ କେନ୍ଦ୍ରୀୟ ପିଏସ୍ୟୁ ସପକ୍ଷରେ ଆଇକେଆଇଡବ୍ଲ୍ୟୁଏଲ୍ ଓ ଇଫ୍‌କାଲ୍‌ରେ ବିନିବେଶ ପାଇଁ ନିଷ୍ପତ୍ତି ନେଇଥିଲା। ଇଡ୍‌କଲ୍ ଏବଂ ଜିଓଓ ଦ୍ୱାରା ତୁରନ୍ତ ବିନିବେଶର ସମସ୍ତ ପ୍ରୟାସ ବାସ୍ତବ ରୂପ ନେଇ ପାରିଲା ନାହିଁ। ବିନିବେଶର ଆଶାରେ କୌଣସି ନିଗମ ଯୋଜନା ପ୍ରସ୍ତୁତ କରାଯାଇପାରିଲା ନାହିଁ।

  ଉତ୍ତର ଗ୍ରହଣୀୟ ନୁହେଁ କାରଣ ବିନବେଶ ପାଇଁ ଯୋଜନା କରିବାର ଗୁରୁତ୍ୱକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ।

- ଯଦିଓ ଇଡ୍‌କଲ୍ ସରକାରଙ୍କ ସହିତ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ ଖଣି ଖନନ କାର୍ଯ୍ୟକଳାପ ଏବଂ ବାଣିଜ୍ୟିକ ଖଣି ଖନନ କରିବା ପାଇଁ ନିଷ୍ପତ୍ତି ନେଇଥିଲା (ଫେବୃୟାରୀ 2018) କିନ୍ତୁ ସରକାରଙ୍କଠାରୁ ଖଣି ପଟା ପାଇବା ପାଇଁ ଦୀର୍ଘମିଆଦୀ ରଣନୀତି ସହିତ ଏହା କୌଣସି ନିଗମ ଯୋଜନା ପ୍ରସ୍ତୁତ କରିନଥିଲା। ଏକ ନିଗମ ଯୋଜନା ଅନୁପସ୍ଥିତିରେ, ଇଡ୍‌କଲ୍ ଏହାର କ୍ଷତି କରୁଥିବା ସହାୟକ କମ୍ପାନୀଗୁଡିକର ପୁନରୁତ୍ଥାନ ପାଇଁ ରଣନୀତିକ ନିବେଶକମାନଙ୍କୁ ଉତ୍ସାହିତ କରିବା ଏବଂ ଭବିଷ୍ୟତରେ

ଜଣେ ଖଣି ବ୍ୟବସାୟୀ ଭାବରେ ଖଣି କାର୍ଯ୍ୟ ପାଇଁ ସମ୍ବଳ ସଂଗ୍ରହ କରିବା ପାଇଁ ଆବଶ୍ୟକ ଖଣି ପଟା ସଂରକ୍ଷିତ କରିବାରେ ବିଫଳ ହେଲା।

- ନଭେମ୍ବର 2018ଠାରୁ ଖଣି କାର୍ଯ୍ୟ ବନ୍ଦ ଥିବା ତଳଙ୍ଗୀ କ୍ରୋମାଇଟ ଖଣି ଇଫ୍‌କାଲର ନିଜସ୍ୱ ଖଣି ଥିଲା। ଶସ୍ତା ଦରରେ କ୍ରୋମ ଖଣିଜର ଉପଲବ୍ଧତା ନଥିବାରୁ ଓଏମ୍‌ସିରୁ କିଣାଯାଇଥିବା କ୍ରୋମ ଖଣିଜ ଉପରେ ନିର୍ଭର କରି ଚୁଲାଗୁଡିକୁ କାର୍ଯ୍ୟକ୍ଷମ କରାଯାଇଥିଲା, ଯାହା ଉତ୍ପାଦନ ମୂଲ୍ୟ ବୃଦ୍ଧି କରିଥିଲା। ଅବଶ୍ୟ, ଦୀର୍ଘ ସମୟ ଧରି ତିଷ୍ଠି ରହିବା ପାଇଁ ଚୁଲାଗୁଡିକୁ ମିତବ୍ୟୟିତା ସହ ଚଳାଇବା ପାଇଁ କମ୍ପାନୀ କୌଣସି ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିନଥିଲା।

### ଏମ୍‌ଓୟୁ ଅନୁଯାୟୀ ଜିଓଓ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନହେବା

**2.6.8.2** ଇଡ୍‌କଲ୍, ବିଦ୍ୟମାନ କାରଖାନାର ଆଧୁନିକୀକରଣ/ବିସ୍ତାର ସହିତ ଶିଳ୍ପ ପ୍ରତିଷ୍ଠା/ ପ୍ରୋତ୍ସାହନ ଏବଂ ଏହାର ବ୍ୟବସାୟିକ ଖଣି ଖନନ କରିବା ସହିତ ଇଫ୍‌କାଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଜିଓଓ ସହିତ ବୁଝାମଣାପତ୍ର ସ୍ୱାକ୍ଷର କଲା। ଏମ୍‌ଓୟୁ ଅନୁଯାୟୀ, ଜିଓଓର ପ୍ରଶାସନିକ ବିଭାଗ ବ୍ୟବସାୟିକ ଖଣି ଖନନ ଉଦ୍ଦେଶ୍ୟରେ ଅଧିକ ଖଣି ସଂରକ୍ଷିତ ରଖିବାରେ ଇଡ୍‌କଲ୍‌କୁ ସହାୟତା କରିବା, ଖଣି ବିକାଶ ଖର୍ଚ୍ଚ ଏବଂ ସମସ୍ତ ବକେୟା ସରକାରୀ ଦେୟକୁ ଇଡ୍‌କଲ୍‌ର ଇକ୍ୱିଟି ପୁଞ୍ଜିରେ ରୂପାନ୍ତର କରିବା ପାଇଁ ଉପଲବ୍ଧ ଜମିକୁ ମୋନିଟାଇଜ୍ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ। ସେମାନଙ୍କ କାରଖାନାରେ ମିତବ୍ୟୟିତା ସହ କାର୍ଯ୍ୟ ପାଇଁ ଇଫ୍‌କାଲ୍ ଏବଂ ଆଇକେଆଇଡବ୍ଲ୍ୟୁଏଲ୍ ପାଇଁ ଖଣି ଲିଜ୍ ପ୍ରଦାନ କରିବା ଏବଂ କେଆଇଓସିଏଲ୍ ବିନିବେଶ ପ୍ରକ୍ରିୟାରୁ ଓହରିବା ପରେ ଆଇକେଆଇଡବ୍ଲ୍ୟୁଏଲ୍ ସମ୍ବନ୍ଧରେ ସରକାରୀ ନିଷ୍ପତ୍ତି ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନିକ ବିଭାଗଗୁଡିକ ପ୍ରତିଶ୍ରୁତି ଦେଇଥିଲେ ଯାହା ଅନୁଚ୍ଛେଦ ସଂଖ୍ୟା 2.6.10.6ରେ ଆଲୋଚନା କରାଯାଇଛି।

ଏହା ମଧ୍ୟ ଦେଖାଗଲା ଯେ, କମ୍ପାନୀଗୁଡିକର ଭବିଷ୍ୟତର ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱ ପାଇଁ ପ୍ରଶାସନିକ ବିଭାଗ ଏମ୍‌ଓୟୁ ଅନୁଯାୟୀ ସେମାନଙ୍କ ପ୍ରତିଶ୍ରୁତି ପାଳନ କରିନଥିଲେ। ଫଳସ୍ୱରୂପ, ନିଜସ୍ୱ ଖଣିରୁ କମ ଦାମରେ ଖଣିଜ ପଥରର ଉପଲବ୍ଧତାର ଅନୁପସ୍ଥିତିରେ ଏଚ୍‌ସିଏଫ୍‌ସି ଉତ୍ପାଦନ ମୂଲ୍ୟରେ ବୃଦ୍ଧି ଘଟିଥିଲା ଯେଉଁଥିପାଇଁ ଇଫ୍‌କାଲ୍ କ୍ଷତି ସହି ଆସୁଥିଲା ଏବଂ ମାର୍ଚ୍ଚ 2015ଠାରୁ ଆଇକେଆଇଡବ୍ଲ୍ୟୁଏଲ୍, କାରଖାନା ବନ୍ଦ ହେବା ଦିନରୁ କାରଖାନାରେ ନିୟୋଜିତ କର୍ମଚାରୀଙ୍କ ବେତନ ଓ ମଜୁରୀ ଖର୍ଚ୍ଚ ବହନ କରିଆସୁଥିଲା।

ଏହାର ଉତ୍ତରରେ ସରକାର କହିଲେ (ମାର୍ଚ୍ଚ 2023) ଯେ, ସମସ୍ତ ପ୍ରସଙ୍ଗର ବିଚାର ବିମର୍ଶ ପରେ ଏବଂ ଓଏମ୍‌ସି ସହିତ ଇଡ୍‌କଲ୍‌ର ଅଧିକ ସମନ୍ୱୟକୁ ଦୃଷ୍ଟିରେ ରଖି ଜିଓଓ ଇଡ୍‌କଲ୍‌କୁ ଏହାର ଦୁଇଟି ସମ୍ପୂର୍ଣ୍ଣ ସହାୟକ କମ୍ପାନୀ ସହିତ ଓଏମ୍‌ସି ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛି, ଯାହା ଉଭୟ କମ୍ପାନୀ ପାଇଁ ଏକ ଲାଭଜନକ ପରିସ୍ଥିତି ହେବ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ମିଶ୍ରଣ ଯୋଜନାରେ ମିଶ୍ରିତ କମ୍ପାନୀଗୁଡିକର ପୁନରୁଜ୍ଜୀବନ/ସ୍ଥାୟୀ ଅସ୍ତିତ୍ୱ ପାଇଁ କୌଣସି ଉପାଦାନ ନଥିଲା।

### ବେଆଇନ ଖଣି ଖନନ ଯୋଗୁ 751.74 କୋଟି ଟଙ୍କାର ଦଣ୍ଡନୀୟ ପରିଣାମ

**2.6.8.3** ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି (ଅଗଷ୍ଟ 2017) ଅନୁଯାୟୀ , ଇଡ୍‌କଲ୍, ଏମ୍‌ଏମ୍‌ଡିଆର ଅଧିନିୟମ, 1957ର ଧାରା 21 (5) ଅନୁଯାୟୀ 2000-01ରୁ 2010-11 ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ବିନା/ପରିବେଶ ମଞ୍ଜୁରୀଠାରୁ ଅଧିକ ଉତ୍ପାଦନ ହେତୁ ଟିସିଏମ୍ ସମ୍ବନ୍ଧରେ 338.65 କୋଟି ଟଙ୍କା କ୍ଷତିପୂରଣ ରାଶି ଦେବାକୁ ଜିଓଓରୁ ଏକ ଡିମାଣ୍ଡ ନୋଟିସ୍ ଗ୍ରହଣ କଲା (ଅପ୍ରେଲ 2018)। ଯେହେତୁ, ଇଡ୍‌କଲ୍ ଟିସିଏମ୍ ଫେରସ୍ତ କରିବା ପୂର୍ବରୁ ଖଣି କ୍ଷତିପୂରଣ ସମ୍ବନ୍ଧୀୟ ଜିଓଓର ସମସ୍ତ ଦେୟ ପଇଠ କରିବାକୁ ଥିଲା, ଏହା କ୍ଷତିପୂରଣ ରାଶି ସହିତ 300.16 କୋଟି ଟଙ୍କା ସୁଧ ନିଜର ପାଣ୍ଠି ସମସ୍ୟା ହେତୁ ଓଏମ୍‌ସିରୁ 635.26 କୋଟି

ଟଙ୍କା ଆନ୍ତଃନିଗମ ଋଣ ବ୍ୟବସ୍ଥା କରି ଏବଂ ନିଜର ଉତ୍ସରୁ 3.55 କୋଟି ଟଙ୍କାର ବଳକା ମିଶାଇ ପ୍ରଦାନ କରିଥିଲା (ଅଗଷ୍ଟ 2022)।

ସେହିପରି, ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି (ଅଗଷ୍ଟ 2017) ଅନୁଯାୟୀ, ଇଡ୍‌କଲ୍ ଏମ୍ଏମ୍‌ଡିଆର୍ ଅଧିନିୟମ, 1957ର ଧାରା 21(5) ଅନୁଯାୟୀ 2000-01ରୁ 2010-11 ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ବିନା/ପରିବେଶ ମଞ୍ଜୁରୀଠାରୁ ଅଧିକ ଉତ୍ପାଦନ ପାଇଁ ତଥା ଖଣି ଯୋଜନା ଅଧୀନରେ ଅନୁମୋଦିତ ସୀମା ଏବଂ କାର୍ଯ୍ୟ କରିବାକୁ ସମ୍ମତି ସୀମା ମଧ୍ୟରୁ ଯେଉଁଟି କମ ତା'ଠାରୁ ଅଧିକ ଉତ୍ପାଦନ ପାଇଁ ରୋଏଡା 'ସି' ଖଣି ଉପରେ କ୍ଷତିପୂରଣ ରାଶି 111.55 କୋଟି ଟଙ୍କା ଦେବା ପାଇଁ ଜିଓଓରୁ ଡିମାଣ୍ଡ ନୋଟିସ ଗ୍ରହଣ କରିଥିଲା (ସେପ୍ଟେମ୍ବର 2017)। ଇଡ୍‌କଲ୍ କ୍ଷତିପୂରଣ ରାଶି ସହିତ 1.37 କୋଟି ଟଙ୍କା ସୁଧ ପାଇଁ ପାଣ୍ଠିର ପ୍ରତିବନ୍ଧକ ଯୋଗୁ ଏକ ଆନ୍ତଃନିଗମ ଋଣ ଓଏମ୍‌ସିଠାରୁ ଆଣି ଏହା ପ୍ରଦାନ କରିଥିଲା (ଜାନୁଆରୀ/ ସେପ୍ଟେମ୍ବର 2018)।

ତେଣୁ, କମ୍ପାନୀ ଏକ ରାଜ୍ୟ ସରକାରୀ ଉଦ୍ୟୋଗ ହୋଇଥିଲେ ହେଁ ଦେଶର ନିୟମ ଉଲ୍ଲଙ୍ଘନ କରି ବେଆଇନ ଖଣି ଖନନ କରିଥିଲା। କରଜ କରି ବିପୁଳ ପରିମାଣରେ ଜୋରିମାନା ପ୍ରଦାନ ହେତୁ ଏହା ମଧ୍ୟ ଆର୍ଥିକ ସ୍ଥିତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଇସି ପାଇବା ପାଇଁ ଦସ୍ତାବିଜ ପ୍ରକ୍ରିୟାକରଣ ସମୟରେ ସେମାନେ ଏହି ଖଣିଗୁଡିକ ପରିଚାଳନା କରିଥିଲେ, ନଚେତ୍ ଖଣି ପ୍ରକଳ୍ପ ବନ୍ଦ ହୋଇଯାଇଥାନ୍ତା ଏବଂ କ୍ଷତିପୂରଣ ରାଶି ଭାରତର ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ଓଏମ୍‌ସିରୁ ଏକ ଆନ୍ତଃନିଗମ ଋଣ ନେଇ ଜମା କରାଯାଇଥିଲା।

ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ବେଆଇନ ଖଣି ଖନନ କୌଣସି ଉପାୟରେ ଯୁକ୍ତିଯୁକ୍ତ ହୋଇପାରିବ ନାହିଁ।

**ଏକ ବ୍ୟବସାୟିକ ଖଣି ଖନନ କମ୍ପାନୀ ଭାବରେ ଇଡ୍‌କଲ୍‌ର ଭବିଷ୍ୟତ ସମ୍ଭାବନା**

**2.6.8.4** ଯେହେତୁ ଇଡ୍‌କଲ୍‌ର ଉତ୍ପାଦନ କାର୍ଯ୍ୟକଳାପ ସହାୟକ କମ୍ପାନୀଗୁଡିକର ସମ୍ପତ୍ତି ବିନିବେଶ/ ବିକ୍ରୟ ସମାପନ ପରେ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ର କାର୍ଯ୍ୟ ମାର୍ଚ୍ଚ 2015ଠାରୁ ବନ୍ଦ ହେବା ପରେ ହ୍ରାସ ପାଉଥିଲା, ଏହା ଖଣି କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବା ଏବଂ ଇଡ୍‌କଲକୁ ଖଣି କମ୍ପାନୀ ଭାବରେ ବିବେଚନା କରିବାକୁ ଏବଂ ଜିଓଓକୁ ଖଣି ବଣ୍ଟନ ପାଇଁ ଅନୁରୋଧ କରିବାକୁ ନିଷ୍ପତ୍ତି ନେଲା (ଫେବୃୟାରୀ 2018)। ଇଡ୍‌କଲ୍ ପାଞ୍ଚଟି ଚାଲୁଥିବା ଲୁହା ପଥର ଖଣି, ଯାହାର ଲିଜ୍ ଏମ୍ଏମ୍‌ଡିଆର ସଂଶୋଧନ ଅଧିନିୟମ, 2015 ଅନୁଯାୟୀ 31 ମାର୍ଚ୍ଚ 2020ରେ ସମାପ୍ତ ହେବାର ଥିଲା ତାହାକୁ ଚିହ୍ନଟ କରି ସଂରକ୍ଷଣ ପାଇଁ ଜିଓଓକୁ ଅନୁରୋଧ କଲା (ଫେବୃଆରୀ 2019)। ତେବେ ଜିଓଓ ଏହି ଲୁହାପଥର ଖଣି ବଣ୍ଟନ ପାଇଁ ଇଡ୍‌କଲ୍‌ର ଏହି ପ୍ରସ୍ତାବକୁ ବିଚାର କରିନଥିଲେ। ଆଜିକା ତାରିଖରେ, ଇଡ୍‌କଲ୍‌ର ଗୋଟିଏ କାର୍ଯ୍ୟକ୍ଷମ ଖଣି ଯଥା, ଆମ୍ପାଭାଲୀ ଚୂନ ପଥର ଖଣି ଏବଂ ଠାକୁରାଣୀ ଲୁହାପଥର ଖଣି ଅଛି ଯାହାକି ଅନୁସନ୍ଧାନ ପର୍ଯ୍ୟାୟରେ ଅଛି। ଏହାବ୍ୟତୀତ ଇଡ୍‌କଲ୍ ଅନ୍ୟ ତିନୋଟି ଚୂନ ପଥର ଖଣି[29] ଥିଲା ଯାହାକି ଏହାର ବନ୍ଦ ସିମେଣ୍ଟ କାରଖାନାର ବିନିବେଶ ହେତୁ 23 ଡିସେମ୍ବର 2003ଠାରୁ କାର୍ଯ୍ୟକ୍ଷମ ନଥିଲା। ତେଣୁ, ଏହି ସମ୍ବନ୍ଧରେ, ଜଣେ ବ୍ୟବସାୟିକ ଖଣି ଖନନକାରୀ ଭାବରେ ଇଡ୍‌କଲ୍‌ର ସମ୍ଭାବନାର ସମୀକ୍ଷା କରାଯାଇଥିଲା ଏବଂ ନିମ୍ନଲିଖିତଗୁଡିକ ଦେଖାଯାଇଥିଲା:

- ମିନେରାଲ କନ୍ସେସନ୍ ନିୟମ, 1960ର ନିୟମ 28(2) ଅନୁଯାୟୀ ଇଡ୍‌କଲ୍ ତିନୋଟି ଚୂନ ପଥର ଖଣି ବନ୍ଦ ହେବାର କାରଣ ବର୍ଣ୍ଣନା କରି ଅକ୍ଟୋବର 2005 ସୁଦ୍ଧା ଜିଓଓରେ ଆବେଦନ ଦାଖଲ କରିବା ଆବଶ୍ୟକ ଥିଲା। ଅବଶ୍ୟ, ଇଡ୍‌କଲ୍ 11 ଅଗଷ୍ଟ 2011ରେ ଏହି ତିନୋଟି ନିଷ୍କ୍ରିୟ ଚୂନ ପଥର ଖଣି ସମ୍ବନ୍ଧରେ ଜିଓଓକୁ ବିଳମ୍ବରେ ଆବେଦନ ଦାଖଲ କଲା ଏବଂ ଏପରି ବିଳମ୍ବକୁ କ୍ଷମାଦେବା ପାଇଁ ଅନୁରୋଧ କରିଥିଲା। ଅଧିକନ୍ତୁ, ଇଡ୍‌କଲ୍‌ର ଖଣି ଯୋଜନା/ଖଣି ଯୋଜନାର ସମୀକ୍ଷା/ ଆର୍ଥିକ

[29] ଦାମପଲ୍ଲୀ, ରହେନପଦାର ଏବଂ ଚନ୍ଦପଲ୍ଲୀ

ନିଶ୍ଚିତତା ନଥିଲା ଏବଂ ଏହି ଖଣିଗୁଡିକ ପାଇଁ ପରିବେଶ ମଞ୍ଜୁରୀ ପାଇ ନଥିଲା। ଏହି ଅଭାବକୁ ଦୃଷ୍ଟିରେ ରଖି ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଏହି ସମସ୍ତ ଖଣିରେ ଖଣି କାରବାରକୁ ସ୍ଥଗିତ ରଖିବା ପାଇଁ ଆଦେଶ ଜାରି କରିଥିଲେ (ଡିସେମ୍ବର 2017), ଯାହାର ଆନୁମାନିକ ଗଚ୍ଛିତ ପରିମାଣ 12.221 ନିୟୁତ ଟନ୍ ଥିଲା। ଜୁଲାଇ 2019ରେ ଜିଓଓ ଦ୍ୱାରା ଖଣି ଲିଜ୍ ବନ୍ଦ କରାଯାଇଥିଲା। ତେଣୁ, ଆବେଦନ ଦାଖଲ ପାଇଁ ଉପଯୁକ୍ତ ଯୋଜନାର ଏପରି ଅନୁପସ୍ଥିତି ବ୍ୟବସାୟିକ ଖଣି ଖନନ ଉଦ୍ଦେଶ୍ୟର ପରିପନ୍ଥି ଥିଲା।

- ଇଡ୍କଲ୍ ଜିଓଓକୁ ଏମ୍ଏମ୍ଡିଆର ଅଧିନିୟମ, 2015ର ଧାରା 8(ବି) ଅଧିନରେ ସଂରକ୍ଷଣ ମାର୍ଗ ମାଧ୍ୟମରେ ଠାକୁରାଣୀ ବ୍ଲକ 'ଏ' ସହିତ ପାଞ୍ଚଟି କାର୍ଯ୍ୟକ୍ଷମ ଲୁହାପଥର ଖଣି ଆବଣ୍ଟନ ପାଇଁ ଅନୁରୋଧ କରିଥିଲା (ଫେବୃୟାରୀ 2019)। ତେବେ, ଜିଓଓ ଠାକୁରାଣୀ ବ୍ଲକ 'ଏ' ଲୁହାପଥର ଖଣିର କେବଳ 416.512 ହେକ୍ଟରରେ ଅନୁସନ୍ଧାନ ଏବଂ ଖଣି କାର୍ଯ୍ୟ କରିବା ପାଇଁ ସଂରକ୍ଷଣକୁ ଅନୁମୋଦନ ପ୍ରଦାନ କରିଥିଲା (13 ନଭେମ୍ବର 2020)। ଇଡ୍କଲ୍ ଛଅ ମାସ ନିର୍ଦ୍ଧାରିତ ସମାପ୍ତି ଅବଧିରେ ବିସ୍ତୃତ ଅନୁସନ୍ଧାନ ପାଇଁ ଚୁକ୍ତି କରିଥିଲା (ଜୁନ 2022 ଅର୍ଥାତ୍ 18 ମାସ ବିଳମ୍ବ ପରେ)। ତେଣୁ, ଏଠାରେ ମଧ୍ୟ କାର୍ଯ୍ୟର ପ୍ରଗତି ବ୍ୟବସାୟିକ ଖଣି ଖନନରେ ପ୍ରବେଶ କରିବାର ଉଦ୍ଦେଶ୍ୟ ସହିତ ମେଳ ଖାଉ ନଥିଲା ।

ଉପର୍ଯ୍ୟୁକ୍ତରୁ ଦେଖାଯାଇପାରେ ଯେ, ଶିଳ୍ପ କାର୍ଯ୍ୟରେ ଏହାର କାର୍ଯ୍ୟକ୍ଷମତା ହରାଇ ଇଡ୍କଲ୍ ବ୍ୟବସାୟିକ ଖଣି ଖନନ ମାଧ୍ୟମରେ ବିବିଧକରଣ ପାଇଁ ଚେଷ୍ଟା କରୁଥିଲା। ମାତ୍ର ସଠିକ ଯୋଜନାର ଅଭାବ ଏବଂ ସରକାରଙ୍କ ଆବଶ୍ୟକ ସହଯୋଗର ଅନୁପସ୍ଥିତି ପାଇଁ ଏହା ମଧ୍ୟ ବିଫଳ ହୋଇଥିଲା।

ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲେ ଏବଂ କହିଲେ (ମାର୍ଚ୍ଚ 2023) ଯେ, 31 ମାର୍ଚ୍ଚ 2020ରେ ମିଆଦ ପୂର୍ଣ୍ଣ ହେଉଥିବା ଖଣି ଆବଣ୍ଟନ ପାଇଁ ଜିଓଓ ଇଡ୍କଲ୍ର ଅନୁରୋଧକୁ ବିଚାର କରିନଥିଲେ। ଅଧିକନ୍ତୁ, ଇଡ୍କଲ୍ ନିଲାମରେ ଭାଗ ନେଇ ଅନ୍ୟ ବିଡରମାନଙ୍କ ସହିତ ପ୍ରତିଦ୍ୱନ୍ଦିତା କରିପାରିଲା ନାହିଁ।

ତେଣୁ, ଏହା ସୂଚାଇ ଦେଇଥିଲା ଯେ, ଜଣେ ଖଣି ଖନନ ବ୍ୟବସାୟୀ ଭାବରେ ଇଡ୍କଲର ନୂଆ ଲକ୍ଷ୍ୟ ହାସଲ କରିବାରେ ସଠିକ୍ ଯୋଜନା ଏବଂ ଜିଓଓରୁ ଆବଶ୍ୟକ ସହଯୋଗ ଅନୁପସ୍ଥିତ ଥିଲା।

## 2.6.9 କାର୍ଯ୍ୟକ୍ଷମତାର ଅଭାବ

**ବୈଷୟିକ ଜ୍ଞାନ ବିକାଶ କେନ୍ଦ୍ରର ଯୋଜନା ଅଧିନରେ ପ୍ରାପ୍ତ ଅନୁଦାନର ଅଣ-ବ୍ୟବହାର**

**2.6.9.1** ବ୍ରିକେଟ୍ କାରଖାନାକୁ ଆଧୁନିକୀକରଣ ଏବଂ ବିପୁଳ ପରିମାଣର ସ୍ଲାଗକୁ ମୂଲ୍ୟବାନ ଦ୍ରବ୍ୟରେ ପରିଣତ କରିବା ଇତ୍ୟାଦି ପାଇଁ ଇଫ୍କାଲ୍ ବୈଷୟିକ ଜ୍ଞାନ ବିକାଶ କେନ୍ଦ୍ର (ଯୋଜନା) ପ୍ରତିଷ୍ଠା ପାଇଁ ରାଜ୍ୟ ଯୋଜନା ଅନୁଦାନ ଭାବରେ 2018-19 ବର୍ଷରେ 10 କୋଟି ଟଙ୍କା ପାଇଲା। ମେଟାଲ ପୁନରୁଦ୍ଧାର ପ୍ଲାଣ୍ଟ-II ଏବଂ ଅନ୍ୟାନ୍ୟ ବିବିଧ ଉଦ୍ଦେଶ୍ୟରେ କମ୍ପାନୀ 2.73 କୋଟି ଟଙ୍କା ବ୍ୟବହାର କରିଥିଲା, ବିଭିନ୍ନ ଶକ୍ତି ସଂରକ୍ଷଣ ପଦକ୍ଷେପ ଗ୍ରହଣ କରିବା ପାଇଁ 2.04 କୋଟି ଟଙ୍କା ରଖିଥିଲା ଏବଂ ସେପ୍ଟେମ୍ବର 2020ରେ 5.23 କୋଟି ଟଙ୍କା ସରକାରଙ୍କୁ ଫେରସ୍ତ କରିଥିଲା।

ସମୀକ୍ଷା ଦେଖିଲା ଯେ, ଉନ୍ନତ ଉତ୍ପାଦନ ଏବଂ ଉତ୍ପାଦକତା ହାସଲ କରିବା ପାଇଁ ବ୍ରିକେଟ୍ କାରଖାନାକୁ ଆଧୁନିକୀକରଣ କରିବା ପାଇଁ କମ୍ପାନୀ ଗ୍ରହଣ କରାଯାଇଥିବା ଅନୁଦାନର ପରିମାଣକୁ ବ୍ୟବହାର କରିବାରେ ସକ୍ଷମ ହୋଇପାରିଲା ନାହିଁ।

ଏହା ବ୍ୟତୀତ, କମ୍ପାନୀ ଏହାର ସାମଗ୍ରିକ ଉନ୍ନତି ପାଇଁ ସିଓବିପି ଏବଂ ଜିଗିଙ୍ଗ କାରଖାନାର ବିଦ୍ୟମାନ କାର୍ଯ୍ୟରେ ବୈଷୟିକ ବିକାଶ ପାଇଁ ଯୋଜନା ଅଧିନରେ 2015-16ରୁ 2017-18 ମଧ୍ୟରେ 3 କୋଟି ଟଙ୍କା ଅନୁଦାନ

ପାଇଥିଲା। କମ୍ପାନୀ ସିଓବିପିର ପରିବର୍ତ୍ତନରେ 1.59 କୋଟି ଟଙ୍କା ଏବଂ ଧାତୁ ପୁନରୁଦ୍ଧାର କାରଖାନା-1 ସ୍ଥାପନରେ 1.99 କୋଟି ଟଙ୍କା ବ୍ୟବହାର କରିଥିଲା। ସିଓବିପିର ପରିବର୍ତ୍ତନ ଏବଂ କମିଶନ ପରୀକ୍ଷା ଫେବୃଆରୀ 2018ରେ ସମାପ୍ତ ହୋଇଥିଲା କିନ୍ତୁ ଖଣିର ଅମିତବ୍ୟୟୀ ଏବଂ ଅସୁରକ୍ଷିତ ଅବସ୍ଥା ହେତୁ ନଭେମ୍ବର 2018ରୁ ଟିସିଏମ୍‌ର କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ତେଣୁ, 1.59 କୋଟି ଟଙ୍କାର ଅତିରିକ୍ତ ବିନିଯୋଗ ସହିତ ପରିବର୍ତ୍ତିତ ସିଓବିପି କେବଳ ନଅ ମାସ ପାଇଁ ବ୍ୟବହୃତ ହୋଇପାରିଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଯେହେତୁ କ୍ରୋମ ଖଣିଜ ବ୍ରିକେଟ୍ କାରଖାନା ପାଇଁ ମୁଖ୍ୟ ଇନପୁଟ୍ ଅଟେ, ନିଶ୍ଚିତ ଯୋଗାଣ ଅଭାବରୁ ବ୍ରିକେଟ୍ କାରଖାନା ଆଧୁନିକୀକରଣ ନକରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ କମ୍ ଦକ୍ଷତା ସହିତ ବ୍ରିକେଟ୍ କାରଖାନାର ମାନୁଆଲ ଅପରେସନ୍ ଏଚ୍‌ସିଏଫ୍‌ସିର ଉତ୍ପାଦକତା ଉପରେ ପ୍ରତିକୂଳ ପ୍ରଭାବ ପକାଇଲା ଯାହାଦ୍ୱାରା ଉତ୍ପାଦନ ମୂଲ୍ୟ ବୃଦ୍ଧି ହେଲା। ଏହା ଉତ୍ପାଦକୁ ବଜାରରେ ପ୍ରତିଦ୍ୱନ୍ଦିତାମୂଳକ ଭାବରେ ପରିଣତ କରିପାରିଲା ନାହିଁ, ଯାହା ଫଳରେ ଚୁଲାଗୁଡିକ ଦୀର୍ଘ ସମୟ ବନ୍ଦ ହୋଇ ରହିଥିଲା।

### ତଳଙ୍ଗୀ 'ବି' କ୍ରୋମାଇଟ୍ ଖଣି (ଟିସିଏମ୍)ର ଅଚଳାବସ୍ଥା ଏବଂ 11.23 କୋଟି ଟଙ୍କା କ୍ଷତି

**2.6.9.2** ଭାରତ ସରକାର ଇଡ୍‌କଲ୍ ସପକ୍ଷରେ 221.22 ହେକ୍ଟରରୁ ଅଧିକ ଟିସିଏମ୍‌ର ଖଣି ପଟା ଅନୁମୋଦନ କରିଥିଲେ (ଡିସେମ୍ବର 1992)। ଅନୁମୋଦନ ଅନୁଯାୟୀ, ଖଣି ପଟା କାର୍ଯ୍ୟକାରୀ ହେବା ପୂର୍ବରୁ ଇଡ୍‌କଲ୍‌କୁ 158.921 ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ ଜମିରେ ବଦଳାଇବା ପାଇଁ ଅନୁମତି ନେବାକୁ ପଡିବ। ଇଡ୍‌କଲ୍ 92.42 ହେକ୍ଟର ଜଙ୍ଗଲ ଜମି ବଦଳାଇବା ପାଇଁ ଆବେଦନ କରିଥିଲା କିନ୍ତୁ କେବଳ 17.483 ହେକ୍ଟର ଜଙ୍ଗଲ ଜମି ଏମ୍‌ଓଇଏଫ୍, ଜିଓଆଇ ଦ୍ୱାରା ମଞ୍ଜୁର ହୋଇଥିଲା (ଜୁନ 2001)। ପରବର୍ତ୍ତୀ ସମୟରେ, ଇଡ୍‌କଲ୍ ଖଣି ପଟାକୁ ଦୁଇଟି ବ୍ଲକରେ ବିଭକ୍ତ କରିବା ପାଇଁ ଏକ ପ୍ରସ୍ତାବ ଦେଇଥିଲା। ଜୁନ 2003ରେ ଜିଓଓ ଦ୍ୱାରା ସମୁଦାୟ କ୍ଷେତ୍ରକୁ 65.683 ହେକ୍ଟରରେ ତଳଙ୍ଗୀ 'ଏ' ଏବଂ ବାକି 155.537 ହେକ୍ଟରକୁ ତଳଙ୍ଗୀ 'ବି' ଭାବରେ ବିଭକ୍ତ କରି ଖଣି ପଟା ବ୍ୟବହାର କରିବା ପୂର୍ବରୁ ତଳଙ୍ଗୀ 'ବି'ର ଏମ୍‌ଓଇଏଫ୍ ଜଙ୍ଗଲ ମଞ୍ଜୁର କରିବାକୁ ପଡିବ ବୋଲି ସର୍ତ୍ତ ରଖିଥିଲେ।

ସେପ୍ଟେମ୍ବର 2003ରେ ତଳଙ୍ଗୀ 'ଏ' ପାଇଁ ଖଣି ପଟା କାର୍ଯ୍ୟକାରୀ କରାଯାଇଥିଲା। ତଳଙ୍ଗୀ 'ବି' ଖଣିର ଲିଜ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ, କାରଣ ଏମ୍‌ଏମ୍‌ଡିଆର ସଂଶୋଧନ ଅଧିନିୟମ, 2015ର ଧାରା 10ଏ(2)(ସି)ର ଆବଶ୍ୟକତା ଅନୁଯାୟୀ 11 ଜାନୁଆରୀ 2017 ଭିତରେ ଆଇନଗତ ଅନୁମତି ପାଇବାରେ ବିଳମ୍ବ ହୋଇଥିଲା। ଆଇନଗତ ସର୍ତ୍ତ ପୂରଣ କରିବାରେ ବିଳମ୍ବ ହେତୁ ତଳଙ୍ଗୀ 'ବି' ଖଣି ପାଇଁ ଅନୁମୋଦନ ମିଳି ନଥିଲା, ତେଣୁ ଇଫ୍‌କାଲ୍ କାରଖାନାର କାର୍ଯ୍ୟ ସୁନିଶ୍ଚିତ କରିବାକୁ ଜିଓଆଇକୁ ଅଧିନିୟମର ଧାରା 17ଏ(2) ଅନୁଯାୟୀ ଖଣି ସଂରକ୍ଷଣ ବିଷୟରେ ବିଚାର କରିବାକୁ ଅନୁରୋଧ କରାଯାଇଥିଲା (ନଭେମ୍ବର 2018)। ତଥାପି, ଜଓଆଇ ଦ୍ୱାରା ଖଣିଜ ବ୍ଲକଗୁଡିକ ନିଲାମରେ ରଖାଯିବ ବୋଲି ଦର୍ଶାଇ ପ୍ରସ୍ତାବ ଅନୁମୋଦନ ହୋଇ ନଥିଲା। ତେଣୁ, ଖଣିଗୁଡିକର ଜଙ୍ଗଲ କ୍ଷେତ୍ର ପାଇଁ ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ବାବଦକୁ 11.23 କୋଟି ଟଙ୍କା ଦେବା ପରେ ବି ଇଡ୍‌କଲ୍ ତଳଙ୍ଗୀ 'ବି' ରେ ଖଣି କାର୍ଯ୍ୟ ଆରମ୍ଭ କରିପାରିଲା ନାହିଁ।

ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିଲେ ଏବଂ କହିଥିଲେ ଯେ, ଏନ୍‌ପିଭି ରାଶି ଫେରସ୍ତ ପାଇଁ ପଦକ୍ଷେପ ନିଆଯାଉଛି।

**ତଲାଙ୍ଗୀ 'ଏ' କ୍ରୋମାଇଟ୍ ଖଣିର କାର୍ଯ୍ୟ**

**ଅଧିକ ହାରରେ ଓଏମ୍‌ସି ଖଣିଜ ପଥର କ୍ରୟ ହେତୁ 22.99 କୋଟି ଟଙ୍କାର ଅତିରିକ୍ତ ବ୍ୟୟ**

**2.6.9.3** ଖଣିରୁ ଉତ୍ପାଦିତ 40 ପ୍ରତିଶତରୁ ଅଧିକ କ୍ରୋମ୍ ଥିବା କ୍ରୋମ ପଥର ଚୁଲାରେ ଚାର୍ଜ କରିବା ଏବଂ ବ୍ରିକେଟ୍ ଉତ୍ପାଦନ ପାଇଁ $Cr_2O_3$ (କ୍ରୋମ) ସିଧାସଳଖ ଇଫ୍‌କାଲ କାରଖାନାକୁ ପଠାଯାଉଥିଲା । 40 ପ୍ରତିଶତରୁ କମ୍ କ୍ରୋମ ଥିବା କ୍ରୋମ ପଥରଗୁଡିକ ସିଓବିପିରେ କନ୍‌ସେନ୍‌ଟ୍ରେଟ୍ ଉତ୍ପାଦନ ପାଇଁ ପ୍ରକ୍ରିୟାକରଣ କରାଯାଉଥିଲା ଯାହା ପରବର୍ତ୍ତୀ ସମୟରେ ବ୍ରିକେଟ୍ ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥିଲା । 2017-18ରୁ 2021-22 ଅବଧି ମଧ୍ୟରେ, 25,591.280 ଏମ୍‌ଟି ଉଚ୍ଚ ଗ୍ରେଡ୍ ଖଣିଜ ସିଧାସଳଖ ଇଫ୍‌କାଲ୍ କାରଖାନାକୁ ପଠାଯାଇଥିଲା । କମ୍ପାନୀ ନିମ୍ନ ଗ୍ରେଡ୍ କ୍ରୋମ ଖଣିଜ (30 ପ୍ରତିଶତରୁ କମ କ୍ରୋମ) 65,579.230 ଏମ୍‌ଟି ବିକ୍ରି କଲା ଏବଂ 65,218.819 ଏମ୍‌ଟିକୁ ସିଓବିପିକୁ ପଠାଇଲା । 11 ନଭେମ୍ବର 2018ରୁ ଖଣିଗୁଡିକର କାର୍ଯ୍ୟ ବନ୍ଦ ହେତୁ 2019-20 ବର୍ଷଠାରୁ କୌଣସି ଉତ୍ପାଦନ ହୋଇପାରି ନଥିଲା ।

ନଭେମ୍ବର 2018ରେ ଟିସିଏମ୍‌ର କାର୍ଯ୍ୟ ବନ୍ଦ ହେବା ପରେ ମୁଖ୍ୟତଃ କ୍ରୋମ ଖଣିଜ ପଥର ସମସ୍ୟା ହେତୁ ଇଫ୍‌କାଲ୍‌ଠାରେ ଥିବା ଫେରୋକ୍ରୋମ କାରଖାନା ଡିସେମ୍ବର 2019ଠାରୁ କ୍ରମାଗତ ଭାବରେ ଚାଲୁ ନଥିଲା । ଖଣିରୁ ଉଚ୍ଚ ଗ୍ରେଡ୍ ଖଣିଜ ପଥର ଶେଷ ହେବା ପରେ ଖଣିରେ ଉପଲବ୍ଧ ନିମ୍ନ ଗ୍ରେଡ୍ ଖଣିଜ ପଥର ଉତ୍ତୋଳନ କରାଯାଇଥିଲା ଏବଂ ଏହାର ଫେରୋକ୍ରୋମ୍ କାରଖାନାରେ ବ୍ୟବହାର ପାଇଁ ଠିକାଦାରଙ୍କୁ ନିୟୋଜିତ କରି କନ୍‌ସେନ୍‌ଟ୍ରେଟ୍‌ରେ ପରିଣତ କରାଯାଇଥିଲା । ବଜାରରୁ କିଣାଯାଇଥିବା ଅଧିକ ମୂଲ୍ୟର ଖଣିଜ ପଥର (ପ୍ରାୟତଃ ଓଏମ୍‌ସି ଖଣିଜ ପଥର) ମୁଖ୍ୟ କଞ୍ଚାମାଲ ହୋଇଥିବାରୁ ଉତ୍ପାଦନ ଖର୍ଚ୍ଚ ଅଧିକ ଦ୍ୱାରା କମ୍ପାନୀକୁ କ୍ଷତି ସହିବାକୁ ପଡିଲା ।

ସମୀକ୍ଷାରେ ଦେଖାଗଲା ଯେ, 2017-18 ଏବଂ 2018-19 ମଧ୍ୟରେ କମ୍ପାନୀ ବଜାରରେ 65,579.230 ଏମ୍‌ଟି ନିମ୍ନ ଗ୍ରେଡ୍ କ୍ରୋମ ଖଣିଜ ବେନିଫିସିଏସନ୍ ନକରି ବିକ୍ରି କରିଥିଲା, ସେହି ସମୟରେ କମ୍ପାନୀ ଏହାର କାରଖାନାରେ ବ୍ୟବହାର ପାଇଁ ବଜାର ମୂଲ୍ୟରେ ଓଏମ୍‌ସିରୁ ଉଚ୍ଚ ଗ୍ରେଡ୍ କ୍ରୋମ କ୍ରୟ କରୁଥିଲା । ଏହି ଅବଧିରେ ବିକ୍ରି ହୋଇଥିବା ନିମ୍ନ ଗ୍ରେଡ୍ କ୍ରୋମ ପଥର $Cr_2O_3$ର ହାର 20.36ରୁ 29.21 ମଧ୍ୟରେ ରହିବା ସହ ହାରାହାରି ଗ୍ରେଡ୍ 26.359 ପ୍ରତିଶତ $Cr_2O_3$ ଥିଲା । 2017-18 ଅବଧି ମଧ୍ୟରେ ଠିକାଦାର ହାରାହାରି 24.97 ପ୍ରତିଶତ $Cr_2O_3$ ସହିତ 29,384.398 ଏମ୍‌ଟି ନିମ୍ନ ଗ୍ରେଡ୍ କ୍ରୋମ ପଥର ପ୍ରକ୍ରିୟାକରଣ କରିଥିଲେ ଏବଂ ହାରାହାରି $Cr_2O_3$ 50.40 ପ୍ରତିଶତ ଥିବା 12,895.000 ଏମ୍‌ଟି କନ୍‌ସେନ୍‌ଟ୍ରେଟ୍ ଉତ୍ପାଦନ କରିଥିଲେ । ବେନିଫିସିଏସନ୍ ମୂଲ୍ୟ ହାରାହାରି ପୁନରୁଦ୍ଧାରର 43.88 ପ୍ରତିଶତ ସହିତ ଉତ୍ପାଦିତ କନ୍‌ସେନ୍‌ଟ୍ରେଟ୍ ପାଇଁ ପ୍ରତି ଟନ୍ 760 ଟଙ୍କା ଥିଲା । ସମାନ ହାରାହାରି ଶତକଡା ପୁନରୁଦ୍ଧାରକୁ ବିଚାର କରି ଏହି ସମୟ ମଧ୍ୟରେ ବିକ୍ରି ହୋଇଥିବା 64,643.460 ଏମ୍‌ଟି ନିମ୍ନ ଗ୍ରେଡ୍ କ୍ରୋମ୍ 2.16 କୋଟି ଟଙ୍କା ଖର୍ଚ୍ଚ କରି 28,365.551 ଏମ୍‌ଟି କନ୍‌ସେନ୍‌ଟ୍ରେଟ୍ ବେନିଫିସିଏସନ୍ କରି ଉତ୍ପାଦନ କରାଯାଇ ପାରିଥାନ୍ତା । ସେହି ସମୟରେ, ଇଫ୍‌କାଲ୍ ଏହାର କାରଖାନାରେ ଏଚ୍‌ସିଏଫ୍‌ସି ଉତ୍ପାଦନ ପାଇଁ ବ୍ୟବହାର କରିବା ପାଇଁ ଏମ୍‌ଟି ପ୍ରତି 7,526 ଟଙ୍କାରୁ 17,429 ଟଙ୍କା ପର୍ଯ୍ୟନ୍ତ ଅଧିକ ହାରରେ ଓଏମ୍‌ସି ଖଣିଜ ପଥର କ୍ରୟ କରୁଥିଲା । ସେହି ତୁଳନାରେ ଇଫ୍‌କାଲ୍ ନିମ୍ନ ଗ୍ରେଡ୍ କ୍ରୋମ ଖଣିଜ ପଥର ବିକ୍ରୟରୁ 10.81 କୋଟି ଟଙ୍କା ପାଇଥିଲା ଏବଂ ସମାନ ପରିମାଣର ଓଏମ୍‌ସି ଖଣିଜ କଣିବାରେ 35.96 କୋଟି ଟଙ୍କା ଖର୍ଚ୍ଚ କରିଥିଲା ।

ଏହାର ନିଜସ୍ୱ ଖଣିରୁ ନିମ୍ନ ଗ୍ରେଡ୍ ଖଣିଜ ପଥର 10.81 କୋଟି ଟଙ୍କାରେ ବିକ୍ରୟ କରିବା ପରିବର୍ତ୍ତେ କମ୍ପାନୀ 2.16 କୋଟି ଟଙ୍କା ଖର୍ଚ୍ଚ କରି ବେନିଫିସିଏସନ୍ କରିପାରିଥାନ୍ତା, ତେବେ 35.96 କୋଟି ଖର୍ଚ୍ଚ କରି ଅଧିକ ହାରରେ ଓଏମ୍‌ସି ଖଣିଜ ପଥର କିଣିବାର କୌଣସି ଆବଶ୍ୟକତା ହୋଇନଥାନ୍ତା । ମୋଟ ଖର୍ଚ୍ଚ 12.97 କୋଟି ଟଙ୍କା (10.81 କୋଟି + 2.16 କୋଟି) ତୁଳନାରେ କମ୍ପାନୀ 35.96 କୋଟି ଟଙ୍କା ଖର୍ଚ୍ଚ କରିଥିଲା, ଯାହାର ଅର୍ଥ ହେଉଛି ସମାନ ଉତ୍ପାଦନ ପାଇଁ 22.99 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଛି ।

ଏହାଦ୍ୱାରା ଏଚ୍‌ସିଏଫ୍‌ସି ଉତ୍ପାଦନ ପାଇଁ ଏହାର କାରଖାନାରେ ପରବର୍ତ୍ତୀ ବ୍ୟବହାର ପାଇଁ ବେନିଫିସିଏସନ୍ ନହୋଇ ଏହାର ନିଜସ୍ୱ ଖଣିରେ ଉପଲବ୍ଧ ନିମ୍ନ ଗ୍ରେଡ୍ କ୍ରୋମ୍ ଖଣିଜ ପଥର ବିକ୍ରୟ ହେତୁ ଅଧିକ ହାରରେ ଓଏମ୍‌ସି ଖଣିଜ କ୍ରୟ କରିବାରେ 22.99 କୋଟି ଟଙ୍କା (35.96 କୋଟି ଟଙ୍କା - 10.81 କୋଟି ଟଙ୍କା - 2.16 କୋଟି ଟଙ୍କା) ଅତିରିକ୍ତ ଖର୍ଚ୍ଚ ହୋଇଥିଲା।

ସରକାର ଉତ୍ତର ଦେଇଥିଲେ (ମାର୍ଚ୍ଚ 2023) ଯେ, ଧାର୍ଯ୍ୟ ସମୟ ମଧ୍ୟରେ ଅନୁପୂରକ ପଟା ପାଇଁ 10.00 କୋଟି ଟଙ୍କା ଦେୟ ପାଇଁ ନିମ୍ନ ଗ୍ରେଡ୍ କ୍ରୋମ ଖଣିଜ ପଥର ବିକ୍ରୟ କରି ପାଣ୍ଠି ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଗଲା।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଇଫ୍‌କାଲ୍ ନିମ୍ନ ଗ୍ରେଡର କ୍ରୋମ ପଥର ବିକ୍ରିରୁ 10.81 କୋଟି ଟଙ୍କାର ଆଦାୟ ତୁଳନାରେ ସମାନ ପରିମାଣରେ ଓଏମ୍‌ସି ଖଣିଜ କିଣିବା ପାଇଁ 35.96 କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଉପଲବ୍ଧ ସମ୍ବଳଗୁଡିକର ଅନୁପଯୁକ୍ତ ବ୍ୟବହାର ଖରାପ ଆର୍ଥିକ ପରିଚାଳନା ଏବଂ କାର୍ଯ୍ୟକ୍ଷମ ପ୍ରଦର୍ଶନକୁ ସୂଚିତ କରୁଥିଲା।

**ଆମ୍ପାଭାଲୀ ଚୂନ ପଥର ଖଣି ପାଇଁ ଏଜେନ୍ସି ଚୁକ୍ତିନାମାର ଅପାରଗ କାର୍ଯ୍ୟକାରିତା**

**2.6.9.4** ତୋଷାଳୀ ସିମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଟିସିପିଏଲ୍) ସେମାନଙ୍କ ସିମେଣ୍ଟ କାରଖାନା ପାଇଁ ଇଡ୍‌କଲ୍ ସହିତ ଆମ୍ପାଭାଲୀ ଚୂନ ପଥର ଖଣି କାର୍ଯ୍ୟ ପାଇଁ ଏକ ଚୁକ୍ତିନାମା 30 ଅଗଷ୍ଟ 2004ରେ ପାଞ୍ଚ ବର୍ଷ ପାଇଁ ସମ୍ପ୍ରସାରଣ ପାଇଁ ବ୍ୟବସ୍ଥା ସହିତ କାର୍ଯ୍ୟକାରୀ କଲା । ତଦନୁସାରେ, ସିମେଣ୍ଟ କାରଖାନାର ପ୍ରଥମ ପର୍ଯ୍ୟାୟରେ ଦିନକୁ 600 ଟନ୍ (ଟିପିଡି)ରୁ ବାର୍ଷିକ 0.7 ନିୟୁତ ଟନ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବାର୍ଷିକ 1 ନିୟୁତ ଟନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଏକ ସର୍ତ୍ତ ସହିତ ଏଜେନ୍ସି ଫି (ରୟାଲଟିର 30ରୁ 50 ପ୍ରତିଶତ ଦ୍ୱୈବାର୍ଷିକ 5 ପ୍ରତିଶତ କ୍ରମଶଃ ବୃଦ୍ଧି) ଆଧାରରେ ସଂଶୋଧିତ ସର୍ତ୍ତାବଳୀ ସହିତ ଚୁକ୍ତିନାମା ଦଶ ବର୍ଷ ପାଇଁ (ବାର୍ଷିକ ସର୍ବନିମ୍ନ ଗ୍ୟାରେଣ୍ଟେଡ ଉତ୍ତୋଳନ 0.24 ନିୟୁତ ଟନ୍ ସହିତ) ନବୀକରଣ କରାଯାଇଥିଲା (24 ମାର୍ଚ୍ଚ 2009)। ଚୁକ୍ତିରେ ଦର୍ଶାଯାଇଥିଲା ଯେ ସମ୍ପ୍ରସାରଣର ଏକ ବର୍ଷ ପରେ ସର୍ବନିମ୍ନ ସୁନିଶ୍ଚିତ ପରିମାଣକୁ ଏଜେନ୍ସି ଫି ବୃଦ୍ଧି ସହିତ ସଂଶୋଧନ କରାଯିବ।

ସମୀକ୍ଷାରେ ଦେଖାଗଲା ଯେ, ଟିସିପିଏଲ୍ ସେପ୍ଟେମ୍ବର 2019ରୁ ଅପ୍ରେଲ 2022 ମଧ୍ୟରେ ଥିବା ଚୁକ୍ତିନାମା ଅନୁଯାୟୀ 1.02 କୋଟି ଟଙ୍କା ବକେୟା ଏଜେନ୍ସି ଫି ପ୍ରଦାନ କରିନଥିଲା। ଅଧିକନ୍ତୁ, ମଇ 2015ରେ ସେମାନଙ୍କ କାରଖାନାର କ୍ଷମତା 0.33 ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ସତ୍ତ୍ୱେ ଇଡ୍‌କଲ୍ ଅତିରିକ୍ତ ଏଜେନ୍ସି ଫି ଦାବି କରିପାରିଲା ନାହିଁ କାରଣ ଉପର୍ଯ୍ୟୁକ୍ତ 0.7 ନିୟୁତ ଟନ୍ ପର୍ଯ୍ୟନ୍ତ କ୍ଷମତା ସମ୍ପ୍ରସାରଣ ପାଇଁ ଚୁକ୍ତିନାମାରେ କୌଣସି ସମୟସୀମା ନଥିଲା।

ସରକାର ଉତ୍ତରରେ କହିଲେ (ମାର୍ଚ୍ଚ 2023) ଯେ, କାରଖାନାର ସମ୍ପ୍ରସାରଣ ପରେ ବିଭିନ୍ନ ବୈଷୟିକ ସମସ୍ୟା ତଥା ସ୍ଥାନୀୟ ପ୍ରଶାସନିକ ସମସ୍ୟା ହେତୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେତୁ କାର୍ଯ୍ୟରେ ସ୍ଥିରତା ଆସିନଥିଲା। ଖଣିରୁ ସେମାନଙ୍କ ସିମେଣ୍ଟ କାରଖାନାକୁ ଚୂନ ପଥରର ପଠାଇବା ଚୁକ୍ତିଭିତ୍ତିକ ପରିମାଣଠାରୁ ମଧ୍ୟ କମ୍ ଥିଲା ତେଣୁ ସର୍ବନିମ୍ନ ପ୍ରେରଣ ପରିମାଣ ସଂଶୋଧିତ ହୋଇନଥିଲା।

ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ଟିସିପିଏଲ୍ ସପକ୍ଷରେ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ, ସେମାନଙ୍କ ସମର୍ଥନରେ କୌଣସି ତଥ୍ୟ ପ୍ରମାଣ ଦିଆଯାଇନଥିଲା।

**କାରବାରି ଦକ୍ଷତାର ଅଭାବ**

**2.6.10** ରଣନୀତିକ ଏବଂ କାର୍ଯ୍ୟକ୍ଷମତାର ଅଭାବ ବ୍ୟତୀତ ଯାହା କମ୍ପାନୀଗୁଡିକର ଦକ୍ଷତା ଉପରେ ପ୍ରଭାବ ପକାଉଥିଲା, ସମୀକ୍ଷାରେ ଏହା ମଧ୍ୟ ଦେଖାଗଲା ଯେ ଦୈନନ୍ଦିନ କାରବାରରେ ତ୍ରୁଟି ପ୍ରତିଯୋଗିତାମୂଳକ ବଜାରରେ ସେମାନଙ୍କ ପରିସ୍ଥିତିକୁ ଆହୁରି ଜଟିଳ କରିଥିଲା ଯାହା ନିମ୍ନରେ ବର୍ଣ୍ଣିତ:

### କମ୍ ଦରରେ ଏଚ୍‌ସିଏଫ୍‌ସି ଏବଂ ଲୁହାପଥର ବିକ୍ରି

**2.6.10.1** ଇଡ୍‌କଲ୍, ଖବରକାଗଜରେ ଏବଂ ଏହାର ୱେବସାଇଟ୍ ମାଧ୍ୟମରେ ଟେଣ୍ଡର ଆହ୍ୱାନ ଦ୍ୱାରା ବିଭିନ୍ନ ଗ୍ରେଡ୍ ଏଚ୍‌ସିଏଫ୍‌ସି ଏବଂ ଲୁହାପଥର ବିକ୍ରି କରୁଥିଲା। ଇଡ୍‌କଲ୍ ଦ୍ୱାରା ଖୋଲା ଟେଣ୍ଡର ମାଧ୍ୟମରେ ଲୁହାପଥର ବିକ୍ରିର ସର୍ତ୍ତାବଳୀରେ ବିସ୍ତାର ଅବଧି ମଧ୍ୟରେ ପରିବର୍ତ୍ତିତ ଦାମ ଲାଗୁ କରିବାର ସର୍ତ୍ତ ନଥିଲା। ଫଳସ୍ୱରୂପ, କମ୍ପାନୀ ଟେଣ୍ଡରର ବୈଧ ଅବଧି ବୃଦ୍ଧି ଏବଂ ଚୁକ୍ତିଭିତ୍ତିକ ଦରରେ ଲୁହାପଥର ଉତ୍ତୋଳନକୁ ଅନୁମତି ଦେଇଥିବା ବେଳେ ପରବର୍ତ୍ତୀ ଟେଣ୍ଡର ମାଧ୍ୟମରେ ସମାନ ଗ୍ରେଡ୍ ଏବଂ ଆକାରର ଲୁହାପଥର ପାଇଁ ଏହା ଅଧିକ ଦର ହାସଲ କରିଥିଲେ ମଧ୍ୟ, ଚୁକ୍ତି ଅନୁଯାୟୀ ବିକ୍ରିରୁ ତାହା ଆଦାୟ କରିପାରି ନଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଲୁହା ପଥରର ବର୍ଦ୍ଧିତ ଦର ଏମ୍‌ଟି ପ୍ରତି 1,650 ଟଙ୍କାରୁ 8,505 ଟଙ୍କା ବିସ୍ତାର ଅବଧି ମଧ୍ୟରେ ପୂର୍ବରୁ ପାଇସାରି ଥିବା ବେଳେ କମ୍ପାନୀ 270 ଟଙ୍କାରୁ 5,215 ଟଙ୍କା ପ୍ରତି ଏମ୍‌ଟି ପ୍ରାକ୍ ସଂଶୋଧିତ ଦରରେ ଉଠାଣ ସମୟକୁ ବଢ଼ାଇ ଖଣିରୁ ଲୁହାପଥର ଉଠାଇବାକୁ ଅନୁମତି ଦେଇଥିଲା। ଏହାଦ୍ୱାରା ଉତ୍ତୋଳନ ଅବଧିର ବୃଦ୍ଧିକୁ ଅନୁମତି ଦେଇ କମ୍ ଦରରେ 28,562.820 ଏମ୍‌ଟି ଲୁହାପଥର ବିକ୍ରିରେ 3.46 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା।

ଇଡ୍‌କଲ୍ କ୍ରେତାମାନଙ୍କୁ ତାଜା ଟେଣ୍ଡର ନକରି ନିର୍ଦ୍ଦିଷ୍ଟ ବିତରଣ ସମୟସୀମା ପରେ ଅଧିକ ସାମଗ୍ରୀ ଉଠାଇବାକୁ ଅନୁମତି ଦେଇଥିଲା ଏବଂ ଖଣିଜ ପଦାର୍ଥର ବର୍ଦ୍ଧିତ ମୂଲ୍ୟର ଲାଭରୁ ନିଜକୁ ବଞ୍ଚିତ କରିଥିଲା। ଜୁନ 2020ଠାରୁ, ଇଡ୍‌କଲ୍ କାଲିବ୍ରେଟେଡ୍ ଲମ୍ପ ଲୁହାପଥର (ସିଏଲ୍‌ଓ)ର ବିକ୍ରି ପାଇଁ ବର୍ଦ୍ଧିତ ହାର 3,370 ଟଙ୍କାରୁ 5,701 ଟଙ୍କା ଏମ୍‌ଟି ପ୍ରତି ପାଇଲା ଏବଂ ସ୍କ୍ରିନ ଲୁହାପଥର ଗୁଣ୍ଡ ପାଇଁ ଏମ୍‌ଟି ପ୍ରତି 1,674 ଟଙ୍କା ତୁଳନାରେ ଫେବୃଆରୀ 2020ରେ ମିଳିଥିବା ଶେଷ ଟେଣ୍ଡରର ଦର ଏମ୍‌ଟି ପ୍ରତି 404 ଟଙ୍କା ଥିଲା। ତେଣୁ, ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ଜୁନ 2020 ପରେ ବଜାରରେ ଲୁହାପଥର ମୂଲ୍ୟରେ ବୃଦ୍ଧି ଘଟିଛି। ଅବଶ୍ୟ, ଇଡ୍‌କଲ୍ ଗୁଣ୍ଡ ଲୁହାପଥର (ସିଆଇଓଏଫ୍) ପାଇଁ ଅତିରିକ୍ତ ରାଜସ୍ୱ ପାଇବା ପାଇଁ ଖଣିଜ ପଦାର୍ଥର ବର୍ଦ୍ଧିତ ମୂଲ୍ୟର ସୁବିଧା ପାଇବାକୁ ଜୁନ 2020ଠାରୁ କୌଣସି ନୂଆ ଟେଣ୍ଡର ଆହ୍ୱାନ କରିନଥିଲା। ଜୁନରୁ ଅକ୍ଟୋବର 2020 ମଧ୍ୟରେ ଏହା ପକ୍ଷମାନଙ୍କୁ ବର୍ଦ୍ଧିତ ଅବଧିରେ ଏମ୍‌ଟି ପ୍ରତି 295/300 ଟଙ୍କାର ପ୍ରାକ୍ ସଂଶୋଧିତ ଦରରେ 39,647.810 ଏମ୍‌ଟି ସାମଗ୍ରୀ ଉଠାଇବାକୁ ଅନୁମତି ଦେଇଥିଲା। ଡିସେମ୍ବର 2020ରେ ଆହ୍ୱାନ କରାଯାଇଥିବା ଟେଣ୍ଡର ଅନୁଯାୟୀ ଇଡ୍‌କଲ୍ ସିଆଇଓଏଫ୍‌ର ବିକ୍ରୟ ମୂଲ୍ୟ ଭାବରେ ଏମ୍‌ଟି ପ୍ରତି 2,258 ଟଙ୍କା ହାସଲ କରିଛି।

ସରକାର ଉତ୍ତର ଦେଲେ (ମାର୍ଚ୍ଚ 2023) ଯେ, ଷ୍ଟାକ/ଶ୍ରମିକ ସମସ୍ୟା ତଥା ଖଣିଜ ପଥର ଅପସାରଣ ଅନୁମତି ନପାଇ କମ୍ପାନୀ କ୍ରେତାଙ୍କୁ ସାମଗ୍ରୀ ଯୋଗାଇ ପାରିଲା ନାହିଁ, ତେଣୁ ଅଧିକ ମୂଲ୍ୟ ମାଗିବା ଠିକ୍ ନଥିଲା। ଖୋଲା ଟେଣ୍ଡରର ସର୍ତ୍ତାବଳୀ 60 ଦିନର ବିତରଣ ସମୟକୁ ଅନୁମତି ଦେଇଥିଲା ଏବଂ ଉପର୍ଯ୍ୟୁକ୍ତ ଅବଧି ମଧ୍ୟରେ ସେହି ଅବଧିଠାରୁ କୌଣସି ବିସ୍ତାର ଅନୁମତି ଦିଆଗଲା ନାହିଁ। ତେଣୁ କୌଣସି ଉଚ୍ଚ ଦର ପ୍ରଯୁଜ୍ୟ ନଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ କମ୍ପାନୀ ପକ୍ଷମାନଙ୍କୁ ପୂର୍ବ ସଂଶୋଧିତ ହାରରେ ସାମଗ୍ରୀକୁ ଉଠାଇବାକୁ 95ରୁ 401 ଦିନ ପର୍ଯ୍ୟନ୍ତ ବୈଧ ସମୟ ବୃଦ୍ଧି କରିବାକୁ ଅନୁମତି ଦେଇଥିଲା ଯାହା 60 ଦିନର ନିର୍ଦ୍ଧାରିତ ବିତରଣ ଅବଧି ବାହାରେ ଥିଲା।

### ଲୁହାପଥର ବିକ୍ରୟ ପାଇଁ କମ୍ ମୂଲ୍ୟରେ ସର୍ବନିମ୍ନ ମୂଲ୍ୟ ସ୍ଥିର କରିବା କାରଣରୁ 11.46 କୋଟି ଟଙ୍କାର ସ୍ୱଳ୍ପ ଆଦାୟ

**2.6.10.2** ସମୀକ୍ଷାରେ ଦେଖାଗଲା ଯେ ଜୁଲାଇ 2021ରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ ଇଡ୍‌କଲ୍ ଆଠଟି ଇ-ନିଲାମ କରିଥିଲେ ଏବଂ ସମ୍ପୃକ୍ତ ଖଣିଜ ପଦାର୍ଥର ଶେଷ ବିଡ୍ ମୂଲ୍ୟ ବଦଳରେ ଶେଷ ନିଲାମ ମୂଲ୍ୟକୁ ବିଚାର କରି ଏମ୍‌ଟି ପ୍ରତି 5,700ରୁ 11,000 ଟଙ୍କା ପର୍ଯ୍ୟନ୍ତ କମ୍ ହାରରେ 5-18 ମିଲିମିଟର ସିଏଲ୍‌ଓ ଲୁହାପଥରର ସର୍ବନିମ୍ନ ମୂଲ୍ୟ ସ୍ଥିର କରିଥିଲେ। କମ୍ ହାରରେ ସର୍ବନିମ୍ନ ମୂଲ୍ୟ ସ୍ଥିର କରିବା ହେତୁ, କମ୍ପାନୀ ଏହି ସମୟ ମଧ୍ୟରେ 5-18 ମିଲିମିଟର ସିଏଲ୍‌ଓର 1,10,083.43 ଏମ୍‌ଟି ବିକ୍ରିରେ 11.46 କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ପାଇବାର ଏକ ସୁଯୋଗ ହରାଇଲା।

ଏହାର ଉତ୍ତରରେ ସରକାର କହିଲେ (ମାର୍ଚ୍ଚ 2023) ଯେ, ଗତ ବିଡ୍ ମୂଲ୍ୟ, ଗତ ପ୍ରକାଶିତ ମାସର ଏଏସ୍‌ପି, ଇସ୍ପାତ ମିଣ୍ଟ ଅନୁଯାୟୀ ବଜାର ମୂଲ୍ୟ ଏବଂ ସ୍ପଞ୍ଜ ଲୁହାର ମୂଲ୍ୟକୁ ବିଚାର କରି ଲୁହାପଥର ସର୍ବନିମ୍ନ ମୂଲ୍ୟ ସ୍ଥିର କରାଯାଇଥିଲା। ଯେହେତୁ ବଜାର ଅସ୍ଥିର ଥିଲା, କେବଳ ଶେଷ ବିଡ୍ ମୂଲ୍ୟକୁ ବିଚାର କରି ବିକ୍ରୟ ମୂଲ୍ୟ ସ୍ଥିର କରାଯାଇପାରିବ ନାହିଁ। ନିଲାମ ଦିନରେ ବଜାର ମୂଲ୍ୟ ଏବଂ ଚାହିଦାକୁ ବିଚାର କରି କ୍ରେତାମାନେ ସେମାନଙ୍କର ମୂଲ୍ୟ ଉଲ୍ଲେଖ କରିଛନ୍ତି।

ଶେଷ ବିଡ୍ ମୂଲ୍ୟ ବଜାର ସ୍ଥିତି ବିଷୟକ ସୂଚନାର ମୂଳ ଉତ୍ସ ହୋଇଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା। ତେଣୁ, ଅନ୍ୟ ଉତ୍ସଗୁଡିକ ଅପେକ୍ଷା ଏହାକୁ ପ୍ରାଧାନ୍ୟ ଦିଆଯିବା ଉଚିତ ଯେପର୍ଯ୍ୟନ୍ତ ଏହା ସମ୍ପୃକ୍ତ ସର୍ବନିମ୍ନ ମୂଲ୍ୟଠାରୁ ଅଧିକ ଥିଲା।

**ଏଚ୍‌ସିଏଫ୍‌ସି ବିକ୍ରୟ ପାଇଁ କମ୍ ହାରରେ ସର୍ବନିମ୍ନ ମୂଲ୍ୟ ସ୍ଥିର ହେତୁ 3.08 କୋଟି ଟଙ୍କାର ସ୍ୱଳ୍ପ ଆଦାୟ**

**2.6.10.3** ଇଡ୍‌କଲ ସର୍ବନିମ୍ନ ମୂଲ୍ୟ ସ୍ଥିର କରି ଏଚ୍‌ସିଏଫ୍‌ସି ବିକ୍ରୟ ପାଇଁ ସାତୋଟି ଇ-ନିଲାମ କଲା। ଇ-ନିଲାମ ଆରମ୍ଭ କରିବା ପୂର୍ବରୁ, ବଜାର ସ୍ଥିତି ଯଥା: ଇସ୍ପାତ ମିଣ୍ଟ ମୂଲ୍ୟକୁ[30] ତୁଳନା କରି ଏଚ୍‌ସିଏଫ୍‌ସିର ବିକ୍ରୟ ମୂଲ୍ୟ ଚୂଡାନ୍ତ ହୋଇଥିଲା। ଅବଶ୍ୟ, ଇ-ନିଲାମ ପଦ୍ଧତି ଅନୁଯାୟୀ, ଇଡ୍‌କଲ୍ ଶେଷ ସର୍ବନିମ୍ନ ମୂଲ୍ୟକୁ ସେମାନଙ୍କର ଆଧାର ଭାବରେ ବିବେଚନା କଲା, ଯାହା ଉପରେ ଗତ ଟେଣ୍ଡର ତାରିଖରୁ ଇସ୍ପାତ ମିଣ୍ଟ ମୂଲ୍ୟର ପରିବର୍ତ୍ତନଗୁଡିକର ପ୍ରଭାବ ଯୋଡା/ଫେଡା ଯାଇ ପରବର୍ତ୍ତୀ ଟେଣ୍ଡର ପାଇଁ ସ୍ଥିର ହେବାକୁ ଥିବା ଏଚ୍‌ସିଏଫ୍‌ସିର ସର୍ବନିମ୍ନ ମୂଲ୍ୟ ସ୍ଥିର କରାଯାଇଥିଲା। ଫଳସ୍ୱରୂପ, ସର୍ବନିମ୍ନ ମୂଲ୍ୟ ବିଦ୍ୟମାନ ବଜାର ମୂଲ୍ୟଠାରୁ କମ୍‌ରେ ସ୍ଥିର କରାଯାଇଥିଲା। ଯେହେତୁ, ଏଚ୍‌ସିଏଫ୍‌ସିର ଇସ୍ପାତ ମିଣ୍ଟ ମୂଲ୍ୟ ବର୍ତ୍ତମାନର ବଜାର ମୂଲ୍ୟ ପ୍ରତିଫଳିତ କରିଥିଲା, ଶେଷ ସର୍ବନିମ୍ନ ମୂଲ୍ୟ ବଦଳରେ ବିଦ୍ୟମାନ ଇସ୍ପାତ ମିଣ୍ଟ ମୂଲ୍ୟକୁ ବିଚାର କରି ସର୍ବନିମ୍ନ ମୂଲ୍ୟ ସ୍ଥିର କରାଯିବା ଉଚିତ ଥିଲା। ଏହା ନକରିବା ଦ୍ୱାରା ଏଚ୍‌ସିଏଫ୍‌ସିର 4,485.308 ଏମ୍‌ଟି ବିକ୍ରିରେ 3.08 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା।

**ଲୁହାପଥର ବିକ୍ରିରେ ଅତିରିକ୍ତ 8.25 କୋଟି ଟଙ୍କାର ପରିହାର୍ଯ୍ୟ ଦେୟ**

**2.6.10.4** ଏଚ୍$_1$ ବିଡ୍ ଭିତ୍ତିରେ ବିକ୍ରୟ କ୍ଷେତ୍ରରେ ଟେଣ୍ଡରର ସର୍ତ୍ତାବଳୀ ଅନୁଯାୟୀ ରୟାଲଟି, ଡିଏମ୍‌ଏଫ୍‌କୁ ଅବଦାନ, ଅନ୍ୟାନ୍ୟ ସରକାରୀ ଶୁଳ୍କ ଏବଂ ଟିକସ ବିତରଣ ସମୟରେ ପ୍ରଯୁଜ୍ୟ ବୋଲି ସେଗୁଡିକୁ ବାଦ ଦେଇ ବିଡରମାନଙ୍କୁ କେବଳ ମୂଳ ମୂଲ୍ୟ ଉଲ୍ଲେଖ କରିବାକୁ ଅନୁରୋଧ କରାଯାଇଥିଲା। ତେବେ, ରୟାଲଟି ଏବଂ ଡିଏମ୍‌ଏଫ୍, ଏନ୍‌ଏମ୍‌ଇଟି ଇତ୍ୟାଦି ବ୍ୟତୀତ ସରକାରଙ୍କ ଦ୍ୱାରା କୌଣସି ଟିକସ କିମ୍ବା ଶୁଳ୍କ ଲାଗୁ କରାଗଲେ କ୍ରେତାଙ୍କଠାରୁ ଟଙ୍କା ଆଦାୟ ପାଇଁ ଟେଣ୍ଡରଗୁଡିକରେ ବ୍ୟବସ୍ଥା ହୋଇ ନଥିଲା। ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟମାବଳୀ) ସଂଶୋଧନ ଅଧିନିୟମ, 2021ର ଧାରା 8(4), 8ଏ (8) ଏବଂ 17 ଏ (2ସି) ଅନୁଯାୟୀ, ଆଇନର ବିଜ୍ଞପ୍ତି ତାରିଖ ଯଥା: 28 ମାର୍ଚ୍ଚ 2021ଠାରୁ ଖଣିରୁ ବିକ୍ରି ହୋଇଥିବା ଲୁହାପଥର ପରିମାଣ ଉପରେ ରୟାଲଟିର 1.5 ଗୁଣ ସହିତ ସମାନ ପରିମାଣର ଅତିରିକ୍ତ ଦେୟ ଦେବାକୁ ଇଡ୍‌କଲ୍ ବାଧ ଥିଲା। । ଯେହେତୁ, ଟେଣ୍ଡର ସର୍ତ୍ତାବଳୀରେ ସରକାରଙ୍କ ଦ୍ୱାରା ଆଦାୟ ହୋଇଥିବା ଅତିରିକ୍ତ ରାଶି ପାଇଁ ଇଡ୍‌କଲ୍‌କୁ କ୍ଷତିପୂରଣ ଦେବାର ସର୍ତ୍ତ ନଥିଲା, ତେଣୁ 60,110.050 ଏମ୍‌ଟି ଲୁହାପଥର ବିକ୍ରିରେ ଅତିରିକ୍ତ ପରିମାଣ 8.25 କୋଟି ଟଙ୍କା, ନିଜ ପାଣ୍ଠିର ଉତ୍ସରୁ ଦେବାକୁ ପଡିଲା (ଡିସେମ୍ବର 2021/ଜାନୁଆରୀ 2022)।

ସରକାର ତାଙ୍କ ଉତ୍ତରରେ ଦର୍ଶାଇଥିଲେ (ମାର୍ଚ୍ଚ 2023) ଯେ, 28 ମାର୍ଚ୍ଚ 2021ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ପକ୍ଷଙ୍କୁ ଅତିରିକ୍ତ ରାଶି ଜମା କରିବାକୁ କୁହାଯାଇଥିଲା। କିନ୍ତୁ, ଅତିରିକ୍ତ ରାଶି ବିଚାର ନକରି ମୂଲ୍ୟ ଉଲ୍ଲେଖ କରିଥିବାରୁ ସେମାନେ ମନା କରିଦେଇଥିଲେ। ଏହା ମଧ୍ୟ କୁହାଯାଇଛି ଯେ ଟେଣ୍ଡର ସର୍ତ୍ତାବଳୀରେ ସରକାରଙ୍କ ଦ୍ୱାରା ଆଦାୟ କରାଯାଉଥିବା ଅତିରିକ୍ତ ରାଶି କ୍ଷତିପୂରଣ ନିର୍ଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଅତିରିକ୍ତ ରାଶି ପ୍ରଦାନ କରାଯିବାକୁ ଥିବା ରାଶି ବିଚାର କରିବା ପରେ କ୍ରେତା କମ୍ ମୂଲ୍ୟ ଉଲ୍ଲେଖ କରିଥାଆନ୍ତେ।

30 ଇସ୍ପାତ ମିଣ୍ଟ ଦ୍ୱାରା ପ୍ରକାଶିତ ଖଣିଜ ପଦାର୍ଥର ମୂଲ୍ୟ

ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ କ୍ରେତାମାନଙ୍କୁ ଆଇନଗତ କୌଣସି ଶୁଳ୍କ ବୃଦ୍ଧିକୁ ପ୍ରଦାନ କରିବାକୁ ବାଧ କରିବା ପାଇଁ ଏକ ଧାରା ରହିବା ଏକ ସାଧାରଣ ବିଜ୍ଞତା ଥିଲା। ଜୁଲାଇ 2021 ପରଠାରୁ ପରବର୍ତ୍ତୀ ଟେଣ୍ଡରରେ ସରକାରଙ୍କ ଦ୍ୱାରା ଆଦାୟ କରାଯିବାକୁ ଥିବା କୌଣସି ଟିକସ କିମ୍ବା ଶୁଳ୍କର ବୃଦ୍ଧି ହେଲେ ଇଡ୍‌କଲ୍ କ୍ରେତାଙ୍କଠାରୁ ଏହି ଅର୍ଥ ଆଦାୟ ପାଇଁ ସଠିକ ଭାବରେ ଅନ୍ତର୍ଭୁକ୍ତ କରିଥିଲା।

## କ୍ଷତି କରୁଥିବା ପିଏସ୍‌ୟୁଗୁଡିକର ପୁନରୁଦ୍ଧାରରେ ସରକାରଙ୍କ ଭୂମିକା

**2.6.10.5** ଆରମ୍ଭରେ ଯେପରି ଦେଖାଯାଇଥିଲା, କ୍ଷତି କରୁଥିବା ପିଏସ୍‌ୟୁଗୁଡିକର ବିନିବେଶ ପାଇଁ ଯୋଜନା କରିବା ପାଇଁ କୋପୁ ପରାମର୍ଶ ଦେଇଥିଲା। ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ଦେଖାଗଲା ଯେ ଏହି ଉଦ୍ଦେଶ୍ୟରେ ଜିଓଓ ଦ୍ୱାରା ପ୍ରତିଷ୍ଠିତ ଢ଼ାଞ୍ଚା ପ୍ରଭାବହୀନ ଥିଲା ଯାହା ଦ୍ୱାରା ରଣନୀତିକ ନିବେଶକମାନଙ୍କ ପାଇଁ ପିଏସ୍‌ୟୁଗୁଡିକ ଆକର୍ଷଣୀୟ ହୋଇନଥିଲା ଯାହା ନିମ୍ନରେ ଦିଆଗଲା:

### ଓଡିଶାରେ ପିଏସ୍‌ୟୁଗୁଡିକର ବିନିବେଶର ପ୍ରକ୍ରିୟା

**2.6.10.6** ପିଏସ୍‌ୟୁଗୁଡିକର ବିନିବେଶ ନିଷ୍ପତ୍ତି ନିର୍ଦ୍ଦେଶକ ମଣ୍ଡଳୀ ଏବଂ କମ୍ପାନୀର ସଦସ୍ୟଗଣ ଅନୁମୋଦନ କରିବା ଆବଶ୍ୟକ ଏବଂ ସାର୍ବଜନୀନ ଉଦ୍ୟୋଗ (ପିଇ) ବିଭାଗକୁ ବିନିବେଶ ପାଇଁ ନୋଡାଲ ବିଭାଗ ଭାବରେ ଅବଗତ କରାଯିବ। ପିଇ ବିଭାଗ ଓଡିଶାରେ ପିଏସ୍‌ୟୁଗୁଡିକର ବିନବେଶ ପାଇଁ ଏକ ତିନି ସ୍ତରୀୟ ନିଷ୍ପତ୍ତି ଗ୍ରହଣ ଏବଂ କାର୍ଯ୍ୟକାରିତା ପ୍ରଣାଳୀ ରଖିଥିଲା (ନଭେମ୍ବର 2002/ଜାନୁଆରୀ 2021)। ଯଥା, (କ) ପ୍ରଶାସନିକ ବିଭାଗର ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଆନ୍ତଃବିଭାଗ କୋର୍ ଗ୍ରୁପ (ଆଇଡିସିଜି), (ଖ) ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ କମ୍ପାନୀ ଏବଂ ସମବାୟ ଉଦ୍ୟୋଗ ପୁନଃନିର୍ମାଣ ସମିତି (ପିସିଇଆରସି) ଏବଂ (ଗ) ମନ୍ତ୍ରୀ (ଅର୍ଥ, ପିଇ, ଶିଳ୍ପ ଏବଂ ଆଇନ)ଙ୍କ ଅଧକ୍ଷତାରେ ଡିସ୍‌ଇନ୍‌ଭେଷ୍ଟମେଣ୍ଟ କ୍ୟାବିନେଟ୍ ଉପ କମିଟି (ସିସିଡି)। ସିସିଡି ଦ୍ୱାରା ନିଆଯାଇଥିବା ସମସ୍ତ ନିଷ୍ପତ୍ତି ଶେଷରେ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ହେବ।

ସମୀକ୍ଷାରେ ଦେଖାଗଲା ଯେ, 27 ସେପ୍ଟେମ୍ବର 2010ରେ ଅନୁଷ୍ଠିତ ସିସିଡିର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଇକେଆଇଡବ୍ଲ୍ୟୁଏଲ୍ ଏବଂ ଇଫ୍‌କାଲ୍‌ର ମିଳିତ ଉଦ୍ୟୋଗ/ବିକ୍ରୟ ପାଇଁ ଇଡ୍‌କଲ୍ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଏଆଇଏଲ୍) ସହିତ ମୂଲଚାଲ କରିବ। ଏସ୍‌ଏଆଇଏଲ୍ ଏହାର ଆର୍ଥିକ ବିଡ୍ 26 ନଭେମ୍ବର 2014ରେ ଅତିରିକ୍ତ ସର୍ତ୍ତ ସହିତ ଦାଖଲ କରିଥିଲା ଯାହା ପିସିଇଆରସି ଦ୍ୱାରା ଗ୍ରହଣ କରାଯାଇନଥିଲା। ଅଥଚ, 2017-18ରୁ 2021-22 ଅବଧି ମଧ୍ୟରେ ଆଇଡିସିଜିର ତିନୋଟି ବୈଠକ ଏବଂ ପିସିଇଆରସିର ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କ୍ଷତି ସହୁଥିବା ସହାୟକ କମ୍ପାନୀଗୁଡିକର ବିନିବେଶ ଉପରେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ସେପ୍ଟେମ୍ବର 2010ଠାରୁ ଆଜି ପର୍ଯ୍ୟନ୍ତ ସିସିଡି ସହିତ କୌଣସି ବୈଠକ ଅନୁଷ୍ଠିତ ହୋଇନଥିଲା।

ଏସ୍‌ଏଆଇଏଲ୍ ସହିତ ମୂଲଚାଲ କରିବାରେ ବିଫଳ ହେବା ପରେ, ପିସିଇଆରସି ସୁପାରିଶ କଲା (ଜୁଲାଇ 2015) ଯେ, ଇଡ୍‌କଲ୍ ଏହାର ସହାୟକ କମ୍ପାନୀ ଯଥା: ଇଫ୍‌କାଲ୍ ଓ ଆଇକେଆଇଡବ୍ଲ୍ୟୁଏଲ୍‌ରେ 51 ପ୍ରତିଶତ ଇକ୍ୱିଟି ଅଂଶଗ୍ରହଣ ପାଇଁ ସିପିଏସ୍‌ୟୁମାନଙ୍କୁ ଅନୁରୋଧ କରିବା ଉଚିତ। ସମସ୍ତ ସିପିଏସ୍‌ୟୁ[31] ସୂଚନା ଦେଇଥିଲେ ଯେ ଆଇକେଆଇଡବ୍ଲ୍ୟୁଏଲ୍ ଏବଂ ଇଫ୍‌କାଲ୍‌ର ତିଷ୍ଠି ରହିବା ଏବଂ ସ୍ଥାୟୀ ଭାବରେ କାର୍ଯ୍ୟ ପାଇଁ ଏକ ଲିଜ୍/ଲିଙ୍କେଜ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ, ଇଡ୍‌କଲ୍ ଜିଓଓକୁ ଇଡ୍‌କଲର ଦୀର୍ଘକାଳୀନ ସ୍ଥାୟୀତ୍ୱ ପାଇଁ ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ପାଇଁ ଗୋଟିଏ ପିଏସ୍‌ୟୁକୁ ଏକ ରଣନୀତିକ ଭାଗିଦାରୀ ଭାବରେ ଆଣିବା ପାଇଁ ଗୋଟିଏ ଲୁହାପଥର ଖଣି ଏବଂ ଗୋଟିଏ କ୍ରୋମ ପଥର ଖଣି ଆବଣ୍ଟନକୁ ବିଚାର କରିବା ପାଇଁ ଅନୁରୋଧ କଲା (26 ନଭେମ୍ବର 2015) । ତେବେ, ତାହା କଦାପି ବାସ୍ତବ ହୋଇନଥିଲା।

କେଆଇଓସିଏଲ୍, ଏକମାତ୍ର ଆଗ୍ରହୀ ସିପିଏସ୍‌ୟୁ, ସୂଚନା ଦେଇଥିଲା (25 ଅପ୍ରେଲ 2016) ଯେ, ଇଡ୍‌କଲ୍ ସପକ୍ଷରେ ଖଣି/ସୁନିଶ୍ଚିତ କୋଇଲା ସଂଯୋଗ ବିନା ପରିଚାଳନା/ମାଲିକାନାର ପ୍ରସ୍ତାବିତ ପରିବର୍ତ୍ତନ ପରେ ମଧ

[31] ଏସ୍‌ଏଆଇଏଲ୍, ଜାତୀୟ ଖଣିଜ ଉନ୍ନୟନ ନିଗମ (ଏନ୍‌ଏମ୍‌ଡିସି), ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ (ଆରଆଇଏନ୍‌ଏଲ୍), ଜାତୀୟ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ଏବଂ କୁଦ୍ରେମୁଖ ଲୁହାପଥର କମ୍ପାନୀ ଲିମିଟେଡ୍ (କେଆଇଓସିଏଲ୍)

ଇଡ୍‌କଲ୍ ଗୋଷ୍ଠୀର ସାମ୍ପ୍ରତିକ କାର୍ଯ୍ୟ ବୈଷୟିକ କିମ୍ବା ଆର୍ଥିକ ଦୃଷ୍ଟିରୁ ସ୍ଥାୟୀ ନୁହେଁ, ଏବଂ 25 ଅପ୍ରେଲ 2016ରେ ଆର୍ଥିକ ବିଡ୍ ଦାଖଲ କରିଥିଲା। ନିର୍ଦ୍ଦିଷ୍ଟ ସର୍ତ୍ତ ସହିତ ଶେୟାର ପିଛା 226.72 ଟଙ୍କାର ରିଜର୍ଭ ମୂଲ୍ୟ ତୁଳନାରେ ମୋଟ 140 କୋଟି ଟଙ୍କା ସହିତ 51 ପ୍ରତିଶତ ଇକ୍ୱିଟି ଅଂଶଧନ ହାସଲ କରିବା ପାଇଁ କେଆଇଓସିଏଲ୍ ଶେୟାର ପିଛା 235.49 ଟଙ୍କା ଯାଚିଥିଲା (ଅପ୍ରେଲ 2016)। 09 ଜୁନ 2016ରେ ଅନୁଷ୍ଠିତ ବୈଠକରେ ପିସିଇଆରସି ଏହି ପ୍ରସଙ୍ଗରେ ବିଚାର ବିମର୍ଶ କରିଥିଲେ ଏବଂ ସେମାନଙ୍କର ବିଡ୍‌ର ସର୍ତ୍ତ ବିଷୟରେ କେଆଇଓସିଏଲ୍ ସହିତ ଆଲୋଚନା କରିବାକୁ ଆଇଡିସିଜିକୁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ (12 ଅଗଷ୍ଟ 2016) କେଆଇଓସିଏଲ୍ ସୂଚନା ଦେଇଥିଲେ ଯେ ଲୁହା ଏବଂ କ୍ରୋମ ପଥର ଖନନ ଲିଜ ଯଥାକ୍ରମେ 100 ନିୟୁତ ଟନ୍ ଏବଂ 1 ନିୟୁତ ଟନ୍ ରିଜର୍ଭ ସହ ମଞ୍ଜୁର କରିବା ଏକ ମୌଳିକ ପ୍ରସଙ୍ଗ ଅଟେ ଯାହା ବିନା ଆଇକେଆଇଡବ୍ଲ୍ୟୁଏଲ୍ ଏବଂ ଇଫ୍‌କାଲ୍‌କୁ ବିନିବେଶ ଏବଂ ପୁନରୁତ୍ଥାନ କରିବା ସମ୍ଭବ ନୁହେଁ।

ଆଇକେଆଇଡବ୍ଲ୍ୟୁଏଲ୍ ଏବଂ ଇଫ୍‌କାଲ୍‌ରେ ନିଜସ୍ୱ ବ୍ୟବହାର ପାଇଁ ଲୁହାପଥର ଏବଂ କ୍ରୋମ ପଥର ଖଣି ମଞ୍ଜୁର ପାଇଁ ଇଡ୍‌କଲ୍ ଇସ୍ପାତ ଏବଂ ଖଣି ବିଭାଗକୁ ଅନୁରୋଧ କରିଥିଲା (23 ସେପ୍ଟେମ୍ବର 2016)। ଆହୁରି ମଧ୍ୟ, 24 ଡିସେମ୍ବର 2016ରେ ଅନୁଷ୍ଠିତ ପିସିଇଆରସି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ ସିସିଡିର ଅନୁମୋଦନ ପାଇବା ପାଇଁ ସରକାରୀ ସ୍ତରରେ ଅଧିକ ଆବଶ୍ୟକୀୟ କାର୍ଯ୍ୟ ପାଇଁ କେଆଇଓସିଏଲ୍‌କୁ ସେମାନଙ୍କର ଚୂଡାନ୍ତ ଅନୁମୋଦନ ପଠାଇବାକୁ ଅନୁରୋଧ କରାଯାଇପାରେ। ଏହି ସମୟ ମଧ୍ୟରେ, କେଆଇଓସିଏଲ୍ ସେମାନଙ୍କର 8,335 କୋଟି ଟଙ୍କା ଖଣିରେ ବିକାଶ ଏବଂ କାର୍ଯ୍ୟ ପାଇଁ ବିନିଯୋଗ ଏବଂ ଆଇକେଆଇଡବ୍ଲ୍ୟୁଏଲ୍‌ରେ 1.2 ଏମ୍‌ଟିର ଏକ ଇଣ୍ଟିଗ୍ରେଟେଡ୍ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ସଂଶୋଧିତ ପ୍ରସ୍ତାବ ଦାଖଲ କଲା (ଜାନୁଆରୀ 2017)। ଇଡ୍‌କଲ୍ ପାଇଁ ଠାକୁରାଣୀ 'ଏ' ଲୁହାପଥର ଖଣି ସଂରକ୍ଷଣ/ବିଜ୍ଞପ୍ତି ଦେବାକୁ ଜିଓଓ ନିଷ୍ପତ୍ତି ଉପରେ ବିଚାର ଏବଂ ଅନୁମୋଦନ କରିବାକୁ ସେମାନେ ଇଡ୍‌କଲ୍‌କୁ ମଧ୍ୟ ଅନୁରୋଧ କରିଥିଲେ। କେଆଇଓସିଏଲ୍ ମଧ୍ୟ 24 ଡିସେମ୍ବର 2016ରେ ଅନୁଷ୍ଠିତ ପିସିଇଆରସି ବୈଠକର ମିନିଟ୍ ଜାରି କରିବାକୁ ଅନୁରୋଧ କରିଥିଲା (ଅପ୍ରେଲ 2017) ଯାହାଦ୍ୱାରା କେଆଇଓସିଏଲ୍ ସେମାନଙ୍କର ବୋର୍ଡ/ଜିଓଆଇ ସହିତ ରଣନୀତିକ ଭାଗିଦାରୀକୁ ଆଗକୁ ନେଇପାରିବେ। ଆଇକେଆଇଡବ୍ଲ୍ୟୁଏଲ୍ ପାଇଁ ନିଜସ୍ୱ ଖଣିଗୁଡିକର ସଂରକ୍ଷଣ ସମ୍ପର୍କରେ କୌଣସି ନିଶ୍ଚିତତା ବିନା ଛଅ ମାସ ବିଳମ୍ବ ପରେ ପିଇ ବିଭାଗ 19 ଜୁନ 2017ରେ ବୈଠକ ମିନିଟ୍ ଦାଖଲ କରିଥିଲା। ତେଣୁ, କେଆଇଓସିଏଲ୍ ଆର୍ଥିକ ବୈଧତାକୁ ଆହୁରି ବିସ୍ତାର କରିବାର ଅନୁରୋଧକୁ ଗ୍ରହଣ ନକରିବା ପାଇଁ ନିଷ୍ପତ୍ତି କଲା (ଅଗଷ୍ଟ 2017)। ଏହାଦ୍ୱାରା ଇଡ୍‌କଲ୍ ଏହାର କ୍ଷତି ସହୁଥିବା ସହାୟକ କମ୍ପାନୀଗୁଡିକୁ ପୁନଃଜୀବିତ କରିବାରେ 140 କୋଟି ଟଙ୍କାର ଅଂଶଧନ ସହିତ କେଆଇଓସିଏଲ୍‌କୁ ଏକ ରଣନୀତିକ ନିବେଶକ ଭାବରେ ଗ୍ରହଣ କରିବା ପ୍ରକ୍ରିୟାକୁ ହଠାତ୍ ସମାପ୍ତ କରିଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ବିନିବେଶରେ ବିଳମ୍ବ ଏବଂ ବିନିବେଶ ପାଇଁ ସମ୍ଭାବ୍ୟ ନିବେଶକଙ୍କ ଖରାପ ପ୍ରତିକ୍ରିୟାକୁ ବିଚାରକୁ ନିଆଯିବା ପରେ, ଇଡ୍‌କଲ୍ ତଥା ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀ ଯଥା, ଆଇକେଆଇଡବ୍ଲ୍ୟୁଏଲ୍ ଏବଂ ଇଫ୍‌କାଲ୍‌କୁ ଓଏମ୍‌ସିରେ ମିଶ୍ରଣ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲେ।

ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ମିଶ୍ରଣ ପାଇଁ ନିଷ୍ପତ୍ତି କେବଳ ଅଗଷ୍ଟ 2022ରେ ନିଆଯାଇଥିଲା। ଅନୁଚ୍ଛେଦରେ ଆଲୋଚିତ ହୋଇଥିବା ସେହି ନିଷ୍ପତ୍ତି ପୂର୍ବର ଅବଧି ସମ୍ବନ୍ଧୀୟ ପ୍ରସଙ୍ଗଗୁଡିକ ବିଷୟରେ ଉତ୍ତର ମଧ୍ୟ ନିର୍ଦ୍ଦିଷ୍ଟ ନଥିଲା।

### ଆଇକେଆଇଡବ୍ଲ୍ୟୁଏଲ୍‌ର ବିନିବେଶ ପାଇଁ ଜିଓଓ ଦ୍ୱାରା ନିଷ୍ପତ୍ତି ନେବାରେ ବିଳମ୍ବ

**2.6.10.7** କେଆଇଓସିଏଲ୍ ଓହରିଯିବା ହେତୁ ଆଇକେଆଇଡବ୍ଲ୍ୟୁଏଲ୍‌ର ବିନିବେଶ ପ୍ରକ୍ରିୟା ଅଗଷ୍ଟ 2017ରେ ବିଫଳ ହେବା ପରେ ଇଡ୍‌କଲ୍ ଜିଓଓକୁ ଏହାକୁ ଏକ ଖଣି କମ୍ପାନୀ ଭାବରେ ବିବେଚନା କରିବାକୁ ନିଷ୍ପତ୍ତି ନେଇଥିଲା (ଫେବୃୟାରୀ 2018) ଏବଂ ଏଥିପାଇଁ ଠାକୁରାଣୀ ବ୍ଲକ 'ଏ' ସଂରକ୍ଷଣର ଏକ ଯଥାର୍ଥତା ଜୁଲାଇ 2018ରେ ଜିଓଓରେ ଦାଖଲ କରାଯାଇଥିଲା। ସେହି ଅନୁରୋଧ ଅନୁଯାୟୀ କୌଣସି ନିଷ୍ପତ୍ତି ନିଆଯାଇନଥିଲା, ତା' ପରିବର୍ତ୍ତେ ପିସିଇଆରସି ମେଟାଲ ସ୍କ୍ରାପ୍ ବାଣିଜ୍ୟ ନିଗମ (ଏମ୍‌ଏସ୍‌ଟିସି) ମାଧ୍ୟମରେ ଇ-ନିଲାମ ମାର୍ଗରେ

ଆଇକେଆଇଡବ୍ଲ୍ୟୁଏଲ୍‌ର କାରଖାନା ଏବଂ ଯନ୍ତ୍ରପାତି ବିକ୍ରୟ କରିବାକୁ ନିଷ୍ପତ୍ତି ନେଇଥିଲା (ନଭେମ୍ବର 2019) କାରଣ ସେଗୁଡିକ ବହୁତ ପୁରୁଣା ଓ ଅବ୍ୟବହାର୍ଯ୍ୟ ଥିଲା। ସେମାନଙ୍କ ବୈଠକ ଡକାଯାଇ ନଥିବାରୁ ସିସିଡି ଏପର୍ଯ୍ୟନ୍ତ ତାଙ୍କ ଅନୁମୋଦନ ଦେଇନଥିଲେ।

ଯେହେତୁ ଇଡ୍‌କଲ୍ କର୍ତ୍ତୃପକ୍ଷଙ୍କ ଅଧିନରେ ଆଇକେଆଇଡବ୍ଲ୍ୟୁଏଲ୍ ଏବଂ ଇଫ୍‌କାଲ୍ ଚଳାଇବା ଏହା ଉପରେ ଆର୍ଥିକ ବୋଝ ପକାଇବ, ଏହାର ସହାୟକ କମ୍ପାନୀଗୁଡିକର 100 ପ୍ରତିଶତ ବିନିବେଶ ପାଇଁ ଜିଓଓକୁ ନିବେଦନ କରିବାକୁ ଇଡ୍‌କଲ୍ ବୋର୍ଡ ନିଷ୍ପତ୍ତି ନେଇଥିଲେ (ଅକ୍ଟୋବର 2021)। ଇଡ୍‌କଲ୍ ଏହାର ବୃହତ ବକେୟା ଋଣ ପରିଶୋଧ କରିବାରେ ସକ୍ଷମ ହେଉନଥିବା ବିଷୟକୁ ବିଚାରକୁ ନେଇ ପିସିଇଆରସି, ଇଡ୍‌କଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡିକୁ ଓଏମ୍‌ସି ସହିତ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଥିଲେ (02 ମଇ 2022) ଯାହା ଦ୍ୱାରା ଓଏମ୍‌ସି ଏହାର ସମସ୍ତ ଦାୟିତ୍ୱ ଗ୍ରହଣ କରିବ, ଇଡ୍‌କଲ୍‌ର ଏକତ୍ରୀକୃତ କ୍ଷତି ଯୋଗୁ ହୋଇଥିବା ଟିକସ ସୁବିଧା ମଧ ପାଇବ। ଏହାଛଡା ଖଣି ସମ୍ବନ୍ଧୀୟ ବ୍ୟବସାୟ ପାଇଁ ବୃହତ ଜମି ବ୍ୟାଙ୍କକୁ ଉପଯୋଗ କରିବ। ଏହି ନିଷ୍ପତ୍ତି ଶେଷରେ 12 ଅଗଷ୍ଟ 2022ରେ କ୍ୟାବିନେଟ ଦ୍ୱାରା ଅନୁମୋଦିତ ହୋଇଥିଲା।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସରକାର ଗ୍ରହଣ କରିଥିଲେ ଏବଂ ପ୍ରକାଶ କରିଥିଲେ (ମାର୍ଚ୍ଚ 2023) ଯେ, ସାର୍ବଜନୀନ ଉଦ୍ୟୋଗ ବିଭାଗ ଦ୍ୱାରା ସିସିଡିର ଗଠନ ନହେବାରୁ କମ୍ପାନୀଗୁଡିକର ବିନିବେଶରେ ବିଳମ୍ବ ହୋଇଛି ।

### ଉପସଂହାର

**ଓଡିଶାର ଅର୍ଥନୈତିକ ବିକାଶ ପାଇଁ ଶିଳ୍ପ ବିକାଶ ଗ୍ରହଣୀୟ ସତ୍ୟ ଅଟେ ଏବଂ ଏହି କ୍ଷେତ୍ରରେ ଇଡ୍‌କଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଡ୍‌କଲ୍‌ର ରଣନୀତିକ, କାର୍ଯ୍ୟକ୍ଷମତା ଏବଂ କାରବାରଗତ ଅଭାବ ଏହାକୁ ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ଏକ କମ୍ପାନୀ ଭାବରେ ପ୍ରଭାବହୀନ କରିଦେଲା ଏବଂ ଉଭୟ ଖଣିଜ ଭିତ୍ତିକ ଶିଳ୍ପ କ୍ଷତି ସହିଥିଲେ। ଜିଓଓ ମଧ ଏକ ଅଂଶୀଦାର ଭାବରେ ଏହାର ଭୂମିକାରେ ବିଫଳ ହୋଇଥିଲା ଯାହାର ଉଭୟ ପୁନରୁଜ୍ଜୀବନ ଏବଂ ବିନିବେଶ କ୍ଷେତ୍ରରେ ନୀତିଗତ ହସ୍ତକ୍ଷେପ ଆବଶ୍ୟକତା ଥିଲା। ଫଳସ୍ୱରୂପ, ଖଣିଜ ଭିତ୍ତିକ ଶିଳ୍ପଗୁଡିକରେ କାର୍ଯ୍ୟ କରିବା ସତ୍ତ୍ୱେ ଇଡ୍‌କଲ୍ ବିନିବେଶ ପାଇଁ ଆକର୍ଷଣୀୟ ହୋଇ ନଥିଲା। ଶେଷରେ ଓଏମ୍‌ସି ସହିତ ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଗଲା ଯଦିଓ ଏହା ଉତ୍ପାଦନ ଶିଳ୍ପ ପରିଚାଳନା ସହିତ ଜଡିତ ନୁହେଁ। ଇଡ୍‌କଲ୍‌ର ଏକତ୍ରୀକୃତ କ୍ଷତିରୁ ଓଏମ୍‌ସିକୁ କର ଲାଭର ବିଚାର କେବଳ ଅପାରଗତାର ମୂଳ ପ୍ରସଙ୍ଗକୁ ଅଣଦେଖା କରିବାର ସୂଚକ ବୋଲି କୁହାଯାଇପାରେ।**

### ସୁପାରିଶ

- **ରାଜ୍ୟର ଆର୍ଥିକ ବିକାଶରେ ଇଡ୍‌କଲ୍‌ର ଭୂମିକାକୁ ସରକାର ସେମାନଙ୍କର ଅବଦାନର ପାରାମିଟର ସହିତ ଆଜିର ପ୍ରସଙ୍ଗରେ ସ୍ପଷ୍ଟ ଭାବରେ ପୁନଃବ୍ୟାଖ୍ୟା କରିପାରନ୍ତି।**
- **ସରକାର ଆସୁଥିବା ସମସ୍ୟାର ଶୀଘ୍ର ନିରାକରଣ ଓ ପୁନରୁଜ୍ଜୀବନ ନିମିତ୍ତ ସମୟାନୁବର୍ତ୍ତୀ ପଦକ୍ଷେପ ପାଇଁ ଇଡ୍‌କଲ୍‌ର କାର୍ଯ୍ୟଦକ୍ଷତାର କ୍ରମାଗତ ସମୀକ୍ଷା ପାଇଁ ଏକ ଦୃଢ଼ ପ୍ରଣାଳୀ ବିକାଶ ଓ ପ୍ରତିଷ୍ଠା କରିପାରନ୍ତି।**
- **ସରକାର ଦଣ୍ଡନୀୟ କାର୍ଯ୍ୟରୁ ଦୂରେଇ ସମ୍ପୃକ୍ତ ନିୟମାବଳୀର ଅନୁପାଳନ ନିଶ୍ଚିତ କରିପାରନ୍ତି।**
- **ଶିଳ୍ପ ପ୍ରୋତ୍ସାହନର ଭୂମିକା କାର୍ଯ୍ୟ କରିବା ପାଇଁ ରାଜ୍ୟର ହସ୍ତକ୍ଷେପ ଦ୍ୱାରା ବେସରକାରୀ ପଦକ୍ଷେପର ଏକ ସପ୍ଲିମେଣ୍ଟ ଭାବରେ ସରକାର ଏକ ବିକଳ୍ପ ବ୍ୟବସ୍ଥା ବିଚାର କରିପାରନ୍ତି।**
- **ସରକାର ତାଙ୍କର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଭାବଶାଳୀ ବିନିବେଶ କୌଶଳ ପ୍ରସ୍ତୁତ କରିବାକୁ ବିଚାର କରିପାରନ୍ତି ।**

## 2.7 ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍

### ଉପକ୍ରମ

**2.7.1** ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ (ଓଆର୍‌ଏଚ୍‌ଡିସି) ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧିନରେ ଏକ ସମ୍ପୂର୍ଣ୍ଣ ମାଲିକାନା ଥିବା ସରକାରୀ କମ୍ପାନୀ ଭାବରେ 19 ଅଗଷ୍ଟ 1994ରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଗ୍ରାମୀଣ ଗୃହ ନିର୍ମାଣ, ପ୍ରୋତ୍ସାହନ ତଥା ବିକାଶ କରିବା ଥିଲା। ରାଜ୍ୟ ସରକାରଙ୍କ ପାଇଁ ଗ୍ରାମୀଣ ଗୃହ, ଆଜି ମଧ ବହୁତ ଗୁରୁତ୍ୱପୂର୍ଣ୍ଣ। ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ଗ୍ରାମୀଣ ଗୃହ ଯୋଜନା ଓଡିଶା ସରକାର ଜାରି ରଖିଛନ୍ତି। ଏହା ସତ୍ତ୍ୱେ କମ୍ପାନୀ ଏହାର କାର୍ଯ୍ୟକାରିତାକୁ ବଜାୟ ରଖିପାରିଲା ନାହିଁ ଏବଂ ପରିଣାମରେ କମ୍ପାନୀର ମୁଖ୍ୟ କାର୍ଯ୍ୟକଳାପ ଯଥା, ବାସଗୃହ ପାଇଁ ଅର୍ଥ ବ୍ୟବସ୍ଥା ଯୋଜନା ଋଣର ସ୍ୱଳ୍ପ ଅସୁଲି ଏବଂ ପାଣ୍ଠିର ଅଭାବ ପାଇଁ ଅର୍ଥ ବିଭାଗ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଯୋଗୁ ବନ୍ଦ ହୋଇଯାଇଥିଲା (ଜୁଲାଇ 2003)। କୌଣସି ନିର୍ଦ୍ଦେଶକ ମଣ୍ଡଳୀଙ୍କ ବିନା କମ୍ପାନୀ ବୈଷୟିକ ଭାବରେ ଚାଲୁରହିଥିଲା, ଯାହା ବିଗତ 13 ବର୍ଷ ପାଇଁ ଏହାର ହିସାବ ମଧ ପ୍ରସ୍ତୁତ କରିନଥିଲା। ମାର୍ଚ୍ଚ 2022 ସୁଦ୍ଧା ଶେଷ ହୋଇଥିବା ପାଞ୍ଚ ବର୍ଷ ମଧରେ କମ୍ପାନୀ 6.69 କୋଟି ଟଙ୍କା ଅସୁଲି କରିଥିଲା ଯାହାକି ଏହାର 2,405.11 କୋଟି ଟଙ୍କାର ବକେୟା ଦେୟର 0.28 ପ୍ରତିଶତ ଥିଲା। ସମୀକ୍ଷାରେ ନିମ୍ନ ଅନୁଚ୍ଛେଦଗୁଡିକରେ ବ୍ୟବସାୟର ସ୍ଥିତି ବିଶ୍ଳେଷଣ କରାଯାଇଛି।

### 2.7.2 ସାଙ୍ଗଠନିକ ବ୍ୟବସ୍ଥା

ଜୁନ୍ 2016ଠାରୁ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ଗଠନ ହୋଇନଥିଲା। କମ୍ପାନୀର ଦୈନନ୍ଦିନ ପରିଚାଳନା ପରିଚାଳନା ନିର୍ଦ୍ଦେଶକ କରୁଥିଲେ ଯିଏକି ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ଭାବରେ ତାଙ୍କର ମୂଳ ଦାୟିତ୍ୱ ତୁଲାଇବା ସହିତ ଅତିରିକ୍ତ ଦାୟିତ୍ୱ ବହନ କରୁଥିଲେ।

### 2.7.3 ସମୀକ୍ଷା ମାନଦଣ୍ଡ

- ନିଗମ ଯୋଜନା ଏବଂ ଯୋଜନା ନିର୍ଦ୍ଦେଶାବଳୀ;
- ବାର୍ଷିକ ବଜେଟ୍ ଏବଂ କମ୍ପାନୀର ଦୀର୍ଘକାଳୀନ ପରିପ୍ରେକ୍ଷଣ ଯୋଜନା;
- କମ୍ପାନୀ ଅଧିନିୟମ, 2013, କମ୍ପାନୀର ମେମୋରେଣ୍ଡମ ଏବଂ ଆର୍ଟିକଲ ଅଫ୍ ଆସୋସିଏସନ୍, ଓଡ଼ିଶା ସରକାରଙ୍କ ସହିତ କମ୍ପାନୀ ଦ୍ୱାରା ସ୍ୱାକ୍ଷରିତ ବୁଝାମଣାପତ୍ର ଏବଂ ନିଗମ ଶାସନ ନିୟମ; ଏବଂ
- ଓଡ଼ିଶା ସରକାରଙ୍କ ନୀତି, ବିଜ୍ଞପ୍ତି, ନିର୍ଦ୍ଦେଶାବଳୀ ଇତ୍ୟାଦି।

### ସମୀକ୍ଷା ଫଳାଫଳ

### 2.7.4 ଆର୍ଥିକ ପ୍ରଦର୍ଶନ

କମ୍ପାନୀ 2017-18ରୁ 2020-21 ଅବଧି ପାଇଁ ଅସ୍ଥାୟୀ ହିସାବ ପ୍ରସ୍ତୁତ କରିଥିଲା। କମ୍ପାନୀ 2021-22 ବର୍ଷ ପାଇଁ ଅସ୍ଥାୟୀ ହିସାବର ମଧ ସଂକଳନ କରିନଥିଲା। 31 ମାର୍ଚ୍ଚ 2021ରେ ଶେଷ ହୋଇଥିବା ଚାରି ବର୍ଷ ପାଇଁ କମ୍ପାନୀର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ଫଳାଫଳ **ପରିଶିଷ୍ଟ** 18ରେ ଦିଆଯାଇଛି।

ଏହା ଦେଖାଗଲା ଯେ, କମ୍ପାନୀ 2017-18ରୁ 2020-21 ପର୍ଯ୍ୟନ୍ତ ସମସ୍ତ ଆର୍ଥିକ ବର୍ଷରେ କ୍ଷତି ସହିଥିଲା ଏବଂ ଏହି କ୍ଷତି 2017-18ରେ 38.82 କୋଟି ଟଙ୍କାରୁ 2020-21ରେ 39.38 କୋଟି ଟଙ୍କା ମଧରେ ଥିଲା। କମ୍ପାନୀର ଏକତ୍ରୀକୃତ କ୍ଷତି 2017-18ରେ (-) 426.23 କୋଟି ଟଙ୍କାରୁ 2020-21ରେ (-) 543.76

କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଏହି କ୍ଷତି ମୁଖ୍ୟତଃ ଓଡିଶା ସରକାରଙ୍କ ଋଣ ଉପରେ ବାର୍ଷିକ 38.29 କୋଟି ଟଙ୍କାର ଆର୍ଥିକ ଖର୍ଚ୍ଚ ଯୋଗୁ ହୋଇଥିଲା। କମ୍ପାନୀର କର୍ମଚାରୀ ବାବଦରେ ଖର୍ଚ୍ଚ 2017-18ରୁ 2020-21 ମଧ୍ୟରେ 1.05 କୋଟି ଟଙ୍କାରୁ 1.28 କୋଟି ଟଙ୍କା ମଧ୍ୟରେ ଥିଲା ଯାହା ତୁଳନାରେ ସେହି ସମୟରେ ରାଜସ୍ୱ 0.27 କୋଟି ଟଙ୍କାରୁ 0.76 କୋଟି ଟଙ୍କା ଥିଲା। ଏହା ଦେଖାଗଲା ଯେ, କମ୍ପାନୀର 15 ଜଣ କର୍ମଚାରୀଙ୍କୁ ସେମାନଙ୍କର ବେତନ ପ୍ରଦାନର ସର୍ତ୍ତାବଳୀ ଏବଂ ଚୁକ୍ତିନାମା ଚୂଡାନ୍ତ ନକରି ସମୟ ସମୟରେ ଗୃହ ଏବଂ ନଗର ଉନ୍ନୟନ ବିଭାଗରେ ନିୟୋଜିତ କରାଯାଇଥିଲା। ଫଳସ୍ୱରୂପ, କମ୍ପାନୀ ସେମାନଙ୍କର ସେବା ନପାଇ ଏହି ନିୟୋଜିତ କର୍ମଚାରୀଙ୍କୁ 2017-18ରୁ 2021-22 ପର୍ଯ୍ୟନ୍ତ 2.70 କୋଟି ଟଙ୍କା ପ୍ରଦାନ କରିଥିଲା। ଯଦିଓ କମ୍ପାନୀ ଏହି କର୍ମଚାରୀମାନଙ୍କୁ ଭାରମୁକ୍ତ କରିବା ପାଇଁ ବିଭାଗକୁ ଅନୁରୋଧ କରିଥିଲା (30 ସେପ୍ଟେମ୍ବର 2022), ତାହା ଆଜି ପର୍ଯ୍ୟନ୍ତ ବିଚାରାଧୀନ ଥିଲା।

ଓଆର୍‌ଏଚ୍‌ଡିସି ଉତ୍ତର ଦେଇଥିଲା (ମାର୍ଚ୍ଚ 2023) ଯେ, ପୂର୍ବରୁ ପଠାଯାଇଥିବା ଚିଠି 30 ସେପ୍ଟେମ୍ବର 2022 ବ୍ୟତୀତ 21 ମାର୍ଚ୍ଚ 2023 ରେ ପ୍ରମୁଖ ସଚିବ, ଏଚ୍‌ଆଣ୍ଡୟୁଡି ବିଭାଗକୁ ଏକ ସ୍ମାରକପତ୍ର ଦିଆଯାଇଅଛି।

ସମୀକ୍ଷାରେ ଖରାପ ଆର୍ଥିକ ସ୍ଥିତିକୁ ବିଶ୍ଳେଷଣ କରାଯାଇଥିଲା ଯେଉଁଥିରେ ଏହା ପ୍ରକାଶ ପାଇଲା ଯେ ସାଧାରଣତଃ ଯୋଜନା, ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ତ୍ରୁଟି ଯୋଗୁ ଏହିପରି ପରିସ୍ଥିତି ହୋଇଥିଲା। ଅଧିକନ୍ତୁ, ଋଣର ଅସୁଲି ପାଇଁ, ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ଜମା ନିୟମାବଳୀ (ସର୍‌ଫାଇସି) ନିୟମାବଳୀ, 2002ର ବ୍ୟବସ୍ଥା ଏବଂ ଓଡିଶା ଜନସାଧାରଣ ଋଣ ଆଦାୟ (ଓପିଡିଆର୍) ଅଧିନିୟମ, 1962 ବ୍ୟବସ୍ଥା ଅନୁଯାୟୀ, ଉତ୍ତମ ଅସୁଲି କରିବା ପାଇଁ ବନ୍ଧକ ସମ୍ପତ୍ତିଗୁଡିକର ଅଧିଗ୍ରହଣ କରାଯାଇ ନଥିଲା।

### 2.7.5 ଯୋଜନା, ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

i. ଓଡ଼ିଶା ସରକାରଙ୍କ ନିଗମ ଶାସନ ନିୟମ ଅନୁଯାୟୀ ଆର୍ଥିକ ଏବଂ ଅଣ-ଆର୍ଥିକ ଲକ୍ଷ୍ୟର ସଫଳତା ସହିତ ସମ୍ବଳ ଆବଶ୍ୟକତାକୁ ଏକୀଭୂତ କରିବା ପାଇଁ କମ୍ପାନୀ କର୍ପୋରେଟ୍ ଦୀର୍ଘକାଳୀନ ଯୋଜନା କିମ୍ବା ବାର୍ଷିକ ବଜେଟ ପ୍ରସ୍ତୁତ କରିନଥିଲା। ନିୟମାବଳୀ ଅନୁଯାୟୀ ପ୍ରଶାସନିକ ବିଭାଗ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ କରିନଥିଲା, ଯାହା କର୍ପୋରେଟ୍ ଯୋଜନା ଉପରେ ଆଧାର କରି ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକାଙ୍କର ବିକାଶ ନିର୍ଦ୍ଧିଷ୍ଟ କରେ ଏବଂ ପ୍ରତ୍ୟେକ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅନୁଯାୟୀ ଲକ୍ଷ୍ୟ ନିର୍ଦ୍ଧିଷ୍ଟ କରେ। କର୍ପୋରେଟ୍ ଯୋଜନା ଏବଂ ଏମ୍‌ଓୟୁ ହୋଇନଥିବାରୁ ସମୀକ୍ଷାରେ କମ୍ପାନୀର ଲକ୍ଷ୍ୟ ତୁଳନାରେ କାର୍ଯ୍ୟଦକ୍ଷତାର ମୂଲ୍ୟାଙ୍କନ ହୋଇ ପାରିନଥିଲା।

ii. ଜୁନ୍ 2016ଠାରୁ କମ୍ପାନୀ ନିର୍ଦ୍ଦେଶକ ମଣ୍ଡଳୀଙ୍କର କୌଣସି ବୈଠକ କରିନଥିଲା। ବ୍ୟବସାୟ ପ୍ରକ୍ରିୟାର ଅଖଣ୍ଡତା ଏବଂ ଆର୍ଥିକ ରିପୋର୍ଟର ବିଶ୍ୱସନୀୟତାକୁ ସୁରକ୍ଷିତ ରଖିବା ପାଇଁ କମ୍ପାନୀ ପାଖରେ କୌଣସି ସମୀକ୍ଷା ସମିତି କିମ୍ବା ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ନଥିଲା।

ନିର୍ଦ୍ଦେଶକ ମଣ୍ଡଳୀ ଯାହା ମୁଖ୍ୟତଃ କମ୍ପାନୀର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ପର୍ଯ୍ୟାଲୋଚନା ପାଇଁ ଦାୟୀ ଥିଲା, ତାଙ୍କର ଅନୁପସ୍ଥିତିରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ତ୍ରୁଟି ଥିଲା।

ଓଆର୍‌ଏଚ୍‌ଡିସି/ଓଡ଼ିଶା ସରକାରଙ୍କ ଦ୍ୱାରା କୌଣସି ଉତ୍ତର ପ୍ରଦାନ କରାଯାଇନଥିଲା।

### 2.7.6 ଋଣ ଯୋଜନାର ପରିଚାଳନା

କମ୍ପାନୀ ମୋଟ 614.49 କୋଟି[32] ଟଙ୍କାର ପୁଞ୍ଜି ଉଠାଇଥିଲା ଏବଂ 1995ରୁ 2003 ମଧ୍ୟରେ 1,60,362 ହିତାଧିକାରୀଙ୍କୁ ଛଅଟି ବିଭିନ୍ନ ଯୋଜନା ଅଧୀନରେ କମ୍ପାନୀ 554.47 କୋଟି ଟଙ୍କା ଋଣ ପ୍ରଦାନ କରିଥିଲା।

32 ଏଚ୍‌ୟୁଡିସିଓଠାରୁ ଋଣ (438.33 କୋଟି ଟଙ୍କା) + ଓଡ଼ିଶା ସରକାରଙ୍କ ଦ୍ୱାରା ପୁଞ୍ଜି ସଞ୍ଚାର (48.16 କୋଟି ଟଙ୍କା) + କ୍ରେଡିଟ୍ ଲିଙ୍କଡ୍ ହାଉସିଂ ଯୋଜନା ଏବଂ କଳିଙ୍ଗ କୁଟୀର ଯୋଜନା ଅଧୀନରେ ରଖାଯାଇଥିବା ଶ୍ରମ ଉପାଦାନ (102 କୋଟି ଟଙ୍କା + 26 କୋଟି ଟଙ୍କା)

ଯେହେତୁ, ଜୁଲାଇ 2003ଠାରୁ ଋଣ ପ୍ରଦାନ ବନ୍ଦ ହୋଇଯାଇଥିଲା, ବର୍ତ୍ତମାନ ଓଆର୍‌ଏଚ୍‌ଡିସିର ମୁଖ୍ୟ କାର୍ଯ୍ୟକଳାପ ଏହି ଋଣଗୁଡିକର ଅସୁଲି କରିବା ଥିଲା। ସମୀକ୍ଷାରେ ଦେଖାଗଲା ଯେ, ଏହି ଯୋଜିନାଗୁଡିକ ଅଧିନରେ ବହୁ ପରିମାଣର ଋଣ ବକେୟା ଥିଲା ଏବଂ 2017-18ରୁ 2021-22 ମଧ୍ୟରେ ବକେୟା ଋଣର ଅସୁଲି ଅଳ୍ପ ଥିଲା ଯାହାକି ନିମ୍ନ ଅନୁଚ୍ଛେଦରେ ଆଲୋଚନା ହୋଇଛି।

### 2.7.6.1 ପ୍ରୋଜେକ୍ଟ ଫାଇନାନ୍ସ ଯୋଜନା

ସହରାଞ୍ଚଳରେ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ବିଲଡର୍/ନିର୍ମାଣକାରୀ କମ୍ପାନୀ ପାଇଁ ବ୍ରିଜ୍ ଋଣ[33]କୁ ସୁଗମ କରିବା ପାଇଁ କମ୍ପାନୀ ମଇ 1996ରେ ପ୍ରୋଜେକ୍ଟ ଫାଇନାନ୍ସ ଯୋଜନା ଆରମ୍ଭ କରିଥିଲା। ଏହି ଯୋଜନା ଅଧିନରେ 1996ରୁ 2001 ମଧ୍ୟରେ 25 ଜଣ ହିତାଧିକାରୀଙ୍କୁ 19.74 କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଋଣର ସୁଧ ହାର ବାର୍ଷିକ 17ରୁ 21 ପ୍ରତିଶତ ମଧ୍ୟରେ ଥିଲା ଯାହା ପାଇଁ ସୁଧ କିମ୍ବା ମୂଳ ଦେୟରେ ବିଫଳ ହେଲେ ବାର୍ଷିକ ଆହୁରି 2ରୁ 3.5 ପ୍ରତିଶତ ଅଧିକ ଦଣ୍ଡ ବିଧାନ ସୁଧ ଦେବାର ଥିଲା। ଋଣ ବିରୁଦ୍ଧରେ ଜମି ଦସ୍ତାବିଜ ବନ୍ଧକ ରଖାଯାଇଥିଲା। ସମୀକ୍ଷାରେ ଦେଖାଗଲା ଯେ:

- 1998ରୁ 2007 ମଧ୍ୟରେ ଦଶ ଜଣ ହିତାଧିକାରୀ ଋଣ ପରିଶୋଧ କରି ଋଣ ଖାତା ବନ୍ଦ କରିଥିଲେ ଏବଂ ଜଣେ ହିତାଧିକାରୀ 2018ରେ ଋଣ ପରିଶୋଧ କରିଥିଲେ। 2017-18ରୁ 2021-22 ମଧ୍ୟରେ, କେବଳ ଜଣେ ହିତାଧିକାରୀ 0.29 କୋଟି ଟଙ୍କା ପରିଶୋଧ କରି ଋଣ ଖାତା ବନ୍ଦ କରିଥିଲେ। ଉପର୍ଯ୍ୟୁକ୍ତ ସମୟରେ ଅନ୍ୟ 14 ଜଣ ହିତାଧିକାରୀଙ୍କଠାରୁ କୌଣସି ଅସୁଲି ହୋଇ ପାରିନଥିଲା। ମାର୍ଚ୍ଚ 2022 ସୁଦ୍ଧା, 14 ଜଣ ହିତାଧିକାରୀଙ୍କ ବିରୋଧରେ ବକେୟା ଋଣ 64.55 କୋଟି ଟଙ୍କା ସୁଧ ସହିତ 71.55 କୋଟି ଟଙ୍କା ଥିଲା।

- ଋଣର ପରିଶୋଧ ପାଇଁ ଦାବିପତ୍ର ନିୟମିତ ଭାବରେ ଦିଆଯାଉ ନଥିଲା। 2017-18ରୁ 2021-22 ମଧ୍ୟରେ କେବଳ ତିନି ଜଣ ହିତାଧିକାରୀଙ୍କୁ ଥରେ ଦାବିପତ୍ର ପ୍ରଦାନ କରାଯାଇଥିଲା ଏବଂ ଏହି ଅବଧି ମଧ୍ୟରେ ଅନ୍ୟ ହିତାଧିକାରୀଙ୍କୁ ଦାବିପତ୍ର ଦିଆଯାଇ ନଥିଲା।

- ବୋର୍ଡ ସଂକଳ୍ପ ପ୍ରସାର (ନଭେମ୍ବର 2012) ଅନୁଯାୟୀ, ପରିଚାଳନା ନିର୍ଦ୍ଦେଶକଙ୍କୁ ସର୍‌ଫାଇସି ଅଧିନିୟମ, 2002କୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାଧିକୃତ ଅଧିକାରୀ ଭାବରେ ନିଯୁକ୍ତ କରିଥିଲେ। କିନ୍ତୁ, 14 ଜଣ ହିତାଧିକାରୀଙ୍କ ମଧ୍ୟରୁ ସାତ ଜଣ ହିତାଧିକାରୀଙ୍କୁ ବନ୍ଧକ ସମ୍ପତ୍ତିର ଜବତ ପାଇଁ ସର୍‌ଫାଇସି ଅଧିନିୟମ ଅନୁଯାୟୀ କୌଣସି ନୋଟିସ ପ୍ରଦାନ କରାଯାଇନଥିଲା। ହିତାଧିକାରୀଙ୍କ ସହିତ କାରବାରରେ ଏହା ଅପ୍ରତ୍ୟାଶିତ ଭେଦଭାବକୁ ସୂଚିତ କରୁଥିଲା। ଯଦିଓ ସାତ ଜଣ ହିତାଧିକାରୀଙ୍କୁ ନୋଟିସ୍ ପ୍ରଦାନ କରାଯାଇଥିଲା, ପାଞ୍ଚ ଜଣ ହିତାଧିକାରୀଙ୍କ କ୍ଷେତ୍ରରେ ସମ୍ପତ୍ତିର ଜବତ କରାଯାଇ ନଥିଲା। ଦୁଇ ହିତାଧିକାରୀ ଯାହାଙ୍କଠାରୁ ଅଧିନିୟମ ଅନୁଯାୟୀ ସମ୍ପତ୍ତି ଜବତ କରାଯାଇଥିଲା, କମ୍ପାନୀ ଜୁଲାଇ 2010 ଏବଂ ଅକ୍ଟୋବର 2013ରେ ବନ୍ଧକ ସମ୍ପତ୍ତି ବିକ୍ରୟ ମାଧମରେ 4.23 କୋଟି ଟଙ୍କା ଅସୁଲି କରିଥିଲେ। ତେଣୁ, ସମସ୍ତ ବିଫଳ ହିତାଧିକାରୀଙ୍କ ବିରୁଦ୍ଧରେ ସର୍‌ଫାଇସି ଅଧିନିୟମ, 2002ର କାର୍ଯ୍ୟକାରୀ ନହେବା ଏବଂ ଋଣ ଆଦାୟ ପାଇଁ ଅନୁସରଣର ଅଭାବ ଯୋଗୁ, ମାର୍ଚ୍ଚ 2022 ସୁଦ୍ଧା 71.55 କୋଟି ଟଙ୍କା ଆଦାୟ ହୋଇପାରି ନଥିଲା।

- ଅଧିକନ୍ତୁ, ସମୀକ୍ଷାରେ ଏହା ଦେଖାଗଲା ଯେ ଜୁଲାଇ 2018ରେ ମେସର୍ସ ବି. ଇଞ୍ଜିନିୟରିଂ ଏବଂ ବିଲ୍ଡର୍ସଙ୍କ ବକେୟା ଋଣ ସମାଧାନ ମାମଲାରେ କମ୍ପାନୀ ଦ୍ୱାରା ଋଣ ସମାଧାନ ରାଶି ଭୁଲ ଭାବରେ ଗଣନା କରାଯାଇଥିଲା। ମେସର୍ସ ବି. ଇଞ୍ଜିନିୟରିଂ ଏବଂ ବିଲ୍ଡର୍ସର ଋଣ ଲେଜର ଖାତା ଡିସେମ୍ବର

---

33 ବ୍ରିଜ୍ ଋଣ ହେଉଛି ଏକ ସ୍ୱଳ୍ପମିଆଦୀ ଋଣ, ଯାହା ଜଣେ ବ୍ୟକ୍ତି କିମ୍ବା କମ୍ପାନୀ ବ୍ୟବହାର କରନ୍ତି ଯେପର୍ଯ୍ୟନ୍ତ ସ୍ଥାୟୀ ଆର୍ଥିକ ସହାୟତା ନପାଆନ୍ତି ଏବଂ ବିଦ୍ୟମାନ ଋଣ ଦେୟ ନକରିଥାନ୍ତି

2006ରୁ ଅପଡେଟ୍ ହୋଇନଥିଲା। କମ୍ପାନୀ ଦ୍ୱାରା 0.29 କୋଟି ଟଙ୍କାର ଦାବି ଆଧାରରେ ଏହି ଋଣ ପରିଶୋଧର ସମାଧାନ କରାଯାଇଥିଲା (ଜୁଲାଇ 2018)। କିନ୍ତୁ, ସମୀକ୍ଷାରେ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ଏହାର ପୁନଃଗଣନା କରାଯାଇଥିଲା ଏବଂ ଦେଖାଯାଇଥିଲା ଯେ ଭୁଲ ହିସାବ ହେତୁ ଋଣ ସମାଧାନ ବାବଦକୁ ମେସର୍ସ ବି. ଇଞ୍ଜିନିୟରିଂ ଏବଂ ବିଲ୍ଡର୍ସଠାରୁ 0.66 କୋଟି ଟଙ୍କାର ସ୍ୱଳ୍ପ ଆଦାୟ ହୋଇଥିଲା।

କମ୍ପାନୀ ପରିଶୋଧ ରାଶି ପ୍ରଥମେ ଦଣ୍ଡବିଧାନ ସୁଧ ଏବଂ ତାହା ପରେ ସୁଧ ଏବଂ ମୂଳରୁ ହ୍ରାସ କରିବା ପରିବର୍ତ୍ତେ ପ୍ରଥମେ ସୁଧ ଏବଂ ମୂଳରୁ ଏବଂ ତାହା ପରେ ଦଣ୍ଡବିଧାନ ସୁଧରୁ ହ୍ରାସ କରିବାର ନୀତି ଗ୍ରହଣ କରିଥିଲା। ଏହା ଏକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ମିଳିଥିବା ଏକ ବିଶେଷଜ୍ଞ ମତ ସତ୍ତ୍ୱେ ହୋଇଥିଲା। ଏହି କାରଣରୁ, ମେସର୍ସ ବି. ଇଞ୍ଜିନିୟରିଂ ଏବଂ ବିଲ୍ଡର୍ସର ଋଣ ପରିମାଣ ସମାଧାନରେ 1.06 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା। ତେଣୁ, ପ୍ରୋଜେକ୍ଟ ଫାଇନାନ୍ସ ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ମେସର୍ସ ବି. ଇଞ୍ଜିନିୟରିଂ ଏବଂ ବିଲ୍ଡର୍ସଙ୍କ ଋଣ ସମାଧାନରେ 1.72 କୋଟି ଟଙ୍କା (0.66 କୋଟି ଟଙ୍କା + 1.06 କୋଟି ଟଙ୍କା) କ୍ଷତି ଘଟିଥିଲା।

ଓଆର୍‌ଏଚ୍‌ଡିସି ଉତ୍ତର ଦେଇଥିଲା (ମାର୍ଚ୍ଚ 2023) ଯେ, ଅପଡେଟେଡ୍ ଦାବିପତ୍ର କରଜଧାରୀଙ୍କୁ ପଠାଯିବ। ଅଧିକନ୍ତୁ, ସମୀକ୍ଷାର ପର୍ଯ୍ୟବେକ୍ଷଣ ଅନୁଯାୟୀ ନୂତନ ଦାବିପତ୍ର ମେସର୍ସ ବି. ଇଞ୍ଜିନିୟରିଂ ଏବଂ ବିଲ୍ଡର୍ସଙ୍କୁ ବର୍ତ୍ତମାନ ପଠାଯାଇଛି।

### 2.7.6.2 ବିଲ୍ଡିଂ ସେଣ୍ଟର ଯୋଜନା

ଫେବୃୟାରୀ 2000ରେ କମ୍ପାନୀ ବିଲ୍ଡିଂ ସେଣ୍ଟର ଯୋଜନା କାର୍ଯ୍ୟକାରୀ କରିଥିଲା ଯେଉଁଥିରେ 13ଟି ବାତ୍ୟା (ମହାବାତ୍ୟା 1999) ପ୍ରଭାବିତ ଜିଲାଗୁଡିକରେ ନିର୍ମାଣ ସାମଗ୍ରୀର ଆବଶ୍ୟକତା ପାଇଁ ସ୍ୱଳ୍ପ ମୂଲ୍ୟର ନିର୍ମାଣ ସାମଗ୍ରୀ ଉତ୍ପାଦନ ପାଇଁ ଋଣ ଦିଆଯାଇଥିଲା। ଏହି ଯୋଜନା ଅଧୀନରେ 2000ରୁ 2002 ମଧ୍ୟରେ 5.84 କୋଟି ଟଙ୍କାର ଋଣ ନିର୍ମାଣ ସାମଗ୍ରୀ ଉତ୍ପାଦନରେ ନିୟୋଜିତ 67ଟି ଏନ୍‌ଜିଓ/ବେସରକାରୀ ସଂସ୍ଥାକୁ ପ୍ରଦାନ କରାଯାଇଥିଲା। ବାର୍ଷିକ 13.5 ପ୍ରତିଶତ ସୁଧ ହାରରେ ଏହି ଋଣ ପ୍ରଦାନ କରାଯାଇଥିଲା। ଋଣ ପାଇଁ ଜମି ଦସ୍ତାବିଜ ବନ୍ଧକ ରଖାଯାଇଥିଲା।

ଏହି ଯୋଜନା ଅଧୀନରେ ଅନୁମୋଦିତ ଋଣର ବକେୟା ଏବଂ ଅସୁଲିର ସ୍ଥିତି ବିଶ୍ଳେଷଣ କରାଯାଇଥିଲା ଏବଂ ଦେଖାଗଲା ଯେ, 67 ଜଣ ହିତାଧିକାରୀଙ୍କ ମଧ୍ୟରୁ ନଅ ଜଣ ହିତାଧିକାରୀ ଋଣ ପରିଶୋଧ କରିଥିଲେ। ମୂଳ ଏବଂ ସୁଧ ବାବଦରେ 2017-18ରୁ 2021-22 ମଧ୍ୟରେ କୌଣସି ଋଣ ରାଶିର ଅସୁଲି କରାଯାଇ ନଥିଲା। ଋଣର ଅସୁଲି ପାଇଁ ଦାବିପତ୍ର ନିୟମିତ ଭାବରେ ପ୍ରଦାନ କରାଯାଇ ନଥିଲା। 2017-18ରୁ 2021-22 ଅବଧି ମଧ୍ୟରେ କେବଳ ମାର୍ଚ୍ଚ 2020 ରେ ଥରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କୌଣସି ହିତାଧିକାରୀଙ୍କ ବିରୁଦ୍ଧରେ ବନ୍ଧକ ସମ୍ପତ୍ତିର ଜବତ ପାଇଁ, ସର୍‌ଫାଇସି ଅଧିନିୟମ, 2002 ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଫଳସ୍ୱରୂପ, ମାର୍ଚ୍ଚ 2022 ସୁଦ୍ଧା 69.96 କୋଟି ଟଙ୍କାର ବକେୟା ପଡି ରହିଥିଲା।

ଓଆର୍‌ଏଚ୍‌ଡିସି ଉତ୍ତର ଦେଇଥିଲା (ମାର୍ଚ୍ଚ 2023) ଯେ, ଏହି ଯୋଜନା ଅନ୍ତର୍ଗତ କରଜଧାରୀଙ୍କୁ ଅପଡେଟେଡ୍ ଦାବିପତ୍ର ଜାରି କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

### 2.7.6.3 କର୍ପୋରେଟ୍ ଋଣ ଯୋଜନା

କର୍ପୋରେଟ୍ ଋଣ ଯୋଜନା ଅଧୀନରେ, କମ୍ପାନୀ ରାଜ୍ୟ/କେନ୍ଦ୍ର ସରକାର/ପିଏସ୍‌ୟୁ/ଅର୍ଦ୍ଧସରକାରୀ ସଂସ୍ଥା/ସ୍ୱାୟତ୍ତ ଶାସନ ସରକାରଙ୍କର କର୍ମଚାରୀ ଯେଉଁ ମାନଙ୍କର ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳରେ ଥିବା ଘର ମହାବାତ୍ୟା 1999ରେ ପ୍ରଭାବିତ ହୋଇଥିଲା ସେମାନଙ୍କୁ ଋଣ ପ୍ରଦାନ କରିଥିଲା। ବାର୍ଷିକ 13.5 ପ୍ରତିଶତ ସୁଧ ହାରରେ ଏହି ଋଣଗୁଡିକ ବିତରଣ କରାଯାଇଥିଲା। ବିତରଣ କରାଯାଇଥିବା ଋଣ ହିତାଧିକାରୀଙ୍କର ନିଯୁକ୍ତିଦାତାଙ୍କ ଦ୍ୱାରା ଗ୍ୟାରେଣ୍ଟିଯୁକ୍ତ

ହୋଇଥିଲା। 1999ରୁ 2003 ମଧ୍ୟରେ କମ୍ପାନୀ 116.22 କୋଟି ଟଙ୍କା ଏହି ଯୋଜନା ଅଧୀନରେ 25,793 ଜଣ ହିତାଧିକାରୀଙ୍କୁ ବିତରଣ କରିଥିଲା। ଏଥିମଧ୍ୟରୁ, 16,906 ଜଣ ହିତାଧିକାରୀ ଋଣ ପରିଶୋଧ କରି ସେମାନଙ୍କ ଋଣ ଖାତା ବନ୍ଦ କରିଥିଲେ।

ଏଥିରୁ ପୁଣି ଦେଖାଗଲା ଯେ କମ୍ପାନୀ 2017-18ରୁ 2021-22 ମଧ୍ୟରେ ମୂଳ ବାବଦରେ 3.39 କୋଟି ଟଙ୍କା ଏବଂ ସୁଧ ବାବଦରେ 1.41 କୋଟି ଟଙ୍କା ଅସୁଲି କରିଥିଲା, ଯାହା ମୂଳର 8.72 ପ୍ରତିଶତ ଏବଂ ସୁଧର 0.69 ପ୍ରତିଶତକୁ ସୂଚାଉଥିଲା। 31 ମାର୍ଚ୍ଚ 2022 ସୁଦ୍ଧା ମୋଟ ସୁଧ ଏବଂ ମୂଳ ବାବଦରେ ଯଥାକ୍ରମେ 203.96 କୋଟି ଟଙ୍କା ଏବଂ 38.88 କୋଟି ଟଙ୍କା ବକେୟା ପଡିରହିଥିଲା। ଫଳସ୍ୱରୂପ, 8,887 ଜଣ ହିତାଧିକାରୀଙ୍କଠାରୁ 242.84 କୋଟି ଟଙ୍କା ଆଦାୟ ହୋଇପାରି ନଥିଲା। ବକେୟା ଋଣ ଅସୁଲି ପାଇଁ କମ୍ପାନୀ ଓପିଡିଆର୍ ଅଧିନିୟମ, 1962 ଅନୁଯାୟୀ କୌଣସି ପଦକ୍ଷେପ ନେଇ ନଥିଲା।

ଓଆର୍ଏଚ୍‌ଡିସି ଉତ୍ତର ଦେଇଥିଲା (ମାର୍ଚ୍ଚ 2023) ଯେ, ଇତି ମଧ୍ୟରେ ସମ୍ପୃକ୍ତ ଉଠାଣ ଏବଂ ବିତରଣ କାର୍ଯ୍ୟାଳୟକୁ ଅନେକ ଗୁଡିଏ ଦାବିପତ୍ର ପଠାଯାଇଛି ଏବଂ ଓପିଡିଆର୍ ଅଧିନିୟମ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଗତ ଖିଲାପି କରଜଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ।

### 2.7.6.4 କଳିଙ୍ଗ କୁଟୀର ଯୋଜନା

ବାର୍ଷିକ 10 ପ୍ରତିଶତ ସୁଧ ହାରରେ ଗ୍ରାମାଞ୍ଚଳର ଅର୍ଥନୈତିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କୁ ସହଜ ଋଣ ସହାୟତା ଯୋଗାଇଦେବା ପାଇଁ ଓଡିଶା ସରକାର କମ୍ପାନୀ ମାଧ୍ୟମରେ କଳିଙ୍ଗ କୁଟୀର ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ (ଅକ୍ଟୋବର 1994)। ଏହି ଋଣଗୁଡିକ ଜମିର ରେକର୍ଡ-ଅଫ୍-ରାଇଟ୍[34] ଏବଂ ଟାଇଟଲ୍ ଡିଡସ୍ ଏବଂ ଋଣ ପରିଶୋଧ ହେବା ପର୍ଯ୍ୟନ୍ତ 4,500 ଟଙ୍କାର ସ୍ଥାୟୀ ଜମା ଉପରେ ଆଇନଗତ ଅଧିକାର ସହିତ ସୁରକ୍ଷିତ ଥିଲା। ଏହି ଯୋଜନା ଅଧୀନରେ, 1995ରୁ 2003 ମଧ୍ୟରେ କମ୍ପାନୀ 59.23 କୋଟି ଟଙ୍କା ଋଣ 28,524 ଜଣ ହିତାଧିକାରୀଙ୍କୁ ପ୍ରଦାନ କରିଥିଲା। ସେଥିମଧ୍ୟରୁ, 4,114 ଜଣ ହିତାଧିକାରୀ ଋଣ ପରିଶୋଧ କରିଥିଲେ। ମାର୍ଚ୍ଚ 2022 ସୁଦ୍ଧା ଅବଶିଷ୍ଟ 24,410 ଜଣ ହିତାଧିକାରୀଙ୍କଠାରୁ 75.38 କୋଟି ଟଙ୍କା ସୁଧ ସହିତ 128.83 କୋଟି ଟଙ୍କା ବକେୟା ପଡିରହିଥିଲା। ଏହା ଦେଖାଗଲା ଯେ:

i. 31 ମାର୍ଚ୍ଚ 2022ରେ ଶେଷ ହୋଇଥିବା ଗତ ପାଞ୍ଚ ବର୍ଷ ମଧ୍ୟରେ ମୂଳ ବାବଦରେ କୌଣସି ଅର୍ଥ ଅସୁଲି ହୋଇନଥିଲା ଏବଂ 2019-20 ଏବଂ 2020-21ରେ ସୁଧ ବାବଦରେ କୌଣସି ଅସୁଲି ହୋଇନଥିଲା। ଅଥଚ, କମ୍ପାନୀ 2017-18, 2018-19 ଏବଂ 2021-22 ମଧ୍ୟରେ ଅଳ୍ପ ପରିମାଣର ଯଥା 0.01 କୋଟି ଟଙ୍କା ସୁଧ ବାବଦରେ ଅସୁଲି କରିବାରେ ସକ୍ଷମ ହୋଇଥିଲା। 31 ମାର୍ଚ୍ଚ 2022 ସୁଦ୍ଧା 75.38 କୋଟି ଟଙ୍କାର ସୁଧ ସହିତ 128.83 କୋଟି ଟଙ୍କା ବକେୟା ପଡିରହିଥିଲା।

ii. ଓପିଡିଆର୍ ଅଧିନିୟମ, 1962 ଅନୁଯାୟୀ ଖିଲାପୀ ହିତାଧିକାରୀଙ୍କ ବିରୋଧରେ କୌଣସି ଦାବିପତ୍ର ଦେବା ପାଇଁ ପଦକ୍ଷେପ ନିଆଯାଇ ନଥିଲା। ଏହି କାରଣରୁ ଏହି ଯୋଜନା ଅଧୀନରେ 128.83 କୋଟି ଟଙ୍କା ବକେୟା ରହିଥିଲା। ଅଥଚ, ଓଡ଼ିଶା ସରକାର ନିଷ୍ପତ୍ତି ନେଇଥିଲେ (ଜୁଲାଇ 2018) ଯେ କଳିଙ୍ଗ କୁଟୀର ଯୋଜନା ଅନ୍ତର୍ଗତ ଇଡବ୍ଲ୍ୟୁଏସ୍ ଋଣ ଗୃହୀତାଙ୍କ ଋଣ ଛାଡ ପାଇଁ କମ୍ପାନୀ ସରକାରଙ୍କ ନିକଟରେ ପ୍ରସ୍ତାବ ଦାଖଲ କରିବେ। ଅଥଚ, ଏପର୍ଯ୍ୟନ୍ତ (ସେପ୍ଟେମ୍ବର 2022) କମ୍ପାନୀ ଦ୍ୱାରା ସେପରି କୌଣସି ପ୍ରସ୍ତାବ ଦାଖଲ କରାଯାଇ ନଥିଲା।

---

[34] 'ରେକର୍ଡ ଅଫ୍ ରାଇଟ୍' ହେଉଛି ଏକ ଆଇନଗତ ଦଲିଲ ଯାହା ଜମି ଏବଂ ଏହାର ମାଲିକଙ୍କ ସବିଶେଷ ତଥ୍ୟ ଦେଇଥାଏ

ଓଆର୍‌ଏଚ୍‌ଡିସି ଉତ୍ତର ଦେଇଥିଲା (ମାର୍ଚ୍ଚ 2023) ଯେ, ଖିଲାପୀ ହିତାଧିକାରୀଙ୍କୁ ଖୁବ ଶୀଘ୍ର ଅପଡେଟେଡ୍ ଦାବିପତ୍ର ପ୍ରଦାନ କରାଯିବ ଏବଂ ଖିଲାପି ହିତାଧିକାରୀଙ୍କ ବିରୋଧରେ ଓପିଡିଆର ଅଧିନିୟମ/ ସର୍‌ଫାଇସି ଅଧିନିୟମ ଲାଗୁ କରିବାକୁ ପଦକ୍ଷେପ ନିଆଯିବ।

### 2.7.6.5 ବ୍ୟକ୍ତିଗତ ହାଉସିଂ ଫାଇନାନ୍ସ ଯୋଜନା (ଆଇଏଚ୍‌ଏଫ୍‌ଏସ୍)

ବାସଗୃହ ନିର୍ମାଣ ଏବଂ ଅଧିଗ୍ରହଣ ପାଇଁ, ବେସରକାରୀ ବ୍ୟକ୍ତିଙ୍କଠାରୁ ନୂତନ ଘର କଣିବା, ଯେ କୌଣସି ଅର୍ଦ୍ଧସରକାରୀ ସଂସ୍ଥା/ କେନ୍ଦ୍ର ସରକାର/ ସ୍ୱୟଂଚାଳିତ ସଂସ୍ଥା ଦ୍ୱାରା ନିର୍ମିତ ଘର/ଫ୍ଲାଟ୍ କିଣିବା ଏବଂ ବିଦ୍ୟମାନ ବାସସ୍ଥାନର ସମ୍ପ୍ରସାରଣ ପାଇଁ କମ୍ପାନୀ ଦୀର୍ଘକାଳୀନ ଋଣ ବ୍ୟକ୍ତିଗତ ହାଉସିଂ ଫାଇନାନ୍ସ ଯୋଜନା (ଆଇଏଚ୍‌ଏଫ୍‌ଏସ୍) ଅଧିନରେ ମଇ 1995ରୁ ପ୍ରଦାନ କରିଥିଲା। ଏହି ଋଣ ବ୍ୟକ୍ତି ବିଶେଷ, କାର୍ଯ୍ୟରତ ଦମ୍ପତି, ବ୍ୟବସାୟୀ, ସ୍ୱୟଂନିଯୁକ୍ତି ପେଶାଦାର ଏବଂ ଅନେକ ସୁତ୍ରରୁ ଆୟ କରୁଥିବା ପରିବାରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଋଣ ଜମିର ଦସ୍ତାବିଜ ଏବଂ ବେତନରୁ କାଟ୍ ପାଇଁ ନିଯୁକ୍ତିଦାତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରତିଶ୍ରୁତି ସହିତ ସୁରକ୍ଷିତ ଥିଲା। ଏହି ଋଣ ବାର୍ଷିକ 14ରୁ 14.5 ପ୍ରତିଶତ ପର୍ଯ୍ୟନ୍ତ ସୁଧହାର ସହିତ ପ୍ରଦାନ କରାଯାଇଥିଲା।

ଏହି ଯୋଜନା ମଇ 1995ରୁ ଜୁଲାଇ 2003 ମଧ୍ୟରେ 3,198 ଜଣ ହିତାଧିକାରୀଙ୍କୁ 59.21 କୋଟି ଟଙ୍କା ଗୃହ ଋଣ ବିତରଣ ସହିତ ଯୋଜନାଟି କାର୍ଯ୍ୟକାରୀ କରାଯାଇଥିଲା। ସେଥିମଧ୍ୟରୁ 2,076 ଜଣ କରଜଧାରୀ ସେମାନଙ୍କର ଋଣ ପରିଶୋଧ କରିଥିଲେ। 31 ମାର୍ଚ୍ଚ 2022 ସୁଦ୍ଧା 1,122 ଜଣ ହିତାଧିକାରୀଙ୍କ ବିରୋଧରେ ସୁଧ ସମେତ 294.33 କୋଟି ଟଙ୍କା ବକେୟା ଥିଲା। ଏହା ଦେଖାଗଲା ଯେ:

i. 31 ମାର୍ଚ୍ଚ 2022ରେ ଶେଷ ହୋଇଥିବା ବିଗତ ପାଞ୍ଚ ବର୍ଷରେ ମାତ୍ର 1.39 କୋଟି ଟଙ୍କା ଅସୁଲି କରାଯାଇଥିଲା। ଋଣର ଅଳ୍ପ ଅସୁଲୀ ଯୋଗୁ 2017-18ରୁ 2021-22 ମଧ୍ୟରେ କେବଳ 15 ଜଣ ହିତାଧିକାରୀ ସେମାନଙ୍କ ଋଣଖାତା ବନ୍ଦ କରିଥିଲେ।

ii. ଚାରି ବର୍ଷରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ ଜୁନ୍ 2018 ପରେ ଉପର୍ଯ୍ୟୁକ୍ତ 1,122 ଜଣ ହିତାଧିକାରୀଙ୍କୁ କମ୍ପାନୀ କୌଣସି ଦାବିପତ୍ର ଜାରି କରିନଥିଲା ଏବଂ ସର୍‌ଫାଇସି ଅଧିନିୟମ, 2002 ଅନୁଯାୟୀ ଅକ୍ଟୋବର 2008ରେ ଦାବିପତ୍ର ଜାରି କରିବା ବ୍ୟତୀତ ସୁରକ୍ଷିତ ସମ୍ପତ୍ତି ଦଖଲ କରିବାକୁ କମ୍ପାନୀ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା। ବୋର୍ଡର ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରି ଉପର୍ଯ୍ୟୁକ୍ତ ଅଧିନିୟମକୁ କାର୍ଯ୍ୟକାରୀ ନକରିବା ଦ୍ୱାରା ଏହି ଯୋଜନା ଅଧିନରେ 294.33 କୋଟି ଟଙ୍କା ଅସୁଲି ହୋଇପାରି ନଥିଲା।

ଓଆର୍‌ଏଚ୍‌ଡିସି ଉତ୍ତର ଦେଇଥିଲା (ମାର୍ଚ୍ଚ 2023) ଯେ, 14ଟି ଖିଲାପୀ କରଜଧାରୀଙ୍କ ବିରୁଦ୍ଧରେ ସର୍‌ଫାଇସି ଅଧିନିୟମ ଅନୁଯାୟୀ ଦାବିପତ୍ର ଜାରି କରାଯାଇଅଛି ଏବଂ ବଳକା ଖିଲାପୀ କରଜଧାରୀଙ୍କ ବିରୁଦ୍ଧରେ ସମାନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।

### 2.7.6.6 କ୍ରେଡିଟ୍ ଲିଙ୍କ୍‌ଡ ହାଉସିଂ ଯୋଜନା (ସିଏଲ୍‌ଏଚ୍‌ଏସ୍)

1999 ମସିହାର ମହାବାତ୍ୟା ପରେ ବାତ୍ୟା ପ୍ରଭାବିତ ଜିଲ୍ଲାରେ ବାତ୍ୟାରେ ପ୍ରଭାବିତ ହୋଇଥିବା ବିପିଏଲ୍ ବର୍ଗର ପରିବାର ଯେଉଁମାନଙ୍କର ଘର ଭୁଷୁଡି ପଡିଛି କିମ୍ବା ଧୋଇ ହୋଇଯାଇଛି ସେମାନଙ୍କୁ କମ୍ପାନୀ ମାଧ୍ୟମରେ କ୍ରେଡିଟ୍ ଲିଙ୍କ୍‌ଡ ଗ୍ରାମୀଣ ଗୃହ ଯୋଜନା (ସିଏଲ୍‌ଏଚ୍‌ଏସ୍) ଅଧିନରେ ଋଣ ପ୍ରଦାନ କରିବାକୁ ଓଡ଼ିଶା ସରକାର 13 ଜାନୁଆରୀ 2000ରେ ନିଷ୍ପତ୍ତି ନେଇଥିଲେ। ଏହି ଯୋଜନା ଅନ୍ତର୍ଗତ 13ଟି ମହାବାତ୍ୟା ପ୍ରଭାବିତ ଜିଲ୍ଲାର ଲୋକଙ୍କୁ ବାର୍ଷିକ 11 ପ୍ରତିଶତ ସୁଧ ହାର ସହିତ ଥଇଥାନ ଏବଂ ପୁନଃନିର୍ମାଣ ପଦକ୍ଷେପ ଭାବରେ ଗୃହ ଋଣ ପ୍ରଦାନ କରାଯାଇଥିଲା।

ଏହି ଯୋଜନା ଅଧିନରେ, କମ୍ପାନୀ 1999ରୁ 2002 ମଧ୍ୟରେ 294.23 କୋଟି ଟଙ୍କା ପରିମାଣର 1,02,755 ହିତାଧିକାରୀଙ୍କୁ ଋଣ ମଞ୍ଜୁରୀ ଓ ବିତରଣ କରିଥିଲା ଏବଂ ସେଥିମଧ୍ୟରୁ କେବଳ 767 ଋଣୀ ତାଙ୍କର ଋଣ ପରିଶୋଧ କରିଥିଲେ। ମାର୍ଚ୍ଚ 2022 ସୁଦ୍ଧା 1,01,988 ହିତାଧିକାରୀଙ୍କଠାରୁ 1,311.45 କୋଟି ଟଙ୍କା ସୁଧ ସହିତ 1,597.60 କୋଟି ଟଙ୍କାର ଋଣ ବକେୟା ଥିଲା। ଏହା ଦେଖାଗଲା ଯେ:

i. କମ୍ପାନୀ ଗତ 31 ମାର୍ଚ୍ଚ 2022ରେ ଶେଷ ପାଞ୍ଚ ବର୍ଷ ମଧ୍ୟରେ ସୁଧ ବାବଦରେ ଅଳ୍ପ ପରିମାଣର 0.20 କୋଟି ଟଙ୍କା ଅସୁଲି କରିଥିଲେ ଏବଂ ମୂଳ ବାବଦକୁ କୌଣସି ଟଙ୍କା ଅସୁଲି ହୋଇପାରି ନଥିଲା।

ii. ଅଧିକନ୍ତୁ, 1999-2002 ବର୍ଷ ମଧ୍ୟରେ ଋଣ ବିତରଣ ପରଠାରୁ ଓପିଡିଆର୍ ଅଧିନିୟମ ଅନୁଯାୟୀ, ସମୟାତିକ୍ରାନ୍ତ ଋଣ ଅସୁଲ ପାଇଁ, କୌଣସି ଡିମାଣ୍ଡ ନୋଟିସ ଜାରି କରିନଥିଲେ। ଫଳସ୍ୱରୂପ, 1,597.60 କୋଟି ଟଙ୍କା ଆଦାୟ ହୋଇପାରି ନାହିଁ। ଅଥଚ, ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ (ଜୁଲାଇ 2018) ଯେ, ଏହି ଯୋଜନା ଅନ୍ତର୍ଗତ ବିପିଏଲ୍ ଋଣୀମାନଙ୍କୁ ସମ୍ପୂର୍ଣ୍ଣ ଛାଡ ପାଇଁ କମ୍ପାନୀ ସରକାରଙ୍କ ନିକଟରେ ପ୍ରସ୍ତାବ ଦାଖଲ କରିବ। ଅଥଚ, କମ୍ପାନୀ ଦ୍ୱାରା ଏପର୍ଯ୍ୟନ୍ତ (ସେପ୍ଟେମ୍ବର 2022) କୌଣସି ପ୍ରସ୍ତାବ ଦାଖଲ କରାଯାଇ ନାହିଁ।

ଓଆର୍‌ଏଚ୍‌ଡିସି ଉତ୍ତର ଦେଲେ (ମାର୍ଚ୍ଚ 2023) ଯେ, କମ୍ପାନୀ ସମ୍ପୂର୍ଣ୍ଣ ଛାଡ ପ୍ରସ୍ତାବ ସରକାରଙ୍କ ଏଚ୍‌ଆଣ୍ଡୟୁଡି ବିଭାଗ, ସାର୍ବଜନୀନ ଉଦ୍ୟୋଗ ବିଭାଗ ଏବଂ ବିତ୍ତ ବିଭାଗଙ୍କୁ ଦାଖଲ କରିବ।

### 2.7.7 ହିସାବଗୁଡିକର ଅଣ-ପ୍ରସ୍ତୁତି

ବାର୍ଷିକ ହିସାବ ପ୍ରସ୍ତୁତି ହେଉଛି ଏକମାତ୍ର ଯୋଗାଯୋଗର ମାଧ୍ୟମ ଯାହା ବାହ୍ୟ ଜଗତକୁ ଏକ କମ୍ପାନୀର କାର୍ଯ୍ୟର ସ୍ଥିତିକୁ ବୁଝାଏ। କମ୍ପାନୀ ଅଧିନିୟମ 1956 ଧାରା 210, 166 ଏବଂ 216 ସହିତ ଅଧିନିୟମ 2013ର ଧାରା 134, 129, 96ରେ ନିୟମକୁ ଉଲ୍ଲଙ୍ଘନ କରି 2009-10 ପରଠାରୁ କମ୍ପାନୀ ଏହାର ହିସାବ ଚୂଡାନ୍ତ କରିନାହିଁ। ଏହିପରି କମ୍ପାନୀ ଏହାର ବାର୍ଷିକ ରିପୋର୍ଟ ସହିତ ସମୀକ୍ଷା ରିପୋର୍ଟ ଏବଂ ଭାରତର ସିଏଜିଙ୍କ ମନ୍ତବ୍ୟ ସହିତ ରାଜ୍ୟ ବିଧାନସଭା ଗୃହରେ ଏହି ଅଧିନିୟମ ଅନୁସାରେ ରଖିବାରେ ବିଫଳ ହୋଇଥିଲା।

ହିସାବ ଚୂଡାନ୍ତ କରିବାରେ ବକେୟା ତଥ୍ୟ ଏବଂ କମ୍ପାନୀ ଦ୍ୱାରା ବକେୟା ହିସାବ ଚୂଡାନ୍ତ କରିବାରେ ଉଦ୍ୟମର ଅଭାବକୁ ମଧ୍ୟ 31 ମାର୍ଚ୍ଚ 2010ରେ ଶେଷ ହୋଇଥିବା ବର୍ଷ ପାଇଁ ଓଡିଶା ସରକାରଙ୍କ ପ୍ରତିବେଦନ ସଂଖ୍ୟା 4 (ବାଣିଜ୍ୟିକ)ର ଅନୁଚ୍ଛେଦ 3.14ରେ ଦର୍ଶାଯାଇଛି, ଯାହା କମିଟି ଅନ୍ ପବ୍ଲିକ ଅଣ୍ଡରଟେକିଂରେ ଆଲୋଚନା ହେବାକୁ ବିଚାରାଧିନ ଥିଲା।

ଏହାସବୁ ସତ୍ତ୍ୱେ, ଗତ 13 ବର୍ଷ ଧରି ବକେୟା ବାର୍ଷିକ ହିସାବ ଚୂଡାନ୍ତ ପାଇଁ କମ୍ପାନୀ ଏକ ସମୟସୀମା ପ୍ରୋଗ୍ରାମରେ ରୂପରେଖ ଦେବା ପାଇଁ ବାସ୍ତବ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେବାରେ ବିଫଳ ହୋଇଥିଲା।

ସମୀକ୍ଷାରେ ଦେଖାଗଲା ଯେ, ହିସାବଗୁଡିକ ଚୂଡାନ୍ତ ହୋଇନଥିବାରୁ ବ୍ୟାଙ୍କ ରିକନ୍‌ସିଲିଏସନ୍ ବିବୃତ୍ତି ପ୍ରସ୍ତୁତି ହୋଇନାହିଁ, ଲେଜର ଗୁଡିକ ଅପଡେଟ୍ କରାଯାଇ ନାହିଁ ଏବଂ କାରବାରଗୁଡିକ ନଗଦ ରାଶିରେ ହୋଇଥିଲା ଯାହା ସରକାରୀ ପରିପତ୍ର (ଜୁଲାଇ 2012) କୁ ଉଲ୍ଲଙ୍ଘନ କରୁଛି ଏବଂ ଏହି ହିସାବଗୁଡିକ ଚୂଡାନ୍ତ ନହେବା ଦ୍ୱାରା ସମ୍ଭାବ୍ୟ ଠକେଇ, ଜନସାଧାରଣଙ୍କ ଟଙ୍କା ଲିକ୍ ଇତ୍ୟାଦି ବିପଦ ଟାମ୍ପରିଂ ମାଧ୍ୟମରେ ହୋଇପାରେ। ଏହିପରି, ହିସାବଗୁଡିକର ସଠିକ ରକ୍ଷଣାବେକ୍ଷଣ ବଜାୟ ରଖିବା ସହିତ କମ୍ପାନୀ ହିସାବଗୁଡିକୁ ଅଧୁନାତନ କରିବାରେ ବିଫଳ ହେଲା।

ଓଆର୍‌ଏଚ୍‌ଡିସି/ଓଡ଼ିଶା ସରକାରଙ୍କଠାରୁ କୌଣସି ଉତ୍ତର ପ୍ରାପ୍ତ ହୋଇନାହିଁ।

### 2.7.8 ଓଡିଶା ସରକାରଙ୍କ 966.81 କୋଟି ଟଙ୍କାର ଋଣ ଅଣ-ପରିଶୋଧ

କଳିଙ୍ଗ କୁଟୀର ଯୋଜନା (74.33 କୋଟି ଟଙ୍କା) ଏବଂ କ୍ରେଡିଟ୍ ଲିଙ୍କ୍‌ଡ ହାଉସିଂ ଯୋଜନା (364 କୋଟି ଟଙ୍କା) କାର୍ଯ୍ୟକାରୀ କରିବା ପାଇଁ, କମ୍ପାନୀ 1995-96ରୁ 2002-03 ମଧ୍ୟରେ ଗୃହ ଓ ନଗର ଉନ୍ନୟନ ନିଗମ(ହୁଡ୍‌କୋ)ରୁ ସରକାରୀ ପ୍ରତିଭୂତି ମାଧ୍ୟମରେ 438.33 କୋଟି ଟଙ୍କା ଋଣ କରିଥିଲା। କମ୍ପାନୀ, ସରକାରଙ୍କ ସହାୟତାରେ ହୁଡ୍‌କୋର 765.92 କୋଟି ଟଙ୍କାର ଦେୟ ପରିଶୋଧ କରିସାରିଛି, ଯେଉଁଥିରୁ ସରକାର 489.55 କୋଟି ଟଙ୍କା ଏବଂ କମ୍ପାନୀ 276.37 କୋଟି ଟଙ୍କା ଦେଇଛନ୍ତି। କମ୍ପାନୀକୁ ବାର୍ଷିକ ଆଠ ପ୍ରତିଶତ ସୁଧ ହାରରେ ଋଣ ଭାବରେ 489.55 କୋଟି ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ସରକାରଙ୍କ ଦ୍ୱାରା ଋଣ ମଞ୍ଜୁର ସର୍ତ୍ତରେ ରହିଥିଲା ଯେ କମ୍ପାନୀର ମୋଟ ଆୟ ଯଥା, ଋଣଗୁଡିକ ଅସୁଲ, ଭଡା ଇତ୍ୟାଦିରୁ ପ୍ରାପ୍ତ ରାଶି ଏକ ଏସ୍କ୍ରୋ ଆକାଉଣ୍ଟରେ ଜମା ହେବ ଯାହା ମିଳିତ ଭାବରେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗର ଉପସଚିବ ଏବଂ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପରିଚାଳନା କରିବେ। ଅଧିକନ୍ତୁ, କମ୍ପାନୀ ପ୍ରତିବର୍ଷ ସର୍ବାଧିକ ଏକ କୋଟି ଟଙ୍କା ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ ଏସ୍କ୍ରୋ ଆକାଉଣ୍ଟରୁ ଉଠାଇପାରିବ ଓ ତ୍ରୈମାସିକ ଭିତ୍ତିରେ ରାଜ୍ୟ ସରକାରଙ୍କ ଋଣ ପରିଶୋଧ ପାଇଁ ସରକାରୀ ଆକାଉଣ୍ଟରେ ବଳକା ଜମା କରିବାକୁ ଅନୁମତି ଦିଆଯାଇଥିଲା।

31 ମାର୍ଚ୍ଚ 2022 ସୁଦ୍ଧା 488.13 କୋଟି ଟଙ୍କା ସୁଧ ସମେତ ସରକାରଙ୍କୁ ଦେୟ ପ୍ରଦାନ ପାଇଁ କମ୍ପାନୀ ପ୍ରତି 966.81 କୋଟି ଟଙ୍କା ବକେୟା ଥିଲା। 2006-07 ଆସେସ୍‌ମେଣ୍ଟ ବର୍ଷ ପାଇଁ ଆୟକର ଦେୟ ପ୍ରଦାନ ନକରିବାରୁ ମାର୍ଚ୍ଚ 2017ରେ ଆୟକର ବିଭାଗ ଦ୍ୱାରା ଏସ୍କ୍ରୋ ଆକାଉଣ୍ଟ ଜବତ କରାଯାଇଥିଲା ଏବଂ ସେହି ଦିନଠାରୁ ସରକାରଙ୍କୁ ଋଣ ପରିଶୋଧ ବନ୍ଦ ହୋଇଯାଇଥିଲା। ଫଳସ୍ୱରୂପ, ସରକାରଙ୍କୁ ଦେୟ ପାଇଁ 966.81 କୋଟି ଟଙ୍କା ବକେୟା ରହିଲା।

ଓଆର୍‌ଏଚ୍‌ଡିସି/ଓଡ଼ିଶା ସରକାରଙ୍କଠାରୁ କୌଣସି ଉତ୍ତର ପ୍ରାପ୍ତ ହୋଇନାହିଁ।

### 2.7.9 ସରକାରଙ୍କ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ପାଣ୍ଠି ବିନିଯୋଗ ଦ୍ୱାରା 25.89 କୋଟି ଟଙ୍କା ହାସଲ ହୋଇପାରି ନଥିଲା

ଓଆର୍‌ଏଚ୍‌ଡିସି ଲିମିଟେଡ୍ ଏକ ଲକ୍ଷ ଟଙ୍କା ଫେସ ଭ୍ୟାଲୁ ଥିବା 300 ଗୋଟି 14.90 ପ୍ରତିଶତ ଅଣପରିବର୍ତ୍ତନଶୀଳ, ସୁରକ୍ଷିତ, ରିଡିମେବଲ୍ ଡିବେଞ୍ଚର ବଣ୍ଡଗୁଡିକ ଉତ୍ତରପ୍ରଦେଶ ରାଜ୍ୟ ସୂତା କମ୍ପାନୀ ଲିମିଟେଡ୍ (ୟୁପିଏସ୍‌ୱାଇସିଏଲ୍)ଙ୍କଠାରୁ କ୍ରୟ କରିଥିଲା (10 ଅପ୍ରେଲ 1999) ଏବଂ 3 କୋଟି ଟଙ୍କା ପ୍ରଦାନ କରିଥିଲା। ଫେବୃଆରୀ 2000ରେ ଏହି ବଣ୍ଡଗୁଡିକ କମ୍ପାନୀକୁ ବଣ୍ଟନ କରାଯାଇଥିଲା ଏବଂ ଉତ୍ତରପ୍ରଦେଶ ସରକାରଙ୍କ ଅଣସର୍ତ୍ତମୂଳକ ଏବଂ ରଦ୍ଦଅଯୋଗ୍ୟ ଗ୍ୟାରେଣ୍ଟି ଦ୍ୱାରା ସୁରକ୍ଷିତ କରାଯାଇଥିଲା। ସବସ୍କ୍ରିପସନ୍‌ର ସର୍ତ୍ତାବଳୀ ଅନୁଯାୟୀ, 10 ଫେବୃୟାରୀ 2004 (33 ପ୍ରତିଶତ), 10 ଅଗଷ୍ଟ 2004 (33 ପ୍ରତିଶତ) ଏବଂ 10 ଫେବୃଆରୀ 2005 (34 ପ୍ରତିଶତ)ରେ ବଣ୍ଡଗୁଡିକୁ ରିଡିମେବଲ ହୋଇପାରିବ। ସୁଧ ପ୍ରତିବର୍ଷ ରିଡେମ୍ପସନ୍ ପର୍ଯ୍ୟନ୍ତ ପ୍ରଦାନ କରାଯିବାର ଥିଲା। ୟୁପିଏସ୍‌ୱାଇସିଏଲ୍ 10 ଫେବୃଆରୀ 2000 ପର୍ଯ୍ୟନ୍ତ 37.47 ଲକ୍ଷ ଟଙ୍କା ସୁଧ ବାବଦକୁ ଏବଂ 1.90 କୋଟି ଟଙ୍କା ମୂଳ ବାବଦକୁ କମ୍ପାନୀକୁ ପ୍ରଦାନ (ଅଗଷ୍ଟ 2000) କରିଛି ଏବଂ 1.10 କୋଟି ଟଙ୍କାର ମୂଳ ବାବଦକୁ ପାଇବାକୁ ଅଛି। ପରବର୍ତ୍ତୀ ସମୟରେ, ୟୁପିଏସ୍‌ୱାଇସିଏଲ୍ କୌଣସି ସୁଧ କିମ୍ବା ଆଜି ପର୍ଯ୍ୟନ୍ତ ମୂଳ ରାଶି ଦେଇନାହିଁ। 10 ଫେବୃଆରୀ 2022 ସୁଦ୍ଧା ବଳକା ମୂଳ ଏବଂ ସୁଧ ମିଶି 25.89 କୋଟି ଟଙ୍କା ବକେୟା ଥିଲା। ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ଦେଖାଗଲା ଯେ:

- ସାର୍ବଜନୀନ ଉଦ୍ୟୋଗ ବିଭାଗ, ଓଡିଶା ସରକାରଙ୍କର ନିର୍ଦ୍ଦେଶାବଳୀ (ନଭେମ୍ବର 1996) ଉଲ୍ଲଙ୍ଘନ କରି ନିର୍ଦ୍ଦେଶକ ମଣ୍ଡଳୀର ପୂର୍ବ ଅନୁମୋଦନ ବିନା କମ୍ପାନୀ ବଣ୍ଡକୁ ସବସ୍କ୍ରାଇବ କରିଥିଲା ଏବଂ କେବଳ ସେମାନଙ୍କର ଅନୁମୋଦନ ପିଛିଲା ଭାବେ ଲାଭ (ଜାନୁଆରୀ 2000) କରିଥିଲା। ଅଧିକନ୍ତୁ, ନିର୍ଦ୍ଦେଶାବଳୀ ଅନୁଯାୟୀ, ବ୍ୟାଙ୍କଗୁଡିକର ଟର୍ମ ଜମା ବ୍ୟତୀତ ଅନ୍ୟ କୌଣସି ବିନିଯୋଗ ଏକ ବର୍ଷରୁ ଅଧିକ କାର୍ଯ୍ୟକାଳ

ପାଇଁ କରାଯାଇପାରିବ ନାହିଁ। ଏହିପରି ବିନିଯୋଗ ଉପର୍ଯ୍ୟୁକ୍ତ ନିର୍ଦ୍ଦେଶର ଉଲ୍ଲଙ୍ଘନ କରିଥିଲା ଯେଉଁଥିରେ ବଣ୍ଡର ପୂର୍ଣ୍ଣବିକାଶ ଅବଧି ପାଞ୍ଚ ବର୍ଷ ଥିଲା। ୟୁପିଏସ୍‌ଓ୍ୱାଇସିଏଲ୍‌ର ବଣ୍ଡରେ ସବସ୍କ୍ରିପସନ୍ ପାଇଁ ରାଜ୍ୟ ସରକାରଙ୍କଠାରୁ କୌଣସି ଅନୁମୋଦନ ମଧ୍ୟ ଦିଆଯାଇ ନଥିଲା।

- ଯଦିଓ ୟୁପିଏସ୍‌ଓ୍ୱାଇସିଏଲ୍ ଅଗଷ୍ଟ 2000ଠାରୁ କୌଣସି ସୁଧ ଓ ମୂଳ ରାଶି ପ୍ରଦାନ କରିନଥିଲା, କମ୍ପାନୀ କେବଳ ଫେବୃୟାରୀ 2005 ଅର୍ଥାତ ଶେଷ ଦେୟର 53 ମାସ ପରେ ଏକ ଦାବି ପତ୍ର ପଠାଇଥିଲା। ଅଧିକନ୍ତୁ, ଡିସେମ୍ବର 2006 ଏବଂ ଜୁଲାଇ 2007 ମଧ୍ୟରେ କମ୍ପାନୀ ନିଜର ଦାବି ନୋଟିସ ଜାରି କରିଥିଲା ଏବଂ 2013ରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ୍ ଦାଖଲ କରିଥିଲା ଯାହା ମୂଳ ବାବଦକୁ ଦେୟ ପ୍ରଦାନ କରିବାକୁ ୟୁପିଏସ୍‌ଓ୍ୱାଇସିଏଲ୍ ଦାଖଲ କରିବା ପରେ ନ୍ୟାୟାଳୟରେ ଖାରଜ ହୋଇଯାଇଥିଲା (ସେପ୍ଟେମ୍ବର 2022)। ଯାହା ଉପରେ ଓଆର୍‌ଏଚ୍‌ଡିସି ଦ୍ୱାରା କୌଣସି ଆପତ୍ତି କରାଯାଇ ନଥିଲା। ଅଥଚ, ୟୁପିଏସ୍‌ଓ୍ୱାଇସିଏଲ୍ ଦ୍ୱାରା କୌଣସି ଦେୟ ପ୍ରଦାନ କରାଯାଇନଥିଲା।
- ୟୁପି ସରକାରଙ୍କ ସର୍ତ୍ତବିହୀନ ଏବଂ ରଦ୍ଦଅଯୋଗ୍ୟ ଗ୍ୟାରେଣ୍ଟି ଦ୍ୱାରା ଏହି ବଣ୍ଡଗୁଡିକ ସୁରକ୍ଷିତ ବୋଲି କୁହାଯାଇଥିଲା। କମ୍ପାନୀ, ବଣ୍ଡ ବିଷୟରେ ସେମାନଙ୍କ ଗ୍ୟାରେଣ୍ଟି ସମ୍ବନ୍ଧରେ ୟୁପି ସରକାରଙ୍କଠାରୁ ନିଶ୍ଚିତତା ହାସଲ କରିନଥିଲେ କିମ୍ବା ବଣ୍ଡକୁ ସେବାମୁକ୍ତ କରିବାରେ ୟୁପିଏସ୍‌ଓ୍ୱାଇସିଏଲ୍‌ର ବିଫଳତାକୁ ଦୃଷ୍ଟିରେ ରଖି ଏହା ଗ୍ୟାରେଣ୍ଟି ଆବାହନ କରିନାହିଁ।

ଅଧିକନ୍ତୁ, ବଣ୍ଡ ସମ୍ବନ୍ଧରେ ଦିଆଯାଇଥିବା ସର୍ତ୍ତବିହୀନ ଏବଂ ରଦ୍ଦଅଯୋଗ୍ୟ ଗ୍ୟାରେଣ୍ଟି ପାଇଁ କମ୍ପାନୀ ଉତ୍ତରପ୍ରଦେଶ ସରକାରଙ୍କ ନିକଟରେ ଏହି ମାମଲାକୁ ଉଠାଇ ନଥିଲେ। ଦେୟ ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ଏହା କମ୍ପାନୀର ବିଫଳତାକୁ ସୂଚିତ କରିଛି। ଫଳସ୍ୱରୂପ, ଫେବୃୟାରୀ 2022 ସୁଦ୍ଧା 25.89 କୋଟି ଟଙ୍କା ଆଦାୟ ହୋଇପାରି ନାହିଁ।

ଓଆର୍‌ଏଚ୍‌ଡିସି ଉତ୍ତର ଦେଇଥିଲେ (ମାର୍ଚ୍ଚ 2023) ଯେ, କମ୍ପାନୀ ଓଡିଶା ଉଚ୍ଚ ନ୍ୟାୟାଳୟର ଓକିଲଙ୍କୁ ଉପଯୁକ୍ତ ନ୍ୟାୟିକ ପ୍ରାଧିକରଣ/ଅନୁଷ୍ଠାନ ସହିତ ମାମଲା କରି ଋଣର ଅସୁଲ କରିବା ପାଇଁ ଅନୁରୋଧ କରିଛନ୍ତି (ମାର୍ଚ୍ଚ 2023)।

**ସରକାରଙ୍କ ଭୂମିକା**

### 2.7.10 କମ୍ପାନୀକୁ ସମାପନ କରିବାକୁ ଓଡିଶା ସରକାରଙ୍କ ପ୍ରସ୍ତାବର ତ୍ୱରାନ୍ୱିତ ନକରିବା

ଓଆର୍‌ଏଚ୍‌ଡିସି ଲିମିଟେଡ୍ କଳିଙ୍ଗ କୁଟୀର ଯୋଜନା ଏବଂ କ୍ରେଡିଟ୍ ଲିଙ୍କ୍‌ଡ ହାଉସିଂ ଯୋଜନା ଅନ୍ତର୍ଗତ ଆର୍ଥିକ ଭାବେ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ଏବଂ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଥିବା ବର୍ଗର ହିତାଧିକାରୀଙ୍କୁ ଋଣ ବିତରଣ କରିଥିଲା ଯାହା ଋଣୀଙ୍କ 82 ଶତକଡା ଏବଂ କମ୍ପାନୀର ମୋଟ ଋଣ ବିତରଣର 65 ଶତକଡା ଥିଲା। ଏହି ଯୋଜନାଗୁଡିକ ଅଧୀନରେ ଋଣର ଅସୁଲ ହେବା ସମ୍ଭାବନା ଅତ୍ୟନ୍ତ କମ ଥିବାରୁ ଏବଂ ସରକାରୀ ଯୋଜନାଗୁଡିକ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏଓ୍ୱାଇ), ବିଜୁ ପକ୍କାଘର ଯୋଜନା ଇତ୍ୟାଦି ଯୋଜନାରେ ଆର୍ଥିକ ଭାବେ ଦୁର୍ବଳ ବର୍ଗଙ୍କୁ ଗୃହ ଯୋଗାଇଥିଲେ ଏବଂ ବ୍ୟାଙ୍କଗୁଡିକ ମଧ୍ୟ କମ ସୁଧ ସହିତ ଅତି ସହଜ ସର୍ତ୍ତାବଳୀ ସହ ଋଣ ପ୍ରଦାନ କରୁଛନ୍ତି; ରାଜ୍ୟ ସରକାର ଅନୁଭବ କଲେ ଯେ ଓଆର୍‌ଏଚ୍‌ଡିସି ଏହାର ମହତ୍ତ୍ୱ ହରାଇଛି ଏବଂ ଆଉ ଏହାର ଉଦ୍ଦେଶ୍ୟକୁ ପୂରଣ କରୁନାହିଁ। ତେଣୁ, ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ (ଜୁଲାଇ 2018) ଯେ, ଓଆର୍‌ଏଚ୍‌ଡିସି, କମ୍ପାନୀ ଅଧିନିୟମ, 2013ର ନିୟମାବଳୀ ଅନୁଯାୟୀ କର୍ମଚାରୀଙ୍କ ଥଇଥାନ ଏବଂ ଓଆର୍‌ଏଚ୍‌ଡିସିର ସମ୍ପତ୍ତିର ପରିଚାଳନା ପାଇଁ ଉପଯୁକ୍ତ ଯୋଜନା ସହିତ ଉପଯୁକ୍ତ ସମାପନ ପ୍ରସ୍ତାବ ସରକାରଙ୍କୁ ଦାଖଲ କରିବା ଉଚିତ। ଯଦିଓ, ଓଆର୍‌ଏଚ୍‌ଡିସି (ସେପ୍ଟେମ୍ବର 2018) ରାଜ୍ୟ ସରକାରଙ୍କୁ କମ୍ପାନୀ ସମାପନ ପାଇଁ ପ୍ରସ୍ତାବ ଦାଖଲ କରିଥିଲା, ଆଜି ପର୍ଯ୍ୟନ୍ତ ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କମ୍ପାନୀକୁ ସମାପନ କରିବାକୁ ସରକାରଙ୍କ ନିଷ୍ପତ୍ତି ତାରିଖଠାରୁ ଚାରି ବର୍ଷରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ କମ୍ପାନୀ ନିର୍ଦ୍ଦେଶନାମା ତଥା ସମାପନ ପ୍ରକ୍ରିୟା ପ୍ରଦାନ ପାଇଁ ଏକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଚିଠି ଲେଖିବା ବ୍ୟତୀତ

(ମାର୍ଚ୍ଚ 2021) କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ନାହିଁ। କମ୍ପାନୀର ଶୀଘ୍ର ସମାପନ ପାଇଁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରେ।

ଓଆର୍ଏଚ୍ଡିସି/ରାଜ୍ୟ ସରକାରଙ୍କଠାରୁ କୌଣସି ଉତ୍ତର ପ୍ରାପ୍ତ ହୋଇନଥିଲା।

## ଉପସଂହାର

**ଗ୍ରାମୀଣ ଗରିବଙ୍କ ଘର ପାଇଁ ଋଣ ଭଳି ଏକ ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ହୋଇଥିଲା। ବର୍ତ୍ତମାନ, ପିଏମ୍ଏୱାଇ, ବିପିଜିୱାଇ ଇତ୍ୟାଦି ବିଭିନ୍ନ ଯୋଜନା ଅନ୍ତର୍ଗତ ଆର୍ଥିକ ଦୁର୍ବଳ ଶ୍ରେଣୀର ବର୍ଗଙ୍କୁ ଗୃହ ଯୋଗାଇ ଦିଆଯାଉଛି ଏବଂ ବ୍ୟାଙ୍କଗୁଡିକ ମଧ କମ ସୁଧ ହାରରେ ଗୃହ ଋଣ ପ୍ରଦାନ କରୁଛନ୍ତି। ଗ୍ରମୀଣ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ବନ୍ଦ ହୋଇଯାଇଥିଲା କାରଣ କମ୍ପାନୀ ଏହାର କାର୍ଯ୍ୟ ସଠିକ ରୂପେ ପରିଚାଳନା କରିପାରି ନଥିଲା। ଫଳସ୍ୱରୂପ, ସମ୍ପୃକ୍ତ ସାମାଜିକ ଲାଭ ହାସଲ ନକରି ଜନସାଧାରଣଙ୍କ ଟଙ୍କା ଅବାଟରେ ଖର୍ଚ୍ଚ ହେଉଥିଲା।**

## ସୁପାରିଶ

- **ଉତ୍ତମ ପୁନରୁଦ୍ଧାର ପାଇଁ ସର୍ଫାଇସି ଅଧିନିୟମ ଏବଂ ଓପିଡିଆର ଅଧିନିୟମ ଅନୁଯାୟୀ ଅସୁଲ ବ୍ୟବସ୍ଥାର କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ସରକାର ବିଚାର କରିପାରନ୍ତି।**

- **ହିତାଧିକାରୀଙ୍କୁ ଏକକାଳୀନ ବନ୍ଦୋବସ୍ତ (ଓଟିଏସ୍) ପାଇଁ ବିକଳ୍ପ ପ୍ରଦାନ କରିବାକୁ ସରକାର ମଧ ବିଚାର କରିପାରନ୍ତି ଯେହେତୁ ବର୍ତ୍ତମାନର ବଜାର ସୁଧ ହାର କମ୍ପାନୀ ଦ୍ୱାରା ଧାର୍ଯ୍ୟ ସୁଧ ହାରଠାରୁ କମ ଅଟେ।**

- **କମ୍ପାନୀ ସମାପନ ପାଇଁ ସରକାର ଶୀଘ୍ର ପଦକ୍ଷେପ ନେବାକୁ ବିଚାର କରିପାରନ୍ତି ।**

# ଅଧ୍ୟାୟ-III

## ଓଡିଶାରେ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

# ଅଧ୍ୟାୟ -III

## ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍

## ଓଡିଶାରେ ସ୍ମାର୍ଟ ସିଟି ମିଶନ ଅଧିନରେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

### 3.1 ଉପକ୍ରମ


ପ୍ରଯୁକ୍ତି ବିଦ୍ୟା ଏବଂ ସ୍ମାର୍ଟ ସମାଧାନଗୁଡିକ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳଗୁଡିକର ବିକାଶ କରି ନାଗରିକମାନଙ୍କୁ ମୂଳ ଭିତ୍ତିଭୂମି ଯୋଗାଇବା ସହିତ ଅବିରତ ଉପଯୁକ୍ତ ଜୀବନ ଶୈଳୀ ପ୍ରଦାନ କରିବା, ସ୍ୱଚ୍ଛ ତଥା ସହନୀୟ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ଭାରତ ସରକାର ଜୁନ 2015ରେ ସ୍ମାର୍ଟ ସିଟି ମିଶନ (ଏସ୍‌ସିଏମ୍) ଆରମ୍ଭ କରିଥିଲେ। ଏସ୍‌ସିଏମ୍ ଏକ କେନ୍ଦ୍ର ପ୍ରୟୋଜିତ ଯୋଜନା (ସିଏସ୍‌ଏସ୍) ଥିଲା ଯେଉଁଥିରେ ଭାରତ ସରକାର ବର୍ଷକୁ 100 କୋଟି ଟଙ୍କା ଆକାରରେ 500 କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବେ ଏବଂ ସମାନ ପରିମାଣର ସହାୟତା ରାଶି ପ୍ରତ୍ୟେକ ସହର, ରାଜ୍ୟ/ୟୁଏଲ୍‌ବି ପ୍ରଦାନ କରିବେ। ଏହି ମିଶନ ଆର୍ଥିକ ବର୍ଷ 2015-16ରୁ 2019-20 ପର୍ଯ୍ୟନ୍ତ ପାଞ୍ଚ ବର୍ଷର ଅବଧି ସହିତ 100ଟି ସହରକୁ ଅନ୍ତର୍ଭୁକ୍ତ କରିଥିଲା। ଏହି ଅବଧିକୁ ଅଗଷ୍ଟ 2021ରେ ଜୁନ 2023 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏସ୍‌ସିଏମ୍‌ରେ କ୍ଷେତ୍ର ଭିତ୍ତିକ ବିକାଶ (ଏବିଡି)ର ଉପାଦାନଗୁଡିକ ହେଉଛି ସହରର ଉନ୍ନତି (ରେଟ୍ରୋଫିଟିଂ), ସହରର ନବୀକରଣ (ପୁନର୍ବିକାଶ) ଏବଂ ସହର ସମ୍ପ୍ରସାରଣ (ଗ୍ରୀନଫିଲ୍ଡ ବିକାଶ)। ଏହା ସହିତ ସର୍ବ ସହର ପଦକ୍ଷେପ ବାବଦରେ ସହରର ଏକ ବୃହତ ଅଂଶକୁ ସଂଯୋଗ କରିବା ପାଇଁ ସ୍ମାର୍ଟ ସମାଧାନଗୁଡିକର ପ୍ରୟୋଗ କରାଯାଇଥିଲା। ଉପର୍ଯ୍ୟୁକ୍ତ ବିକାଶ ହାସଲ କରିବା ପାଇଁ ମୂଳ ଭିତ୍ତିଭୂମିର ବିକାଶ ସହିତ ସ୍ମାର୍ଟ ସମାଧାନଗୁଡିକର ବ୍ୟବସ୍ଥା କରାଯିବାର ଥିଲା ଯାହା ନିମ୍ନରେ ଅନ୍ତର୍ଭୁକ୍ତ:

- ପର୍ଯ୍ୟାପ୍ତ ଜଳ ଯୋଗାଣ ସହିତ ଗୁଣାତ୍ମକ ପର୍ଯ୍ୟାଲୋଚନା;
- ସ୍ମାର୍ଟ ମିଟର ସହିତ ସୁନିଶ୍ଚିତ ବିଦ୍ୟୁତ ଯୋଗାଣ;
- ପରିମଳ ବ୍ୟବସ୍ଥା ସହିତ ବର୍ଜ୍ୟବସ୍ତୁ ପରିଚାଳନା ତଥା ବର୍ଯ୍ୟବସ୍ତୁକୁ ଶକ୍ତିରେ ରୂପାନ୍ତରଣ;
- ଦକ୍ଷ ସହରୀ ଯୋଗାଯୋଗ ଏବଂ ସାର୍ବଜନିନ ପରିବହନ ସହିତ ସ୍ମାର୍ଟ ପାର୍କିଂ;
- ଗରିବଙ୍କ ପାଇଁ ସୁଲଭ ଗୃହ;
- ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସହିତ ଟେଲିମେଡିସିନ୍ ଏବଂ ସ୍ମାର୍ଟ ଶ୍ରେଣୀ ଗୃହ;
- ଇଲେକ୍ଟ୍ରୋନିକ ସେବା ବିତରଣ ଇତ୍ୟାଦି ପାଇଁ ଆଇଟି ସଂଯୋଗ ଏବଂ ଡିଜିଟାଲାଇଜେସନ୍ ଇତ୍ୟାଦି; ଏବଂ
- ସହନୀୟ ପରିବେଶ ।


ଓଡିଶା ସରକାରଙ୍କ ସ୍ମାର୍ଟ ସିଟି ପ୍ରସ୍ତାବ (ଏସ୍‌ସିପି) ଉପରେ ଆଧାର କରି ଦୁଇଟି ସହର ଯଥା:- ଭୁବନେଶ୍ୱର ଏବଂ ରାଉରକେଲାକୁ ସ୍ମାର୍ଟ ସିଟି ମିଶନ ଅଧିନରେ ବିକଶିତ କରିବା ପାଇଁ ଜାନୁଆରୀ/ସେପ୍ଟେମ୍ବର 2016ରେ ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ମନୋନୀତ କରିଥିଲା। ଏସ୍‌ସିପିର କାର୍ଯ୍ୟାନ୍ୱୟନ ନିମିତ୍ତ ଅଧିକ କାର୍ଯ୍ୟକରିବାର ସ୍ୱାଧିନତା ଏବଂ ନିଷ୍ପତ୍ତି ନେବାର ସ୍ୱାୟତ୍ତତା ପାଇଁ ୟୁଏଲ୍‌ବି ଅଧିନରୁ ବାହାରେ ଦୁଇଟି ସ୍ୱତନ୍ତ୍ର ଉଦ୍ଦେଶ୍ୟ କମ୍ପାନୀ (ଏସ୍‌ପିଭି) ଗଠନ କରିବା ସକାଶେ ଏସ୍‌ସିଏମ୍‌ରେ ପ୍ରାବଧାନ ଥିଲା। ତଦନୁସାରେ, ଏସ୍‌ସିଏମ୍ କାର୍ଯ୍ୟକ୍ରମଗୁଡିକର କାର୍ଯ୍ୟକାରିତା ପାଇଁ ଦୁଇଟି ଏସ୍‌ପିଭି କମ୍ପାନୀ, ଯଥା: ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍), କମ୍ପାନୀ ଅଧିନିୟମ, 2013 ଅନୁଯାୟୀ ଯଥାକ୍ରମେ ମାର୍ଚ୍ଚ ଓ ଡିସେମ୍ବର 2016ରେ ଗଠନ କରାଯାଇଥିଲା। ଏସ୍‌ପିଭିଗୁଡିକ ସ୍ମାର୍ଟ ସିଟି ବିକାଶ ପ୍ରକଳ୍ପଗୁଡିକର ଯୋଜନା, ମୂଲ୍ୟାଙ୍କନ, ଅନୁମୋଦନ, ପରିଚାଳନା, ପ୍ରବର୍ତ୍ତନ, ପର୍ଯ୍ୟାଲୋଚନା କରିବା ଏବଂ

ସେହି ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇବା ଆବଶ୍ୟକ ଥିଲା। ସ୍ମାର୍ଟ ସିଟି ପାଇଁ ସରକାରୀ ଅବଦାନ କେବଳ ଭିତ୍ତିଭୂମି ସୃଷ୍ଟି କରିବାରେ ବ୍ୟବହୃତ ହେବ ଯାହାର ଫଳସ୍ୱରୂପ ଜନସାଧାରଣଙ୍କ ଲାଭ ହେବ। ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହ ମିଳିତ ଉଦ୍ୟୋଗ, ସହାୟକ କମ୍ପାନୀ, ସରକାରୀ ଘରୋଇ ସହଭାଗୀତା (ପିପିପି), ଟର୍ଣ୍ଣକି ଚୁକ୍ତି ଦ୍ୱାରା ରାଜସ୍ୱ ପ୍ରବାହ ସହିତ ଉପଯୁକ୍ତ ଭାବରେ କରାଯିବାର ଥିଲା। ଏସ୍‌ପିଭି କମ୍ପାନୀଗୁଡିକର ଅଂଶଧନ ଗୃହ ଏବଂ ନଗର ଉନ୍ନୟନ ବିଭାଗ (ଏଚ୍‌ଆଣ୍ଡୟୁଡି), ସହରୀ ସ୍ୱାୟତ୍ତ ଶାସନ ସଂସ୍ଥା[35] ଏବଂ ଉନ୍ନୟନ କର୍ତ୍ତୃପକ୍ଷମାନଙ୍କ[36] ମଧ୍ୟରେ ଯଥାକ୍ରମେ 45:45:10 ଅନୁପାତରେ ଅଛି। ଏସ୍‌ପିଭି ଦୁଇଟିର ସାଂଗଠନିକ ସଂରଚନା ନିମ୍ନମତେ ଦିଆଯାଇଛି:

**ଚାର୍ଟ 3.1: ବିଏସ୍‌ସିଏଲ୍‌ର ସାଙ୍ଗଠନିକ ସଂରଚନା**




**ଚାର୍ଟ 3.2: ଆର୍‌ଏସ୍‌ସିଏଲ୍‌ର ସାଙ୍ଗଠନିକ ସଂରଚନା**




35 ଭୁବନେଶ୍ୱର ମହାନଗର ନିଗମ ଏବଂ ରାଉରକେଲା ମହାନଗର ନିଗମ

36 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ

## 3.2 ସମୀକ୍ଷା ଉଦ୍ଦେଶ୍ୟ

ଏସ୍‌ପିଭିମାନଙ୍କ ଦ୍ୱାରା ଏସ୍‌ସିଏମ୍ ଅଧିନରେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା ଦ୍ୱାରା ନିର୍ଦ୍ଧାରଣର ଉଦ୍ଦେଶ୍ୟ ଥିଲା ଯେ:

- ପ୍ରକଳ୍ପଗୁଡିକର ଯୋଜନା ଏବଂ କାର୍ଯ୍ୟକାରିତା ବିସ୍ତୃତ କ୍ଷେତ୍ର ବିକାଶ ପାଇଁ ଏସ୍‌ସିଏମ୍‌ର ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖିବା;
- ଅନୁମୋଦିତ ପ୍ରକଳ୍ପଗୁଡିକ ପାଇଁ ଆର୍ଥିକ ସହାୟତାର ପର୍ଯ୍ୟାପ୍ତତା ନିଶ୍ଚିତ କରାଯିବା ଏବଂ ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥା କରିବା; ଏବଂ
- ମିଶନ ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ କରାଯାଇଥିବା ଆନୁଷ୍ଠାନିକ ସଂକ୍ରିୟାର ଉପଯୁକ୍ତ ବ୍ୟବସ୍ଥାପନ ଏବଂ ପର୍ଯ୍ୟାଲୋଚନା ସଂକ୍ରିୟା ପ୍ରଭାବଶାଳୀ କରିବା।

## 3.3 ସମୀକ୍ଷା ମାନଦଣ୍ଡ

ସମୀକ୍ଷାର ଉଦ୍ଦେଶ୍ୟଗୁଡିକର ସଫଳତାକୁ ମୂଲ୍ୟାଙ୍କନ କରିବା ପାଇଁ ଗ୍ରହଣ କରାଯାଇଥିବା ମାନଦଣ୍ଡଗୁଡିକ ହେଲା: (i) ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସ୍ମାର୍ଟ ସିଟି ନିୟମାବଳୀ (ii) ପ୍ରକଳ୍ପଗୁଡିକର ବିଭିନ୍ନ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ସ୍ଥିର କରାଯାଇଥିବା ମାନାଦର୍ଶ ଏବଂ ମାନଦଣ୍ଡ (iii) ପରିପ୍ରେକ୍ଷଣ ଯୋଜନା ଏବଂ ବାର୍ଷିକ ବଜେଟ (iv) କାର୍ଯ୍ୟ ନିୟମ, ବିତ୍ତ ନିୟମ ଏବଂ ଏଚ୍‌ଆର୍ ନୀତି (v) ଭାରତ ସରକାର ଏବଂ ଏସ୍‌ପିଭିର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ଆଦେଶ, ନିର୍ଦ୍ଦେଶ ଏବଂ ଉପଦେଶ ଏବଂ (vi) ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ରିପୋର୍ଟ ଏବଂ ଟିଟର୍ଣ୍ଣ ଉପରେ ଅଗ୍ରଗତି ରିପୋର୍ଟ।

## 3.4 ସମୀକ୍ଷା ପରିସର

ବିସ୍ତୃତ ଅନୁପାଳନ ସମୀକ୍ଷା ମଇ 2022ରୁ ଅଗଷ୍ଟ 2022 ପର୍ଯ୍ୟନ୍ତ କରାଯାଇଥିଲା, ଯାହା ଆର୍ଥିକ ବର୍ଷ 2016-17ରୁ 2021-22 ପର୍ଯ୍ୟନ୍ତ ସମୟକୁ ଅନ୍ତର୍ଭୁକ୍ତ କରିଥିଲା। ଏହି ସମୀକ୍ଷାରେ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଏବଂ ଏସ୍‌ପିଭିଗୁଡିକର ସାମଗ୍ରିକ କାର୍ଯ୍ୟକଳାପ ସହିତ ସମୀକ୍ଷାର ଅବଧି କାଳ ମଧ୍ୟରେ ନଥି ଏବଂ ଦେଣନେଣଗୁଡିକର ନମୁନା ଯାଞ୍ଚ ଏବଂ ସାଧାରଣ ପରୀକ୍ଷା ଅନ୍ତର୍ଭୁକ୍ତ କରାଯାଇଥିଲା।

## 3.5 ସମୀକ୍ଷା ପଦ୍ଧତି

ଗ୍ରହଣ କରାଯାଇଥିବା ସମୀକ୍ଷାର ପଦ୍ଧତିଗୁଡିକ ହେଲା ପ୍ରକଳ୍ପର ଯୋଜନାଠାରୁ ଆରମ୍ଭ କରି ପ୍ରକଳ୍ପ ହସ୍ତାନ୍ତର ପର୍ଯ୍ୟନ୍ତ ତଥ୍ୟ ଏବଂ ସୂଚନାର ବିଶ୍ଳେଷଣ ସହିତ ନିର୍ଦ୍ଦେଶକ ମଣ୍ଡଳୀ ସଭା/କାର୍ଯ୍ୟସୂଚୀ ଟିପ୍ପଣୀଗୁଡିକର ଯାଞ୍ଚ ସହିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର), ପ୍ରକଳ୍ପଗୁଡିକର ପ୍ରସ୍ତାବ/ଆକଳନ, ନିର୍ଦ୍ଧାରିତ ଦର ଏବଂ ପ୍ରକଳ୍ପଗୁଡିକର ଅଟକଳ; ସମିତି ଏବଂ ପରାମର୍ଶଦାତାଙ୍କ ରିପୋର୍ଟ, ପ୍ରକଳ୍ପର ଟେଣ୍ଡର ଏବଂ କାର୍ଯ୍ୟାଦେଶ, ଭୌତିକ ଏବଂ ବିତ୍ତୀୟ ଲକ୍ଷ୍ୟ ଏବଂ ସଫଳତା, ପ୍ରକଳ୍ପ ପରିଚାଳନା ପରାମର୍ଶଦାତାଙ୍କ ନଥି, ପ୍ରକଳ୍ପଗୁଡିକର ବର୍ତ୍ତମାନ ସ୍ଥିତି ଜାଣିବା ପାଇଁ ମିଳିତ ଯାଞ୍ଚ, ପ୍ରକଳ୍ପର ସମାପ୍ତ ଏବଂ ହସ୍ତାନ୍ତର ରିପୋର୍ଟ ଏବଂ ପ୍ରଶାସନିକ ବିଭାଗ/ଅନ୍ୟ ଏଜେନ୍ସିମାନଙ୍କ ସହିତ ପତ୍ର ବିନିମୟ।

ପ୍ରମୁଖ ଶାସନ ସଚିବ (ଏଚ୍‌ଆଣ୍ଡୟୁଡି)ଙ୍କ ସହିତ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସମୀକ୍ଷା ପରିସର, ନିୟନ୍ତ୍ରଣରେ ଥିବା ଅଞ୍ଚଳ, ମାନଦଣ୍ଡ, ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ସମୀକ୍ଷାର ସମାପ୍ତି ପରେ 22 ମାର୍ଚ୍ଚ 2023ରେ ପ୍ରମୁଖ ଶାସନ ସଚିବ, ଏଚ୍‌ଆଣ୍ଡୟୁଡି ବିଭାଗ, ଓଡିଶା ସରକାରଙ୍କ ସହିତ ପ୍ରସ୍ଥାନ ସମ୍ମିଳନୀରେ ସମୀକ୍ଷାର ପର୍ଯ୍ୟବେକ୍ଷଣ ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ପ୍ରତିକ୍ରିୟାକୁ ଏହି ରିପୋର୍ଟରେ ଯଥାବିଧି ବିଚାର କରାଯାଇଥିଲା।


**ସମୀକ୍ଷା ମନ୍ତବ୍ୟ**

## 3.6 ସ୍ମାର୍ଟ ସିଟି ପ୍ରସ୍ତାବ ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ କାର୍ଯ୍ୟକାରିତା

### 3.6.1 ସ୍ମାର୍ଟ ସିଟି ପ୍ରସ୍ତାବ

ଏସ୍‌ସିଏମ୍ ଅଧିନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ସେମାନଙ୍କର ଏସ୍‌ସିପି ପ୍ରସ୍ତୁତ କରିବା ଆବଶ୍ୟକ ଥିଲା, ଯାହା ସେମାନଙ୍କର ସ୍ଥାନୀୟ ପ୍ରସଙ୍ଗ, ସମ୍ବଳ ଏବଂ ଅଭିଳାଷ ସ୍ତର ପାଇଁ ଉପଯୁକ୍ତ ଥିଲା। ଭିତ୍ତିଭୂମିର ନବୀକରଣ ଏବଂ ସ୍ମାର୍ଟ ପ୍ରୟୋଗଗୁଡିକ ପାଇଁ ସମ୍ବଳ ସଂଗ୍ରହର ଯୋଜନା ଏବଂ ଉଦ୍ଦିଷ୍ଟ ଫଳାଫଳଗୁଡ଼ିକ ପାଇଁ ମାନସଚିତ୍ର ଏବଂ ଯୋଜନା ଏସ୍‌ସିପିରେ ରହିବା ଉଚିତ। ଭୁବନେଶ୍ୱର ଏସ୍‌ସିପି 57ଟି ପ୍ରକଳ୍ପକୁ ନେଇ ଗଠିତ ହୋଇଥିଲା ଯାହାର ପ୍ରାକ୍‌କଳନ ପ୍ରକଳ୍ପ ମୂଲ୍ୟ 4,537 କୋଟି ଟଙ୍କା ଥିଲା (ଯେଉଁଥିରେ 56ଟି କ୍ଷେତ୍ରଭିତ୍ତିକ ବିକାଶ[37] (ଏବିଡି) ପ୍ରକଳ୍ପ ପାଇଁ 4,095 କୋଟି ଟଙ୍କା ଏବଂ ଗୋଟିଏ ସର୍ବସହର[38] ପ୍ରକଳ୍ପ ପାଇଁ 442 କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା)। ସେହିପରି, ରାଉରକେଲା ଏସ୍‌ସିପି 31ଟି ପ୍ରକଳ୍ପକୁ ନେଇ ଗଠିତ ହୋଇଥିଲା, ଯାହାର ପ୍ରାକ୍‌କଳନ ପ୍ରକଳ୍ପ ମୂଲ୍ୟ 2,571.27 କୋଟି ଟଙ୍କା (ଯେଉଁଥିରେ 30ଟି ଏବିଡି ପ୍ରକଳ୍ପ ପାଇଁ 1,702.24 କୋଟି ଟଙ୍କା ଏବଂ ଗୋଟିଏ ସର୍ବସହର ପ୍ରକଳ୍ପ ପାଇଁ 869.03 କୋଟି ଟଙ୍କା) ରହିଥିଲା। ଉପର୍ଯ୍ୟୁକ୍ତ ଯୋଜନା ଅଧିନରେ ଦୁଇଟି ଏସ୍‌ପିଭି ଦ୍ୱାରା ଅନୁମୋଦିତ ଏବଂ କାର୍ଯ୍ୟକାରି କରାଯାଉଥିବା ପ୍ରକଳ୍ପଗୁଡିକର ମୂଲ୍ୟ ନିମ୍ନରେ ଥିବା ଚାର୍ଟ 3.3ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି:

ଚାର୍ଟ **3.3**: ଅନୁମୋଦିତ ପ୍ରକଳ୍ପଗୁଡିକର ମୂଲ୍ୟ ଏବଂ କାର୍ଯ୍ୟକାରୀ ପ୍ରକଳ୍ପଗୁଡିକର ବାସ୍ତବିକ ଖର୍ଚ୍ଚ




*(ଉତ୍ସ: ଅନୁମୋଦିତ ଏସ୍‌ସିପି ଏବଂ ଏସ୍‌ପିଭି ତଥ୍ୟ)*

ଉପର୍ଯ୍ୟୁକ୍ତରୁ ଏହା ଦେଖାଗଲା ଯେ, ବିଏସ୍‌ସିଏଲ୍ ଏବଂ ଆର୍‌ଏସ୍‌ସିଏଲ ନିଜ ଏସ୍‌ସିପି ଅନୁଯାୟୀ ଅନୁମୋଦିତ ପ୍ରକଳ୍ପଗୁଡିକ ମଧ୍ୟରୁ ଯଥାକ୍ରମେ 36 ପ୍ରତିଶତ ଏବଂ 37 ପ୍ରତିଶତ କାର୍ଯ୍ୟ କରିଛନ୍ତି (ମାର୍ଚ୍ଚ 2022) ।

ସରକାର କହିଲେ (ମାର୍ଚ୍ଚ 2023) ଯେ, ପାଣ୍ଠିର ଉପଲବ୍ଧତାକୁ ବ୍ୟବସ୍ଥିତ କରିବା ପାଇଁ ଅନେକ ପ୍ରକଳ୍ପକୁ ବନ୍ଦ କରାଯାଇଛି। ସମସ୍ତ ବିଭାଗକୁ ସେମାନଙ୍କର ସମ୍ବଳକୁ ଜମା କରିବାକୁ କୁହାଯାଇଥିଲା କିନ୍ତୁ ସେମାନଙ୍କର ବିତ୍ତୀୟ ପ୍ରକ୍ରିୟା ଅନୁଯାୟୀ ପାଣ୍ଠି ସେମାନଙ୍କ ସ୍ତରରେ ପରିଚାଳିତ ହୋଇଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ

[37] ବହୁ ସଂଖ୍ୟକ ସ୍ମାର୍ଟ ପ୍ରୟୋଗ/ସମାଧାନ ମାଧ୍ୟମରେ ବିଦ୍ୟମାନ ଅଞ୍ଚଳକୁ ଅଧିକ କାର୍ଯ୍ୟକୁଶଳ ଓ ବାସୋପଯୋଗୀ କରିବା ପାଇଁ ଏକ ଚିହ୍ନିତ ଅଞ୍ଚଳରେ ସହରର ଉନ୍ନତି (ରେଟ୍ରୋଫିଟିଂ), ସହର ନବୀକରଣ (ପୁନଃବିକାଶ) ଏବଂ ସହର ବିସ୍ତାର (ଗ୍ରୀନଫିଲ୍ଡ)କୁ ନେଇ ଏବିଡି ଗଠିତ

[38] ସର୍ବ ସହର ବିକାଶ ହେଉଛି ସ୍ମାର୍ଟ ସମାଧାନଗୁଡ଼ିକୁ ବିଦ୍ୟମାନ ଅଞ୍ଚଳରେ ବୈଷୟିକ ସୂଚନା ଏବଂ ତଥ୍ୟ ମାଧ୍ୟମରେ ବ୍ୟବହାର କରି, ଭିତ୍ତିଭୂମିକୁ ଏବଂ ସେବାଗୁଡ଼ିକୁ ଉନ୍ନତ କରିବା

ନିମ୍ନରେ ଦର୍ଶାଯାଇଥିଲା ଅନୁଚ୍ଛେଦ 3.6.2.4 ଅନୁଯାୟୀ ସ୍ମାର୍ଟ ସିଟି ପ୍ରସ୍ତାବଗୁଡିକୁ ସମୟୋଚିତରେ କାର୍ଯ୍ୟାନ୍ୱୟନ କରିବା ପାଇଁ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଉତ୍ସରୁ ସମ୍ବଳ ସଂଗ୍ରହ କରିବା ପାଇଁ ଏସ୍‌ପିଭିଗୁଡିକ ଦାୟୀ ଥିଲେ।

### 3.6.2 ଯୋଜନା

ଏସ୍‌ସିଏମ୍‌ର ନିର୍ଦ୍ଦେଶାବଳୀ ଅନୁଯାୟୀ, ଏସ୍‌ସିପିଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ଏସ୍‌ପିଭିଗୁଡିକର ପ୍ରକଳ୍ପଗୁଡିକ ପାଇଁ ଯୋଜନା କରିବା, ମୂଲ୍ୟ ନିରୂପଣ କରିବା, ଅନୁମୋଦନ କରିବା ଏବଂ ପାଣ୍ଠି ଯୋଗାଇବା ଆବଶ୍ୟକ। ଏମ୍‌ଓଏଚ୍‌ୟୁଏ ଦ୍ୱାରା ଅନୁମୋଦିତ ଏସ୍‌ସିପିରେ ବିଏସ୍‌ସିଏଲ୍ ପାଇଁ 4,537 କୋଟି ଟଙ୍କା ଏବଂ ଆର୍‌ଏସ୍‌ସିଏଲ୍ ପାଇଁ 2,571 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ରହିଥିଲା। ଉକ୍ତ ପାଣ୍ଠିଗୁଡିକ ବିଭିନ୍ନ ଉତ୍ସରୁ ଯଥାକ୍ରମେ 2,578 କୋଟି ଟଙ୍କା ଏବଂ 334 କୋଟି ଟଙ୍କା ପିପିପି ମାଧ୍ୟମରେ ସଂଗ୍ରହ କରାଯିବାର ଥିଲା। ତଥାପି, ଏହି ଉତ୍ସଗୁଡିକରୁ ପାଣ୍ଠି ସଂଗ୍ରହ କରିବାକୁ କୌଣସି ଯୋଜନା କରାଯାଇନାହିଁ। ଫଳସ୍ୱରୂପ, 7,108 କୋଟି ଟଙ୍କାର ଆବଶ୍ୟକ ପାଣ୍ଠି ପ୍ରତିବଦଳରେ ଏସ୍‌ପିଭିମାନେ ମାର୍ଚ୍ଚ 2022 ପର୍ଯ୍ୟନ୍ତ କେବଳ 1,817 କୋଟି ଟଙ୍କା ସଂଗ୍ରହ କରିଥିଲେ। ଶେଷରେ, ବିଏସ୍‌ସିଏଲ୍ ଏବଂ ଆର୍‌ଏସ୍‌ସିଏଲ୍ ସେମାନଙ୍କର ଏବିଡି ପ୍ରକଳ୍ପଗୁଡିକୁ ବାଦ ଦେଇ ପ୍ରକଳ୍ପର ଆକାରକୁ ଯଥେଷ୍ଟ ହ୍ରାସ କରିଥିଲେ ଯାହା ନିମ୍ନରେ ଦିଆଯାଇଅଛି:

**ସାରଣୀ 3.1: ମୂଳତଃ ଯୋଜନା କରାଯାଇଥିବା ପ୍ରକଳ୍ପ ଏବଂ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ତୁଳନା**

| ସବିଶେଷ ବିବରଣ | ବିଏସ୍‌ସିଏଲ୍ | | ଆର୍‌ଏସ୍‌ସିଏଲ୍ | |
|---|---|---|---|---|
| | ସଂଖ୍ୟା | ମୂଲ୍ୟ (ଟଙ୍କା କୋଟିରେ) | ସଂଖ୍ୟା | ମୂଲ୍ୟ (ଟଙ୍କା କୋଟିରେ) |
| ମୂଳ ଏବିଡି ପ୍ରକଳ୍ପ | 56 | 4,095.00 | 30 | 1,702.24 |
| ମୂଳ ସର୍ବ ସହର ପ୍ରକଳ୍ପ | 01 | 442.00 | 01 | 869.03 |
| **ମୋଟ** | **57** | **4,537.00** | **31** | **2,571.27** |
| ପୁନରୀକ୍ଷଣ ଏବିଡି ପ୍ରକଳ୍ପ | 33 | 939.85 | 59 | 844.49 |
| ପୁନରୀକ୍ଷଣ ସର୍ବ ସହର ପ୍ରକଳ୍ପ | 4 | 682.09 | 01 | 106.42 |
| **ମୋଟ** | **37** | **1,621.94** | **60** | **950.91** |

***(ଉତ୍ସ: ବିଏସ୍‌ସିଏଲ୍ ଏବଂ ଆର୍‌ଏସ୍‌ସିଏଲ୍‌ରୁ ପ୍ରାପ୍ତ ତଥ୍ୟ)***

ଉପର୍ଯ୍ୟୁକ୍ତରୁ ଦେଖାଯାଇପାରେ ଯେ, ବିଏସ୍‌ସିଏଲ୍ କ୍ଷେତ୍ରରେ ଏବିଡି ପ୍ରକଳ୍ପ ସଂଖ୍ୟାରେ 41 ପ୍ରତିଶତ ହ୍ରାସ ପାଇଛି। ଆର୍‌ଏସ୍‌ସିଏଲ୍ କ୍ଷେତ୍ରରେ, ଯଦିଓ ଏବିଡି ପ୍ରକଳ୍ପ ସଂଖ୍ୟା 30ରୁ 59କୁ ବୃଦ୍ଧି ପାଇଛି, ତତ୍‌ସମ୍ବନ୍ଧୀୟ ପୁଞ୍ଜି ବିନିଯୋଗ 1,702.24 କୋଟି ଟଙ୍କାରୁ 844.49 କୋଟି ଟଙ୍କା (ଅର୍ଥାତ 50 ପ୍ରତିଶତ)କୁ ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ଦେଖାଗଲା ଯେ, ଛୋଟ ପ୍ରକଳ୍ପ[39] ଯାହା କ୍ଷୁଦ୍ର କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରୁଥିଲା, ସେଗୁଡିକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରତିବେଦନର ଅନୁଚ୍ଛେଦ ସଂଖ୍ୟା 3.6.2.4ରେ ଏହି ଦିଗକୁ ବିସ୍ତୃତ ଭାବରେ ବିଶ୍ଳେଷଣ କରାଯାଇଛି।

ସରକାର କହିଲେ (ମାର୍ଚ୍ଚ 2023) ଯେ, ପାଣ୍ଠି, ଅନଧିକାର ପ୍ରବେଶ ହୋଇନଥିବା ଜମି ଇତ୍ୟାଦି ଉପଲବ୍ଧ ନଥିବାରୁ ଏବିଡି ପ୍ରକଳ୍ପଗୁଡିକର ଯଥେଷ୍ଟ ହ୍ରାସ ଘଟିଛି। ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ପାଣ୍ଠି ସଂଗ୍ରହ ତଥା ଅନ୍ୟାନ୍ୟ ବିଭାଗ ସହିତ ଜଡିତ ସମସ୍ୟା ପାଇଁ ସମନ୍ୱୟ ରକ୍ଷା କରିବା ଦାୟିତ୍ୱ ଏସ୍‌ପିଭିଗୁଡିକର ଥିଲା।

ସମୀକ୍ଷାରେ ଯୋଜନା ଅଭାବର ନିମ୍ନଲିଖିତ ନିର୍ଦ୍ଦିଷ୍ଟ ମାମଲାଗୁଡିକ ମଧ୍ୟ ଦେଖାଗଲା:

[39] ଡ୍ରୋନ୍ ମାଧ୍ୟମରେ କୀଟନାଶକ ଛିଞ୍ଚିବା (5 ଲକ୍ଷ ଟଙ୍କା), ରାଉରକେଲା ଏକ ପ୍ରକଳ୍ପ ପାଇଁ ଲାଇନ୍ ଗତି ପରିବର୍ତ୍ତନ (1 ଲକ୍ଷ ଟଙ୍କା), ସହର ବସମାନଙ୍କରେ ଜିପିଏସ୍ ସ୍ଥାପନା (6 ଲକ୍ଷ ଟଙ୍କା), କମ୍ପ୍ୟୁଟର ହାର୍ଡୱେର ଏବଂ ସମ୍ପୃକ୍ତ ସାମଗ୍ରୀ (18 ଲକ୍ଷ ଟଙ୍କା), ନେତାଜୀ ସୁବାଷ ପାର୍କକୁ ଶକ୍ତି ଯୋଗାଣ (3 ଲକ୍ଷ ଟଙ୍କା) ଏବଂ ଗୋଟିଏ ସର୍ବସାଧାରଣ ସ୍ଥାନରେ ଶିଶୁ ଖାଇବା ଏବଂ ଡାଏପର ପରିବର୍ତ୍ତନକାରୀ ୟୁନିଟ୍ (6 ଲକ୍ଷ ଟଙ୍କା) ଇତ୍ୟାଦି।

### 3.6.2.1 ବିଏସ୍‌ସିଏଲ୍‌ର ଅଣଯୋଜନା କ୍ରୟ ଦ୍ୱାରା 3.09 କୋଟି ଟଙ୍କାର ନିରର୍ଥକ ଖର୍ଚ୍ଚ

ବିଏସ୍‌ସିଏଲ୍ ଡିସେମ୍ବର 2017ରେ ସ୍ମାର୍ଟ ସମାଧାନ ପ୍ରକଳ୍ପଗୁଡିକ[40] ପାଇଁ ମେସର୍ସ ହନିୱେଲ ଅଟୋମେସନ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏଆଇଏଲ୍) ସହିତ ଚୁକ୍ତିନାମା କରିଥିଲା, ଯାହାର ଧାର୍ଯ୍ୟ ସମାପ୍ତି ଅର୍ଥାତ ସମସ୍ତ ତତ୍ତ୍ୱଗୁଡିକ ଜାନୁଆରୀ 2020 ସୁଦ୍ଧା ସମାପ୍ତ ହେବାର ଥିଲା। ଚୁକ୍ତିନାମା ଅନୁଯାୟୀ (ବିଭାଗ-5 ବୈଷୟିକ ଆବଶ୍ୟକତା), ବିଏସ୍‌ସିଏଲ୍‌ର ଦାୟିତ୍ୱ ଥିଲା ଯେ (i) ଯନ୍ତ୍ରପାତି ସ୍ଥାପନ ପାଇଁ ମୌଳିକ ଭିତ୍ତିଭୂମି ଯଥା ଶକ୍ତି, ସ୍ଥାନ ଏବଂ ପ୍ରବେଶ ଅଧିକାର ଯୋଗାଇବା, (ii) ବାହ୍ୟ ଅନୁମତି ଆବଶ୍ୟକ କରୁଥିବା କାର୍ଯ୍ୟଗୁଡିକ ପାଇଁ ଆବଶ୍ୟକୀୟ ଅନୁମତି ଦେବା ଏବଂ (iii) ବିଏସ୍‌ସିଏଲ୍ ତରଫରୁ ଆବଶ୍ୟକ ନିଷ୍ପତ୍ତି ନେବାର ଅଧିକାର ସହିତ ଏକ ପ୍ରକଳ୍ପ ପରିଚାଳକଙ୍କୁ ନିଯୁକ୍ତି କରିବା। ପୁନଶ୍ଚ, ବିଏସ୍‌ସିଏଲ୍‌ର ମାନକ କାର୍ଯ୍ୟ ପଦ୍ଧତି (ଏସ୍‌ଓପି) ଅନୁଯାୟୀ, ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୟରେ, ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ସାମଗ୍ରିକ ସମନ୍ୱୟ ଆଣିବା ଉଦ୍ଦେଶ୍ୟରେ, ପ୍ରକଳ୍ପ କାର୍ଯ୍ୟାନ୍ୱୟନ କମିଟି (ପିଆଇସି) ଏକ ମୁଖ୍ୟ ଭୂମିକା ଗ୍ରହଣ କରିବାର ଥିଲା।

ବିଏସ୍‌ସିଏଲ୍‌ଠାରୁ ପ୍ରେରଣ ନିକାସ ଉପରେ ଆଧାର କରି ସ୍ମାର୍ଟ ସମାଧାନ ପ୍ରକଳ୍ପ ପାଇଁ ଅନେକ ଉପକରଣ ସେପ୍ଟେମ୍ବରରୁ ଡିସେମ୍ବର 2018 ମଧ୍ୟରେ ଏଜେନ୍ସି ନିକାସ କରିଥିଲା। ଏହି ଉପକରଣଗୁଡିକ ମଧ୍ୟରୁ କେତେଗୁଡିକର ସଂସ୍ଥାପନ ଅନ୍ୟ ଏଜେନ୍ସି ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସିଭିଲ ପ୍ରକଳ୍ପଗୁଡିକର ସମାପ୍ତି ଉପରେ ନିର୍ଭର କରୁଥିଲା। ସମୀକ୍ଷାରେ ଦେଖାଗଲା ଯେ, ସୁସ୍ପଷ୍ଟ ଭୂମି ନଯୋଗାଇବା, ପଥର ଅଧିକାର/ଶକ୍ତି ଯୋଗାଣର ଅସୁବିଧା, କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କଠାରୁ ଅନୁମତିଗୁଡିକ ଚୂଡାନ୍ତ ହୋଇନଥିବାରୁ ବିଭିନ୍ନ ସାମଗ୍ରୀ ଯଥା, ସ୍ୱୟଂଚାଳିତ ଟ୍ରାଫିକ କାଉଣ୍ଟର ଏବଂ କ୍ଲାସିଫାୟର, ସିଟି ୱାଇଡ୍ ୱାଇ-ଫାଇ ସିଷ୍ଟମ, କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର, ସ୍ମାର୍ଟ ପ୍ରତିକ୍ରିୟା ଏବଂ ଘଟଣା ପରିଚାଳନା ସିଷ୍ଟମ, ସ୍ମାର୍ଟ ଟ୍ରାକିଂ ସିଷ୍ଟମ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସିଷ୍ଟମ ଇତ୍ୟାଦି ଯୋଗାଣ ସରିଥିଲେ ମଧ୍ୟ, ତିନି ବର୍ଷରୁ ଅଧିକ ସମୟ ଧରି ସ୍ଥାପନ ହୋଇନାହିଁ। ଯୋଗାଯାଇଥିବା ଉପର୍ଯ୍ୟୁକ୍ତ ସାମଗ୍ରୀ ପାଇଁ 3.09 କୋଟି ଟଙ୍କା (ମୂଲ୍ୟର 30 ପ୍ରତିଶତ) ଏଜେନ୍ସିକୁ ଡିସେମ୍ବର 2018 ସୁଦ୍ଧା ପୈଠ ହୋଇଥିଲା କିନ୍ତୁ ତିନି ବର୍ଷରୁ ଅଧିକ ସମୟ ଧରି ସେଗୁଡିକ ସ୍ଥାପିତ ହୋଇପାରି ନଥିଲା। ଫଳସ୍ୱରୂପ, ଉପର୍ଯ୍ୟୁକ୍ତ ସ୍ମାର୍ଟ ସମାଧାନ ମଡ୍ୟୁଲଗୁଡିକ ସମାପ୍ତ ହୋଇପାରିଲା ନାହିଁ ଏବଂ ଆନୁସଙ୍ଗିକ ଉପକରଣଗୁଡିକ ଅବ୍ୟବହୃତ ରହିଲା। ତେଣୁ, ଚୁକ୍ତିନାମାର ଧାରା 5 ଅନୁଯାୟୀ ବିଏସ୍‌ସିଏଲ୍ ଆବଶ୍ୟକୀୟ ସୁବିଧା ଏବଂ ଅନୁମୋଦନ ପ୍ରଦାନ କରିବାରେ ବିଫଳ ହେବା ଦ୍ୱାରା ସହରବାସୀ ଉପର୍ଯ୍ୟୁକ୍ତ ସ୍ମାର୍ଟ ସମାଧାନର ସୁବିଧାରୁ ବଞ୍ଚିତ ହୋଇଥିଲେ, ଯାହାଦ୍ୱାରା ବିନିଯୋଗ ଖର୍ଚ୍ଚ ତିନିବର୍ଷ ପର୍ଯ୍ୟନ୍ତ ନିରର୍ଥକ ରହିଲା ଫଳସ୍ୱରୂପ 0.57 କୋଟି ଟଙ୍କା ସୁଧ ବାବଦରେ କ୍ଷତି ହେଲା (5.30 ପ୍ରତିଶତ[41] ହାରରେ ଜୁନ୍ 2022 ପର୍ଯ୍ୟନ୍ତ)।

ସରକାର ଏହାର ଉତ୍ତରରେ ଦର୍ଶାଇଛନ୍ତି (ମାର୍ଚ୍ଚ 2023) ଯେ, ପର୍ଯ୍ୟବେକ୍ଷଣରେ ଦର୍ଶାଯାଇଥିବା କିଛି ଯନ୍ତ୍ରପାତି ସ୍ଥାପନ କରାଯାଇଛି ଏବଂ ଅବଶିଷ୍ଟାଂଶ ଏପର୍ଯ୍ୟନ୍ତ ସ୍ଥାପନ କରାଯାଇ ନାହିଁ। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୟରେ ବିଭିନ୍ନ ଏଜେନ୍ସିମାନଙ୍କ ସହିତ ସମନ୍ୱୟରେ ବିଫଳତା ହେତୁ ବିଏସ୍‌ସିଏଲ୍ ଚୁକ୍ତିନାମା ଅନୁଯାୟୀ ଏଚ୍‌ଏଆଇଏଲ୍‌କୁ ଆବଶ୍ୟକ ସୁବିଧା ଯୋଗାଇବାରେ ବିଫଳ ହୋଇଥିଲା। ଫଳସ୍ୱରୂପ, ତିନି ବର୍ଷରୁ ଅଧିକ ସମୟ ପାଇଁ ନାଗରିକମାନଙ୍କୁ ଅଭିଳଷିତ ସୁବିଧା ପ୍ରଦାନ କରାଯାଇପାରି ନାହିଁ।

### 3.6.2.2 ସ୍ମାର୍ଟ ସିଟି ମିଶନର ପ୍ରାରମ୍ଭିକ ସମୟରେ କାର୍ଯ୍ୟାଦେଶ ଜାରି କରିବାରେ ବିଳମ୍ବ ହେତୁ 27.73 କୋଟି ଟଙ୍କାର ଅତିରିକ୍ତ ବ୍ୟୟ

ଏସ୍‌ସିଏମ୍ ଅଧିନିୟମ ଅନୁଯାୟୀ ମିଶନର ଅବଧି ପାଞ୍ଚ ବର୍ଷ ଥିଲା ଯଥା ଆର୍ଥିକ ବର୍ଷ 2015-16ରୁ 2019-20। ରାଉରକେଲା ଏବଂ ଭୁବନେଶ୍ୱରର ଏସ୍‌ସିପି ଡିସେମ୍ବର 2015ରେ ଏମ୍‌ଓଏଚ୍‌ୟୁଏକୁ ପଠାଯାଇଥିଲା। ଏସ୍‌ସିପି ଉପରେ ଆଧାର କରି ରାଉରକେଲା ସ୍ମାର୍ଟ ସିଟି ଭାବରେ ବିକଶିତ ହେବା ପାଇଁ ସେପ୍ଟେମ୍ବର 2016ରେ

[40] ସିଟି ୱାଇଡ୍ ୱାଇଫାଇ ସିଷ୍ଟମ, ସ୍ୱୟଂଚାଳିତ ଟ୍ରାଫିକ କାଉଣ୍ଟର ଏବଂ କ୍ଲାସିଫାୟର, ସ୍ମାର୍ଟ ପ୍ରତିକ୍ରିୟା ଏବଂ ଘଟଣା ପରିଚାଳନା ସିଷ୍ଟମ ଇତ୍ୟାଦି।

[41] ଡିସେମ୍ବର 2018ରୁ ଜୁନ୍ 2022 ପର୍ଯ୍ୟନ୍ତ ଏସ୍‌ବିଆଇର ସର୍ବନିମ୍ନ ଜମା ସୁଧ ହାର

ମନୋନୀତ ହୋଇଥିଲା। ତଦନୁସାରେ, ଏସ୍‌ସିଏମ୍ ଅନୁଯାୟୀ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଡିସେମ୍ବର 2016ରେ ଆରଏସ୍‌ସିଏଲ୍‌କୁ ଏକ ଏସ୍‌ପିଭି କମ୍ପାନୀ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା। ବୈଷୟିକ ମୂଲ୍ୟାଙ୍କନ କରି ପ୍ରକଳ୍ପଗୁଡିକୁ ଅନୁମୋଦନ ଏବଂ ମଞ୍ଜୁର କରି ଠିକ ସମୟରେ ସମାପ୍ତ କରିବା ଏସ୍‌ପିଭିର ଦାୟିତ୍ୱ ଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଏସ୍‌ସିଏମ୍ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ପାଇଁ 23 ସେପ୍ଟେମ୍ବର 2017ରେ ଆୟୋଜିତ ହୋଇଥିବା ଚତୁର୍ଥ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଆରଏସ୍‌ସିଏଲ୍, ଏବିଡି ପ୍ରକଳ୍ପଗୁଡିକ ପାଇଁ ପରାମର୍ଶଦାତାଙ୍କୁ ନିଯୁକ୍ତି କରିଥିଲା। ଆର୍ଥିକ ବର୍ଷ 2016-17ରୁ 2019-20 ମଧ୍ୟରେ ଆର୍‌ଏସ୍‌ସିଏଲ୍ କେବଳ 13ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଜାରି କରିଛି। ପରବର୍ତ୍ତୀ ସମୟରେ, 47ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଆର୍ଥିକ ବର୍ଷ 2020-21 ଏବଂ 2021-22ରେ ଜାରି କରିଥିଲା। ଯେହେତୁ ମିଶନ 2015-16ରୁ 2019-20 ମଧ୍ୟରେ କାର୍ଯ୍ୟକାରି ହେବା ପାଇଁ ଯୋଜନା କରାଯାଇଥିଲା, ଏହି ପ୍ରକଳ୍ପଗୁଡିକର କାର୍ଯ୍ୟାଦେଶ ମିଶନ ଅବଧିର ପ୍ରାରମ୍ଭିକ ପର୍ଯ୍ୟାୟରେ ଜାରି କରିବା ଆବଶ୍ୟକ ଥିଲା। ପ୍ରକଳ୍ପଗୁଡିକର କାର୍ଯ୍ୟାଦେଶରେ ବିଳମ୍ବ ହେତୁ ଆର୍‌ଏସ୍‌ସିଏଲ୍‌କୁ ଜିଏସ୍‌ଟି ବାବଦରେ 27.73 କୋଟି ଟଙ୍କା ଅତିରିକ୍ତ ପ୍ରକଳ୍ପ ଖର୍ଚ୍ଚ କରିବାକୁ ପଡିଲା କାରଣ ଜିଏସ୍‌ଟିର ହାର 1 ଜାନୁଆରୀ 2022ରେ 12ରୁ 18 ପ୍ରତିଶତକୁ ବୃଦ୍ଧି ହୋଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଯଦିଓ କୋଭିଡ-19 ମହାମାରୀ କାର୍ଯ୍ୟର ଅଗ୍ରଗତି ଉପରେ ପ୍ରଭାବ ପକାଇଥିଲା, ତଥାପି କାର୍ଯ୍ୟାନ୍ୱୟନଗୁଡିକ ତ୍ୱରାନ୍ୱିତ କରାଯାଇଥିଲା ଏବଂ କାର୍ଯ୍ୟଗୁଡିକ ନିଷ୍ପାଦିତ ହେଉଥିଲା। ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ କୋଭିଡ-19 ମହାମାରୀର ପ୍ରଭାବ ଆର୍ଥିକ ବର୍ଷ 2020-21ରେ ଆରମ୍ଭ ହୋଇଥିଲା ଏବଂ ଆର୍ଥିକ ବର୍ଷ 2020-21 ଏବଂ 2021-22 ମଧ୍ୟରେ ଆର୍‌ଏସ୍‌ସିଏଲ୍ 47ଟି ପ୍ରକଳ୍ପର କାର୍ଯ୍ୟାଦେଶ ଜାରି କରିଥିଲା। ପୁନଶ୍ଚ, ଡିସେମ୍ବର 2016ରେ ଏସ୍‌ପିଭି ଆରମ୍ଭ ହେବା ସତ୍ତ୍ୱେ, କେବଳ 13ଟି ପ୍ରକଳ୍ପର କାର୍ଯ୍ୟାଦେଶ (22 ପ୍ରତିଶତ) ଆର୍ଥିକ ବର୍ଷ 2016-17ରୁ 2019-20 ମଧ୍ୟରେ ଜାରି କରାଯାଇଥିଲା। ତେଣୁ, 2016ରେ ଏମ୍‌ଓଏଚ୍‌ୟୁଏର ଅନୁମୋଦନ ସତ୍ତ୍ୱେ ଏସ୍‌ସିଏମ୍ ପ୍ରକଳ୍ପଗୁଡିକୁ ଠିକ ସମୟରେ ଆରମ୍ଭ କରିବାରେ ଆରଏସ୍‌ସିଏଲ୍ ବିଫଳ ହୋଇଥିଲା, ଯାହାଦ୍ୱାରା 27.73 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ଏବଂ ନାଗରିକମାନେ ପ୍ରକଳ୍ପଗୁଡିକର ଧାର୍ଯ୍ୟ ଲାଭରୁ ବଞ୍ଚିତ ହେଲେ ।

### 3.6.2.3 କାର୍ଯ୍ୟର ପରିସରକୁ ଚୂଡାନ୍ତ ଏବଂ ସମକାଳୀନ ନକରି ପରାମର୍ଶଦାତାଙ୍କୁ ନିୟୋଜନ

(i) 22ଟି ଏବିଡି ପ୍ରକଳ୍ପ ପାଇଁ ସେପ୍ଟେମ୍ବର 2016ରେ ବିଏସ୍‌ସିଏଲ୍ 23.30 କୋଟି ଟଙ୍କା ମୂଲ୍ୟର ଏକ ପରାମର୍ଶଦାତା ଚୁକ୍ତି ଇଗିସ୍ ଇଣ୍ଡିଆ କନ୍‌ସଲଟିଂ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍ (ଇଜିଆଇଏସ୍)କୁ ପ୍ରଦାନ କରିଥିଲା। ଚୁକ୍ତିନାମା ମୂଲ୍ୟ ଦୁଇଟି ଉପାଦାନକୁ ନେଇ ଗଠିତ ଯଥା: କାର୍ଯ୍ୟକ୍ରମ ସହାୟକ ଟିମ୍ ପାରିଶ୍ରମିକ ବାବଦରେ 6.99 କୋଟି ଟଙ୍କା ଏବଂ ମାଇଲଖୁଣ୍ଟ ଆଧାରିତ ବିତରଣ ବାବଦରେ 16.31 କୋଟି ଟଙ୍କା। ସମୀକ୍ଷାରେ ଦେଖାଗଲା ଯେ ମାର୍ଚ୍ଚ 2023 ସୁଦ୍ଧା, 22ଟି ଏବିଡି ପ୍ରକଳ୍ପ ମଧ୍ୟରୁ କେବଳ ସାତୋଟି ପ୍ରକଳ୍ପ (32 ପ୍ରତିଶତ) କାର୍ଯ୍ୟକାରୀ ହୋଇଛି, ଦୁଇଟି ପ୍ରକଳ୍ପକୁ ପରିସରରୁ ବାଦ ଦିଆଯାଇଛି ଏବଂ ବାକି 13ଟି ପ୍ରକଳ୍ପକୁ ବିଏସ୍‌ସିଏଲ୍ କାର୍ଯ୍ୟକାରୀ କରିନାହିଁ। ସେହି ବାଦ ଦିଆଯାଇଥିବା/କାର୍ଯ୍ୟକାରୀ ହୋଇ ନଥିବା ପ୍ରକଳ୍ପଗୁଡିକ ମଧ୍ୟରେ ସ୍ମାର୍ଟ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ପୁନଃବ୍ୟବହାର ଏବଂ ବିକେନ୍ଦ୍ରିକରଣ ଏସ୍‌ଟିପି ଇତ୍ୟାଦି ଅନ୍ତର୍ଭୁକ୍ତ ଯାହା ସହରର ଜୀବନ ପ୍ରଣାଳୀରେ ଉନ୍ନତି ପାଇଁ ଜରୁରୀ ଥିଲା। ଅଥଚ, ପରାମର୍ଶଦାତା ଏହି 22ଟି ପ୍ରକଳ୍ପ ପାଇଁ ପ୍ରଧାନ କାର୍ଯ୍ୟକଳାପ[42] କାର୍ଯ୍ୟକାରୀ କରିଥିଲେ ଯେଉଁଥିପାଇଁ 4.50 କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହିପରି, ଏହି 13ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକୁ[43] ବାଦ ଦେବା ଦ୍ୱାରା, ପରାମର୍ଶଦାତାଙ୍କ ଦ୍ୱାରା ଉପର୍ଯ୍ୟୁକ୍ତ ମାଇଲଖୁଣ୍ଟ

[42] ପ୍ରାରମ୍ଭିକ ରିପୋର୍ଟ, ସ୍ଥିତି ବିଶ୍ଳେଷଣ, ସମ୍ଭାବ୍ୟତା ରିପୋର୍ଟ ଏବଂ ଡିପିଆର ପ୍ରସ୍ତୁତି ଇତ୍ୟାଦି

[43] ସହର ଗ୍ୟାସ, 24x7 ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ୟୁଆରବିଏସ୍, ଜଳ ପୁନର୍ବ୍ୟବହାର ପ୍ରକଳ୍ପ, ବର୍ଜ୍ୟବସ୍ତୁ ବିଶୋଧନ କାରଖାନା, ମାଟିତଳ ବୈଦ୍ୟୁତିକ ତାର ବିଛାଇବା, ସହର ଫାଇବର, ସ୍ମାର୍ଟ ବିଦ୍ୟୁତ ମିଟର, ସ୍ମାର୍ଟ ଜଳ ମିଟର, ସ୍ମାର୍ଟ ବର୍ଜ୍ୟବସ୍ତୁ ପରିଚାଳନା, ସାଇକେଲ ରାଜପଥ, ଜନପଥ ଗୃହ ପ୍ରକଳ୍ପ

କାର୍ଯ୍ୟକଳାପ ପ୍ରସ୍ତୁତ ପାଇଁ ଖର୍ଚ୍ଚ କରାଯାଇଥିବା 2.17 କୋଟି ଟଙ୍କା ଫଳପ୍ରଦ ହୋଇନଥିଲା ବେଳେ ସହରବାସୀ ମଧ୍ୟ ଆବଶ୍ୟକ ସୁବିଧା ଲାଭ କରିବାରୁ ବଞ୍ଚିତ ରହିଥିଲେ।

ସରକାର କହିଲେ (ମାର୍ଚ୍ଚ 2023) ଯେ, ବିଭିନ୍ନ କାରଣରୁ ପ୍ରକଳ୍ପଗୁଡିକୁ ବାଦ ଦିଆଯାଇଛି ଯେପରିକି ପାଣି ଉପଲବ୍ଧ ନହେବା, ଅନଧିକାର ମୁକ୍ତ ଜମି, ଆଇନଗତ ସମସ୍ୟା, ଜଙ୍ଗଲ ମଞ୍ଜୁରୀ ଇତ୍ୟାଦି ଏବଂ ପରାମର୍ଶ ପାଇଁ ହୋଇଥିବା ଖର୍ଚ୍ଚ ଅନ୍ୟ ସରକାରୀ ସଂସ୍ଥା ଦ୍ୱାରା ଏହି ବାଦ ହୋଇଥିବା ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବା ପାଇଁ ବ୍ୟବହାର କରାଯିବ। ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ, ଏହା ପ୍ରକଳ୍ପ ଚୟନରେ ଦୁର୍ବଳ ଯୋଜନାକୁ ସୂଚିତ କରିଥିଲା ଯାହାଦ୍ୱାରା ପୂର୍ବରୁ ଧାର୍ଯ୍ୟ ହୋଇଥିବା ମୋଟ ପ୍ରକଳ୍ପରୁ ମାତ୍ର 32 ପ୍ରତିଶତ କାର୍ଯ୍ୟକାରୀ ହୋଇଥିଲା। ଅଧିକନ୍ତୁ, ଭବିଷ୍ୟତ ପ୍ରକଳ୍ପଗୁଡିକ ପାଇଁ ପୁରାତନ ପରାମର୍ଶଦାତା ରିପୋର୍ଟଗୁଡିକର ବ୍ୟବହାର ଅବାସ୍ତବ ମନେହେଉଛି କାରଣ ନିକଟ ଭବିଷ୍ୟତରେ ସେପରି କୌଣସି ଯୋଜନା ନାହିଁ।

(ii) ସ୍ମାର୍ଟ ସମାଧାନ ପ୍ରକଳ୍ପର[44] କାର୍ଯ୍ୟାନ୍ୱୟନ ପାଇଁ ସମ୍ଭାବ୍ୟତା ରିପୋର୍ଟ ଏବଂ ସାମଗ୍ରିକ ତଦାରଖ କରିବା ପାଇଁ ଆର୍‌ଏସ୍‌ସିଏଲ୍ ଅକ୍ଟୋବର 2017ରେ ମେସର୍ସ ଡେଲୋଏଟ୍ ଟଚ ତୋହମାତ୍ସୁ ଇଣ୍ଡିଆକୁ ପରାମର୍ଶଦାତା ଭାବରେ ମୋଟ ଖର୍ଚ୍ଚ 10.28 କୋଟି ଟଙ୍କାରେ ନିଯୁକ୍ତି କରିଥିଲେ। ପରାମର୍ଶଦାତାଙ୍କର ସମ୍ଭାବ୍ୟତା ରିପୋର୍ଟ ଅନୁଯାୟୀ ଦୁଇଟି ବିଭିନ୍ନ କାର୍ଯ୍ୟକଳାପ ଯଥା ଏକ ନୂତନ ବିଲ୍ଡିଂର ନିର୍ମାଣ ଯେଉଁଥିରେ ଏକ ଏକୀକୃତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି)ର ପ୍ରତିଷ୍ଠା ଏବଂ ସ୍ମାର୍ଟ ସମାଧାନ ପ୍ରୟୋଗ ପାଇଁ ଟନ୍ତ୍ରଗୁଡିକର କ୍ରୟ ଏବଂ ପ୍ରତିଷ୍ଠା କରିବାକୁ ଏକ ଏଜେନ୍ସିକୁ ଅକ୍ଟୋବର 2018 ସୁଦ୍ଧା ମନୋନୀତ କରିବା ଦାୟିତ୍ୱ ପରାମର୍ଶଦାତାଙ୍କର ଥିଲା। କିନ୍ତୁ ସମୀକ୍ଷାରେ ଦେଖାଗଲା ଯେ ଏଜେନ୍ସି ଚୟନ ପାଇଁ ଟେଣ୍ଡର ଚୂଡାନ୍ତ କରିବାରେ ବିଳମ୍ବ ହେତୁ ଦ୍ୱିତୀୟ କାର୍ଯ୍ୟଟି ଅସ୍ୱାଭାବିକ ଭାବରେ 13 ମାସ ବିଳମ୍ବ ହୋଇଥିଲା। ଟେଣ୍ଡର ସର୍ତ୍ତ ଏବଂ ବିନିର୍ଦ୍ଦିଷ୍ଟ ବିବରଣରେ ପରିବର୍ତ୍ତନ ହେତୁ ପୁନଃଟେଣ୍ଡର କରିବାକୁ ପଡିଥିଲା ଯାହାଦ୍ୱାରା ବିଳମ୍ବ ହୋଇଥିଲା। ଅଧିକନ୍ତୁ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର ବିଲଡିଂର ନିର୍ମାଣ (ଜାନୁଆରୀ 2020)ରେ ବିଳମ୍ବ ହେତୁ ନଭେମ୍ବର 2019ରେ ଚୂଡାନ୍ତ ହୋଇଥିବା ଟେଣ୍ଡର ଜୁନ 2020ରେ ବାତିଲ କରାଯାଇଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଆଇସିସିସି କୋଠାର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାନୁଆରୀ 2020ରେ ଜାରି କରାଗଲା ଯାହାର ଶେଷ ହେବାର ଧାର୍ଯ୍ୟ ସମୟ ଜାନୁଆରୀ 2022 ଥିଲା। ତଥାପି କାର୍ଯ୍ୟଟି ଅକ୍ଟୋବର 2022 ସୁଦ୍ଧା ଚାଲିଥିଲା। ଫଳସ୍ୱରୂପ, ଦ୍ୱିତୀୟ କାର୍ଯ୍ୟକଳାପ ଅର୍ଥାତ ସ୍ମାର୍ଟ ସମାଧାନର କାର୍ଯ୍ୟକାରିତା ପାଇଁ ଏଜେନ୍ସି ଚୟନର ଟେଣ୍ଡରଟିକୁ ବାତିଲ କରାଗଲା। ଅଥଚ, ସେହି ସମୟ ପର୍ଯ୍ୟନ୍ତ, ନଭେମ୍ବର 2018ରୁ ଜୁନ 2020 ମଧ୍ୟରେ ପରାମର୍ଶଦାତା ଡିଲୋଏଟ୍ ଟଚ୍ ତୋହମାତ୍ସୁ ଇଣ୍ଡିଆକୁ 1.74 କୋଟି ଟଙ୍କା ଟେଣ୍ଡର ମାଧ୍ୟମରେ ଏଜେନ୍ସି ଚୟନ ପାଇଁ ପୈଠ କରାଯାଇଥିଲା। ତେଣୁ, ଗୋଟିଏ କାର୍ଯ୍ୟରେ ଦୁଇଟି ଉପାଦାନକୁ କାର୍ଯ୍ୟାନ୍ୱୟନ କରିବାରେ ତ୍ରୁଟିପୂର୍ଣ୍ଣ ଯୋଜନା ହେତୁ, 1.74 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଯଦିଓ ଡେଲୋଏଟ୍ ତାହାର ବିନିର୍ଦ୍ଦିଷ୍ଟ କାର୍ଯ୍ୟ କରିଥିଲା କିନ୍ତୁ ଆଇସିସିସି ବିଲ୍ଡିଂ ନିର୍ମାଣରେ ବିଳମ୍ବ ହେତୁ ସ୍ମାର୍ଟ ସମାଧାନ ପ୍ରକଳ୍ପ ପାଇଁ ଏଜେନ୍ସି ଚୟନର ଟେଣ୍ଡରକୁ ରଦ୍ଦ କରାଯାଇଥିଲା। କିନ୍ତୁ ପ୍ରକୃତ ତଥ୍ୟ ହେଉଛି ଯେ, ଠିକାଦାର ଚୟନ ପାଇଁ ନଭେମ୍ବର 2018ରୁ ଜୁନ 2020 ପର୍ଯ୍ୟନ୍ତ ଡେଲୋଏଟ୍‌କୁ ପ୍ରଦାନ କରାଯାଉଥିବା ମେନ୍-ମାସର ପାରିଶ୍ରମିକ 1.74 କୋଟି ଟଙ୍କା ଫଳପ୍ରଦ ହୋଇନଥିଲା।

### 3.6.2.4 ଭୁଲ ଯୋଜନା ଯୋଗୁ ପ୍ରକଳ୍ପଗୁଡିକର ଧିର ଆର୍ଥିକ ଏବଂ ଭୌତିକ ଅଗ୍ରଗତି

ଆର୍ଥିକ ବର୍ଷ 2016-17ରୁ 2021-22 ପର୍ଯ୍ୟନ୍ତ ଏସ୍‌ପିଭିମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ସାମଗ୍ରିକ ଭୌତିକ ଏବଂ ଆର୍ଥିକ ଅଗ୍ରଗତି ନିମ୍ନରେ ଦିଆଗଲା:

[44] ସ୍ମାର୍ଟ ସମାଧାନ ପ୍ରକଳ୍ପ ମାଧ୍ୟମରେ ବର୍ଜ୍ୟବସ୍ତୁ ପରିଚାଳନା, ଟ୍ରାଫିକ ଏବଂ ପରିବହନ ପରିଚାଳନା, ସହର ଶାସନ ରୀତି, ସୁରକ୍ଷା ଏବଂ ନିରୀକ୍ଷଣ, ସ୍ୱାସ୍ଥ୍ୟ, ପରିବେଶ ଏବଂ ଶିକ୍ଷା, ସହର ନେଟୱାର୍କ ବ୍ୟାକବୋନ ଇତ୍ୟାଦି ସହରୀ କାର୍ଯ୍ୟକଳାପର କାର୍ଯ୍ୟକାରିତାକୁ ବିଭିନ୍ନ ସ୍ମାର୍ଟ ସମାଧାନଗୁଡିକ ଏବଂ କେନ୍ଦ୍ରୀୟ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର ମାଧ୍ୟମରେ ନିୟନ୍ତ୍ରିତ ଏବଂ ପର୍ଯ୍ୟାଲୋଚିତ କରାଯିବ

## କ) ଆର୍ଥିକ ଅଗ୍ରଗତି

ଏସ୍‌ସିଏମ୍ ନିୟମାବଳୀର ଧାରା 11.2 ଅନୁଯାୟୀ, ସ୍ମାର୍ଟ ସିଟି ପ୍ରସ୍ତାବର ପ୍ରତ୍ୟେକ ପ୍ରକଳ୍ପର ମୂଲ୍ୟ ଭିନ୍ନ ହେବ ଯାହା ଲକ୍ଷ୍ୟର ସ୍ତର, କାର୍ଯ୍ୟକାରିତା ଏବଂ ପରିଶୋଧ କରିବାର କ୍ଷମତା ଉପରେ ନିର୍ଭର କରେ। ସ୍ମାର୍ଟ ସିଟି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ବହୁ ଅର୍ଥ ଆବଶ୍ୟକ ହେବ ଏବଂ ଏଥିପାଇଁ ଆଭ୍ୟନ୍ତରୀଣ ତଥା ବାହ୍ୟ ଉତ୍ସରୁ ଅର୍ଥ ଯୋଗାଡ କରିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରୀ ଅନୁଦାନ ପ୍ରଦାନ କରାଯିବ। ଏସ୍‌ସିଏମ୍‌ରେ ଏହା ମଧ ଧାର୍ଯ୍ୟ କରାଯାଇଥିଲା ଯେ ସ୍ମାର୍ଟ ସିଟି ପ୍ରସ୍ତାବଗୁଡିକ ଠିକ ସମୟରେ କାର୍ଯ୍ୟକାରୀ କରିବା ପାଇଁ ସ୍ମାର୍ଟ ସିଟି ଏସ୍‌ପିଭିଗୁଡିକ ଆଭ୍ୟନ୍ତରୀଣ ତଥା ବାହ୍ୟ ଉତ୍ସରୁ, ସମ୍ବଳକୁ ଠିକ ସମୟରେ ସଂଗ୍ରହ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ମାର୍ଚ୍ଚ 2022 ସୁଦ୍ଧା ଉଭୟ ଏସ୍‌ପିଭି ଦ୍ୱାରା ସଂଗୃହୀତ ପାଣ୍ଠିର ବିବରଣୀ ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି:

**ସାରଣୀ 3.2: ମାର୍ଚ୍ଚ 2022 ସୁଦ୍ଧା ଏସ୍‌ପିଭି ଦ୍ୱାରା ପାଣ୍ଠି ସଂଗ୍ରହ**

*(ଟଙ୍କା କୋଟିରେ)*

| ପାଣ୍ଠି ଉତ୍ସ | ବିଏସ୍‌ସିଏଲ୍ | | | ଆର୍‌ଏସ୍‌ସିଏଲ୍ | | |
|---|---|---|---|---|---|---|
| | ପ୍ରସ୍ତାବିତ | ବାସ୍ତବ | ପ୍ରତିଶତ | ପ୍ରସ୍ତାବିତ | ବାସ୍ତବ | ପ୍ରତିଶତ |
| **ରାଜ୍ୟ ଯୋଜନାର ଏକାଭିମୁଖୀ** | 227 | 20 | 9 | 0 | 0.5 | 0 |
| **ଜାତୀୟ ଯୋଜନାର ଏକାଭିମୁଖୀ** | 298 | 0 | 0 | 571.34 | 0 | 0 |
| ମିଶନ ପାଣ୍ଠି | 950 | 932 | 98 | 997.35 | 465 | 47 |
| ସରକାରୀ ଘରୋଇ ସହଭାଗୀତା | 2,578 | 375.3 | 15 | 334.34 | 0 | 0 |
| ଋଣ କାର୍ଯ୍ୟକ୍ରମ | 210 | 12.52 | 6 | 128.09 | 0 | 0 |
| ପୌର ଋଣର ଏକତ୍ରୀକରଣ ଏବଂ ସିବି | 90 | 1 | 1 | 0 | 0 | 0 |
| ଅନ୍ୟାନ୍ୟ, ସିଆଇଡିଏଫ୍, ଓୟୁଆଇଡିଏଫ୍ ସହିତ | 184 | 10.93 | 6 | 195 | 0 | 0 |
| ରାଜ୍ୟ ସରକାର ଏବଂ ସିଏସ୍‌ଆର୍ | 0 | 0 | 0 | 345.16 | 0 | 0 |
| ମୋଟ | **4,537** | **1,351.75** | **30** | **2,571.28** | **465.5** | **18** |

***(ଉତ୍ସ : ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲ୍‌ରୁ ପ୍ରାପ୍ତ ତଥ୍ୟ)***

ଉପର୍ଯ୍ୟୁକ୍ତ ସାରଣୀରୁ ଏହା ସ୍ପଷ୍ଟ ହୋଇଛି ଯେ, ମିଶନ ଅବଧିର ଛଅ ବର୍ଷରୁ ଅଧିକ ସମୟ ସମାପ୍ତ ହେବା ପରେ ମଧ, ଏସ୍‌ସିପିରେ ଧାର୍ଯ୍ୟ ହୋଇଥିବା ମୋଟ ପାଣ୍ଠିର କେବଳ 30 ପ୍ରତିଶତ ଏବଂ 18 ପ୍ରତିଶତ ଯଥାକ୍ରମେ ବିଏସ୍‌ସିଏଲ୍ ଏବଂ ଆର୍‌ଏସ୍‌ସିଏଲ୍ ଯୋଗାଡ କରିପାରିଥିଲେ। ଏହା ମଧ ଦେଖାଗଲା ଯେ, ବିଏସ୍‌ସିଏଲ୍ ପୌର ଋଣ ମାଧମରେ 90 କୋଟି ଟଙ୍କାର ପ୍ରସ୍ତାବିତ ଋଣର ମାତ୍ର 1 କୋଟି ଟଙ୍କା ସଂଗ୍ରହ କରିବାରେ ସକ୍ଷମ ହୋଇଛି।

ସମୀକ୍ଷାରେ ଏହି ସମସ୍ୟାଟିକୁ ବିଶ୍ଳେଷଣ କରି ଦେଖାଗଲା ଯେ:

(i) ୟୁଏଲ୍‌ବିଗୁଡିକ ଉପଯୁକ୍ତ କ୍ରେଡିଟ୍ ରେଟିଂ ସହିତ ବଣ୍ଡ ଜାରି କରି ପାଣ୍ଠି ସଂଗ୍ରହ କରିବା ଆବଶ୍ୟକ ଥିଲା। ଯଦିଓ, ଭୁବନେଶ୍ୱର ୟୁଏଲ୍‌ବିର କ୍ରେଡିଟ୍ ରେଟିଂ 2017ରେ ବିନିଯୋଗ ଉଦ୍ଦେଶ୍ୟରେ ସ୍ଥିର ଥିଲା, କିନ୍ତୁ ଏହା ଏସ୍‌ସିପିରେ ଧାର୍ଯ୍ୟ ମୁତାବକ ସ୍ମାର୍ଟ ସିଟି ପ୍ରକଳ୍ପଗୁଡିକ ପାଇଁ କୌଣସି ପୌର ବଣ୍ଡ ଜାରି କରିବାରେ ବିଫଳ ହୋଇଥିଲା।

(ii) ଏହା ମଧ ଦେଖାଯାଇଥିଲା ଯେ, ଦୁଇଟି ଏସ୍‌ପିଭି ପିପିପି ବ୍ୟବସ୍ଥା ମାଧମରେ ପାଣ୍ଠି ସଂଗ୍ରହ କରିବାରେ ବିଫଳ ହୋଇଥିଲେ, ଯାହାର କୌଣସି କାରଣ ଦସ୍ତାବିଜରେ ନଥିଲା।

ଏହିପରି, କମ ପାଣ୍ଠି ସଂଗ୍ରହ ହେତୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା: "ରେଲୱେ ଷ୍ଟେସନ ମଲ୍ଟି ମୋଡାଲ ହବ" ଏବଂ "ଜନପଥ ସରକାରୀ ଗୃହ ଉନ୍ନୟନ ପ୍ରକଳ୍ପ" ଇତ୍ୟାଦି ଆରମ୍ଭ କରାଯାଇ ନଥିଲା ଯାହାଦ୍ୱାରା ସହରର ଜୀବନ ଧାରଣର ଉନ୍ନତିର ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରି ନଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ସମ୍ବଳର କମ ଯୋଗାଡ ହେତୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯାଇନାହିଁ । ତଥାପି, ସେମାନେ ଭବିଷ୍ୟତରେ ଏହାକୁ କାର୍ଯ୍ୟକାରୀ କରିବେ ।

ଆର୍‌ଏସ୍‌ସିଏଲ୍ ମିଶନ ପାଣ୍ଠି ବ୍ୟତୀତ ଅନ୍ୟ ଉତ୍ସରୁ କୌଣସି ପାଣ୍ଠି ସଂଗ୍ରହ କରିବାରେ ବିଫଳ ହୋଇଥିଲା (ଏକାଭିମୁଖୀ ଯୋଜନା ଅଧିନରେ 50 ଲକ୍ଷ ଟଙ୍କା ବ୍ୟତୀତ) । ଫଳସ୍ୱରୂପ, ଏହା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିନଥିଲା ଯଥା: ପୂର୍ଣ୍ଣାଙ୍ଗ ଅନୌପଚାରିକ ବନ୍ଦୋବସ୍ତ ଅଧିନରେ ଇଡବ୍ଲ୍ୟୁଏସ୍ ଗୃହ ନିର୍ମାଣ ଏବଂ ସଞ୍ଚାର ୟୁନିଟ ପାଇଁ ବ୍ୟବସ୍ଥା, ବ୍ରାହ୍ମଣୀ ନଦୀ ସମ୍ମୁଖର ବିକାଶ, ସ୍ମାର୍ଟ ପାୱାର ଗ୍ରୀଡ୍ ଏବଂ ସର୍ବସାଧାରଣ ଭବନଗୁଡିକରେ ସୌର ପ୍ୟାନେଲ ଇତ୍ୟାଦି ।

ବିଏସ୍‌ସିଏଲ୍ ଏବଂ ଆର୍‌ଏସ୍‌ସିଏଲ୍ ଦ୍ୱାରା ସଂଗୃହିତ ହୋଇଥିବା ମୋଟ ପାଣ୍ଠି ମଧ୍ୟରୁ ଯଥାକ୍ରମେ 69 ପ୍ରତିଶତ ଏବଂ 100 ପ୍ରତିଶତ ସ୍ମାର୍ଟ ସିଟି ମିଶନ ଅନୁଦାନରୁ ଆସିଥିଲା । ତେଣୁ, ଏସ୍‌ପିଭିଗୁଡିକ ସଠିକ ସମୟରେ ପାଣ୍ଠି ସଂଗ୍ରହରେ ବିଫଳ ହେତୁ ସ୍ମାର୍ଟ ସିଟି ପ୍ରସ୍ତାବରେ ଧାର୍ଯ୍ୟ କରାଯାଇଥିବା ପ୍ରମୁଖ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇପାରିନଥିଲା । ଏହାଦ୍ୱାରା ନାଗରିକମାନଙ୍କ ପାଇଁ ବିଦ୍ୟମାନ ଅଞ୍ଚଳକୁ ଅଧିକ କାର୍ଯ୍ୟକ୍ଷମ ଏବଂ ବାସୋପଯୋଗୀ କରିବାର ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ ।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଏକତ୍ରୀକରଣ ମାଧ୍ୟମରେ ବିକାଶ ପାଇଁ ଆର୍‌ଏସ୍‌ସିଏଲ୍ ବିଭିନ୍ନ ପ୍ରକଳ୍ପଗୁଡିକୁ ବିଭିନ୍ନ ବିଭାଗମାନଙ୍କ ସହିତ ନିଆଯାଇଛି । ଉତ୍ତରଟି ନିର୍ଦ୍ଦିଷ୍ଟ ନୁହେଁ କାରଣ ଜାତୀୟ ଯୋଜନା ମାଧ୍ୟମରେ 571 କୋଟି ଟଙ୍କାର ପ୍ରସ୍ତାବିତ ଏକାଭିମୁଖୀ ପାଣ୍ଠିରୁ ଏପର୍ଯ୍ୟନ୍ତ (ମାର୍ଚ୍ଚ 2023) କୌଣସି ପାଣ୍ଠି ସଂଗ୍ରହ କରାଯାଇ ନାହିଁ । ଅଧିକନ୍ତୁ, 2,571 କୋଟି ଟଙ୍କାର ମୋଟ ପ୍ରସ୍ତାବିତ ପାଣ୍ଠିରୁ ଆର୍‌ଏସ୍‌ସିଏଲ୍ କେବଳ 465 କୋଟି ଟଙ୍କା ସଂଗ୍ରହ କରିପାରିଥିଲା ଯାହା ଏସ୍‌ସିଏମ୍ ଅନୁଦାନରୁ ମିଳିଥିଲା ।

### ଖ) ଭୌତିକ ପ୍ରଗତି

ମାର୍ଚ୍ଚ 2022 ସୁଦ୍ଧା ଉଭୟ ଏସ୍‌ପିଭିର ପ୍ରକଳ୍ପ କାର୍ଯ୍ୟକାରିତାର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 3.3: ମାର୍ଚ୍ଚ 2022 ସୁଦ୍ଧା, ଏସ୍‌ପିଭି ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା**

| କ୍ଷେତ୍ର | ପ୍ରକଳ୍ପଗୁଡିକର ସଂଖ୍ୟା | | ପ୍ରକଳ୍ପର ମୂଲ୍ୟ (ଟଙ୍କା କୋଟିରେ) | | ସମାପ୍ତ | | ଚାଲୁ ରହିଥିବା | | ହେବାକୁ ଥିବା କାର୍ଯ୍ୟ | |
|---|---|---|---|---|---|---|---|---|---|---|
| | ବିଏସ୍‌ସିଏଲ୍ | ଆର୍‌ଏସ୍‌ସିଏଲ୍ | ବିଏସ୍‌ସିଏଲ୍ | ଆର୍‌ଏସ୍‌ସିଏଲ୍ | ବିଏସ୍‌ସିଏଲ୍ | ଆର୍‌ଏସ୍‌ସିଏଲ୍ | ବିଏସ୍‌ସିଏଲ୍ | ଆର୍‌ଏସ୍‌ସିଏଲ୍ | ବିଏସ୍‌ସିଏଲ୍ | ଆର୍‌ଏସ୍‌ସିଏଲ୍ |
| ସହରୀ ଗତିଶୀଳତା ଏବଂ ଜନସାଧାରଣ ପରିବହନ | 10 | 11 | 250.28 | 184.35 | 2 | 3 | 4 | 8 | 4 | 0 |
| ନିଶ୍ଚିତ ବିଦ୍ୟୁତ ଯୋଗାଣ | 1 | 7 | 20.00 | 0.95 | 1 | 6 | 0 | 1 | 0 | 0 |
| ସହନୀୟ ପରିବେଶ | 11 | 28 | 230.20 | 653.34 | 7 | 5 | 2 | 23 | 2 | 0 |
| ଦୃଢ଼ ଆଇଟି ସଂଯୋଗ ଏବଂ ଡିଜିଟାଲାଇଜେସନ୍ | 5 | 4 | 693.12 | 108.23 | 3 | 2 | 0 | 1 | 2 | 1 |
| ପର୍ଯ୍ୟାପ୍ତ ଜଳ ଯୋଗାଣ | 1 | 4 | 25.00 | 2.25 | 0 | 0 | 0 | 4 | 1 | 0 |
| ପରିମଳ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା | 2 | 0 | 37.52 | 00 | 2 | 0 | 0 | 0 | 0 | 0 |
| ଗରିବଙ୍କ ପାଇଁ ସୁଲଭ ଗୃହ | 5 | 0 | 362.82 | 00 | 1 | 0 | 4 | 0 | 0 | 0 |
| ସ୍ୱାସ୍ଥ୍ୟ ଏବଂ ଶିକ୍ଷା | 2 | 6 | 3.00 | 1.79 | 0 | 5 | 0 | 1 | 2 | 0 |
| ମୋଟ | **37** | **60** | **1,621.94** | **950.91** | **16** | **21** | **10** | **38** | **11** | **1** |

*(ଉତ୍ସ: ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲ୍‌ରୁ ପ୍ରାପ୍ତ ତଥ୍ୟ)*


ମାର୍ଚ୍ଚ 2022 ସୁଦ୍ଧା ବିଏସ୍‌ସିଏଲ୍‌ରେ 37ଟି ପ୍ରକଳ୍ପ ମଧ୍ୟରୁ ମାତ୍ର 16ଟି ପ୍ରକଳ୍ପ (43 ପ୍ରତିଶତ) ସମାପ୍ତ ହୋଇଥିଲା ଯେଉଁଥିରେ 10ଟି ପ୍ରକଳ୍ପରେ 41 ଦିନରୁ 963 ଦିନ ପର୍ଯ୍ୟନ୍ତ ବିଳମ୍ବରେ ହୋଇଥିଲା। ଅନ୍ୟ 10ଟି ପ୍ରକଳ୍ପର କାର୍ଯ୍ୟ ଚାଲୁଥିଲା। ଅଧିକନ୍ତୁ, ବିଏସ୍‌ସିଏଲ 11ଟି ପ୍ରକଳ୍ପର[45] କାର୍ଯ୍ୟ ଆରମ୍ଭ ହୋଇନଥିଲା।

ସେହିଭଳି, ଆର୍‌ଏସ୍‌ସିଏଲ୍ କ୍ଷେତ୍ରରେ 60ଟି ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ 21ଟି ପ୍ରକଳ୍ପର (35 ପ୍ରତିଶତ) କାର୍ଯ୍ୟ ଶେଷ ହୋଇଯାଇଛି, ଯେଉଁଥିରେ 11ଟି ପ୍ରକଳ୍ପରେ 4 ଦିନରୁ 732 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଥିବା ବେଳେ ଅନ୍ୟ 38ଟି ପ୍ରକଳ୍ପର କାର୍ଯ୍ୟ ଚାଲିଥିଲା। ପୁନଶ୍ଚ, ଆର୍‌ଏସ୍‌ସିଏଲ୍ ଗୋଟିଏ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନଥିଲା।

ସମୀକ୍ଷାରେ ଦେଖାଗଲା ଯେ, ତ୍ରୁଟିପୂର୍ଣ୍ଣ ଯୋଜନା ଦ୍ୱାରା ଆରଏସ୍‌ସିଏଲ ମିଶନ ଅବଧିର ଶେଷ ପର୍ଯ୍ୟାୟରେ ଅର୍ଥାତ 2020-21 ଏବଂ 2021-22 ମଧ୍ୟରେ 47ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲା। ଯାହା ଫଳରେ ଆର୍ଥିକ ବର୍ଷ 2016-17ରୁ 2018-19 ମଧ୍ୟରେ ଆରଏସ୍‌ସିଏଲ୍‌ର ପ୍ରକଳ୍ପ ଖର୍ଚ୍ଚ (1.92 କୋଟି ଟଙ୍କା) ନଗନ୍ୟ ଥିଲା। କମ ପ୍ରକଳ୍ପ ଖର୍ଚ୍ଚ ହେତୁ, ଆରଏସ୍‌ସିଏଲ୍ ଅବଶିଷ୍ଟ ଏସ୍‌ସିଏମ୍ ଅନୁଦାନ 496 କୋଟି ଟଙ୍କା ମାର୍ଚ୍ଚ 2022 ସୁଦ୍ଧା ପାଇ ନାହିଁ। ଅଧିକନ୍ତୁ, ଗ୍ରହଣ କରାଯାଇଥିବା ମୋଟ ମିଶନ ପାଣ୍ଠି[46]ରୁ ଯଥାକ୍ରମେ 670 କୋଟି ଟଙ୍କା (72 ପ୍ରତିଶତ) ଏବଂ 376 କୋଟି ଟଙ୍କା (81 ପ୍ରତିଶତ) ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲ ଖର୍ଚ୍ଚ କରିଥିଲେ।

ସମୀକ୍ଷାରେ ଦେଖାଗଲା ଯେ, ସ୍ମାର୍ଟ ସିଟିଗୁଡିକର ର୍ୟାଙ୍କିଂ ଏମ୍‌ଓଏଚ୍‌ୟୁଏ ଦ୍ୱାରା ବିକଶିତ ହୋଇଥିବା ଜିଓସ୍ପାଟିଆଲ ପରିଚାଳନା ତଥ୍ୟ ତନ୍ତ୍ର (ଜିଏମ୍‌ଆଇଏସ୍) ଏକ ପରିଚାଳନା ତଥ୍ୟ ତନ୍ତ୍ର ଦ୍ୱାରା କରାଯାଇଥାଏ ଯାହା କିଛି ମୌଳିକ ମାନଦଣ୍ଡ ଯଥା କାର୍ଯ୍ୟର ଭୌତିକ ଅଗ୍ରଗତି ଏବଂ ତଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ପ୍ରଭାବ ଓ ପରିଣାମ ଉପରେ ନିର୍ଭର କରେ। ଏସ୍‌ସିଏମ୍ ପ୍ରକଳ୍ପଗୁଡିକର, ମାର୍ଚ୍ଚ 2022 ସୁଦ୍ଧା କମ ଭୌତିକ ଏବଂ ଆର୍ଥିକ ଅଗ୍ରଗତି ହେତୁ ଉଭୟ ସ୍ମାର୍ଟ ସିଟି ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲର ର୍ୟାଙ୍କିଂ ଯଥାକ୍ରମେ 1ରୁ 48 ଏବଂ 45ରୁ 65କୁ ହ୍ରାସ ହୋଇଥିଲା।

**ଚାର୍ଟ 3.4: ଗତ ପାଞ୍ଚ ବର୍ଷ ମଧ୍ୟରେ ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲ୍‌ର ର୍ୟାଙ୍କିଂ ହ୍ରାସ**




ସରକାର କହିଲେ (ମାର୍ଚ୍ଚ 2023) ଯେ, ପ୍ରାରମ୍ଭିକ ବିଳମ୍ବ ବିଭିନ୍ନ ସମସ୍ୟା ହେତୁ ହୋଇଥିଲା, କିନ୍ତୁ କାର୍ଯ୍ୟ ତଦାରଖରେ ଆନ୍ତରିକ ଉଦ୍ୟମ କରାଯାଇଥିଲା ଏବଂ ଧାର୍ଯ୍ୟ ତାରିଖ ପୂର୍ବରୁ ସମସ୍ତ ପ୍ରକଳ୍ପ ସମାପ୍ତ ହେବ ବୋଲି ଆଶା କରାଯାଇଥିଲା। ସମୀକ୍ଷା ଅନୁଯାୟୀ ଉତ୍ତର ନିର୍ଦ୍ଦିଷ୍ଟ ନଥିବାରୁ ଏହା ଗ୍ରହଣୀୟ ନଥିଲା।

---

45 ଚ୍ୟାପରୁ ପିଇବା, ଇ-ରିକ୍ସା, ଡିଜିଟାଲ ଗୃହ ସଂଖ୍ୟାକରଣ, ନୂତନ ରାସ୍ତାର ବିକାଶ, ନୂତନ ବିଏମ୍‌ସି ବିଲ୍ଡିଂର ଚଟାଣ କାମ, ଜନପଥରେ ବାଉଁଶ ବାଡ, ଦକ୍ଷତା ବିକାଶ କେନ୍ଦ୍ର, ମୋ ସହାୟତା କେନ୍ଦ୍ର, ସହର ତଦାରଖ ବ୍ୟବସ୍ଥା, ନୂତନ ସଡକ ଜୋନ-IIର ବିକାଶ ଏବଂ ଟ୍ରାଫିକ ପୋଷ୍ଟର ପୁନଃନିର୍ମାଣ

46 ବିଏସ୍‌ସିଏଲ୍: 932 କୋଟି ଟଙ୍କା ଏବଂ ଆର୍‌ଏସ୍‌ସିଏଲ୍: 465 କୋଟି ଟଙ୍କା

### 3.6.3 ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହ

ପ୍ରକଳ୍ପଗୁଡିକରୁ ଆବଶ୍ୟକୀୟ ଫଳାଫଳ ହାସଲ କରିବା ପାଇଁ ଉପଯୁକ୍ତ ଯୋଜନା ଏବଂ ସଠିକ ଚୁକ୍ତି ପରିଚାଳନା ମାଧମରେ ଦକ୍ଷ କାର୍ଯ୍ୟକାରିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ପରିପ୍ରେକ୍ଷୀରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ, କେବଳ ପ୍ରକଳ୍ପଗୁଡିକର ଆକାର କମ କରିବା ନୁହେଁ (ପାଣି ସଂଗ୍ରହ କରିବାରେ ଅସମର୍ଥତା ହେତୁ) ବରଂ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାରେ ବିଫଳତା ହେତୁ ଆଶା କରାଯାଉଥିବା ଫଳାଫଳ ହାସଲ ହୋଇପାରିନାହିଁ ଯାହା ନିମ୍ନରେ ଦିଆଗଲା:

### 3.6.3.1 ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ସମନ୍ୱୟର ଅଭାବରୁ ପରିହାର୍ଯ୍ୟ ବ୍ୟୟ

ଜନପଥ ରାସ୍ତାର ପୁନଃବିକାଶ ପାଇଁ ବିଏସ୍‌ସିଏଲ ଅକ୍ଟୋବର 2017ରେ ମେସର୍ସ ଆରକେଡି କନଷ୍ଟ୍ରକସନ୍‌କୁ 79.56 କୋଟି ଟଙ୍କାର ଏକ ଚୁକ୍ତିନାମା ପ୍ରଦାନ କରିଥିଲେ ଯାହାର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ସମୟ ନଭେମ୍ବର 2019 ଥିଲା। ଚୁକ୍ତିନାମା ଅନୁଯାୟୀ, ବିଏସ୍‌ସିଏଲ୍, ରାସ୍ତାର ମୋଟ ଦୈର୍ଘ୍ୟର 40 ଶତକଡା ମାର୍ଗର ଅଧିକାର(ଆର୍‌ଓଡବ୍ଲ୍ୟୁ)[47] ଚୁକ୍ତିନାମାର 15 ଦିନ ମଧ୍ୟରେ ଏବଂ ଅବଶିଷ୍ଟ 60 ପ୍ରତିଶତ ମାର୍ଗର ଅଧିକାର 20 ପ୍ରତିଶତ ହିସାବରେ ଯଥାକ୍ରମେ 105 ଦିନ, 195 ଦିନ ଏବଂ 285 ଦିନ ମଧ୍ୟରେ ପ୍ରଦାନ କରାଯିବାର ଥିଲା।

ଅଥଚ, କାର୍ଯ୍ୟ ସମ୍ମୁଖର ଉପଲବ୍ଧତା ନଥିବାରୁ ନିର୍ଦ୍ଧାରିତ କାର୍ଯ୍ୟ ଅବଧି ମଧ୍ୟରେ କେବଳ 35 ପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଛି, କାରଣ ଭାରତ ସଞ୍ଚାର ନିଗମ ଲିମିଟେଡ୍, ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍, ଓଡିଶା ଜଳ ନିଗମ, ଟାଟା ବିଦ୍ୟୁତ କେନ୍ଦ୍ରୀୟ ଓଡିଶା ବିତରଣ ଲିମିଟେଡ୍ ଇତ୍ୟାଦି ସଂସ୍ଥା ଏକକାଳୀନ ନିଜ ନିଜ କାର୍ଯ୍ୟ ଜନପଥ ରାସ୍ତାରେ କରୁଥିଲେ। କାର୍ଯ୍ୟର ଅବଧିକୁ 674 ଦିନ ପାଇଁ 30 ସେପ୍ଟେମ୍ବର 2021 ପର୍ଯ୍ୟନ୍ତ କ୍ଷତିପୂରଣ ଆଦାୟ ନକରି ଏବଂ ଉଭୟ ପାଶ୍ୱରେ ଆର୍ଥିକ କ୍ଷତିପୂରଣ ବିନା ତିନିଥର କାର୍ଯ୍ୟ ଅବଧିକୁ ସମ୍ପ୍ରସାରଣ (ଇଓଟି) ପ୍ରଦାନ କରାଯାଇଥିଲା। ତିନୋଟି ସମ୍ପ୍ରସାରଣ ସତ୍ତ୍ୱେ କାର୍ଯ୍ୟଟି ମାର୍ଚ୍ଚ 2022 ସୁଦ୍ଧା ସମାପ୍ତ ହୋଇପାରିଲା ନାହିଁ ଏବଂ ବର୍ଦ୍ଧିତ ଅବଧି ପାଇଁ ଏଜେନ୍ସିକୁ 5.42 କୋଟି ଟଙ୍କାର ବର୍ଦ୍ଧିତ ଦେୟ ପ୍ରଦାନ କରାଯାଇଛି।

ସମୀକ୍ଷାରେ ଦେଖାଗଲା ଯେ, ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ସମୟରେ ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ସମନ୍ୱୟ ଆଣିବା ଉଦ୍ଦେଶ୍ୟରେ ଏସ୍‌ଓପି ଅନୁଯାୟୀ ଏକ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କମିଟି (ପିଆଇସି) ଗଠନ କରାଯାଇଥିଲା। ସମୟର ଅବଧିର ବୃଦ୍ଧି, କାର୍ଯ୍ୟାନ୍ୱୟନ ଯୋଜନାର ଅନୁମୋଦନ ଇତ୍ୟାଦି ସମେତ ସାମଗ୍ରିକ ଚୁକ୍ତିନାମା ପରିଚାଳନା ପାଇଁ କମିଟି ମଧ୍ୟ ଦାୟୀ ଥିଲା। ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ପାଇଁ ପିଆଇସି ଦ୍ୱାରା କୌଣସି ପଦକ୍ଷେପ ନିଆଯାଇଥିଲା କି ନାହିଁ ସେ ବିଷୟରେ ଦସ୍ତାବିଜଗୁଡିକରେ କୌଣସି ଉଲ୍ଲେଖ ନଥିଲା। ଫଳସ୍ୱରୂପ, ବିଏସ୍‌ସିଏଲ୍ ଏକ ସୁସ୍ପଷ୍ଟ ଜାଗା ପ୍ରଦାନ କରିବାରେ ବିଫଳ ହେବା ସହିତ କୌଣସି ଉପଯୋଗୀତାର ସ୍ଥାନାନ୍ତରରେ ସହାୟତା କରିବାରେ ବିଫଳ ହୋଇଥିଲା। ତେଣୁ ଏକାଧିକ ଏଜେନ୍ସିମାନଙ୍କ ମଧ୍ୟରେ ସଠିକ ସମନ୍ୱୟର ଅଭାବ ଏବଂ ଚୁକ୍ତିନାମା ଅନୁଯାୟୀ ଏକ ସୁସ୍ପଷ୍ଟ ଜାଗା ପ୍ରଦାନ କରିବାରେ ବିଏସ୍‌ସିଏଲ୍ ବିଫଳ ହେବା ଫଳରେ ପରିହାର୍ଯ୍ୟ ବିଳମ୍ବ ହୋଇଥିଲା ଏବଂ 5.42 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଚୁକ୍ତିନାମା ଅନୁଯାୟୀ, ମୂଲ୍ୟ ବ୍ୟବସ୍ଥାପନ ବାବଦରେ ଠିକାଦାରକୁ ଅତିରିକ୍ତ ରାଶି ପ୍ରଦାନ କରାଯାଇଛି। ଉତ୍ତରଟି ପ୍ରାସଙ୍ଗିକ ନଥିଲା କାରଣ ଠିକ ସମୟରେ କାର୍ଯ୍ୟ କରିବା ପାଇଁ ଜନପଥ ରାସ୍ତାର କାର୍ଯ୍ୟରେ ନିୟୋଜିତ ଏଜେନ୍ସିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ବିଏସ୍‌ସିଏଲ ବିଫଳ ହେବା ସହିତ ଚୁକ୍ତିନାମା ଅନୁଯାୟୀ ଆବଶ୍ୟକ କାର୍ଯ୍ୟ ସମ୍ମୁଖ ପ୍ରଦାନ କରିନଥିବାରୁ ଠିକାଦାରଙ୍କୁ ଅତିରିକ୍ତ ଦେୟ ପ୍ରଦାନ କରିବାର ପରିସ୍ଥିତି ଉପୁଜିଥିଲା।

[47] ମାର୍ଗର ଅଧିକାର ହେଉଛି ଅନୁଦାନ କିମ୍ବା ଦୀର୍ଘ ବ୍ୟବହାର ଦ୍ୱାରା ଅନ୍ୟର ଜମି ଅତିକ୍ରମ କରିବାର ଆଇନଗତ ଅଧିକାର ଅର୍ଜନ

### 3.6.3.2 ଏସ୍‌ସିଏମ୍ ଅଧିନିୟମର ଅନୁରୂପଣ ନଥାଇ ନୂତନ ବସ କ୍ୟୁ ଆଶ୍ରୟସ୍ଥଳ ନିର୍ମାଣ ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଅଧିକ ଆର୍ଥିକ ବୋଝ

ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ (ଧାରା 5.1.4) ଅନୁଯାୟୀ, ସର୍ବ ସହର ବିକାଶ ହେଉଛି ମନୋନୀତ ସ୍ମାର୍ଟ ସମାଧାନଗୁଡିକୁ ବିଦ୍ୟମାନ ସହର ଭିତ୍ତିଭୂମିରେ ପ୍ରୟୋଗକୁ ଧାର୍ଯ୍ୟ କରିବା। ପୁନଶ୍ଚ, ଏମ୍‌ଓଏଚ୍‌ୟୁଏର ପରାମର୍ଶ (ଜାନୁଆରୀ 2019) ନିର୍ଦ୍ଧାରଣ କରିଛି ଯେ ଅଣ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ କାର୍ଯ୍ୟକୁ ସର୍ବ ସହର ଉନ୍ନତି ପଦକ୍ଷେପ ଅଧିନରେ ଯୋଡିବା ଅନୁମୋଦିତ ନୁହେଁ। ମିଶନ ନିର୍ଦ୍ଦେଶାବଳୀର ଧାରା 5.1.4 ଅନୁଯାୟୀ ନିର୍ଦ୍ଦେଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରୁଥିବା ଏବଂ ସୁସ୍ପଷ୍ଟ ପାଣ୍ଠି ଉପଲବ୍ଧତା ଥିବା ପ୍ରକଳ୍ପଗୁଡିକ କେବଳ ସର୍ବ ସହର ପଦକ୍ଷେପଗୁଡିକରେ ଅନ୍ତର୍ଭୁକ୍ତ କରାଯାଇପାରିବ।

ଦସ୍ତାବିଜଗୁଡିକର ଯାଞ୍ଚରୁ ଜଣାପଡିଥିଲା ଯେ, ଭୁବନେଶ୍ୱରରେ ସହରୀ ବସ ସେବାକୁ ମଜବୁତ କରିବା ପାଇଁ ରାଜଧାନୀ ଅଞ୍ଚଳ ସହରୀ ପରିବହନ[48] (ସିଆରୟୁଟି) ନୂତନ ବସ୍ କ୍ୟୁ ଆଶ୍ରୟସ୍ଥଳ (ବିକ୍ୟୁଏସ୍) ନିର୍ମାଣ ପାଇଁ ଏକ ପ୍ରସ୍ତାବ ସେପ୍ଟେମ୍ବର 2018ରେ ବିଏସ୍‌ସିଏଲ୍‌କୁ ଦେଇଥିଲା ଏବଂ ବିଏସ୍‌ସିଏଲ୍‌କୁ 29.32 କୋଟି ଟଙ୍କା ପ୍ରଦାନ କରିବା ପାଇଁ ଅଗଷ୍ଟ 2018/ମାର୍ଚ୍ଚ 2019ରେ ଅନୁରୋଧ କରିଥିଲା। ବିଏସ୍‌ସିଏଲ୍ ସେପ୍ଟେମ୍ବର 2018ରେ ସିଆରୟୁଟିର ପ୍ରସ୍ତାବକୁ ସର୍ବ ସହର ବିକାଶ ଅଧିନରେ ଅନୁମୋଦନ କରିଥିଲା। ଅନୁରୋଧ କରାଯାଇଥିବା ପାଣ୍ଠି ସେପ୍ଟେମ୍ବର 2018/ମାର୍ଚ୍ଚ 2019ରେ ସିଆରୟୁଟିକୁ ଦିଆଯାଇଥିଲା ଏବଂ ସିଆରୟୁଟି କାର୍ଯ୍ୟଟିକୁ ନିଷ୍ପାଦିତ କରିଥିଲା। ଏହି ପ୍ରକଳ୍ପଟି ଏମ୍‌ଓଏଚ୍‌ୟୁଏକୁ ଦାଖଲ କରାଯାଇଥିବା ଏସ୍‌ସିପିରେ ଅନ୍ତର୍ଭୁକ୍ତ ନଥିଲା ତେଣୁ, ଏମ୍‌ଓଏଚ୍‌ୟୁଏ ଦ୍ୱାରା ଏହା ଅନୁମୋଦିତ ହୋଇନଥିଲା। ଯେହେତୁ ଏହି ବିକ୍ୟୁଏସ୍‌ଗୁଡିକ ନୂତନ ଭାବେ ନିର୍ମିତ ହୋଇଥିଲା ଏବଂ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ସହିତ ସମାନ ନଥିଲା, ସେଗୁଡିକ ଏସ୍‌ସିଏମ୍ ପାଣ୍ଠିରୁ ସର୍ବ ସହର ପଦକ୍ଷେପ ଅନୁଯାୟୀ ନିଷ୍ପାଦନ ପାଇଁ ଯୋଗ୍ୟ ନଥିଲେ।

ଏହିପରି ସିଆରୟୁଟି ପ୍ରକଳ୍ପ ପାଇଁ ସୁସ୍ପଷ୍ଟ ପାଣ୍ଠି ଉପଲବ୍ଧ ନଥିବାରୁ, 29.32 କୋଟି ଟଙ୍କାର ଖର୍ଚ୍ଚ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀରୁ ବିଚ୍ୟୁତ କରି କରାଯାଇଥିଲା, ଯାହାଦ୍ୱାରା ବିଏସ୍‌ସିଏଲ୍ ଉପରେ ଅଧିକ ଆର୍ଥିକ ବୋଝ ସୃଷ୍ଟି ହୋଇଥିଲା ଯେତେବେଳେ କି ଏହା ପାଣ୍ଠିର ଅଭାବରୁ ପୂର୍ବ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବାକୁ ଅସମର୍ଥ ଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ବସ୍ ସେବା ହେଉଛି ଏକ ସର୍ବ ସହର ପ୍ରକଳ୍ପ ଯାହା ସହରର ସବୁ ସ୍ଥାନରେ ହେବ, ସେହି ଅନୁଯାୟୀ ବିକ୍ୟୁଏସ୍ ସ୍ଥାପନ ପାଇଁ ଖର୍ଚ୍ଚ କରାଯାଇଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ କରାଯାଇଥିଲା ଯେ (i) ସର୍ବ ସହର ବିକାଶ ବିଦ୍ୟମାନ ଭିତ୍ତିଭୂମିରେ କରାଯିବା ଉଚିତ ଏବଂ (ii) ଅଣ ଆଇସିଟି ବିକାଶ ସର୍ବ ସହର ବିକାଶ ଅଧିନରେ ଅନୁମୋଦିତ ନୁହେଁ। ଯେହେତୁ ବିକ୍ୟୁଏସ୍‌ଗୁଡିକର ନିର୍ମାଣ ନୂତନ ଭିତ୍ତିଭୂମି ସୃଷ୍ଟି କରିଥିଲା, ଏହାକୁ ଏମ୍‌ଓଏଚ୍‌ୟୁଏ ଅନୁମୋଦନ କରିନଥିଲା।

### 3.6.3.3 ସିଆଇଟିଆଇଆଇଏସ୍ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଚୁକ୍ତିନାମା ଏବଂ ନିର୍ଦ୍ଦେଶ ନିବନ୍ଧନ ଅନୁପସ୍ଥିତି ହେତୁ 1.15 କୋଟି ଟଙ୍କାର ନିଷ୍ଫଳ ବ୍ୟୟ

ଅଭିନବତା, ପୂର୍ଣ୍ଣାଙ୍ଗ ଏବଂ ସହନୀୟତା ପାଇଁ ସହର ନିବେଶ (ସିଆଇଟିଆଇଆଇଏସ୍) ଆହ୍ୱାନ (ସ୍ମାର୍ଟ ସିଟି ପ୍ରକଳ୍ପ ପାଣ୍ଠି ପାଇଁ ଏକ କାର୍ଯ୍ୟକ୍ରମ) ମାଧ୍ୟମରେ ପ୍ରକଳ୍ପଗୁଡିକୁ ସହନୀୟ ପୋଷଣ, ଅଭିନବତା ଏବଂ ଭାଗିଦାରୀ କରିବାକୁ ଏମ୍‌ଓଏଚ୍‌ୟୁଏ ଆରମ୍ଭ କରିଥିଲା, ଯାହାର ପାଣ୍ଠି ଫ୍ରେଞ୍ଚ ବିକାଶ ଏଜେନ୍ସି[49] (ଏଏଫ୍‌ଡି) ଦ୍ୱାରା କରାଯାଇଥିଲା। ଏହି ଯୋଜନା ଅନ୍ତର୍ଗତ 12ଟି ସଂକ୍ଷିପ୍ତ ବୃତାନ୍ତ ତାଲିକାଭୁକ୍ତ ସଂସ୍ଥା ମଧ୍ୟରୁ ବିଏସ୍‌ସିଏଲ୍ ଅନ୍ୟତମ

---

[48] ରାଜଧାନୀ ଅଞ୍ଚଳରେ ଜନ ପରିବହନ ସେବା ଯୋଗାଇବା ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗ (ଏଚ୍‌ଆଣ୍ଡୟୁଡି), ଓଡିଶା ସରକାର ଦ୍ୱାରା ସ୍ଥାପିତ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ କମ୍ପାନୀ

[49] ଫ୍ରେଞ୍ଚ ବିକାଶ ଏଜେନ୍ସି (ଏଏଫ୍‌ଡି) ଗୋଷ୍ଠୀ ପାଣ୍ଠି, ଏକ ସୁନ୍ଦର ଏବଂ ଅଧିକ ସ୍ଥାୟୀ ଦୁନିଆକୁ ସ୍ଥାନାନ୍ତରଣକୁ ସମର୍ଥନ କରେ ଏବଂ ତ୍ୱରାନ୍ୱିତ କରେ। ଏହିପରି ଭାବରେ, ସେମାନେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜିଏସ୍)ଗୁଡିକୁ ସମର୍ଥନ କରିବାକୁ ଫ୍ରାନ୍ସ ଏବଂ ଫ୍ରେଞ୍ଚ ଲୋକଙ୍କ ପ୍ରତିବଦ୍ଧତା ପାଇଁ ସହଯୋଗ କରନ୍ତି।

ଥିଲା। ସିଆଇଟିଆଇଆଇଏସ୍ ଆହ୍ୱାନ ଅଧୀନରେ ବି-ଆକ୍ଟିଭ[50] ପ୍ରକଳ୍ପଗୁଡିକର ବିକାଶ ପାଇଁ, ମୋଟ ପ୍ରକଳ୍ପ ମୂଲ୍ୟ 99.13 କୋଟି ଟଙ୍କାରୁ ମୋଟ ପ୍ରକଳ୍ପ ଅନୁଦାନ 79.30 କୋଟି ଟଙ୍କାର 10 ପ୍ରତିଶତ ବାବଦରେ 7.93 କୋଟି ଟଙ୍କା ବିଏସ୍‌ସିଏଲ୍ ଜୁନ 2019ରେ ଏଏଫ୍‌ଡିଠାରୁ ଗ୍ରହଣ କରିଥିଲା। ଆନୁସଙ୍ଗିକ ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରକଳ୍ପଗୁଡିକ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ, ଯଥା: ପରିପକ୍ୱତା ପର୍ଯ୍ୟାୟ ଏବଂ କାର୍ଯ୍ୟାନ୍ୱୟନ ପର୍ଯ୍ୟାୟ। ପରିପକ୍ୱତା ପର୍ଯ୍ୟାୟରେ ଡିପିଆର, ପରିବେଶ ଏବଂ ସାମାଜିକ ପରିଚାଳନା ଯୋଜନା ଏବଂ ପ୍ରକଳ୍ପ ପାଇଁ କ୍ରୟ ଯୋଜନା ରହିଛି।

ପରିପକ୍ୱତା ପର୍ଯ୍ୟାୟ ଥିବା କାର୍ଯ୍ୟଗୁଡିକ ଯଥା: ଡିପିଆର ପ୍ରସ୍ତୁତି, ପରିବେଶ ଏବଂ ସାମାଜିକ ଅନୁପାଳନ, ଟେଣ୍ଡର ଏବଂ କ୍ରୟ ଅନୁପାଳନ ପାଇଁ ବିଏସ୍‌ସିଏଲ୍ ଡିସେମ୍ବର 2019ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏକ ଘରୋଇ ସଂସ୍ଥା ଭୁବନେଶ୍ୱର ସହରୀ ଜ୍ଞାନକେନ୍ଦ୍ର(ବିୟୁକେସି)କୁ ପ୍ରକଳ୍ପ ପରିଚାଳନା ପରାମର୍ଶଦାତା (ପିଏମ୍‌ସି) ଭାବରେ ନିଯୁକ୍ତ କରିଥିଲା। ପରିପକ୍ୱତା ପର୍ଯ୍ୟାୟର ଅବଧି ଛଅ ମାସ ଥିଲା।

ଦସ୍ତାବିଜଗୁଡିକର ଯାଞ୍ଚରୁ ଜଣାପଡିଲା ଯେ, ବିଏସ୍‌ସିଏଲ୍ ପ୍ରକଳ୍ପର ପରିପକ୍ୱତା ବିତରଣଗୁଡିକୁ ଦାଖଲ କରିଥିଲା ଏବଂ ଏଏଫ୍‌ଡି ଅକ୍ଟୋବର 2021ରେ ଚୂଡାନ୍ତ ଅନୁମୋଦନ ପ୍ରଦାନ କରିଥିଲା। ପରିପକ୍ୱତା ବିତରଣ ସମ୍ବନ୍ଧରେ ସମାପ୍ତି ପ୍ରମାଣପତ୍ର ବିଏସ୍‌ସିଏଲ୍ ଫେବୃୟାରୀ 2022ରେ ଜାରି କରିଥିଲା। ସମୀକ୍ଷାରେ ନିମ୍ନଲିଖିତ ପର୍ଯ୍ୟବେକ୍ଷଣଗୁଡିକ ଦେଖାଗଲା:

- ଅର୍ଥ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀ (ନଭେମ୍ବର 2018) ଅନୁଯାୟୀ, ପରାମର୍ଶଦାତାଙ୍କର ନିୟୋଜନ ପାଇଁ ପରାମର୍ଶଦାତା ନିଯୁକ୍ତିର ନିର୍ଦ୍ଦେଶ ନିବନ୍ଧନ (ଟିଓଆର୍)ରେ ପରାମର୍ଶଦାତା ନିୟୋଜନର ଉଦ୍ଦେଶ୍ୟ, କରାଯିବାକୁ ଥିବା କାର୍ଯ୍ୟକୁ ବର୍ଣ୍ଣନା କରିବା, କାର୍ଯ୍ୟ ସମାପ୍ତି ପାଇଁ କାର୍ଯ୍ୟସୂଚୀ, ପରାମର୍ଶଦାତା ତଥା ଚୂଡାନ୍ତ ଫଳାଫଳକୁ ସୁଗମ କରିବା ପାଇଁ କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ତଥ୍ୟ ପରିମାଣିକ/ ବୋଧଗମ୍ୟ ଶବ୍ଦରେ ଅନ୍ତର୍ଭୁକ୍ତ କରିବା ଉଚିତ, ଯାହା ପରାମର୍ଶଦାତାଙ୍କ ପାଇଁ ଆବଶ୍ୟକ ହେବ। ଅଥଚ, ସମୀକ୍ଷାରୁ ଜଣାଗଲା ଯେ, ବିଏସ୍‌ସିଏଲ୍ ପିଏମ୍‌ସି ସହିତ ସେପରି କୌଣସି ଚୁକ୍ତିନାମା କରିନାହିଁ।

- କାର୍ଯ୍ୟାନ୍ୱୟନ ପର୍ଯ୍ୟାୟକୁ ଯିବା ପାଇଁ, ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ କରିବା ପାଇଁ, ବିୟୁକେସି ତାହାର ବୈଷୟିକ ଜ୍ଞାନ ଏବଂ ଅଭିଜ୍ଞତାର ଅଭାବକୁ ଦର୍ଶାଇଲା। ଜଳ ସମ୍ପଦ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ସମ୍ପୃକ୍ତ କାର୍ଯ୍ୟାନ୍ୱୟନ ସଂସ୍ଥାକୁ ବିୟୁକେସି, ଗୁଡ-ଫର-କନ୍‌ଷ୍ଟ୍ରକ୍‌ସନ୍[51] (ଜିଏଫ୍‌ସି) ଚିତ୍ର ପ୍ରଦାନ କରିପାରିଲା ନାହିଁ କିମ୍ବା ଏହାକୁ କାର୍ଯ୍ୟାନ୍ୱୟନ କରିବାକୁ କୌଣସି ବୈଷୟିକ ଜ୍ଞାନ ମଧ ଧାରଣ କରିନଥିଲା। ବିସ୍ତୃତ ବୈଷୟିକ ଚିତ୍ର ବିନା ଜଳ ସମ୍ପଦ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରାଯାଇ ପାରିଲାନାହିଁ। ସମଗ୍ର ବି-ଆକ୍ଟିଭ ପ୍ରକଳ୍ପଗୁଡିକ ପାଇଁ (ମାର୍ଚ୍ଚ 2023 ସୁଦ୍ଧା) ବିୟୁକେସିକୁ ପରାମର୍ଶଦାତା ଦେୟ ପାଇଁ 1.44 କୋଟି ଟଙ୍କା ପ୍ରଦାନ କରାଯାଇଥିଲା।

- ଯେହେତୁ ବିୟୁକେସି ଆବଶ୍ୟକ ନିର୍ମାଣ ଚିତ୍ର ପ୍ରଦାନ କରିନଥିଲା, ବିଏସ୍‌ସିଏଲ୍ ଜଳ ସମ୍ପଦ ପ୍ରକଳ୍ପଗୁଡିକର କାର୍ଯ୍ୟକାରୀ କରିବା ପାଇଁ ଡିପିଆର ପ୍ରସ୍ତୁତି ନିମିତ୍ତ ଜୁନ 2022ରେ ଟେଣ୍ଡର ଜାରି କରିଥିଲା। ଏହିପରି, ବୈଷୟିକ ଦକ୍ଷତା ବାବଦରେ ବିନା ଚୁକ୍ତିନାମା ଏବଂ ବିନା ନିର୍ଦ୍ଦେଶ ନିବନ୍ଧନ କରି ପରାମର୍ଶଦାତା ନିଯୁକ୍ତି କରିବା ଦ୍ୱାରା, ଜଳ ସମ୍ପଦ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୋଇଥିଲା ଏବଂ 1.15 କୋଟି ଟଙ୍କା[52] ଏହି ପ୍ରକଳ୍ପ ପାଇଁ ବିଶେଷ ଭାବରେ ପରାମର୍ଶ ପାଇଁ ପ୍ରଦାନ କରାଯାଇଥିଲା।

---

50 ବି-ଆକ୍ଟିଭ ଅଧୀନରେ ଥିବା ପ୍ରକଳ୍ପଗୁଡିକ ହେଲା: (i) ଜଳ ସମ୍ପତ୍ତି (ii) ପାର୍କ ଏବଂ ଖୋଲାସ୍ଥାନ ଏବଂ (iii) ଖେଳ ଏବଂ ଖେଳପଡିଆ ସମ୍ପତ୍ତିଗୁଡିକ

51 ନକ୍ସା କାଗଜରେ ଉଲ୍ଲିଖିତ ଉପାଦାନ ଏବଂ ମାପଗୁଡିକ କାର୍ଯ୍ୟନିର୍ବାହୀ ଏଜେନ୍ସିକୁ ସାହାଯ୍ୟ କରେ

52 $\frac{\text{ଜଳ ସମ୍ପଦ ପ୍ରକଳ୍ପର ମୂଲ୍ୟ: 79.86 କୋଟି ଟଙ୍କା}}{\text{ମୋଟ ପ୍ରକଳ୍ପ ମୂଲ୍ୟ: 99.13 କୋଟି ଟଙ୍କା}} \times$ (1.44 କୋଟି ଟଙ୍କା)

ସମୀକ୍ଷା ପର୍ଯ୍ୟବେକ୍ଷଣଟିକୁ ଗ୍ରହଣ କରିବାବେଳେ ସରକାର କହିଲେ (ମାର୍ଚ୍ଚ 2023) ଯେ, ଯଦିଓ ବିୟୁକେସି ସମସ୍ତ ଜଳ ପ୍ରକଳ୍ପ ବାବଦରେ ବିସ୍ତୃତ ଡିପିଆର ପ୍ରସ୍ତୁତ କରିଥିଲା, ତଥାପି, ଏହା କାର୍ଯ୍ୟକାରିତା ପର୍ଯ୍ୟାୟକୁ ଯିବାପାଇଁ ଆବଶ୍ୟକୀୟ ବିସ୍ତୃତ ଟେଣ୍ଡର ନକ୍ସା ଏବଂ ବସ୍ତୁ-ଓ୍ୱାରୀ ବଜେଟ ପ୍ରସ୍ତୁତ କରିନାହିଁ। ସେହି ଅନୁଯାୟୀ, ଡିପିଆର ଏବଂ ଟେଣ୍ଡର ଦସ୍ତାବିଜ ପ୍ରସ୍ତୁତ ପାଇଁ ଏକ ଏଜେନ୍ସିକୁ ନିଯୁକ୍ତି ପାଇଁ ଜୁନ 2022ରେ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା।

### 3.6.3.4 ବିଭିନ୍ନ ମଡ୍ୟୁଲଗୁଡିକର କାର୍ଯ୍ୟଦକ୍ଷତାରେ ଗ୍ରହଣୀୟତା ହାସଲ ନହେବା ସତ୍ତ୍ୱେ ଠିକାଦାରଙ୍କୁ 5.91 କୋଟି ଟଙ୍କାର ଅହେତୁକ ଅନୁକମ୍ପା

ବିଏସ୍‌ସିଏଲ୍ ଡିସେମ୍ବର 2018ରେ ସ୍ମାର୍ଟ ସମାଧାନ ପ୍ରକଳ୍ପକୁ ମେସର୍ସ ଏଚ୍‌ଏଆଇଏଲ୍‌କୁ ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର (ଏମ୍‌ଏସ୍‌ଆଇ) ଭାବରେ ଚୁକ୍ତି କରିଥିଲା, ଯାହାର ନିର୍ଦ୍ଧାରିତ ସମାପ୍ତ ସମୟ ଜାନୁଆରୀ 2020 ଥିଲା। ପ୍ରକଳ୍ପର ବିଭିନ୍ନ ମଡ୍ୟୁଲଗୁଡିକରେ ସ୍ମାର୍ଟ ଟ୍ରାଫିକ ପରିଚାଳନା ସିଷ୍ଟମ, ସ୍ମାର୍ଟ ପାର୍କିଂ ପରିଚାଳନା ସିଷ୍ଟମ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ସାଧାରଣ ନିର୍ବାଚନ, ବାତ୍ୟା ଇତ୍ୟାଦି କାରଣରୁ କାର୍ଯ୍ୟ ସମାପ୍ତରେ ବିଳମ୍ବ ହେତୁ, ନିର୍ଦ୍ଦେଶକ ମଣ୍ଡଳୀ ଅକ୍ଟୋବର 2020 ପର୍ଯ୍ୟନ୍ତ ସମାପ୍ତି ଅବଧିକୁ ବର୍ଦ୍ଧିତ (ନଭେମ୍ବର 2019) କରିଥିଲେ। ଅଗ୍ରାଧିକାର ସ୍ଥାନମାନଙ୍କରେ ସ୍ମାର୍ଟ ସମାଧାନଗୁଡିକୁ ପର୍ଯ୍ୟାୟ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶକ ମଣ୍ଡଳୀ ନିର୍ଦ୍ଦେଶ ଦେଇଥିଲେ। କୋଭିଡ-19 ମହାମାରୀ ହେତୁ କାର୍ଯ୍ୟ ଆହୁରି ବିଳମ୍ବ ହେଲା ଏବଂ ନିର୍ଦ୍ଦେଶକ ମଣ୍ଡଳୀ ପୁନର୍ବାର (ଅକ୍ଟୋବର 2020) ସମାପ୍ତି ଅବଧିକୁ ମଇ 2021 ପର୍ଯ୍ୟନ୍ତ ବର୍ଦ୍ଧିତ କରିଥିଲେ। ନିର୍ଦ୍ଦେଶକ ମଣ୍ଡଳୀ ସର୍ତ୍ତ ରଖିଥିଲେ ଯେ, ନଭେମ୍ବର 2020ରୁ ଫେବୃଆରୀ 2021 ମଧ୍ୟରେ ବିଭିନ୍ନ ମଡ୍ୟୁଲଗୁଡିକରେ କାର୍ଯ୍ୟକ୍ଷମ ଗ୍ରହଣୀୟତା ହାସଲ ହେବା ଉଚିତ। ନିର୍ଦ୍ଦେଶକ ମଣ୍ଡଳୀ, ଡିସେମ୍ବର 2020ରେ, ସ୍ମାର୍ଟ ସଲ୍ୟୁସନ୍ ପ୍ରକଳ୍ପଗୁଡିକର ଅଗ୍ରଗତିର ସମୀକ୍ଷା କରିବାବେଳେ, ସିଇଓ, ବିଏସ୍‌ସିଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ହେଲେ ଚୁକ୍ତିନାମା ଅନୁଯାୟୀ ଏମ୍‌ଏସ୍‌ଆଇକୁ ଦଣ୍ଡିତ କରାଯିବ।

ସମୀକ୍ଷାରେ ଦେଖାଗଲା ଯେ, ଏମ୍‌ଏସ୍‌ଆଇ ପରିବର୍ଦ୍ଧିତ ସମୟ ମଧ୍ୟରେ ସିଷ୍ଟମ/ସବ୍-ସିଷ୍ଟମର କାର୍ଯ୍ୟକ୍ଷମ ଗ୍ରହଣୀୟତା ହାସଲ କରିପାରିଲା ନାହିଁ ଏବଂ ସ୍ମାର୍ଟ ଟ୍ରାଫିକ ପରିଚାଳନା ସିଷ୍ଟମ, ସ୍ମାର୍ଟ ଟ୍ରାକିଂ ସିଷ୍ଟମ ଇତ୍ୟାଦି ପାଇଁ ସବ୍-ସିଷ୍ଟମ ସ୍ତରରେ କେବଳ ଆଂଶିକ କାର୍ଯ୍ୟକ୍ଷମ ଗ୍ରହଣୀୟତା ହାସଲ କରିପାରିଥିଲା। ଚୁକ୍ତିନାମା[53] ଅନୁଯାୟୀ ପିଏମ୍‌ସି, ବିଳମ୍ବର ବିଭିନ୍ନ କାରଣଗୁଡିକ ବିଶ୍ଳେଷଣ କଲା ଏବଂ ବର୍ଦ୍ଧିତ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ ଗ୍ରହଣୀୟତା ହାସଲ ନକରିବା ପାଇଁ 5.91 କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ସୁପାରିଶ କରିଥିଲା (ଅପ୍ରେଲ 2021)। ଅଥଚ, ଚୁକ୍ତିନାମା ଅନୁଯାୟୀ କୌଣସି କ୍ଷତିପୂରଣ ବିଏସ୍‌ସିଏଲ୍ ଆଦାୟ କରିନାହିଁ। ଚୁକ୍ତିନାମାରେ ବ୍ୟବସ୍ଥା ଏବଂ ପିଏମ୍‌ସି ସୁପାରିଶ କରିବା ସତ୍ତ୍ୱେ, କ୍ଷୟକ୍ଷତି ଆଦାୟ ନକରିବା ଦ୍ୱାରା ଠିକାଦାରଙ୍କୁ 5.91 କୋଟି ଟଙ୍କାର ଅହେତୁକ ଅନୁକମ୍ପା ହୋଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, କୋଭିଡ-19 ମହାମାରୀ ହେତୁ ପ୍ରକଳ୍ପଗୁଡିକ ବିଳମ୍ବ ହୋଇଛି, ବିଳମ୍ବକୁ ନିର୍ଦ୍ଦେଶକ ମଣ୍ଡଳୀ ଅନୁମୋଦନ କରିଛି ଏବଂ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସମୟର ଅବଧିକୁ ବର୍ଦ୍ଧିତ କରାଯାଇଛି। ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ, ନିର୍ଦ୍ଦେଶକ ମଣ୍ଡଳୀ ଡିସେମ୍ବର 2020ରେ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିବା ବେଳେ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରକଳ୍ପ କାର୍ଯ୍ୟକାରୀରେ ବିଳମ୍ବ ପାଇଁ ଚୁକ୍ତିନାମା ଅନୁଯାୟୀ ଏଜେନ୍ସି ବିରୁଦ୍ଧରେ ଆବଶ୍ୟକ ଦଣ୍ଡବିଧାନ କରାଯିବ। ସେହି ଅନୁଯାୟୀ, ଏମ୍‌ଏସ୍‌ଆଇ ଦ୍ୱାରା ବିଳମ୍ବ ହେତୁ କ୍ଷୟକ୍ଷତି ଆଦାୟ କରିବାକୁ ପିଏମ୍‌ସି ମଧ୍ୟ ପରାମର୍ଶ ଦେଇଥିଲା, ଯାହା ପାଳନ କରାଯାଇ ନଥିଲା।

### 3.6.3.5 ବିଏସ୍‌ସିଏଲ୍ ଦ୍ୱାରା ସ୍ମାର୍ଟ ଶ୍ରେଣୀ ଗୃହ ପ୍ରକଳ୍ପ ସମାପ୍ତ କରିବାରେ ବିଳମ୍ବ

ସ୍ମାର୍ଟ ସମାଧାନ ପ୍ରକଳ୍ପର ଏକ ଅଂଶ ଭାବରେ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପରିଚାଳନା ସିଷ୍ଟମ ବିଏସ୍‌ସିଏଲ୍ ଦ୍ୱାରା ନିଯୁକ୍ତ ଏମ୍‌ଏସ୍‌ଆଇ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଏହି ମଡ୍ୟୁଲ ଅଧୀନରେ ସ୍ମାର୍ଟ ଶ୍ରେଣୀ ଗୃହମାନଙ୍କରେ ପ୍ରଧାନ ଭିତ୍ତି ସଂରଚନା ଯଥା: ସ୍ମାର୍ଟ ଶ୍ରେଣୀ ସମାଧାନ, ଛାତ୍ରମାନଙ୍କ ପାଇଁ ଡିଜିଟାଲ ବିଷୟ ବସ୍ତୁ, ନିରୀକ୍ଷଣ ପାଇଁ

53 ଚୁକ୍ତିନାମାର ସାଧାରଣ ସର୍ତ୍ତଗୁଡିକର ଧାରା 55 ଏବଂ ଚୁକ୍ତିନାମାର ସ୍ୱତନ୍ତ୍ର ସର୍ତ୍ତଗୁଡିକର ଧାରା 55.2 ଏବଂ 55.3

ସିସିଟିଭି, ଡିଜିଟାଲ ସ୍ମାର୍ଟ ବୋର୍ଡ, ଉପସ୍ଥାନ ପରିଚାଳନା ସିଷ୍ଟମ ଇତ୍ୟାଦି ସରକାରୀ ବିଦ୍ୟାଳୟମାନଙ୍କରେ ସ୍ଥାପନ କରାଯିବାର ଥିଲା। ଏହାର ଉଦ୍ଦେଶ୍ୟ ଥିଲା ଯେ ଶିକ୍ଷକମାନଙ୍କୁ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା, ଛାତ୍ରମାନଙ୍କର ଉପଲବ୍ଧତା ବୃଦ୍ଧି, ଏକାଡେମିକ୍ ସମ୍ପାଦନ ଉପରେ ପର୍ଯ୍ୟାଲୋଚନା ସହିତ ଏକ ସରଳ, ଅର୍ଥପୂର୍ଣ୍ଣ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରାୟୋଗିତ ବ୍ୟବହାର।

ବିଏସ୍‌ସିଏଲ୍ ଦ୍ୱାରା କରାଯାଇଥିବା ସର୍ବେକ୍ଷଣକୁ ଆଧାର କରି ଭୁବନେଶ୍ୱରରେ 13ଟି ସରକାରୀ ବିଦ୍ୟାଳୟକୁ ନେଇ ସଂକ୍ଷିପ୍ତ ତାଲିକା କରାଯାଇଥିଲା। ମନୋନୀତ ବିଦ୍ୟାଳୟଗୁଡ଼ିକରେ ସ୍ଥାପନ କରିବା ପାଇଁ ସମସ୍ତ ସାମଗ୍ରୀ ଅକ୍ଟୋବର 2020ରେ ଉପଲବ୍ଧ କରାଯାଇଥିଲା। ମାର୍ଚ୍ଚ 2021 ସୁଦ୍ଧା ସମ୍ପୂର୍ଣ୍ଣ ପ୍ରକଳ୍ପଟି ହସ୍ତାନ୍ତର କରାଯିବାର ଥିଲା।

ଦସ୍ତାବିଜଗୁଡ଼ିକର ଯାଞ୍ଚରୁ ଜଣାପଡିଲା ଯେ, ଅକ୍ଟୋବର 2022 ସୁଦ୍ଧା 13ଟି ବିଦ୍ୟାଳୟ ମଧ୍ୟରୁ ଏମ୍‌ଏସ୍‌ଆଇ ପାଞ୍ଚଟି ସ୍ମାର୍ଟ ଶ୍ରେଣୀ ଗୃହରେ ଉପକରଣଗୁଡ଼ିକ ସ୍ଥାପିତ କରି 'ଗୋ-ଲାଇଭ' ମାନ୍ୟତା ହାସଲ କରିଥିଲା। ଅବଶିଷ୍ଟ ଆଠଟି ବିଦ୍ୟାଳୟ ପାଇଁ ଶ୍ରେଣୀ ଗୃହ ସାମଗ୍ରୀ ମାର୍ଚ୍ଚ 2023 ସୁଦ୍ଧା ସ୍ଥାପନ ହୋଇନଥିଲା, ଯାହାର ମୂଲ୍ୟ 4.85 କୋଟି ଟଙ୍କା[54] ଥିଲା। ଏହା ବିଏସ୍‌ସିଏଲ୍ ଏବଂ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟର ଅଭାବକୁ ସୂଚାଏ ଯାହାଦ୍ୱାରା ଛାତ୍ର ସମାଜକୁ ଏହି ପ୍ରକଳ୍ପର ଲାଭରୁ ବଞ୍ଚିତ କରାଯାଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ଏସ୍‌ସିଏମ୍ ଅଧିନରେ ମନୋନୀତ ହୋଇଥିବା କେତେକ ବିଦ୍ୟାଳୟ, ଓଡିଶା ସରକାରଙ୍କ 5ଟି କାର୍ଯ୍ୟକ୍ରମ ଅଧିନରେ ରୂପାନ୍ତରିତ ପାଇଁ ମନୋନୀତ ହୋଇଥିଲା। ସେହି ଅନୁଯାୟୀ, ଅନ୍ୟ ବିଦ୍ୟାଳୟ ଚୟନ ପାଇଁ ସର୍ବେକ୍ଷଣ କରାଯାଇଥିଲା। ଅଥଚ, ଅଧିକାଂଶ ବିଦ୍ୟାଳୟରେ, ଉପକରଣର କାର୍ଯ୍ୟକାରିତା ପାଇଁ ଭିତ୍ତିଭୂମି ପର୍ଯ୍ୟାପ୍ତ ନଥିଲା। ଏହାର ଉତ୍ତର ନିଜେ ସୂଚାଇ ଥାଏ ଯେ, ସ୍ମାର୍ଟ ଶ୍ରେଣୀ ଗୃହଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ବିଦ୍ୟାଳୟଗୁଡ଼ିକର ଚୟନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିଲା, ଯେଉଁଥିପାଇଁ 4.85 କୋଟି ଟଙ୍କା ମୂଲ୍ୟର ସ୍ମାର୍ଟ ସମାଧାନ ସାମଗ୍ରୀ ମାର୍ଚ୍ଚ 2023 ପର୍ଯ୍ୟନ୍ତ ନିରର୍ଥକ ରହିଲା।

### 3.6.3.6 ଯାନବାହନ ନିର୍ଗମନ ହ୍ରାସରେ ବିଫଳତା

ସ୍ମାର୍ଟ ସିଟି ପ୍ରକଳ୍ପ ଅନ୍ତର୍ଗତ ଜନସାଧାରଣ ସାଇକେଲ ସହଭାଗିତା (ପିବିଏସ୍) ସିଷ୍ଟମ ଅଧିନରେ ଯାନବାହନ ନିର୍ଗମନକୁ ହ୍ରାସ କରିବା, ଟ୍ରାଫିକ ଭିଡକୁ ପରିଚାଳନା କରିବା ଏବଂ ଲୋକଙ୍କୁ ଶେଷ ମାଇଲ ସଂଯୋଗ ଯୋଗାଇବା ପାଇଁ ବିଏସ୍‌ସିଏଲ୍ 2,000 ବାଇ ସାଇକେଲ ପ୍ରବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା। 2,000 ବାଇ ସାଇକେଲ ଯୋଗାଣ ପାଇଁ, ପ୍ରତି ସାଇକେଲ ବାବଦରେ 25,000 ଟଙ୍କା ନିୟୋଜନ ପାଇଁ ଏବଂ ପାଞ୍ଚବର୍ଷ ପାଇଁ ପ୍ରତି ସାଇକେଲ ବାବଦରେ ପ୍ରତି ବର୍ଷ 5,000 ଟଙ୍କା ମରାମତି ଏବଂ ରକ୍ଷଣାବେଣ ପାଇଁ ତିନୋଟି ଏଜେନ୍ସିକୁ ଏହି ପ୍ରକଳ୍ପ ପ୍ରଦାନ କରାଯାଇଥିଲା।

ସମୀକ୍ଷାରେ ଦେଖାଗଲା ଯେ, ତିନୋଟି ଏଜେନ୍ସି ଦ୍ୱାରା ବିଭିନ୍ନ ମୋବାଇଲ ଆପ୍ଲିକେସନ୍‌ର ଡାଉନଲୋଡ୍ କରିବା ଏବଂ ବ୍ୟବହାର ଦୁର୍ବାହ ହୋଇଥିଲା। ତେଣୁ, ବାଇ ସାଇକେଲଗୁଡ଼ିକର ବ୍ୟବହାର ପାଇଁ ଏକ ଉତ୍ସର୍ଗୀକୃତ ଆପ୍ଲିକେସନ୍ ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଥିଲା (ଅଗଷ୍ଟ 2019)। ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ବିଏସ୍‌ସିଏଲ୍ ଦ୍ୱାରା ମାର୍ଚ୍ଚ 2023 ସୁଦ୍ଧା କୌଣସି ଉତ୍ସର୍ଗୀକୃତ ଆପ୍ଲିକେସନ୍ ବିକଶିତ ହୋଇନଥିଲା। ଏହିପରି, ଏକ ଉତ୍ସର୍ଗୀକୃତ ଆପ୍ଲିକେସନ୍‌ର ଅନୁପସ୍ଥିତିରେ, ବାଇ ସାଇକେଲଗୁଡ଼ିକର ବ୍ୟବହାର ବହୁତ କମ୍ ଥିଲା ଏବଂ ମାର୍ଚ୍ଚ 2022 ସୁଦ୍ଧା ମାସିକ ହାରାହାରି 16 ପ୍ରତିଶତ ରହିଥିଲା। ତେଣୁ, ବାଇ ସାଇକେଲ ନିୟୋଜନ ପାଇଁ 4.80 କୋଟି ଟଙ୍କା ଏବଂ ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ 1.60 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ନାଗରିକମାନଙ୍କ ଜୀବନ ଉପରେ ଉଦ୍ଦିଷ୍ଟ ଫଳାଫଳ ହାସଲ ହୋଇପାରିଲା ନାହିଁ। ଏହି କାରବାରରେ ଆର୍ଥିକ ଅନିୟମିତତା ପୃଥକ ଭାବରେ ଅନୁଚ୍ଛେଦ ସଂଖ୍ୟା 4.12ରେ ଦର୍ଶାଯାଇଛି।

ସରକାର ସମୀକ୍ଷାର ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲାବେଳେ ଦର୍ଶାଇଥିଲେ (ମାର୍ଚ୍ଚ 2023) ଯେ, ବୈଷୟିକ ସମସ୍ୟା ହେତୁ ଉପଭୋକ୍ତାମାନଙ୍କ ପାଇଁ ଗୋଟିଏ ଆପ୍ଲିକେସନ୍ ଏପର୍ଯ୍ୟନ୍ତ ବିକଶିତ ହୋଇନାହିଁ।

54 ଆଠଟି ବିଦ୍ୟାଳୟ ପାଇଁ ସାମଗ୍ରୀର ମୂଲ୍ୟ (13ଟି ବିଦ୍ୟାଳୟ ପାଇଁ ସମୁଦାୟ ସାମଗ୍ରୀର ମୂଲ୍ୟ: 7.88 କୋଟି ଟଙ୍କା)

### 3.6.3.7 ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନର ଉପଯୋଗ ନହେବା କାରଣରୁ ଉଦ୍ଦେଶ୍ୟଗୁଡିକ ଅପୂରଣୀୟ ରହିବା

ଭୁବନେଶ୍ୱରରେ ଆର୍ଥିକ ଅନଗ୍ରସର ଶ୍ରେଣୀ, ନିର୍ମାଣ ଶ୍ରମିକ ଏବଂ ସହରୀ ବାସହୀନ ଲୋକମାନଙ୍କ ପାଇଁ 200 ଶଯ୍ୟା ବିଶିଷ୍ଟ ଏକ "ସାମାଜିକ ସାମ୍ୟ କେନ୍ଦ୍ର" (ଏସ୍‌ଇସି)[55] ସ୍ମାର୍ଟ ସିଟି ପ୍ରକଳ୍ପର ଭଡାଘର ଯୋଜନା ଅଧିନରେ କରାଯାଇଥିଲା। ପ୍ରକଳ୍ପଟିର ନିର୍ମାଣ କାର୍ଯ୍ୟ ଅପ୍ରେଲ 2017ରେ ମେସର୍ସ ସାଇସ୍କୁତି ଭିତ୍ତିଭୂମି ପ୍ରାଇଭେଟ ଲିମିଟେଡ୍‌କୁ 5.41 କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଅପ୍ରେଲ 2018 ସୁଦ୍ଧା ଧାର୍ଯ୍ୟ କାର୍ଯ୍ୟ ସମାପ୍ତ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ପ୍ରକଳ୍ପ ଅଧିନରେ, 35,619 ବର୍ଗ ଫୁଟ୍ ପରିମିତ କ୍ଷେତ୍ରର ଏସ୍‌ଇସି ନିର୍ମିତ ହୋଇଥିଲା। ସେହି କୋଠାର ମୁଖ୍ୟ ବୈଶିଷ୍ଟ୍ୟ ହେଲା 140 ଜଣଙ୍କ ପାଇଁ 'ଆହାର କେନ୍ଦ୍ର', 200ଟି ଶଯ୍ୟା ବିଶିଷ୍ଟ ଭଡା ବାସଗୃହ, 12ଟି ପରିବାର ଗୃହ ଏବଂ 100ଟି ସହରାଞ୍ଚଳ ବାସହୀନଙ୍କ ପାଇଁ ଆଶ୍ରୟ ଗୃହ ନିର୍ମାଣ କରାଯାଇଥିଲା। ବାସିନ୍ଦାଙ୍କଠାରୁ ନିଆଯାଉଥିବା ଭଡାକୁ କୋଠାର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ (ଓଆଣ୍ଡଏମ୍) ଦିଗରେ ଖର୍ଚ୍ଚ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଏହି କାର୍ଯ୍ୟଟି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ଓଡିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନ ସହ ମିଶି ହୋଇଥିଲା। ଏହି ଯୋଜନାରେ ଧାର୍ଯ୍ୟ କରାଯାଇଥିଲା ଯେ ସମ୍ପତ୍ତିର ରକ୍ଷଣାବେକ୍ଷଣ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା କରାଯିବ।

ମାର୍ଚ୍ଚ 2019ରେ ଓଡିଶାର ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ନଭେମ୍ବର 2019ରେ ତଳ ମହଲାକୁ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଥିଲା। ମାର୍ଚ୍ଚ 2022 ସୁଦ୍ଧା ବିଏସ୍‌ସିଏଲ୍ ଏହି ପ୍ରକଳ୍ପ ପାଇଁ 6.12 କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ଦେଖାଗଲା ଯେ:

- ଯଦିଓ ଏହି ପ୍ରକଳ୍ପ ଅଧିନରେ ଥିବା ତିନି ମହଲା କୋଠାକୁ ମାର୍ଚ୍ଚ 2019ରେ ଉଦ୍‌ଘାଟନ କରାଯାଇଥିଲା, କେବଳ ତଳ ମହଲାକୁ ଆହାର କେନ୍ଦ୍ର ଏବଂ ସହରାଞ୍ଚଳର ବାସହୀନଙ୍କ ରହିବା ପାଇଁ ନଭେମ୍ବର 2019ରେ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଥିଲା। ପ୍ରଥମ ମହଲାଟି[56] ଯଦିଓ ବିଏମ୍‌ସିକୁ ହସ୍ତାନ୍ତର କରାଯାଇନଥିଲା, ଧାର୍ଯ୍ୟ ହିତାଧିକାରୀଙ୍କ ପାଇଁ ବ୍ୟବହାର କରାଯାଉଥିଲା ଏବଂ ବିଏମ୍‌ସି 2.67 ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହ କରିଥିଲା। ତଥାପି ରକ୍ଷଣାବେକ୍ଷଣ ଖର୍ଚ୍ଚ ବିଏସ୍‌ସିଏଲ୍ କରୁଥିଲା ଯାହା ନିମ୍ନରେ ଦିଆଗଲା।

- ଦ୍ୱିତୀୟ ଏବଂ ତୃତୀୟ ମହଲା ମିଳିତ ଭାବରେ 17,428.40 ବର୍ଗଫୁଟ ଥିଲା ଯାହା ବ୍ୟବହାର ହେଉନଥିଲା ଏବଂ କୋଠାଟି ହସ୍ତାନ୍ତର ନହେବାରୁ ବିଏସ୍‌ସିଏଲ୍ ରକ୍ଷଣାବେକ୍ଷଣ ବାବଦରେ ମାର୍ଚ୍ଚ 2019ରୁ ମାର୍ଚ୍ଚ 2022 ମଧ୍ୟରେ 4.75 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା, ଯାହା ନିମ୍ନ ଫଟୋଚିତ୍ରରେ ଦିଆଗଲା:

**ଫଟୋଚିତ୍ର ସଂଖ୍ୟା 3.1: ଏସ୍‌ଇସି କୋଠାର ବ୍ୟବହାର ହେଉନଥିବା ବ୍ୟବସ୍ଥାଗୁଡିକ**







55 ଆର୍ଥିକ ଅନଗ୍ରସର ଶ୍ରେଣୀ ଲୋକ ଯଥା ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ପ୍ରବାସୀ ଶ୍ରମିକ ଏବଂ ସହରୀ ବାସହୀନ ନାଗରିକଙ୍କ ରହିବା ପାଇଁ କୋଠାଘର

56 ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ମହଲା ଶୟନାଗାର ଏବଂ ପରିବାର କୋଠରୀ ପାଇଁ ଉଦ୍ଦିଷ୍ଟ ଥିଲା

ଏହିପରି, ତିନି ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ, ସମ୍ପୂର୍ଣ୍ଣ କୋଠାର ହସ୍ତାନ୍ତର ନହେବା ଦ୍ୱାରା 17,428.40 ବର୍ଗଫୁଟ ବ୍ୟବହାର ହୋଇନଥିଲା ଯାହାର ମୂଲ୍ୟ 2.99 କୋଟି ଟଙ୍କା[57] ଥିଲା। ଏହାଦ୍ୱାରା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଆଶ୍ରୟ ପ୍ରଦାନ କରିବାର ଅଭିଳାଷ ପୂରଣ ହୋଇପାରିଲା ନାହିଁ। ପୁନଶ୍ଚ, ଗଣମାଧମ ରିପୋର୍ଟଗୁଡିକ ମଧ ଆଲୋକପାତ କରିଥିଲେ (ନଭେମ୍ବର 2022) ଯେ, ପ୍ରବାସୀ ଶ୍ରମିକ ଏବଂ ବାସହୀନମାନେ ବିଭିନ୍ନ ସର୍ବସାଧାରଣ ସ୍ଥାନରେ, ଖୋଲା ଆକାଶ ତଳେ, ପ୍ରଚଣ୍ଡ ଶୀତରେ ଆଶ୍ରୟ ନେଉଥିଲେ। ଏହା ସୂଚଉଥିଲା ଯେ, ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ମୌଳିକ ଆଶ୍ରୟ ଦେବା ବିଫଳ ହୋଇଥିଲା।

**ଫଟୋଚିତ୍ର ସଂଖ୍ୟା 3.2: ଭୁବନେଶ୍ୱରରେ ଖୋଲା ସ୍ଥାନରେ ଶୋଉଥିବା ଲୋକଙ୍କ ଚିତ୍ର**



*(ଉତ୍ସ: ସମାଜ ଖବର କାଗଜ, ତାରିଖ : 9 ନଭେମ୍ବର 2022)*

ସରକାର କହିଲେ (ମାର୍ଚ୍ଚ 2023) ଯେ, ବିଏମ୍‌ସି ତଳ ମହଲାକୁ ଆହାର କେନ୍ଦ୍ର ଏବଂ ୱାର୍ଡ କାର୍ଯ୍ୟାଳୟ ଭାବରେ ବ୍ୟବହାର କରୁଛି ଏବଂ ଅବଶିଷ୍ଟ ମହଲା ପ୍ରବାସୀ ଶ୍ରମିକଙ୍କ ପାଇଁ ବ୍ୟବହୃତ ହେଉଥିଲା। ଏସ୍‌ଇସି ପରିଚାଳନା ପାଇଁ ବିଏସ୍‌ସିଏଲ୍ ଜୁନ 2022ରେ ଏକ ଏଜେନ୍ସି ନିଯୁକ୍ତ କରିଥିଲା। ଅଥଚ, ମାର୍ଚ୍ଚ 2019 (ଉଦଘାଟନ ତାରିଖ)ରୁ ଜୁନ 2022 ପର୍ଯ୍ୟନ୍ତ, ଏସ୍‌ଇସି ସୁବିଧାର ବିନିଯୋଗ ନହେବା ନେଇ ଉତ୍ତରଟି ନିରବ ରହିଛି।

## 3.7 ପ୍ରକଳ୍ପ ପାଣ୍ଠି ଏବଂ ଆର୍ଥିକ ପରିଚାଳନା

### ଆର୍ଥିକ ପରିଚାଳନା ଏବଂ ନିୟନ୍ତ୍ରଣ

ଏସ୍‌ସିପି ଅନୁଯାୟୀ ଆବଶ୍ୟକ ପାଣ୍ଠିର ଉପଲବ୍ଧତା ନହେବା, ପ୍ରକଳ୍ପ କାର୍ଯ୍ୟକାରିତାରେ ଏକ ବଡ ପ୍ରତିବନ୍ଧକ ସାଜିଥିଲା। ଏଥିପାଇଁ ଉପଲବ୍ଧ ପାଣ୍ଠିର ବିଚାରବନ୍ତ ପରିଚାଳନା ଆବଶ୍ୟକ ଥିଲା, ଯାହାଦ୍ୱାରା ଅର୍ଥର ସର୍ବାଧିକ ମୂଲ୍ୟ ମିଳିପାରିବ। ତଥାପି, ଏହି କ୍ଷେତ୍ରରେ ତ୍ରୁଟି ଥିଲା, ଯାହା ନିମ୍ନରେ ଦର୍ଶାଯାଇଛି:

### 3.7.1 ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହରେ ଏମ୍‌ଓଏଚ୍‌ଏୟୁଏ ନିର୍ଦ୍ଦେଶାବଳୀକୁ ପାଳନ ନକରିବା ଫଳରେ ପାଣ୍ଠି ଅବରୋଧ ଏବଂ 0.68 କୋଟି ଟଙ୍କାର ସୁଧ କ୍ଷତି

ଏମ୍‌ଓଏଚ୍‌ୟୁଏର ପରାମର୍ଶ (ଜାନୁଆରୀ 2019) ଅନୁଯାୟୀ, ଯେଉଁଠାରେ ସ୍ମାର୍ଟ ସିଟି ପ୍ରକଳ୍ପଗୁଡିକ ସରକାରୀ ବିଭାଗ/ଏଜେନ୍ସିମାନଙ୍କ ମାଧମରେ କାର୍ଯ୍ୟକାରୀ ହେବ, ସ୍ମାର୍ଟ ସିଟି ଏସ୍‌ପିଭି (ଯଥା: ଆରଏସ୍‌ସିଏଲ୍) ସରକାରୀ ବିଭାଗ/ଏଜେନ୍ସି ଏବଂ ମନୋନୀତ ଠିକାଦାରମାନଙ୍କ ସହ ଏକ ତ୍ରିପାକ୍ଷିକ ଚୁକ୍ତିନାମା କରିବାକୁ ହେବ। ପୁନଶ୍ଚ, ଏସ୍‌ପିଭି ସରକାରୀ ବିଭାଗ/ଏଜେନ୍ସିକୁ ପାଣ୍ଠି ହସ୍ତାନ୍ତର କରିବ ନାହିଁ ଏବଂ ଟେଣ୍ଡରର ସର୍ତ୍ତ ଅନୁଯାୟୀ ପ୍ରତ୍ୟେକ ପ୍ରଧାନ ଘଟଣା ସମାପ୍ତ ହେବା ପରେ ଠିକାଦାରଙ୍କୁ ସିଧାସଳଖ ପୈଠ କରିବ। ସରକାରୀ ବିଭାଗଗୁଡିକ ଠିକାଦାରଙ୍କ ବିଲ୍ ଯାଞ୍ଚ ଏବଂ ସତ୍ୟାପନ କରିବା ପରେ ଦେୟ ପାଇଁ ଏସ୍‌ପିଭି ପାଖରେ ଦାଖଲ କରିବା ଆବଶ୍ୟକ ଥିଲା।

---

[57] (6.12 କୋଟି ଟଙ୍କା/35,618.72 ବର୍ଗଫୁଟ x 17,428.40 ବର୍ଗଫୁଟ )

ଆରଏସ୍‌ସିଏଲ୍ କୋଏଲନଗର, ରାଉରକେଲାଠାରେ ଓଡିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ଏକ ସରକାରୀ ଉଦ୍ୟୋଗ ଦ୍ୱାରା ଏକ ଚିତ୍ତବିନୋଦନ ପାର୍କ ବିକଶିତ କରିବା ପାଇଁ ଡିସେମ୍ବର 2019ରେ ନିଷ୍ପତ୍ତି ନେଇଥିଲା। ଓଏଫ୍‌ଡିସିର ଆକଳନ ଆଧାରରେ ଚିତ୍ତବିନୋଦନ ପାର୍କ ନିର୍ମାଣ ପାଇଁ 12.93 କୋଟି ଟଙ୍କା ସହିତ ପାର୍କର ପାଚେରୀ ଏବଂ ଫାଟକ ପାଇଁ 2.40 କୋଟି ଟଙ୍କାର ଏକ ଚୁକ୍ତିନାମା ଜୁଲାଇ 2020ରେ ସାକ୍ଷର କରିଥିଲା। ଆରଏସ୍‌ସିଏଲ୍ ସେହି ଅନୁଯାୟୀ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ତିନୋଟି କିସ୍ତିରେ 8 କୋଟି ଟଙ୍କା ପ୍ରଦାନ କରିଥିଲା।

ସମୀକ୍ଷାରୁ ଦେଖାଗଲା ଯେ, ଆରଏସ୍‌ସିଏଲ୍, ଓଏଫ୍‌ଡିସି ସହିତ ଏକ ତ୍ରିପାକ୍ଷିକ ଚୁକ୍ତି ନକରି, ଏମ୍‌ଓଏଚ୍‌ୟୁଏର ପରାମର୍ଶକୁ ବ୍ୟତିକ୍ରମ କରି ସିଧାସଳଖ ପାଣ୍ଠି ପ୍ରଦାନ କରିଥିଲା। ଏହା ପ୍ରକଳ୍ପର କାର୍ଯ୍ୟନିର୍ବାହରେ ଆରଏସ୍‌ସିଏଲ୍‌ର ନୈମିତ୍ତିକ ଆଭିମୁଖ୍ୟକୁ ସୂଚାଉଅଛି। ଏହି କାର୍ଯ୍ୟଟି ଅକ୍ଟୋବର 2021 ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅଥଚ, କିଛି ଅଞ୍ଚଳକୁ ସ୍ଥାନୀୟ ଲୋକେ ଜବରଦଖଲ କରିଥିବାରୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନଥିଲା। ଜବର ଦଖଲ ବିଷୟରେ ଅବଗତ (ଜୁନ 2020) ଥିବା ସତ୍ତ୍ୱେ, ଆରଏସ୍‌ସିଏଲ୍ 8 କୋଟି ଟଙ୍କା ପ୍ରଦାନ କରିଥିଲା ଯାହା ଆରଏସ୍‌ସିଏଲ୍‌ର ନୈମିତ୍ତିକ ଆଭିମୁଖ୍ୟକୁ ବିସ୍ତାର କରିଥିଲା। ସେଥିମଧ୍ୟରୁ ମାତ୍ର 4.71 କୋଟି ଟଙ୍କା ଜୁଲାଇ 2022 ସୁଦ୍ଧା ଖର୍ଚ୍ଚ ହୋଇଛି ଯାହାର କୌଣସି ଇପ୍ସିତ ଫଳାଫଳ ମିଳିନଥିଲା। ଏହାଦ୍ୱାରା ପାଣ୍ଠି ଅବରୋଧ ହୋଇଥିଲା ଏବଂ ସେପ୍ଟେମ୍ବର 2022 ସୁଦ୍ଧା 0.68 କୋଟି ଟଙ୍କା[58] ସୁଧ ବାବଦରେ କ୍ଷତି ହୋଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, ତ୍ରିପାକ୍ଷିକ ଚୁକ୍ତିକୁ ଅଜାଣତରେ ଏଡାଇ ଦିଆଯାଇଥିଲା। ଅଥଚ, ଓଏଫ୍‌ଡିସି ଏକ ସରକାରୀ ଉଦ୍ୟୋଗ ହୋଇଥିବାରୁ, ସେମାନଙ୍କ ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ସେମାନଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା। ପୁନଶ୍ଚ, ଆରଏସ୍‌ସିଏଲ୍ ଜବର ଦଖଲ ସମସ୍ୟା ସମ୍ପର୍କରେ ଅବଗତ ନଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଆରଏସ୍‌ସିଏଲ୍ ଜୁଲାଇ 2020ରେ ପାଣ୍ଠି ପ୍ରଦାନ ପୂର୍ବରୁ ଜୁନ 2020ରେ ଜବର ଦଖଲ ସମସ୍ୟା ବିଷୟରେ ଅବଗତ ଥିଲା।

### 3.7.2 ଏମ୍‌ଓଏଚ୍‌ୟୁଏ ପରାମର୍ଶକୁ ଉଲ୍ଲଙ୍ଘନ କରି ବିଭାଗଗୁଡିକୁ 84.59 କୋଟି ଟଙ୍କାର ପାଣ୍ଠି ପ୍ରଦାନ

ଏସ୍‌ସିଏମ୍ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବା ପାଇଁ, ବିଏସ୍‌ସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ, ବିଏମ୍‌ସି, ବିଡିଏ, ୱାଟକୋ, ଆଇଟି ବିଭାଗ ଏବଂ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ସହିତ ଚୁକ୍ତିନାମା ବ୍ୟବସ୍ଥା ଗ୍ରହଣ କରିବାକୁ କାର୍ଯ୍ୟନିର୍ବାହୀ କମିଟିକୁ ମାର୍ଚ୍ଚ 2016ରେ ପ୍ରାଧିକୃତ କରିଥିଲେ। ପୁନଶ୍ଚ, ଏମ୍‌ଓଏଚ୍‌ୟୁଏର ପରାମର୍ଶ (ଜାନୁଆରୀ 2019)ର ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ପ୍ରକଳ୍ପର କାର୍ଯ୍ୟନିର୍ବାହ ପାଇଁ ତ୍ରିପାକ୍ଷିକ ଚୁକ୍ତିନାମା କରିବା ଆବଶ୍ୟକ ଥିଲା ଯାହା ଅନୁଚ୍ଛେଦ 3.7.1ରେ ଦର୍ଶାଯାଇଛି। ଉପର୍ଯ୍ୟୁକ୍ତ ପରାମର୍ଶ ମଧ୍ୟ ସରକାରୀ ବିଭାଗ/ଏଜେନ୍ସିଗୁଡିକୁ ସିଧାସଳଖ ଅର୍ଥ ସ୍ଥାନାନ୍ତର ନକରିବାକୁ ନିର୍ଦ୍ଧାରିତ କରିଥିଲା।

**(କ)** ସମୀକ୍ଷାରେ ଦେଖାଗଲା ଯେ, ଉପର୍ଯ୍ୟୁକ୍ତ ପରାମର୍ଶରେ ନିର୍ଦ୍ଧାରିତ ତ୍ରିପାକ୍ଷିକ ଚୁକ୍ତିନାମା ସାକ୍ଷର ନକରି ଏବଂ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶଗୁଡିକୁ ପାଳନ ନକରି, ବିଏସ୍‌ସିଏଲ୍ ଆର୍ଥିକ ବର୍ଷ 2016-17ରୁ 2022-23 ମଧ୍ୟରେ ବିଭିନ୍ନ ସଂସ୍ଥାକୁ 64.32 କୋଟି ଟଙ୍କା[59] ପ୍ରଦାନ କରିଥିଲେ। ପୁନଶ୍ଚ, ସମ୍ପୃକ୍ତ ବିଭାଗମାନଙ୍କ ସହିତ କୌଣସି ଚୁକ୍ତିନାମା ଅଭାବରୁ ବିଏସ୍‌ସିଏଲ୍ ପ୍ରକଳ୍ପଗୁଡିକର ଭୌତିକ ଏବଂ ଆର୍ଥିକ ପ୍ରଗତିର ତଦାରଖ କରିବା ପାଇଁ ନିଜର କ୍ଷମତା ପ୍ରୟୋଗ କରିବାରେ ବିଫଳ ହୋଇଥିଲା। ଠିକାଦାରମାନଙ୍କ ବିଲ ଏସ୍‌ପିଭିମାନଙ୍କ ବିନା ପୈଠ କରାଯିବା ଏବଂ ବିଏମ୍‌ସି ଦ୍ୱାରା ଉପଯୋଗ ପ୍ରମାଣପତ୍ର ପ୍ରଦାନ ନକରିବା ଦ୍ୱାରା, ସମୀକ୍ଷାରେ ଜଣାପଡିଲା ନାହିଁ ଯେ, ଏହି ପାଣ୍ଠି ପ୍ରକୃତରେ ଅନୁମୋଦିତ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି କି ନାହିଁ।

[58] କ୍ଷତି ହୋଇଥିବା ସୁଧର ହାର 5.10 ପ୍ରତିଶତରେ ହିସାବ କରାଯାଇଥିଲା ଯାହା ସେହି ସମୟରେ ଏସ୍‌ବିଆଇର ସ୍ଥାୟୀ ଜମା ଉପରେ ଲାଗୁ ହୋଇଥିଲା

[59] ବିକ୍ୟୁଏସ୍ ନିର୍ମାଣ ପାଇଁ ସିଆରୟୁଟିକୁ 29.32 କୋଟି ଟଙ୍କା, ବର୍ଜ୍ୟବସ୍ତୁ ପୁନଃଚକ୍ରଣ ପାଇଁ ବିଏମ୍‌ସିକୁ 25 କୋଟି ଟଙ୍କା, ଟ୍ୟାପରୁ ପାନୀୟ ଜଳ ପ୍ରକଳ୍ପ ପାଇଁ ଓଡିଶା ଜଳ ନିଗମକୁ 10 କୋଟି ଟଙ୍କା

ସରକାର କହିଲେ (ମାର୍ଚ୍ଚ 2023) ଯେ, ବିଏସ୍‌ସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ/ କାର୍ଯ୍ୟନିର୍ବାହୀ କମିଟିର ନିଷ୍ପତ୍ତି ଅନୁଯାୟୀ ଏହି ପାଣ୍ଠି ପ୍ରଦାନ କରାଯାଇଥିଲା। ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଏମ୍‌ଓଏଚ୍‌ୟୁଏର ପରାମର୍ଶ ଅନୁସାରେ ସମ୍ପୃକ୍ତ ସରକାରୀ ବିଭାଗ/ଏଜେନ୍ସିଗୁଡିକ ସିଧାସଳଖ ପାଣ୍ଠି ପ୍ରଦାନ କରିବାର ଅନୁମତି ନଥିଲା।

**(ଖ)** ସେହିପରି, ଟ୍ରାଫିକ୍‌ର ସୁପରିଚାଳନା ପାଇଁ, ଏସ୍‌ସିଏମ୍ ଅଧିନରେ ରାସ୍ତାଗୁଡିକର ଭିତ୍ତିଭୂମି ଉନ୍ନତିକୁ ରାଉରକେଲା ଅଧିକ୍ଷକ ଯନ୍ତ୍ରୀଙ୍କ ଦ୍ୱାରା ରାଉରକେଲାର ରାସ୍ତାଗୁଡିକର ଉନ୍ନତି ଏବଂ ପାହ୍ୟାବୃଦ୍ଧି ପାଇଁ ଆରଏସ୍‌ସିଏଲ୍ ନିଷ୍ପତ୍ତି ନେଇଥିଲା। ନଭେମ୍ବର 2021ରୁ ଫେବୃଆରୀ 2022 ମଧ୍ୟରେ ଆରଏସ୍‌ସିଏଲ୍, ରାଉରକେଲା ଆରଆଣ୍ଡବି ଅନୁଭାଗକୁ 20.27 କୋଟି ଟଙ୍କା ପ୍ରଦାନ କରିଥିଲା ଯାହାର ଧାର୍ଯ୍ୟ ଶେଷ ତାରିଖ ଜୁନ 2022 ଥିଲା। ସମୀକ୍ଷାରେ ଦେଖାଗଲା ଯେ, ଏହି କାର୍ଯ୍ୟଗୁଡିକର କାର୍ଯ୍ୟନିର୍ବାହ ପାଇଁ ଏମ୍‌ଓଏଚ୍‌ୟୁଏର ପରାମର୍ଶ ଅନୁଯାୟୀ ଆରଏସ୍‌ସିଏଲ୍, ଅଧିକ୍ଷକ ଯନ୍ତ୍ରୀ, ରାଉରକେଲା (ଆରଆଣ୍ଡବି) ଏବଂ ଠିକାଦାରଙ୍କ ସହିତ ତ୍ରିପାକ୍ଷିକ ଚୁକ୍ତିନାମା କରିନଥିଲା। ପୁନଶ୍ଚ, ରାଉରକେଲା ଆରଆଣ୍ଡବି ବିଭାଗ ମାର୍ଚ୍ଚ 2023 ପର୍ଯ୍ୟନ୍ତ କୌଣସି ଉପଯୋଗିତା ପ୍ରମାଣପତ୍ର ଦାଖଲ କରିନଥିଲା। ଏହି ଚୁକ୍ତିନାମାର ଅନୁପସ୍ଥିତିରେ, ଆରଏସ୍‌ସିଏଲ୍ ପ୍ରକଳ୍ପଗୁଡିକୁ ଠିକ ସମୟରେ ଶେଷ କରିବା ପାଇଁ କୌଣସି ସର୍ତ୍ତ ଲାଗୁ କରିପାରି ନଥିଲା।

ଆରଏସ୍‌ସିଏଲ୍ କହିଲା (ଅକ୍ଟୋବର 2022) ଯେ, ରାଉରକେଲା (ଆରଆଣ୍ଡବି), ଏକ ସରକାରୀ ଏଜେନ୍ସି ହୋଇଥିବାରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅର୍ଥ ପ୍ରଦାନ କରାଯାଇଛି। ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ, ଏମ୍‌ଓଏଚ୍‌ୟୁଏର ପରାମର୍ଶ ଅନୁଯାୟୀ, ସରକାରୀ ସଂସ୍ଥାକୁ ସିଧାସଳଖ ପାଣ୍ଠି ପ୍ରଦାନ କରିବାକୁ ବାରଣ କରାଯାଇଥିଲା। ପାଣ୍ଠିଗୁଡିକୁ ଠିକାଦାରମାନଙ୍କ ସହିତ ତ୍ରିପାକ୍ଷିକ ଚୁକ୍ତିନାମା କରି ସେମାନଙ୍କର ଚଳନ୍ତି ଖାତା ବିଲ୍ ମାଧ୍ୟମରେ ପ୍ରଦାନ କରାଯିବାର ଆବଶ୍ୟକ ଥିଲା। ଏମ୍‌ଓଏଚ୍‌ୟୁଏର ପରାମର୍ଶ ଅନୁଯାୟୀ ଟେଣ୍ଡର ଜାରି କରିବା ଏବଂ ପର୍ଯ୍ୟବେକ୍ଷଣ ପ୍ରଦାନରେ ବିଳମ୍ବକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଥିଲା ଯାହାଦ୍ୱାରା ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାକୁ ଶୀଘ୍ର ଏବଂ ସ୍ଥାୟୀ କରିବାକୁ ସହଜ କରୁଥିଲା। ଅଥଚ, ଉପର୍ଯ୍ୟୁକ୍ତ ମାମଲାରେ ଏହାକୁ ପାଳନ କରାଯାଇ ନଥିଲା।

### 3.7.3 ଏସ୍‌ପିଭିମାନଙ୍କର ପ୍ରଶାସନିକ ଏବଂ କାର୍ଯ୍ୟାଳୟ ଖର୍ଚ୍ଚ ପାଇଁ ପ୍ରକଳ୍ପ ପାଣ୍ଠିରୁ 22.73 କୋଟି ଟଙ୍କା ବ୍ୟୟ

ଏସ୍‌ସିଏମ୍ ଅଧିନିୟମର (ଧାରା 11.4) ଅନୁଯାୟୀ ମୋଟ ମିଶନ ପାଣ୍ଠିରୁ 93 ପ୍ରତିଶତ ଅର୍ଥ ପ୍ରକଳ୍ପ ପାଣ୍ଠି ପାଇଁ ଧାର୍ଯ୍ୟ କରାଯାଇଛି। ଅବଶିଷ୍ଟ, ସାତ ପ୍ରତିଶତ ମଧ୍ୟରୁ ପାଞ୍ଚ ପ୍ରତିଶତ ରାଜ୍ୟ/ୟୁଏଲ୍‌ବିମାନଙ୍କର ପ୍ରଶାସନିକ ଏବଂ କାର୍ଯ୍ୟାଳୟ ଖର୍ଚ୍ଚ (ଏଆଣ୍ଡଓଇ), ଏସ୍‌ସିପି ପ୍ରସ୍ତୁତି ଏବଂ ପ୍ରକଳ୍ପ ପରିଚାଳନା ପରାମର୍ଶ ପାଇଁ ଏବଂ ଏମ୍‌ଓଏଚ୍‌ୟୁଏ, ଭାରତ ସରକାରଙ୍କ ଏଆଣ୍ଡଓଇ ଖର୍ଚ୍ଚ ବାବଦରେ ଦୁଇ ପ୍ରତିଶତ ଧାର୍ଯ୍ୟ ହୋଇଥିଲା। ସେହି ଅନୁସାରେ, ବିଏସ୍‌ସିଏଲ୍‌ର ଏଆଣ୍ଡଓଇ ପାଇଁ 50 କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା। ଆରଏସ୍‌ସିଏଲ୍ କ୍ଷେତ୍ରରେ, ମାର୍ଚ୍ଚ 2022 ପର୍ଯ୍ୟନ୍ତ, 29 କୋଟି ଟଙ୍କା ଏଆଣ୍ଡଓଇ ପାଇଁ ଧାର୍ଯ୍ୟ କରାଯାଇଥିଲା, କାରଣ ଏସ୍‌ପିଭି ମାର୍ଚ୍ଚ 2022 ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମିଶନ ଅନୁଦାନ ପାଇନଥିଲା। ସମୀକ୍ଷାରେ ଦେଖାଗଲା ଯେ, ମାର୍ଚ୍ଚ 2022 ସୁଦ୍ଧା ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲ୍, ଏଆଣ୍ଡଓଇ ବାବଦରେ ଯଥାକ୍ରମେ 62.57 କୋଟି ଟଙ୍କା ଏବଂ 39.16 କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ତେଣୁ, ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲ, ଏଆଣ୍ଡଓଇ ବାବଦରେ ଯଥାକ୍ରମେ 12.57 କୋଟି ଟଙ୍କା[60] (6.32 ପ୍ରତିଶତ) ଏବଂ 10.16 କୋଟି ଟଙ୍କା[61] (7.92 ପ୍ରତିଶତ) ଅଧିକ ବିନିଯୋଗ କରିଥିଲେ। ତେଣୁ, ଏଆଣ୍ଡଓଇ ବାବଦରେ 22.73 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଥିଲା, ଯେଉଁଥିପାଇଁ ପାଣ୍ଠିର ଉପଲବ୍ଧତା ନଥିଲା, ଯାହାଦ୍ୱାରା ପ୍ରକଳ୍ପ ପାଣ୍ଠିରୁ ଅର୍ଥ ସ୍ଥାନାନ୍ତର କରାଯାଇଥିଲା।

ସରକାର କହିଲେ (ମାର୍ଚ୍ଚ 2023) ଯେ, 2022-23 ପାଇଁ ହିସାବ ଚୂଡାନ୍ତ କରିବା ସମୟରେ ଆବଶ୍ୟକୀୟ ସମାୟୋଜନ ଏଣ୍ଟ୍ରି କରାଯିବ। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଏଆଣ୍ଡଓଇ ବାବଦରେ ଯେଉଁ ଅଧିକ ଖର୍ଚ୍ଚ ହୋଇଥିଲା ତାହା ଏସ୍‌ସିଏମ୍ ଅଧିନିୟମକୁ ଉଲ୍ଲଙ୍ଘନ କରୁଥିଲା।

---

60 ବିଏସ୍‌ସିଏଲ: 62.57 କୋଟି ଟଙ୍କା - 50 କୋଟି ଟଙ୍କା = 12.57 କୋଟି ଟଙ୍କା

61 ଆର୍‌ଏସ୍‌ସିଏଲ: 39.16 କୋଟି ଟଙ୍କା - 29 କୋଟି ଟଙ୍କା = 10.16 କୋଟି ଟଙ୍କା

### 3.7.4 ରାଜସ୍ୱ ଅର୍ଜନ କରୁଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେତୁ 11.60 କୋଟି ଟଙ୍କାର ରାଜସ୍ୱ ହାନି

ବିଏସ୍‌ସିଏଲ୍‌ର ଏସ୍‌ସିପି ଦୁଇଟି ରାଜସ୍ୱ ଉତ୍ସ ମାଧ୍ୟମରେ ଆବଶ୍ୟକ ଅର୍ଥ ସଂଗ୍ରହ କରିବାକୁ ପ୍ରସ୍ତାବ ଦେଇଥିଲା, ତାହା ହେଲା ପ୍ରକଳ୍ପ ନିର୍ଦ୍ଦିଷ୍ଟ ରାଜସ୍ୱ ଉତ୍ସ ଏବଂ ସାଧାରଣ ରାଜସ୍ୱ ଉତ୍ସ। ଏହି ସମ୍ବନ୍ଧରେ, ସମୀକ୍ଷାରେ ଦେଖାଯାଇଛି ଯେ ରାଜମହଲ ଏବଂ ସହୀଦ ନଗର ମଲ୍ଟି ଲେବଲ୍ କାର ପାର୍କିଂ (ଏମ୍‌ଏଲ୍‌ସିପି) ଦୁଇଟି ରାଜସ୍ୱ ଆୟ କରିବା ପ୍ରକଳ୍ପ, ଏସ୍‌ସିଏମ୍ ଅଧିନରେ ବିଏସ୍‌ସିଏଲ୍ ଦ୍ୱାରା ନିଆଯାଇଥିଲା। ଏସ୍‌ସିପିରେ ଧାର୍ଯ୍ୟ କରାଯାଇଥିବା ବାର୍ଷିକ ରାଜସ୍ୱ ଆୟ ଏବଂ ବାର୍ଷିକ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ନିମ୍ନରେ ପ୍ରଦତ୍ତ ହେଲା:

**ସାରଣୀ 3.4: ବାର୍ଷିକ ରାଜସ୍ୱ ଆୟ ଓ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ**

*(ଟଙ୍କା କୋଟିରେ)*

| ପ୍ରକଳ୍ପର ନାମ | ବାର୍ଷିକ ଓଆଣ୍ଡଏମ୍ ମୂଲ୍ୟ | ବାର୍ଷିକ ରାଜସ୍ୱ | ବାର୍ଷିକ ଆୟ | ସ୍ଥିତି (ମାର୍ଚ୍ଚ 2023) |
|---|---|---|---|---|
| ଏମ୍‌ଏଲ୍‌ସିପି, ରାଜମହଲ | 1.2 | 7 | 5.8 | ସମ୍ପୂର୍ଣ୍ଣ |
| ଏମ୍‌ଏଲ୍‌ସିପି, ଶହୀଦ ନଗର | 1.2 | 7 | 5.8 | ସମ୍ପୂର୍ଣ୍ଣ |

*(ଉତ୍ସ: ବିଏସ୍‌ସିଏଲ୍‌ର ଏସ୍‌ସିପି)*

ସମୀକ୍ଷାରୁ ଦେଖାଗଲା ଯେ, ଏମ୍‌ଏଲ୍‌ସିପି, ଶହୀଦନଗର ଏବଂ ରାଜମହଲର ଧାର୍ଯ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ତାରିଖ ଯଥାକ୍ରମେ ଡିସେମ୍ବର 2018 ଏବଂ ଜୁନ୍ 2019 ଥିଲା। ଏମ୍‌ଏଲ୍‌ସିପି, ଶହୀଦନଗର ଏବଂ ରାଜମହଲରେ ଯାନବାହନ ରହଣୀ ତଥା ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ବ୍ୟବସ୍ଥା ଥିଲା। ଅଥଚ, ବିଏସ୍‌ସିଏଲ୍ ତରଫରୁ ସୁସ୍ପଷ୍ଟ ସ୍ଥାନ ଏବଂ କାର୍ଯ୍ୟକ୍ଷେତ୍ରର ହସ୍ତାନ୍ତରରେ ବିଫଳତା ହେତୁ ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏହିପରି, ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହରେ ସଠିକ ଯୋଜନାର ଅଭାବ ହେତୁ ଧାର୍ଯ୍ୟ 11.60 କୋଟି ଟଙ୍କାର ବାର୍ଷିକ ରାଜସ୍ୱ ଅର୍ଜନ କରିବାରେ ବିଫଳ ହେଲା ଯାହାକି ବିଏସ୍‌ସିଏଲ୍‌ର ଆର୍ଥିକ ସ୍ଥିତି ଏବଂ ଆସ୍ଥା ମୂଲ୍ୟବୋଧ ଉପରେ ପ୍ରଭାବ ପକାଇଲା।

**ଏମ୍‌ଏଲ୍‌ସିପି, ଶହୀଦ ନଗର**



**ଏମ୍‌ଏଲ୍‌ସିପି, ରାଜମହଲ**



ସରକାର କହିଲେ (ମାର୍ଚ୍ଚ 2023) ଯେ, ଦୁଇଟିଯାକ ଏମ୍‌ଏଲ୍‌ସିପି ସଦ୍ୟ ସମାପ୍ତ ହୋଇଛି ଏବଂ ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି। ଏହି ଉତ୍ତର ସମ୍ପୃକ୍ତ ପ୍ରକଳ୍ପଗୁଡିକର ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଏବଂ ହୋଇଥିବା ରାଜସ୍ୱ କ୍ଷତିକୁ ସମ୍ବୋଧନ କରୁନାହିଁ।

### 3.7.5 ହସ୍ତାନ୍ତରିତ ପ୍ରକଳ୍ପର କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ ଏସ୍‌ସିଏମ୍ ପାଣ୍ଠିରୁ ଅନିୟମିତ ବ୍ୟୟ

ଆର୍‌ଏସ୍‌ସିଏଲ୍ ରାଉରକେଲାରେ ମୋଟ 6.26 କୋଟି ଟଙ୍କା ବ୍ୟୟରେ ଛଅଗୋଟି ନାଗରିକ ଉପଯୋଗୀ ପାର୍କର ପୁନଃବିକାଶ କରିଥିଲା। ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟି ପ୍ରକଳ୍ପର ପାଣ୍ଠି କେବଳ ଭିତ୍ତିଭୂମି ସୃଷ୍ଟି

ପାଇଁ ବ୍ୟବହୃତ ହେବ, ଯାହାର ଲାଭ ଜନସାଧାରଣଙ୍କୁ ପ୍ରାପ୍ତ ହେବ। ତେଣୁ, କାର୍ଯ୍ୟ ସମାପ୍ତ ହେବା ପରେ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀରେ କୌଣସି ବ୍ୟବସ୍ଥା ନଥିଲା। ସମୀକ୍ଷାରୁ ଦେଖାଗଲା ଯେ, ଉପର୍ଯ୍ୟୁକ୍ତ ଛଅଗୋଟି ପାର୍କ ସମ୍ପୂର୍ଣ୍ଣ ହୋଇ ରାଉରକେଲା ପୌର ନିଗମ (ଆର୍‌ଏମ୍‌ସି)କୁ ସର୍ବସାଧାରଣ ବ୍ୟବହାର ଏବଂ ତତ୍ପର ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର ହୋଇଥିଲା (ଜାନୁଆରୀ 2021)। ତଥାପି, ଆର୍‌ଏମ୍‌ସି ସହିତ ରକ୍ଷଣାବେକ୍ଷଣ ପାଇଁ କୌଣସି ଔପଚାରିକ ଚୁକ୍ତି ହୋଇ ନଥିଲା। ସମୀକ୍ଷାରୁ ଦେଖାଗଲା ଯେ, ଔପଚାରିକ ଚୁକ୍ତିର ଅନୁପସ୍ଥିତିରେ ପ୍ରକଳ୍ପର ହସ୍ତାନ୍ତର ପରେ ମଧ୍ୟ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ଆର୍‌ଏସ୍‌ସିଏଲ୍ ଦ୍ୱାରା କରାଯାଇଥିଲା ଯେଉଁଥିପାଇଁ ଏସ୍‌ସିଏମ୍ ପାଣ୍ଠିରୁ 0.34 କୋଟି ଟଙ୍କା (ମଇ 2022 ପର୍ଯ୍ୟନ୍ତ) ବ୍ୟୟ କରାଯାଇଥିଲା। ସମ୍ପୂର୍ଣ୍ଣ ହୋଇଯାଇଥିବା ପ୍ରକଳ୍ପର କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବାବଦକୁ ଏସ୍‌ସିଏମ୍ ପାଣ୍ଠିରୁ ଖର୍ଚ୍ଚ କରାଯିବାର ଫଳସ୍ୱରୂପ ଏସ୍‌ସିଏମ୍ ପାଣ୍ଠିର ଅବକ୍ଷୟ ହୋଇଛି, ଯାହାକି ବିକଳ୍ପ ଭାବରେ ଅଧିକ ପୁଞ୍ଜି ପ୍ରକଳ୍ପଗୁଡ଼ିକ କରିବାରେ ବ୍ୟବହୃତ ହୋଇପାରିଥାନ୍ତା।

ସରକାର ଦର୍ଶାଇଛନ୍ତି (ମାର୍ଚ୍ଚ 2023) ଯେ, ଆର୍‌ଏମ୍‌ସି ଦ୍ୱାରା କରାଯାଇଥିବା ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ପର୍ଯ୍ୟାପ୍ତ ନଥିଲା। ତେଣୁ, ଆର୍‌ଏସ୍‌ସିଏଲ୍ ଦ୍ୱାରା ଏକ ସଂସ୍ଥାକୁ ଟେଣ୍ଡରିଂ ମାଧ୍ୟମରେ ଠିକା ନିଯୁକ୍ତି ଦିଆଯାଇ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଇଥିଲା। ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ପ୍ରକଳ୍ପ ଶେଷ ହେବା ପର୍ଯ୍ୟନ୍ତ ଏସ୍‌ପିଭିଗୁଡ଼ିକର ସୀମିତ କାର୍ଯ୍ୟକ୍ଷମ ସମୟ ଅଛି। ତେଣୁ, ସେଗୁଡ଼ିକ ବନ୍ଦ ହେଲା ପରେ ମଧ୍ୟ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବା ଆବଶ୍ୟକ।

## 3.8 ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା

**ପର୍ଯ୍ୟାଲୋଚନା**

### 3.8.1 ସ୍ମାର୍ଟ ସିଟି ଏସ୍‌ପିଭିମାନଙ୍କୁ କ୍ଷମତା ଅର୍ପଣ ନକରିବା

ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଏସ୍‌ପିଭି ଗଠନ କରିବାର ଏକ ମୂଳ କାରଣ ହେଉଛି ନିଷ୍ପତ୍ତି ନେବାରେ ସ୍ୱାୟତ୍ତତା ଏବଂ ମିଶନ କାର୍ଯ୍ୟକାରିତାର କର୍ମ ସମ୍ପାଦନ ପାଇଁ ସ୍ୱାଧୀନତାକୁ ନିଶ୍ଚିତ କରିବା। ପୌର ଅଧିନିୟମ ଅନୁଯାୟୀ କ୍ଷମତାପ୍ରାପ୍ତ ଏସ୍‌ପିଭି ଗଠନ ପାଇଁ ନିମ୍ନଲିଖିତ ଅଭ୍ୟାସ ଗ୍ରହଣ କରିବାକୁ ଏସ୍‌ସିଏମ୍ ରାଜ୍ୟ ସରକାର ଏବଂ ୟୁଏଲ୍‌ବିମାନଙ୍କୁ ଉତ୍ସାହିତ କରନ୍ତି।

- ଏସ୍‌ପିଭିର ସ୍ମାର୍ଟ ସିଟି ପ୍ରକଳ୍ପକୁ ପୌର ପରିଷଦର ଅଧିକାର ଓ ଦାୟିତ୍ୱ ଅର୍ପଣ କରିବା; ଏବଂ

- ପୌର ଅଧିନିୟମ ଅନୁଯାୟୀ ୟୁଏଲ୍‌ବି ପାଇଁ ଉପଲବ୍ଧ ନିଷ୍ପତ୍ତି ଗ୍ରହଣ କ୍ଷମତାକୁ ଏସ୍‌ପିଭିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କୁ ପ୍ରଦାନ।

ଅଧିକନ୍ତୁ, ଏସ୍‌ପିଭିମାନଙ୍କ ପାଇଁ ମୁଖ୍ୟ ଭୂମିକା ଏବଂ ଦାୟିତ୍ୱଗୁଡ଼ିକ ଏସ୍‌ସିଏମ୍ ଧାର୍ଯ୍ୟ କରିଥିଲା ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା:

- ୟୁଏଲ୍‌ବି ଦ୍ୱାରା ସ୍ୱୀକୃତପ୍ରାପ୍ତ ଉପଭୋକ୍ତା ଦେୟ ନିର୍ଣ୍ଣୟ ଓ ସଂଗ୍ରହ; ଏବଂ

- ୟୁଏଲ୍‌ବି ଦ୍ୱାରା ସ୍ୱୀକୃତପ୍ରାପ୍ତ କର, ସରଚାର୍ଜ ଇତ୍ୟାଦି ସଂଗ୍ରହ।

ଏହା କିନ୍ତୁ ଦେଖାଗଲା ଯେ, ଏଚ୍‌ଆଣ୍ଡୟୁଡି ବିଭାଗ ତା 25 ନଭେମ୍ବର 2017 ରିଖ ବିଜ୍ଞପ୍ତି ଜରିଆରେ ସ୍ମାର୍ଟ ସିଟି ପ୍ରକଳ୍ପ ପାଇଁ ଏସ୍‌ପିଭିମାନଙ୍କୁ ଟେଣ୍ଡର ପାଇଁ ପ୍ରଶାସନିକ ଅନୁମୋଦନ ଏବଂ ଅନ୍ୟ ଅନୁମୋଦନ କ୍ଷମତା ଅର୍ପଣ କରିଥିଲେ। ବିଜ୍ଞପ୍ତିରେ ୟୁଏଲ୍‌ବିଗୁଡ଼ିକର କ୍ଷମତା ବିଷୟରେ କୌଣସି ସୂଚନା ନଥିଲା ଯାହାର କ୍ଷମତା ଅର୍ପଣ କରାଯାଉଥିଲା। ୟୁଏଲ୍‌ବିଗୁଡ଼ିକ ମଧ୍ୟ ନିଜ ତରଫରୁ ଏପରି କୌଣସି କ୍ଷମତା ଅର୍ପଣ କରିନଥିଲେ। ଅଧିକନ୍ତୁ, ସ୍ମାର୍ଟ ସିଟି ପ୍ରକଳ୍ପଗୁଡ଼ିକରେ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଧାର୍ଯ୍ୟ ଉପଭୋକ୍ତା ଦେୟ, ଟିକସ ଏବଂ ସରଚାର୍ଜ

ନିର୍ଣ୍ଣୟ ଏବଂ ସଂଗ୍ରହ ସମ୍ବନ୍ଧରେ ପୌର ପରିଷଦର କ୍ଷମତାଗୁଡିକ ଏସ୍‌ପିଭିମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରଦାନ କରାଯାଇ ନଥିଲା। ଏହି କ୍ଷମତାଗୁଡିକ ୟୁଏଲ୍‌ବିମାନେ ନିଜେ କାର୍ଯ୍ୟକାରୀ କରୁଥିଲେ। ଏସ୍‌ପିଭିମାନେ ସମ୍ମୁଖୀନ ହେଉଥିବା ପାଣ୍ଠି ଅଭାବ ସମସ୍ୟାକୁ ଏହା ଆହୁରି ବଢ଼ାଇ ଦେଇଥିଲା।

ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର କହିଲେ (ମାର୍ଚ୍ଚ 2023) ଯେ, ଏସ୍‌ପିଭିମାନଙ୍କୁ ପୌର ପରିଷଦର କ୍ଷମତାଗୁଡିକ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

### 3.8.2 ଏସ୍‌ପିଭିମାନଙ୍କର ମାନବ ସମ୍ବଳ

ଏମ୍‌ଓଏଚ୍‌ୟୁଏ ନଭେମ୍ବର 2018ରେ ଏସ୍‌ପିଭିମାନଙ୍କ ପାଇଁ ଏସ୍‌ସିଏମ୍ ଅଧୀନରେ ଏଚ୍‌ଆର୍ ନୀତି ପ୍ରଣୟନ କରିଥିଲେ। କର୍ମଚାରୀଙ୍କ ନିଯୁକ୍ତି, ଦରମା, ଛୁଟି, ପେନ୍‌ସନ ଇତ୍ୟାଦି ଏବଂ କମ୍ପାନୀ ଅଧିନିୟମ, 2013ର ଅନୁପାଳନ ସମ୍ବନ୍ଧରେ ନିର୍ଦ୍ଦେଶାବଳୀରେ ଏକ ଢାଞ୍ଚା ପ୍ରଦାନ କରାଯାଇଥିଲା। ଏମ୍‌ଓଏଚ୍‌ୟୁଏ ନିର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2018) ଯେ, ସମସ୍ତ ସ୍ମାର୍ଟ ସିଟି 15 ଡିସେମ୍ବର 2018 ପୂର୍ବରୁ ଏଚ୍‌ଆର୍ ନୀତି ଅନୁମୋଦନ କରିବା ଉଚିତ।

ନଥିଗୁଡିକର ଯାଞ୍ଚରୁ ଜଣାପଡିଲା ଯେ, ମାର୍ଚ୍ଚ 2023 ସୁଦ୍ଧା ଆରଏସ୍‌ସିଏଲ୍ ଦ୍ୱାରା କୌଣସି ଏଚ୍‌ଆର୍ ନୀତି ପ୍ରଣୟନ କରାଯାଇ ନଥିଲା। ଏଚ୍‌ଆର୍ ନୀତିର ଅନୁପସ୍ଥିତିରେ ଅନେକ ଖାଲି ପଦବୀ[62] (41 ପ୍ରତିଶତ) ପୂରଣ ନହେବା କାରଣରୁ ଏସ୍‌ପିଭିର କାର୍ଯ୍ୟକଳାପ ପ୍ରଭାବିତ ହୋଇଥିଲା, ଫଳସ୍ୱରୂପ ଭାରତ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀକୁ ପାଳନ କରାଯାଇନଥିଲା। ଏହା ଦେଖାଗଲା ଯେ, କିଛି ସରକାରୀ କର୍ମଚାରୀଙ୍କୁ ଅତିରିକ୍ତ ଦାୟିତ୍ୱ ସହିତ ଏସ୍‌ପିଭିରେ ନିୟୋଜିତ କରାଯାଇଥିବା ବେଳେ ଅବଶିଷ୍ଟ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି। ଯଦିଓ ଆରଏସ୍‌ସିଏଲ୍‌ର କାର୍ଯ୍ୟଦକ୍ଷତା ଉପରେ ଏହାର ପ୍ରଭାବ ସମୀକ୍ଷାରେ କୁହାଯାଇ ପାରିବ ନାହିଁ, ଏହା ଦେଖାଗଲା ଯେ, ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ, ପାଣ୍ଠିର ସଂଗ୍ରହରେ ସ୍ୱଳ୍ପତା, ପ୍ରକଳ୍ପ ଆକାର ହ୍ରାସ ପାଇଁ ଏହା ଦାୟୀ। .

ସରକାର କହିଲେ (ମାର୍ଚ୍ଚ 2023) ଯେ, ଆରଏସ୍‌ସିଏଲ୍ ଦ୍ୱାରା ପ୍ରଣୀତ ଏଚ୍‌ଆର୍ ନୀତିକୁ ପରୀକ୍ଷା କରାଯାଉଅଛି। ପ୍ରକୃତ କଥା ହେଲା, ଏସ୍‌ସିଏମ୍ ପ୍ରକଳ୍ପ ପାଞ୍ଚବର୍ଷ ହେଲା କାର୍ଯ୍ୟକାରୀ ହେବା ପରେ ମଧ୍ୟ ଏଚ୍‌ଆର୍ ନୀତି ଅନୁମୋଦନ ହୋଇନଥିଲା।

### 3.8.3 ଏସ୍‌ସିଏମ୍ ନିର୍ଦ୍ଦେଶାବଳୀର ପାଳନ ନକରି ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ନଦେବା

ଏସ୍‌ସିଏମ୍ ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ କରାଯାଇଛି (ଧାରା 10.1) ଯେ, ସହର ସ୍ତରରେ ମିଶନର କାର୍ଯ୍ୟକାରିତା, ଏହି ଉଦ୍ଦେଶ୍ୟରେ ଗଠନ କରାଯାଇଥିବା ଏସ୍‌ପିଭି ଦ୍ୱାରା କରାଯିବ। ସ୍ମାର୍ଟ ସିଟି ବିକାଶ ପ୍ରକଳ୍ପର ଯୋଜନା, ମୂଲ୍ୟ ନିରୂପଣ, ଅନୁମୋଦନ, ପାଣ୍ଠି ପ୍ରଦାନ, କାର୍ଯ୍ୟାନ୍ୱୟନ, ପରିଚାଳନା, ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ, ଏସ୍‌ପିଭିକୁ କରିବାର ଆବଶ୍ୟକ ଥିଲା। ପ୍ରତ୍ୟେକ ଏସ୍‌ପିଭି ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦ୍ୱାରା ପରିଚାଳିତ ହେବାର ଥିଲା। ବାରମ୍ବାର ବୋର୍ଡ ବୈଠକ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ତୀବ୍ର ହାର ଦୃଷ୍ଟିରୁ ଶୀଘ୍ର ନିଷ୍ପତ୍ତି ନେବା ଏବଂ ଉତ୍ତମ ଫଳାଫଳକୁ ସୁଗମ କରିବା ପାଇଁ ଏମ୍‌ଓଏଚ୍‌ୟୁଏ ଏସ୍‌ପିଭିମାନଙ୍କୁ ପୂର୍ଣ୍ଣକାଳୀନ ସିଇଓ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ (ଅକ୍ଟୋବର 2018)।

ତେଣୁ ପୂର୍ଣ୍ଣକାଳୀନ ସିଇଓ ନିଯୁକ୍ତ କରିବା ପାଇଁ ଏମ୍‌ଓଏଚ୍‌ୟୁଏ ଦ୍ୱାରା ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯେହେତୁ ପାର୍ଟ ଟାଇମ୍ ସିଇଓ ଏସ୍‌ପିଭିର କାର୍ଯ୍ୟକଳାପ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ସ୍ଥିତିରେ ନଥାଇପାରନ୍ତି।

---

[62] 22ଟି ପଦବୀ ମଧ୍ୟରୁ, ଏଇଇ (ସିଭିଲ) ଏବଂ ପ୍ରବନ୍ଧକ (କ୍ରୟ) ଡିସେମ୍ବର 2016ଠାରୁ ଖାଲି ରହିଥିଲା, 2019ଠାରୁ ତିନୋଟି ପଦବୀ ଖାଲି ପଡିଥିଲା, 2020ଠାରୁ ଗୋଟିଏ ପଦବୀ ଖାଲି ପଡିଥିଲା, 2021ଠାରୁ ଦୁଇଟି ଏବଂ ଜୁନ 2022ରୁ ଗୋଟିଏ ପଦବୀ ଖାଲି ପଡିଥିଲା

କିନ୍ତୁ, ସମୀକ୍ଷାରେ ଦେଖାଗଲା ଯେ, ନିୟମିତ ଭାବରେ ଉଭୟ ଏସ୍‌ପିଭିରେ ପୂର୍ଣ୍ଣକାଳୀନ ସିଇଓ ନଥିଲେ ଏବଂ ଉଭୟ ପଦବୀ ଏଚ୍‌ଆଣ୍ଡୟୁଡିର ଅଧିକାରୀମାନଙ୍କ ଅତିରିକ୍ତ ଦାୟିତ୍ୱ ଭାବରେ ରହିଥିଲା।

ସରକାର ଆର୍‌ଏସ୍‌ସିଏଲ୍ ସମ୍ବନ୍ଧରେ କହିଲେ (ମାର୍ଚ୍ଚ 2023) ଯେ, ସିଇଓଙ୍କ ନିଯୁକ୍ତି ଓଡିଶା ସରକାରଙ୍କ ଦ୍ୱାରା କରାଯାଇଥିଲା। ବିଏସ୍‌ସିଏଲ୍ ସମ୍ବନ୍ଧରେ ସରକାର ପ୍ରକାଶ କଲେ (ମାର୍ଚ୍ଚ 2023) ଯେ, ଏସ୍‌ସିଏମ୍ ପ୍ରକଳ୍ପରେ ବିଏମ୍‌ସି ଓ ବିଡିଏର ସମ୍ପୃକ୍ତି ନିତାନ୍ତ ଜରୁରୀ କାରଣ କାର୍ଯ୍ୟକ୍ଷେତ୍ର ବିଏମ୍‌ସି ଓ ବିଡିଏ ଅଧିନରେ ରହିଛି। ତଦନୁସାରେ, ବିଏମ୍‌ସି ଆୟୁକ୍ତଙ୍କୁ ବିଏସ୍‌ସିଏଲ୍‌ର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଉତ୍ତର ଗ୍ରହଣୀୟ ନୁହେଁ କାରଣ ଶୀଘ୍ର ନିଷ୍ପତ୍ତି ନେବା ଏବଂ ଶୀଘ୍ର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ପୂର୍ଣ୍ଣକାଳୀନ ସିଇଓ ନିଯୁକ୍ତି ପାଇଁ ଏମ୍‌ଓଏଚ୍‌ୟୁଏର ଏବଂ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇଥିଲା।

### 3.8.4 ସ୍ମାର୍ଟ ସିଟି ପରାମର୍ଶ ଫୋରମ୍

ଏକ ପର୍ଯ୍ୟାଲୋଚନା ପ୍ରଣାଳୀ ଭାବରେ, ଏସ୍‌ସିଏମ୍ ନିର୍ଦ୍ଦେଶାବଳୀରେ ଉପଯୁକ୍ତ ମିଶନ ପର୍ଯ୍ୟାଲୋଚନା ପାଇଁ ସିଟି ସ୍ତରରେ ଏକ ସ୍ମାର୍ଟ ସିଟି ପରାମର୍ଶ ଫୋରମ (ଏସ୍‌ସିଏଏଫ୍) ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ସ୍ମାର୍ଟ ସିଟି ପାଇଁ ପରାମର୍ଶ ଦେବା ଏବଂ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା ପାଇଁ ସିଟି ସ୍ତରରେ ଏସ୍‌ସିଏଏଫ୍ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ଜିଲ୍ଲାପାଳ, ସାଂସଦ, ବିଧାୟକ, ମେୟର, ସ୍ଥାନୀୟ ଯୁବକ, ବୈଷୟିକ ବିଶେଷଜ୍ଞ, ନାଗରିକ ପ୍ରତିନିଧି ଓ ଏନ୍‌ଜିଓ ସଦସ୍ୟମାନେ ଯୋଗଦେବେ ବୋଲି ଆଶା କରାଯାଉଥିଲା। ଏସ୍‌ପିଭିର ସିଇଓ ଏସ୍‌ସିଏଏଫ୍‌ର ସଂଯୋଜକ ହେବାର ଥିଲା।

ମିଶନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବିଏସ୍‌ସିଏଲ୍ ଓ ଆର୍‌ଏସ୍‌ସିଏଲ୍ ପାଇଁ ଏସ୍‌ସିଏଏଫ୍‌ଗୁଡିକ ଯଥାକ୍ରମେ ଜୁଲାଇ 2017 ଏବଂ ନଭେମ୍ବର 2017ରେ ଗଠନ କରାଯାଇଥିଲା। ଏମ୍‌ଓଏଚ୍‌ୟୁଏ ଜାନୁଆରୀ 2018ରେ ସିଟି ପରାମର୍ଶ ଫୋରମର ଗଠନକୁ ପ୍ରଭାବିତ କରିଥିଲା ଏବଂ ଉତ୍ତମ ପର୍ଯ୍ୟାଲୋଚନା ପାଇଁ ମାସରେ ଥରେ ବୈଠକ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ସମୀକ୍ଷାରେ ଦେଖାଗଲା ଯେ, 52ଟି ବୈଠକ ଆବଶ୍ୟକ ଥିବାବେଳେ ମାର୍ଚ୍ଚ 2022 ସୁଦ୍ଧା ଏସ୍‌ସିଏଏଫ୍‌ଗୁଡିକର ଛଅଟି ବୈଠକ (ଆର୍‌ଏସ୍‌ସିଏଲ୍ କ୍ଷେତ୍ରରେ) ଏବଂ ଚାରୋଟି ବୈଠକ (ବିଏସ୍‌ସିଏଲ୍ କ୍ଷେତ୍ରରେ) ଅନୁଷ୍ଠିତ ହୋଇଥିଲା ଯାହାକି ସ୍ମାର୍ଟ ସିଟି ପ୍ରକଳ୍ପଗୁଡିକରେ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାର ସମ୍ଭାବନା ଥିଲା।

ସରକାର ଉତ୍ତରରେ କହିଲେ (ମାର୍ଚ୍ଚ 2023) ଯେ, ମାସିକିଆ ବୈଠକ କରିବା ପାଇଁ ଏମ୍‌ଓଏଚ୍‌ୟୁଏ ନିର୍ଦ୍ଦେଶାବଳୀରେ କୌଣସି ପ୍ରାବଧାନ ନଥିଲା। ଏହି ଉତ୍ତର ବାସ୍ତବରେ ଭୁଲ ଥିଲା କାରଣ ଏମ୍‌ଓଏଚ୍‌ୟୁଏ ମାସକୁ ଅତି କମରେ ଗୋଟିଏ ବୈଠକ କରିବାକୁ ଏଚ୍‌ଆଣ୍ଡୟୁଡିକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶ ଦେଇଥିଲେ (ଜାନୁଆରୀ 2018)।

### 3.8.5 ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ଭୁବନେଶ୍ୱର ଏବଂ ରାଉରକେଲାରେ ସ୍ମାର୍ଟ ସମାଧାନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ କରିବା ପାଇଁ ବିଏସ୍‌ସିଏଲ୍ ଓ ଆର୍‌ଏସ୍‌ସିଏଲ୍ ପିଏମ୍‌ସିମାନଙ୍କୁ ନିଯୁକ୍ତ କରିଥିଲେ। ଚୁକ୍ତିନାମାଗୁଡିକର ଅଂଶ ଭାବରେ ପର୍ଯ୍ୟାଲୋଚନା ପାଇଁ ବୈଷୟିକ ସହାୟତା ଦଳ ଯୋଗାଇବା ଏବଂ ସ୍ମାର୍ଟ ସମାଧାନ ପ୍ରକଳ୍ପଗୁଡିକ ଉପରେ କାର୍ଯ୍ୟାନ୍ୱୟନର ପରବର୍ତ୍ତୀ ସହାୟତା ପ୍ରଦାନ କରିବା ପିଏମ୍‌ସିଗୁଡିକର ଦାୟିତ୍ୱ ଥିଲା।

ଏହି ପରିପ୍ରେକ୍ଷୀରେ, ସମୀକ୍ଷାରୁ ଦେଖାଗଲା ଯେ:

- ବିଏସ୍‌ସିଏଲ୍ କ୍ଷେତ୍ରରେ ବିଏମ୍‌ସି ସହ ଚୁକ୍ତିନାମା ଜାନୁଆରୀ 2022ରେ ବନ୍ଦ ହୋଇଯାଇଥିଲା। କିନ୍ତୁ, ଏମ୍‌ଏସ୍‌ଆଇ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସ୍ମାର୍ଟ ସମାଧାନ ପ୍ରକଳ୍ପ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ବିଏସ୍‌ସିଏଲ୍‌କୁ ହସ୍ତାନ୍ତର ହୋଇନଥିଲା। ପିଏମ୍‌ସି ତରଫରୁ ବୈଷୟିକ ସହାୟତା ନମିଳିବାରୁ ଚୁକ୍ତିନାମା ଅନୁଯାୟୀ ପରିମାଣ ପତ୍ର ସମ୍ବନ୍ଧରେ ଏମ୍‌ଏସ୍‌ଆଇ ଦ୍ୱାରା ପ୍ରଦତ୍ତ ପ୍ରତିଶ୍ରୁତି ଆଧାରରେ ଏମ୍‌ଏସ୍‌ଆଇର ଚଳନ୍ତି ବିଲ୍

ପ୍ରକ୍ରିୟାକରଣ କରାଯାଉଥିଲା। ଅଧିକନ୍ତୁ, ବିଭିନ୍ନ ଉପକରଣର ପରୀକ୍ଷଣ ପ୍ରକ୍ରିୟା ଚାଲିଥିଲା। ପିଏମ୍‌ସିର ବୈଷୟିକ ସହାୟତାର ଅନୁପସ୍ଥିତିରେ, ଉପଯୁକ୍ତ ଗୁଣବତ୍ତା ଯାଞ୍ଚ ସୁନିଶ୍ଚିତ କରିବା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ସଠିକ ଭାବେ କାର୍ଯ୍ୟକାରୀ ହେବାର କୌଣସି ନିଶ୍ଚିତତା ନଥିଲା।

- ଆର୍‌ଏସ୍‌ସିଏଲ୍ କ୍ଷେତ୍ରରେ ପିଏମ୍‌ସି ସହ ଚୁକ୍ତିନାମା ଅକ୍ଟୋବର 2021ରେ ବନ୍ଦ ହୋଇଯାଇଥିଲା। ରାଉରକେଲା ସ୍ମାର୍ଟ ସମାଧାନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ 90.18 କୋଟି ଟଙ୍କାର କାର୍ଯ୍ୟାଦେଶ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌କୁ ଦିଆଯାଇଥିଲା ଏବଂ ଏହି ପ୍ରକଳ୍ପ ଛଅ ମାସ ମଧ୍ୟରେ କାର୍ଯ୍ୟକାରୀ ହେବାର ଥିଲା ଅର୍ଥାତ ଡିସେମ୍ବର 2022 ସୁଦ୍ଧା। ଆର୍‌ଏସ୍‌ସିଏଲ୍‌ରେ କେବଳ ଜଣେ ଆଇଟି ବିଶେଷଜ୍ଞଙ୍କୁ ଚୁକ୍ତିଭିତ୍ତିକ ଭାବରେ ନିୟୋଜିତ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଓ ଗୋ-ଲାଇଭ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ କୌଣସି ତୃତୀୟ ପକ୍ଷ ପରାମର୍ଶଦାତା ନିଯୁକ୍ତ ହୋଇନଥିଲେ। ଅଧିକନ୍ତୁ, କୌଣସି ପରାମର୍ଶଦାତାଙ୍କ ଅନୁପସ୍ଥିତିରେ, କୌଣସି ନିଶ୍ଚିତତା ନଥିଲା ଯେ, ବିଲ୍‌ଗୁଡିକର ପ୍ରକ୍ରିୟାକରଣ ଏବଂ ଯନ୍ତ୍ରପାତିର ପରୀକ୍ଷଣ, ପ୍ରକଳ୍ପ ଆବଶ୍ୟକତା ଅନୁଯାୟୀ ସଠିକ ଢ଼ଙ୍ଗରେ କରାଯାଇଥିଲା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଠିକ ଭାବରେ କରାଯାଉଥିଲା।

ସରକାର ଉତ୍ତରରେ କହିଲେ (ମାର୍ଚ୍ଚ 2023) ଯେ, ବୈଷୟିକ ସମସ୍ୟାଗୁଡିକର ପରୀକ୍ଷଣ ନିମିତ୍ତ ଏସ୍‌ପିଭିମାନେ ବର୍ତ୍ତମାନ ସମିତି ଗଠନ କରିଛନ୍ତି। ଅନୁଚ୍ଛେଦରେ ସୂଚିତ କରାଯାଇଥିବା ପୂର୍ବ ଘଟଣାଗୁଡିକ ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀର ଅନୁପସ୍ଥିତି ବିଷୟରେ ଉତ୍ତରଟି ନୀରବ ରହିଥିଲା।

## ଉପସଂହାର

**ରାଜ୍ୟ ସରକାରମାନଙ୍କ ଅଧିନରେ କାର୍ଯ୍ୟ କରୁଥିବା ୟୁଏଲ୍‌ବିମାନଙ୍କର ପ୍ରାଥମିକ ଦାୟିତ୍ୱ ହେଉଛି ସହର ବିକାଶ। କିନ୍ତୁ, ୟୁଏଲ୍‌ବି ଏବଂ ରାଜ୍ୟ ସରକାରମାନଙ୍କୁ ସହାୟତା କରିବା ପାଇଁ କେନ୍ଦ୍ର ସରକାର ଏହି ଉଦ୍ଦେଶ୍ୟରେ ସହରଗୁଡିକରେ ସ୍ମାର୍ଟ ସମାଧାନ ସହିତ ଉନ୍ନତ ଭିତ୍ତିଭୂମି ଯୋଗାଇ ଜୀବନ ଶୈଳୀରେ ଉନ୍ନତି ଆଣିବା ପାଇଁ ଆଂଶିକ ପାଣ୍ଠି ପ୍ରଦାନ କରି ଏସ୍‌ସିଏମ୍‌କୁ ପ୍ରାୟୋଜିତ କରିଥିଲେ। ରାଜ୍ୟ ସରକାରମାନେ ସେମାନଙ୍କର ମନୋନୀତ ସହରଗୁଡିକ ପାଇଁ ସେମାନଙ୍କର ସ୍ମାର୍ଟ ସିଟି ପ୍ରସ୍ତାବ ଏମ୍‌ଓଏଚ୍‌ୟୁଏ ନିକଟରେ ଦାଖଲ କରିଥିଲେ। ଓଡିଶା ରାଜ୍ୟ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରସ୍ତାବଗୁଡିକ ଭିତ୍ତିରେ ଭୁବନେଶ୍ୱର ଓ ରାଉରକେଲା ସହର ମନୋନୀତ କରାଯାଇଥିଲା। ପାଣ୍ଠି ସଂଗ୍ରହ ତଥା ୟୁଏଲ୍‌ବି ବାହାରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଅଧିକ ସ୍ୱାଧିନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏସ୍‌ସିଏମ୍ ଏସ୍‌ପିଭି ସୃଷ୍ଟି କରିବାକୁ ଯୋଜନା କରିଥିଲେ। ଏହି ପ୍ରସ୍ତାବଗୁଡିକରେ ବିଭିନ୍ନ ଉତ୍ସରୁ ପାଣ୍ଠି ସଂଗ୍ରହ କରି ଭୁବନେଶ୍ୱର ପାଇଁ 4,537 କୋଟି ଟଙ୍କା ଓ ରାଉରକେଲା ପାଇଁ 2,571.27 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା।**

**ସମୀକ୍ଷାରେ ଦେଖାଗଲା ଯେ, ଯଦିଓ ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଏସ୍‌ପିଭିଗୁଡିକୁ ଗଠନ କରାଯାଇଥିଲା, ସେମାନେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇପାରିନଥିଲେ କାରଣ ଭୁବନେଶ୍ୱର ଓ ରାଉରକେଲା ପାଇଁ ଏସ୍‌ପିଭି ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ 4,537 କୋଟି ଟଙ୍କା ଓ 2,571 କୋଟି ଟଙ୍କା ତୁଳନାରେ କେବଳ 1,621.94 କୋଟି ଟଙ୍କା ଓ 950.46 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ଅନ୍ୟ ଅର୍ଥରେ, ପ୍ରକଳ୍ପର ମହତ୍ତ୍ୱପୂର୍ଣ୍ଣ ଉପାଦାନ ଯଥା: ବିଏସ୍‌ସିଏଲ୍ କ୍ଷେତ୍ରରେ 64 ପ୍ରତିଶତ ଏବଂ ଆର୍‌ଏସ୍‌ସିଏଲ୍ କ୍ଷେତ୍ରରେ 63 ପ୍ରତିଶତ କାର୍ଯ୍ୟ କରାଯାଇପାରି ନଥିଲା ଯାହା ଫଳରେ ସହରବାସୀ ଧାର୍ଯ୍ୟ ଲାଭରୁ ବଞ୍ଚିତ ହୋଇଥିଲେ। ଫଳସ୍ୱରୂପ, ଉପର୍ଯ୍ୟୁକ୍ତ ବର୍ଣ୍ଣନା ଅନୁଯାୟୀ ଉଭୟ ସହର ସ୍ମାର୍ଟ ସିଟି ପାହ୍ୟା ତାଲିକାରେ ତଳକୁ ଖସିଥିଲା। ଏହା ମୁଖ୍ୟତଃ ନିମ୍ନଲିଖିତ କାରଣ ପାଇଁ ହୋଇଥିଲା।**

- ଏସ୍‌ସିଏମ୍ ପ୍ରକଳ୍ପଗୁଡିକ ସମ୍ବନ୍ଧରେ ଏସ୍‌ପିଭିମାନଙ୍କୁ ଆବଶ୍ୟକ ୟୁଏଲ୍‌ବି କ୍ଷମତାର ଅର୍ପଣ ନକରିବା ।

- ଏସ୍‌ସିପିରେ ଧାର୍ଯ୍ୟ କରାଯାଇଥିବା ଆବଶ୍ୟକ ପାଣ୍ଠି ସଂଗ୍ରହରେ ବିଫଳତା।

- ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ପାଣ୍ଠି ପ୍ରଦାନ ପାଇଁ ଚୁକ୍ତି କରିବା ସମୟରେ ଏମ୍‌ଓଏଚ୍‌ୟୁଏର ନିର୍ଦ୍ଦେଶାବଳୀକୁ ପାଳନ ନକରିବା।

- ପର୍ଯ୍ୟାଲୋଚନା ବ୍ୟବସ୍ଥା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବ।

- ଏସ୍‌ପିଭିମାନଙ୍କରେ ପର୍ଯ୍ୟାପ୍ତ ମାନବସମ୍ବଳର ଅଭାବ।

## ସୁପାରିଶ

- ଆର୍ଥିକ ସ୍ଥିରତା ହାସଲ କରିବାକୁ, ଏସ୍‌ପିଭିଗୁଡିକ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଜାତୀୟ/ରାଜ୍ୟ ଯୋଜନା, ପିପିପି, ଋଣ ଏବଂ ଅନ୍ୟାନ୍ୟ ସମ୍ମିଶ୍ରଣ ମାଧ୍ୟମରେ ଧାର୍ଯ୍ୟ ଉତ୍ସଗୁଡିକରୁ ପାଣ୍ଠି ସଂଗ୍ରହ ପାଇଁ ରଣନୀତିକ ଯୋଜନା ପ୍ରସ୍ତୁତ କରିପାରନ୍ତି।

- ପୂର୍ଣ୍ଣକାଳୀନ କାର୍ଯ୍ୟନିର୍ବାହୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ନିଯୁକ୍ତି ସହିତ ଏସ୍‌ପିଭିମାନଙ୍କର ସାଙ୍ଗଠନିକ ସଂରଚନାକୁ ମଜବୁତ କରାଯିବା ଉଚିତ।

- ପୌର ଅଧିନିୟମ ଅଧିନରେ ୟୁଏଲ୍‌ବି ନିକଟରେ ଉପଲବ୍ଧ ନିଷ୍ପତ୍ତି ଦେବାର କ୍ଷମତା ଏବଂ ସହରାଞ୍ଚଳ ବିକାଶ ବିଭାଗ ନିକଟରେ ଉପଲବ୍ଧ ପ୍ରକଳ୍ପ ଅନୁମୋଦନ କ୍ଷମତା ଓଡିଶା ସରକାର ସ୍ମାର୍ଟ ସିଟି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଏସ୍‌ପିଭିମାନଙ୍କୁ ପ୍ରଦାନ କରିବା ନିଶ୍ଚିତ କରିପାରନ୍ତି।

- ନିୟମିତ ବୈଠକ ମାଧ୍ୟମରେ ଆବଶ୍ୟକ ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ ପାଇଁ ଏସ୍‌ପିଭିମାନେ ଏସ୍‌ସିଏଏଫ୍‌ର ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିପାରନ୍ତି।

- ଏସ୍‌ପିଭିମାନେ ଚୁକ୍ତିନାମାର ଉତ୍ତମ ପରିଚାଳନା ପାଇଁ ଏମ୍‌ଓଏଚ୍‌ୟୁଏ ନିର୍ଦ୍ଦେଶାବଳୀ/ ପରାମର୍ଶଗୁଡିକୁ ମାନିବାକୁ ନିଶ୍ଚିତ କରିପାରନ୍ତି।

- ଏସ୍‌ପିଭିମାନେ ଚୁକ୍ତିନାମାର ପ୍ରାବଧାନଗୁଡିକ ଅନୁଯାୟୀ ଠିକାଦାରମାନଙ୍କଠାରୁ ସମାପନ କ୍ଷତିପୂରଣ ଆଦାୟ କରିପାରନ୍ତି।

- ପ୍ରକଳ୍ପଗୁଡିକର ଶୀଘ୍ର ସମାପ୍ତି ଏବଂ ସମ୍ପୂର୍ଣ୍ଣ ହୋଇଥିବା ସମ୍ପତ୍ତିଗୁଡିକୁ ହସ୍ତାନ୍ତର କରିବା ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଏସ୍‌ପିଭିଗୁଡିକ ଗତିଶକ୍ତି ପରି ଏକ ପ୍ରଭାବଶାଳୀ ଡିଜିଟାଲ୍ ପର୍ଯ୍ୟାଲୋଚନା ସଂକ୍ରିୟା ବିକାଶ କରିପାରନ୍ତି।

- ଏସ୍‌ସିଏମ୍ ନିର୍ଦ୍ଦେଶାବଳୀଗୁଡିକର ସର୍ତ୍ତାବଳୀ ଅନୁଯାୟୀ ପାଣ୍ଠି ବ୍ୟବହାର କରିବାକୁ ଏସ୍‌ପିଭି ନିଶ୍ଚିତ କରିପାରନ୍ତି।

# ଅଧ୍ୟାୟ-IV

## ଅନୁପାଳନ ସମୀକ୍ଷା ମନ୍ତବ୍ୟ

# ଅଧ୍ୟାୟ-IV

## ଅନୁପାଳନ ସମୀକ୍ଷା ମନ୍ତବ୍ୟ

ରାଜ୍ୟ ସରକାରୀ ଉଦ୍ୟୋଗ/ନିଗମଗୁଡିକର କାରବାରର ନମୁନା ଯାଞ୍ଚରୁ ପରିଲକ୍ଷିତ ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡିକ ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି ।

## ଓଡିଶା ବିଦ୍ୟୁତ ନିୟାମକ ଆୟୋଗ

### 4.1 ପରିହାର୍ଯ୍ୟ କ୍ଷତି

**ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ବିତରଣ କମ୍ପାନୀଗୁଡିକର ବିକ୍ରିଲବ୍ଧ ମୂଲ୍ୟ ଫେରସ୍ତରେ ବିଳମ୍ବ ହେତୁ ଗ୍ରୀଡ୍‌କୋ ଦ୍ୱାରା ପରିହାର୍ଯ୍ୟ ଋଣ ହାସଲ ଓ 39.82 କୋଟି ଟଙ୍କାର ସୁଧର ବୋଝ ବହନ**

ଓଡିଶା ବିଦ୍ୟୁତ ସଂସ୍କାର ନିୟମ 1995 ଅନୁଯାୟୀ ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍ (ଗ୍ରୀଡ୍‌କୋ)ର ବଣ୍ଟନ ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ସମ୍ପତ୍ତିକୁ ଚାରୋଟି ସମ୍ପୂର୍ଣ୍ଣ ମାଲିକାନାଥିବା ବିତରଣ କମ୍ପାନୀ (ଡିସ୍‌କମ୍)[63]କୁ ହସ୍ତାନ୍ତରିତ ହୋଇଥିଲା (ନଭେମ୍ବର 1997)। ପରବର୍ତ୍ତୀ ସମୟରେ, ଗ୍ରୀଡ୍‌କୋର 51 ପ୍ରତିଶତ ଅଂଶଧନ ପ୍ରତିଯୋଗୀତାମୂଳକ ଟେଣ୍ଡର ମାଧ୍ୟମରେ ଘରୋଇ ଭାଗିଦାରୀ ସପକ୍ଷରେ ବିନିବେଶ କରାଯାଇଥିଲା (ଅପ୍ରେଲ 1999)। ତଥାପି, ଘରୋଇ ଭାଗିଦାରୀମାନଙ୍କର ଅସନ୍ତୋଷଜନକ ପ୍ରଦର୍ଶନ ହେତୁ, ଲାଇସେନ୍ସଧାରୀମାନଙ୍କର ଆଇନ ଅନୁସାରେ କାର୍ଯ୍ୟ କରିବାରେ ବିଫଳତା ପାଇଁ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) ବିଦ୍ୟୁତ ଅଧିନିୟମ, 2003 (ଅଧିନିୟମ)ର ଧାରା 19 ଅନୁଯାୟୀ ସମସ୍ତ ଚାରୋଟି ବିତରଣ କମ୍ପାନୀମାନଙ୍କ ଲାଇସେନ୍ସ ପ୍ରତ୍ୟାହାର[64] କରିଥିଲେ। ଏହାପରେ, ଚାରୋଟି ବିତରଣ କମ୍ପାନୀ (ଯଥା ଚାରୋଟି ୟୁଟିଲିଟି)ର ପରିଚାଳନା ଏବଂ ନିୟନ୍ତ୍ରଣ ଗ୍ରୀଡ୍‌କୋ ଉପରେ ନ୍ୟସ୍ତ ହେଲା। ଓଇଆର୍‌ସି ବିଦ୍ୟୁତ ଅଧିନିୟମର ଧାରା 20 ଅନୁଯାୟୀ ଚାରୋଟି ୟୁଟିଲିଟିଗୁଡିକର ବିକ୍ରୟ ପାଇଁ ପ୍ରତିଯୋଗିତାମୂଳକ ନିଲାମ ମାଧ୍ୟମରେ ନିବେଶକ ଚୟନ ପ୍ରକ୍ରିୟା ଆରମ୍ଭ କଲେ (ନଭେମ୍ବର 2017ରେ ସେସୁ ଏବଂ ଜୁଲାଇ/ଅଗଷ୍ଟ, 2020ରେ ଅନ୍ୟ ତିନୋଟି ବିତରଣ କମ୍ପାନୀ)। ପ୍ରସ୍ତାବ ପାଇଁ ଅନୁରୋଧ(ଆରଏଫ୍‌ପି)ର ସର୍ତ୍ତ ଓ ଓଡିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ୟୁଟିଲିଟିଗୁଟିକୁ ଏକ ନୂତନ ଭାବରେ ଗଠିତ ସତନ୍ତ୍ର ଉଦ୍ଦେଶ୍ୟ କମ୍ପାନୀଗୁଡିକରେ ନ୍ୟସ୍ତ କରାଯିବ, ଯେଉଁଥିରେ ନିବେଶକ ଏବଂ ଗ୍ରୀଡ୍‌କୋର ଅଂଶଧନ ଯଥାକ୍ରମେ 51 ଏବଂ 49 ପ୍ରତିଶତ ରହିବ।

ଟେଣ୍ଡର ପ୍ରକ୍ରିୟାରେ ସମସ୍ତ ୟୁଟିଲିଟିଗୁଡିକ ପାଇଁ ଟାଟା ପାଓ୍ୱାର କମ୍ପାନୀ ଲିମିଟେଡ୍(ଟିପିସିଏଲ୍)କୁ ସଫଳ ନିଲାମ ଡକାଳୀ ଭାବରେ ମନୋନୀତ[65] କରାଗଲା। ସେହି ଅନୁଯାୟୀ, ଓଇଆର୍‌ସି ଟିପିସିଏଲ୍ ସପକ୍ଷରେ ସମସ୍ତ ଚାରୋଟି ୟୁଟିଲିଟିର ବିକ୍ରୟ ନିର୍ଦ୍ଦେଶ[66] ଜାରି କଲେ। ବିକ୍ରୟ ନିର୍ଦ୍ଦେଶ ଅନୁଯାୟୀ, ଟିପିସିଏଲ୍ ସେମାନଙ୍କର ଅଂଶଧନ ବାବଦରେ 752.25 କୋଟି ଟଙ୍କା[67] ଓଇଆରସି ପାଖରେ ଜମା କଲା। ବିକ୍ରୟ ନିର୍ଦ୍ଦେଶରେ ନୂତନ

---

[63] (i) କେନ୍ଦ୍ରୀୟ ବିଦ୍ୟୁତ ଯୋଗାଣ ୟୁଟିଲିଟି ଓଡିଶା (ସେସୁ) (ii) ଓଡିଶା ଉତ୍ତରପୂର୍ବ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ (ନେସ୍କୋ) (iii) ଓଡିଶା ପଶ୍ଚିମାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ (ୱେସ୍କୋ) (iv) ଓଡିଶା ଦକ୍ଷିଣ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ (ସାଉଥକୋ)

[64] ସେସୁ : 01.04.2005, ୱେସ୍କୋ: 04.03.2015, ସାଉଥକୋ : ମାର୍ଚ୍ଚ 2015 ଏବଂ ନେସ୍କୋ: ମାର୍ଚ୍ଚ 2015

[65] ଡିସେମ୍ବର 2019ରେ ସେସୁ, ଡିସେମ୍ବର 2020ରେ ୱେସ୍କୋ/ସାଉଥକୋ ଏବଂ ଜାନୁଆରୀ 2021ରେ ନେସ୍କୋ

[66] ସେସୁ : 26.05.2020, ୱେସ୍କୋ: 28.12.2020, ସାଉଥକୋ : 28.12.2020 ଏବଂ ନେସ୍କୋ: 25.03.2021

[67] ଟିପିସିଓଡିଏଲ୍ : 16.03.2020ରେ 178.50 କୋଟି ଟଙ୍କା; ଟିପିଡବ୍ଲ୍ୟୁଓଡିଏଲ୍ : 17.12.2020ରେ 255 କୋଟି ଟଙ୍କା; ଟିପିଏସ୍‌ଓଡିଏଲ୍ : 17.12.2020ରେ 127.50 କୋଟି ଟଙ୍କା ଏବଂ ଟିପିଏନ୍‌ଓଡିଏଲ୍ : 10.03.2021ରେ 191.25 କୋଟି ଟଙ୍କା

ଭାବରେ ଗଠିତ ହୋଇଥିବା ଏସ୍‌ପିଭି କମ୍ପାନୀଗୁଡିକ[68] ସହିତ ୟୁଟିଲିଟିଗୁଡିକର ନ୍ୟସ୍ତ ତାରିଖ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା।

ୟୁଟିଲିଟିଗୁଡିକର ବିକ୍ରୟ ନିର୍ଦ୍ଦେଶ ଅନୁଯାୟୀ, ଟିପିସିଏଲ୍ ଦ୍ୱାରା ଓଇଆର୍‌ସି ପାଖରେ ଜମା କରାଯାଇଥିବା ବିକ୍ରୟ ପରିମାଣରୁ କାରବାର ଖର୍ଚ୍ଚକୁ ବାଦ ଦେବାପରେ ଅବଶିଷ୍ଟ ରାଶିକୁ ୟୁଟିଲିଟିଗୁଡିକୁ ଏସ୍‌ପିଭିମାନଙ୍କରେ ନ୍ୟସ୍ତ ହେବାର 30 ଦିନ ମଧ୍ୟରେ କିମ୍ବା ପୂର୍ବରୁ ଗ୍ରୀଡ୍‌କୋକୁ ପୈଠ କରିବାର ଥିଲା। ବିକ୍ରୟ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଓଇଆର୍‌ସି 199ରୁ 367 ଦିନ ବିଳମ୍ବରେ ଗ୍ରୀଡ୍‌କୋକୁ କାରବାର ଖର୍ଚ୍ଚକୁ ବାଦ ଦେଇ 732.25 କୋଟି ଟଙ୍କା ପୈଠ କରିଥିଲେ। ସମୀକ୍ଷାରେ ଦେଖାଗଲା ଯେ, ଗ୍ରୀଡ୍‌କୋକୁ ବିକ୍ରୟ ଅର୍ଥର ହସ୍ତାନ୍ତରକୁ ବିଳମ୍ବିତ ରଖି, ଓଇଆରସି ସେହି ରାଶିକୁ ବ୍ୟାଙ୍କରେ ଜମାରଖି 20.12 କୋଟି ଟଙ୍କା ସୁଧ ଆକାରରେ ଅହେତୁକ ଲାଭ କରିଥିଲେ।

ଏହି ପରିପ୍ରେକ୍ଷୀରେ, ସମୀକ୍ଷା ଟିପ୍ପଣୀ ନିମ୍ନରେ ଦର୍ଶାଯାଇଛି।

- ଗ୍ରୀଡ୍‌କୋର ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍) ଉପରେ ଆଦେଶ (ମାର୍ଚ୍ଚ 2017/ 2018/ 2019) ଜାରି କରିବା ବେଳେ, ଓଇଆର୍‌ସି ଟିପ୍ପଣୀ କରିଥିଲେ ଯେ ଗ୍ରୀଡ୍‌କୋ ନିଅଣ୍ଟିଆ ରୋକଡ ବାକିରେ ଥିଲା କାରଣ ବିତରଣ କମ୍ପାନୀମାନଙ୍କଠାରୁ ପାଉଥିବା ରାଜସ୍ୱ ବିଦ୍ୟୁତ ଉତ୍ପାଦନକାରୀଙ୍କ ଦେୟକୁ ପୈଠ କରିବାକୁ ପର୍ଯ୍ୟାପ୍ତ ହେଉନଥିଲା। ଅଧିକନ୍ତୁ, ଓଇଆରସି ଟିପ୍ପଣୀ କରିଥିଲେ ଯେ ଗ୍ରୀଡ୍‌କୋ କାମଚଳା ପୁଞ୍ଜି ଋଣ ଉପରେ ପୈଠ କରୁଥିବା ସୁଧକୁ ଏଆର୍‌ଆର୍‌ରେ ପ୍ରତିପୂରଣ ପାଇଁ ଅନୁମତି ଦିଆଯାଉନଥିଲା। କାରଣ, ଗ୍ରୀଡ୍‌କୋର ଋଣ ଉପରେ ସୁଧର ଦାୟିତ୍ୱକୁ ଓଇଆର୍‌ସି ଗ୍ରହଣ କରୁନଥିଲେ। ଏହା ପ୍ରମାଣ କରୁଛି ଯେ, ଗ୍ରୀଡ୍‌କୋ ବିପୁଳ ଋଣ କରି ସୁଧ ପୈଠ କରୁଥିବାର ସୂଚନା ଓଇଆର୍‌ସି ପାଖରେ ଥିବା ସତ୍ତ୍ୱେ, ଓଇଆର୍‌ସି ବିକ୍ରୟ ଆୟକୁ ଠିକ୍ ସମୟରେ ଫେରସ୍ତ କରିନଥିଲେ।
- ବିକ୍ରୟ ନିର୍ଦ୍ଦେଶ ଅନୁସାରେ ଯଦି ଓଇଆର୍‌ସି ଠିକ୍ ସମୟରେ ଦେୟକୁ ଗ୍ରୀଡ୍‌କୋକୁ ଫେରସ୍ତ କରିଥାନ୍ତା, ତେବେ ଗ୍ରୀଡ୍‌କୋ ସମାନ ପରିମାଣର କାମଚଳା ପୁଞ୍ଜି ଋଣ ହ୍ରାସ କରିପାରିଥାନ୍ତା ଏବଂ ନିମ୍ନର ହିସାବ ଅନୁଯାୟୀ ସୁଧର ବୋଝକୁ 39.82 କୋଟି[69] ଟଙ୍କା ପର୍ଯ୍ୟନ୍ତ ଏଡାଯାଇ ପାରିଥାନ୍ତା।

**ସାରଣୀ 4.1: ଗ୍ରୀଡ୍‌କୋକୁ ସୁଧର କ୍ଷତି**

*(ଟଙ୍କା କୋଟିରେ)*

| ଡିସ୍‌କମ୍/ ୟୁଟିଲିଟି ଗୁଡିକର ନାମ | ଏସ୍‌ପିଭିର ନାମ | ଏସ୍‌ପିଭି ସହିତ କ୍ଷମତା ନ୍ୟସ୍ତ କରିବାର ତାରିଖ | ଗ୍ରୀଡ୍‌କୋକୁ ପଠାଯାଇଥିବା ପରିମାଣ | ଗ୍ରଡ୍‌କୋକୁ ଟଙ୍କା ପଠାଇବାର ନିର୍ଦ୍ଦିଷ୍ଟ ତାରିଖ (ନ୍ୟସ୍ତ ତାରିଖଠାରୁ **30** ଦିନ ମଧ୍ୟରେ) | ଟଙ୍କା ଫେରସ୍ତର ପ୍ରକୃତ ତାରିଖ | ଟଙ୍କା ପଠାଇବାରେ ବିଳମ୍ବ (ଦିନରେ) | ଓଇଆରସି ଦ୍ୱାରା ପ୍ରାପ୍ତ ସୁଧ | ସୁଧ ବାବଦରେ ଗ୍ରୀଡ୍‌କୋର କ୍ଷତି |
|---|---|---|---|---|---|---|---|---|
| ସେସୁ | ଟିପିସିଓଡିଏଲ୍ | 01.06.2020 | 173.50 | 30.06.2020 | 02.07.2021 | 367 | 8.72 | 12.63 |
| ୱେସ୍କୋ | ଟିପିଡବ୍ଲ୍ୟୁଓଡିଏଲ୍ | 01.01.2021 | 250.00 | 30.01.2021 | 29.10.2021 | 271 | 5.57 | 13.29 |
| ସାଉଥକୋ | ଟିପିଏସ୍‌ଓଡିଏଲ୍ | 01.01.2021 | 122.50 | 30.01.2021 | 03.11.2021 | 276 | 2.78 | 6.63 |
| ନେସ୍କୋ | ଟିପିଏନ୍‌ଓଡିଏଲ୍ | 01.04.2021 | 186.25 | 30.04.2021 | 15.11.2021 | 198 | 3.05 | 7.27 |
| **ମୋଟ** | | | **732.25** | | | | **20.12** | **39.82** |

*(ଉତ୍ସ : ଗ୍ରୀଡ୍‌କୋର ଖାତା)*

ସମୀକ୍ଷା ପର୍ଯ୍ୟବେକ୍ଷଣ ଉପରେ ସରକାର କହିଲେ (ଜାନୁଆରୀ 2023) ଯେ, ବିଦ୍ୟୁତ ଅଧିନିୟମର ଧାରା 21 ଅନୁଯାୟୀ ସେସୁ, ୱେସ୍କୋ, ସାଉଥକୋ ଏବଂ ନେସ୍କୋର ୟୁଟିଲିଟିଗୁଡିକୁ ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏସ୍‌ଓଡିଏଲ୍ ଏବଂ ଟିପିଏନ୍‌ଓଡିଏଲ୍ ସହିତ ଯଥାକ୍ରମେ 01 ଜୁନ 2020, 01 ଜାନୁଆରୀ 2021, 01 ଜାନୁଆରୀ 2021 ଏବଂ 01 ଅପ୍ରେଲ 2021ରେ ନ୍ୟସ୍ତ ହୋଇଥିଲା। କେବଳ ପରିଚାଳନା ଦାୟିତ୍ୱର କାର୍ଯ୍ୟଭାର

[68] ଟିପିସିଓଡିଏଲ୍: 06.04.2020, ଟିପିଡବ୍ଲ୍ୟୁଓଡିଏଲ୍: 30.12.2020, ଟିପିଏସ୍‌ଓଡିଏଲ୍: 25.12.2020 ଏବଂ ଟିପିଏନ୍‌ଓଡିଏଲ୍: 20.03.2021

[69] 2020-21 ଏବଂ 2021-22ରେ ଗ୍ରୀଡ୍‌କୋ ଗ୍ରହଣ କରିଥିବା କାମଚଳା ପୁଞ୍ଜି ଉପରେ ଶତକଡା 7.10 ପ୍ରତିଶତ, 7.20 ପ୍ରତିଶତ ଏବଂ 7.35 ପ୍ରତିଶତ ହାରରେ ପ୍ରଯୁଜ୍ୟ ଅବଧି ପାଇଁ ସୁଧ ବାବଦରେ କ୍ଷତିକୁ ହିସାବ କରାଯାଇଛି

ନେବାକୁ ବିକ୍ରୟ ପ୍ରକ୍ରିୟାର ସମାପ୍ତି ବୋଲି କୁହାଯାଇପାରିବ ନାହିଁ ଏବଂ ଏହାପରେ ମଧ ବିକ୍ରୟ ପ୍ରକ୍ରିୟାର ଗତିରୋଧର ସମ୍ଭାବନା ଥିଲା। ଅଂଶଧନ ଅଧିଗ୍ରହଣ ଚୁକ୍ତି, ବହୁଳ ଯୋଗାଣ ଚୁକ୍ତି, ହିସାବଗୁଡିକର ସମୀକ୍ଷାରେ ସମାପ୍ତି ବିନା ୟୁଟିଲିଟିଗୁଡିକର ବିକ୍ରୟକୁ ସମାପ୍ତ ବୋଲି ବିବେଚନା କରାଯାଇ ପାରିବ ନାହିଁ।

ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ଓଇଆର୍‌ସି ଏହାର ବିକ୍ରୟ ନିର୍ଦ୍ଦେଶରେ ନିର୍ଦ୍ଧାରିତ କରିଥିଲା ଯେ ବିତରଣ କମ୍ପାନୀଗୁଡିକର ବିକ୍ରୟ ଆୟକୁ ୟୁଟିଲିଟିଗୁଡିକ, ଏସ୍‌ପିଭି ସହିତ ନ୍ୟସ୍ତ ହେବାର 30 ଦିନ ମଧ୍ୟରେ କିମ୍ବା ଶୀଘ୍ର ଗ୍ରୀଡ୍‌କୋକୁ ପଠାଯିବାର ଥିଲା। ୟୁଟିଲିଟିଗୁଡିକର ନ୍ୟସ୍ତ ହେବାର ତାରିଖ ଉତ୍ତରରେ ନିର୍ଦ୍ଦିଷ୍ଟ କରାଯାଇଛି। ତେଣୁ, ବିକ୍ରୟ ପ୍ରକ୍ରିୟାର ସମାପ୍ତି କଦାପି ନିର୍ଦ୍ଦେଶର ଏକ ମାନଦଣ୍ଡ ନଥିଲା। ଅଧିକନ୍ତୁ, ବିଦ୍ୟୁତ ଅଧିନିୟମର ଧାରା 21 ଅନୁଯାୟୀ ୟୁଟିଲିଟିଗୁଡିକର ନ୍ୟସ୍ତ ତାରିଖ କିମ୍ବା ବିକ୍ରୟର ସମାପ୍ତିର ତାରିଖ ମଧ୍ୟରେ ଯାହା ପ୍ରଥମେ ଘଟିଥିବ ସେହି ତାରିଖକୁ ୟୁଟିଲିଟିଗୁଡିକର ଅଧିକାର, କ୍ଷମତା, କର୍ତ୍ତୃପକ୍ଷ, କର୍ତ୍ତବ୍ୟ ଏବଂ ଦାୟିତ୍ୱ କ୍ରେତାଙ୍କୁ ହସ୍ତାନ୍ତର ହେଲା ବୋଲି ବିବେଚନା କରାଯିବ ଏବଂ କ୍ରେତାଙ୍କୁ ସେହି ତାରିଖରୁ ଲାଇସେନ୍ସଧାରୀ ବୋଲି ବିବେଚନା କରାଯିବ। ତେଣୁ, ୟୁଟିଲିଟିଗୁଡିକର ବିକ୍ରୟ ଆଦେଶ ଅନୁଯାୟୀ, ୟୁଟିଲିଟିଗୁଡିକର ନ୍ୟସ୍ତ ହେବାର 30 ଦିନ ମଧ୍ୟରେ କିମ୍ବା ଶୀଘ୍ର ବିକ୍ରୟ ଆୟକୁ ଗ୍ରୀଡ୍‌କୋକୁ ପ୍ରଦାନ କରିବା ଉଚିତ ଥିଲା। କିନ୍ତୁ, ଓଇଆର୍‌ସି ନିଜର ଆଦେଶ ଏବଂ ବିଦ୍ୟୁତ ଅଧିନିୟମକୁ ଉଲ୍ଲଙ୍ଘନ କରି ବିକ୍ରୟ ଅର୍ଥକୁ ବିଳମ୍ବରେ ପୈଠ କଲା, ଫଳସ୍ୱରୂପ ଗ୍ରୀଡ୍‌କୋକୁ 39.82 କୋଟି ଟଙ୍କାର ପରିହାର୍ଯ୍ୟ ସୁଧ ଦେବାକୁ ପଡିଲା।

## ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍

### 4.2 ଉପଭୋକ୍ତାଙ୍କ ଉପରେ ଅବାଞ୍ଛିତ ବୋଝ

**ଓଏଚ୍‌ପିସି ଦ୍ୱାରା ଟାରିଫ୍ ଦାଖଲରେ ନାମଞ୍ଜୁର ଆୟକର ଖର୍ଚ୍ଚ ଅନ୍ତର୍ଭୁକ୍ତ କରିବାରୁ 18.56 କୋଟି ଟଙ୍କାର ଅଗ୍ରାହ୍ୟ ପ୍ରତିପୂରଣ ଯାହାକି ରାଜ୍ୟର ଉପଭୋକ୍ତାମାନଙ୍କ ଉପରେ ଏକ ଅବାଞ୍ଛିତ ବୋଝ**

ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା କମ୍ପାନୀ ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଓଡିଶାରେ ଜଳ ବିଦ୍ୟୁତ ଉତ୍ପାଦନ ବ୍ୟବସାୟରେ ନିୟୋଜିତ ଅଛି। ଓଏଚ୍‌ପିସି ଦ୍ୱାରା ଉତ୍ପାଦିତ ସମସ୍ତ ବିଦ୍ୟୁତ ଶକ୍ତି ଗ୍ରୀଡ୍‌କୋ ଲିମିଟେଡ୍‌କୁ ବିକ୍ରୟ ହୁଏ। ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀମାନଙ୍କ ପାଇଁ ସମୁଦାୟ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍) ଏବଂ ଉତ୍ପାଦନ ଟାରିଫ୍, ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) (ଉତ୍ପାଦନ ଟାରିଫ ନିର୍ଣ୍ଣୟ ପାଇଁ ନିବନ୍ଧନ ଏବଂ ସର୍ତ୍ତ) ନିୟମାବଳୀ, 2014[70] (ଟାରିଫ ନିୟମାବଳୀ, 2014) ଦ୍ୱାରା ପରିଚାଳିତ ହୋଇଥାଏ। ତଦନୁଯାୟୀ, ଓଏଚ୍‌ପିସି ଏଆର୍‌ଆର୍ ନିର୍ଣ୍ଣୟ ଓ ଉତ୍ପାଦନ ଟାରିଫ୍ ନିର୍ଦ୍ଧାରଣ ପାଇଁ ଓଇଆର୍‌ସିଙ୍କ ନିକଟରେ ଦରଖାସ୍ତ ଦାଖଲ କରିଥାନ୍ତି। ଓଇଆର୍‌ସି ବିଦ୍ୟୁତ ଅଧିନିୟମ, 2003 ଓ ଟାରିଫ୍ ନିୟମାବଳୀ, 2014ର ପ୍ରାବଧାନଗୁଡିକୁ ଅନୁସରଣ କରି ତାହାକୁ ଅନୁମୋଦନ କରନ୍ତି।

ଟାରିଫ୍ ନିୟମାବଳୀ, 2014[71]ର ଧାରା 4.7 ଅନୁଯାୟୀ, ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀର ଆୟକର, ହିତାଧିକାରୀଙ୍କଠାରୁ ଆଦାୟ କରାଯିବ। ଅନ୍ୟାନ୍ୟ ଆୟ (ଯଥା, ଅଣ-ଉତ୍ପାଦନ ଓ ଅଣ-ସଞ୍ଚାରଣ ବ୍ୟବସାୟରୁ ଆୟ) ଉପରେ ଆୟକରକୁ ଏଥିରୁ ବାଦ ଦିଆଯିବ। 2018-19ରୁ 2021-22 ଆର୍ଥିକ ବର୍ଷଗୁଡିକର ଏଆର୍‌ଆର୍ ଓ ଉତ୍ପାଦନ ଟାରିଫ୍ ନିର୍ଣ୍ଣୟ ପାଇଁ ଦରଖାସ୍ତ ଦାଖଲ ବେଳେ, ଓଏଚ୍‌ପିସି ଆୟକର ବାବଦକୁ ପ୍ରଦାନ କରିଥିବା 185.62 କୋଟି ଟଙ୍କାକୁ ପ୍ରତିପୂରଣ ପାଇଁ ଦାବି କରିଥିଲେ। ଏହି ରାଶି ମଧ୍ୟରୁ, ଓଏଚ୍‌ପିସି ଉପର୍ଯ୍ୟୁକ୍ତ ଆର୍ଥିକ ବର୍ଷଗୁଡିକ ପାଇଁ 138.34 କୋଟି ଟଙ୍କାର ଅନୁମୋଦନ ଓ ପ୍ରତିପୂରଣ ପାଇଲେ।

ଏହି ପରିପ୍ରେକ୍ଷୀରେ, ସମୀକ୍ଷାରୁ ନିମ୍ନୋକ୍ତ ବିଷୟ ଦେଖାଗଲା:

70 ଟାରିଫ୍ ନିୟମାବଳୀ, 2014, 08 ସେପ୍ଟେମ୍ବର 2014ରୁ 31 ମାର୍ଚ୍ଚ 2020 ପର୍ଯ୍ୟନ୍ତ ପ୍ରଭାବୀ ଥିଲା (ଯଥା, 2019-20 ଆର୍ଥିକ ବର୍ଷ ପର୍ଯ୍ୟନ୍ତ) ଏବଂ ପରବର୍ତ୍ତୀ ସମୟରେ ଟାରିଫ୍ ନିୟମାବଳୀ, 2020 ଦ୍ୱାରା ସଂଶୋଧିତ 15 ଜୁଲାଇ 2020ରୁ ପ୍ରଭାବୀ

71 15 ଜୁଲାଇ 2020ରୁ ପ୍ରଭାବୀ ଟାରିଫ ନିୟମାବଳୀ, 2020ର ଧାରା 21(1)

- 2018-19ରୁ 2021-22 ପର୍ଯ୍ୟନ୍ତ ଆର୍ଥିକ ବର୍ଷଗୁଡିକ ପାଇଁ ଏଆର୍‌ଆର୍ ମାଧ୍ୟମରେ ଆୟକର ପ୍ରତିପୂରଣ ପାଇଁ ଦରଖାସ୍ତ ଦାଖଲ ସମୟରେ 'ଅନ୍ୟମାନଙ୍କଠାରୁ ସୁଧ' ଓ 'ଗ୍ରୀଡ୍‌କୋଠାରୁ ବିଳମ୍ବିତ ଦେୟ ଅଧିଭାର (ଡିପିଏସ୍) ବଦଳରେ ସୁଧ' ଭଳି ଆୟ ଉପରେ ପ୍ରଦତ୍ତ ଆୟକର ଅଂଶକୁ, ଓଏଚ୍‌ପିସି ବାଦ ଦେଇନଥିଲେ। ଯେହେତୁ ସେହି ଆୟଗୁଡିକ ଅନ୍ୟାନ୍ୟ ଆୟ (ଅଣ-ଉତ୍ପାଦନ ଓ ଅଣ-ସଞ୍ଚାରଣ କାର୍ଯ୍ୟକଳାପରୁ) ଥିଲା, ଓଇଆର୍‌ସି ନିକଟରେ ଏଆର୍‌ଆର୍ ଦାଖଲ ସମୟରେ ଆୟକର ପ୍ରତିପୂରଣ ଦାବିରୁ ସେଗୁଡିକୁ ବାଦ ଦେବାର ଥିଲା।
- 2017-18 ଆର୍ଥିକ ବର୍ଷର ଏଆର୍‌ଆର୍ ଓ ଟାରିଫ୍ ନିର୍ଣ୍ଣୟ ପାଇଁ ଓଏଚ୍‌ପିସି ଦ୍ୱାରା 'ଅନ୍ୟମାନଙ୍କ ଉପରେ ସୁଧ' ଓ 'ଗ୍ରୀଡ୍‌କୋଠାରୁ ଡିପିଏସ୍ ବଦଳରେ ସୁଧ' ଭଳି ଅନ୍ୟାନ୍ୟ ଆୟ ଉପରେ ପ୍ରଦତ୍ତ ଆୟକରର ପ୍ରତିପୂରଣ ପାଇଁ କରାଯାଇଥିବା ଦାବିକୁ ଓଇଆର୍‌ସି ଦ୍ୱାରା ନାମଞ୍ଜୁର କରିଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ଉପର୍ଯ୍ୟୁକ୍ତ ଅନ୍ୟାନ୍ୟ ଆୟ ଉପରେ ଆୟକର ପ୍ରତିପୂରଣ ବିଷୟରେ ପୁନର୍ବିଚାର କରିବା ପାଇଁ ଓଏଚ୍‌ପିସିର ଏକ ସମୀକ୍ଷା ଆବେଦନ ମଧ୍ୟ ଓଇଆର୍‌ସି ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା (23 ଅକ୍ଟୋବର 2017)।
- 2017-18 ଆର୍ଥିକ ବର୍ଷରେ ଏପରି ଦାବିର ପ୍ରତ୍ୟାଖ୍ୟାନ ସତ୍ତ୍ୱେ, ଟାରିଫ୍ ନିୟମାବଳୀ, 2014ରୁ ବିଚ୍ୟୁତ ହୋଇ ଉପର୍ଯ୍ୟୁକ୍ତ ଅନ୍ୟାନ୍ୟ ଆୟ ଉପରେ ଓଏଚ୍‌ପିସି 2018-19ରୁ 2021-22 ଆର୍ଥିକ ବର୍ଷରେ 18.56 କୋଟି ଟଙ୍କାର ଆୟକର ଦାବି କରିଥିଲେ ଏବଂ ପ୍ରତିପୂରଣ ଗ୍ରହଣ କରିଥିଲେ।

ଏହିପରି, ଟାରିଫ୍ ନିୟମାବଳୀ, 2014ରୁ ବିଚ୍ୟୁତ ହୋଇ ଏଆର୍‌ଆର୍ ଓ ଉତ୍ପାଦନ ଟାରିଫ୍ ଅନୁମୋଦନ ପାଇଁ ଦରଖାସ୍ତରେ, ନାମଞ୍ଜୁର ଆୟକର ଖର୍ଚ୍ଚ ଅନ୍ତର୍ଭୁକ୍ତ କରିବାରୁ 18.56 କୋଟି ଟଙ୍କା ଅଗ୍ରାହ୍ୟ ଆୟକର ଖର୍ଚ୍ଚର ପ୍ରତିପୂରଣ ହୋଇଥିଲା। ଫଳସ୍ୱରୂପ, ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କ ଉପରେ ଏକ ଅବାଞ୍ଛିତ ବୋଝ ପଡିଥିଲା।

ସରକାର ତଥ୍ୟକୁ ଗ୍ରହଣ କଲେ (ନଭେମ୍ବର 2022) ଏବଂ ଆଗାମୀ ବର୍ଷ 2023-24 ପାଇଁ ଏଆର୍‌ଆର୍ ଦାଖଲ ମାଧ୍ୟମରେ ଅତିରିକ୍ତ ଦାବିକୁ ବ୍ୟବସ୍ଥିତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।

## 4.3 ବୈଧାନିକ ଦେୟର ସ୍ୱଳ୍ପ ପଇଠ

**ଓଡିଶା ବିଦ୍ୟୁତ (ଶୁଳ୍କ) ଅଧିନିୟମ, 1961ରୁ ବିଚ୍ୟୁତ ହୋଇ କମ୍ ହାରରେ ବିଦ୍ୟୁତ ଶୁଳ୍କ ପ୍ରଦାନ କରିବା ଯୋଗୁ 2.36 କୋଟି ଟଙ୍କାର ସ୍ୱଳ୍ପ ପଇଠ ହୋଇଥିଲା**

ଓଡିଶା ବିଦ୍ୟୁତ (ଶୁଳ୍କ) ଅଧିନିୟମ, 1961 ଅନୁଯାୟୀ, ଗ୍ରାହକଙ୍କୁ ଯୋଗାଇ ଦିଆଯାଇଥିବା ବିଦ୍ୟୁତ ଶକ୍ତି ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ବିଦ୍ୟୁତ ଶୁଳ୍କ (ଇଡି) ଆଦାୟ କରାଯାଇ ଓଡିଶା ସରକାରଙ୍କୁ ପ୍ରଦାନ କରିବା ଉଚିତ। କୌଣସି ବ୍ୟକ୍ତି ଯିଏକି ଜଣେ ବିତରଣ ଲାଇସେନ୍ସଧାରୀ କିମ୍ବା ବୋର୍ଡ ନହୋଇ ନିଜର ବ୍ୟବହାର ପାଇଁ ବିଦ୍ୟୁତ ଶକ୍ତି ଉତ୍ପାଦନ କରନ୍ତି ଓ ବ୍ୟବହାର କରନ୍ତି, ସେ ମଧ୍ୟ ଏହି ଅଧିନିୟମ ଅନୁଯାୟୀ ବିଦ୍ୟୁତ ଶୁଳ୍କ ଆଦାୟ କରି ଓଡିଶା ସରକାରଙ୍କୁ ପ୍ରଦାନ କରିବାକୁ ଦାୟୀ ଅଟନ୍ତି। ଜାନୁଆରୀ 2017ରେ ଶକ୍ତି ବିଭାଗ, ଓଡିଶା ସରକାର ବିଜ୍ଞପ୍ତି ପ୍ରକାଶ କଲେ ଯେ, ବିଦ୍ୟୁତ ଶକ୍ତି ଉତ୍ପାଦନକାରୀମାନଙ୍କ ଦ୍ୱାରା ସହାୟକ ବ୍ୟବହାର[72] ସମେତ ନିଜ ଉତ୍ପାଦନରୁ ବ୍ୟବହୃତ ବା ଖର୍ଚ୍ଚ କରାଯାଇଥିବା ବିଦ୍ୟୁତ ଉପରେ ଇଡି ଦେୟ ନିର୍ଦ୍ଧାରଣ କରିବେ। ଗୋଟିଏ ମାସର ଉତ୍ପାଦନ ଉପରେ ବିଦ୍ୟୁତ ଶୁଳ୍କ 30 ଦିନ ମଧ୍ୟରେ ସରକାରଙ୍କ କୋଷାଗାରରେ ଜମା କରାଯାଏ। ଏହା ବ୍ୟତୀତ, ଉତ୍ପାଦନକାରୀ ପୂର୍ବ ମାସ ସମାପ୍ତିର ସାତ ଦିନ ମଧ୍ୟରେ ଏକ ମାସିକିଆ ରିଟର୍ଣ୍ଣ ଦାଖଲ କରିବେ। ବିଦ୍ୟୁତ ଶୁଳ୍କ ପ୍ରଦାନରେ ବିଳମ୍ବ ହେଲେ, ଲାଇସେନ୍ସଧାରୀ ବକେୟା ଇଡି

[72] ସହାୟକ ଉପଯୋଗ ହେଉଛି ଉତ୍ପାଦନ କେନ୍ଦ୍ରର ସ୍ୱିଚ୍ୟାର୍ଡ ସମେତ ଯନ୍ତ୍ରପାତି ଦ୍ୱାରା ବ୍ୟବହୃତ ହେଉଥିବା ବିଦ୍ୟୁତ ଶକ୍ତି ଓ ରୂପାନ୍ତରଣ କ୍ଷତି। କିନ୍ତୁ ଏଥିରେ କଲୋନୀ ଗୃହଗୁଡିକୁ ଓ ଉତ୍ପାଦନ କେନ୍ଦ୍ରର ଅନ୍ୟାନ୍ୟ ସୁବିଧାକୁ ବିଦ୍ୟୁତ ଯୋଗାଣ ଅନ୍ତର୍ଭୁକ୍ତ ନଥାଏ

ପ୍ରଦାନ ନହେବା ପର୍ଯ୍ୟନ୍ତ ଏହା ଉପରେ ବାର୍ଷିକ 18 ପ୍ରତିଶତ ହାରରେ[73] ସୁଧ ଦେବାକୁ ଦାୟୀ ରହିବେ। ଶକ୍ତି ବିଭାଗ, ଓଡିଶା ସରକାର ବିଜ୍ଞପ୍ତି ପ୍ରକାଶ କଲେ (ଡିସେମ୍ବର 2016) ଯେ, ଲାଇସେନ୍ସଧାରୀ ନହୋଇ ନିଜର ବ୍ୟବହାର ପାଇଁ ବିଦ୍ୟୁତ ଶକ୍ତି ଉତ୍ପାଦନ କରୁଥିବା ବ୍ୟକ୍ତିଙ୍କ ପାଇଁ ବିଦ୍ୟୁତ ଶୁଳ୍କର ଦର ୟୁନିଟ ପ୍ରତି 30 ପଇସା ହେବ। ଶକ୍ତି ବିଭାଗ, ଓଡିଶା ସରକାରଙ୍କ ବିଜ୍ଞପ୍ତି (ମଇ 2017) ଅନୁସାରେ ଏହି ଦର ୟୁନିଟ ପ୍ରତି 55 ପଇସାକୁ ସଂଶୋଧିତ କରାଯାଇଥିଲା।

ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ଓଏଚ୍‌ପିସି)ର ରେଙ୍ଗାଲି ଜଳ ବିଦ୍ୟୁତ ପ୍ରକଳ୍ପ (ଆର୍‌ଏଚ୍‌ଇପି) ବିଦ୍ୟୁତ ଉତ୍ପାଦନ କରିଥିଲେ ଓ ଏହାକୁ ଗ୍ରୀଡ୍‌କୋ ଲିମିଟେଡ୍‌କୁ ଯୋଗାଇଥିଲେ। ଯେହେତୁ ଏହାର ନିକଟବର୍ତ୍ତୀ କଲୋନୀ ବିଦ୍ୟୁତ ବିରତଣ କମ୍ପାନୀମାନଙ୍କୁ ହସ୍ତାନ୍ତର ହୋଇନଥିଲା, ଆର୍‌ଏଚ୍‌ଇପି ନିଜସ୍ୱ ଉତ୍ପାଦନରୁ ସେହି କଲୋନୀକୁ ବିଦ୍ୟୁତ ବିତରଣ କରୁଥିଲେ। କଲୋନୀରେ ବିଦ୍ୟୁତ ବଣ୍ଟନ କରି ଆରଏଚ୍‌ଇପି ବିଦ୍ୟୁତ ଦେୟର ଚାରି ଶତକଡା ବିଦ୍ୟୁତ ଶୁଳ୍କ ଆଦାୟ କରନ୍ତି ଏବଂ ରାଜ୍ୟ ସରକାର ପାଖରେ ତାହା ଜମା କରନ୍ତି।

ସମୀକ୍ଷାରୁ ଦେଖାଗଲା ଯେ, ଆର୍‌ଏଚ୍‌ଇପି ଏକ ବିତରଣ ଲାଇସେନ୍ସଧାରୀ ନଥିଲେ ଏବଂ ଡିସେମ୍ବର 2016 ଓ ମଇ 2017ର ଉପର୍ଯ୍ୟୁକ୍ତ ବିଜ୍ଞପ୍ତିଗୁଡିକ ଅନୁଯାୟୀ ଏହା କଲୋନୀ ବିଦ୍ୟୁତ ଉପଯୋଗ ପାଇଁ ୟୁନିଟ ପ୍ରତି 55 ପଇସା ବିଦ୍ୟୁତ ଶୁଳ୍କ ପ୍ରଦାନ କରିବାକୁ ଦାୟୀ ଥିଲେ। କିନ୍ତୁ, ଉପର୍ଯ୍ୟୁକ୍ତ ବିଜ୍ଞପ୍ତିଗୁଡିକର ଖିଲାପ କରି ଆର୍‌ଏଚ୍‌ଇପି ବିଦ୍ୟୁତ ଦେୟର ଚାରି ଶତକଡା ହାରରେ ଇଡି ଜମା କରିଆସୁଥିଲେ। ଏହି ପରିପ୍ରେକ୍ଷୀରେ ଏହା ଦେଖାଗଲା ଯେ, ମଇ 2017ର ବିଜ୍ଞପ୍ତି ଅନୁଯାୟୀ ଚାରି ଶତକଡା ହାର ନିମ୍ନ ଟେନସନର ଅଣ-ଶିଳ୍ପବର୍ଗ ଗ୍ରାହକଙ୍କ ପାଇଁ ପ୍ରଜୁଯ୍ୟ ଥିଲା। ତେଣୁ, ଚାରି ଶତକଡା ହାରରେ ବିଦ୍ୟୁତ ଶୁଳ୍କ ପ୍ରଦାନ ନିୟମ ବିରୁଦ୍ଧ ଥିଲା କାରଣ ଆର୍‌ଏଚ୍‌ଇପି ଏକ ଉତ୍ପାଦନକାରୀ ଥିଲେ ଯାହାଙ୍କ ପାଇଁ ବିଜ୍ଞପ୍ତିରେ ୟୁନିଟ ପ୍ରତି 55 ପଇସା ଧାର୍ଯ୍ୟ କରାଯାଇଥିଲା। ପୁନଶ୍ଚ, ଓଏଚ୍‌ପିସିର ଅନ୍ୟ ଏକ ଜଳ ବିଦ୍ୟୁତ ପ୍ରକଳ୍ପ, ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ, ମୁଖିଗୁଡା ସହ ତୁଳନା କରିବାରୁ ଜଣାଗଲା ଯେ, ଏହା ମଧ୍ୟ କଲୋନୀର ବିଦ୍ୟୁତ ଉପଯୋଗ ନିମିତ୍ତ ୟୁନିଟ ପିଛା 55 ପଇସା ହାରରେ ବିଦ୍ୟୁତ ଶୁଳ୍କ ପ୍ରଦାନ କରୁଥିଲେ। ଏହି ଭୁଲ ହାରର ପ୍ରୟୋଗ ହେତୁ ସମୀକ୍ଷା ଦ୍ୱାରା ଅପ୍ରେଲ 2018ରୁ ମାର୍ଚ୍ଚ 2022 ମଧ୍ୟରେ ବିଦ୍ୟୁତ ଶୁଳ୍କ ପ୍ରଦାନରେ 2.36 କୋଟି ଟଙ୍କା[74]ର ନିଅଣ୍ଟ ହୋଇଥିବା ହିସାବ କରାଯାଇଥିଲା। ବକେୟା ବିଦ୍ୟୁତ ଶୁଳ୍କ 2.36 କୋଟି ଟଙ୍କା ସହ ଏହା ଉପରେ ସୁଧ ରାଜ୍ୟ ତହବିଲର କ୍ଷତି ଥିଲା।

ସରକାର ପ୍ରତ୍ୟୁତ୍ତର ଦେଲେ (ଫେବୃୟାରୀ 2023) ଯେ, କଲୋନୀ ଗୃହଗୁଡିକୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ ପାଇଁ ବିଦ୍ୟୁତ ଶୁଳ୍କକୁ ଉଚ୍ଚ ଶକ୍ତସମ୍ପନ୍ନ ବିଦ୍ୟୁତ (ଏଚ୍‌ଟି) ବର୍ଗରେ ବିଭକ୍ତ କରି ବିଦ୍ୟୁତ ଦେୟର ଆଠ ପ୍ରତିଶତ ହାରରେ ଆଦାୟ କରିବାର ଥିଲା। ସେମାନେ ପୁନଶ୍ଚ କହିଲେ ଯେ, ମାମଲାଟି ମୁଖ୍ୟ ଯନ୍ତ୍ରୀ/ଇଆଇସି(ବିଦ୍ୟୁତ)ଙ୍କୁ ସୂଚିତ କରିଦିଆଯାଇଅଛି ଏବଂ ଓଏଚ୍‌ପିସି ଏହି ମାମଲାଟିର ନିଷ୍ପତ୍ତିକୁ ପାଳନ କରିବ ଓ ଯଦି ନିର୍ଦ୍ଧାରଣ ହୁଏ, ବିଦ୍ୟୁତ ଶୁଳ୍କ ଦେବେ।

ପ୍ରତ୍ୟୁତ୍ତରଟି ଗ୍ରହଣୀୟ ନଥିଲା କାରଣ ଆର୍‌ଏଚ୍‌ଇପି ଅପ୍ରେଲ 2018ରୁ ମାର୍ଚ୍ଚ 2022 ମଧ୍ୟରେ ବିଦ୍ୟୁତ ଦେୟର ଚାରି ପ୍ରତିଶତ ହାରରେ ବିଦ୍ୟୁତ ଶୁଳ୍କ ପ୍ରଦାନ କରିଥିଲେ ଯାହାକି କମ ଶକ୍ତି ସମ୍ପନ୍ନ ବିଦ୍ୟୁତ (ଏଲ୍‌ଟି) ବର୍ଗର ଉପଭୋକ୍ତାଙ୍କ ପାଇଁ ପ୍ରଯୁଜ୍ୟ। ଏହା ସୂଚିତ କରୁଛି ଯେ, କଲୋନୀ ଏଲ୍‌ଟି ବର୍ଗରେ ଆସୁଛି। ପୁନଶ୍ଚ, ଆର୍‌ଏଚ୍‌ଇପି, ରେଙ୍ଗାଲୀ ମଇ 2022ର ବିଦ୍ୟୁତ ଶୁଳ୍କ ୟୁନିଟ ପ୍ରତି 55 ପଇସା ହାରରେ ପୂର୍ବରୁ ପ୍ରଦାନ କରିଥିଲେ ଏବଂ ସମାନ ହାରରେ ଭେଦାତ୍ମକ ବକେୟା ବିଦ୍ୟୁତ ଶୁଳ୍କ ପ୍ରଦାନ କରିବାକୁ ହିସାବ ମଧ୍ୟ କରିଥିଲେ। ଅତଏବ, ସତ୍ୟ ହେଉଛି ଯେ, ଅପ୍ରେଲ 2018ରୁ ମାର୍ଚ୍ଚ 2022 ସମୟ ଅବଧି ପାଇଁ ୟୁନିଟ ପ୍ରତି 55 ପଇସା ହାରରେ ବକେୟା ବିଦ୍ୟୁତ ଶୁଳ୍କ ସରକାରଙ୍କ ନିକଟରେ ଜମା କରାଯାଇନଥିଲା।

---

73 ଓଡିଶା ବିଦ୍ୟୁତ (ଶୁଳ୍କ) ଅଧିନିୟମ, 1961ର ଧାରା 5(ଗ)

74 ୟୁନିଟ ପିଛା 55 ପଇସା ହିସାବରେ ବିଦ୍ୟୁତ ଶୁଳ୍କ 2.43 କୋଟି ଟଙ୍କା- ଆର୍‌ଏଚ୍‌ଇପି ଦ୍ୱାରା ପ୍ରଦତ୍ତ ପକୃତ ବିଦ୍ୟୁତ ଶୁଳ୍କ 0.07 କୋଟି ଟଙ୍କା

## ଗ୍ରୀଡ୍‌କୋ ଲିମିଟେଡ୍

## 4.4 ପରିହାର୍ଯ୍ୟ ଜୋରିମାନା ପୈଠ

**ସରକାରୀ ଗ୍ୟାରେଣ୍ଟି ଦାଖଲରେ ବିଳମ୍ବ ହେତୁ ବାଣିଜ୍ୟିକ ବ୍ୟାଙ୍କଗୁଡିକ ଦ୍ୱାରା 6.19 କୋଟି ଟଙ୍କାର ପରିହାର୍ଯ୍ୟ ଜୋରିମାନା ଧାର୍ଯ୍ୟ**

ଓଡିଶା ସରକାରଙ୍କ ଏକ ଉଦ୍ୟୋଗ, ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍ (ଗ୍ରୀଡ୍‌କୋ) ବିଦ୍ୟୁତର ବହୁଳ କ୍ରୟ ଏବଂ ରାଜ୍ୟରେ ଚାରୋଟି ବିତରଣ କମ୍ପାନୀଙ୍କୁ (ଡିସ୍‌କମ୍) ବିକ୍ରୟ କରିବା ସହିତ ବଳକା ବିଦ୍ୟୁତକୁ ବ୍ୟବସାୟୀ ଏବଂ ଶକ୍ତି ବିନିମୟ ମାଧମରେ ବିକ୍ରୟ କାରବାରରେ ନିୟୋଜିତ ଅଛି। ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀଗୁଡିକୁ (ପିଜିସି) ଠିକ୍ ସମୟରେ ଦେୟ ପ୍ରଦାନ ପାଇଁ ସରକାରୀ ଗ୍ୟାରେଣ୍ଟି (ଜିଜି) ଦାଖଲ କରି ଗ୍ରୀଡ୍‌କୋ ଗତ 20 ବର୍ଷ ଧରି ବାଣିଜ୍ୟିକ ବ୍ୟାଙ୍କଗୁଡିକରୁ କାମଚଳା ପୁଞ୍ଜି ଋଣ ନେଉଛି। ପ୍ରତ୍ୟେକ ବର୍ଷ ଋଣ ପ୍ରସ୍ତାବ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦନ ପରେ ଗ୍ରୀଡ୍‌କୋ ଋଣ ମଞ୍ଜୁର କରିବାକୁ ବ୍ୟାଙ୍କମାନଙ୍କୁ ଅନୁରୋଧ କରୁଥିଲା ଏବଂ ଏକ ସମୟରେ ସରକାରୀ ଗ୍ୟାରେଣ୍ଟି ମଞ୍ଜୁର କରିବାକୁ ଓଡିଶା ସରକାରଙ୍କୁ ଅନୁରୋଧ କରୁଥିଲା।

ଦସ୍ତାବିଜ ଯାଞ୍ଚରୁ ଦେଖାଗଲା ଯେ, ଗ୍ରୀଡ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ଆର୍ଥିକ ବର୍ଷ 2016-17 ପାଇଁ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀଗୁଡିକର ଦେୟ ଠିକ୍ ସମୟରେ ପୈଠ କରିବାକୁ 1,000 କୋଟି ଟଙ୍କା ବ୍ୟାଙ୍କଗୁଡିକରୁ ଋଣ କରିବାକୁ 12 ମଇ 2016ରେ ଅନୁମୋଦନ କରିଥିଲା। ସେହି ଅନୁଯାୟୀ, ଗ୍ରୀଡ୍‌କୋ ଜୁଲାଇ 2016ରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)କୁ 500 କୋଟି ଟଙ୍କାର ଋଣ ମଞ୍ଜୁର ପାଇଁ ଅନୁରୋଧ କରିଥିଲା। ୟୁବିଆଇ ସେପ୍ଟେମ୍ବର 2016ରେ 500 କୋଟି ଟଙ୍କାର ଋଣ ମଞ୍ଜୁର କଲା ଏବଂ ପ୍ରଥମ ଋଣ ବିତରଣର ଛଅ ମାସ ମଧ୍ୟରେ ସରକାରୀ ଗ୍ୟାରେଣ୍ଟି ଦାଖଲ କରିବାର ସର୍ତ୍ତ ସହିତ ଚାରୋଟି ପର୍ଯ୍ୟାୟରେ[75] ଋଣ ବିତରଣ କଲା। ତେଣୁ, ଗ୍ରୀଡ୍‌କୋ ମଇ 2017 ସୁଦ୍ଧା ସରକାରୀ ଗ୍ୟାରେଣ୍ଟି ଦାଖଲ କରିବା ଉଚିତ ଥିଲା। ସରକାରୀ ଗ୍ୟାରେଣ୍ଟି ଦାଖଲ କରିବାରେ ବିଳମ୍ବ ସମୟ ପାଇଁ ଏକ ପ୍ରତିଶତ ହାରରେ ଦଣ୍ଡ ସୁଧ ପୈଠ କରିବାର ସର୍ତ୍ତ ଋଣ ମଞ୍ଜୁର ଦସ୍ତାବିଜରେ ଉଲ୍ଲେଖ ଥିଲା। ଗ୍ରୀଡ୍‌କୋ, ନଭେମ୍ବର 2016ରେ ବ୍ୟାଙ୍କର ନିବନ୍ଧନ ଓ ସର୍ତ୍ତଗୁଡିକ ସ୍ୱୀକାର କରିଥିଲା।

ଅଧିକନ୍ତୁ, 2016-17 ଆର୍ଥିକ ବର୍ଷ ପାଇଁ, 1,000 କୋଟି ଟଙ୍କାର ସରକାରୀ ଗ୍ୟାରେଣ୍ଟି ମଞ୍ଜୁର ପ୍ରସ୍ତାବ ନିର୍ଦ୍ଦେଶକ ମଣ୍ଡଳୀ ଅନୁମୋଦନର 14 ମାସ ପରେ ଏବଂ ପ୍ରଥମ କିସ୍ତି ଋଣ ବିତରଣର ଆଠ ମାସ ପରେ ଶକ୍ତି ବିଭାଗକୁ ଜୁଲାଇ 2017ରେ ଦାଖଲ କଲା। ଏହାର ଉତ୍ତରରେ, ଶକ୍ତି ବିଭାଗ ଅଗଷ୍ଟ 2017ରେ ଗ୍ରୀଡ୍‌କୋକୁ ନିର୍ଦ୍ଦିଷ୍ଟ ତଥ୍ୟ ଏବଂ ଦସ୍ତାବିଜ ପ୍ରଦାନ କରିବାକୁ କହିଲେ, ଯାହାକୁ ସରକାରୀ ଗ୍ୟାରେଣ୍ଟି ବିଚାର ପାଇଁ ଅର୍ଥ ବିଭାଗକୁ ପଠାଇବାକୁ ହୋଇଥାନ୍ତା। ଉପର୍ଯ୍ୟୁକ୍ତ ଅନୁପାଳନରେ ବିଳମ୍ବ ହେତୁ, ଶକ୍ତି ବିଭାଗ ଅକ୍ଟୋବର 2017ରେ ଅନୁପାଳନ କରିବାକୁ ଗ୍ରୀଡ୍‌କୋକୁ ମନେ ପକାଇଦେଲା।

ପରବର୍ତ୍ତୀ ସମୟରେ, ଗ୍ରୀଡ୍‌କୋ ଆର୍ଥିକ ବର୍ଷ 2016-17 ଏବଂ 2017-18 ପାଇଁ 2,015 କୋଟି ଟଙ୍କାର ସରକାରୀ ଗ୍ୟାରେଣ୍ଟି ମଞ୍ଜୁର ପାଇଁ ଦୁଇବର୍ଷର କ୍ରମବର୍ଦ୍ଧିଷ୍ଣୁ ପ୍ରସ୍ତାବ ଜୁଲାଇ 2018ରେ ଦାଖଲ କଲା। ଏହି ପ୍ରସ୍ତାବକୁ ଆହୁରି ସଂଶୋଧିତ କରାଯାଇ ଆର୍ଥିକ ବର୍ଷ 2016-17ରୁ 2018-19 ପର୍ଯ୍ୟନ୍ତ ତିନିବର୍ଷ ପାଇଁ 3,000 କୋଟି ଟଙ୍କାର ପ୍ରସ୍ତାବ ନଭେମ୍ବର 2018ରେ ଦାଖଲ କରାଯାଇଥିଲା। ପରିଶେଷରେ, 3,000 କୋଟି ଟଙ୍କାର ସରକାରୀ ଗ୍ୟାରେଣ୍ଟି ମାର୍ଚ୍ଚ 2019ରେ ଗ୍ରୀଡ୍‌କୋ ସପକ୍ଷରେ ମଞ୍ଜୁର ହେଲା।

ଯେହେତୁ ଗ୍ରୀଡ୍‌କୋ ପ୍ରଥମ ଋଣ ବିତରଣର ଛଅ ମାସ ମଧ୍ୟରେ ସରକାରୀ ଗ୍ୟାରେଣ୍ଟି ଦାଖଲ କରିପାରିଲା ନାହିଁ, ୟୁବିଆଇ ଉପର୍ଯ୍ୟୁକ୍ତ 500 କୋଟି ଟଙ୍କାର ଋଣ ଉପରେ ଏକ ପ୍ରତିଶତ ଦଣ୍ଡସୁଧ ଚାର୍ଜ କଲା। ଗ୍ରୀଡ୍‌କୋର

---

[75] 15 ନଭେମ୍ବର 2016, 31 ଡିସେମ୍ବର 2016, 02 ମାର୍ଚ୍ଚ 2017 ଏବଂ 07 ଜୁଲାଇ 2017; ଏହି ଚାରୋଟି ପର୍ଯ୍ୟାୟରେ ଯଥାକ୍ରମେ 200 କୋଟି ଟଙ୍କା, 100 କୋଟି ଟଙ୍କା, 100 କୋଟି ଟଙ୍କା ଏବଂ 100 କୋଟି ଟଙ୍କା

ଅନୁରୋଧ କ୍ରମେ, ୟୁବିଆଇ ମାର୍ଚ୍ଚ 2020ରେ 7.97 କୋଟି ଟଙ୍କାର ଦଣ୍ଡସୁଧ ଛାଡି ଦେଲା ଏବଂ ବଳକା 2.42 କୋଟି ଟଙ୍କାର ଦଣ୍ଡସୁଧ ଅସୁଲି କଲା।

ସେହିପରି, ନିର୍ଦ୍ଦେଶକ ମଣ୍ଡଳୀ 2019-20 ଆର୍ଥିକ ବର୍ଷ ପାଇଁ ଗ୍ରୀଡ୍‌କୋର 1,500 କୋଟି ଟଙ୍କାର ବ୍ୟାଙ୍କ ଋଣ ପ୍ରସ୍ତାବକୁ 26 ଜୁଲାଇ 2019ରେ ଅନୁମୋଦନ କରିଥିଲା। କାନାରା ବ୍ୟାଙ୍କ ଅଗଷ୍ଟ 2019ରେ 400 କୋଟି ଟଙ୍କା ଋଣ ସମାନ ନିବନ୍ଧନ ଓ ସର୍ତ୍ତରେ[76] ମଞ୍ଜୁର କରି ଦୁଇଟି ପର୍ଯ୍ୟାୟରେ[77] ବିତରଣ କରିଥିଲା। ଏହି ପରିପ୍ରେକ୍ଷୀରେ, ଗ୍ରୀଡ୍‌କୋ, ନିର୍ଦ୍ଦେଶକ ମଣ୍ଡଳୀ ଅନୁମୋଦନର 46 ଦିନ ପରେ ସରକାରୀ ଗ୍ୟାରେଣ୍ଟି ମଞ୍ଜୁର ପାଇଁ ଶକ୍ତି ବିଭାଗକୁ ପ୍ରସ୍ତାବ ଦାଖଲ କଲା (10 ସେପ୍ଟେମ୍ବର 2019)। ପୁନଶ୍ଚ, ଆବେଦନ ସହିତ କିଛି ଦସ୍ତାବିଜ କିମ୍ବା ସୂଚନା[78] ଦାଖଲ ନକରିବା ହେତୁ ସେହି ତଥ୍ୟ କିମ୍ବା ଦସ୍ତାବିଜ ଦାଖଲ କରିବାକୁ ଶକ୍ତି ବିଭାଗ 7 ଅପ୍ରେଲ 2020ରେ ଅନୁରୋଧ କଲା। ଗ୍ରୀଡ୍‌କୋ 15 ଅପ୍ରେଲ 2020ରେ ମଗାଯାଇଥିବା ଦସ୍ତାବିଜ ଓ ତଥ୍ୟ ଦାଖଲ କଲା। ସେହି ଅନୁଯାୟୀ, 19 ଅଗଷ୍ଟ 2020ରେ ସରକାରୀ ଗ୍ୟାରେଣ୍ଟି ମଞ୍ଜୁର କରାଯାଇଥିଲା ଏବଂ 16 ସେପ୍ଟେମ୍ବର 2020ରେ କାନାରା ବ୍ୟାଙ୍କରେ ଦାଖଲ କରାଯାଇଥିଲା। ଏହିପରି, ସରକାରୀ ଗ୍ୟାରେଣ୍ଟି ପ୍ରସ୍ତାବ ଦାଖଲରେ ବିଳମ୍ବ ସହିତ ଆବଶ୍ୟକୀୟ ଦସ୍ତାବିଜ କିମ୍ବା ସୂଚନା ଦାଖଲ ନକରିବା କାରଣରୁ, ସରକାରୀ ଗ୍ୟାରେଣ୍ଟି ମଞ୍ଜୁରରେ ବିଳମ୍ବ ହୋଇଥିଲା, ସେଥିପାଇଁ କାନାରା ବ୍ୟାଙ୍କ 3.77 କୋଟି ଟଙ୍କାର ଦଣ୍ଡସୁଧ ଆଦାୟ କରିଥିଲା। ଏହାପରେ, ମାର୍ଚ୍ଚ 2022ରେ ଗ୍ରୀଡ୍‌କୋ ଋଣଗୁଡିକୁ କାନାରା ବ୍ୟାଙ୍କରୁ ବ୍ୟାଙ୍କ ଅଫ୍ ବରୋଦାକୁ ସ୍ଥାନାନ୍ତର କରିଥିଲା। ତେଣୁ, କାନାରା ବ୍ୟାଙ୍କ ଦ୍ୱାରା ଆଦାୟ ହୋଇଥିବା ଦଣ୍ଡସୁଧକୁ ଫେରିପାଇବାରେ କୌଣସି ସମ୍ଭାବନା ନଥିଲା, ଯାହାଫଳରେ ଗ୍ରୀଡ୍‌କୋର କ୍ଷତି ହୋଇଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଋଣ ବିତରଣର ଛଅ ମାସ ମଧ୍ୟରେ ବ୍ୟାଙ୍କଗୁଡିକୁ ସରକାରୀ ଗ୍ୟାରେଣ୍ଟି ଦାଖଲ କରିବାର ଆବଶ୍ୟକତାକୁ ଗ୍ରୀଡ୍‌କୋ ଜାଣିଥିବା ସତ୍ତ୍ୱେ, ଏହି ଘଟଣାକୁ ତ୍ୱରାନ୍ୱିତ କରିନଥିଲା। ଏହା ମଧ୍ୟ ଦେଖାଗଲା ଯେ, ଗ୍ରୀଡ୍‌କୋ ଶକ୍ତି ବିଭାଗକୁ ଗ୍ୟାରେଣ୍ଟି ଆବେଦନ ଦାଖଲ କରିବାରେ ବିଳମ୍ବ କରିଥିଲା। ଅଧିକନ୍ତୁ, ଏହାର ଦରଖାସ୍ତଗୁଡିକ ସହିତ କିଛି ମୌଳିକ ସୂଚନା ସଂଯୁକ୍ତ ହୋଇନଥିଲା ଯଥା ଅଂଶଧନ ପୁଞ୍ଜି ସମ୍ବନ୍ଧୀୟ ତଥ୍ୟ, ଏକତ୍ରୀକୃତ କ୍ଷତି, ବକେୟା ଋଣ, ଗ୍ୟାରେଣ୍ଟି ହାସଲ କରିବାର ଅବଧି, ସରକାରୀ ଗ୍ୟାରେଣ୍ଟି ପ୍ରତିବଦଳରେ ହାସଲ କରିଥିବା ଋଣର ପରିଶୋଧ ଯୋଜନା ଇତ୍ୟାଦି। ଫଳସ୍ୱରୂପ, ଶକ୍ତି ବିଭାଗ ଏହି ତଥ୍ୟକୁ ଗ୍ରୀଡ୍‌କୋକୁ ମାଗିବାକୁ ପଡିଥିଲା ଏବଂ ପରବର୍ତ୍ତୀ ସମୟରେ ସେଥିପାଇଁ ମନେ ପକାଇବାକୁ ପଡିଥିଲା। ଏହାଦ୍ୱାରା ସରକାରୀ ଗ୍ୟାରେଣ୍ଟି ମଞ୍ଜୁର ପ୍ରକ୍ରିୟାରେ ଅଧିକ ବିଳମ୍ବ ହେଲା। ଉପର୍ଯ୍ୟୁକ୍ତ ବିଳମ୍ବ ହେତୁ ଗ୍ରୀଡ୍‌କୋକୁ ନିଜର ପ୍ରସ୍ତାବକୁ ବାରମ୍ବାର ସଂଶୋଧନ କରି ପରବର୍ତ୍ତୀ ଆର୍ଥିକ ବର୍ଷମାନଙ୍କ ପାଇଁ ଅନ୍ତର୍ଭୁକ୍ତ କରି ଏକତ୍ରୀତ ପ୍ରସ୍ତାବ ଦାଖଲ କରିବାକୁ ପଡିଲା। ଏହାଦ୍ୱାରା ସମ୍ପୃକ୍ତ ବ୍ୟାଙ୍କଗୁଡିକରେ ସରକାରୀ ଗ୍ୟାରେଣ୍ଟି ଦାଖଲ କରିବାରେ ବିଳମ୍ବ ହୋଇଥିଲା ଏବଂ 6.19 କୋଟି ଟଙ୍କା ଦଣ୍ଡସୁଧ ଦେବାକୁ ପଡିଲା (2.42 କୋଟି ଟଙ୍କା + 3.77 କୋଟି ଟଙ୍କା)।

ସରକାର କହିଲେ (ଫେବୃଆରୀ 2023) ଯେ, ଯଦିଓ ନିର୍ଦ୍ଦେଶକ ମଣ୍ଡଳୀ, ଗ୍ରୀଡ୍‌କୋର ଋଣ ପ୍ରସ୍ତାବକୁ 12 ମଇ 2016ରେ ଅନୁମୋଦନ କରିଥିଲେ, ସେତେବେଳେ ଗ୍ରୀଡ୍‌କୋ ଆର୍ଥିକ ବର୍ଷ 2015-16ର ସରକାରୀ ଗ୍ୟାରେଣ୍ଟି ପାଇଁ ଅନୁସରଣ କରୁଥିଲା। ସୁତରାଂ, ଗ୍ରୀଡ୍‌କୋ ତରଫରୁ ପରବର୍ତ୍ତୀ ବର୍ଷ ଯଥା 2016-17ର ସରକାରୀ ଗ୍ୟାରେଣ୍ଟି ପାଇଁ ଅନୁରୋଧ କରିବା ବିଜ୍ଞତା ନଥିଲା କାରଣ ଏହାର ପୂର୍ବ ବର୍ଷ ପାଇଁ ଗ୍ୟାରେଣ୍ଟି ମଞ୍ଜୁର ହୋଇନଥିଲା। ତଦନୁସାରେ, ଆର୍ଥିକ ବର୍ଷ 2016-17ର ଗ୍ୟାରେଣ୍ଟି ପାଇଁ ଗ୍ରୀଡ୍‌କୋ 29 ଜୁଲାଇ 2017ରେ ଅନୁରୋଧ କରିଥିଲା। ସରକାର ଆହୁରି କହିଲେ ଯେ, ଋଣ ଗ୍ରହଣ କରି ସରକାରୀ ଗ୍ୟାରେଣ୍ଟିକୁ ଅପେକ୍ଷା ନକରି ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀମାନଙ୍କୁ ଠିକ୍ ସମୟରେ ଦେୟ ପ୍ରଦାନ କରିବା ଦ୍ୱାରା, ଗ୍ରୀଡ୍‌କୋ ସର୍ବାଧିକ ରିହାତି

76 7 ଅଗଷ୍ଟ 2019ରେ 200 କୋଟି ଟଙ୍କା ଏବଂ 31 ଡିସେମ୍ବର 2019ରେ 200 କୋଟି ଟଙ୍କା

77 ପ୍ରଥମ ବିତରଣର ଛଅ ମାସ ମଧ୍ୟରେ ସରକାରୀ ଗ୍ୟାରେଣ୍ଟି ଦାଖଲ ନକଲେ ଏକ ପ୍ରତିଶତ ଦଣ୍ଡସୁଧ

78 କ୍ୟାବିନେଟ୍ ସ୍ମାରକପତ୍ର, ଏହା ସହିତ ଆର୍ଥିକ ସ୍ମାରକପତ୍ର ଏବଂ ସାରସଂକ୍ଷେପ ଯଥା: ବିଦ୍ୟୁତ କାରବାରରେ କ୍ଷତିର କାରଣ ଏବଂ ଭବିଷ୍ୟତରେ ଲାଭ ହେବାର ସମ୍ଭାବନା, ଗ୍ରୀଡ୍‌କୋ ଦ୍ୱାରା ମୋଟ ଋଣ, ଗତ ତିନି ବର୍ଷରେ ରାଜସ୍ୱ ଖର୍ଚ୍ଚ, ସରକାରୀ ଗ୍ୟାରେଣ୍ଟି ପ୍ରତିବଦଳରେ ଋଣ ପରିଶୋଧ ପାଇଁ ଆର୍ଥିକ ଆକଳନ ଇତ୍ୟାଦି।

ଲାଭ କରିଥିଲା ଏବଂ ବିଳମ୍ବିତ ପୈଠ ସରଚାର୍ଜକୁ ମଧ୍ୟ ଏଡାଇଥିଲା। ତେଣୁ, ସରକାରୀ ଗ୍ୟାରେଣ୍ଟି ପାଇଁ ଶକ୍ତି ବିଭାଗକୁ ଅନୁରୋଧ କରିବାର ପ୍ରକ୍ରିୟାଗତ ବିଳମ୍ବକୁ ଏକ ତ୍ରୁଟି ବୋଲି ବିବେଚନା କରାଯିବା ଉଚିତ ନୁହେଁ।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଗ୍ରୀଡ୍‌କୋ ଅନେକ ବର୍ଷ ଧରି ବ୍ୟାଙ୍କଗୁଡିକଠାରୁ ଋଣ ନେଉଥିଲା, ଯେଉଁଥିପାଇଁ ସରକାରୀ ଗ୍ୟାରେଣ୍ଟି ଦାଖଲ କରିବା ଏକ ପୂର୍ବ ସର୍ତ୍ତ ଥିଲା। ଯେହେତୁ ସରକାରୀ ଗ୍ୟାରେଣ୍ଟି ଦାଖଲରେ ବିଳମ୍ବ ହେତୁ ବ୍ୟାଙ୍କଗୁଡିକ ଦଣ୍ଡ ଆଦାୟ କରୁଥିଲେ, ତେଣୁ ଠିକ୍ ସମୟରେ ଦରଖାସ୍ତ ଦାଖଲ କରିବା ବିଜ୍ଞତା ଥିଲା। ଅଧିକନ୍ତୁ, ସରକାରୀ ଗ୍ୟାରେଣ୍ଟି ପାଇଁ ଆବେଦନ ସମୟରେ, ଗ୍ରୀଡ୍‌କୋ ଆବଶ୍ୟକୀୟ ସମସ୍ତ ସୂଚନା କିମ୍ବା ଦସ୍ତାବିଜ ଦାଖଲ କରିନଥିଲା। ଏହିଗୁଡିକ, ଶକ୍ତି ବିଭାଗ ଦ୍ୱାରା ମଗାଯିବା ଏବଂ ପୁନଃଷ୍ଚ ସ୍ମରଣ କରାଇବା ଦ୍ୱାରା ଦାଖଲ କରାଯାଇଥିଲା, ଯାହାକି ସରକାରୀ ଗ୍ୟାରେଣ୍ଟି ଅନୁମୋଦନକୁ ଆହୁରି ବିଳମ୍ବିତ କରିଥିଲା। ବିଳମ୍ବିତ ପୈଠ ସରଚାର୍ଜକୁ ଏଡାଇବା ପାଇଁ ଠିକ୍ ସମୟରେ ଦେୟ ପୈଠ କରିବା ଗ୍ରୀଡ୍‌କୋର ଏକ ଦାୟିତ୍ୱ, ଯାହା ସରକାରୀ ଗ୍ୟାରେଣ୍ଟି ପାଇଁ ଆବେଦନ ଦାଖଲ କରିବାରେ ବିଳମ୍ବକୁ ଦର୍ଶାଇପାରିବ ନାହିଁ।

## ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍

## 4.5 ଠିକାଦାରମାନଙ୍କୁ ଅଧିକ ଦେୟ ପ୍ରଦାନ

**ଚୁକ୍ତି ମୂଲ୍ୟର ଭୁଲ ନିର୍ଦ୍ଧାରଣ ଫଳରେ ଠିକାଦାରମାନଙ୍କୁ 2.44 କୋଟି ଟଙ୍କାର ଅଧିକ ଦେୟ ପ୍ରଦାନ**

ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ରାଜ୍ୟରେ ବିଦ୍ୟୁତ ପରିବହନ ଓ ହୁଇଲିଙ୍ଗ[79] ବ୍ୟବସାୟ କରିବା ପାଇଁ ମାର୍ଚ୍ଚ 2004ରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମାଲିକାନାରେ ସଞ୍ଚାରଣ ଲାଇନ ଓ ଉପକେନ୍ଦ୍ର ଥିବା ଅତି ଉଚ୍ଚ ଭୋଲଟେଜ୍ ସଞ୍ଚାରଣ ପ୍ରଣାଳୀ ରହିଛି। ଏହାର ଉପକେନ୍ଦ୍ର ଓ ସଞ୍ଚାରଣ ଲାଇନଗୁଡିକର ସାଧାରଣ ଓ ଜରୁରୀ କାର୍ଯ୍ୟ ଖୋଲା ଟେଣ୍ଡର ମାଧ୍ୟମରେ ମନୋନୀତ ଠିକାଦାରମାନଙ୍କ ଦ୍ୱାରା କରାଯାଇଥାଏ।

ଜୁଲାଇ 2012ରେ ଅନୁମୋଦିତ ଚୁକ୍ତି ମୂଲ୍ୟ (ଆର୍‌ସିପି) ଜୁଲାଇ 2014 ପର୍ଯ୍ୟନ୍ତ ବୈଧ ଥିଲା। ଓପିଟିସିଏଲ୍ ଠିକାଦାରମାନଙ୍କୁ ଦୁଇ ବର୍ଷ ପାଇଁ ନୂତନ ତାଲିକାଭୁକ୍ତ କରିବା ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ (ମାର୍ଚ୍ଚ 2014)। ଟେଣ୍ଡରର ମୂଲ୍ୟାଙ୍କନ ସମୟରେ, ଓପିଟିସିଏଲ୍ ଦେଖିଲେ ଯେ କିଛି ସାମଗ୍ରୀଗୁଡିକର, ବିଡର ଦ୍ୱାରା ପ୍ରଦତ୍ତ ଦର ବିଦ୍ୟମାନ ଚୁକ୍ତିମୂଲ୍ୟଠାରୁ କମ୍ ଥିଲା ଏବଂ କାର୍ଯ୍ୟକାରୀଯୋଗ୍ୟ ନଥିଲା। ତେଣୁ ଜୁଲାଇ 2012ରୁ ଡିସେମ୍ବର 2014 ପର୍ଯ୍ୟନ୍ତ ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲୁପିଆଇ) ବୃଦ୍ଧିକୁ ଆଧାର କରି ପ୍ରଚଳିତ ଚୁକ୍ତିମୂଲ୍ୟକୁ 12.91 ଶତକଡା ବୃଦ୍ଧି କରିବାକୁ ଓପିଟିସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ଅନୁମୋଦନ କରିଥିଲେ। ନିର୍ଦ୍ଦେଶକ ମଣ୍ଡଳୀ ଏହା ମଧ୍ୟ ନିଷ୍ପତ୍ତି ନେଇଥିଲେ ଯେ, ନୂତନ ଚୁକ୍ତିମୂଲ୍ୟ ପ୍ରଥମ ବର୍ଷ ପାଇଁ ସ୍ଥିର ରହିବ ଏବଂ ଦ୍ୱିତୀୟ ବର୍ଷ ପାଇଁ ଚୁକ୍ତିନାମାର ପ୍ରଥମ ବର୍ଷରେ ଡବ୍ଲ୍ୟୁପିଆଇରେ ଶତକଡା ବୃଦ୍ଧି ଆଧାରରେ ଚୁକ୍ତିମୂଲ୍ୟ ବୃଦ୍ଧି କରାଯିବ। ନୂତନ ଚୁକ୍ତିମୂଲ୍ୟ 3 ଫେବୃଆରୀ 2015ରୁ କାର୍ଯ୍ୟକାରୀ ହୋଇଥିଲା। ଓପିଟିସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ଚୁକ୍ତିନାମାର ପ୍ରଥମ ବର୍ଷରେ ଡବ୍ଲ୍ୟୁପିଆଇର ହ୍ରାସଧାରା ଆଧାରରେ ଦ୍ୱିତୀୟ ବର୍ଷ (3 ଫେବୃୟାରୀ 2016ରୁ 2 ଫେବୃୟାରୀ 2017) ପାଇଁ ଚୁକ୍ତିମୂଲ୍ୟକୁ 0.91 ଶତକଡା ହ୍ରାସ କରିବାକୁ ଅନୁମୋଦନ କରିଥିଲେ (ଜୁନ 2016)। ନିର୍ଦ୍ଦେଶକ ମଣ୍ଡଳୀ ପୁନଃଷ୍ଚ ନିଷ୍ପତ୍ତି ନେଇଥିଲେ ଯେ ମାସିକ ହାରାହାରି ଡବ୍ଲ୍ୟୁପିଆଇକୁ ବିଚାରକୁ ନେଇ ଭବିଷ୍ୟତରେ ଚୁକ୍ତି ଦରରେ ବୃଦ୍ଧି ବା ହ୍ରାସ କରାଯିବ।

ଏହାର ଉପକେନ୍ଦ୍ର ଓ ସଞ୍ଚାରଣ ଲାଇନଗୁଡିକରେ ସାଧାରଣ ଓ ଜରୁରୀ କାର୍ଯ୍ୟନିର୍ବାହ କରିବା ନିମିତ୍ତ ନୂତନ ଚୁକ୍ତିମୂଲ୍ୟର ଚୂଡାନ୍ତୀକରଣ ପାଇଁ ଓପିଟିସିଏଲ୍ ପୁନର୍ବାର ଟେଣ୍ଡର ଆହ୍ୱାନ କରିଥିଲେ (ଡିସେମ୍ବର 2016)। 1 ଜୁଲାଇ 2017ରୁ ଜିଏସ୍‌ଟି ନିୟମ ପ୍ରଣୟନ ହେବା ପରେ ଯେହେତୁ ଜିଏସ୍‌ଟି ଅନୁସାରେ ବିଡ୍ ଦର ମୂଲ୍ୟାଙ୍କନ ହେବାର ଥିଲା, ଓପିଟିସିଏଲ୍ ବିଶ୍ଳେଷଣ କରି ଜାଣିଲେ ଯେ, ଟେଣ୍ଡର ମୂଲ୍ୟାଙ୍କନର ସମଗ୍ର ପ୍ରକ୍ରିୟା ସମାପ୍ତ ହେବା

[79] ବିଦ୍ୟୁତ ଶକ୍ତି ସଞ୍ଚାରଣରେ ହୁଇଲିଙ୍ଗ ହେଉଛି ବିଦ୍ୟୁତ ଶକ୍ତି (ମେଗାୱାଟ – ଘଣ୍ଟା)ର ଗୋଟିଏ ବୈଦ୍ୟୁତିକ ଗ୍ରୀଡ୍ ସୀମା ମଧ୍ୟରୁ ଅନ୍ୟ ଏକ ବୈଦ୍ୟୁତିକ ଗ୍ରୀଡକୁ ପରିବହନ

ପାଇଁ ଯଥେଷ୍ଟ ସମୟ ଲାଗିବ। ତେଣୁ ଓପିଟିସିଏଲ୍ ବିଦ୍ୟମାନ ଚୁକ୍ତିମୂଲ୍ୟ ଯାହାକି ଜୁଲାଇ 2012 ଚୁକ୍ତିମୂଲ୍ୟ ଉପରେ 12 ଶତକଡା (12.91 ଶତକଡା – 0.91 ଶତକଡା) ବୃଦ୍ଧି, ତାହାକୁ କୌଣସି ପରିବର୍ତ୍ତନ ନକରି କେବଳ ବୈଧତା ବୃଦ୍ଧି କରିଥିଲେ। ତା'ପରେ 3 ଫେବୃୟାରୀ 2017ରୁ (ଅର୍ଥାତ ପୂର୍ବ ଚୁକ୍ତିମୂଲ୍ୟର 2 ଫେବୃଆରୀ 2017ରେ ସମାପ୍ତି ପରେ) 31 ଅକ୍ଟୋବର 2020 ପର୍ଯ୍ୟନ୍ତ ବିଭିନ୍ନ ସମୟ ଅବଧି ପାଇଁ ଉପର୍ଯ୍ୟୁକ୍ତ ଚୁକ୍ତିମୂଲ୍ୟର ବୈଧତା ବୃଦ୍ଧି କରାଯାଇଥିଲା। ନିର୍ଦ୍ଦେଶକ ମଣ୍ଡଳୀର 116ତମ ବୈଠକରେ 1 ନଭେମ୍ବର 2020ରୁ ପୁନଶ୍ଚ ଦୁଇ ବର୍ଷ ପାଇଁ ଚୁକ୍ତିମୂଲ୍ୟକୁ 5.38 ଶତକଡା ବୃଦ୍ଧି କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରୁ ଦେଖାଗଲା ଯେ, ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିର୍ଦ୍ଦେଶାବଳୀର ଅନୁପାଳନ ନକରିବା ଫଳରେ ଠିକାଦାରମାନଙ୍କୁ ଅଧିକ ଦେୟ ପ୍ରଦାନ କରାଯାଇଥିଲା ଯାହାକି ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି:

- ଡବ୍ଲ୍ୟୁପିଆଇକୁ ବିଚାରକୁ ନେଇ ଚୁକ୍ତିମୂଲ୍ୟର ବୃଦ୍ଧି କିମ୍ବା ହ୍ରାସ କରିବାକୁ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଓପିଟିସିଏଲ୍ ବିଦ୍ୟମାନ ଚୁକ୍ତିମୂଲ୍ୟକୁ ଡବ୍ଲ୍ୟୁପିଆଇ ଅନୁଯାୟୀ ସଂଶୋଧନ ନକରି ବୈଧତାକୁ ଫେବୃଆରୀ 2017ରୁ ଅକ୍ଟୋବର 2020 ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ।
- ଜୁଲାଇ 2012ର ଚୁକ୍ତିମୂଲ୍ୟ ଉପରେ 12 ଶତକଡା ବୃଦ୍ଧି ମୂଳ ବର୍ଷ 2004-05 ହିସାବରେ ଡବ୍ଲ୍ୟୁପିଆଇ ତଥ୍ୟକୁ ନେଇ ନିର୍ଣ୍ଣୟ କରାଯାଇଥିଲା। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର ଅପ୍ରେଲ 2012ରୁ ଅପ୍ରେଲ 2017 ପର୍ଯ୍ୟନ୍ତ ନୂତନ ପର୍ଯ୍ୟାୟର ମାସିକ ଡବ୍ଲ୍ୟୁପିଆଇ ଉନ୍ମୋଚନ ସହିତ ଡବ୍ଲ୍ୟୁପିଆଇ ମୂଳ ବର୍ଷ 2004-05 ରୁ 2011-12କୁ ସଂଶୋଧନ କରିଥିଲେ (ମଇ 2017)। ଓପିଟିସିଏଲ୍ ପ୍ରଥମ ଥରରେ ଚୁକ୍ତିମୂଲ୍ୟକୁ 03 ଫେବୃୟାରୀ 2017ରୁ 30 ଜୁନ 2017 ପର୍ଯ୍ୟନ୍ତ ବୈଧତା ବୃଦ୍ଧି କରିଥିଲେ। ଏହା ପରେ 01 ଜୁଲାଇ 2017ରୁ 31 ଅକ୍ଟୋବର 2020 ପର୍ଯ୍ୟନ୍ତ ଚୁକ୍ତିମୂଲ୍ୟ ବିଭିନ୍ନ ସମୟ ଅବଧି ପାଇଁ ବୃଦ୍ଧି କରାଯାଇଥିଲା। କିନ୍ତୁ, ଓପିଟିସିଏଲ୍ ମୂଳ ବର୍ଷ 2011-12 ସହିତ ଡବ୍ଲ୍ୟୁପିଆଇ ନୂତନ ପର୍ଯ୍ୟାୟକୁ ବିଚାରକୁ ନେଇ ନଥିଲେ ଯାହା ଚୁକ୍ତିମୂଲ୍ୟର ବୈଧତା 01 ଜୁଲାଇ 2017ରୁ ବୃଦ୍ଧି କରିବା ସମୟରେ ବଳବତ୍ତର ଥିଲା।
- ଯଦି କମ୍ପାନୀ ଚୁକ୍ତିମୂଲ୍ୟର ବୈଧତା ବୃଦ୍ଧି କରିବା ସମୟରେ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶ ଅନୁପାଳନ କରିଥାଆନ୍ତେ ଏବଂ 2011-12 ମୂଳ ବର୍ଷ ସହିତ ନୂତନ ପର୍ଯ୍ୟାୟ ମାସିକ ଡବ୍ଲ୍ୟୁପିଆଇକୁ ବିଚାରକୁ ନେଇଥାଆନ୍ତେ ତେବେ ଚୁକ୍ତିମୂଲ୍ୟ ଜୁଲାଇ 2012 ଉପରେ ଜୁଲାଇ 2017ଠାରୁ ମାତ୍ର 7.25 ଶତକଡା ବୃଦ୍ଧି ପାଇଥାଆନ୍ତା। କିନ୍ତୁ, କମ୍ପାନୀ ବିଦ୍ୟମାନ ହାରରେ 01 ଜୁଲାଇ 2017ରୁ ଚୁକ୍ତିମୂଲ୍ୟର ବୈଧତା ବୃଦ୍ଧି କରିଚାଲିଲେ ଯାହାକି ଜୁଲାଇ 2012ର ଚୁକ୍ତିମୂଲ୍ୟ ଉପରେ 12 ଶତକଡା ଥିଲା। ଫଳସ୍ୱରୂପ, ଜୁଲାଇ 2012 ଚୁକ୍ତିମୂଲ୍ୟ ତୁଳନାରେ ଚୁକ୍ତିମୂଲ୍ୟ 4.75 ଶତକଡା (12 ଶତକଡା – 7.25 ଶତକଡା) ଉଚ୍ଚ ସ୍ତରରେ ସ୍ଥିର କରାଯାଇଥିଲା। ଅକ୍ଟୋବର 2020 ପର୍ଯ୍ୟନ୍ତ ଚୁକ୍ତିମୂଲ୍ୟର ବୈଧତା ଲଗାତାର ବୃଦ୍ଧି କରାଯାଇଥିଲା ଯାହା ପରେ 116ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଏହାକୁ ବୃଦ୍ଧି କରାଯାଇଥିଲା।
- ଓପିଟିସିଏଲ୍ ଜୁଲାଇ 2017ରୁ ଅକ୍ଟୋବର 2020 ମଧ୍ୟରେ 51.29 କୋଟି ଟଙ୍କା ମୂଲ୍ୟର 196ଟି କାର୍ଯ୍ୟାଦେଶ ଦେଇଥିଲେ। ଉଚ୍ଚ ସ୍ତରରେ ଚୁକ୍ତିମୂଲ୍ୟ ସ୍ଥିର କରାଯିବା ହେତୁ ଓପିଟିସିଏଲ୍ ଠିକାଦାରମାନଙ୍କୁ 2.44 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କଲେ।

ସରକାର ପ୍ରତ୍ୟୁତ୍ତର ଦେଲେ (ମଇ 2022) ଯେ, ଫେବୃଆରୀ 2017 (113.0) ରୁ ଅକ୍ଟୋବର 2020 (123.6) ମଧ୍ୟରେ ଡବ୍ଲ୍ୟୁପିଆଇର ବୃଦ୍ଧି 9.38 ଶତକଡା ଥିଲା ଯାହା ଠିକାଦାରମାନଙ୍କୁ ପ୍ରଦାନ କରାଯାଇ ନଥିଲା। ମୂଲ୍ୟ ସ୍ଥିର ରଖାଯାଇଥିଲା ଏବଂ ଏହା ଓପିଟିସିଏଲ୍ ପାଇଁ ଲାଭଦାୟକ ଥିଲା। ପ୍ରତ୍ୟୁତ୍ତରଟି ଠିକ ନଥିଲା କାରଣ ଫେବୃୟାରୀ 2017ରୁ ଅକ୍ଟୋବର 2020 ମଧ୍ୟରେ ଡବ୍ଲ୍ୟୁପିଆଇର ବୃଦ୍ଧି ନଭେମ୍ବର 2020ରୁ ପରବର୍ତ୍ତୀ ଅବଧି ପାଇଁ ପ୍ରଯୁଜ୍ୟ ଥିଲା।

## ଓଡିଶା ଖଣି ନିଗମ ଲିମେଟେଡ୍

## 4.6 ପରିହାର୍ଯ୍ୟ ବ୍ୟୟ

**ଜୋରିମାନା ନିଟ୍ ବର୍ତ୍ତମାନ ମୂଲ୍ୟ ବାବଦରେ 47.12 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ପୈଠ**

ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍ସି) 366.311 ହେକ୍ଟର କ୍ଷେତ୍ର ବିଶିଷ୍ଟ ଖଣ୍ଡାବନ୍ଧ ଲୁହା ଖଣିରେ 345.189 ହେକ୍ଟର ଜଙ୍ଗଲ ଜମି ପାଇଁ ଓଡିଶା ସରକାରଙ୍କ ସହିତ ନଭେମ୍ବର 1963ରୁ ନଭେମ୍ବର 1993 ପର୍ଯ୍ୟନ୍ତ ଏକ 30 ବର୍ଷିୟା ଖଣି ପଟ୍ଟା କରିଥିଲା। ପରବର୍ତ୍ତୀ ସମୟରେ ଓଏମ୍ସିର ଆବେଦନ ଉପରେ ଅତିରିକ୍ତ ଦଲିଲ ନିଷ୍ପାଦନ କରିବାର ସର୍ତ୍ତ ସହିତ ପଟ୍ଟାର ଅବଧି ଜୁନ 2018ରେ 29 ନଭେମ୍ବର 2033 ପର୍ଯ୍ୟନ୍ତ ବୃଦ୍ଧି କରାଗଲା। କିନ୍ତୁ, ଅତିରିକ୍ତ ପଟ୍ଟା ଦଲିଲ ଏପର୍ଯ୍ୟନ୍ତ ନିଷ୍ପାଦନ ହୋଇନାହିଁ (ଡିସେମ୍ବର 2021)।

ସମୀକ୍ଷାରେ ଦେଖାଗଲା ଯେ, ଓଏମ୍ସି ଖଣି ଚାଳନା ପାଇଁ ଟେଣ୍ଡର ମାଧ୍ୟମରେ ଏକ ଏଜେନ୍ସି ଚୟନ କଲା। ଖଣ୍ଡାବନ୍ଧ ଖଣି ଚାଳନା ପାଇଁ ଏହି ଏଜେନ୍ସି ସହିତ ଫେବୃଆରୀ 2008ରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଖଣି ଚାଳନା ପାଇଁ ଏଜେନ୍ସିକୁ ଓଏମ୍ସି ଦ୍ୱାରା ଖାଦାନଗୁଡିକର ଆବଣ୍ଟନ କରିବାର ଥିଲା। ଏଜେନ୍ସିର ବିଲ୍ ପରିଶୋଧ ପାଇଁ ସୁପାରିଶ କରିବା ସମୟରେ ଖଣି ପ୍ରବନ୍ଧକଙ୍କୁ ଏଜେନ୍ସି ସମସ୍ତ ପ୍ରଯୁଜ୍ୟ ନିୟମାବଳୀ ପାଳନ କରିଥିବାର ପ୍ରମାଣପତ୍ର ଦେବାର ଥିଲା। କାର୍ଯ୍ୟ ଚାଲିଥିବା ବେଳେ ଯେକୌଣସି ସମୟରେ ନିରୀକ୍ଷଣ କରିବାର ଅଧିକାର ଖଣି ପ୍ରବନ୍ଧକଙ୍କ ପାଖରେ ଥିଲା। ତେଣୁ, ଆଞ୍ଚଳିକ ପ୍ରବନ୍ଧକଙ୍କ ଅଧୀନରେ ଥିବା ଖଣିଗୁଡିକର ଆଇନଗତ ଭାବେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଖଣି ପ୍ରବନ୍ଧକ ମୂଳତଃ ଦାୟୀ ଥିଲେ।

ଜଙ୍ଗଲ ସଂରକ୍ଷଣ ଆଇନ, 1980ର ଧାରା 2(ii) ଅନୁଯାୟୀ, ଜଙ୍ଗଲ ଭୂମିକୁ ଅଣ ଜଙ୍ଗଲ ପାଇଁ ବ୍ୟବହାର କରିବା ପୂର୍ବରୁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍ଓଇଏଫ୍ଏବଂସିସି) ଠାରୁ ଅନୁମତି ନେବା ବାଧ୍ୟତାମୂଳକ ଥିଲା। ଓଏମ୍ସି ଅକ୍ଟୋବର 1995ରେ ଖଣ୍ଡାବନ୍ଧ ଖଣି ପାଇଁ ଏକ ଜଙ୍ଗଲ ପରିବର୍ତ୍ତନ ଯୋଜନା (ଏଫ୍ଡିପି) ଏମ୍ଓଇଏଫ୍ଏବଂସିସିକୁ ଦାଖଲ କରିବା ପାଇଁ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲା। ଉପର୍ଯ୍ୟୁକ୍ତ 77.173 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଯୋଜନାକୁ ବିଚାର କରୁଥିବା ବେଳେ, ବନ ସଂରକ୍ଷକ, ଓଡିଶା ସରକାର ଦେଖିଲେ (ଅଗଷ୍ଟ 1996) ଯେ, ବନ ସଂରକ୍ଷଣ ଆଇନକୁ ଉଲ୍ଲଙ୍ଘନ କରି ବିନା ଅନୁମତିରେ ଓଏମ୍ସି 15.349 ହେକ୍ଟର ଜଙ୍ଗଲ ଜମିକୁ ଖଣି ଖନନ ପାଇଁ ବ୍ୟବହାର କରିସାରିଥିଲା। ମଇ 1997ରେ ନଅ ମାସ ପାଇଁ ଅସ୍ଥାୟୀ କାର୍ଯ୍ୟ ଅନୁମତି ପ୍ରଦାନ ସହିତ ଉଲ୍ଲଙ୍ଘନ ଉପରେ ସ୍ପଷ୍ଟୀକରଣ ମଗାଯାଇଥିଲା। ଅସ୍ଥାୟୀ ଅନୁମତି ଅବଧିରେ କୌଣସି ନୂତନ ଜଙ୍ଗଲ ଅଞ୍ଚଳକୁ ବ୍ୟବହାର ନକରିବା ପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ଆବଶ୍ୟକୀୟ ତଥ୍ୟ ଏମ୍ଓଇଏଫ୍ଏବଂସିସିକୁ ନଯୋଗାଇବା ଫଳରେ ଏହି ଅସ୍ଥାୟୀ ଅନୁମତିକୁ ଜାନୁଆରୀ 2001ରେ ବାତିଲ କରାଯାଇଥିଲା। ଏହି ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଓଏମ୍ସି ଅତିରିକ୍ତ 113.746 ହେକ୍ଟର ଜଙ୍ଗଲ ଜମିରେ ଖଣି ଖନନ କରିଥିଲା।

ଜଙ୍ଗଲ ସଂରକ୍ଷଣ ନିୟମ ଅନୁସାରେ ଭାରତ ସରକାରଙ୍କ ବିନା ଅନୁମତିରେ ଅବ୍ୟବହୃତ ଏବଂ ବ୍ୟବହୃତ ଜଙ୍ଗଲରେ ଖଣି ଖାଦାନକୁ ବନ୍ଦ କରିବା ପାଇଁ କେନ୍ଦୁଝର ବନଖଣ୍ଡ ଅଧିକାରୀ ଡିସେମ୍ବର 2009ରେ ଓଏମ୍ସିକୁ ବନ୍ଦ ନୋଟିସ ଜାରି କରିଥିଲେ ଏବଂ 05 ଜାନୁଆରୀ 2010ରୁ ଖଣି କାର୍ଯ୍ୟ ବନ୍ଦ ହୋଇଗଲା। 345.189 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଭାରତ ସରକାର ଇନ୍-ପ୍ରିନ୍ସିପଲ (ପ୍ରଥମ ପର୍ଯ୍ୟାୟ) ଅନୁମୋଦନ (ଜାନୁଆରୀ 2019) କରିବା ବେଳେ, ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପୂର୍ବରୁ ଜୋରିମାନା ନିଟ୍ ବର୍ତ୍ତମାନ ମୂଲ୍ୟ[80] (ପେନାଲ୍ ଏନ୍ପିଭି) ସଂଗ୍ରହ କରିବାକୁ ଓଡିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ, 1994ରୁ 2009 ମଧ୍ୟରେ 129.095 ହେକ୍ଟର ଜଙ୍ଗଲ ଜମିକୁ ବେଆଇନ ଭାବରେ ଖଣି ଖନନ କରିଥିବାରୁ ଓଡିଶା ସରକାର 47.12 କୋଟି ଟଙ୍କାର ପେନାଲ୍ ଏନ୍ପିଭି ଦାବି କରିଥିଲେ ଏବଂ ସେପ୍ଟେମ୍ବର 2019ରେ ଓଏମ୍ସି ତାହା ପୈଠ କରିଥିଲା।

80 ବିନା ଅନୁମତିରେ ଜଙ୍ଗଲ ଜମି ଅନ୍ୟତ୍ର ବ୍ୟବହାର ପାଇଁ ସ୍ଥାନାନ୍ତର ହେଲେ ଜୋରିମାନା ଏନ୍ପିଭି ପ୍ରଦାନ କରାଯାଏ

ସମୀକ୍ଷାରୁ ଦେଖାଗଲା ଯେ, ଓଏମ୍‌ସି ଆବଶ୍ୟକୀୟ ଅନୁମତି ବିନା ଜଙ୍ଗଲ ଜମିରେ ଖନନ କରିବା ଦ୍ୱାରା ପେନାଲ୍ ଏନ୍‌ପିଭି ବାବଦରେ 47.12 କୋଟି ଟଙ୍କା ପ୍ରଦାନ କରିଥିଲା ଯାହା ନିମ୍ନରେ ଦର୍ଶାଯାଇଛି:

- ଏହା ଦେଖାଗଲା ଯେ, ଓଏମ୍‌ସି ଜଙ୍ଗଲ ସଂରକ୍ଷଣ ଆଇନ, 1980 ର ନିୟମ ପାଳନ କରିନଥିଲା ଏବଂ ଭାରତ ସରକାରଙ୍କ ବିନା ଅନୁମତିରେ 15.349 ହେକ୍ଟର ଜଙ୍ଗଲ ଜମିରେ ଖନନ ଆରମ୍ଭ କରିଥିଲା ଏବଂ 113.746 ହେକ୍ଟର ଅତିରିକ୍ତ ଜଙ୍ଗଲ ଅଞ୍ଚଳରେ ଖନନ କାର୍ଯ୍ୟ 05 ଜାନୁଆରୀ 2010ରେ ଖଣି ବନ୍ଦ ହେବା ପର୍ଯ୍ୟନ୍ତ ଜାରି ରଖିଥିଲା।

- ପେନାଲ୍ ଏନ୍‌ପିଭିର ଦେୟକୁ ଅନୁସମର୍ଥନ କରିବା ବେଳେ, ସମୀକ୍ଷା କମିଟିକୁ ଅଗଷ୍ଟ 2020ରେ ଦର୍ଶାଯାଇଥିଲା ଯେ ଯଦିଓ ଓଏମ୍‌ସି ବେଆଇନ ଖଣି ଖନନ ବିଷୟରେ ଭଲ ଭାବରେ ଅବଗତ ଥିଲା, ତଥାପି ସେମାନେ ଏଭଳି ପରିଣାମର ପୂର୍ବାନୁମାନ କରିନଥିଲେ। ତେଣୁ, ସମୀକ୍ଷାର ମତ ଏହା ଯେ ବେଆଇନ ଖନନ ଉଦ୍ଦେଶ୍ୟମୂଳକ ଥିଲା ଏବଂ ଏହାକୁ ନିବାରଣ କରିବା ପାଇଁ କୌଣସି ପଦ୍ଧତିଗତ ବ୍ୟବସ୍ଥା ନଥିଲା।

- ଏଫ୍‌ଡିପିର ବାରମ୍ବାର ପରିବର୍ତ୍ତନ ଏବଂ ପୁନଃନିବେଦନ ଏବଂ ଅନୁପାଳନ/ସୂଚନାର ବିଳମ୍ବ ଦାଖଲ ପାଇଁ କମ୍ପାନୀକୁ ପ୍ରଥମ ପର୍ଯ୍ୟାୟ ଅନୁମୋଦନ ହାସଲ(ଜାନୁଆରୀ 2019)ରେ 24 ବର୍ଷ ସମୟ ଲାଗିଥିଲା।

ସରକାର ସ୍ୱୀକାର (ଜୁନ 2022) କଲେ ଯେ ପଟ୍ଟା ମିଆଦ ସମାପ୍ତ ପରେ 1998 ପର୍ଯ୍ୟନ୍ତ 113.746 ହେକ୍ଟରରେ ଖନନ କାର୍ଯ୍ୟ ଜାରି ରହିଥିଲା। ଅଧିକନ୍ତୁ, ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ନିକାସର ବିଳମ୍ବ ଓଏମ୍‌ସିର ନିୟନ୍ତ୍ରଣ ବାହାରେ ଥିଲା ଏବଂ ଏହା କେବଳ ଏକ ପ୍ରକ୍ରିୟାଗତ ବିଳମ୍ବ ଯେପରିକି ଜଙ୍ଗଲ ଜମି ସ୍ଥିତି ବିଷୟରେ ବିସ୍ତୃତ ବିବରଣୀ ପାଇଁ ପ୍ରମାଣିକ ଜମି ସୂଚୀରେ ଅସଙ୍ଗତି, ଜଙ୍ଗଲ ଅଧିକାର ନିୟମ 2006 ଅନୁଯାୟୀ ଜଙ୍ଗଲ କ୍ଷେତ୍ରର ପରିବର୍ତ୍ତନ ପ୍ରମାଣପତ୍ର ପାଇବାରେ ବିଳମ୍ବ, 1995ରୁ 2017 ମଧ୍ୟରେ ଜଙ୍ଗଲ ପରିବର୍ତ୍ତନ ଯୋଜନାର ପାଞ୍ଚଥର ନିବେଦନ, କ୍ଷତିପୂରକ ବୃକ୍ଷରୋପଣ ଇତ୍ୟାଦି ପାଇଁ ଭୂମି ଚିହ୍ନଟ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଭାରତ ସରକାରଙ୍କ ଅନୁଦେଶକୁ ଓଏମ୍‌ସି ଅନୁପାଳନ କରିନଥିଲା ଯାହାକି ଓଏମ୍‌ସିର ନିୟନ୍ତ୍ରଣରେ ଥିଲା। ଅଧିକନ୍ତୁ, ନିକାସ ପାଇବାରେ ବିଳମ୍ବ କମ୍ପାନୀକୁ ବିଧାନ ଉଲ୍ଲଙ୍ଘନ କରିବାକୁ ଏବଂ ବେଆଇନ ଖଣି ଖନନ ଜାରି ରଖିବାକୁ ଅଧିକାର ଦେଇନାହିଁ। ଆଜି ପର୍ଯ୍ୟନ୍ତ ଖଣି ଚୁକ୍ତି କାର୍ଯ୍ୟକାରୀ କରିବାର ଦାୟିତ୍ୱରେ ଥିବା କୌଣସି ଅଧିକାରୀଙ୍କ ଉପରେ ଏପରି ଇଚ୍ଛାକୃତ ଆଇନ ଉଲ୍ଲଙ୍ଘନ ପାଇଁ କୌଣସି ଉତ୍ତରଦାୟିତ୍ୱ ନିର୍ଦ୍ଧାରିତ ହୋଇନାହିଁ। ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ମାର୍ଚ୍ଚ 2014 ପାଇଁ ସମୀକ୍ଷା ପ୍ରତିବେଦନ ସଂଖ୍ୟା 3ର 2015ରେ ଦଇତାରୀ ଲୁହାପଥର ଖଣିରେ ଏମ୍ଓଇଏଫ୍ଏବଂସିସିର ବିନା ଅନୁମତିରେ ଜଙ୍ଗଲ କ୍ଷେତ୍ରକୁ ଖନନ ପାଇଁ ପରିବର୍ତ୍ତନର ସଦୃଶ୍ୟ ବିଷୟକୁ ପ୍ରତିବେଦିତ କରାଯାଇଥିଲା।

ତେଣୁ, ଏହିପରି ଉଲ୍ଲଙ୍ଘନ ବିଷୟରେ, ଅନିୟମିତତାର ପୁନରାବୃତ୍ତି ନହେବା ପାଇଁ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବା ଆବଶ୍ୟକ। ସମୀକ୍ଷାର ସୁପାରିଶକୁ ଗ୍ରହଣ କରି ସରକାର କହିଲେ ଯେ, ଉକ୍ତ ସମୟରେ କାର୍ଯ୍ୟ କରୁଥିବା ସମସ୍ତ ସମ୍ପୃକ୍ତ ଖଣି ପ୍ରବନ୍ଧକ ଏବଂ ଆଞ୍ଚଳିକ ପ୍ରବନ୍ଧକମାନେ ସେବାରୁ ଅବସର ନେଇସାରିଛନ୍ତି। ଟିକିନିକି ଭାବରେ ଅନୁସନ୍ଧାନ କରିବା ସହିତ ଏହି ଘଟଣାକୁ ପୁନଃବିଚାର କରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଭବିଷ୍ୟତରେ ବେଆଇନ ଖଣି ଖନନର ଏହିପରି ପୁନରାବୃତ୍ତି ନହେବା ପାଇଁ ନିଶ୍ଚିତ କରିବାକୁ କୁହାଯାଇଛି।

## 4.7 ଅପରିଣାମଦର୍ଶୀ ଖର୍ଚ୍ଚ

**ଅନ୍ୱେଷଣ କାର୍ଯ୍ୟରେ 7.40 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ**

ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି) ନଭେମ୍ବର 1976ରେ ବିରାସଲ (ଢେଙ୍କାନାଳ ଜିଲ୍ଲା)ରେ 20 ବର୍ଷ (1976ରୁ 1996) ପାଇଁ ଏକ କ୍ରୋମାଇଟ୍ ଖଣି ପଟ୍ଟା ନିଷ୍ପାଦନ କରିଥିଲେ। 583.021 ହେକ୍ଟର ପଟା ଅଞ୍ଚଳରେ 504.310 ହେକ୍ଟର ଜଙ୍ଗଲ ଜମି ଓ 78.711 ହେକ୍ଟର ଅଣ-ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଥିଲା। ପରବର୍ତ୍ତୀ ସମୟରେ ଓଏମ୍‌ସି ପୁନଶ୍ଚ 20 ବର୍ଷ (2016 ପର୍ଯ୍ୟନ୍ତ) ପାଇଁ ବିରାସଲ ଖଣି ପଟ୍ଟାର ମିଆଦ ବୃଦ୍ଧି ହାସଲ କରିଥିଲା।

ଖଣିଜ ସଂରକ୍ଷଣ ବିକାଶ ନିୟମ (ଏମ୍‌ସିଡିଆର୍) 1988ର ପ୍ରାବଧାନଗୁଡିକୁ[81] ଅନୁପାଳନ କରିବା ପାଇଁ ଓଏମ୍‌ସି କ୍ରୋମ ପଥର ଜୋନଗୁଡିକୁ ଚିହ୍ନଟ କରିବା ପାଇଁ ଅନ୍ୱେଷଣ କାର୍ଯ୍ୟ ଏବଂ ପଟ୍ଟା ଅଞ୍ଚଳରେ କ୍ରୋମ ପଥରର ଜମାଗୁଡିକର ପରିମାଣିକ ଓ ଗୁଣାତ୍ମକ ମୂଲ୍ୟାଙ୍କନ କରିବା ପାଇଁ ଭାରତ ସରକାରଙ୍କ ଏକ କମ୍ପାନୀ ମେସର୍ସ ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ (ଏମ୍‌ଇସିଏଲ୍)କୁ ନିଯୁକ୍ତି କଲେ (ସେପ୍ଟେମ୍ବର 2004)। ଏମ୍‌ଇସିଏଲ୍ ସମଗ୍ର 583.021 ହେକ୍ଟର ଖଣି ପଟ୍ଟା ଅଞ୍ଚଳରେ ଭୌଗୋଳିକ ମ୍ୟାପିଂ ଏବଂ ଭୌଗୋଳିକ ଅନୁସନ୍ଧାନ କରିଥିଲେ। ଭୌଗୋଳିକ ଚୁମ୍ବକୀୟ ସର୍ବେକ୍ଷଣ ଖଣିଜ ପଟ୍ଟା ଅଞ୍ଚଳର ପୂର୍ବ ଓ କେନ୍ଦ୍ରୀୟ ଭାଗରେ କେବଳ 80 ହେକ୍ଟରରେ ଆଶାଜନକ ଖଣିଜ ଅଞ୍ଚଳର ଅବସ୍ଥିତି ଦର୍ଶାଇଲା । ତତ୍‌ପରେ, ଏମ୍‌ଇସିଏଲ୍ 80 ହେକ୍ଟର ଆଶାଜନକ ଖଣିଜ ଅଞ୍ଚଳରେ 81ଟି ଗର୍ତ୍ତର ଡାଉନ୍-ଦ-ହୋଲ ଡ୍ରିଲିଂ କରିଥିଲେ ଏବଂ ପୂର୍ବ ଅଂଶରେ କେବଳ ଏକ କ୍ଷୁଦ୍ର ଅଞ୍ଚଳରେ ନିମ୍ନମାନର ଖଣିଜ ଜମା ଥିବା ସନ୍ଧାନ କରିଥିଲେ। ଅଟକଳ ଜମା ପରିମାଣ 12,695 ଏମ୍‌ଟି ସବ-ଗ୍ରେଡ କ୍ରୋମ ପଥର ମାନର ଥିଲା ଯେଉଁଥିରେ କ୍ରୋମ ଅଂଶ 40 ପ୍ରତିଶତରୁ କମ ରହିଥିଲା। କ୍ଷୁଦ୍ର ଖଣିଜ ଅଞ୍ଚଳ ଓ ନିମ୍ନ ଗ୍ରେଡର ଜମା ରହିଥିବାରୁ ଏମ୍‌ଇସିଏଲ୍ ରିପୋର୍ଟ ପ୍ରଦାନ କରିଥିଲେ (ସେପ୍ଟେମ୍ବର 2006) ଯେ, ବିରାସଲ ଖଣି ପଟ୍ଟା ଅଞ୍ଚଳରେ ଆଶାଜନକ କ୍ରୋମାଇଟ ଖଣିଜ ନାହିଁ।

ପରବର୍ତ୍ତୀ ସମୟରେ, ଯେତେବେଳେ ପଟା ଅବଧି 2016ରେ ସମାପ୍ତ ହେଉଥିଲା, ଗୋଟିଏ ଆଭ୍ୟନ୍ତରୀଣ ସମିତି ପ୍ରସ୍ତାବ ଦେଲେ (ପ୍ରତିବେଦନ 26 ଅଗଷ୍ଟ 2016) ଯେ, ବିରାସଲ କ୍ରୋମାଇଟ ଖଣି ଅର୍ଥନୈତିକ ଦୃଷ୍ଟିକୋଣରୁ ସାଧନଯୋଗ୍ୟ ନଥିଲା। ଓଏମ୍‌ସିର ଅନୁମୋଦିତ ଖଣି ଯୋଜନା (ଆର୍ଥିକ ବର୍ଷ 2011-12ରୁ 2015-16) ଅନୁଯାୟୀ ବିରାସଲ ଖଣିରେ ସମୁଦାୟ ଗଚ୍ଛିତ ଖଣିଜ 12,695 ଏମ୍‌ଟି ସବ-ଗ୍ରେଡ ପଥର ଯାହାର ମୂଲ୍ୟ ବର୍ତ୍ତମାନର ଦର ହିସାବରେ 2.76 କୋଟି ଟଙ୍କା ଥିଲା। ଅନ୍ୟ ଏକ ଆଭ୍ୟନ୍ତରୀଣ ସମିତି (ପ୍ରତିବେଦନ 15 ଜାନୁଆରୀ 2018) ମଧ୍ୟ ସୁପାରିଶ କଲେ ଯେ, ଖଣି ପଟ୍ଟା ନବୀକରଣ କରିବା ଉଚିତ ନୁହେଁ। କିନ୍ତୁ, ଓଏମ୍‌ସି ଏହି ପ୍ରତିବେଦନକୁ ବିଶ୍ଳେଷଣ କଲେ ନାହିଁ ଏବଂ ଖଣି ପଟ୍ଟା ଫେରସ୍ତ ପାଇଁ ପଦକ୍ଷେପ ନେଲେ ନାହିଁ।

ଏହା ବଦଳରେ, ଏମ୍‌ଇସିଏଲ୍ ପ୍ରତିବେଦନ ଓ ଆଭ୍ୟନ୍ତରୀଣ ସମିତିଗୁଡିକର ସୁପାରିଶଗୁଡିକୁ ଅଣଦେଖା କରି ଫେରସ୍ତ ପୂର୍ବରୁ ଖଣି ପଟାର ଅଣ-ସମ୍ଭାବ୍ୟତା ବିଷୟରେ ବେସରକାରୀ ସଂସ୍ଥାର ମତାମତ ହାସଲ କରିବା ଉଚିତ ବୋଲି ନିଷ୍ପତ୍ତି ନିଆଗଲା (ଅପ୍ରେଲ 2018)। ଏକ ସମୟରେ ସମୁଦାୟ ଖଣି ପଟ୍ଟା ଅଞ୍ଚଳ ପାଇଁ ଅନ୍ୱେଷଣ ତଥ୍ୟ ଉପଲବ୍ଧ ନାହିଁ ବୋଲି ବିବେଚନା କରି ଏବଂ ଖଣି କାର୍ଯ୍ୟ ଆରମ୍ଭ କରିବା ପାଇଁ ବୈଧାନିକ ଅନୁମୋଦନଗୁଡିକ ଆବଶ୍ୟକ ହୋଇଥିବାରୁ, ଓଏମ୍‌ସି ଖଣି ପଟ୍ଟା ନଭେମ୍ବର 2026 ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଆବେଦନ କଲେ ଓ ରାଜ୍ୟ ସରକାରଙ୍କ ଅନୁମୋଦନ ହାସଲ କଲେ (ନଭେମ୍ବର 2018)। ଯୁକ୍ତିଟି ବିଶ୍ୱାସଭାଜକ ନଥିଲା କାରଣ

---

81 ଏମ୍‌ସିଡିଆର, 1988 ଓ ଏମ୍‌ସିଡିଆର (ଦ୍ୱିତୀୟ ସଂଶୋଧନ), 2003 ଅନୁଯାୟୀ, ଭୌଗୋଳିକ ସମ୍ଭାବ୍ୟତର ଏକ ସଂକ୍ଷିପ୍ତ ବିବରଣୀ, ଅର୍ଥନୈତିକ ସାଧନଯୋଗ୍ୟତା ଅଧ୍ୟୟନ ଏବଂ ସମ୍ପୃକ୍ତ ଖଣି ସମ୍ବନ୍ଧରେ ଗଚ୍ଛିତ ପଥରର ଆକଳନ ଭାରତୀୟ ଖଣି ସଂସ୍ଥାକୁ (ଆଇବିଏମ୍) ପ୍ରଦାନ କରିବାକୁ ପଡିବ। ପରିବର୍ତ୍ତିତ ଏମ୍‌ସିଡିଆର, 2017 ଅନୁଯାୟୀ ଖଣି ପଟ୍ଟା ଅଧିନସ୍ଥ ସମୁଦାୟ ସମ୍ଭାବ୍ୟ ଖଣିଜ ଅଞ୍ଚଳରେ ସବିଶେଷ ଅନ୍ୱେଷନ କରିବାକୁ ପଡିବ

ଏମ୍ଇସିଏଲ୍ ସମୁଦାୟ ଖଣି ପଟ୍ଟା ଅଞ୍ଚଳରେ ପ୍ରାଥମିକ ଅନ୍ୱେଷଣ[82] ସହ ସମାନ ଅନ୍ୱେଷଣ କାର୍ଯ୍ୟ ଏବଂ ଚିହ୍ନିତ ସମ୍ଭାବ୍ୟ ଖଣିଜପୂର୍ଣ୍ଣ ଅଞ୍ଚଳରେ ସବିଶେଷ ଅନ୍ୱେଷଣ[83] କାର୍ଯ୍ୟ କରିସାରିଥିଲେ।

ପୁନଶ୍ଚ, ଏକ ସରକାରୀ ସଂସ୍ଥା (ଏମ୍ଇସିଏଲ୍)ର ମତାମତକୁ ଅଣଦେଖା କରି ଓଏମ୍ସି ଏକ ବେସରକାରୀ ସଂସ୍ଥା, ମେସର୍ସ ମାହେଶ୍ୱରୀ ଖଣି ପ୍ରାଇଭେଟ ଲିମିଟେଡକୁ କୌଣସି ଲାଭ କ୍ଷତି ବିଶ୍ଳେଷଣ ନକରି 7.40 କୋଟି ଟଙ୍କା ମୂଲ୍ୟରେ ଖଣି ପଟ୍ଟା ଅଞ୍ଚଳରେ ଜାନୁଆରୀ 2021 ପର୍ଯ୍ୟନ୍ତ ଅନ୍ୱେଷଣ କାର୍ଯ୍ୟ କରିବା ପାଇଁ ନିୟୋଜିତ କଲେ (ଜୁଲାଇ 2019)।

ପରିଶେଷରେ, ମେସର୍ସ ମାହେଶ୍ୱରୀ ଖଣି ପ୍ରାଇଭେଟ ଲିମିଟେଡ ଦ୍ୱାରା ପ୍ରଦତ୍ତ (ମାର୍ଚ୍ଚ 2021) ପ୍ରତିବେଦନରେ ଆକଳନ କରାଗଲା ଯେ, ଖଣି ପଟ୍ଟା ଅଞ୍ଚଳରେ କେବଳ ପ୍ରାୟ 6,697 ଏମ୍ଟି 40 ପ୍ରତିଶତରୁ କମ୍ କ୍ରୋମ ଅଂଶ ଥିବା କ୍ରୋମ ପଥର ଗଚ୍ଛିତ ରହିଥିଲା। ଫଳରେ ବିରାସଲ ଖଣି କ୍ରୋମାଇଟ ଉତ୍ତୋଳନ ପାଇଁ ଆଶାଜନକ ନଥିବା କଥାକୁ ଦୃଢ଼ିଭୂତ କଲା ଯାହାକି ଏମ୍ଇସିଏଲ୍ ପ୍ରତିବେଦନରୁ ପୂର୍ବରୁ ଜଣାପଡିଥିଲା ଏବଂ ଦୁଇ ଆଭ୍ୟନ୍ତରୀଣ ସମିତି ପ୍ରତିବେଦନରେ ଦୋହରା ଯାଇଥିଲା। ଓଏମ୍ସି ପରବର୍ତ୍ତୀ ସମୟରେ ଖଣି ପଟ୍ଟା ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ (ଅକ୍ଟୋବର 2021)।

ଏହିପରି, କ୍ରୋମାଇଟ ଉତ୍ତୋଳନ ପାଇଁ ବିରାସଲ ଖଣି ପଟ୍ଟାର ଅଣ-ସମ୍ଭାବ୍ୟତା ବିଷୟରେ ଏମ୍ଇସିଏଲ୍ ପ୍ରତିବେଦନର ପର୍ଯ୍ୟବେକ୍ଷଣ ଓ ଆଭ୍ୟନ୍ତରୀଣ ସମିତିଗୁଡିକର ସୁପାରିଶଗୁଡିକୁ ବିନା କୌଣସି ଆଧାରରେ ଅଣଦେଖା କରି ଏବଂ ବଦଳରେ ଖଣି ପଟ୍ଟା ଅଞ୍ଚଳର ଆଉ ଏକ ଅନ୍ୱେଷଣ ବେସରକାରୀ ସଂସ୍ଥା ଦ୍ୱାରା କରାଇବାରୁ 7.40 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା।

ଅନୁଚ୍ଛେଦଟି 19 ଜାନୁଆରୀ 2023ରେ ସରକାରଙ୍କୁ ଜାରି କରାଯାଇଥିଲା। ଏହାର ଉତ୍ତର ଏପର୍ଯ୍ୟନ୍ତ ପ୍ରାପ୍ତ ହୋଇନାହିଁ (ଫେବୃୟାରୀ 2023)।

## 4.8 ରାଜସ୍ୱ ହାନି

**ଓଏମ୍ସିର ଗନ୍ଧମାର୍ଦ୍ଦନ ଅଞ୍ଚଳରେ ଲୁହାପଥର ଗୁଣ୍ଡର ସର୍ବନିମ୍ନ ମୂଲ୍ୟର ଅନୁଚିତ ଧାର୍ଯ୍ୟ ହେତୁ 2.98 କୋଟି ଟଙ୍କାର ରାଜସ୍ୱ ହାନି**

ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍ସି) ଇ-ନିଲାମରେ ନିର୍ଣ୍ଣିତ ମୂଲ୍ୟରେ ଇ-ନିଲାମ କ୍ରେତାମାନଙ୍କୁ ଏବଂ ଇ-ନିଲାମରେ ହାସଲ ହୋଇଥିବା ଓଜନ ହାରାହାରି ମୂଲ୍ୟ[84]ରେ ଦୀର୍ଘକାଳୀନ ସଂଯୋଗ (ଏଲ୍ଟିଏଲ୍) କ୍ରେତାମାନଙ୍କୁ ବିଭିନ୍ନ ପ୍ରକାର ଖଣିଜ ପଥର ଯଥା, ଲୁହାପଥର, କ୍ରୋମ୍ ପଥର, ମାଙ୍ଗାନିଜ୍ ପଥର ଇତ୍ୟାଦି ଯୋଗାଇଥାଏ। ଇ-ନିଲାମର ସର୍ବନିମ୍ନ ମୂଲ୍ୟ ଯଥାକ୍ରମେ ବଜାର ବୁଦ୍ଧିମତ୍ତା ପ୍ରତିବେଦନ, ଷ୍ଟିଲ ମିଣ୍ଟ ୱେବସାଇଟ୍ ଦ୍ୱାରା ପ୍ରକାଶିତ ତିଆରି ଦ୍ରବ୍ୟର ମୂଲ୍ୟ ଏବଂ ଶେଷ ଇ-ନିଲାମର ଷ୍ଟକ ସ୍ଥିତି ଅନୁସାରେ ଓଏମ୍ସି ବୋର୍ଡର ବିକ୍ରୟ ସମିତି (ଏସ୍ସିବି) ଦ୍ୱାରା ସ୍ଥିରୀକୃତ ହୋଇଥାଏ।

21 ଅକ୍ଟୋବର 2019ରେ ହୋଇଥିବା ଇ-ନିଲାମ ଅନୁସାରେ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ଇ-ନିଲାମ କ୍ରେତାମାନଙ୍କୁ ଏମ୍ଟି ପ୍ରତି 1,100 ଟଙ୍କାରୁ 1,150 ଟଙ୍କା ଏବଂ ଏଲ୍ଟିଏଲ୍ କ୍ରେତାମାନଙ୍କୁ ଏମ୍ଟି ପ୍ରତି 1,109 ଟଙ୍କାରେ

---

82 ପ୍ରାରମ୍ଭିକ ଅନ୍ୱେଷଣରେ ଖଣିଜ ପଥରର ଉଭୟ ପାର୍ଶ୍ୱ ଏବଂ ଭୂଲମ୍ବ ଭାବରେ (ତୃତୀୟ ଆକାର) ବିସ୍ତାର ଓ ଚିହ୍ନଟ ପାଇଁ ଅନ୍ୱେଷଣକୁ ଆଗକୁ ବଢ଼ାଇ ପୂର୍ବ ପର୍ଯ୍ୟାୟର ଚିହ୍ନିତ ଖଣିଜ ଜମା କ୍ଷେତ୍ରର ପ୍ରାରମ୍ଭିକ ଚିତ୍ରଣ ଅନ୍ତର୍ଭୁକ୍ତ।

83 ବିସ୍ତୃତ ଅନ୍ୱେଷଣର ନମୁନା ମାଧ୍ୟମରେ ହାସଲ ହୋଇଥିବା ଏକ ଜଣାଶୁଣା ଖଣିଜ ଜମାର ବିସ୍ତୃତ ତିନୋଟି ଡାଇମେନସନର ଚିତ୍ରଣ ଅନ୍ତର୍ଭୁକ୍ତ, ଯେପରିକି ଉପର ପାଖରେ ବାହାରି ରହିଥିବା ସ୍ତର, ଗର୍ତ୍ତ, ଖାଲ, ବୋରହୋଲ, ଶ୍ୟାଫ୍ଟ ଏବଂ ସୁଡଙ୍ଗ ଇତ୍ୟାଦି।

84 ହାରାହାରି ଓଜନ ମୂଲ୍ୟ ଇ-ନିଲାମରେ ପ୍ରାପ୍ତ ବିଡ୍ ମୂଲ୍ୟ ଏବଂ ବିଡ୍ ପରିମାଣ ଦ୍ୱାରା ହିସାବ କରାଯାଏ ଯଥା {(ମୂଲ୍ୟ1 x ପରିମାଣ1) + (ମୂଲ୍ୟ2 x ପରିମାଣ2)}/( ପରିମାଣ1+ ପରିମାଣ2)

ଲୁହାପଥର ଗୁଣ୍ଡ ବିକ୍ରି କରାଯାଇଥିଲା[85] ଯାହାର ସର୍ବନିମ୍ନ ମୂଲ୍ୟ 1,000 ଟଙ୍କା ପ୍ରତି ଏମ୍‌ଟି ଥିଲା। କିନ୍ତୁ, ଗନ୍ଧମାର୍ଦ୍ଦନ ଅଞ୍ଚଳର ପରବର୍ତ୍ତୀ ଇ-ନିଲାମ (21 ଡିସେମ୍ବର 2019) ପାଇଁ, କୌଣସି ନିର୍ଦ୍ଦିଷ୍ଟ କାରଣ ନଦର୍ଶାଇ ବିକ୍ରୟ ସମିତି ସର୍ବନିମ୍ନ ମୂଲ୍ୟକୁ ଶେଷ ନିଲାମର (21 ଅକ୍ଟୋବେ 2019) ସର୍ବନିମ୍ନ ମୂଲ୍ୟ 1,000 ପ୍ରତି ଏମ୍‌ଟି ସହିତ ସମାନ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ (17 ଡିସେମ୍ବର 2019)। ବିକ୍ରୟ ସମିତି ଗନ୍ଧମାର୍ଦ୍ଦନ ଅଞ୍ଚଳ ପାଇଁ ବଜାର ବୁଦ୍ଧିମତ୍ତା ପ୍ରତିବେଦନକୁ ବିଚାର କରିନଥିଲା କିନ୍ତୁ ସେହି ସଭାରେ ଏସ୍‌ସିବି କୋଇଡା ଅଞ୍ଚଳ ପାଇଁ ବଜାର ବୁଦ୍ଧିମତ୍ତା ପ୍ରତିବେଦନକୁ ବିଚାର କରି ଲୁହାପଥର ଗୁଣ୍ଡ ସର୍ବନିମ୍ନ ମୂଲ୍ୟକୁ 950 ଟଙ୍କାରୁ 1,100 ଟଙ୍କା ପ୍ରତି ଏମ୍‌ଟିକୁ ବୃଦ୍ଧି କରିଥିଲା (16 ପ୍ରତିଶତ ବୃଦ୍ଧି)। ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, କୋଇଡା ଅଞ୍ଚଳରେ ଏହି ଉଚ୍ଚ ସର୍ବନିମ୍ନ ମୂଲ୍ୟ ସତ୍ତ୍ୱେ, କମ୍ପାନୀ 1,650ରୁ 1,700 ଟଙ୍କା ପ୍ରତି ଏମ୍‌ଟିର ନିଲାମ ମୂଲ୍ୟ ହାସଲ କରିଥିଲା ଯାହା ସଂଶୋଧିତ ସର୍ବନିମ୍ନ ମୂଲ୍ୟଠାରୁ 50 ପ୍ରତିଶତ ଅଧିକ ଅଟେ। ଏହା ଲୁହାପଥର ଗୁଣ୍ଡର ବଜାର ମୂଲ୍ୟର ବୃଦ୍ଧି ଧାରାକୁ ସୂଚିତ କରେ।

ସମୀକ୍ଷାରୁ ଦେଖାଗଲା ଯେ, ବଜାରର ଚାହିଦା ଏବଂ ମୂଲ୍ୟକୁ ବିଚାର ନକରିବା ଦ୍ୱାରା ଓଏମ୍‌ସିକୁ 2.98 କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିଲା ଯାହା ନିମ୍ନରେ ଦିଆଯାଇଛି:

- ଷ୍ଟିଲ ମିଣ୍ଟ୍ ୱେବସାଇଟ୍ ଅନୁଯାୟୀ ଅକ୍ଟୋବର 2019ରୁ ଡିସେମ୍ବର 2019 ମଧ୍ୟରେ ତିଆରି ଦ୍ରବ୍ୟର ଚାହିଦା ବଢୁଥିଲା। ଅଧିକନ୍ତୁ, କୋଇଡା ଅଞ୍ଚଳର ସର୍ବନିମ୍ନ ମୂଲ୍ୟର ବୃଦ୍ଧି ସତ୍ତ୍ୱେ କମ୍ପାନୀ ଗନ୍ଧମାର୍ଦ୍ଦନ ଅଞ୍ଚଳର ସର୍ବନିମ୍ନ ମୂଲ୍ୟର ବୃଦ୍ଧି କରିବାରେ ବିଫଳ ହୋଇଥିଲା।
- କୋଇଡା ଅଞ୍ଚଳର ଅଧିକ ଚାହିଦା ଏବଂ ସର୍ବନିମ୍ନ ମୂଲ୍ୟର ବୃଦ୍ଧିକୁ ଦୃଷ୍ଟିରେ ରଖି ଗନ୍ଧମାର୍ଦ୍ଦନ ଅଞ୍ଚଳର ଲୁହାପଥର ଗୁଣ୍ଡର ସର୍ବନିମ୍ନ ମୂଲ୍ୟକୁ ସର୍ବନିମ୍ନ 1,100 ଟଙ୍କା ପ୍ରତି ଏମ୍‌ଟିରେ ବୃଦ୍ଧି କରାଯିବାର ଆବଶ୍ୟକତା ଥିଲା ଯାହାକି ଗତ ଇ-ନିଲାମ (21 ଅକ୍ଟୋବର 2019)ରେ ଆବିଷ୍କାର ହୋଇଥିଲା ଯଥା 1,100ରୁ 1,150 ପ୍ରତି ଏମ୍‌ଟି। କିନ୍ତୁ, ଓଏମ୍‌ସି 31 ଡିସେମ୍ବର 2019ରୁ 20 ଫେବୃୟାରୀ 2020 ମଧ୍ୟରେ ଗନ୍ଧମାର୍ଦ୍ଦନ ଅଞ୍ଚଳର ଇ-ନିଲାମ କ୍ରେତାଙ୍କୁ 1,000 ଟଙ୍କାରୁ 1,050 ଟଙ୍କା ପ୍ରତି ଏମ୍‌ଟି ଏବଂ ଏଲ୍‌ଟିଏଲ୍ କ୍ରେତାଙ୍କୁ 1,028 ଟଙ୍କା ପ୍ରତି ଏମ୍‌ଟିରେ ବିକ୍ରି କଲା।

ଏହିପରି, ସର୍ବନିମ୍ନ ମୂଲ୍ୟକୁ କମ ହାରରେ ନିର୍ଦ୍ଧାରିତ କରିବା ଦ୍ୱାରା ଗନ୍ଧମାର୍ଦ୍ଦନ ବ୍ଲକ-ବିରେ 31 ଡିସେମ୍ବର 2019ରୁ 20 ଫେବୃଆରୀ 2020 ମଧ୍ୟରେ 4,11,323.700 ଏମ୍‌ଟି ଲୁହାପଥର ଗୁଣ୍ଡ ବିକ୍ରି କରି 2.98 କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିଲା।

ସରକାର କହିଲେ (ଜୁନ 2022) ଯେ, ସର୍ବନିମ୍ନ ମୂଲ୍ୟର ନିର୍ଦ୍ଧାରଣ ଇ-ନିଲାମର ନିଲାମ ମୂଲ୍ୟ ଏବଂ ଏଲ୍‌ଟିଏଲ୍ ଓ ଇ-ନିଲାମ କ୍ରେତାଙ୍କ ଦ୍ୱାରା ଉଠାଯାଇଥିବା ସାମଗ୍ରିର ସ୍ଥିତିଠାରୁ ସ୍ୱାଧିନ ଅଟେ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ତିଆରି ଦ୍ରବ୍ୟର ବର୍ଦ୍ଧିତ ଚାହିଦାକୁ ବିଚାର କରି କୋଇଡା ଅଞ୍ଚଳରେ ସର୍ବନିମ୍ନ ମୂଲ୍ୟର ବୃଦ୍ଧି କରାଯାଇଥିଲା ବେଳେ ସମିତି ଗନ୍ଧମାର୍ଦ୍ଦନ ଅଞ୍ଚଳ ପାଇଁ ସର୍ବନିମ୍ନ ମୂଲ୍ୟକୁ ବୃଦ୍ଧି କରିବାରେ ବିଫଳ ହୋଇଥିଲା। ଏହା ପୂର୍ବରୁ ନିଲାମର ସର୍ବନିମ୍ନ ମୂଲ୍ୟକୁ ବଜାୟ ରଖିଥିଲା ଯଦିଓ କମ୍ପାନୀ ପୂର୍ବ ନିଲାମର ସର୍ବନିମ୍ନ ମୂଲ୍ୟଠାରୁ ନିଲାମ ମୂଲ୍ୟରେ 10 ପ୍ରତିଶତ ଅଧିକ ପାଇଥିଲା। ବଜାର ବୁଦ୍ଧିମତା ପ୍ରତିବେଦନକୁ ବିଚାର ନକରିବା ଦର୍ଶାଉଛି ଯେ ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣରେ ତ୍ରୁଟି ହୋଇଥିଲା ଯାହାଦ୍ୱାରା ରାଜସ୍ୱ ହାନି ହୋଇଥିଲା। ଅଧିକନ୍ତୁ, ସର୍ବନିମ୍ନ ମୂଲ୍ୟକୁ କମରେ ନିର୍ଦ୍ଧାରିତ କରିବା ଦ୍ୱାରା ଅଧିକ ମୂଲ୍ୟର ନିଲାମ ପାଇବାର ସୁଯୋଗରୁ ଓଏମ୍‌ସି ବଞ୍ଚିତ ହେଲା।

ସରକାର ପୁଣି କହିଲେ ଯେ, ଅକ୍ଟୋବରରୁ ଡିସେମ୍ବର 2019 ମଧ୍ୟରେ ତିଆରି ଦ୍ରବ୍ୟର ମୂଲ୍ୟ ଧାରା ଇସ୍ପାତ ମିଣ୍ଟ୍ ୱେବସାଇଟ୍‌ରେ ଏକ ସାମାନ୍ୟ/ନଗଣ୍ୟ ପରିବର୍ତ୍ତନ ହୋଇଥିଲା।

85 23 ଅକ୍ଟୋବର 2019ରୁ 20 ଡିସେମ୍ବର 2019 ମଧ୍ୟରେ

ଏହି ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଇସ୍ପାତ ମିଣ୍ଟ୍ ୱେବସାଇଟ୍ ଅନୁଯାୟୀ ତିଆରି ଦ୍ରବ୍ୟର ମୂଲ୍ୟରେ ନଭେମ୍ବରରୁ ଡିସେମ୍ବର 2019 ମଧ୍ୟରେ 5,100ରୁ 5,500 ଟଙ୍କା ପର୍ଯ୍ୟନ୍ତ ଆଠ ଶତକଡାର ବୃଦ୍ଧି ନଗଣ୍ୟ ନଥିଲା।

ସାମଗ୍ରୀକ ବଜାର ଧାରା ଏବଂ ଦ୍ରବ୍ୟ ଉଠାଣ ସ୍ଥିତିକୁ ଆଧାର କରି ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ସରକାର, ଓଏମ୍‌ସିକୁ ପରାମର୍ଶ ଦେବା ଉଚିତ।

## 4.9 କ୍ରୋମ ପଥରର ସର୍ବନିମ୍ନ ମୂଲ୍ୟର ଭୁଲ ନିର୍ଦ୍ଧାରଣ

**କ୍ରୋମ ପଥର ବିକ୍ରୟ ପାଇଁ ସର୍ବନିମ୍ନ ମୂଲ୍ୟର ଭୁଲ ନିର୍ଦ୍ଧାରଣ ହେତୁ 1.97 କୋଟି ଟଙ୍କାର ରାଜସ୍ୱ କ୍ଷତି**

କ୍ରୋମ ପଥର[86] ଖଣିରୁ ଉତ୍ତୋଳନ କରାଯାଇଥାଏ। ଉତ୍ତୋଳିତ କ୍ରୋମ ପଥରକୁ କ୍ରୋମିୟମର ଭାଗ ଅନୁଯାୟୀ 'ଗ୍ରେଡେଡ୍' (40 ପ୍ରତିଶତ କିମ୍ବା ତଦୁର୍ଦ୍ଧ କ୍ରୋମିୟମ ଭାଗ) କିମ୍ବା 'ସବ-ଗ୍ରେଡେଡ୍' (40 ପ୍ରତିଶତରୁ କମ କ୍ରୋମିୟମ ଭାଗ) ଭାବରେ ବିଭକ୍ତ କରାଯାଇଥାଏ। ଗ୍ରେଡେଡ୍ କ୍ରୋମ ପଥର ଇ-ନିଲାମ ମାଧ୍ୟମରେ ବଜାରରେ ସିଧା ବିକ୍ରି କରାଯାଉଥିବା ବେଳେ 'ସବ-ଗ୍ରେଡେଡ୍' କ୍ରୋମ ପଥରକୁ 'ବେନିଫିସିଏସନ୍' ନାମକ ଏକ ପ୍ରକ୍ରିୟା ଦ୍ୱାରା କ୍ରୋମ ଭାଗ ବୃଦ୍ଧି କରାଯିବାର ଆବଶ୍ୟକତା ପଡିଥାଏ। କ୍ରୋମ ପଥର 'ବେନିଫିସିଏସନ୍' ଏକ କ୍ରୋମ ପଥର ବେନିଫିସିଏସନ୍ ଯନ୍ତ୍ର (ସିଓବିପି) ଦ୍ୱାରା ହୋଇଥାଏ ଯାହାକି ଗ୍ରେଡେଡ୍ କ୍ରୋମ ପଥର ତୁଳ୍ୟ ଅଧିକ ପ୍ରତିଶତ ବା ବର୍ଗର କ୍ରୋମିୟମ ଥିବା କ୍ରୋମ କନ୍‌ସେଣ୍ଟ୍ରେଟ୍ ଉତ୍ପାଦନ କରିଥାଏ। ଏହି ପ୍ରକ୍ରିୟାରେ କିଛି ବର୍ଜ୍ୟବସ୍ତୁ ଉତ୍ପନ୍ନ ହୁଏ ଏବଂ ଆୟତନ ହ୍ରାସ ପାଏ ଯାହାକୁ 'ଟେଲିଙ୍ଗ କ୍ଷତି' କୁହାଯାଏ। ସବ-ଗ୍ରେଡ କ୍ରୋମ ପଥରରୁ କ୍ରୋମ କନ୍‌ସେଣ୍ଟ୍ରେଟ୍‌ର ପୁନରୁଦ୍ଧାର ହାର ଟେଲିଙ୍ଗ କ୍ଷତି ବାଦ ଦେବା ପରେ ବିବେଚନା କରାଯାଏ। କ୍ରୋମ କନ୍‌ସେଣ୍ଟ୍ରେଟ୍ ଉଚ୍ଚ କାର୍ବନ ଫେରୋକ୍ରୋମ (ଏଚ୍‌ସିଏଫ୍‌ସି) ଉତ୍ପାଦନ କରିବା ପାଇଁ ବଜାରରେ ବିକ୍ରୟ କରାଯାଏ। ଏହି ଏଚ୍‌ସିଏଫ୍‌ସିକୁ ନିଷ୍କଳଙ୍କ ଷ୍ଟିଲ ଶିଳ୍ପ ଦ୍ୱାରା ଉପଯୋଗ କରାଯାଏ।

ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି)ର ଖଣି ପଟ୍ଟା ଅଞ୍ଚଳରେ ଏକ ସିଓବିପି ସ୍ଥାପିତ ଥିଲା ଏବଂ ଏହାର ଡିଜାଇନ୍ ଅନୁସାରେ ଏହା 87 ପ୍ରତିଶତ ପୁନରୁଦ୍ଧାର ହାରରେ କ୍ରୋମ କନ୍‌ସେଣ୍ଟ୍ରେଟ୍ ଉତ୍ପାଦନ କରେ ଓ 13 ପ୍ରତିଶତ ପ୍ରକ୍ରିୟା ସମୟରେ କ୍ଷତି ହୋଇଥାଏ। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ବିହିତ ପରିବେଶ ସର୍ତ୍ତାବଳୀର ଅନୁପାଳନ ନକରିବାରୁ 01 ଅପ୍ରେଲ 2017ରୁ ସିଓବିପି ବନ୍ଦ ହୋଇଯାଇଥିଲା। ଓଏମ୍‌ସି କ୍ରୋମାଇଟ ଖଣିର ଖଣି ଯୋଜନାରେ ସବ-ଗ୍ରେଡ କ୍ରୋମ ପଥରର ସିଧାସଳଖ ବିକ୍ରୟ ପାଇଁ ପ୍ରାବଧାନ ନଥିବାରୁ ସବ-ଗ୍ରେଡ କ୍ରୋମ ପଥରର ଜାତୀୟ ଇ-ନିଲାମ ମାଧ୍ୟମରେ ବିକ୍ରୟ ସମ୍ଭବ ନଥିଲା। ସିଧାସଳଖ ବିକ୍ରୟ ପାଇଁ ଓଏମ୍‌ସି ଅନୁମତି ମଧ୍ୟ ମାଗି ନଥିଲେ। ଫଳରେ, ଜମି ପଟ୍ଟା ଅଞ୍ଚଳରେ ବେନିଫିସିଏସନ୍ ନିମିତ୍ତ ସବ-ଗ୍ରେଡ କ୍ରୋମ ପଥର ବହୁତ ପରିମାଣରେ ଜମା ହୋଇ ରହିଥିବାରୁ ଖଣି ପରିଚାଳନାରେ ପ୍ରତିବନ୍ଧକ ଉପୁଜିଥିଲା। ସେହି ଅନୁଯାୟୀ, ଭାରତୀୟ ଖଣି ସଂସ୍ଥାଠାରୁ ଅନୁମତି ହାସଲ ପରେ ଜମା ହୋଇ ରହିଥିବା ସବ-ଗ୍ରେଡ କ୍ରୋମ ପଥରର ଇ-ନିଲାମ ମାଧ୍ୟମରେ ବିକ୍ରୟ ପାଇଁ ଓଏମ୍‌ସି ନିଷ୍ପତ୍ତି ନେଲେ (ଅକ୍ଟୋବର 2019) ଏବଂ ଇ-ନିଲାମ (ମଇ 2020) ପାଇଁ ସର୍ବନିମ୍ନ ମୂଲ୍ୟ ସ୍ଥିରୀକୃତ କରିବା ପାଇଁ ପଦ୍ଧତି ନିର୍ଦ୍ଧାରଣ କଲେ।

ଉପର୍ଯ୍ୟୁକ୍ତ ପଦ୍ଧତି ଅନୁଯାୟୀ, ଓଏମ୍‌ସି ପ୍ରଥମେ ଏଚ୍‌ସିଏଫ୍‌ସିର ବଜାର ମୂଲ୍ୟ ସଂଗ୍ରହ କଲେ। ବଜାର ମୂଲ୍ୟରୁ ବିଭିନ୍ନ ଗ୍ରେଡର କ୍ରୋମ କନ୍‌ସେଣ୍ଟ୍ରେଟ୍‌ର ମୂଲ୍ୟ ନିର୍ଣ୍ଣୟ କରାଯାଇଥିଲା। ଏହି ମୂଲ୍ୟଗୁଡିକରୁ ବେନିଫିସିଏସନ୍ ଖର୍ଚ୍ଚ ବାଦ ଦେବା ପରେ ପଶ୍ଚାତ ଗଣନା ମାଧ୍ୟମରେ ସବ-ଗ୍ରେଡ କ୍ରୋମ ପଥରର ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ମୂଲ୍ୟକୁ ସବ-ଗ୍ରେଡ କ୍ରୋମ ପଥରର ଇ-ନିଲାମ ପାଇଁ ସର୍ବନିମ୍ନ ମୂଲ୍ୟ ରଖାଯାଇଥିଲା। ସବ-ଗ୍ରେଡ କ୍ରୋମ ପଥରର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ, ଓଏମ୍‌ସି ଏହାର ସିଓବିପିରୁ 2014-15ରୁ 2016-17 ସମୟ ଅବଧି ମଧ୍ୟରେ କ୍ରୋମ କନ୍‌ସେଣ୍ଟ୍ରେଟ୍‌ର ହାରାହାରି ଉତ୍ପାଦନକୁ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ। କାରଣ

[86] କ୍ରୋମିୟମ ପଥରର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗଗୁଡିକ ହେଉଛି ନିଷ୍କଳଙ୍କ ଷ୍ଟିଲ, ଧୂସର କାଷ୍ଟ ଲୁହା, ଲୌହମୁକ୍ତ ଉଚ୍ଚ ତାପମାତ୍ରା ମିଶ୍ରଧାତୁ ଏବଂ ପୃଷ୍ଠ ସୁରକ୍ଷା ପାଇଁ କ୍ରୋମିୟମ ପ୍ଲେଟିଂ ଉତ୍ପାଦନରେ

01 ଅପ୍ରେଲ 2017ଠାରୁ ସିଓବିପି ବନ୍ଦ ରହିଥିଲା। ହାରାହାରି ପୁନରୁଦ୍ଧାର ହାର 42.30 ପ୍ରତିଶତ ବୋଲି ହିସାବ କରାଗଲା। ସବ-ଗ୍ରେଡ କ୍ରୋମ ପଥରର ମଇ 2020 ଏବଂ ଅଗଷ୍ଟ 2020ରେ ଦୁଇଟି ଇ-ନିଲାମ ମାଧ୍ୟମରେ ବିକ୍ରୟ ନିମିତ୍ତ ସର୍ବନିମ୍ନ ମୂଲ୍ୟ ଯଥାକ୍ରମେ 1,941 ଟଙ୍କା ପ୍ରତି ଏମ୍‌ଟି ଏବଂ 2,181 ଟଙ୍କା ପ୍ରତି ଏମ୍‌ଟି ସ୍ଥିର କରାଯାଇଥିଲା। ଉପର୍ଯ୍ୟୁକ୍ତ ମୂଲ୍ୟରେ ଓଏମ୍‌ସି ଦୁଇଟି ଇ-ନିଲାମ ମାଧ୍ୟମରେ 88,338.42 ଏମ୍‌ଟି ସବ-ଗ୍ରେଡ କ୍ରୋମ ପଥର ବିକ୍ରୟ କରିଥିଲେ।

ସମୀକ୍ଷାରୁ ଦେଖାଗଲା ଯେ, ଓଏମ୍‌ସି ଦ୍ୱାରା ଗୃହିତ ପଦ୍ଧତିରେ ସର୍ବନିମ୍ନ ମୂଲ୍ୟର ନିର୍ଦ୍ଧାରଣ ଭୁଲ ଥିଲା। ଯଦିଓ ଓଏମ୍‌ସି ଦ୍ୱାରା 2014-17 ମଧ୍ୟରେ ହାରାହାରି ପୁନରୁଦ୍ଧାର ହାର 42.30 ପ୍ରତିଶତ ବୋଲି ନିର୍ଦ୍ଧାରଣ କରାଯାଇଥିଲା, ତାହାକୁ ପ୍ରକୃତ ହିସାବ ସମୟରେ 38.76 ପ୍ରତିଶତ ଭାବରେ ନିଆଯାଇଥିଲା। ଫଳସ୍ୱରୂପ, ଦୁଇଟି ଇ-ନିଲାମର ସର୍ବନିମ୍ନ ମୂଲ୍ୟରେ 211 ଟଙ୍କା ପ୍ରତି ଏମ୍‌ଟି ଓ 230 ଟଙ୍କା ପ୍ରତି ଏମ୍‌ଟି ଲେଖାଏଁ କମିଯାଇଥିଲା। ସର୍ବନିମ୍ନ ମୂଲ୍ୟ କମ ସ୍ଥିର କରିବାରୁ କମ ମୂଲ୍ୟରେ ନିଲାମ ଡକାଯାଇଥିଲା, ଫଳରେ 88,388.42 ଏମ୍‌ଟି ସବ-ଗ୍ରେଡ କ୍ରୋମର ବିକ୍ରୟରୁ ବିକ୍ରୟ ମୂଲ୍ୟ 1.97 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା (ସବିଶେଷ ହିସାବ **ପରିଶିଷ୍ଟ 19**ରେ ଦିଆଯାଇଅଛି)।

ଏହିପରି, ଓଏମ୍‌ସି ଦ୍ୱାରା ଗୃହୀତ ପଦ୍ଧତିରେ ନିର୍ଦ୍ଧାରଣ କରାଯାଇଥିବା ହାରର ଭୁଲ ପ୍ରୟୋଗ ହେତୁ ସବ-ଗ୍ରେଡ କ୍ରୋମ ପଥରର ସର୍ବନିମ୍ନ ମୂଲ୍ୟ କମ ନିର୍ଦ୍ଧାରଣ କରାଯାଇଥିଲା ଏବଂ ଫଳତଃ 1.97 କୋଟି ଟଙ୍କାର ରାଜସ୍ୱ କମ ଆଦାୟ ହୋଇଥିଲା।

ପରିଚାଳନା କର୍ତ୍ତୃପକ୍ଷ ପ୍ରତ୍ୟୁତ୍ତର ଦେଲେ (ଡିସେମ୍ବର 2022) ଯେ, ଓଏମ୍‌ସି ମୂଲ୍ୟ ନିଷ୍ପତ୍ତି କରିନଥିଲେ, କେବଳ ମାତ୍ର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ଏବଂ ଉତ୍ପାଦର ମୂଲ୍ୟ ଇ-ନିଲାମ ମାଧ୍ୟମରେ ପ୍ରତିଯୋଗିତାମୂଳକ ଓ ଖୋଲା ନିଲାମ ଡାକ ପ୍ରକ୍ରିୟାରେ ବଜାର ଦ୍ୱାରା ସ୍ଥିରିକୃତ ହୋଇଥିଲା। ପ୍ରତ୍ୟୁତ୍ତରଟି ଗ୍ରହଣୀୟ ନଥିଲା କାରଣ ସବ-ଗ୍ରେଡ କ୍ରୋମ ପଥର ଏକ ନିୟମିତ କିଣାବିକା ଉତ୍ପାଦ ନଥିଲା ଏବଂ ସର୍ବନିମ୍ନ ମୂଲ୍ୟର କମ ନିର୍ଦ୍ଧାରଣ ସୂଚାଉଥିଲା ଯେ, ଉତ୍ପାଦକୁ କମ ମୂଲ୍ୟରେ ବିକ୍ରି କରିବା। ତେଣୁ ଓଏମ୍‌ସି ଦ୍ୱାରା ନିଷ୍ପତ୍ତି କରାଯାଇଥିବା 42.30 ପ୍ରତିଶତ ପୁନରୁଦ୍ଧାର ହାରକୁ ନେଇ ସର୍ବନିମ୍ନ ମୂଲ୍ୟର ନିର୍ଦ୍ଧାରଣ ଅତ୍ୟଧିକ ଯତ୍ନ ସହକାରେ କରାଯିବା ଉଚିତ ଥିଲା। ଦ୍ୱିତୀୟତଃ, ପ୍ରଥମ ଇ-ନିଲାମ (ମଇ 2020)ର ବିକ୍ରି ସର୍ବନିମ୍ନ ମୂଲ୍ୟରେ ହିଁ ହୋଇଥିବାରୁ ଦ୍ୱିତୀୟ ଇ-ନିଲାମ ପାଇଁ ସର୍ବନିମ୍ନ ମୂଲ୍ୟ ପ୍ରଥମ ଇ-ନିଲାମର ବଜାର ସୂଚନାକୁ ସଠିକ ଭାବରେ ବ୍ୟବହାର ପୂର୍ବକ ନିର୍ଦ୍ଧାରଣ କରି ରାଜସ୍ୱ ବଢ଼ାଇବାର ଥିଲା। କିନ୍ତୁ, ଏହା ହୋଇନଥିଲା।

ଅନୁଚ୍ଛେଦଟି ସରକାରଙ୍କୁ 06 ଜାନୁଆରୀ 2023ରେ ଜାରି କରାଯାଇଥିଲା ଓ ପରେ 22 ଫେବୃଆରୀ 2023ରେ ଅନୁସ୍ମାରକ ପଠାଯାଇଥିଲା, ପ୍ରତ୍ୟୁତ୍ତର ଏପର୍ଯ୍ୟନ୍ତ (ଫେବୃଆରୀ 2023) ପ୍ରାପ୍ତ ହୋଇନଥିଲା।

## ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍

## 4.10 ସୁଧର ପରିହାର୍ଯ୍ୟ କ୍ଷତି

### ଅଧିକ ଦ୍ରବ୍ୟ ଏବଂ ସେବାକର ପ୍ରଦାନ ହେତୁ 3.12 କୋଟି ଟଙ୍କା କ୍ଷତି

ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓପିଏଚ୍‌ଡବ୍ଲ୍ୟୁସି), ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ଗୃହ ଓ ଅନ୍ୟାନ୍ୟ ବିଭାଗର ବିଭିନ୍ନ ନିର୍ମାଣ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିଛି। ଓପିଏଚ୍‌ଡବ୍ଲ୍ୟୁସି ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଅଧିନିୟମ 2017 ଅନୁଯାୟୀ ପଞ୍ଜିକୃତ ହୋଇଥିଲା ଏବଂ ବିଭିନ୍ନ ସରକାରୀ ଏଜେନ୍ସିଗୁଡିକୁ ନିର୍ମାଣ ସେବା (କାର୍ଯ୍ୟ ଚୁକ୍ତିନାମା ସେବା) ଯୋଗାଣ ପାଇଁ 12 ପ୍ରତିଶତ ହାରରେ ଏବଂ ନିର୍ମାଣ ସେବା ବ୍ୟତୀତ ଅନ୍ୟ ସେବାଗୁଡିକ ଯଥା: ଘର ଭଡା, ଜୋରିମାନା ଆଦାୟ, ଟେଣ୍ଡର କାଗଜ[87] ବିକ୍ରି ଇତ୍ୟାଦି ଉପରେ 18 ପ୍ରତିଶତ ଜିଏସ୍‌ଟି ଦେବାର ଥିଲା।

[87] ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାରଙ୍କ 21 ସେପ୍ଟେମ୍ବର 2017 ବିଜ୍ଞପ୍ତି ଅନୁଯାୟୀ

ଦସ୍ତାବିଜଗୁଡିକର ଯାଞ୍ଚରୁ ଜଣାଗଲା ଯେ, ଓପିଏଚ୍‌ଡବ୍ଲ୍ୟୁସି, ମାର୍ଚ୍ଚ 2019 ପାଇଁ ବିଭିନ୍ନ ସରକାରୀ ଏଜେନ୍ସିମାନଙ୍କୁ ନିର୍ମାଣ ସେବା ଯୋଗାଣ ବାବଦରେ 12 ପ୍ରତିଶତ ଜିଏସ୍‌ଟି ଦେୟ ହିସାବରେ ଏକ ଜିଏସ୍‌ଟି ଦେୟ(ବାହ୍ୟ ଓ ଆଭ୍ୟନ୍ତରୀଣ ଯୋଗାଣ)ର ସାରାଂଶ ସହିତ ଜିଏସ୍‌ଟିଆର-3ବି ରିଟର୍ଣ୍ଣ 25 ସେପ୍ଟେମ୍ବର 2019ରେ ଦାଖଲ କରିଥିଲା। ଅଥଚ, ସେହି ମାର୍ଚ୍ଚ 2019 ପାଇଁ ଦ୍ରବ୍ୟ ଏବଂ ସେବାଗୁଡିକର କେବଳ ବାହ୍ୟ ଯୋଗାଣ ବାବଦରେ ଅନ୍ୟ ଏକ ରିଟର୍ଣ୍ଣ (ଜିଏସ୍‌ଟିଆର୍-1) ଦାଖଲ (02 ମାର୍ଚ୍ଚ 2020)ରେ ଜିଏସ୍‌ଟି ହାର ପ୍ରଯୁଜ୍ୟ 12 ପ୍ରତିଶତ ପ୍ରତିବଦଳରେ ଓପିଏଚ୍‌ଡବ୍ଲ୍ୟୁସି 18 ପ୍ରତିଶତ ଦର୍ଶାଇଥିଲା। ସେହି ଅନୁଯାୟୀ, ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରେ[88] ଉପଲବ୍ଧ ଗଚ୍ଛିତ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି)କୁ ବ୍ୟବହାର କରି 45.33 କୋଟି ଟଙ୍କାର ଦେୟ ବାବଦକୁ 67.88 କୋଟି ଟଙ୍କା ପ୍ରଦାନ କରିଥିଲା। ଏହିପରି, ଭୁଲ ଜିଏସ୍‌ଟି ହାରକୁ ଗ୍ରହଣ କରି ମାର୍ଚ୍ଚ 2019 ପାଇଁ 22.55 କୋଟି ଟଙ୍କାର ଅଧିକ ଜିଏସ୍‌ଟି ପଇଠ ହୋଇଥିଲା।

ପରବର୍ତ୍ତୀ ସମୟରେ, କ୍ରେଡିଟ୍ ଲେଜରରେ ଅଯଥେଷ୍ଟ ଆଇଟିସି ଗଚ୍ଛିତ ହେତୁ ଓପିଏଚ୍‌ଡବ୍ଲ୍ୟୁସି ମାର୍ଚ୍ଚ 2020 ପାଇଁ ରିଟର୍ଣ୍ଣ ଦାଖଲ କରିବାରେ ସକ୍ଷମ ହୋଇପାରି ନଥିଲା କାରଣ ମାର୍ଚ୍ଚ 2019 ମାସ ପାଇଁ ରିଟର୍ଣ୍ଣ ଦାଖଲ ସମୟରେ ଗଚ୍ଛିତ ଆଇଟିସି ବ୍ୟବହୃତ ହୋଇଯାଇଥିଲା। 24.51 କୋଟି ଟଙ୍କାର ଜିଏସ୍‌ଟି ପଇଠ କରିବା ପାଇଁ ଓପିଏଚ୍‌ଡବ୍ଲ୍ୟୁସି 24.63 କୋଟି ଟଙ୍କାର ସ୍ଥାୟୀ ଜମାକୁ ସମୟ ପୂର୍ବରୁ ଭାଙ୍ଗି ଦେଇଥିଲା।

ମାର୍ଚ୍ଚ 2019 ମାସ ପାଇଁ ଜିଏସ୍‌ଟିଆର୍-1 ଫର୍ମରେ ତ୍ରୁଟିକୁ ସଂଶୋଧନ କରି ଓପିଏଚ୍‌ଡବ୍ଲ୍ୟୁସି ସଂଶୋଧିତ ରିଟର୍ଣ୍ଣ 04 ସେପ୍ଟେମ୍ବର 2020ରେ ଦାଖଲ କଲା ଏବଂ 22.55 କୋଟି ଟଙ୍କାର ଅଧିକ ଜିଏସ୍‌ଟି ଦେୟର ଫେରସ୍ତ ପାଇଁ ଏକ ଆବେଦନ 10 ସେପ୍ଟେମ୍ବର 2020ରେ ଦାଖଲ କଲା। ସେହି ଆବେଦନକୁ ଅଯୋଗ୍ୟ ଦାବି ଆଧାରରେ ନ୍ୟାୟ ନିର୍ଣ୍ଣେତା କର୍ତ୍ତୃପକ୍ଷ 10 ନଭେମ୍ବର 2020 ରେ ପ୍ରତ୍ୟାଖ୍ୟାନ କରିଦେଲେ। ଏହି ଆଦେଶ ବିରୁଦ୍ଧରେ ଓପିଏଚ୍‌ଡବ୍ଲ୍ୟୁସି ଅତିରିକ୍ତ କମିସନର୍, ଜିଏସ୍‌ଟି (ଅପିଲ), ଭୁବନେଶ୍ୱରଙ୍କ ନିକଟରେ ଏକ ଅପିଲ ଦାଖଲ କଲେ ଏବଂ 0.07 କୋଟି ଟଙ୍କାର ସ୍ୱଳ୍ପ ଟିକସ ଦେୟକୁ ବାଦ ଦେଇ, 22.48 କୋଟି ଟଙ୍କାର ଅଧିକ ଜିଏସ୍‌ଟି ଦେୟକୁ ଫେରସ୍ତ ପାଇଁ ଅନୁମତି 10 ନଭେମ୍ବର 2021ରେ ପାଇଲେ। ଏହି ଫେରସ୍ତ ଜିଏସ୍‌ଟି ରାଶି ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରେ ଜମା ହେଲା (10 ଡିସେମ୍ବର 2021), ଯାହା ପରବର୍ତ୍ତୀ ବର୍ଷମାନଙ୍କରେ କେବଳ ଟିକସ ପଇଠ କରିବା ପାଇଁ ବ୍ୟବହୃତ ହୋଇପାରିବ।

ସମୀକ୍ଷାରେ ଦେଖାଗଲା ଯେ:

- ଯେହେତୁ ଅଧିକ ଦେୟଯୁକ୍ତ ଜିଏସ୍‌ଟି ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରେ ଆଇଟିସି ଆକାରରେ ଫେରସ୍ତ ଦିଆଗଲା, ସେହି ରାଶି କେବଳ ଜିଏସ୍‌ଟି ଦେୟ ପଇଠ ପାଇଁ ବ୍ୟବହୃତ ହେବ। ଓପିଏଚ୍‌ଡବ୍ଲ୍ୟୁସି ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରକୁ ବ୍ୟବହାର କରି 2021-22 ବର୍ଷ ପାଇଁ 3.90 କୋଟି ଟଙ୍କା ଜିଏସ୍‌ଟି ପ୍ରଦାନ କଲା। ଆଇଟିସିର ଉପଯୋଗିତା ଢାଞ୍ଚା ସୂଚିତ କଲା ଯେ, ଫେରସ୍ତ କରାଯାଇଥିବା ପରିମାଣକୁ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରିବାକୁ ଓପିଏଚ୍‌ଡବ୍ଲ୍ୟୁସିକୁ ଆହୁରି ଚାରି ବର୍ଷ ଲାଗିବ। ତେଣୁ, ଅଧିକ ଜିଏସ୍‌ଟି ଦେୟ ଦ୍ୱାରା ପାଣ୍ଠି ଅବରୋଧ ହେଲା। ଅତିରିକ୍ତ ଜିଏସ୍‌ଟି ଦେୟ କରିବା ଦ୍ୱାରା ସ୍ଥାୟୀ ଜମାଗୁଡିକୁ ପୂର୍ଣ୍ଣବିକାଶ ପୂର୍ବରୁ ବନ୍ଦ ହେତୁ 3.12 କୋଟି[89] ଟଙ୍କାର ସୁଧ କ୍ଷତି ହେଲା (**ପରିଶିଷ୍ଟ 20**)।
- ଅଧିକନ୍ତୁ, 2019-20 ଏବଂ 2020-21 ବର୍ଷ ପାଇଁ ଓପିଏଚ୍‌ଡବ୍ଲ୍ୟୁସି ଜିଏସ୍‌ଟିଆର-3ବି ଫର୍ମ ଦାଖଲ କରିବାରେ ଯଥାକ୍ରମେ 164 ଏବଂ 24 ଦିନ ବିଳମ୍ବ କରିଥିଲା, ଯାହାଫଳରେ ଜିଏସ୍‌ଟି ଅଧିନିୟମ 2017ର ଧାରା 50(1) ଅନୁଯାୟୀ 2.88 କୋଟି ଟଙ୍କାର ଜୋରିମାନାର ଦାବି 09 ଫେବୃଆରୀ 2022ରେ ପାଇଥିଲା। ଜିଏସ୍‌ଟି ରିଟର୍ଣ୍ଣ ଦାଖଲ ପାଇଁ ଜଣେ ଜିଏସ୍‌ଟି ପରାମର୍ଶଦାତାଙ୍କ ନିୟୋଜନ

---

88 ଏକ ଟିକସଦାତା ଦ୍ୱାରା ହୋଇଥିବା ଆଭ୍ୟନ୍ତରୀଣ ଯୋଗାଣ ସଂଗୃହିତ ସମସ୍ତ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଏକ ଇଲେକ୍ଟ୍ରୋନିକ କ୍ରେଡିଟ୍ ଲେଜରରେ ଜମା ହୁଏ ଏବଂ ଏହା ଟିକସ ଦାୟିତ୍ୱ ପୈଠ ପାଇଁ ବ୍ୟବହୃତ ହୋଇପାରିବ

89 ସ୍ଥାୟୀ ଜମା ଉପରେ ସୁଧ ହାର 5.1 ଶତକଡା ଥିଲା

କରିବା ସତ୍ତ୍ୱେ, ଓପିଏଚ୍‌ଡବ୍ଲ୍ୟୁସି ଉପର୍ଯ୍ୟୁକ୍ତ ଜୋରିମାନା ଦେବାର ଦାୟିତ୍ୱ ବହନ କଲେ। ଏହା ଖରାପ ଆର୍ଥିକ ପରିଚାଳନାକୁ ଦର୍ଶାଉଛି।

ଏହିପରି, ଅଧିକ ଜିଏସ୍‌ଟି ଦେୟ ହେତୁ ଓପିଏଚ୍‌ଡବ୍ଲ୍ୟୁସି 3.12 କୋଟି ଟଙ୍କା କ୍ଷତି ସହିଛି ଏବଂ 2019-20 ଏବଂ 2020-21 ମଧ୍ୟରେ ଜିଏସ୍‌ଟି ରିଟର୍ଣ୍ଣ ଦାଖଲ କରିବାରେ ବିଳମ୍ବ ହେତୁ 2.88 କୋଟି ଟଙ୍କାର ସମ୍ଭାବ୍ୟ ଜୋରିମାନା ଦେବାକୁ ପଡିବ।

କର୍ତ୍ତୃପକ୍ଷ କହିଲେ (ଅକ୍ଟୋବର 2022) ଯେ, ମାର୍ଚ୍ଚ 2019 ମାସ ପାଇଁ ଜିଏସ୍‌ଟିଆର୍-1 ଦାଖଲ କରିବା ବେଳେ ଜିଏସ୍‌ଟି ପରାମର୍ଶଦାତା ସରକାରୀ ଚୁକ୍ତିନାମାଗୁଡିକ ପାଇଁ ପ୍ରଯୁଜ୍ୟ ହାର ବଦଳରେ ସମ୍ପୂର୍ଣ୍ଣ ଆୟକୁ 18 ପ୍ରତିଶତ ହାରରେ ଜିଏସ୍‌ଟି ହାରକୁ ଭୁଲ ଭାବରେ ବିବେଚନା କରିଥିଲେ। 22.55 କୋଟି ଟଙ୍କାର ଅତିରିକ୍ତ ଜିଏସ୍‌ଟି ଦାୟିତ୍ୱ, ପରବର୍ତ୍ତୀ ଆର୍ଥିକ ବର୍ଷ ଅର୍ଥାତ 2019-20ରୁ ଆଇଟିସିରୁ ଆଡଜଷ୍ଟ ହେବ। କର୍ତ୍ତୃପକ୍ଷ ଏହା ମଧ୍ୟ କହିଲେ ଯେ, 535 କୋଟି ଟଙ୍କାର ସମ୍ଭାବ୍ୟ କାରବାରକୁ ବିଚାରକୁ ନେଇ 2022-23 ବର୍ଷ ପାଇଁ 7.70 କୋଟି ଟଙ୍କା ଆଡଜଷ୍ଟ ହେବ।

କର୍ତ୍ତୃପକ୍ଷଙ୍କ ଉତ୍ତର ଗ୍ରହଣୀୟ ନୁହେଁ, କାରଣ 2022-23 ବର୍ଷ ପାଇଁ 535 କୋଟି ଟଙ୍କାର ସମ୍ଭାବ୍ୟ କାରବାରର କୌଣସି ବିଶ୍ଳେଷଣ ସମୀକ୍ଷାକୁ ପ୍ରଦାନ କରାଯାଇ ନଥିଲା। ପୁନଶ୍ଚ, ବିଗତ ଚାରିବର୍ଷ 2018-19ରୁ 2021-22 ମଧ୍ୟରେ ନିଗମର ହାରାହାରି କାରବାର 343 କୋଟି ଟଙ୍କା ଥିଲା। ଓପିଏଚ୍‌ଡବ୍ଲ୍ୟୁସି ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରୁ ମାତ୍ର 3.90 କୋଟି ବ୍ୟବହାର କରିଥିଲା ଏବଂ ମାର୍ଚ୍ଚ 2022 ସୁଦ୍ଧା ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରେ 18.65 କୋଟି ଟଙ୍କା ଗଚ୍ଛିତ ଥିଲା। ଏହିପରି, ଆର୍ଥିକ କୁପରିଚାଳନା ଦ୍ୱାରା ଓପିଏଚ୍‌ଡବ୍ଲ୍ୟୁସିକୁ କ୍ଷତି ହୋଇଥିଲା, ଯେଉଁ ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରିବା ଆବଶ୍ୟକ ଅଟେ।

ପର୍ଯ୍ୟବେକ୍ଷଣଟି ଅକ୍ଟୋବର 2022ରେ ଓଡିଶା ସରକାରଙ୍କ ଗୃହ ବିଭାଗକୁ ଜାରି କରାଯାଇଥିଲା ଏବଂ ଡିସେମ୍ବର 2022ରେ ଏକ ଅନୁସ୍ମାରକ ପ୍ରଦାନ କରାଯାଇଥିଲା। ମାର୍ଚ୍ଚ 2023 ସୁଦ୍ଧା ଏହାର ଉତ୍ତର ପ୍ରାପ୍ତ ହୋଇନଥିଲା।

## ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍

## 4.11 ନିରର୍ଥକ ଖର୍ଚ୍ଚ

**ବୈଷୟିକ ପ୍ରୟୋଗ ସମ୍ଭାବନା ଆକଳନ ନକରି ସ୍ମାର୍ଟ ଟ୍ରାକିଂ ସିଷ୍ଟମ ପାଇଁ ଅନ୍ ବୋର୍ଡ ବସ୍ ୟୁନିଟ କ୍ରୟ କରିବା ଦ୍ୱାରା 4.50 କୋଟି ଟଙ୍କା ନିରର୍ଥକ ଖର୍ଚ୍ଚ ହୋଇଥିଲା**

ସ୍ମାର୍ଟ ସିଟି ପ୍ରକଳ୍ପ ଅଧୀନରେ ସ୍ମାର୍ଟ ସମାଧାନଗୁଡିକ କାର୍ଯ୍ୟାନ୍ୱୟନ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଡିସେମ୍ବର 2017ରେ ମେସର୍ସ ହନିୱେଲ ଅଟୋମେସନ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏଆଇଏଲ୍)କୁ ସେମାନଙ୍କର ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର (ଏମ୍‌ଏସ୍‌ଆଇ) ଭାବରେ ମନୋନୀତ କରିଥିଲା। ଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ), ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ (ଜାନୁଆରୀ 2019) ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ପୃକ୍ତ ସରକାରୀ ବିଭାଗ/ଏଜେନ୍‌ସି ଦ୍ୱାରା  କାର୍ଯ୍ୟକାରୀ ହେଉଥିବା ସ୍ମାର୍ଟ ସିଟି ପ୍ରକଳ୍ପଗୁଡିକରେ, ସ୍ମାର୍ଟ ସିଟି ଏସ୍‌ପିଭି (ଯଥା; ବିଏସ୍‌ସିଏଲ୍), ସମ୍ପୃକ୍ତ ସରକାରୀ ବିଭାଗ/ଏଜେନ୍‌ସି ଏବଂ ପ୍ରତ୍ୟାଶିତ ନିଲାମ ଡକାଳି ସହିତ ଏକ ତ୍ରିପାକ୍ଷିକ ଚୁକ୍ତିନାମା କରିବା ପ୍ରୟୋଜନ ଥିଲା।

ଏହି ଯୋଜନାରେ ବିଭିନ୍ନ ଉପାଦାନ ମଧ୍ୟରୁ ଅନ୍-ବୋର୍ଡ ବସ୍ ୟୁନିଟ (ଓବିୟୁ) ମାଧ୍ୟମରେ ବସଗୁଡିକର ଟ୍ରାକିଂ କରିବା ସ୍ମାର୍ଟ ଟ୍ରାକିଂ ସିଷ୍ଟମର ଏକ ଉପାଦାନ ଥିଲା। ଓବିୟୁଗୁଡିକୁ ଏମ୍‌ଏସ୍‌ଆଇ ଦ୍ୱାରା ଯୋଗାଇ ଦିଆଯିବା ତଥା ରାଜଧାନୀ ଅଞ୍ଚଳ ସହରୀ ପରିବହନ (ସିଆରୟୁଟି)[90] ଦ୍ୱାରା ପରିଚାଳିତ ବସଗୁଡିକରେ ସଂସ୍ଥାପନ କରିବାର

[90] ରାଜଧାନୀ ଅଞ୍ଚଳରେ ପରିବହନ ସେବା ଯୋଗାଇବା ପାଇଁ ଗୃହ ଏବଂ ସହରାଞ୍ଚଳ ବିକାଶ (ଏଚ୍‌ଆଣ୍ଡୟୁଡି) ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଗଠିତ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ (ଏସ୍‌ପିଭି) କମ୍ପାନୀ

ଥିଲା। ଅଧିକନ୍ତୁ, ଓବିୟୁ ମାଧ୍ୟମରେ ବସ ଟ୍ରାକିଂ ପାଇଁ ଏମ୍‌ଏସ୍‌ଆଇକୁ କେନ୍ଦ୍ରୀୟ ସ୍ୱୟଂକ୍ରିୟ ବାହନ ଅବସ୍ଥିତି ତନ୍ତ୍ର (ଏଭିଏଲ୍‌ଏସ୍)ର ବିକାଶ ଏବଂ କାର୍ଯ୍ୟକାରୀ କରିବାର ଆବଶ୍ୟକ ଥିଲା। ଏମ୍‌ଏସ୍‌ଆଇର ବିସ୍ତୃତ ନକ୍ସା ପ୍ରତିବେଦନ ଅନୁଯାୟୀ ଓବିୟୁଗୁଡିକର ସଂସ୍ଥାପନ କରିବା ପାଇଁ ଆବଶ୍ୟକୀୟ ଯାନର ଉପଲବ୍ଧତା, ଯାନର ତାର ପରିବର୍ତ୍ତନ ଇତ୍ୟାଦି ବିଏସ୍‌ସିଏଲ୍ ଦ୍ୱାରା ନିଶ୍ଚିତ କରାଯିବାର ଥିଲା।

ସମୀକ୍ଷାରେ ଦେଖାଗଲା ଯେ, ସିଆର୍‌ୟୁଟି ଦ୍ୱାରା ପରିଚାଳିତ ବସଗୁଡିକରେ ସଂସ୍ଥାପନ କରିବା ପାଇଁ ବିଏସ୍‌ସିଏଲ୍ 7.15 କୋଟି ଟଙ୍କା ମୂଲ୍ୟର 160ଟି ଓବିୟୁ ସେପ୍ଟେମ୍ବର 2018ରେ କ୍ରୟ କରିଥିଲା। କିନ୍ତୁ, ଓବିୟୁ ଯୋଗାଣ ସମୟରେ, ସିଆର୍‌ୟୁଟି 200ଟି ନୂତନ ବସ ଚଳାଉଥିଲା ଯେଉଁଥିରେ ଓବିୟୁଗୁଡିକ ବସ ଉତ୍ପାଦନକାରୀମାନଙ୍କ ଦ୍ୱାରା ପୂର୍ବରୁ ଖଞ୍ଜାଯାଇଥିଲା।

ପୂର୍ବରୁ ଖଞ୍ଜାଯାଇଥିବା ଓବିୟୁ ଏବଂ ଏଭିଏଲ୍‌ଏସ୍ ସିଷ୍ଟମ ମଧ୍ୟରେ ଅସାମଞ୍ଜସ୍ୟ ହେବାରୁ, ଏମ୍‌ଏସ୍‌ଆଇ ଯୋଗାଇଥିବା ଓବିୟୁ ବସରେ ସଂସ୍ଥାପନ ହୋଇପାରିନଥିଲା। ଏହି ବୈଷୟିକ ସମସ୍ୟାର ସମାଧାନ ପାଇଁ, ପୂର୍ବରୁ ଖଞ୍ଜାଯାଇଥିବା ଓବିୟୁ ପ୍ରତିବଦଳରେ ନୂତନ ଓବିୟୁକୁ ପୁନଃସ୍ଥାପନ କରିବା କିମ୍ବା ସମାନ୍ତରାଳ ଭାବରେ ନୂତନ ଓବିୟୁକୁ ସଂସ୍ଥାପନ କରି ଟ୍ରାକିଂ ସିଷ୍ଟମକୁ ଉନ୍ନତ କରିବାକୁ ବିଏସ୍‌ସିଏଲ୍, ସିଆର୍‌ୟୁଟିକୁ ଅନୁରୋଧ କଲା। କିନ୍ତୁ, 14ତମ ବୋର୍ଡ ବୈଠକ (ଅକ୍ଟୋବର 2019)ର ଟିପ୍ପଣୀ ଅନୁଯାୟୀ ବସ ଉତ୍ପାଦନକାରୀଙ୍କ ପ୍ରତିନିଧି (ଟାଟା ଏବଂ ଅଶୋକ ଲେଲ୍ୟାଣ୍ଡ) କହିଥିଲେ ଯେ, ଉପର୍ଯ୍ୟୁକ୍ତ ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନରେ ମୂଳ ଉପକରଣ ଉତ୍ପାଦନକାରୀମାନେ ଦେଇଥିବା ୱାରେଣ୍ଟି ଏବଂ ବିମାକୁ ଅମାନ୍ୟ କରିବେ।

ସମୀକ୍ଷାରେ ଦେଖାଗଲା ଯେ, ସିଆର୍‌ୟୁଟି ଏବଂ ଏମ୍‌ଏସ୍‌ଆଇର ପ୍ରତିନିଧିମାନଙ୍କ ସହିତ ଏକ ବୈଠକ (ଜୁଲାଇ 2019)ରେ ବିଏସ୍‌ସିଏଲ୍ ନିଷ୍ପତ୍ତି କଲା ଯେ ଏମ୍‌ଏସ୍‌ଆଇ ଦ୍ୱାରା ଯୋଗାଣ ହୋଇଥିବା ଓବିୟୁଗୁଡିକ ଭବିଷ୍ୟତରେ ସିଆର୍‌ୟୁଟି ଦ୍ୱାରା କିଣାଯିବାକୁ ଥିବା ବସରେ ସଂସ୍ଥାପନ କରାଯିବ। କିନ୍ତୁ, ଓବିୟୁ କ୍ରୟ କରାଯିବାର ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ବସ କ୍ରୟ କରାଯାଇନଥିଲା ଏବଂ ବିକଳ୍ପ ବ୍ୟବହାର ସମ୍ଭବ ହୋଇପାରିଲା ନାହିଁ।

ସମୀକ୍ଷାରେ ଦେଖାଗଲା ଯେ, ବିଏସ୍‌ସିଏଲ୍ ଏବଂ ସିଆର୍‌ୟୁଟି ମଧ୍ୟରେ ଯୋଜନା ଏବଂ ସମନ୍ୱୟର ଅଭାବରୁ ଜନସାଧାରଣଙ୍କ ଅର୍ଥର କ୍ଷତି ହୋଇଥିଲା ଯାହା ନିମ୍ନରେ ବର୍ଣ୍ଣନା କରାଯାଇଛି:

- ଓବିୟୁଗୁଡିକୁ ସଂସ୍ଥାପନ କରିବା ପାଇଁ, ସିଆର୍‌ୟୁଟି ପାଖରେ ବସଗୁଡିକର ଉପଲବ୍ଧତାକୁ ସୁନିଶ୍ଚିତ କରାଯାଇନଥିଲା। ବିଏସ୍‌ସିଏଲ୍‌ର 14ତମ ବୋର୍ଡ ବୈଠକ (ଅକ୍ଟୋବର 2019)ର ଟିପ୍ପଣୀ ଅନୁଯାୟୀ ସିଆର୍‌ୟୁଟି ଦୃଢ଼ୀକରଣ କରିଥିଲା ଯେ ଓବିୟୁଗୁଡିକୁ ସଂସ୍ଥାପନ କରିବା ପାଇଁ ବସଗୁଡିକ ପ୍ରସ୍ତୁତ ଏବଂ ଉପଲବ୍ଧ ଥିଲା। କିନ୍ତୁ, ଓବିୟୁଗୁଡିକୁ ସଂସ୍ଥାପନ କରିବା ପାଇଁ ବସଗୁଡିକର ଉପଲବ୍ଧତା ଏବଂ ପ୍ରସ୍ତୁତି ବିଷୟରେ ବିଏସ୍‌ସିଏଲ୍, ସିଆର୍‌ୟୁଟିଠାରୁ ଔପଚାରିକ ପ୍ରତିବିନିମୟ କରିବାରେ ବିଫଳ ହୋଇଥିଲା।
- ଏମ୍‌ଏସ୍‌ଆଇର ପରାମର୍ଶ ଅନୁଯାୟୀ ଆବଶ୍ୟକ ତାର ପରିବର୍ତ୍ତନ ପାଇଁ ସମ୍ଭାବ୍ୟତା ମଧ୍ୟ ନିଆଯାଇନଥିଲା। ଫଳସ୍ୱରୂପ, 7.15 କୋଟି ଟଙ୍କାରେ କ୍ରୟ କରାଯାଇଥିବା ସମ୍ପତ୍ତିଗୁଡିକୁ ବ୍ୟବହାର କରିବାରେ ବିଏସ୍‌ସିଏଲ୍ ବିଫଳ ହୋଇଥିଲା। ଯେଉଁଥିରୁ 4.50 କୋଟି ଟଙ୍କା ଫେବୃଆରୀ 2020 ସୁଦ୍ଧା ପ୍ରଦାନ କରାଯାଇଥିଲା। ଓବିୟୁଗୁଡିକର ବ୍ୟବହାର ପାଇଁ ଆବଶ୍ୟକୀୟ ବୈଷୟିକ ଅଧ୍ୟୟନ ନକରିବା ଏବଂ ସିଆର୍‌ୟୁଟି ପାଖରେ ବସଗୁଡିକର ଉପଲବ୍ଧତାକୁ ସୁନିଶ୍ଚିତ ନକରିବା କାରଣରୁ ଓବିୟୁଗୁଡିକର ସଂସ୍ଥାପନ ହୋଇନପାରି 4.50 କୋଟି ଟଙ୍କା ନିରର୍ଥକ ବ୍ୟୟ ହେଲା।
- ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସିଆର୍‌ୟୁଟି, ଯାହା ପାଇଁ ଏହି ସିଷ୍ଟମ କ୍ରୟ କରାଯାଇଥିଲା, ତା'ସହିତ ବିଏସ୍‌ସିଏଲ୍ ଆବଶ୍ୟକୀୟ ଚୁକ୍ତିନାମା କରିନଥିଲା ତେଣୁ ବସ ଉପଲବ୍ଧ କରିବାରେ ବିଫଳତା ପାଇଁ ବିଏସ୍‌ସିଏଲ୍, ସିଆର୍‌ୟୁଟିକୁ ଦାୟୀ କରିପାରିଲା ନାହିଁ।

ସରକାର କହିଲେ (ଜୁନ୍ 2022) ଯେ, ସିଆର୍‌ୟୁଟି କେବଳ 30ଟି ବସ ଯୋଗାଇ ଦେଇଥିଲା ଯେଉଁଥିରେ ଏହି ଓବିୟୁଗୁଡିକ ସଂସ୍ଥାପିତ ହୋଇଛି । କିନ୍ତୁ, 30ଟି ଓବିୟୁଗୁଡିକର ସଂସ୍ଥାପନ ସମ୍ବନ୍ଧିତ କୌଣସି ଦସ୍ତାବିଜ ସାକ୍ଷ୍ୟ ସମୀକ୍ଷା ସମୟରେ ଉପଲବ୍ଧ କରାଯାଇନଥିଲା। ବୈଷୟିକ ସୁସଙ୍ଗତି ନଥିବା ବସଗୁଡିକରେ ଓବିୟୁଗୁଡିକର ସଂସ୍ଥାପନ ଯୋଗୁ ୱାରେଣ୍ଟି ଏବଂ ବୀମା ଅମାନ୍ୟ ହୋଇଯିବାର ବସ ଉତ୍ପାଦନକମାନଙ୍କ ସତର୍କବାଣୀ ସତ୍ତ୍ୱେ 30ଟି ବସରେ ଓବିୟୁଗୁଡିକର ସଂସ୍ଥାପନ ସ୍ପଷ୍ଟ ହୋଇପାରି ନଥିଲା ।

## 4.12 ନିଷ୍ଫଳ ବ୍ୟୟ

**ଆର୍ଥିକ ପ୍ରସଙ୍ଗକୁ ସୁରକ୍ଷିତ ନକରି ପ୍ରକଳ୍ପରେ ଅର୍ଥ ବିନିଯୋଗ କରିବା ଦ୍ୱାରା 1.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା**

ସ୍ମାର୍ଟ ସିଟି ମିଶନ କାର୍ଯ୍ୟକ୍ରମ ଅଧିନରେ ଭୁବନେଶ୍ୱର ସ୍ମାର୍ଟ ସିଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଓଡିଶା ସରକାର ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)କୁ ଏକ ସତନ୍ତ୍ର ଉଦ୍ଦେଶ୍ୟ ଯାନ କମ୍ପାନୀ (ଏସ୍‌ପିଭି) ଭାବରେ ଗଠନ କରିଥିଲେ। ଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ), ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ (ଜାନୁଆରୀ 2019) ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ପୃକ୍ତ ସରକାରୀ ବିଭାଗ/ଏଜେନ୍‌ସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସ୍ମାର୍ଟ ସିଟି ପ୍ରକଳ୍ପଗୁଡିକରେ, ସ୍ମାର୍ଟ ସିଟି ଏସ୍‌ପିଭି (ଯଥା, ବିଏସ୍‌ସିଏଲ୍), ସମ୍ପୃକ୍ତ ସରକାରୀ ବିଭାଗ/ଏଜେନ୍‌ସି ଏବଂ ପ୍ରତ୍ୟାଶିତ ନିଲାମ ଡକାଳି ସହିତ ଏକ ତ୍ରିପାକ୍ଷିକ ଚୁକ୍ତିନାମା କରିବା ପ୍ରୟୋଜନ ଥିଲା।

ଯାନବାହନ ପ୍ରଦୂଷଣ ହ୍ରାସ କରିବା, ଯାତାୟାତ ଭିଡକୁ ପରିଚାଳନା କରିବା ଏବଂ ଲୋକଙ୍କୁ ଶେଷ ମାଇଲ ସଂଯୋଗ ଯୋଗାଇବା ପାଇଁ ସ୍ମାର୍ଟ ସିଟି ପ୍ରକଳ୍ପ ଅଧିନରେ ସାର୍ବଜନିକ ସାଇକେଲ ସହଭାଗିତା (ପିବିଏସ୍) ସିଷ୍ଟମ ଆନୟନ କରିବାକୁ ବିଏସ୍‌ସିଏଲ୍ ନଭେମ୍ବର 2017ରେ ନିଷ୍ପତ୍ତି ନେଇଥିଲା। ସେପ୍ଟେମ୍ବର 2018ରେ ଏହା ଧାର୍ଯ୍ୟ କରାଯାଇଥିଲା ଯେ, ପ୍ରତି ସାଇକେଲ[91] ମୁତୟନ ଉପରେ 25,000 ଟଙ୍କା ବାବଦରେ 2,000 ସାଇକେଲ ପାଇଁ ବିଏସ୍‌ସିଏଲ୍ ଅର୍ଥ ଯୋଗାଇଦେବ। ଏହା ବ୍ୟତୀତ ପାଞ୍ଚ ବର୍ଷର ରକ୍ଷଣାବେକ୍ଷଣ ପାଇଁ ପ୍ରତି ସାଇକେଲ ପିଛା ବର୍ଷକୁ 5,000 ଟଙ୍କା ପ୍ରଦାନ କରାଯିବ।

ତଦନୁସାରେ, ପୂର୍ବନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ସାଇକେଲଗୁଡିକର ନକ୍ସା, ଯୋଗାଣ, ସଂସ୍ଥାପନ ଏବଂ ରକ୍ଷଣାବେକ୍ଷଣ ଭଳି ବୈଷୟିକ ପରିମାପ ଆଧାରରେ 12 ସେପ୍ଟେମ୍ବର 2018ରେ ନିଲାମ ଡକାଯାଇଥିଲା। ସେମାନଙ୍କର ନିଲାମ ବ୍ୟତୀତ, ନିଲାମ ଡକାଳିମାନେ ମୂଲ୍ୟାଙ୍କନ କମିଟି ସମ୍ମୁଖରେ ମଧ୍ୟ ଉପସ୍ଥାପନା କରିଥିଲେ ଯାହା ଆଧାରରେ ନିଲାମକାରୀଙ୍କ ମୂଲ୍ୟାଙ୍କନ କରାଯାଇଥିଲା ଏବଂ 2,000 ସାଇକେଲ ନିୟୋଜନ ଏବଂ ପରିଚାଳନା ପାଇଁ ତିନିଜଣ ନିଲାମଡକାଳୀଙ୍କୁ ଅକ୍ଟୋବର 2018ରେ ଚୟନ କରାଯାଇଥିଲା ଯଥା ହିରୋ ୟୁଅନ ପ୍ରାଇଭେଟ୍ ଲିମିଟେଡ୍ (1,000ଟି ସାଇକେଲ), ଧରଣୀ ଏଣ୍ଟରପ୍ରାଇଜ୍ (500ଟି ସାଇକେଲ) ଏବଂ ୟୁଲୁ ବାଇକ୍ ପ୍ରାଇଭେଟ୍ ଲିମିଟେଡ୍ (500ଟି ସାଇକେଲ)। ସାମଗ୍ରୀକ ସହର ପରିବହନ ବ୍ୟବସ୍ଥା ସହିତ ପ୍ରକଳ୍ପର ଏକୀକରଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଅଞ୍ଚଳ ସହରୀ ପରିବହନ (ସିଆର୍‌ୟୁଟି) ମାଧ୍ୟମରେ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସିଆର୍‌ୟୁଟି ଦ୍ୱାରା ଏହି ପ୍ରକଳ୍ପଟି 26 ନଭେମ୍ବର 2018ରେ ଆରମ୍ଭ କରାଯାଇଥିଲା। ହିରୋ ୟୁଅନ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ୱାଇପିଏଲ୍) ସହିତ ସିଆରୟୁଟି ଦ୍ୱାରା ସ୍ୱାକ୍ଷରିତ ସେବା ସ୍ତର ଚୁକ୍ତିନାମା (ଏସ୍‌ଏଲ୍‌ଏ)ର ଧାରା 17.5 ଅନୁଯାୟୀ ସାଇକେଲଗୁଡିକର ମରାମତି ଏବଂ ରକ୍ଷଣାବେକ୍ଷଣ ଏଜେନ୍‌ସିକୁ କରିବାର ଥିଲା। ଏସ୍‌ଏଲ୍‌ଏ ଅନୁଯାୟୀ ଏଜେନ୍‌ସି ସାଇକେଲ ଗୁଡିକର 100 ପ୍ରତିଶତ ଚାଳନା ଉପଲବ୍ଧତା, କର୍ମଶାଳା ଏବଂ ଡିପୋର ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ଥିଲା।

ସାଇକେଲଗୁଡିକର ମୁତୟନ ପରେ, ବିଏସ୍‌ସିଏଲ୍ ଏଜେନ୍‌ସିଗୁଡିକୁ ଦେୟ ଦେବା ପାଇଁ 4.80 କୋଟି ଟଙ୍କା ସିଆର୍‌ୟୁଟିକୁ ପୈଠ କରିଥିଲା (02 ମାର୍ଚ୍ଚ 2019)। ଦୁଇଟି ଏଜେନ୍‌ସି ଯଥା ୟୁଲୁ ଏବଂ ଧରଣୀଙ୍କର କାର୍ଯ୍ୟ

[91] ଜିପିଏସ୍ ଆଧାରିତ ଟ୍ରାକିଂ ସିଷ୍ଟମ, ସ୍ମାର୍ଟଫୋନ ଆପ୍ଲିକେସନ୍ ଆଧାରିତ ଅନଲକିଂ ସିଷ୍ଟମ ଇତ୍ୟାଦି ବ୍ୟବସ୍ଥିତ ହସ୍ତଚାଳିତ ସାଇକେଲ।

ସମ୍ପାଦନ ସନ୍ତୋଷଜନକ ଥିଲା, କିନ୍ତୁ ଚୁକ୍ତିର ପ୍ରାରମ୍ଭରୁ ଏଚ୍‌ଓ୍ୱାଇପିଏଲ୍‌ର କାର୍ଯ୍ୟ ସମ୍ପାଦନ ଖରାପ ଥିଲା। ପରବର୍ତ୍ତୀ ସମୟରେ, ସିଆରୟୁଟିର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିଷ୍ପତ୍ତି (16 ସେପ୍ଟେମ୍ବର 2020) ଅନୁଯାୟୀ, ପିବିଏସ୍ ପ୍ରକଳ୍ପଟି 06 ଅକ୍ଟୋବର 2020ରେ ବିଏସ୍‌ସିଏଲ୍‌କୁ ପୁନଃସ୍ଥାନାନ୍ତରିତ ହେଲା। ପ୍ରକଳ୍ପ ସ୍ଥାନାନ୍ତର ପାଇଁ ଯାଞ୍ଚ (05 ନଭେମ୍ବର 2020)ରେ ଦେଖାଗଲା ଯେ, ଏଚ୍‌ଓ୍ୱାଇପିଏଲ୍ ଯୋଗାଇଥିବା 1,000 ସାଇକେଲ ମଧ୍ୟରୁ 303 ସାଇକେଲ (30 ପ୍ରତିଶତ) ନିଖୋଜ ଏବଂ 459 ସାଇକେଲ (46 ପ୍ରତିଶତ) ତ୍ରୁଟିପୂର୍ଣ୍ଣ ଅବସ୍ଥାରେ ଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଅନୌଚିତ୍ୟ ଭାବେ ପିବିଏସ୍ ପ୍ରକଳ୍ପର କାର୍ଯ୍ୟନିର୍ବାହ କରିବା ଦ୍ୱାରା 1.91 କୋଟି ଟଙ୍କା ନିଷ୍ଫଳ ବ୍ୟୟ ହୋଇଥିଲା ଯାହା ନିମ୍ନରେ ଦର୍ଶାଯାଇଛି:

- ଏଚ୍‌ଓ୍ୱାଇପିଏଲ୍ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ, ସାଇକେଲଗୁଡ଼ିକର ରକ୍ଷଣାବେକ୍ଷଣ, ଏମ୍ଆଇଏସ୍ ପ୍ରତିବେଦନ ଦାଖଲ କରିବାରେ ବିଫଳ ହୋଇଥିଲା ଯାହା ପାଇଁ ସିଆରୟୁଟି 94.66 ଲକ୍ଷ ଟଙ୍କାର ଜୋରିମାନା କରିଥିଲା। ତାହା ମଇ 2022 ପର୍ଯ୍ୟନ୍ତ ଏଚ୍‌ଓ୍ୱାଇପିଏଲ୍‌ଠାରୁ ଅସୁଲି ହୋଇପାରିନଥିଲା, କାରଣ ଏମ୍ଓଏଚ୍‌ୟୁଏର ନିର୍ଦ୍ଦେଶାବଳୀ ଅନୁଯାୟୀ ବିଏସ୍‌ସିଏଲ୍, ସିଆରୟୁଟି ଏବଂ ତିନି ଏଜେନ୍‌ସିମାନଙ୍କ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା ସାକ୍ଷରିତ ହୋଇନଥିଲା। ପିବିଏସ୍ ପ୍ରକଳ୍ପର କାର୍ଯ୍ୟ ନିର୍ବାହ କରିବା ପାଇଁ ଚୁକ୍ତିନାମା କେବଳ ଏଜେନ୍‌ସି ଏବଂ ସିଆରୟୁଟି ମଧ୍ୟରେ ସାକ୍ଷରିତ ହୋଇଥିଲା, ତେଣୁ ବିଏସ୍‌ସିଏଲ୍ ଚୁକ୍ତିଭିତ୍ତିକ ଦାୟିତ୍ୱକୁ ମାନିବା ପାଇଁ ଏଚ୍‌ଓ୍ୱାଇପିଏଲ୍‌କୁ ବାଧ କରିପାରିନଥିଲା। ଏଚ୍‌ଓ୍ୱାଇପିଏଲ୍ ଚୁକ୍ତିର ସର୍ତ୍ତ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ବିଏସ୍‌ସିଏଲ୍ ସିଆରୟୁଟି ଉପରେ ପ୍ରଭାବ ପକାଇ ପାରିଲା ନାହିଁ।

- ସିଆରୟୁଟି ଏବଂ ଏଚ୍‌ଓ୍ୱାଇପିଏଲ୍ ମଧ୍ୟରେ ହୋଇଥିବା ଚୁକ୍ତିନାମାର ଧାରା 1(jj) ଅନୁଯାୟୀ, ଏଜେନ୍‌ସି କାର୍ଯ୍ୟ ସମ୍ପାଦନ ସୁରକ୍ଷା ଆକାରରେ 25 ଲକ୍ଷ ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିଥିଲା ଯାହା 04 ଡିସେମ୍ବର 2021 ପର୍ଯ୍ୟନ୍ତ ବୈଧ ଥିଲା। ଯେହେତୁ ଏଜେନ୍‌ସିର କାର୍ଯ୍ୟଦକ୍ଷତା ଖରାପ ଥିଲା ଏବଂ 75.75 ଲକ୍ଷ ଟଙ୍କା ମୂଲ୍ୟର 303ଟି ସାଇକେଲ ନିଖୋଜ ହୋଇଥିଲା ଏବଂ 1.15 କୋଟି ଟଙ୍କାର 459ଟି ସାଇକେଲ ତ୍ରୁଟିପୂର୍ଣ୍ଣ ଅବସ୍ଥାରେ ଥିଲା ଯାହାର ରକ୍ଷଣାବେକ୍ଷଣର ଆବଶ୍ୟକତା ଥିଲା, ତେଣୁ ସିଆରୟୁଟି ବ୍ୟାଙ୍କ ଗ୍ୟାରେଣ୍ଟିକୁ ଅର୍ଥାୟନ କରି ଜୋରିମାନା ଆଦାୟ କରିବା ଉଚିତ ଥିଲା। କିନ୍ତୁ, କାରଣଦର୍ଶାଅ ସୂଚନା (23 ଫେବୃୟାରୀ 2021) ଦିଆଯିବା ସତ୍ତ୍ୱେ ବ୍ୟାଙ୍କ ଗ୍ୟାରେଣ୍ଟିକୁ ବାଜ୍ୟାପ୍ତ କରାଯାଇନଥିଲା, ଯାହାର କାରଣ ଲିଖିତ ନଥିଲା। ଏଜେନ୍‌ସିର ଅନୁପସ୍ଥିତିରେ କ୍ଷତିଗ୍ରସ୍ତ ସାଇକେଲଗୁଡ଼ିକର ମରାମତି କରିବା ପାଇଁ କମ୍ପାନୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା।

- ଚୁକ୍ତିର ସାଧାରଣ ସର୍ତ୍ତଗୁଡ଼ିକର ଧାରା 20 ଅନୁଯାୟୀ ଏଜେନ୍‌ସି ନିଜ ଖର୍ଚ୍ଚରେ ସାଇକେଲଗୁଡ଼ିକୁ ବୀମାଭୁକ୍ତ କରିବା ଆବଶ୍ୟକ ଥିଲା ଯାହା ଚୋରି, ଭଙ୍ଗାରୁଜା ଇତ୍ୟାଦିର କ୍ଷତିପୂରଣ କରିଥାନ୍ତା। ଏହା ଦେଖାଗଲା ଯେ ଧରଣୀ ଉଦ୍ୟୋଗ ଏବଂ ୟୁଲୁ ବାଇକ୍ ସାଇକେଲଗୁଡ଼ିକୁ ବୀମାଭୁକ୍ତ କରିଥିଲେ। କିନ୍ତୁ, ଏଚ୍‌ଓ୍ୱାଇପିଏଲ୍ ସାଇକେଲଗୁଡ଼ିକୁ ବୀମାଭୁକ୍ତ କରିଥିଲା କି ନାହିଁ ତାହାର କୌଣସି ସୂଚନା ବିଏସ୍‌ସିଏଲ୍ ପ୍ରଦାନ କଲାନାହିଁ।

ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନିଜକୁ ଚୁକ୍ତିରୁ ଅଲଗା ରଖି ବିଏସ୍‌ସିଏଲ୍ ଅର୍ଥ ବ୍ୟୟରେ ସାଧାରଣ ବିଜ୍ଞତାର ପ୍ରୟୋଗ କରିନଥିଲା। ଏହା ଦ୍ୱାରା ନିଖୋଜ ଏବଂ ତ୍ରୁଟିପୂର୍ଣ୍ଣ/କ୍ଷତିଗ୍ରସ୍ତ ସାଇକେଲଗୁଡ଼ିକ ପାଇଁ 1.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ଯାହାପାଇଁ ଏଜେନ୍‌ସି ଦାୟୀ ଥିଲା।

ଏହି ପର୍ଯ୍ୟବେକ୍ଷଣ 27 ମଇ 2022ରେ ସରକାରଙ୍କୁ ଜାରି କରାଯାଇଥିଲା। ସରକାରଙ୍କ ପ୍ରତିକ୍ରିୟା ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ (ମାର୍ଚ୍ଚ 2023 ପର୍ଯ୍ୟନ୍ତ)।

## ଓଡିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ

## 4.13 ଅହେତୁକ ଅନୁକମ୍ପା

### କମ ଦରରେ ଲଜିଷ୍ଟିକ ଉଦ୍ୟାନ ପାଇଁ ଜମି ଆବଣ୍ଟନ ହେତୁ 1.82 କୋଟି ଟଙ୍କା କ୍ଷତି

ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ସୁବିଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ପ୍ରତିଷ୍ଠା କରାଯାଇଥିଲା। ଶିଳ୍ପ ନୀତି ସଂକଳ୍ପ (ଆଇପିଆର) 2015ରେ ଧାର୍ଯ୍ୟ କରାଯାଇଛି ଯେ, ଜମି ବ୍ୟାଙ୍କ ଯୋଜନା ଅଧିନରେ ଶିଳ୍ପ ନିମିତ୍ତ ଚିହ୍ନଟ ହୋଇଥିବା ସରକାରୀ ଜମି ଏବଂ ଅଣ ସରକାରୀ ଜମି ଯେଉଁଠାରେବି ଉପଲବ୍ଧ ହେଉଥିବ ତାହାକୁ ଭିତ୍ତିଭୂମି ପ୍ରକଳ୍ପ ସମେତ ଶିଳ୍ପ ସଂସ୍ଥା ପାଇଁ ଆବଣ୍ଟନ କରାଯାଇ ପାରିବ। ଆଇପିଆର 2015 ଅନୁଯାୟୀ, ଭିତ୍ତିଭୂମି ପ୍ରକଳ୍ପଗୁଡିକରେ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ବ୍ୟବହାର ପାଇଁ ସଂରକ୍ଷଣ ସୁବିଧା ଏବଂ ଗୋଦାମ ଗୃହ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଇଡ୍‌କୋ ଶିଳ୍ପ ମାହାଲ/ଶିଳ୍ପାଞ୍ଚଳ (ଆଇଇ/ଆଇଏ)ରେ ଏବଂ ଆଇଇ/ଆଇଏ ବାହାରେ ଅର୍ଥାତ ଉପଯୁକ୍ତ ଜାଗାରେ ଏହି ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଥିବା ଜମି ବ୍ୟାଙ୍କରୁ ଶିଳ୍ପଗୁଡିକ ପାଇଁ ଜମି ଆବଣ୍ଟନ କରେ। ଇଡ୍‌କୋର ଜମି ନିୟମାବଳୀ, 2016ର ପ୍ରାବଧାନରେ ଶିଳ୍ପ ସଂସ୍ଥାଗୁଡିକୁ ଜମି ଆବଣ୍ଟନ ପାଇଁ ଜମି ଦର ନିର୍ଦ୍ଧାରଣ କରିବାର ପଦ୍ଧତି ବର୍ଣ୍ଣନା କରାଯାଇଛି।

ଇଡ୍‌କୋ ଏହାର 101ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ(29 ମଇ 2015)ରେ ଶିଳ୍ପ ନିମିତ୍ତ ବିଦ୍ୟମାନ ଜମି ମୂଲ୍ୟର 1.5 ଗୁଣ ଗୋଦାମ ପ୍ରକଳ୍ପ ପାଇଁ ଜମି ମୂଲ୍ୟ ହେବ ବୋଲି ଅନୁମୋଦନ କରିଥିଲେ ଯେଉଁଥିରେ ଉପର ବର୍ଣ୍ଣିତ ଜମି ଉତ୍ସ ଅର୍ଥାତ ଆଇଇ/ଆଇଏ ଭିତରେ ଥିବା ଜମି ଓ ଆଇଇ/ଆଇଏ ବାହାରେ ଥିବା ଜମି ମଧ୍ୟରେ ପ୍ରଭେଦ କରାଯାଇନଥିଲା। କିନ୍ତୁ, ଇଡ୍‌କୋ ଏହାର 115ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ(10 ଜାନୁଆରୀ 2019)ରେ ଗୋଦାମ ଘର ଏବଂ କୋଲ୍ଡ ଚେନ ପରି ଲଜିଷ୍ଟିକ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଶିଳ୍ପ ସହିତ ସମାନ ବୋଲି ବିଚାର କରି ଆଇଇ/ଆଇଏ ଭିତରେ ଓ ବାହାରେ ଥିବା ଜମି ମଧ୍ୟରେ ପ୍ରଭେଦ କରିଥିଲେ ଏବଂ ଏହି ପ୍ରକଳ୍ପଗୁଡିକ ପାଇଁ ଯେ କୌଣସି ଆଇଇ/ଆଇଏରେ ଜମି ଆବଣ୍ଟନ ନିମିତ୍ତ ଶିଳ୍ପ ପାଇଁ ଉଦ୍ଦିଷ୍ଟ ସ୍ୱାଭାବିକ ଜମି ମୂଲ୍ୟ ଅନୁମୋଦନ କରିଥିଲେ।

ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, ଜମି ବ୍ୟାଙ୍କ ଯୋଜନା ଅଧିନରେ ଶିଳ୍ପ ତଥା ସମଜାତୀୟ କାର୍ଯ୍ୟ ପାଇଁ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଗିରିଙ୍ଗାପୁଟ ଗ୍ରାମରେ 60.405 ଏକର ପରିମିତ ଅଣ-ଜଙ୍ଗଲ ସରକାରୀ ଜମି ଲିଜ ପାଇଁ ଇଡ୍‌କୋ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଏକ ପ୍ରସ୍ତାବ ଦାଖଲ କରିଥିଲେ (ଡିସେମ୍ବର 2020)। ଉକ୍ତ ଜମି ବ୍ୟାଙ୍କ ପାଇଁ ଜମି ମୂଲ୍ୟ 119ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ(22 ଡିସେମ୍ବର 2020)ରେ ଶିଳ୍ପ ପ୍ରତିଷ୍ଠା ଜନିତ ଆବଣ୍ଟନ ପାଇଁ ଏକର ପ୍ରତି 45.50 ଲକ୍ଷ ଟଙ୍କାରେ ଅନୁମୋଦିତ ହୋଇଥିଲା। ପରବର୍ତ୍ତୀ ସମୟରେ, ଇଡ୍‌କୋ ଗିରିଙ୍ଗାପୁଟ ଜମି ବ୍ୟାଙ୍କ ଯୋଜନାରେ ଏକ ଲଜିଷ୍ଟିକ ଉଦ୍ୟାନ ସ୍ଥାପନ ପାଇଁ 8.00 ଏକର ସରକାରୀ ଜମିକୁ ଏକର ପ୍ରତି ଶିଳ୍ପ ପାଇଁ ଉଦ୍ଦିଷ୍ଟ ମୂଲ୍ୟ 45.50 ଲକ୍ଷ ଟଙ୍କାରେ ମେସର୍ସ ମାଆ ମଙ୍ଗଳା ଅଟୋକଳ ପ୍ରାଇଭେଟ୍ ଲିମିଟେଡ୍‌କୁ ଆବଣ୍ଟନ କରିଥିଲେ (31 ମାର୍ଚ୍ଚ 2021)।

ସମୀକ୍ଷାରୁ ଦେଖାଗଲା ଯେ, ଯେହେତୁ ମେସର୍ସ ମାଆ ମଙ୍ଗଳା ଅଟୋକଳ ପ୍ରାଇଭେଟ ଲିମିଟେଡ୍ ଆଇଇ/ଆଇଏର ବାହାରେ ଅବସ୍ଥିତ ଥିଲା, ଉପରେ ବର୍ଣ୍ଣିତ 101ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକର ନିଷ୍ପତ୍ତି ଅନୁଯାୟୀ ଶିଳ୍ପ ପାଇଁ ଉଦ୍ଦିଷ୍ଟ ବିଦ୍ୟମାନ ଜମି ମୂଲ୍ୟର 1.5 ଗୁଣ ହିସାବରେ ଜମି ମୂଲ୍ୟ ସ୍ଥିର କରିବା ଉଚିତ ଥିଲା। ଉପର୍ଯ୍ୟୁକ୍ତ ନିର୍ଦ୍ଦେଶକ ମଣ୍ଡଳୀ ନିଷ୍ପତ୍ତିର ଉଲ୍ଲଙ୍ଘନ କରି ଗୋଦାମ ଗୃହ ପ୍ରକଳ୍ପ ପାଇଁ ଧାର୍ଯ୍ୟ କରାଯାଇଥିବା ଏକର ପିଛା 68.25 ଲକ୍ଷ ଟଙ୍କା (ଅର୍ଥାତ ଶିଳ୍ପ ପାଇଁ ଉଦ୍ଦିଷ୍ଟ ମୂଲ୍ୟର 1.5 ଗୁଣ) ବଦଳରେ ଶିଳ୍ପ ପାଇଁ ଉଦ୍ଦିଷ୍ଟ ମୂଲ୍ୟ ଏକର ପ୍ରତି 45.50 ଲକ୍ଷ ଟଙ୍କାରେ ଇଡ୍‌କୋ ଜମି ଆବଣ୍ଟନ କରିଥିଲେ। ଏହା ଫଳରେ 1.82 କୋଟି ଟଙ୍କା (8.00 ଏକର x 22.75 ଲକ୍ଷ ଟଙ୍କା) କିଅଣ୍ଟିଆ ଆଦାୟ ହୋଇଥିଲା।

ସରକାର ଉତ୍ତର ଦେଇଥିଲେ (ଜୁଲାଇ 2022) ଯେ, ଭୁବନେଶ୍ୱର ନିକଟବର୍ତ୍ତୀ ଜମିର ଅଧିକ ଚାହିଦା ଥିବାରୁ ଇଡ୍‌କୋ ଏହି ଜମିକୁ ଚିହ୍ନଟ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଆଇଇ/ଆଇଏ ଭାବରେ ଜମିର ଘୋଷଣା ହେବା ପୂର୍ବରୁ ଉଦ୍ୟୋଗୀମାନଙ୍କୁ ଆବଣ୍ଟନ କରିଥିଲେ। ଇଡ୍‌କୋ ନିର୍ଦ୍ଦେଶକ ମଣ୍ଡଳୀର 115ତମ ବୈଠକର ନିଷ୍ପତ୍ତି ଅନୁଯାୟୀ ଜମି ମୂଲ୍ୟ ଶିଳ୍ପ ପାଇଁ ଉଦ୍ଦିଷ୍ଟ ମୂଲ୍ୟ ସହ ସମାନ ଭାବରେ ହିସାବ କରି ଧାର୍ଯ୍ୟ କରାଯାଇଥିଲା। ପ୍ରତ୍ୟୁତ୍ତରଟି ଗ୍ରହଣୀୟ ନଥିଲା କାରଣ 115ତମ ବୈଠକରେ ବିଓଡି ଶିଳ୍ପ ପାଇଁ ଉଦ୍ଦିଷ୍ଟ ଜମି ମୂଲ୍ୟରେ ଯେ କୌଣସି ଆଇଇ/ଆଇଏରେ ଗୋଦାମ ଘର ଆବଣ୍ଟନ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଗିରିଙ୍ଗାପୁଟରେ ଜମି ଆଇଇ/ଆଇଏର ବାହାରେ ଥିବାରୁ ଏକ୍ଷେତ୍ରରେ ଏହା ପ୍ରଯୁଜ୍ୟ ନଥିଲା।

## 4.14 ରାଜସ୍ୱ ହାନି

**ଅବିବେକି ଭାବରେ ଭୂମି ବଣ୍ଟନ, ଉପଯୋଗର ଅପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା ଏବଂ 16.19 କୋଟି ଟଙ୍କା ପାଉଣାର ଅନାଦେୟ**

ବାଣିଜ୍ୟିକ ଉଦ୍ଦେଶ୍ୟ ଅନୁଯାୟୀ, ସରକାରୀ ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡ ଅନୁଯାୟୀ, ଓଡିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ଏହାର ଶିଳ୍ପ ମାହାଲ (ଆଇଇ)ରେ ଶିଳ୍ପସଂସ୍ଥାଗୁଡିକୁ ଭୂମି ଯୋଗାଇବା ପାଇଁ ପ୍ରତିବଦ୍ଧ। ରାଜ୍ୟରେ ଶିଳ୍ପ ବିକାଶ ପାଇଁ, ଓଡିଶା ଶିଳ୍ପ ନୀତି ସଂକଳ୍ପ ମଧ ଭୂମି ଚିହ୍ନଟ କରିବା ଏବଂ ଏହାକୁ ଶିଳ୍ପସଂସ୍ଥାକୁ ବଣ୍ଟନ କରିବାର ଦାୟିତ୍ୱ ଦେଇଥିଲେ। ଏହା ପୁନଶ୍ଚ ଉଲ୍ଲେଖ କରାଯାଇଥିଲା ଯେ:

(i) ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ (ଆର୍‌ଆଣ୍ଡଡିଏମ୍), ଓଡିଶା ସରକାରଙ୍କ ନିଷ୍ପତ୍ତି (ମଇ 2012) ଅନୁଯାୟୀ, ଶିଳ୍ପସଂସ୍ଥାଗୁଡିକ ଆବଶ୍ୟକତାଠାରୁ ଅଧିକ ଜମି ପାଇବାକୁ ଏଡାଇବା ପାଇଁ, ଇଡ୍‌କୋକୁ ଶିଳ୍ପ ପ୍ରକଳ୍ପଗୁଡିକ ପାଇଁ ଭୂମି ଆବଶ୍ୟକତାର ବାସ୍ତବ ମୂଲ୍ୟାଙ୍କନ କରିବାକୁ ପଡିବ।

(ii) ପୁନଶ୍ଚ, ଓଆଇଆଇଡିସି ଅଧିନିୟମ, 1980ର ଧାରା 34 ଅନୁଯାୟୀ, ଇଡ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ପ୍ରତି ଛଅ ମାସରେ ଏକ ସମୀକ୍ଷା କରିବା ଆବଶ୍ୟକ ଥିଲା ଯେ ଆଇଇରେ ଆବଣ୍ଟିତ ପ୍ଲଟଗୁଡିକ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି କି ନାହିଁ। ଯାହା ଫଳରେ ଅବ୍ୟବହୃତ ଭୂମିକୁ ଶିଳ୍ପ ବିକାଶ ପାଇଁ ଅନ୍ୟ ଶିଳ୍ପସଂସ୍ଥାମାନଙ୍କୁ ବଣ୍ଟନ କରାଯାଇପାରିବ।

ଭାରତ ସରକାରଙ୍କ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ଯୋଜନା (ଆଇଆଇୟୁଏସ୍) ଅଧିନରେ, ବାଲେଶ୍ୱରରେ ପ୍ଲାଷ୍ଟିକ, ପଲିମର ଏବଂ ସମବର୍ଗୀ କ୍ଲଷ୍ଟର ପାଇଁ ଗୁଣାତ୍ମକ ଭିତ୍ତିଭୂମି ଯୋଗାଇବା ସକାଶେ ଉତ୍ତର ଓଡିଶା ଚାମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରି (ଏନ୍‌ଓସିସିଆଇ) ଜାନୁଆରୀ 2010ରେ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ କମ୍ପାନୀ (ଏସ୍‌ପିଭି) ଯାହାକି ମେସର୍ସ ଏନ୍‌ଓସିସିଆଇ ବାଲେଶ୍ୱର ଭିତ୍ତିଭୂମି କମ୍ପାନୀ (ଏନ୍‌ବିଆଇସି) ଗଠନ କରିଥିଲା। ଉକ୍ତ ଯୋଜନାରେ ଜମି କ୍ରୟ ପାଇଁ ରାଜ୍ୟ ସରକାର ଏସ୍‌ପିଭିକୁ ଆବଶ୍ୟକ ସହାୟତା ପ୍ରଦାନ କରିବାର ସର୍ତ୍ତ ରହିଛି। ତଦନୁସାରେ, ଏହାଦ୍ୱାରା ଦାଖଲ କରାଯାଇଥିବା ପ୍ରକଳ୍ପ ପ୍ରତିବେଦନ ଅନୁଯାୟୀ, ଇଡ୍‌କୋ ଦୀର୍ଘମିଆଦ ଦେୟ ଆଧାରରେ ଏନ୍‌ବିଆଇସିକୁ 25 ଏକର ଜମି ଆବଣ୍ଟନ ପାଇଁ ମାର୍ଚ୍ଚ 2010ରେ ଅନୁମୋଦନ କରିଥିଲା।

ତଥାପି, ଏନ୍‌ବିଆଇସିର ବରାଦକୁ ଆଧାର କରି, ଇଡ୍‌କୋ ଅଗଷ୍ଟ 2010ରୁ ଅକ୍ଟୋବର 2013 ମଧ୍ୟରେ ନିଜର ଆଇଇ[92]ରୁ 32.50 ଏକର[93] ଭୂମି ଏନ୍‌ବିଆଇସିର 25 ଏକର ଭୂମିର (30 ପ୍ରତିଶତ ଅଧିକ) ଆବଶ୍ୟକତା ବାବଦରେ ଆବଣ୍ଟନ କରିଥିଲା, ଯାହାର କୌଣସି କାରଣ ଦସ୍ତାବିଜରେ ଉଲ୍ଲେଖ ନଥିଲା। ପରବର୍ତ୍ତୀ ସମୟରେ, ଏନ୍‌ବିଆଇସି ପ୍ରଥମ ଆବଣ୍ଟନରୁ 17.50 ଏକର ଜମିକୁ ରେଳ ସାଇଡିଂ ପାଇଁ ଅନୁପଯୁକ୍ତ ଦର୍ଶାଇ ସେହି ଜମି

92 ଇଡ୍‌କୋ ଜମି ଅଧିଗ୍ରହଣ କରେ, ଶିଳ୍ପ ମାହାଲ (ଆଇଇ) ବିକଶିତ କରେ ଏବଂ ଶିଳ୍ପ ବିକାଶ ପାଇଁ ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡିକୁ ଏହି ଶିଳ୍ପ ମହାଲାରେ ଜମି ବଣ୍ଟନ କରେ

93 ପାଞ୍ଚ ଏକର ବାମପଡାରେ ତତ୍‌କ୍ଷଣ କ୍ରୟ ଆଧାରରେ ଏବଂ ଅବଶିଷ୍ଟ 27.50 ଏକର (22.50 ଏକର ସୋମନାଥପୁରରେ + 2.50 ଏକର ଏବଂ 2.50 ଏକର ବାମପଡାରେ), 20 ବର୍ଷ ଦୀର୍ଘମିଆଦି ବାବଦରେ ଏକ ନିର୍ଦ୍ଦିଷ୍ଟ ବାର୍ଷିକ ପ୍ରମିୟମ, ସୁଧ ସହିତ, ଭୂମି ଭଡା ସେସ୍ ଏବଂ ରକ୍ଷଣାବେକ୍ଷଣ ଦେୟ ଦେବାକୁ ପଡିବ

ପ୍ରତି ବଦଳରେ ଅନ୍ୟ ଏକ ସମପରିମାଣର ଜମି ପାଇଁ ଜାନୁଆରୀ 2014ରେ ଅନୁରୋଧ କଲା। ଏହାପରେ, ଏନ୍‌ବିଆଇସି ଇଡ୍‌କୋକୁ ଜୁଲାଇ 2014ରେ ପ୍ରସ୍ତାବ ଦେଲା ଯେ ମେସର୍ସ ବାଲେଶ୍ୱର ଆଲଏଜ୍ ଲିମିଟେଡ୍ (ବିଏଏଲ୍) ପାଖରେ ଥିବା ଜମିକୁ କଣିବା ପାଇଁ, ଯାହାର ମୂଲ୍ୟ ପୈଠ କରିବା ପାଇଁ ଏନ୍‌ବିଆଇସି ଦୃଢ଼ ପ୍ରତିବଦ୍ଧ ଥିଲା। ସେହି ଅନୁଯାୟୀ, ଇଡ୍‌କୋ ଜାନୁଆରୀ 2015ରେ ମେସର୍ସ ବିଏଏଲ୍‌ଠାରୁ 32.51 ଏକର ଜମିକୁ 7.59 କୋଟି ଟଙ୍କାରେ କିଣି ଅପ୍ରେଲ 2016ରେ, ଏନ୍‌ବିଆଇସିର 17.50 ଏକର ଆବଶ୍ୟକତା ସ୍ଥାନରେ ସମ୍ପୂର୍ଣ୍ଣ ଜମିକୁ ଆବଣ୍ଟନ କଲା ଯାହାର କୌଣସି କାରଣ ନଥିଭୁକ୍ତ ନଥିଲା। ତେଣୁ, ଇଡ୍‌କୋ ମୋଟରେ 65.01 ଏକର ଜମି ଏନ୍‌ବିଆଇସିକୁ ବଣ୍ଟନ କରିଥିଲା, ଯେଉଁଥିରେ କେବଳ 5 ଏକର ଜମିକୁ ସାଧାରଣ ଦେୟ ହାରରେ, ଅର୍ଥାତ ତତ୍‌କ୍ଷଣ କ୍ରୟ ଆଧାରରେ ଏବଂ ଅବଶିଷ୍ଟ 60.01 ଏକର ଜମିକୁ ଦୀର୍ଘକାଳୀନ ଦେୟ ଫେରସ୍ତ ଆଧାରରେ ଆବଣ୍ଟିତ ହୋଇଥିଲା, ଯେଉଁଥିରେ 20 ବର୍ଷ ପର୍ଯ୍ୟନ୍ତ ବାର୍ଷିକ ଦେୟ ପଇଠ କରିବାର ଥିଲା।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରୁ ନିମ୍ନଲିଖିତଗୁଡିକ ପରିଲକ୍ଷିତ ହେଲା:

- ଏନ୍‌ବିଆଇସିକୁ ଅତିରିକ୍ତ ଜମି ବଣ୍ଟନ କରିବାବେଳେ, ଇଡ୍‌କୋ ଜମିର ଉପଯୋଗିତା ଏବଂ ଧାର୍ଯ୍ୟ ଦେୟ ପ୍ରଦାନର ଆବଶ୍ୟକୀୟ ସମୀକ୍ଷା କରିନଥିଲା। ଏହା କେବଳ ଏନ୍‌ବିଆଇସିର ଅମିତବ୍ୟୟୀ ଚଳନା ହେତୁ ଜମି ଦେୟ ଛାଡ ପାଇଁ ଅନୁରୋଧ (ଫେବୃଆରୀ 2019) ପରେ ହୋଇଥିଲା, ଅର୍ଥାତ ଛଅରୁ ସାତ ବର୍ଷ ଜମି ବଣ୍ଟନ ପରେ, ଇଡ୍‌କୋ (ନଭେମ୍ବର 2020) ଆବଣ୍ଟିତ ଜମିଗୁଡିକର ଯାଞ୍ଚ କରିଥିଲା। ସମୀକ୍ଷାରୁ ଇଡ୍‌କୋ ଜାଣିବାକୁ ପାଇଲା ଯେ, 25.90 ଏକର ଜମି (9.240 ଏକର ପ୍ରଥମ ଆବଣ୍ଟନରୁ ଏବଂ 16.660 ଏକର ଦ୍ୱିତୀୟ ଆବଣ୍ଟନରୁ) ଅତିରିକ୍ତ/ଅବ୍ୟବହୃତ ଥିଲା ଏବଂ ଉକ୍ତ ଅତିରିକ୍ତ/ ଅବ୍ୟବହୃତ ଜମିକୁ ଅପ୍ରେଲ/ନଭେମ୍ବର 2021ରେ ଫେରସ୍ତ କରିବାକୁ ଦାବି କରିଥିଲା। ଅଥଚ, ମାତ୍ର 16.660 ଏକର ଜମି (ଦ୍ୱିତୀୟ ଆବଣ୍ଟନରୁ) ଜୁଲାଇ 2021ରେ ଫେରସ୍ତ କରିଥିଲା। ଯଦିଓ ଏନ୍‌ବିଆଇସି ଅକ୍ଟୋବର 2021ରେ ଅବଶିଷ୍ଟ 9.240 ଏକର ଫେରସ୍ତ କରିବାକୁ ରାଜି ହୋଇଥିଲା, କିନ୍ତୁ ସେହି ଜମିକୁ ଫେରସ୍ତ କରାଯାଇନଥିଲା ଯାହାଫଳରେ 3.69 କୋଟି ଟଙ୍କା ରାଜସ୍ୱ କ୍ଷତି ହେଲା ଯାହା ସେହି ଜମିର ମୂଲ୍ୟ ଅଟେ।
- ପ୍ରଥମ ଆବଣ୍ଟନର 32.50 ଏକର ଜମି ବାବଦରେ, ଏନ୍‌ବିଆଇସି 22.50 ଏକର ଜମି ପାଇଁ 2017-18 ପର୍ଯ୍ୟନ୍ତ ଏହାର ଦେୟ ପ୍ରଦାନ କରିଛି। ଏହି ବାବଦରେ 2022-23 ପର୍ଯ୍ୟନ୍ତ 2.19 କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇନଥିଲା। ଅବଶିଷ୍ଟ 10 ଏକର ମଧ୍ୟରୁ 2.5 ଏକର ଜମି ପାଇଁ ପଟ୍ଟା ଦଲିଲ ହୋଇନାହିଁ ଏବଂ 0.53 କୋଟି ଟଙ୍କା[94]ର ଦେୟ ଆଦାୟ ହୋଇନଥିଲା।
- ଅଧିକନ୍ତୁ, ମେସର୍ସ ବିଏଏଲ୍‌ଠାରୁ କିଣା ହେବା ପରେ ଅପ୍ରେଲ 2016 ରେ ଦ୍ୱିତୀୟ ଆବଣ୍ଟନର 32.51 ବାବଦରେ ଏନ୍‌ବିଆଇସି ପୈଠ କରିବା ପାଇଁ ପ୍ରତିବଦ୍ଧତା ସତ୍ତ୍ୱେ, ଇଡ୍‌କୋ ଜମିର ମୂଲ୍ୟ ଆଦାୟ କରିବାରେ ବିଫଳ ହେଲା। ଯଦିଓ, 16.660 ଏକର ଜମି ଫେରସ୍ତ କରାଯାଇଥିଲା, ଅବଶିଷ୍ଟ 15.850 ଏକର ଜମିର ମୂଲ୍ୟ ଆର୍ଥିକ ବର୍ଷ 2022-23 ପର୍ଯ୍ୟନ୍ତ 9.78 କୋଟି ଟଙ୍କା[95] ଆଦାୟ କରାଯାଇ ନାହିଁ।

ଏହିପରି, ପୂର୍ବରୁ ଜମିର ଆବଶ୍ୟକତାକୁ ଆକଳନ ଏବଂ ଆବଣ୍ଟିତ ଜମିର ଉପଯୋଗିତାର ପର୍ଯ୍ୟାଲୋଚନା କରିବାରେ ବାଣିଜ୍ୟିକ ବିଜ୍ଞତାର ପ୍ରଦର୍ଶନ ନକରି, ଏନ୍‌ବିଆଇସି ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା ଏବଂ 12.50 କୋଟି ଟଙ୍କା (2.19 କୋଟି ଟଙ୍କା + 0.53 କୋଟି ଟଙ୍କା + 9.78 କୋଟି ଟଙ୍କା) ଦେୟ ଆଦାୟ ହୋଇନଥିଲା। ତାହା ସହିତ 9.240 ଏକର ଅବ୍ୟବହୃତ ଜମି ସେହି ଏଜେନ୍ସି ଅଧିନରେ ରହିଛି ଯାହାଦ୍ୱାରା 3.69 କୋଟି ଟଙ୍କା ଆଦାୟ ହୋଇନାହିଁ।

---

94 ଅକ୍ଟୋବର 2013ରୁ ଅକ୍ଟୋବର 2022 ପର୍ଯ୍ୟନ୍ତ 10 ବର୍ଷ ପାଇଁ ଜମିର ବାର୍ଷିକ ଜମି ମୂଲ୍ୟ କିସ୍ତି 5,02,506 ଟଙ୍କା ଏବଂ ଭୂମି ଭଡା/ସେସ୍/ ବାର୍ଷିକ ଆଇଏମ୍‌ସି 24,500 ଟଙ୍କା

95 ଜମି ମୂଲ୍ୟରେ ସୁଧ ଅନ୍ତର୍ଭୁକ୍ତ କରି (2020-21 ପର୍ଯ୍ୟନ୍ତ) ଏବଂ ଅନ୍ୟାନ୍ୟ ଆଇନଗତ ଦେୟ, ଯଥା ଭୂମି ଭଡା, ସେସ୍ ଏବଂ ପ୍ରଶାସନିକ ଖର୍ଚ୍ଚ ଇତ୍ୟାଦି।

ପରିଚାଳନା କର୍ତ୍ତୃପକ୍ଷ ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ଏନ୍‌ବିଆଇସିର ଅନୁରୋଧକୁ ଆଧାର କରି ଇଡ୍‌କୋ ମେସର୍ସ ବିଏଏଲ୍‌ଠାରୁ 32.510 ଏକର ଜମି କିଣି ଦୀର୍ଘକାଳୀନ ଫେରସ୍ତ ଆଧାରରେ ଏନ୍‌ବିଆଇସିକୁ ଆବଣ୍ଟନ କରିଛି । ଅଧିକନ୍ତୁ, ସେମାନଙ୍କର ରାଜସ୍ୱ ଉତ୍ପାଦନକାରୀ ପ୍ରକଳ୍ପଗୁଡିକ ସମାପ୍ତ ନହେବା ଏବଂ ପ୍ରମୁଖ ଶିଳ୍ପଗୁଡିକ ଅବଦାନ ନକରିବା ହେତୁ, ଏନ୍‌ବିଆଇସି, ଆବଶ୍ୟକୀୟ କାର୍ଯ୍ୟକ୍ଷମ ଲାଭ ସୃଷ୍ଟି କରିବାରେ ଅସମର୍ଥ ହେବାରୁ, ଇଡ୍‌କୋର ଦେୟ ପଇଠ କରୁନଥିଲା ।

ଇଡ୍‌କୋର ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ଇଡ୍‌କୋ କୌଣସି ବାସ୍ତବ ଆବଶ୍ୟକତାକୁ ମୂଲ୍ୟାଙ୍କନ ନକରି 17.50 ଏକର ଆବଶ୍ୟକତାର ପ୍ରତିବଦଳରେ ଏନ୍‌ବିଆଇସିକୁ 32.51 ଏକର ଜମି ଆବଣ୍ଟିତ କରିଛି । ଏହାଦ୍ୱାରା 16.660 ଏକର ଜମି ବ୍ୟବହୃତ ନହେବା ଦ୍ୱାରା ଜୁଲାଇ 2021ରେ ଫେରସ୍ତ ହୋଇଥିଲା । ଅଧିକନ୍ତୁ, ଜମି ମୂଲ୍ୟ ଏବଂ ଅନ୍ୟାନ୍ୟ ଆଇନଗତ ଦେୟ ପ୍ରଦାନ କରିବା ପାଇଁ ଏନ୍‌ବିଆଇସିର ଦୃଢ଼ ପ୍ରତିବଦ୍ଧତା ସତ୍ତ୍ୱେ ଇଡ୍‌କୋ, ଏନ୍‌ବିଆଇସିଠାରୁ ଦେୟ ଆଦାୟ କରିବାରେ ବିଫଳ ହୋଇଥିଲା ଯାହାଦ୍ୱାରା ରାଜସ୍ୱ କ୍ଷତି ହୋଇଥିଲା । ଅଧିକନ୍ତୁ, ଉତ୍ତରଟି ଅଧିକ ଜମି ଆବଣ୍ଟନ ଏବଂ ପ୍ରଥମ ଆବଣ୍ଟନର 32.50 ଏକର ଜମିର ବକେୟା ଦେୟ ଆଦାୟ ନକରିବାରେ ବିଫଳତା ଉପରେ ନିରବ ଥିଲା ।

ଏହି ପର୍ଯ୍ୟବେକ୍ଷଣଟି 15 ଫେବୃଆରୀ 2023ରେ ଶିଳ୍ପ ବିଭାଗକୁ ଜାରି କରାଯାଇଥିଲା । କିନ୍ତୁ ମାର୍ଚ୍ଚ 2023 ସୁଦ୍ଧା ବିଭାଗର ପ୍ରତିକ୍ରିୟା ହସ୍ତଗତ ହୋଇନଥିଲା ।

**ଭୁବନେଶ୍ୱର** — **(ବିଶ୍ୱନାଥ ସିଂହ ଜାଦୋନ)**

**ତାରିଖ- 30 ଅପ୍ରେଲ 2024** — **ମହାଲେଖାକାର (ଲେଖାପରୀକ୍ଷା-II), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆ ଦିଲ୍ଲୀ** — **(ଗିରୀଶ ଚନ୍ଦ୍ର ମୁର୍ମୁ)**

**ତାରିଖ- 06 ମଇ 2024** — **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ-1

### (ଅନୁଚ୍ଛେଦ 1.1.3ରେ ସୂଚିତ)

### 82ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇର ତାଲିକା

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ସରକାରୀ କମ୍ପାନୀ (ଜିସି)/ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ (ଜିସିସି) |
|---|---|---|---|
| **1** | **2** | **3** | **4** |
| **କ.** | **ସାମାଜିକ କ୍ଷେତ୍ର** | | |
| **I.** | **କାର୍ଯ୍ୟରତ ସରକାରୀ କମ୍ପାନୀ ସମୂହ** | | |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | ଜଙ୍ଗଲ ଏବଂ ପରିବେଶ | ଜିସି |
| 5 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | ଜଳ ସମ୍ପଦ | ଜିସି |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 7 | ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | ଜିସି |
| 8 | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 9 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସି |
| 10 | ଓଡିଶାର ଜଳ ନିଗମ ଲିମିଟେଡ୍ | ଜଳ ସମ୍ପଦ | ଜିସି |
| 11 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | ଅବକାରୀ | ଜିସି |
| 12 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ | ଜିସି |
| 13 | ଓଡିଶା ରାଜ୍ୟ ଭେଷଜ ବିଜ୍ଞାନ ନିଗମ ଲିମିଟେଡ୍ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | ଜିସି |
| 14 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ | କ୍ରୀଡା ଓ ଯୁବ ବ୍ୟାପାର | ଜିସି |
| 15 | ବ୍ରାହ୍ମଣୀ ରେଳବାଇ ଲିମିଟେଡ୍ | ଶିଳ୍ପ | ଜିସିସି |
| 16 | ଓଡିଶା ରେଳ ଭିତ୍ତିଭୂମି ଉନ୍ନୟନ ଲିମିଟେଡ୍ | ଶିଳ୍ପ | ଜିସି |
| 17 | ଷ୍ଟାର୍ଟଅପ୍ ଓଡିଶା | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | ଜିସି |
| 18 | ବିଶ୍ୱ ଦକ୍ଷତା କେନ୍ଦ୍ର | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | ଜିସି |
| **II.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | | |
| 19 | ଇଷ୍ଟର୍ଣ୍ଣ ଆକ୍ୱାଟିକ୍ ପ୍ରଡକ୍ଟସ ଲିମିଟେଡ୍ (22 ଫେବୃୟାରୀ 1978 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 20 | ଓଡିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | ଜିସି |
| **ଖ.** | **ପ୍ରତିଯୋଗିତାମୂଳକ କ୍ଷେତ୍ର** | | |
| I. | **କାର୍ଯ୍ୟରତ ସରକାରୀ କମ୍ପାନୀସମୂହ** | | |
| 21 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 22 | ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 23 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | ଗୃହ ନିର୍ମାଣ ଓ ନଗର ଉନ୍ନୟନ | ଜିସି |
| 24 | ପାରାଦ୍ୱୀପ ପୁଞ୍ଜିନିବେଶ କ୍ଷେତ୍ର ଉନ୍ନୟନ ଲିମିଟେଡ୍ | ଶିଳ୍ପ | ଜିସିସି |
| 25 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 26 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଜଳ ସମ୍ପଦ | ଜିସି |
| 27 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | ପୂର୍ତ୍ତ | ଜିସି |
| 28 | ଇଡ୍‌କୋ ଏସ୍‌ଇଜେଡ୍ ଉନ୍ନୟନ ଲିମିଟେଡ୍ | ଶିଳ୍ପ | ଜିସିସି |
| 29 | ଓଡିଶା ଇଲେକ୍ଟ୍ରୋନିକ୍ସ ପାର୍କ ଲିମିଟେଡ୍ | ଶିଳ୍ପ | ଜିସିସି |
| 30 | ବୈତରଣୀ ପଶ୍ଚିମ କୋଇଲା କମ୍ପାନୀ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସିସି |
| 31 | ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ (କ୍ର. ସଂ. ଖ-25ର ସହାୟକ) | ଶିଳ୍ପ | ଜିସି |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍ୟୁର ନାମ | ବିଭାଗର ନାମ | ସରକାରୀ କମ୍ପାନୀ (ଜିସି)/ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ (ଜିସିସି) |
|---|---|---|---|
| **1** | **2** | **3** | **4** |
| 32 | ଇଡ୍କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ (କ୍ର. ସଂ. ଖ-25ର ସହାୟକ) | ଶିଳ୍ପ | ଜିସି |
| 33 | ମନ୍ଦାକିନୀ-ଖ କୋଇଲା ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସିସି |
| 34 | ଓଡିଶା ଖଣି ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସି |
| 35 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସିସି |
| 36 | ପାରାଦ୍ୱୀପ ପ୍ଲାଷ୍ଟିକ୍ ପାର୍କ ଲିମିଟେଡ୍ | ଶିଳ୍ପ | ଜିସିସି |
| 37 | ଅନୁଗୋଳ ଆଲୁମିନିୟମ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ | ଶିଳ୍ପ | ଜିସିସି |
| 38 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସି |
| 39 | ଇଡ୍କଲ୍ ସଫ୍ଟୱ୍ୟାର ଲିମିଟେଡ୍ (କ୍ର. ସଂ. ଖ-25ର ସହାୟକ) | ଶିଳ୍ପ | ଜିସି |
| 40 | ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ | ଇସ୍ପାତ ଏବଂ ଖଣି | ଜିସିସି |
| 41 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | ପର୍ଯ୍ୟଟନ | ଜିସି |
| 42 | ଶାମୁକା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | ପର୍ଯ୍ୟଟନ | ଜିସିସି |
| 43 | ଓଡିଶା ଅନ୍ତର୍ଦ୍ଦେଶୀୟ ଜଳପଥ ସଙ୍ଗଠନ ଲିମିଟେଡ୍ | ଶିଳ୍ପ | ଜିସିସି |
| 44 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ (କ୍ର. ସଂ. ଖ-22ର ସହାୟକ) | ଶିଳ୍ପ | ଜିସି |
| 45 | ଓଡିଶା ରାଜ୍ୟ ଅର୍ଥ ନିଗମ | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | ସରକାରୀ ନିଗମ |
| 46 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | ସରକାରୀ ନିଗମ |
| 47 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | ସମବାୟ | ସରକାରୀ ନିଗମ |
| 48 | ଓଡିଶା  ଜଳ ବିଦ୍ୟୁତ ନିମଗ ଲିମିଟେଡ୍ | ଶକ୍ତି | ଜିସି |
| 49 | ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 50 | ଓଡିଶା ତାପଜ ବିଦ୍ୟୁତ ନିଗମ ଲିମିଟେଡ୍ | ଶକ୍ତି | ଜିସିସି |
| 51 | ଓଡିଶା ସବୁଜ ବିଦ୍ୟୁତ ବିକାଶ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 52 | ଜେଡ୍କଲ ସେଲ ବିଦ୍ୟୁତ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 53 | ଓଡିଶା ବିଦ୍ୟୁତ ସଂଚରଣ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 54 | ଓଡିଶା କୋଇଲା ଏବଂ ବିଦ୍ୟୁତ ଲିମିଟେଡ୍ | ଶକ୍ତି | ଜିସି |
| 55 | ଗ୍ରୀଡ୍କୋ  ଲିମିଟେଡ୍ | ଶକ୍ତି | ଜିସି |
| **II.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | | |
| 56 | ଏବିଏସ୍ ସ୍ପିନିଂ ଓଡିଶା ଲିମିଟେଡ୍ (କ୍ର.ସଂ. ଖ-25ର ସହାୟକ) (ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 57 | ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (କମ୍ପାନୀ 1969-70ଠାରୁ ବନ୍ଦ, 01 ମାର୍ଚ୍ଚ 1974ରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 58 | ହୀରା ଷ୍ଟିଲ ଆଣ୍ଡ ଆଲଏଜ୍ ଲିମିଟେଡ୍ (କ୍ର. ସଂ. ଖ-25ର ସହାୟକ) (ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 59 | ଇପିଟ୍ରନ୍ ଟାଇମ୍ସ ଲିମିଟେଡ୍ (କ୍ର.ସଂ.-ଖ 69ର ସହାୟକ) (1998ଠାରୁ ସମାପନ ପ୍ରକ୍ରିୟାରେ ) | ଶିଳ୍ପ | ଜିସି |
| 60 | କୋଣାର୍କ ଡିଟର୍ଜେଣ୍ଟ ଆଣ୍ଡ ସୋପ୍ସ ଲିମିଟେଡ୍ | ଶିଳ୍ପ | ଜିସି |
| 61 | କୋଣାର୍କ ଟେଲିଭିଜନ୍ ଲିମିଟେଡ୍ (1999-2000ଠାରୁ  ଅଚଳ) | ଶିଳ୍ପ | ଜିସି |
| 62 | ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ଜିସି |
| 63 | ମଡର୍ଣ୍ଣ ମ୍ୟାଲିଏବଲ୍ କାଷ୍ଟିଂ କମ୍ପାନୀ ଲିମିଟେଡ୍ (1968ଠାରୁ ବନ୍ଦ, 09 ମାର୍ଚ୍ଚ 1976ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 64 | ନିୟୁ ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ଜିସି |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ସରକାରୀ କମ୍ପାନୀ (ଜିସି)/ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ (ଜିସିସି) |
|---|---|---|---|
| 1 | 2 | 3 | 4 |
| 65 | ଓଡିଶା ବୋଟ୍ ବିଲ୍ଡରସ୍ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 66 | ଓଡିଶା ଇଲେକ୍ଟ୍ରିକାଲ୍ ମ୍ୟାନୁଫ୍ୟାକ୍‌ଚରିଂ କମ୍ପାନୀ ଲିମିଟେଡ୍ | ଶିଳ୍ପ | ଜିସି |
| 67 | ଓଡିଶା ଇନ୍‌ଷ୍ଟ୍ରୁମେଣ୍ଟ୍‌ସ କମ୍ପାନୀ ଲିମିଟେଡ୍ | ଶିଳ୍ପ | ଜିସି |
| 68 | ଓଡିଶା ଚମଡା ଶିଳ୍ପ ଲିମିଟେଡ୍ | ଶିଳ୍ପ | ଜିସି |
| 69 | ଓଡିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍ (2001ଠାରୁ ସମାପନ ପ୍ରକ୍ରିୟାରେ) | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ଜିସି |
| 70 | ଓଡିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 71 | ଓଡିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ଜିସି |
| 72 | ଓଡିଶା ରାଜ୍ୟ ଚମଡା ନିଗମ ଲିମିଟେଡ୍ (18 ଜୁନ୍ 1998ଠାରୁ ବନ୍ଦ) | ଶିଳ୍ପ | ଜିସି |
| 73 | ଓଡିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ଜିସି |
| 74 | ଓଡିଶା ଟୁଲ୍ସ ଆଣ୍ଡ ଇଂଜିନିୟରିଂ କମ୍ପାନୀ ଲିମିଟେଡ୍ (619-ବି) | ଶିଳ୍ପ | ଜିସି |
| 75 | ପ୍ରିମିୟର୍ ବୋଲ୍ଟସ୍ ଆଣ୍ଡ ନଟ୍ସ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ, ସମ୍ପତ୍ତିଗୁଡିକ ବିକ୍ରି ହୋଇଯାଇଛି) | ଶିଳ୍ପ | ଜିସି |
| 76 | ଏଲ୍‌କସ୍‌ମସ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ (କ୍ର.ସଂ.-ଖ 69ର ସହାୟକ) | ଶିଳ୍ପ | ଜିସି |
| 77 | ଏଲ୍‌କୋ କମ୍ୟୁନିକେସନ୍ ଆଣ୍ଡ ସିଷ୍ଟମସ୍ ଲିମିଟେଡ୍ (1998ଠାରୁ ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 78 | ଏଲ୍‌ମାର୍କ ଲିମିଟେଡ୍ | ଶିଳ୍ପ | ଜିସି |
| 79 | ଓଡିଶା ରାଜ୍ୟ ବାଣିଜ୍ୟିକ ପରିବହନ ନିଗମ ଲିମିଟେଡ୍ | ବାଣିଜ୍ୟ ଓ ପରିବହନ | ଜିସି |
| **ଗ.** | **ଅନ୍ୟାନ୍ୟ କ୍ଷେତ୍ର** | | |
| **I.** | **କାର୍ଯ୍ୟରତ ସରକାରୀ କମ୍ପାନୀସମୂହ** | | |
| 80 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | ଗୃହ | ଜିସି |
| 81 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | ଶିଳ୍ପ | ଜିସିସି |
| 82 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | ଶିଳ୍ପ | ଜିସିସି |

***(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)***

## ପରିଶିଷ୍ଟ-2

### (ଅନୁଚ୍ଛେଦ 1.1.3 ଏବଂ 1.7.2ରେ ସୂଚିତ)

### ପରିସମାପନ ପ୍ରକ୍ରିୟାରେ ଥିବା ନିଷ୍କ୍ରିୟ କମ୍ପାନୀ ସମୂହର ବକେୟା ହିସାବଗୁଡିକର ବିବରଣୀ

**ସରକାରୀ କମ୍ପାନୀ ଏବଂ ନିଗମ ସମୂହ**

| କ୍ରମିକ ସଂଖ୍ୟା | କ୍ଷେତ୍ରର ନାମ/ଏସ୍‌ପିଏସ୍‌ଇ | ଯେଉଁ ବର୍ଷଗୁଡିକର ହିସାବ 30 ସେପ୍ଟେମ୍ବର 2022 ସୁଦ୍ଧା ଗ୍ରହଣ ହୋଇନାହିଁ |
|---|---|---|
| **କ.** | **ସାମାଜିକ କ୍ଷେତ୍ର** | |
| **I.** | **କାର୍ଯ୍ୟରତ ସରକାରୀ କମ୍ପାନୀସମୂହ** | |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 2021-22 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 2021-22 |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 2020-21ରୁ 2021-22 |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 2021-22 |
| 5 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | 2019-20ରୁ 2021-22 |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 2021-22 |
| 7 | ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ | 2018-19ରୁ 2021-22 |
| 8 | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | 2019-20ରୁ 2021-22 |
| 9 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | 2019-20ରୁ 2021-22 |
| 10 | ଓଡିଶା ରାଜ୍ୟ ଭେଷଜ ବିଜ୍ଞାନ ନିଗମ ଲିମିଟେଡ୍ | 2021-22 |
| 11 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ | 2021-22 |
| 12 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | 2021-22 |
| 13 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | 2021-22 |
| 14 | ଷ୍ଟାର୍ଟଅପ୍ ଓଡିଶା | 2021-22 |
| 15 | ବିଶ୍ୱ ଦକ୍ଷତା କେନ୍ଦ୍ର | 2021-22 |
| **II.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | |
| 16 | ଇଷ୍ଟର୍ଣ୍ଣ ଆକ୍ୱାଟିକ୍ ପ୍ରଡକ୍ଟସ ଲିମିଟେଡ୍ | 22 ଫେବୃଆରୀ 1978ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ |
| 17 | ଓଡିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ | ଅଚଳ |
| **ଖ.** | **ପ୍ରତିଯୋଗିତାମୂଳକ କ୍ଷେତ୍ର** | |
| **I.** | **କାର୍ଯ୍ୟରତ ସରକାରୀ କମ୍ପାନୀସମୂହ** | |
| 18 | ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | 2019-20ରୁ 2021-22 |
| 19 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | 2009-10ରୁ 2021-22 |
| 20 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 2021-22 |
| 21 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 2020-21ରୁ 2021-22 |
| 22 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | 2021-22 |
| 23 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 2021-22 |
| 24 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | 2020-21ରୁ 2021-22 |
| 25 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | 2021-22 |
| 26 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | 2021-22 |
| 27 | ଓଡିଶା ସବୁଜ ବିଦ୍ୟୁତ ବିକାଶ ନିଗମ ଲିମିଟେଡ୍ | 2021-22 |
| **II.** | **ବୈଧାନିକ ନିଗମ** | |
| 28 | ଓଡିଶା ରାଜ୍ୟ ଅର୍ଥ ନିଗମ | 2021-22 |
| 29 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | 2021-22 |
| 30 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | 2019-20ରୁ 2021-22 |

| କ୍ରମିକ ସଂଖ୍ୟା | କ୍ଷେତ୍ରର ନାମ/ଏସ୍‌ପିଏସ୍‌ଇ | ଯେଉଁ ବର୍ଷଗୁଡ଼ିକର ହିସାବ 30 ସେପ୍ଟେମ୍ବର 2022 ସୁଦ୍ଧା ଗ୍ରହଣ ହୋଇନାହିଁ |
|---|---|---|
| **III.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | |
| 31 | ଏବିଏସ୍ ସ୍ପିନିଂ ଓଡ଼ିଶା ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 32 | ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ | କମ୍ପାନୀ 1969-70ଠାରୁ ବନ୍ଦ ଅଛି, 01 ମାର୍ଚ୍ଚ 1974ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ |
| 33 | ହୀରା ଷ୍ଟିଲ ଆଣ୍ଡ ଆଲଏଜ୍ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 34 | ଇପିଟ୍ରନ୍ ଟାଇମ୍‌ସ ଲିମିଟେଡ୍ | 1998ଠାରୁ ସମାପନ ପ୍ରକ୍ରିୟାରେ |
| 35 | କୋଣାର୍କ ଡିଟର୍ଜେଣ୍ଟ ଆଣ୍ଡ ସୋପ୍ସ ଲିମିଟେଡ୍ | ଅଚଳ |
| 36 | କୋଣାର୍କ ଟେଲିଭିଜନ୍ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 37 | ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ଅଚଳ |
| 38 | ମଡର୍ଣ୍ଣ ମ୍ୟାଲିଏବଲ୍ କାଷ୍ଟିଂ କମ୍ପାନୀ ଲିମିଟେଡ୍ | 1968ଠାରୁ ବନ୍ଦ ଅଛି । 09 ମାର୍ଚ୍ଚ 1976ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ |
| 39 | ନିୟୁ ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ଅଚଳ |
| 40 | ଓଡ଼ିଶା ବୋଟ୍ ବିଲ୍ଡର୍‌ସ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 41 | ଓଡ଼ିଶା ଇଲେକ୍ଟ୍ରିକାଲ୍ ମ୍ୟାନୁଫ୍ୟାକ୍‌ଚରିଂ କମ୍ପାନୀ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 42 | ଓଡ଼ିଶା ଇନ୍‌ଷ୍ଟ୍ରୁମେଣ୍ଟ୍‌ସ କମ୍ପାନୀ ଲିମିଟେଡ୍ | ଅଚଳ |
| 43 | ଓଡ଼ିଶା ଚମଡ଼ା ଶିଳ୍ପ ଲିମିଟେଡ୍ | ଅଚଳ |
| 44 | ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍ | 2001ଠାରୁ ସମାପନ ପ୍ରକ୍ରିୟାରେ |
| 45 | ଓଡ଼ିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 46 | ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 47 | ଓଡ଼ିଶା ରାଜ୍ୟ ଚମଡ଼ା ନିଗମ ଲିମିଟେଡ୍ | ଅଚଳ |
| 48 | ଓଡ଼ିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 49 | ଓଡ଼ିଶା ଟୁଲ୍ସ ଆଣ୍ଡ ଇଂଜିନିୟରିଂ କମ୍ପାନୀ ଲିମିଟେଡ୍ (619-ବି) | ଅଚଳ |
| 50 | ପ୍ରିମିୟର୍ ବୋଲ୍ଟସ୍ ଆଣ୍ଡ ନଟ୍ସ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ; ସମ୍ପତ୍ତିଗୁଡ଼ିକ ବିକ୍ରି ହୋଇଯାଇଛି |
| 51 | ଏଲ୍‌କସ୍‌ମସ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ | ସମାପନ ପ୍ରକ୍ରିୟାରେ |
| 52 | ଏଲ୍‌କୋ କମ୍ୟୁନିକେସନ୍ ଆଣ୍ଡ ସିଷ୍ଟମସ୍ ଲିମିଟେଡ୍ | 1998ଠାରୁ ସମାପନ ପ୍ରକ୍ରିୟାରେ |
| 53 | ଏଲ୍‌ମାର୍କ ଲିମିଟେଡ୍ | ଅଚଳ |
| 54 | ଓଡ଼ିଶା ରାଜ୍ୟ ବାଣିଜ୍ୟିକ ପରିବହନ ନିଗମ ଲିମିଟେଡ୍ | ଅଚଳ |

***(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)***

## ପରିଶିଷ୍ଟ-3
**(ଅନୁଚ୍ଛେଦ 1.1.3 ଏବଂ 1.7.2ରେ ସୂଚିତ)**
**ବକେୟା ହିସାବଗୁଡ଼ିକର ବିବରଣୀ**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇଗୁଡ଼ିକର ନାମ | ଯେଉଁ ବର୍ଷଗୁଡ଼ିକ ପାଇଁ 30 ସେପ୍ଟେମ୍ବର 2022 ସୁଦ୍ଧା ହିସାବ ପ୍ରାପ୍ତ ହୋଇନାହିଁ |
|---|---|---|
| 1 | ବ୍ରାହ୍ମଣୀ ରେଳବାଇ ଲିମିଟେଡ୍ | 2021-22 |
| 2 | ଇଡ୍‌କୋ ଏସ୍‌ଇଜେଡ୍ ଉନ୍ନୟନ ଲିମିଟେଡ୍ | 2021-22 |
| 3 | ଓଡ଼ିଶା ଇଲେକ୍ଟ୍ରୋନିକ୍ସ ପାର୍କ ଲିମିଟେଡ୍ | 2021-22 |
| 4 | ଅନୁଗୋଳ ଆଲୁମିନିୟମ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ | 2021-22 |
| 5 | ମନ୍ଦାକିନୀ-ଖ କୋଇଲା ନିଗମ ଲିମିଟେଡ୍ | 2016-17ରୁ 2021-22 |
| 6 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ | 2015-16ରୁ 2021-22 |
| 7 | ପାରାଦ୍ୱୀପ ପ୍ଲାଷ୍ଟିକ୍ ପାର୍କ ଲିମିଟେଡ୍ | 2021-22 |
| 8 | ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ | 2020-21ଏବଂ 2021-22 |
| 9 | ଓଡ଼ିଶା ଅନ୍ତର୍ଦ୍ଦେଶୀୟ ଜଳପଥ ସଙ୍ଗଠନ ଲିମିଟେଡ୍ | 2019-20ରୁ 2021-22 |
| 10 | ପାରାଦ୍ୱୀପ ପୁଞ୍ଜିନିବେଶ କ୍ଷେତ୍ର ଉନ୍ନୟନ ଲିମିଟେଡ୍ | 2021-22 |
| 11 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | 2021-22 |
| 12 | ଶାମୁକା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 2021-22 |
| 13 | ଓଡ଼ିଶା ତାପଜ ବିଦ୍ୟୁତ ନିଗମ ଲିମିଟେଡ୍ | 2021-22 |

***(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)***

# ପରିଶିଷ୍ଟ-4

## (ଅନୁଚ୍ଛେଦ 1.1.4ରେ ସୂଚିତ)

## ଓଡିଶାର ଜିଏସ୍‌ଡିପି ତୁଳନାରେ ବିଭାଗ-ଓ୍ୱାରୀ କାରବାରର ବିବରଣୀ

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|---|
| 1 | **ଶକ୍ତି ବିଭାଗ** | | | | | |
| | କାରବାର | 9,601.63 | 9,641.1 | 9,974.4 | 12,335.38 | 15,363.88 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 2.31 | 1.98 | 1.87 | 2.42 | 2.41 |
| 2 | **ଅବକାରୀ ବିଭାଗ** | | | | | |
| | କାରବାର | 3,726.7 | 4,738.36 | 4,738.36 | 3,922.33 | 3922.33 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.90 | 0.97 | 0.93 | 0.73 | 0.61 |
| 3 | **ଇସ୍ପାତ ଓ ଖଣି ବିଭାଗ** | | | | | |
| | କାରବାର | 2,853.14 | 4,052.3 | 4,093.2 | 5,587.27 | 17,036.16 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.69 | 0.83 | 0.77 | 1.10 | 2.67 |
| 4 | **ଜଳ ସମ୍ପଦ ବିଭାଗ** | | | | | |
| | କାରବାର | 867.45 | 763.35 | 486.6 | 486.6 | 595.51 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.21 | 0.16 | 0.09 | 0.10 | 0.09 |
| 5 | **ଗୃହ ବିଭାଗ** | | | | | |
| | କାରବାର | 385.31 | 376.01 | 376.01 | 302.58 | 336.54 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.09 | 0.08 | 0.07 | 0.06 | 0.05 |
| 6 | **ଶିଳ୍ପ ବିଭାଗ** | | | | | |
| | କାରବାର | 233.29 | 266.78 | 354.64 | 166.51 | 263.88 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.06 | 0.05 | 0.07 | 0.03 | 0.04 |
| 7 | **ଜଙ୍ଗଲ ଓ ପରିବେଶ ବିଭାଗ** | | | | | |
| | କାରବାର | 212.41 | 212.41 | 195.72 | 152.03 | 140.21 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.05 | 0.04 | 0.04 | 0.03 | 0.02 |
| 8 | **କୃଷି ଓ କୃଷକ ସଶକ୍ତିକରଣ ବିଭାଗ** | | | | | |
| | କାରବାର | 175.83 | 191.65 | 181.8 | 548.02 | 671.45 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.04 | 0.04 | 0.03 | 0.11 | 0.11 |
| 9 | **ବାଣିଜ୍ୟ ଓ ପରିବହନ ବିଭାଗ** | | | | | |
| | କାରବାର | 85.85 | 88.07 | 98.39 | 98.39 | 33.00 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.02 | 0.02 | 0.02 | 0.02 | 0.01 |
| 10 | **ପୂର୍ତ୍ତ ବିଭାଗ** | | | | | |
| | କାରବାର | 65.01 | 65.01 | 96.22 | 139.83 | 108.62 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.02 | 0.01 | 0.02 | 0.03 | 0.02 |
| 11 | **ପର୍ଯ୍ୟଟନ ବିଭାଗ** | | | | | |
| | କାରବାର | 25.96 | 25.96 | 44.76 | 37.72 | 27.21 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.006 | 0.005 | 0.008 | 0.007 | 0.004 |

| କ୍ରମିକ ସଂଖ୍ୟା | ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|---|
| **12** | **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ** | | | | | |
| | କାରବାର | 12.26 | 21.81 | 21.81 | 11.93 | 8.64 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.003 | 0.004 | 0.004 | 0.002 | 0.001 |
| **13** | **କ୍ରୀଡା ଓ ଯୁବ ସେବା ବିଭାଗ** | | | | | |
| | କାରବାର | 20.84 | 5 | 0 | 0 | 0 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.005 | 0.001 | 0.000 | 0.000 | 0.000 |
| **14** | **ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ** | | | | | |
| | କାରବାର | 3.71 | 6.68 | 6.68 | 1.95 | 1.50 |
| | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 0.001 | 0.001 | 0.001 | 0.000 | 0.000 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

## ପରିଶିଷ୍ଟ -5

### (ଅନୁଚ୍ଛେଦ 1.2.2.2ରେ ସୂଚିତ)

### ଏସ୍‌ପିଏସ୍‌ଇ-ଓ୍ୱାରୀ ସମୁଦାୟ ସମ୍ପତ୍ତି ଓ ଦୀର୍ଘକାଳୀନ ଋଣର ତୁଳନାତ୍ମକ ବିବରଣୀ

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ଦୀର୍ଘକାଳୀନ ଋଣ | ସମ୍ପତ୍ତି | ସମ୍ପତ୍ତି କଭରେଜ୍ ଅନୁପାତ |
|---|---|---|---|---|
| | | **(ଟଙ୍କା କୋଟିରେ)** | | |
| | ସରକାରୀ କମ୍ପାନୀ ସମୂହ | | | |
| 1 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ (ଓଏଆଇସି) | 2.82 | 792.62 | 28,107.09 |
| 2 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (ଓଏସ୍‌ଏସ୍‌ସି) | 1.98 | 302.21 | 15,263.13 |
| 3 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ (ଇଡ୍‌କଲ) | 251.74 | 344.27 | 136.76 |
| 4 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ (ଓଏମ୍‌ଇସିଏଲ୍) | 13.07 | 55.36 | 423.57 |
| 5 | ଗ୍ରୀଡ୍‌କୋ ଲିମିଟେଡ୍ | 5,223.65 | 5,549.20 | 106.23 |
| 6 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ଓଏଚ୍‌ପିସି) | 926.06 | 4,294.94 | 463.79 |
| 7 | ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) | 6,518.00 | 11,590.22 | 177.82 |
| 8 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) | 1,740.97 | 9,321.96 | 535.45 |
| 9 | ଓଡିଶା କୋଇଲା ଏବଂ ବିଦ୍ୟୁତ ଲିମିଟେଡ୍(ଓସିପିଏଲ୍) | 1,117.76 | 2,094.32 | 187.37 |
| | ମୋଟ | **15,796.05** | **34,345.10** | **217.43** |
| | ବୈଧାନିକ ନିଗମ ସମୂହ | | | |
| 10 | ଓଡିଶା ରାଜ୍ୟ ଅର୍ଥ ନିଗମ ଲିମିଟେଡ୍(ଓଏସ୍‌ଏଫ୍‌ସି) | 106.03 | 600.18 | 566.05 |
| 11 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି) | 1.30 | 529.68 | 40,744.62 |
| | ମୋଟ | **107.33** | **1,129.86** | **1,052.70** |

## ପରିଶିଷ୍ଟ-6

**(ଅନୁଚ୍ଛେଦ 1.3.2ରେ ସୂଚିତ)**

**2020-21 ଏବଂ 2021-22 ମଧ୍ୟରେ 11ଟି ଏସ୍‌ପିଏସ୍‌ଇ ଦ୍ୱାରା ହୋଇଥିବା କ୍ଷତି**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇଗୁଡିକର ନାମ | 2021-22 ଅବଧିରେ ଲାଭ/କ୍ଷତି | 2020-21 ଅବଧିରେ ଲାଭ/କ୍ଷତି |
|---|---|---|---|
| 1 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | -1,818.38 | -1,818.38 |
| 2 | ଓଡିଶା ରେଳ ଭିତ୍ତିଭୂମି ଉନ୍ନୟନ ଲିମିଟେଡ୍ | -2.36 | 0.29 |
| 3 | ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ | -1.15 | -22.76 |
| 4 | ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ | -37.64 | -3.45 |
| 5 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ | -7.22 | -2.31 |
| 6 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | -1.83 | 3.40 |
| 7 | ଗ୍ରୀଡ୍‌କୋ ଲିମିଟେଡ୍ | -440.18 | -1,382.35 |
| 8 | ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ | -102.83 | -190.51 |
| 9 | ଓଡିଶା ରାଜ୍ୟ ଅର୍ଥ ନିଗମ | -0.92 | -2.35 |
| 10 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | -10.59 | 3.54 |
| 11 | ଜେଡକଲ ସେଲ୍ ବିଦ୍ୟୁତ ନିଗମ ଲିମିଟେଡ୍ | -0.02 | 0.02 |
| ମୋଟ | | **-2,423.12** | **-3,414.86** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

## ପରିଶିଷ୍ଟ-7

**(ଅନୁଚ୍ଛେଦ 1.3.3ରେ ସୂଚିତ)**

**31 ମାର୍ଚ୍ଚ 2022 ସୁଦ୍ଧା ରଣାତ୍ମକ ନିଟ୍ ମୂଲ୍ୟ ଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା**

***(ଟଙ୍କା କୋଟିରେ)***

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ନିଟ୍ ମୂଲ୍ୟ | ସମାଦତ୍ତ ପୁଞ୍ଜି | କର ପରେ ନିଟ୍ ଲାଭ |
|---|---|---|---|---|
| 1 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | -42.63 | 5.00 | 20.04 |
| 2 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | -1.72 | 57.12 | 9.53 |
| 3 | ଇଡ୍‌କଲ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ | -38.28 | 150.10 | -37.64 |
| 4 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ | -13.05 | 0.43 | -7.22 |
| 5 | ଓଡିଶା ରାଜ୍ୟ ଅର୍ଥ ନିଗମ | -48.97 | 419.54 | -0.92 |
| 6 | ଗ୍ରୀଡ୍‌କୋ ଲିମିଟେଡ୍ | -5,094.96 | 2,791.22 | -440.18 |
| 7 | ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ | -15.08 | 18.81 | -1.15 |
| 8 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | -1.68 | 1.75 | 0.01 |

***(ଉତ୍ସ: ଏସ୍‌ପିଏସ୍‌ଇ.ଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)***

*ଦ୍ରଷ୍ଟବ୍ୟ: ଯଦିଓ ମାର୍ଚ୍ଚ 2022 ସୁଦ୍ଧା 8ଟି ଏସ୍‌ପିଏସ୍‌ଇର ରଣାତ୍ମକ ନିଟ୍ ମୂଲ୍ୟ ଅଛି, କ୍ରମିକ ସଂଖ୍ୟା 1, 2 ଏବଂ 8ରେ ଥିବା 3ଟି ଏସ୍‌ପିଏସ୍‌ଇ 2021-22 ଅବଧିରେ ଲାଭ ଅର୍ଜନ କରିଥିଲେ ।*

## ପରିଶିଷ୍ଟ-8

**(ଅନୁଚ୍ଛେଦ 1.3.4ରେ ସୂଚିତ)**

**ସରକାରୀ କମ୍ପାନୀଗୁଡିକ ଦ୍ୱାରା ପଇଠ ହୋଇନଥିବା ଲାଭାଂଶ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ରାଜ୍ୟ ସରକାରୀ ଇକ୍ୱିଟି | କର ବସାଣପରେ ନିଟ୍ ଲାଭ | ସାଧାରଣ ଅଂଶଧନ ଉପରେ ଲାଭାଂଶ | ରାଜ୍ୟ ସରକାରୀ ଇକ୍ୱିଟି ଉପରେ ଲାଭାଂଶ 30% | କର ବସାଣପରେ ଲାଭ ଉପରେ ଲାଭାଂଶ 30% | ସର୍ବନିମ୍ନ ଲାଭାଂଶ ଘୋଷିତ ହେବା ଆବଶ୍ୟକ | ଅଭାବ |
|---|---|---|---|---|---|---|---|---|
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 1.10 | 0.03 | 0.01 | 0.33 | 0.01 | 0.33 | 0.32 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 38.44 | 6.90 | 1.00 | 11.53 | 2.07 | 11.53 | 10.53 |
| 3 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 5.00 | 20.04 | 3.01 | 1.50 | 6.01 | 6.01 | 3.00 |
| 4 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | 20.00 | 5.48 | 1.64 | 6.00 | 1.64 | 6.00 | 4.36 |
| 5 | ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | 833.19 | 180.64 | 30.00 | 249.96 | 54.19 | 249.96 | 219.96 |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 2.11 | 2.84 | 0.29 | 0.63 | 0.85 | 0.85 | 0.56 |
| 7 | ଓଡିଶା ଖଣି ନିଗମ ଲିମିଟେଡ୍ | 31.45 | 2,731.72 | 500.00 | 9.44 | 819.52 | 819.52 | 319.52 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

## ପରିଶିଷ୍ଟ-9

**(ଅନୁଚ୍ଛେଦ 1.4ରେ ସୂଚିତ)**

**ଏସ୍‌ପିଏସ୍‌ଇଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ନିୟୋଜିତ ପୁଞ୍ଜି**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ପିଏସ୍‌ୟୁ | 2021-22 | | | 2020-21 | | | 2019-20 | | |
|---|---|---|---|---|---|---|---|---|---|---|
| | | ଉତ୍ପାଦନର ମୂଲ୍ୟ | ମୋଟ ସମ୍ପତ୍ତି | ନିୟୋଜିତ ପୁଞ୍ଜି | ଉତ୍ପାଦନର ମୂଲ୍ୟ | ମୋଟ ସମ୍ପତ୍ତି | ନିୟୋଜିତ ପୁଞ୍ଜି | ଉତ୍ପାଦନର ମୂଲ୍ୟ | ମୋଟ ସମ୍ପତ୍ତି | ନିୟୋଜିତ ପୁଞ୍ଜି |
| 1 | ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | 451.41 | 4,294.94 | 3,087.01 | 505.91 | 4,055.53 | 2,944.06 | 470.13 | 3,873.57 | 2,805.3 |
| 2 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 6.8 | 106.39 | 48.97 | 9.06 | 102.58 | 48.07 | 7.71 | 102.58 | 48.07 |
| 3 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 42.60 | 792.62 | 113.86 | 55.18 | 666.55 | 112.75 | 37.1 | 580.82 | 85.51 |
| 4 | ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ | 3,046.66 | 11,590.22 | 9,350.91 | 2,624.15 | 11,251.47 | 9,787.21 | 1,856.83 | 10,699.68 | 9,946.28 |
| 5 | ଓଡିଶା ସବୁଜ ବିଦ୍ୟୁତ ବିକାଶ ନିଗମ ଲିମିଟେଡ୍ | 4.35 | 286.05 | 78.84 | 6.93 | 286.05 | 78.84 | 7.5 | 330.32 | 73.47 |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 159.79 | 302.21 | 14.40 | 165.35 | 238.09 | 19.3 | 145.27 | 278.34 | 11.45 |
| 7 | ଓଡିଶା ଖଣି ନିଗମ ଲିମିଟେଡ୍ | 073.83 | 13,186.53 | 8,808.05 | 1,216.84 | 8,139.96 | 6,576.64 | 1,148.59 | 6,961.35 | 5,992.54 |
| 8 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 200.98 | 344.27 | 250.02 | 80.96 | 356.55 | 228.89 | 56.7 | 334.73 | 217.62 |
| 9 | ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ | 1.15 | 70.46 | -15.08 | 0.47 | 80.55 | 5.99 | 0.42 | 106.91 | 28.75 |
| 10 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | 0 | 6.05 | -1.68 | -0.19 | 6.05 | -1.68 | 0.01 | 6.05 | -1.68 |
| 11 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 7.82 | 444.15 | 39.05 | 8.8 | 444.15 | 39.05 | 7.59 | 345.39 | 40.88 |
| 12 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 0 | 904.91 | -42.63 | 45.97 | 904.91 | -42.63 | 50.24 | 820.59 | -52.14 |
| 13 | ଓଡିଶା କୋଇଲା ଏବଂ ବିଦ୍ୟୁତ ଲିମିଟେଡ୍ | 464.13 | 1,288.44 | 1,689.56 | 151.11 | 1,721.44 | 1,494.75 | 75.01 | 1,665.56 | 1,288.44 |
| 14 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | 10.49 | 903.91 | 39.39 | 97.11 | 903.91 | 39.39 | 0 | 194.77 | 35.96 |
| 15 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 600 | 1,549.97 | 179.88 | 399.44 | 1,549.97 | 179.88 | 471.62 | 1,549.97 | 179.88 |
| ମୋଟ | | **8,070.01** | **36,071.12** | **23,640.55** | **5,367.09** | **30,707.76** | **21,510.51** | **4,334.72** | **27,850.63** | **20,700.33** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ ଏବଂ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦତ୍ତ ସୂଚନା)*

# ପରିଶିଷ୍ଟ-10

## (ଅନୁଚ୍ଛେଦ 1.4.1ରେ ସୂଚିତ)

## ଏସ୍‌ପିଏସ୍‌ଇଗୁଡିକର ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ

(ଟଙ୍କା କୋଟିରେ)

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇ | 2021-22 | | | 2020-21 | | | 2019-20 | | |
|---|---|---|---|---|---|---|---|---|---|---|
| | | ଇବିଆଇଟି | ନିୟୋଜିତ ପୁଞ୍ଜି | ଆର୍‌ଓସିଇ (% ରେ) | ଇବିଆଇଟି | ନିୟୋଜିତ ପୁଞ୍ଜି | ଆର୍‌ଓସିଇ (% ରେ) | ଇବିଆଇଟି | ନିୟୋଜିତ ପୁଞ୍ଜି | ଆର୍‌ଓସିଇ (% ରେ) |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 0.1 | 2.27 | 4.41 | 0.22 | 2.25 | 9.78 | 0.21 | 2.19 | 9.59 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 11.39 | 113.86 | 10.00 | 26.12 | 112.75 | 23.17 | 20.31 | 85.51 | 23.75 |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 4.02 | 48.97 | 8.21 | 9.01 | 48.07 | 18.74 | 9.01 | 48.07 | 18.74 |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 28.41 | -42.63 | -66.64 | 26.16 | -52.14 | -50.17 | 36.74 | -58.97 | -62.30 |
| 5 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 3.18 | 14.40 | 22.08 | 6.13 | 19.30 | 31.76 | 0.52 | 11.45 | 4.54 |
| 6 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 12.05 | 125.55 | 9.60 | 10.69 | 115.82 | 9.23 | 10.09 | 112.79 | 8.95 |
| 7 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 21.56 | 250.02 | 8.62 | 19.23 | 228.89 | 8.40 | 9.62 | 217.62 | 4.42 |
| 8 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 76.31 | 179.88 | 42.42 | 77.40 | 149.39 | 51.81 | 77.40 | 149.39 | 51.81 |
| 9 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | 7.61 | 39.39 | 19.32 | 7.53 | 35.96 | 20.94 | 7.94 | 34.63 | 22.93 |
| 10 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | 28.12 | 152.32 | 18.46 | 26.82 | 137.65 | 19.48 | 26.30 | 123.62 | 21.27 |
| 11 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | -1,818.38 | 0.01 | -1,81,83,800.00 | -1,818.38 | 0.01 | -1,81,83,800 | 427.20 | 427.21 | 100.00 |
| 12 | ଓଡିଶା ଜଳ ନିଗମ ଲିମିଟେଡ୍ | 0.02 | 0.54 | 3.70 | -0.25 | 0.41 | -60.98 | -0.25 | 0.41 | -60.98 |
| 13 | ଓଡିଶା ରେଳ ଭିତ୍ତିଭୂମି ଉନ୍ନୟନ ନିଗମ ଲିମିଟେଡ୍ | -2.36 | 52.38 | -4.51 | 0.51 | 54.74 | 0.93 | 2.35 | 54.45 | 4.32 |
| 14 | ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ | -1.15 | -15.08 | -7.63 | -21.35 | 5.99 | -356.43 | -6.97 | 28.75 | -24.24 |
| 15 | ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍‌ସ ଲିମିଟେଡ୍ | -37.64 | -38.28 | -98.33 | -3.45 | -16.17 | -21.34 | -4.70 | -12.72 | -36.95 |
| 16 | ଓଡିଶା ଖଣି ନିଗମ ଲିମିଟେଡ୍ | 3,897.66 | 8,808.05 | 44.25 | 2,409.43 | 6,576.64 | 36.64 | 1,137.63 | 5,992.54 | 18.98 |
| 17 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | 33.02 | 343.94 | 9.60 | 33.02 | 330.64 | 9.99 | 46.52 | 320.11 | 14.53 |
| 18 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ | -6.67 | 0.02 | -33,350.00 | -2.21 | -1.88 | -117.55 | -1.60 | 0.43 | -372.09 |
| 19 | ଇଡ୍‌କଲ୍ ସଫ୍ଟୱେୟାର ଲିମିଟେଡ୍ | 1.41 | 4.19 | 33.65 | 0.42 | 3.14 | 13.38 | 0.26 | 2.80 | 9.29 |
| 20 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 11.88 | 39.05 | 30.42 | 19.68 | 40.88 | 48.14 | 18.09 | 37.48 | 48.27 |

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍ଇ | 2021-22 | | | 2020-21 | | | 2019-20 | | |
|---|---|---|---|---|---|---|---|---|---|---|
| | | ଇବିଆଇଟି | ନିୟୋଜିତ ପୁଞ୍ଜି | ଆର୍‌ଓସିଇ (% ରେ) | ଇବିଆଇଟି | ନିୟୋଜିତ ପୁଞ୍ଜି | ଆର୍‌ଓସିଇ (% ରେ) | ଇବିଆଇଟି | ନିୟୋଜିତ ପୁଞ୍ଜି | ଆର୍‌ଓସିଇ (% ରେ) |
| 21 | ଓଡିଶା ରାଜ୍ୟ ଭେଷଜ ବିଜ୍ଞାନ ନିଗମ ଲିମିଟେଡ୍ | 3.43 | 70.33 | 4.88 | 14.28 | 68.28 | 20.91 | 12.95 | 58.37 | 22.19 |
| 22 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ | 1.86 | 22.43 | 8.29 | 1.50 | 20.56 | 7.30 | 1.13 | 19.06 | 5.93 |
| 23 | ଓଡିଶା ରାଜ୍ୟ ଅର୍ଥ ନିଗମ ଲିମିଟେଡ୍ | -0.45 | 57.06 | -0.79 | -1.59 | 50.12 | -3.17 | 5.73 | 52.01 | 11.02 |
| 24 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଲିମିଟେଡ୍ | -10.59 | 170.4 | -6.21 | 1.97 | 139.17 | 1.42 | 1.97 | 139.17 | 1.42 |
| 25 | ଗ୍ରୀଡ୍‌କୋ ଲିମିଟେଡ୍ | 205.49 | 128.69 | 159.68 | -951.19 | -1,176.02 | -80.88 | 216.32 | -479.28 | -45.13 |
| 26 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | 277.95 | 3,087.01 | 9.00 | 317.78 | 2,944.06 | 10.79 | 300.61 | 2,805.30 | 10.72 |
| 27 | ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ | 650.86 | 9,350.91 | 6.96 | 602.02 | 9,787.21 | 6.15 | 272.29 | 9,946.28 | 2.74 |
| 28 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | 212.24 | 3,759.64 | 5.65 | -8.82 | 1,709.62 | -0.52 | 112.11 | 1,568.78 | 7.15 |
| 29 | ଓଡିଶା ସବୁଜ ବିଦ୍ୟୁତ ବିକାଶ ନିଗମ ଲିମିଟେଡ୍ | 10.52 | 78.84 | 13.34 | 10.52 | 78.84 | 13.34 | 14.66 | 73.47 | 19.95 |
| 30 | ଓଡିଶା କୋଇଲା ଏବଂ ବିଦ୍ୟୁତ ଲିମିଟେଡ୍ | 299.32 | 1,689.56 | 17.72 | 85.46 | 1,494.75 | 5.72 | -0.34 | 992.39 | -0.03 |
| 31 | ଜେଡକଲ ସେଲ୍ ବିଦ୍ୟୁତ ନିଗମ ଲିମିଟେଡ୍ | -0.02 | 10.06 | -0.20 | 0.02 | 0.04 | 50.00 | 0.26 | 10.02 | 2.59 |
| 32 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | 0.01 | -1.68 | -0.60 | -0.24 | -0.93 | -25.81 | 0 | -0.72 | 0 |
| ମୋଟ | | **3,921.16** | **28,502.10** | **13.76** | **898.44** | **22,908.04** | **3.92** | **2,754.36** | **22,762.61** | **12.10** |

*(ଉତ୍ସ: ଏସ୍‌ପିଏସ୍ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

# ପରିଶିଷ୍ଟ-11

## (ଅନୁଚ୍ଛେଦ 1.4.2ରେ ସୂଚିତ)

## ଏସ୍‌ପିଏସ୍‌ଇଗୁଡିକର ଇକ୍ୱିଟି ଉପରେ ଉପାର୍ଜନ

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇ | 2021-22 | | | 2020-21 | | | 2019-20 | | |
|---|---|---|---|---|---|---|---|---|---|---|
| | | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 2.27 | 0.03 | 1.32 | 2.25 | 0.09 | 4.00 | 2.19 | 0.07 | 3.20 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 111.04 | 6.9 | 6.21 | 110.14 | 16.55 | 15.03 | 85.51 | 12.80 | 14.97 |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 48.97 | 1.46 | 2.98 | 48.07 | 7.97 | 16.58 | 48.07 | 7.97 | 16.58 |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | -42.63 | 20.04 | -47.01 | -52.14 | 10.54 | -20.21 | -58.97 | 15.28 | -25.91 |
| 5 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 12.42 | 2.84 | 22.87 | 3.58 | 6.02 | 168.16 | -2.44 | 0.24 | -9.84 |
| 6 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 125.55 | 9.73 | 7.75 | 115.82 | 8.56 | 7.39 | 112.79 | 6.19 | 5.49 |
| 7 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | -1.72 | 9.53 | -554.07 | -11.61 | 2.46 | -21.19 | -13.71 | -7.26 | -52.95 |
| 8 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 179.88 | 49.03 | 27.26 | 149.39 | 50.13 | 33.56 | 149.39 | 50.13 | 33.56 |
| 9 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | 39.39 | 5.48 | 13.91 | 35.96 | 5.43 | 15.10 | 34.63 | 5.73 | 16.55 |
| 10 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | 152.32 | 20.95 | 13.75 | 137.65 | 20.06 | 14.57 | 123.62 | 17.08 | 13.82 |
| 11 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | 0.01 | -1,818.38 | -1,81,83,800.00 | 0.01 | -1,818.38 | -1,81,83,800 | 427.21 | 427.20 | 100.00 |
| 12 | ଓଡିଶା ଜଳ ନିଗମ ଲିମିଟେଡ୍ | 0.52 | 0.02 | 3.85 | 0.41 | -0.25 | -60.98 | 0.41 | -0.25 | -60.98 |
| 13 | ଓଡିଶା ରେଳ ଭିତ୍ତିଭୂମି ଉନ୍ନୟନ | 52.38 | -2.36 | -4.51 | 54.74 | 0.29 | 0.53 | 54.45 | 1.67 | 3.07 |

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇ | 2021-22 | | | 2020-21 | | | 2019-20 | | |
|---|---|---|---|---|---|---|---|---|---|---|
| | | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) |
| | ନିଗମ ଲିମିଟେଡ୍ | | | | | | | | | |
| 14 | ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ | -15.08 | -1.15 | 7.63 | 5.99 | -22.76 | -379.97 | 28.75 | -8.43 | -29.32 |
| 15 | ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ | -38.28 | -37.64 | 98.33 | -16.17 | -3.45 | -21.34 | -12.72 | -4.7 | -36.95 |
| 16 | ଓଡିଶା ଖଣି ନିଗମ ଲିମିଟେଡ୍ | 8,808.05 | 2,731.72 | 31.01 | 6,576.64 | 1,586.27 | 24.12 | 5,992.54 | 728.72 | 12.16 |
| 17 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | 343.94 | 20.88 | 6.07 | 330.64 | 20.88 | 6.32 | 320.11 | 29.99 | 9.37 |
| 18 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ | -13.05 | -7.22 | 55.33 | -1.88 | -2.31 | -122.87 | 0.43 | 0 | 0.00 |
| 19 | ଇଡ୍‌କଲ୍ ସଫ୍ଟୱେୟାର ଲିମିଟେଡ୍ | 4.19 | 1.06 | 25.30 | 3.14 | 0.34 | 10.83 | 2.80 | 0.19 | 6.79 |
| 20 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 39.05 | -1.83 | -4.69 | 40.88 | 3.40 | 8.32 | 37.48 | 3.47 | 9.26 |
| 21 | ଓଡିଶା ରାଜ୍ୟ ଭେଷଜ ବିଜ୍ଞାନ ନିଗମ ଲିମିଟେଡ୍ | 70.33 | 2.09 | 2.97 | 68.28 | 9.78 | 14.32 | 58.37 | 9.10 | 15.59 |
| 22 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ | 22.43 | 1.86 | 8.29 | 20.56 | 1.50 | 7.30 | 19.06 | 1.13 | 5.93 |
| 23 | ଓଡିଶା ରାଜ୍ୟ ଅର୍ଥ ନିଗମ | -48.97 | -0.92 | -1.88 | -48.49 | -2.35 | -4.85 | -46.60 | 5.26 | -11.29 |
| 24 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | 169.10 | -10.59 | -6.26 | 137.87 | 3.54 | 2.57 | 137.87 | 3.54 | 2.57 |
| 25 | ଗ୍ରୀଡ୍‌କୋ ଲିମିଟେଡ୍ | -5,094.96 | -440.18 | -8.64 | -6,869.29 | -1,382.35 | -20.12 | -4134.80 | -281.05 | -6.80 |
| 26 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | 2,160.95 | 180.64 | 8.36 | 1,987.77 | 158.06 | 7.95 | 1,818.78 | 144.39 | 7.94 |
| 27 | ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ | 2,832.91 | -102.83 | -3.63 | 2,731.27 | -190.51 | -6.98 | 3,063.45 | 171.48 | 5.60 |
| 28 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | 2,018.67 | 61.97 | 3.07 | 888.50 | -144.37 | -16.25 | 969.70 | 37.71 | 3.89 |
| 29 | ଓଡିଶା ସବୁଜ ବିଦ୍ୟୁତ ବିକାଶ ନିଗମ ଲିମିଟେଡ୍ | 78.84 | 5.35 | 6.79 | 78.84 | 5.35 | 6.79 | 73.47 | 6.11 | 8.32 |

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇ | 2021-22 | | | 2020-21 | | | 2019-20 | | |
|---|---|---|---|---|---|---|---|---|---|---|
| | | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) | ଇକ୍ୱିଟି | କର ଏବଂ ପ୍ରିଫରେନ୍ସ ଲାଭାଂଶ ପରେ ନିଟ୍ ଲାଭ | ଆର୍‌ଓଇ (% ରେ) |
| 30 | ଓଡିଶା କୋଇଲା ଏବଂ ବିଦ୍ୟୁତ ଲିମିଟେଡ୍ | 571.80 | 158.27 | 27.68 | 373.58 | -1.46 | -0.39 | 291.03 | -2.81 | -0.97 |
| 31 | ଜେଡକଲ ସେଲ୍ ବିଦ୍ୟୁତ ନିଗମ ଲିମିଟେଡ୍ | 10.06 | 0.02 | 0.20 | 10.07 | 0.02 | 0.20 | 10.02 | 0.25 | 2.50 |
| 32 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | -1.68 | 0.01 | -0.60 | 1.75 | -0.24 | -13.71 | 1.75 | 0 | 0 |
| **ମୋଟ** | | **12,598.70** | **866.78** | **6.88** | **6,914.22** | **-1,651.19** | **-23.88** | **9,594.64** | **1,381.20** | **14.40** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

# ପରିଶିଷ୍ଟ-12

## (ଅନୁଚ୍ଛେଦ 1.4.3ରେ ସୂଚିତ)

## 27ଟି ଏସ୍‌ପିଏସ୍‌ଇର ଉପାର୍ଜନର ପ୍ରକୃତ ହାର

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ବର୍ଷ ଆରମ୍ଭରେ ରାଜ୍ୟ ସରକାରଙ୍କ ମୋଟ ବିନିଯୋଗର ବର୍ତ୍ତମାନ ମୂଲ୍ୟ | ବର୍ଷକ ମଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଇକ୍ୱିଟି ଅନ୍ତର୍ଭୁକ୍ତ | ବର୍ଷକ ମଧରେ ରାଜ୍ୟ ସରକାର ଦେଇଥିବା ନିଟ୍ ସୁଧମୁକ୍ତ ଋଣ | ବର୍ଷକ ମଧରେ ସୁଧମୁକ୍ତ ଋଣ ଇକ୍ୱିଟିରେ ରୂପାନ୍ତରିତ | କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ଦେଇଥିବା ଅନୁଦାନ/ସବ୍‌ସିଡି | ବର୍ଷକ ମଧରେ ଫେସ୍ ମୂଲ୍ୟରେ ସରକାରଙ୍କ ଦ୍ୱାରା ବିନିବେଶ | ବର୍ଷକ ମଧରେ ମୋଟ ବିନିଯୋଗ | ବର୍ଷ ଶେଷରେ ମୋଟ ବିନିଯୋଗ | ସୁଧର ହାରାହାରି ହାର | ବର୍ଷ ଶେଷରେ ସମୁଦାୟ ବିନିଯୋଗର ବର୍ତ୍ତମାନ ମୂଲ୍ୟ | ବର୍ଷ ପାଇଁ ପାଣ୍ଠିର ମୂଲ୍ୟ ପୁନରୁଦ୍ଧାର ପାଇଁ ସର୍ବନିମ୍ନ ଆଶା କରାଯାଉଥିବା ଉପାର୍ଜନ | ବର୍ଷ ପାଇଁ ମୋଟ ରୋଜଗାର | ଆର୍ ଓଆରଆର (%ରେ) |
|---|---|---|---|---|---|---|---|---|---|---|---|---|---|
| A | B | C | D | E | F | G | H=C+D-E+F-G | I=B+H | J | K=I*(1+J/100) | L=I*J/100 | M | N=M*100/K |
| 2002-03 | 5,936.81 | 5.45 | 10.96 | 0 | 35.64 | 0 | 52.05 | 5,988.86 | 10.71 | 6,630.27 | 641.41 | -43.45 | -0.66 |
| 2003-04 | 6,630.27 | 0 | 1.21 | 0 | 24.98 | 0 | 26.19 | 6,656.46 | 9.51 | 7,289.49 | 633.03 | -483.53 | -6.63 |
| 2004-05 | 7,289.49 | 0.76 | 0 | 0 | 12.54 | 0 | 13.3 | 7,302.79 | 9.51 | 7,997.28 | 694.49 | 664.33 | 8.31 |
| 2005-06 | 7,997.28 | -60 | 0 | 0 | 2.16 | 0 | -57.84 | 7,939.44 | 9.92 | 8,727.03 | 787.59 | 797.93 | 9.14 |
| 2006-07 | 8,727.03 | 60 | 0 | 0 | 2.98 | 0 | 62.98 | 8,790.01 | 8.18 | 9,509.03 | 719.02 | 418.63 | 4.40 |
| 2007-08 | 9,509.03 | 280.98 | 0 | 0 | 11.05 | 0 | 292.03 | 9,801.06 | 8.13 | 10,597.89 | 796.83 | 1,264.01 | 11.93 |
| 2008-09 | 10,597.89 | 54.23 | 0 | 0 | 11.98 | 0 | 66.21 | 10,664.10 | 7.44 | 11,457.51 | 793.41 | 1,025.91 | 8.95 |
| 2009-10 | 11,457.51 | 11.31 | 0 | 0 | 12 | 0 | 23.31 | 11,480.82 | 7.63 | 12,356.81 | 875.99 | 2,216.13 | 17.93 |
| 2010-11 | 12,356.81 | 72.94 | 0 | 0 | 5.35 | 0 | 78.29 | 12,435.10 | 7.39 | 13,354.05 | 918.95 | 1,163.48 | 8.71 |
| 2011-12 | 13,354.05 | 43 | 0 | 0 | 11.01 | 0 | 54.01 | 13,408.06 | 6.09 | 14,224.61 | 816.55 | 1,329.85 | 9.35 |
| 2012-13 | 14,224.61 | 197.45 | 0 | 0 | 40.23 | 0 | 237.68 | 14,462.29 | 6.54 | 15,408.12 | 945.83 | 926.56 | 6.01 |
| 2013-14 | 15,408.12 | 0 | 0 | 0 | 7.13 | 0 | 7.13 | 15,415.25 | 6.56 | 16,426.49 | 1,011.24 | 1,904.71 | 11.60 |
| 2014-15 | 16,426.49 | 81.99 | 0 | 0 | 272.2 | 0 | 354.19 | 16,780.68 | 5.9 | 17,770.74 | 990.06 | 1,200.69 | 6.76 |
| 2015-16 | 17,770.74 | 366.86 | 0 | 766.2 | 995.36 | 0 | 596.02 | 18,366.76 | 6.06 | 19,479.79 | 1,113.03 | 1,918.66 | 9.85 |
| 2016-17 | 19,479.79 | 294.75 | 0 | 0 | 94.64 | 0 | 389.39 | 19,869.18 | 7.62 | 21,383.21 | 1,514.03 | 1,529.78 | 7.15 |
| 2017-18 | 21,383.21 | 737.74 | 0 | 0 | 774.68 | 0 | 1,512.42 | 22,895.63 | 7.58 | 24,631.12 | 1,735.49 | -336.13 | -1.36 |
| 2018-19 | 24,631.12 | 164.94 | 0 | 0 | 192.68 | 0 | 357.62 | 24,988.74 | 7.74 | 26,922.87 | 1,934.13 | 842.1 | 3.13 |
| 2019-20 | 26,922.87 | 475.17 | 0 | 0 | 134.34 | 0 | 609.51 | 27,532.38 | 7.09 | 29,484.43 | 1,952.05 | 1347.47 | 4.57 |
| 2020-21 | 29,484.43 | 112.15 | 0 | 0 | 80.1 | 0 | 192.25 | 29,676.68 | 7.04 | 31,765.92 | 2,089.24 | -1,652.76 | -5.20 |
| 2021-22 | 31,765.92 | 3,521.42 | 0 | 0 | 247.86 | 0 | 3,769.28 | 35,535.20 | 7.09 | 38,054.65 | 2,519.45 | 711.22 | 1.87 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ ଏବଂ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦତ୍ତ ସୂଚନା)*

## ପରିଶିଷ୍ଟ-13

**(ଅନୁଚ୍ଛେଦ 1.9.1.2ରେ ସୂଚିତ)**

**ଏସ୍‌ପିଏସ୍‌ଇଗୁଡିକର ତାଲିକା ଯେଉଁଠାରେ ସିଏଜିଙ୍କ ଦ୍ୱାରା ମନ୍ତବ୍ୟ ପ୍ରଦାନ କରାଯାଇଛି**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ସରକାରୀ କମ୍ପାନୀ (ଜିସି)/ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ (ଜିସିସି) |
|---|---|---|
| 1 | ଗ୍ରୀଡ୍‌କୋ ଲିମିଟେଡ୍ | ଜିସି |
| 2 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | ଜିସି |
| 3 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | ଜିସି |
| 4 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | ଜିସି |
| 5 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | ଜିସି |
| 6 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | ଜିସି |
| 7 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | ଜିସି |
| 8 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | ଜିସି |
| 9 | ଓଡିଶା ରାଜ୍ୟ ଭେଷଜବିଜ୍ଞାନ ନିଗମ ଲିମିଟେଡ୍ | ଜିସି |
| 10 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ଜିସି |
| 11 | ଓଡିଶା ମତ୍ସ୍ୟରକ୍ଷ ଉନ୍ନୟନ ନିଗମ ଲିମିଟେଡ୍ | ଜିସି |
| 12 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | ଜିସି |
| 13 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଜିସି |
| 14 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | ଜିସି |
| 15 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଲିମିଟେଡ୍ | ଜିସି |
| 16 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | ଜିସିସି |
| 17 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | ଜିସିସି |
| 18 | ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ | ଜିସି |
| 19 | ଓଡିଶା ଜଳ ନିଗମ ଲିମିଟେଡ୍ | ଜିସି |
| 20 | ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | ଜିସି |
| 21 | ଓଡିଶା ଖଣି ନିଗମ ଲିମିଟେଡ୍ | ଜିସି |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ବୃତାନ୍ତ ହିସାବ ଆଧାରରେ ସଂକଳିତ)*

## ପରିଶିଷ୍ଟ-14

**(ଅନୁଚ୍ଛେଦ 1.11ରେ ସୂଚିତ)**

**କମ୍ପାନୀଗୁଡ଼ିକର ବିବରଣୀ ଯେଉଁଠାରେ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ଦର୍ଶାଯାଇଥିବା ହିସାବ ମାନଦଣ୍ଡ/ଇଣ୍ଡ ଏଏସ୍‌ର ଅନୁପାଳନ ହୋଇନଥିଲା**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ସରକାରୀ କମ୍ପାନୀ (ଜିସି) କିମ୍ବା ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ (ଜିସିସି) | ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ(ଏଏସ୍)ର ସଂଖ୍ୟା/ ଇଣ୍ଡ ଏଏସ୍ |
|---|---|---|---|
| 1 | ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଲିମିଟେଡ୍ | ଜିସି | ଏଏସ୍-20,ଏଏସ୍-15,ଏଏସ୍-17, ଏଏସ୍-19 |
| 2 | ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | ଜିସି | ଏଏସ୍-2, ଏଏସ୍-3, ଏଏସ୍-15 |
| 3 | ଗ୍ରୀଡ୍‌କୋ ଲିମିଟେଡ୍ | ଜିସି | ଇଣ୍ଡ ଏଏସ୍ 109 |
| 4 | ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ | ଜିସି | ଏଏସ୍-02 ଏବଂ ଏଏସ୍-15 |
| 5 | ବୈତରଣୀ ପଶ୍ଚିମ କୋଇଲା କମ୍ପାନୀ ଲିମିଟେଡ୍ | ଜିସି | ଏଏସ୍-33 |
| 6 | ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ଜିସି | ଏଏସ୍-1,2,3,4,5,6,9,10,12, 22, 28 ଏବଂ 29 |
| 7 | ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | ଜିସି | ଏଏସ୍-12 |
| 8 | ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | ଜିସି | ଏଏସ୍-9, ଏଏସ୍-28 |
| 9 | ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ | ଜିସି | ଏଏସ୍-1, ଏଏସ୍-17, ଏଏସ୍-22 |
| 10 | ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | ଜିସି | ଏଏସ୍-17, ଏଏସ୍-5 |
| 11 | ଇଉ଼କଲ୍ କଳିଙ୍ଗ ଆଇରନ୍ ୱାର୍କ୍‌ସ ଲିମିଟେଡ୍ | ଜିସି | ଏଏସ୍-28 |

***(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)***

## ପରିଶିଷ୍ଟ-15

**(ଅନୁଚ୍ଛେଦ 1.12ରେ ସୂଚିତ)**

**ଏସ୍‌ପିଏସ୍‌ଇଗୁଡିକର ତାଲିକା ଯେଉଁଗୁଡିକ ପାଇଁ ସିଏଜିଙ୍କ ଦ୍ୱାରା ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି ଜାରି କରାଯାଇଥିଲା**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ |
|---|---|
| 1 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ |
| 2 | ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ |
| 3 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ |
| 4 | ଗ୍ରୀଡ୍‌କୋ ଲିମିଟେଡ୍ |
| 5 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ |
| 6 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ |
| 7 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ |
| 8 | ଇଡ୍‌କଲ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ |
| 9 | ବ୍ରାହ୍ମଣୀ  ରେଳବାଇ ଲିମିଟେଡ୍ |
| 10 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ |
| 11 | ପାରାଦ୍ୱୀପ ପ୍ଲାଷ୍ଟିକ୍ ପାର୍କ ଲିମିଟେଡ୍ |
| 12 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ |
| 13 | ଓଡିଶା ଇଲେକ୍ଟ୍ରୋନିକ୍ସ ପାର୍କ ଲିମିଟେଡ୍ |
| 14 | ଇଡ୍‌କୋ ଏସ୍‌ଇଜେଡ୍ ଉନ୍ନୟନ ଲିମିଟେଡ୍ |
| 15 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ |
| 16 | ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ |
| 17 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ ଲିମିଟେଡ୍ |
| 18 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ |
| 19 | ବୈତରଣୀ ପଶ୍ଚିମ କୋଇଲା ନିଗମ ଲିମିଟେଡ୍ |
| 20 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ |
| 21 | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ |
| 22 | ଓଡିଶା ଚଳଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ |
| 23 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ |
| 24 | ଶାମୁକା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ |
| 25 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ |
| 26 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ |

***(ଉତ୍ସ:  ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)***

## ପରିଶିଷ୍ଟ-16

**(ଅନୁଚ୍ଛେଦ 2.5.3ରେ ସୂଚିତ)**

**31 ମାର୍ଚ୍ଚ 2022ରେ ଶେଷ ହେଉଥିବା ପାଞ୍ଚ ବର୍ଷ ପାଇଁ ଗ୍ରୀଡ୍‌କୋ ଲିମିଟେଡ୍‌ର ଆର୍ଥିକ ପ୍ରଦର୍ଶନ**

*(ଟଙ୍କା କୋଟିରେ)*

| ସବିଶେଷ/ବର୍ଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|
| ଆୟ | 7,851.22 | 7,975.00 | 7,581.45 | 8,604.66 | 10,165.41 |
| ବ୍ୟୟ | 8,048.72 | 8,256.04 | 8,933.59 | 10,117.49 | 10,661.80 |
| ଲାଭ/(କ୍ଷତି) | (197.50) | (281.05) | (1,352.14) | (1,382.35) | (440.18) |
| ଖର୍ଚ୍ଚ ଉପରେ ଆୟର ଶତକଡା | 97.55% | 96.60% | 84.86% | 85.05% | 95.34% |
| ବର୍ଷ ପର୍ଯ୍ୟନ୍ତ ଏକତ୍ରୀକୃତ କ୍ଷତି | (4,430.46) | (4,711.51) | (6,063.65) | (7,446.00) | (7,886.18) |
| ଅଂଶ ପୁଞ୍ଜି | 576.71 | 576.71 | 576.71 | 576.71 | 2,791.22 |
| ନିଟ୍ ମୂଲ୍ୟ (ଅଂଶ ପୁଞ୍ଜି + ଏକତ୍ରୀକୃତ ଲାଭ (କ୍ଷତି) | (3,853.75) | (4,134.80) | (5,486.94) | (6,869.29) | (5,094.96) |

*(ଉତ୍ସ: ଗ୍ରୀଡ୍‌କୋ ଲିମିଟେଡ୍ ଦ୍ୱାରା ପ୍ରଦତ୍ତ ସୂଚନା)*

# ପରିଶିଷ୍ଟ-17

## (ଅନୁଚ୍ଛେଦ 2.6.5ରେ ସୂଚିତ)

## ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍(ଇଡ୍କଲ୍)ର ଆର୍ଥିକ ସ୍ଥିତି ଓ କାର୍ଯ୍ୟ ଫଳାଫଳ

## ଆର୍ଥିକ ସ୍ଥିତିର ତୁଳନା ପତ୍ର

*(ଟଙ୍କା କୋଟିରେ)*

| ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|
| **ଅଂଶଧନ ଏବଂ ଦାୟିତ୍ୱ** | | | | | |
| ଅଂଶପୁଞ୍ଜି | 57.12 | 57.12 | 57.12 | 57.12 | 107.12 |
| ଆରକ୍ଷଣ ଏବଂ ବଳକା | (63.57) | (70.83) | (68.37) | (58.84) | (623.38) |
| ଅଣ-ସାମ୍ପ୍ରତିକ ଦାୟିତ୍ୱ | 269.51 | 262.42 | 277.17 | 316.25 | 920.55 |
| ସାମ୍ପ୍ରତିକ ଦାୟିତ୍ୱ | 84.17 | 86.02 | 90.63 | 106.60 | 30.56 |
| **ମୋଟ** | **347.23** | **334.73** | **356.55** | **421.13** | **434.85** |
| **ସମ୍ପତ୍ତି** | | | | | |
| ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତି | 30.54 | 42.99 | 39.96 | 20.00 | 18.45 |
| ଅଣ ସାମ୍ପ୍ରତିକ ବିନିଯୋଗ | 173.64 | 173.76 | 173.76 | 170.73 | 170.79 |
| ଅନ୍ୟାନ୍ୟ ଅଣ-ସାମ୍ପ୍ରତିକ ସମ୍ପତ୍ତି | 104.58 | 69.29 | 82.36 | 78.77 | 102.68 |
| ସାମ୍ପ୍ରତିକ ସମ୍ପତ୍ତି | 38.47 | 48.69 | 60.47 | 151.63 | 142.93 |
| **ମୋଟ** | **347.23** | **334.73** | **356.55** | **421.13** | **434.85** |

*(ଉତ୍ସ: ଇଡ୍କଲ୍ର ବାର୍ଷିକ ହିସାବ ଏବଂ ବାର୍ଷିକ ରିପୋର୍ଟ)*

ଲାଭ ଏବଂ କ୍ଷତିର ବିବରଣୀ

*(ଟଙ୍କା କୋଟିରେ)*

| ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|
| **ଆୟ** | | | | | |
| ଉତ୍ପାଦନରୁ ଆୟ | 41.16 | 80.00 | 82.49 | 119.20 | 204.57 |
| ଅନ୍ୟାନ୍ୟ ଆୟ | 0.41 | 0.96 | 0.38 | 3.32 | 4.65 |
| **ମୋଟ ଆୟ** | **41.57** | **80.96** | **82.87** | **122.52** | **209.22** |
| **ବ୍ୟୟ** | | | | | |
| ଖର୍ଚ୍ଚ ହୋଇଥିବା ସାମଗ୍ରୀର ମୂଲ୍ୟ | - | - | 7.30 | - | - |
| ସମାପ୍ତ ଦ୍ରବ୍ୟର ଗଚ୍ଛିତ ପରିମାଣରେ ପରିବର୍ତ୍ତନ | - | - | (8.69) | (6.49) | (1.71) |
| କର୍ମଚାରୀ କଲ୍ୟାଣ ଖର୍ଚ୍ଚ | 8.95 | 7.05 | 18.43 | 22.62 | 16.17 |
| ଆର୍ଥିକ ମୂଲ୍ୟ | 9.41 | 17.16 | 16.92 | 14.12 | 13.22 |
| ଅବମୂଲ୍ୟନ ଏବଂ ଅବକ୍ଷୟ | 1.61 | 3.39 | 3.39 | 20.42 | 2.97 |
| ଅନ୍ୟାନ୍ୟ ଖର୍ଚ୍ଚ | 5.27 | 10.43 | 36.27 | 44.40 | 116.84 |
| **ମୋଟ ଖର୍ଚ୍ଚ** | **25.24** | **38.03** | **73.62** | **95.07** | **147.49** |
| ଲାଭ/କ୍ଷତି ପୂର୍ବରୁ ଅସାଧାରଣ ଆଇଟମ | 16.33 | 42.93 | 9.25 | 27.45 | 61.73 |
| କମ୍: ଅସାଧାରଣ ଆଇଟମ | 105.54 | 50.47 | 6.95 | 20.00 | 625.13 |
| **କର ବସାଣ ପୂର୍ବରୁ ଲାଭ/(କ୍ଷତି)** | (89.21) | (7.54) | 2.30 | 7.45 | (563.40) |
| କମ୍ : କର ଖର୍ଚ୍ଚ | 0.33 | (0.29) | (0.16) | (2.08) | (1.14) |
| **କର ବସାଣ ପରେ ଲାଭ/(କ୍ଷତି)** | **(89.54)** | **(7.25)** | **2.46** | **9.53** | **(564.54)** |

*(ଉତ୍ସ: ଇଡ୍କଲ୍ର ବାର୍ଷିକ ହିସାବ ଏବଂ ବାର୍ଷିକ ରିପୋର୍ଟ)*

## ଇଡ୍‌କଲ୍ ଫେରୋକ୍ରମ ଏବଂ ଆଲଏଜ୍ ଲିମିଟେଡ୍ (ଇଫ୍‌କାଲ୍)
## ଆର୍ଥିକ ସ୍ଥିତି

*(ଟଙ୍କା କୋଟିରେ)*

| ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|
| **ଅଂଶଧନ ଏବଂ ଦାୟିତ୍ୱ** | | | | | |
| ଅଂଶପୁଞ୍ଜି | 18.81 | 18.81 | 18.81 | 18.81 | 18.81 |
| ଆରକ୍ଷଣ ଏବଂ ବଳକା | 21.37 | 20.70 | (2.07) | (31.94) | (33.89) |
| ଅଣ-ସାମ୍ପ୍ରତିକ ଦାୟିତ୍ୱ | 24.72 | 23.67 | 23.36 | 34.76 | 52.21 |
| ସାମ୍ପ୍ରତିକ ଦାୟିତ୍ୱ | 42.01 | 44.98 | 40.45 | 33.35 | 33.32 |
| ମୋଟ | **106.91** | **108.16** | **80.55** | **54.98** | **70.45** |
| **ସମ୍ପତ୍ତି** | | | | | |
| ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତି | 15.96 | 14.54 | 13.01 | 12.65 | 11.90 |
| ଅଣ-ସାମ୍ପ୍ରତିକ ପୁଞ୍ଜି ନିବେଶ | 0.00 | 0.00 | 0.00 | 0.00 | 0.00 |
| ଅଣ-ସାମ୍ପ୍ରତିକ ସମ୍ପତ୍ତି | 9.56 | 9.93 | 10.09 | 10.01 | 10.26 |
| ସାମ୍ପ୍ରତିକ ସମ୍ପତ୍ତି | 81.39 | 83.69 | 57.45 | 32.32 | 48.29 |
| ମୋଟ | **106.91** | **108.16** | **80.55** | **54.98** | **70.45** |

*(ଉତ୍ସ: ଇଫ୍‌କାଲ୍‌ର ବାର୍ଷିକ ହିସାବ ଏବଂ ବାର୍ଷିକ ବିବରଣୀ)*

*ଲାଭ ଏବଂ କ୍ଷତିର ବିବରଣୀ*

*(ଟଙ୍କା କୋଟିରେ)*

| ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|
| **ଆୟ** | | | | | |
| ଉତ୍ପାଦନରୁ ଆୟ | 142.81 | 81.86 | 42.55 | 47.45 | 108.37 |
| ଅନ୍ୟାନ୍ୟ ଆୟ | 2.24 | 3.42 | 1.46 | 1.21 | 2.51 |
| **ମୋଟ ଆୟ** | **145.05** | **85.28** | **44.01** | **48.66** | **110.88** |
| **ବ୍ୟୟ** | | | | | |
| ଖର୍ଚ୍ଚ ହୋଇଥିବା ସାମଗ୍ରୀର ମୂଲ୍ୟ | 58.79 | 48.08 | 27.94 | 17.33 | 60.81 |
| ସମାପ୍ତ ସାମଗ୍ରୀର ଗଚ୍ଛିତ ପରିମାଣରେ ପରିବର୍ତ୍ତନ | (0.65) | (9.73) | (6.87) | 15.98 | (7.00) |
| କର୍ମଚାରୀ କଲ୍ୟାଣ ଖର୍ଚ୍ଚ | 16.98 | 13.11 | 14.15 | 21.25 | 13.10 |
| ଆର୍ଥିକ ମୂଲ୍ୟ | 1.42 | 1.46 | 1.41 | 0.96 | 0.77 |
| ଅବମୂଲ୍ୟନ ଏବଂ ଅବକ୍ଷୟ | 1.23 | 1.42 | 1.54 | 0.07 | 0.69 |
| ଅନ୍ୟାନ୍ୟ ଖର୍ଚ୍ଚ | 72.11 | 39.37 | 28.13 | 17.40 | 43.33 |
| **ମୋଟ ଖର୍ଚ୍ଚ** | **149.88** | **93.71** | **66.30** | **72.99** | **111.70** |
| **ଲାଭ/କ୍ଷତି ପୂର୍ବରୁ ଅସାଧାରଣ ଆଇଟମ** | (4.83) | (8.43) | (22.29) | (24.33) | (0.82) |
| କମ୍: ଅସାଧାରଣ ଆଇଟମ | 0 | 0 | 0.47 | 0.02 | 0.33 |
| **କର ବସାଣ ପରେ ଲାଭ/କ୍ଷତି** | (4.83) | (8.43) | (22.76) | (24.35) | (1.15) |

*(ଉତ୍ସ: ଇଫ୍‌କାଲ୍‌ର ବାର୍ଷିକ ହିସାବ ଏବଂ ବାର୍ଷିକ ବିବରଣୀ)*

## ଉତ୍କଳ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (ଆଇକେଆଇଡବ୍ଲ୍ୟୁଏଲ୍)

### ଆର୍ଥିକ ସ୍ଥିତି

*(ଟଙ୍କା କୋଟିରେ)*

| ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|
| **ଅଂଶଧନ ଏବଂ ଦାୟିତ୍ୱ** | | | | | |
| ଅଂଶପୁଞ୍ଜି | 150.10 | 150.10 | 150.10 | 150.10 | 150.10 |
| ଆରକ୍ଷଣ ଏବଂ ବଳକା | (158.12) | (162.82) | (166.27) | (150.74) | (188.38) |
| ଅଣ-ସାମ୍ପ୍ରତିକ ଦାୟିତ୍ୱ | 0.62 | 0.62 | 14.19 | 16.46 | 15.88 |
| ସାମ୍ପ୍ରତିକ ଦାୟିତ୍ୱ | 147.06 | 121.99 | 76.62 | 54.45 | 57.89 |
| ମୋଟ | **139.66** | **109.89** | **74.64** | **70.27** | **35.49** |
| **ସମ୍ପତ୍ତି** | | | | | |
| ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତି | 44.29 | 41.26 | 37.68 | 33.63 | 22.31 |
| ଅଣ-ସାମ୍ପ୍ରତିକ ପୁଞ୍ଜି ନିବେଶ | 0.00 | 0.00 | 0.00 | 0.00 | 0.00 |
| ଅଣ-ସାମ୍ପ୍ରତିକ ସମ୍ପତ୍ତି | 9.15 | 9.02 | 8.22 | 8.73 | 0.00 |
| ସାମ୍ପ୍ରତିକ ସମ୍ପତ୍ତି | 86.22 | 59.61 | 28.74 | 27.91 | 13.18 |
| ମୋଟ | **139.66** | **109.89** | **74.64** | **70.27** | **35.49** |

*(ଉତ୍ସ: ଆଇକେଆଇଡବ୍ଲ୍ୟୁଏଲ୍‌ର ବାର୍ଷିକ ହିସାବ ଏବଂ ବାର୍ଷିକ ବିବରଣୀ)*

### ଲାଭ ଏବଂ କ୍ଷତିର ବିବରଣ

*(ଟଙ୍କା କୋଟିରେ)*

| ସବିଶେଷ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|
| **ଆୟ** | | | | | |
| ଉତ୍ପାଦନରୁ ଆୟ | 81.34 | 128.78 | 17.51 | 4.50 | - |
| ଅନ୍ୟାନ୍ୟ ଆୟ | 3.26 | 4.97 | 4.97 | 4.63 | 0.59 |
| ମୋଟ ଆୟ | **84.60** | **133.75** | **22.48** | **9.13** | **0.59** |
| **ବ୍ୟୟ** | | | | | |
| ସମାପ୍ତ ସାମଗ୍ରୀର ଗଚ୍ଛିତ ପରିମାଣରେ ପରିବର୍ତ୍ତନ | (2.03) | (10.05) | 18.33 | 1.62 | 1.58 |
| କର୍ମଚାରୀ କଲ୍ୟାଣ ଖର୍ଚ୍ଚ | 5.41 | 6.46 | 3.88 | 6.84 | 6.07 |
| ଆର୍ଥିକ ମୂଲ୍ୟ | | | | | |
| ଅବମୂଲ୍ୟନ ଏବଂ ଅବକ୍ଷୟ | 3.16 | 3.02 | 3.03 | 3.90 | 2.08 |
| ଅନ୍ୟାନ୍ୟ ଖର୍ଚ୍ଚ | 84.76 | 139.56 | 1.00 | 1.25 | 1.76 |
| ମୋଟ ଖର୍ଚ୍ଚ | **91.30** | **138.99** | **26.24** | **13.61** | **11.49** |
| **ଲାଭ/କ୍ଷତି ପୂର୍ବରୁ ଅସାଧାରଣ ଆଇଟମ** | (6.70) | (5.24) | (3.76) | (4.48) | (10.90) |
| କମ୍: ଅସାଧାରଣ ଆଇଟମ | 7.65 | (0.54) | (0.31) | (20.00) | 26.74 |
| **କର ବସାଣ ପରେ ଲାଭ/(କ୍ଷତି)** | (14.35) | (4.70) | (3.45) | 15.52 | (37.64) |

*(ଉତ୍ସ: ଆଇକେଆଇଡବ୍ଲ୍ୟୁଏଲ୍‌ର ବାର୍ଷିକ ହିସାବ ଏବଂ ବାର୍ଷିକ ବିବରଣୀ)*

# ପରିଶିଷ୍ଟ-18

**(ଅନୁଚ୍ଛେଦ 2.7.4ରେ ସୂଚିତ)**

**31 ମାର୍ଚ୍ଚ 2022ରେ ଶେଷ ହେବାକୁ ଥିବା ପାଞ୍ଚବର୍ଷ ପାଇଁ ଓଆର୍‌ଏଚ୍‌ଡିସି ଲିମିଟେଡ୍‌ର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ଫଳାଫଳ**

**କାର୍ଯ୍ୟର ଫଳାଫଳ**

*(ଟଙ୍କା କୋଟିରେ)*

| ସବିଶେଷ/ ଆର୍ଥିକ ବର୍ଷ | 2017-18 (ଅସ୍ଥାୟୀ) | 2018-19 (ଅସ୍ଥାୟୀ) | 2019-20 (ଅସ୍ଥାୟୀ) | 2020-21 (ଅସ୍ଥାୟୀ) | 2021-22 (ଅସ୍ଥାୟୀ) |
|---|---|---|---|---|---|
| ଗୃହ ଋଣରୁ ସୁଧ | 0.71 | 0.73 | 0.55 | 0.23 | ଉପଲବ୍ଧ ନୁହେଁ |
| ଅନ୍ୟାନ୍ୟ ଆୟ | 0.02 | 0.03 | 0.04 | 0.04 | ଉପଲବ୍ଧ ନୁହେଁ |
| **ମୋଟ ରାଜସ୍ୱ** | **0.73** | **0.76** | **0.59** | **0.27** | ଉପଲବ୍ଧ ନୁହେଁ |
| କର୍ମଚାରୀ କଲ୍ୟାଣ ଖର୍ଚ୍ଚ | 1.05 | 1.28 | 1.20 | 1.18 | ଉପଲବ୍ଧ ନୁହେଁ |
| ଆର୍ଥିକ ମୂଲ୍ୟ | 38.29 | 38.29 | 38.29 | 38.29 | ଉପଲବ୍ଧ ନୁହେଁ |
| ଅନ୍ୟାନ୍ୟ ଖର୍ଚ୍ଚ | 0.21 | 0.22 | 0.20 | 0.18 | ଉପଲବ୍ଧ ନୁହେଁ |
| **ମୋଟ ଖର୍ଚ୍ଚ** | **39.55** | **39.79** | **39.69** | **39.65** | ଉପଲବ୍ଧ ନୁହେଁ |
| **ବର୍ଷ ପାଇଁ କ୍ଷତି** | **(38.82)** | **(39.03)** | **(39.10)** | **(39.38)** | ଉପଲବ୍ଧ ନୁହେଁ |

**ଆର୍ଥିକ ସ୍ଥିତି**

*(ଟଙ୍କା କୋଟିରେ)*

| ସବିଶେଷ/ ଆର୍ଥିକ ବର୍ଷ | 2017-18 (ଅସ୍ଥାୟୀ) | 2018-19 (ଅସ୍ଥାୟୀ) | 2019-20 (ଅସ୍ଥାୟୀ) | 2020-21 (ଅସ୍ଥାୟୀ) | 2021-22 (ଅସ୍ଥାୟୀ) |
|---|---|---|---|---|---|
| **ଅଂଶଧନ ଏବଂ ଦାୟିତ୍ୱ** | | | | | |
| ଅଂଶପୁଞ୍ଜି | 48.16 | 48.16 | 48.16 | 48.16 | ଉପଲବ୍ଧ ନୁହେଁ |
| ଏକତ୍ରୀକୃତ କ୍ଷତି | (426.23) | (465.27) | (504.38) | (543.76) | ଉପଲବ୍ଧ ନୁହେଁ |
| ସ୍ୱତନ୍ତ୍ର ସଂରକ୍ଷଣ | 2.18 | 2.18 | 2.18 | 2.18 | ଉପଲବ୍ଧ ନୁହେଁ |
| ଦୀର୍ଘକାଳୀନ ଋଣ | 813.64 | 851.93 | 890.23 | 928.52 | ଉପଲବ୍ଧ ନୁହେଁ |
| ଅନ୍ୟାନ୍ୟ ସାମ୍ପ୍ରତିକ ଦାୟିତ୍ୱ | 11.67 | 11.68 | 11.69 | 11.69 | ଉପଲବ୍ଧ ନୁହେଁ |
| ସ୍ୱଳ୍ପ ମିଆଦି ବ୍ୟବସ୍ଥା | 22.97 | 22.97 | 22.97 | 22.97 | ଉପଲବ୍ଧ ନୁହେଁ |
| **ମୋଟ ଅଂଶଧନ ଏବଂ ଦାୟିତ୍ୱ** | **472.39** | **471.65** | **470.85** | **469.76** | ଉପଲବ୍ଧ ନୁହେଁ |
| **ସମ୍ପତ୍ତି** | | | | | |
| ଦୃଶ୍ୟମାନ ସମ୍ପତ୍ତି | 0.28 | 0.26 | 0.24 | 0.23 | ଉପଲବ୍ଧ ନୁହେଁ |
| ଅଣ-ସାମ୍ପ୍ରତିକ ପୁଞ୍ଜି ନିବେଶ | 1.18 | 1.18 | 1.18 | 1.18 | ଉପଲବ୍ଧ ନୁହେଁ |
| ଗୃହ ଋଣ ଏବଂ ନିର୍ମାଣ କେନ୍ଦ୍ରକୁ ଅଗ୍ରୀମ | 464.14 | 462.80 | 462.18 | 461.31 | ଉପଲବ୍ଧ ନୁହେଁ |
| ନଗଦ ଏବଂ ବ୍ୟାଙ୍କ ବାଲାନ୍ସ | 1.60 | 2.21 | 2.05 | 1.84 | ଉପଲବ୍ଧ ନୁହେଁ |
| ସ୍ୱଳ୍ପମିଆଦି ଋଣ ଏବଂ ଅଗ୍ରୀମ | 5.19 | 5.20 | 5.20 | 5.20 | ଉପଲବ୍ଧ ନୁହେଁ |
| **ମୋଟ ସମ୍ପତ୍ତି** | **472.39** | **471.65** | **470.85** | **469.76** | ଉପଲବ୍ଧ ନୁହେଁ |

***(ଉତ୍ସ: ଓଆର୍‌ଏଚ୍‌ଡିସି ଦ୍ୱାରା ପ୍ରଦତ୍ତ ସୂଚନା)***

## ପରିଶିଷ୍ଟ-19

**(ଅନୁଚ୍ଛେଦ 4.9ରେ ସୂଚିତ)**

**ଓଡିଶା ଖଣି ନିଗମ ଦ୍ୱାରା କ୍ରୋମ ପଥର ବିକ୍ରୟ ପାଇଁ ମୂଳ ମୂଲ୍ୟର ଭୁଲ ନିର୍ଦ୍ଧାରଣ ହେତୁ ରାଜସ୍ୱ କ୍ଷତିର ଗଣନା**

| ମଇ 2020 ଇ-ନିଲାମର ମୂଳ ଦର ଉପରେ ତୁଳନାତ୍ମକ ହିସାବ | | | | | |
|---|---|---|---|---|---|
| କ୍ରୋମର ଶ୍ରେଣୀ (ପ୍ରତିଶତ) | କ୍ରୋମ କନ୍‌ସେନଟ୍ରେଟ୍‌ର ମୂଳ ଦର/ଏମ୍‌ଟି (ଟଙ୍କାରେ) | ଓଏମ୍‌ସି ଦ୍ୱାରା ଗଣନା | | ସମୀକ୍ଷା ଦ୍ୱାରା ଗଣନା | |
| | | ଆଦାୟର ଶତକଡା/100 | ମୋଟ (ଟଙ୍କାରେ) | ଆଦାୟର ଶତକଡା/100 | ମୋଟ (ଟଙ୍କାରେ) |
| *i* | *ii* | *iii* | *iv = (ii x iii)* | *v* | *vi = (ii x v)* |
| 50-52 | 7,371 | 0.1890 | 1,393.12 | 0.1890 | 1,393.12 |
| 48-50 | 6,804 | 0.0876 | 596.03 | 0.0876 | 596.03 |
| 46-48 | 6,521 | 0.0662 | 431.69 | 0.0662 | 431.69 |
| 38-40 & 42-44 | 5,954 | 0.0448 | 266.74 | 0.0802 | 477.51 |
| **ମୋଟ** | | **0.3876** | 2,687.58 | 0.4230 | 2,898.35 |
| ରୂପାନ୍ତର ମୂଲ୍ୟ | 1,766 | 0.4230 | 747.02 | 0.4230 | 747.02 |
| ସବ୍-ଗ୍ରେଡ୍ କ୍ରୋମ ପଥରର ଏମ୍‌ଟି ପ୍ରତି ସର୍ବନିମ୍ନ ଦର | | | 1,940.56 | | 2,151.33 |
| ଏମ୍‌ଟି ପ୍ରତି ପାର୍ଥକ୍ୟ (ଟଙ୍କାରେ) | | ***vii = (vi - iv)*** | | | 210.77 |
| **I.** ବିକ୍ରୟ ପରିମାଣ (ଏମ୍‌ଟି) | | ***viii*** | | | **31,468.29** |
| **କ. ରାଜସ୍ୱ ହାନି (ଟଙ୍କାରେ)** | | ***ix = (vii x viii)*** | | | **66,32,571** |
| **ଅଗଷ୍ଟ 2020 ଇ-ନିଲାମର ମୂଳ ଦର ଉପରେ ତୁଳନାତ୍ମକ ହିସାବ** | | | | | |
| କ୍ରୋମର ଶ୍ରେଣୀ (ପ୍ରତିଶତ) | କ୍ରୋମ କନ୍‌ସେନଟ୍ରେଟ୍‌ର ମୂଳ ଦର/ଏମ୍‌ଟି (ଟଙ୍କାରେ) | ଓଏମ୍‌ସି ଦ୍ୱାରା ଗଣନା | | ସମୀକ୍ଷା ଦ୍ୱାରା ଗଣନା | |
| | | ଆଦାୟର ଶତକଡା/100 | ମୋଟ (ଟଙ୍କାରେ) | ଆଦାୟର ଶତକଡା/100 | ମୋଟ (ଟଙ୍କାରେ) |
| *i* | *ii* | *iii* | *iv = (ii x iii)* | *v* | *vi = (ii x v)* |
| 50-52 | 8,029 | 0.1890 | 1,517.48 | 0.1890 | 1,517.48 |
| 48-50 | 7,412 | 0.0876 | 649.29 | 0.0876 | 649.29 |
| 46-48 | 7,103 | 0.0662 | 470.22 | 0.0662 | 470.22 |
| 38-40 & 42-44 | 6,485 | 0.0448 | 290.53 | 0.0802 | 520.10 |
| ମୋଟ | | **0.3876** | **2,927.52** | **0.4230** | **3,157.09** |
| ରୂପାନ୍ତର ମୂଲ୍ୟ | 1,766 | 0.4230 | 747.02 | 0.4230 | 747.02 |
| ସବ୍-ଗ୍ରେଡ୍ କ୍ରୋମ ପଥରର ଏମ୍‌ଟି ପ୍ରତି ମୂଳ ଦର | | | 2,180.50 | | 2,410.07 |
| ଏମ୍‌ଟି ପ୍ରତି ପାର୍ଥକ୍ୟ (ଟଙ୍କାରେ) | | ***vii = (vi - iv)*** | | | 229.57 |
| **II.** ବିକ୍ରୟ ପରିମାଣ (ଏମ୍‌ଟି) | | ***viii*** | | | **56,870.13** |
| **ଖ. ରାଜସ୍ୱ ହାନି (ଟଙ୍କାରେ)** | | ***ix = (vii x viii)*** | | | **1,30,55,676** |
| **ମଇ 2020 ଏବଂ ଅଗଷ୍ଟ 2020 ଇ-ନିଲାମରୁ ମୋଟ ରାଜସ୍ୱ ହାନିର ଗଣନା** | | | | | |
| **ମୋଟ ପରିମାଣ** | | ***(I + II)*** | | | **88,338.42** |
| **ମୋଟ ରାଜସ୍ୱ ହାନି** | | ***(କ+ ଖ)*** | | | **1,96,88,247** |

## ପରିଶିଷ୍ଟ-20

**(ଅନୁଚ୍ଛେଦ 4.10ରେ ସୂଚିତ)**

**ସ୍ଥାୟୀ ଜମାଗୁଡିକର ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ କରିବା ହେତୁ ସୁଧ ବାବଦ କ୍ଷତି**

| ପ୍ରାରମ୍ଭିକ ଅବଶେଷ (ମୂଳଧନ ଟଙ୍କାରେ) | ଜିଏସ୍‌ଟି ଲେଜରରୁ ବାର୍ଷିକ ବ୍ୟବସ୍ଥାପନ | ବାର୍ଷିକ ବ୍ୟବସ୍ଥାପନ ପରେ ଅବଶେଷ ମୂଳଧନ | ତାରିଖ ଠାରୁ | ତାରିଖ ପର୍ଯ୍ୟନ୍ତ | ଦିନ | ସୁଧ ରାଶି (ପରିମାଣ ଟଙ୍କାରେ) |
|---|---|---|---|---|---|---|
| (1) | (2) | (3)= (1)-(2) | (4) | (5) | (6)= (5)-(4) | (7)= (3)*(6)*5.1%/365 |
| 22,48,47,218[96] | 0 | 22,48,47,218 | 04.12.2020 | 31.03.2021 | 118 | 37,07,207 |
| 22,48,47,218 | 3,90,00,000[97] | 18,58,47,218 | 01.04.2021 | 31.03.2022 | 365 | 94,78,208 |
| 18,58,47,218 | 3,90,00,000[98] | 14,68,47,218 | 01.04.2022 | 31.03.2023 | 365 | 74,89,208 |
| 14,68,47,218 | 3,90,00,000 | 10,78,47,218 | 01.04.2023 | 31.03.2024 | 365 | 55,00,208 |
| 10,78,47,218 | 3,90,00,000 | 6,88,47,218 | 01.04.2024 | 31.03.2025 | 365 | 35,11,208 |
| 6,88,47,218 | 3,90,00,000 | 2,98,47,218 | 01.04.2025 | 31.03.2026 | 365 | 15,22,208 |
| 2,98,47,218 | 3,90,00,000 | -91,52,782 | 01.04.2026 | 31.03.2027 | 365 | 0 |
| ମୋଟ | | | | | | **3,12,08,247** |

96 ଅତିରିକ୍ତ ଜିଏସ୍‌ଟି ପରିମାଣ 22,48,47,218 ଟଙ୍କାର ଫେରସ୍ତ

97 ମାର୍ଚ୍ଚ 2022 ମାସ ପାଇଁ ଜିଏସ୍‌ଟି ରିଟର୍ଣ୍ଣ ଆଇଟିସିର 3.90 କୋଟି ଟଙ୍କା ଆଡଜଷ୍ଟ ହୋଇଛି

98 ଓପିଏଚ୍‌ଡବ୍ଲ୍ୟୁସିର ଜିଏସ୍‌ଟି ଦାୟିତ୍ୱ ଅବଶିଷ୍ଟ ଅବଧି ପାଇଁ 3.90 କୋଟି ଟଙ୍କା ବୋଲି ଅନୁମାନ କରାଯାଏ

# ସଂକ୍ଷେପଣ ଶବ୍ଦର ପରିଭାଷା

## ସଂକ୍ଷେପଣ ଶବ୍ଦର ପରିଭାଷା

| କ୍ରମିକ ସଂଖ୍ୟା | ସଂକ୍ଷେପଣ | ବର୍ଣ୍ଣନା |
|---|---|---|
| 1. | ଏଆଣ୍ଡଓଇ | ପ୍ରଶାସନିକ ଏବଂ କାର୍ଯ୍ୟାଳୟ ଖର୍ଚ୍ଚ |
| 2. | ଏବିଡି | କ୍ଷେତ୍ର ଭିତ୍ତିକ ବିକାଶ |
| 3. | ଏଏଫ୍‌ଡି | ଫ୍ରେଞ୍ଚ ବିକାଶ ଏଜେନ୍ସି |
| 4. | ଏଜି | ମହାଲେଖାକାର |
| 5. | ଏଆର୍‌ଆର୍ | ବାର୍ଷିକ ରାଜସ୍ୱ ଆବଶ୍ୟକତା |
| 6. | ଏଭିଏଲ୍‌ଏସ୍ | ସ୍ୱୟଂକ୍ରିୟ ବାହନ ଅବସ୍ଥିତ ତନ୍ତ୍ର |
| 7. | ବିଇଏଲ୍ | ମେସର୍ସ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ |
| 8. | ବିଏମ୍‌ସି | ଭୁବନେଶ୍ୱର ମହାନଗର ନିଗମ |
| 9. | ବିପିଏଲ୍ | ଦାରିଦ୍ର୍ୟ ସୀମାରେଖା ତଳେ |
| 10. | ବିକ୍ୟୁଏସ୍ | ବସ୍ କ୍ୟୁ ଆଶ୍ରୟସ୍ଥଳ |
| 11. | ବିଏସ୍‌ସିଏଲ୍ | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ |
| 12. | ବିୟୁକେସି | ଭୁବନେଶ୍ୱର ସହରୀ ଜ୍ଞାନକେନ୍ଦ୍ର |
| 13. | ସିଆଣ୍ଡଏଜି | ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ |
| 14. | ସିଏଜିଆର୍ | ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର |
| 15. | ସିସିଡି | ଡିସ୍‌ଇନ୍‌ଭେଷ୍ଟମେଣ୍ଟ କ୍ୟାବିନେଟ୍ ଉପ-କମିଟି |
| 16. | ସିଇଓ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ |
| 17. | ସିଆଇଟିଆଇଆଇଏସ୍ | ଅଭିନବତା, ପୂର୍ଣ୍ଣାଙ୍ଗ ଏବଂ ସହନୀୟତା ପାଇଁ ସହର ନିବେଶ |
| 18. | ସିଏଲ୍‌ଏଚ୍‌ଏସ୍ | କ୍ରେଡିଟ୍ ଲିଙ୍କ୍‌ଡ ଗ୍ରାମୀଣ ଗୃହ ଯୋଜନା |
| 19. | ସିଓବିପି | କ୍ରୋମ୍ ପଥର ବେନିଫିକେସନ୍ କାରଖାନା |
| 20. | କୋପୁ | ସରକାରୀ ଉଦ୍ୟୋଗ ସମିତି |
| 21. | ସିଆର୍‌ୟୁଟି | ରାଜଧାନୀ ଅଞ୍ଚଳ ସହରୀ ପରିବହନ |
| 22. | ସିଏସ୍‌ଏସ୍ | କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା |
| 23. | ଡିସ୍‌କମ୍‌ସ | ବିତରଣ କମ୍ପାନୀସମୂହ |
| 24. | ଡିଓଇ | ଶକ୍ତି ବିଭାଗ |
| 25. | ଡିପିସି | କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ |
| 26. | ଡିପିଆର୍ | ବିସ୍ତୃତ ପ୍ରକଳ୍ପ ରିପୋର୍ଟ |
| 27. | ଡିପିଏସ୍ | ବିଳମ୍ବିତ ପେଠ ସରଚାର୍ଜ |
| 28. | ଇବିଆଇଟି | ସୁଧ ଏବଂ ଟିକସ ପୂର୍ବରୁ କମ୍ପାନୀର ଆୟ |
| 29. | ଇଡି | ବିଦ୍ୟୁତ ଶୁଳ୍କ |
| 30. | ଇଜିଆଇଏସ୍ | ଇଗିସ୍ ଇଣ୍ଡିଆ କନ୍‌ସଲ୍‌ଟିଂ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍ |
| 31. | ଇପିଏସ୍ | ବିଦ୍ୟୁତ ଶକ୍ତି ସର୍ବେକ୍ଷଣ |
| 32. | ଇଡବ୍ଲ୍ୟୁଏସ୍ | ଆର୍ଥିକ ଭାବେ ଦୁର୍ବଳ ବର୍ଗ |
| 33. | ଏଫ୍‌ଡିପି | ଜଙ୍ଗଲ ପରିବର୍ତ୍ତନ ଯୋଜନା |
| 34. | ଏଫ୍‌ୱାଇ | ଆର୍ଥିକ ବର୍ଷ |
| 35. | ଜିଏଫ୍‌ସି | ଗୁଡ-ଫର-କନ୍‌ଷ୍ଟ୍ରକ୍‌ସନ୍ |
| 36. | ଜିଜି | ସରକାରୀ ଗ୍ୟାରେଣ୍ଟି |
| 37. | ଜିଏମ୍‌ଆଇଏସ୍ | ଜିଓସ୍ପାଟିଆଲ ପରିଚାଳନା ତଥ୍ୟ ତନ୍ତ୍ର |
| 38. | ଜିଓଆଇ | ଭାରତ ସରକାର |

| କ୍ରମିକ ସଂଖ୍ୟା | ସଂକ୍ଷେପଣ | ବର୍ଣ୍ଣନା |
|---|---|---|
| 39. | ଜିଓଓ | ଓଡିଶା ସରକାର |
| 40. | ଗ୍ରୀଡ୍‌କୋ | ଗ୍ରୀଡ୍‌କୋ ଲିମିଟେଡ୍ |
| 41. | ଜିଏସ୍‌ଡିପି | ମୋଟ ରାଜ୍ୟ ଘରୋଇ ଉତ୍ପାଦ |
| 42. | ଜିଏସ୍‌ପିସିଏଲ୍ | ଜେଡ୍‌କଲ୍ ସେଲ୍ ପାୱାର ନିଗମ ଲିମିଟେଡ୍ |
| 43. | ଜିଏସ୍‌ଟି | ଦ୍ରବ୍ୟ ଏବଂ ସେବା କର |
| 44. | ଏଚ୍‌ଆଣ୍ଡୟୁଡି | ଗୃହ ଏବଂ ନଗର ଉନ୍ନୟନ ବିଭାଗ |
| 45. | ଏଚ୍‌ଏଆଇଏଲ୍ | ମେସର୍ସ ହନୀୱେଲ ଅଟୋମେସନ୍ ଇଣ୍ଡିଆ ଲିମିଟେଡ୍ |
| 46. | ଏଚ୍‌ସିଏଫ୍‌ସି | ଉଚ୍ଚ କାର୍ବନ ଫେରୋକ୍ରମ୍ |
| 47. | ଏଚ୍‌ଏଲ୍‌ଏଲ୍‌ଏସି | ଉଚ୍ଚ ସ୍ତରୀୟ ଜମି ଆବଣ୍ଟନ କମିଟି |
| 48. | ଏଚ୍‌ଆର୍ | ମାନବ ସମ୍ବଳ |
| 49. | ଏଚ୍‌ୱାଇପିଏଲ୍ | ହିରୋ ୟୁଅନ ପ୍ରାଇଭେଟ୍ ଲିମିଟେଡ୍ |
| 50. | ଆଇଏ | ଶିଳ୍ପାଞ୍ଚଳ |
| 51. | ଆଇବିଏମ୍ | ଭାରତୀୟ ଖଣି ବ୍ୟୁରୋ |
| 52. | ଆଇସିସିସି | ଏକୀକୃତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର |
| 53. | ଆଇସିଆର୍ | ସୁଧ ଭରଣ ଅନୁପାତ |
| 54. | ଆଇଡିସିଜି | ଆନ୍ତଃବିଭାଗ କୋର୍ ଗ୍ରୁପ୍ |
| 55. | ଇଡ୍‌କୋ | ଓଡିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ |
| 56. | ଇଡ୍‌କଲ୍ | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ |
| 57. | ଆଇଇ | ଶିଳ୍ପ ମାହଲ |
| 58. | ଇଫ୍‌କାଲ୍ | ଇଡ୍‌କଲ୍ ଫେରୋକ୍ରମ ଏବଂ ଆଲଏଜ୍ ଲିମିଟେଡ୍ |
| 59. | ଆଇକେଆଇଡବ୍ଲ୍ୟୁଏଲ୍ | ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ |
| 60. | ଆଇପିଆର୍ | ଶିଳ୍ପ ନୀତି ସଂକଳ୍ପ |
| 61. | ଆଇଟିସି | ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ |
| 62. | ଜେଭି | ଯୌଥ ଉଦ୍ୟୋଗ |
| 63. | କେବିୟୁଏନ୍‌ଏଲ୍ | ମେସର୍ସ କାନ୍ତି ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ |
| 64. | କେଆଇଓସିଏଲ୍ | କୁଦ୍ରମୁଖ୍ ଲୁହାପଥର କମ୍ପାନୀ ଲିମିଟେଡ୍ |
| 65. | ଏଲ୍‌ଟିଏଲ୍ | ଦୀର୍ଘକାଳୀନ ସଂଯୋଗ |
| 66. | ଏମ୍‌ସିଡିଆର୍ | ଖଣିଜ ସଂରକ୍ଷଣ ବିକାଶ ନିୟମ |
| 67. | ଏମ୍‌ଡି | ପରିଚାଳନା ନିର୍ଦ୍ଦେଶକ |
| 68. | ଏମ୍‌ଇସିଏଲ୍ | ମେସର୍ସ ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ |
| 69. | ଏମ୍‌ଏଲ୍ | ଖଣି ପଟ୍ଟା |
| 70. | ଏମ୍‌ଏଲ୍‌ସିପି | ମଲ୍ଟି ଲେବଲ କାର ପାର୍କିଂ |
| 71. | ମୋହୁଆ | ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟ |
| 72. | ଏମ୍‌ଓୟୁ | ବୁଝାମଣା ପତ୍ର |
| 73. | ଏମ୍‌ଏସ୍‌ଆଇ | ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର |
| 74. | ଏମ୍‌ଏସ୍‌ଏମ୍‌ଇ | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ |
| 75. | ଏମ୍‌ଟି | ମେଟ୍ରିକ୍ ଟନ୍ |
| 76. | ଏନ୍‌ବିଆଇସି | ମେସର୍ସ ଏନ୍‌ଓସିସିଆଇ ବାଲେଶ୍ୱର ଭିତ୍ତିଭୂମି କମ୍ପାନୀ |
| 77. | ଏନ୍‌ଇପି | ଜାତୀୟ ବିଦ୍ୟୁତ ନୀତି |
| 78. | ନେସ୍କୋ | ଓଡିଶା ଉତ୍ତରାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ |

| କ୍ରମିକ ସଂଖ୍ୟା | ସଂକ୍ଷେପଣ | ବର୍ଣ୍ଣନା |
|---|---|---|
| 79. | ଏନ୍‌ପିଭି | ନିଟ୍ ବର୍ତ୍ତମାନ ମୂଲ୍ୟ |
| 80. | ଏନ୍‌ଟିପି | ଜାତୀୟ ଶୁଳ୍କ ନୀତି |
| 81. | ଓଆଣ୍ଡଏମ୍ | କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ |
| 82. | ଓବିୟୁ | ଅନ୍-ବୋର୍ଡ ବସ୍ ୟୁନିଟ୍ |
| 83. | ଓଇଆର୍‌ସି | ଓଡିଶା ବିଦ୍ୟୁତ ନିୟାମକ ଆୟୋଗ |
| 84. | ଓଏଫ୍‌ଡିସି | ଓଡିଶା ବନ ଉନ୍ନୟନ ନିଗମ |
| 85. | ଓଏଚ୍‌ପିସି | ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ |
| 86. | ଓଏମ୍‌ସି | ଓଡିଶା ଖଣି ନିଗମ ଲିମିଟେଡ୍ |
| 87. | ଓପିଏଚ୍‌ଡବ୍ଲ୍ୟୁସି | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍ |
| 88. | ଓପିଟିସିଏଲ୍ | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ |
| 89. | ଓଆର୍‌ଏଚ୍‌ଡିସି | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ |
| 90. | ଓଏସ୍‌ଆର୍‌ଟିସି | ଓଡିଶା ରାଜ୍ୟ ସଡକ ପରିବହନ ନିଗମ |
| 91. | ଓଟିଏସ୍ | ଏକକାଳୀନ ବନ୍ଦୋବସ୍ତ |
| 92. | ପିବିଏସ୍ | ସର୍ବସାଧାରଣ ସାଇକେଲ ସହଭାଗୀତା |
| 93. | ପିସିଇଆର୍‌ସି | କମ୍ପାନୀ ଏବଂ ସମବାୟ ଉଦ୍ୟୋଗ ପୁନଃନିର୍ମାଣ ସମିତି |
| 94. | ପିଜିସି | ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀ |
| 95. | ପିଆଇସି | ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମିତି |
| 96. | ପିଏମ୍‌ଏୱାଇ | ପ୍ରଧାନମନ୍ତ୍ରୀ ଆବାସ ଯୋଜନା |
| 97. | ପିଏମ୍‌ସି | ପ୍ରକଳ୍ପ ପରିଚାଳନା ପରାମର୍ଶଦାତା |
| 98. | ପିପିଏ | ବିଦ୍ୟୁତ କ୍ରୟ ଚୁକ୍ତିନାମା |
| 99. | ପିପିପିଏ | ସରକାରୀ ଘରୋଇ ସହଭାଗୀତା |
| 100. | ପିଏସ୍‌ଏ | ଶକ୍ତି ବିକ୍ରୟ ଚୁକ୍ତି |
| 101. | ପିଏସ୍‌ୟୁ | ସରକାରୀ ଉଦ୍ୟୋଗ |
| 102. | ପିଭି | ବର୍ତ୍ତମାନ ମୂଲ୍ୟ |
| 103. | ଆର୍‌ସିପି | ଚୁକ୍ତି ମୂଲ୍ୟ |
| 104. | ଆର୍‌ଇସି | ନବୀକରଣଯୋଗ୍ୟ ଶକ୍ତି ପ୍ରମାଣପତ୍ର |
| 105. | ଆର୍‌ଏଫ୍‌ପି | ପ୍ରସ୍ତାବ ପାଇଁ ଅନୁରୋଧ |
| 106. | ଆର୍‌ଏଚ୍‌ଇପି | ରେଙ୍ଗାଲି ଜଳ ବିଦ୍ୟୁତ ପ୍ରକଳ୍ପ |
| 107. | ଆର୍‌ଆଇଏଲ୍ | ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍ |
| 108. | ଆର୍‌ଏମ୍‌ସି | ରାଉରକେଲା ମହାନଗର ନିଗମ |
| 109. | ଆର୍‌ଓସିଇ | ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ |
| 110. | ଆରଓଇ | ସାଧାରଣ ଅଂଶଧନ ଉପରେ ଲାଭ |
| 111. | ଆର୍‌ଓଆର୍ | ସରକାରୀ ବିନିଯୋଗ ଉପରେ ଲାଭର ହାର |
| 112. | ଆର୍‌ଓଆର୍‌ଆର୍ | ସରକାରୀ ବିନିଯୋଗ ଉପରେ ପ୍ରକୃତ ଲାଭର ହାର |
| 113. | ଆର୍‌ଓଡବ୍ଲ୍ୟୁ | ମାର୍ଗର ଅଧିକାର |
| 114. | ଆର୍‌ଏସ୍‌ସିଏଲ୍ | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ |
| 115. | ସରଫାଇସି | ଆର୍ଥିକ ସମ୍ପତ୍ତିର ନିରାପତ୍ତା ଓ ପୁନଃନିର୍ମାଣ ଏବଂ ସୁରକ୍ଷା ଜମା ନିୟମାବଳୀ |
| 116. | ସ୍କାଫ୍ | ସ୍ମାର୍ଟ ସିଟି ପରାମର୍ଶ ଫୋରମ୍ |
| 117. | ଏସ୍‌ସିବି | ଓଏମ୍‌ସି ବୋର୍ଡର ବିକ୍ରୟ ସମିତି |

| କ୍ରମିକ ସଂଖ୍ୟା | ସଂକ୍ଷେପଣ | ବର୍ଣ୍ଣନା |
|---|---|---|
| 118. | ଏସ୍‌ସିଏମ୍ | ସ୍ମାର୍ଟ ସିଟି ମିଶନ |
| 119. | ଏସ୍‌ସିପି | ସ୍ମାର୍ଟ ସିଟି ପ୍ରସ୍ତାବ |
| 120. | ଏସ୍‌ଇସି | ସାମାଜିକ ସାମ୍ୟ କେନ୍ଦ୍ର |
| 121. | ଏସ୍‌ଏଲ୍‌ଏ | ସେବା ସ୍ତର ଚୁକ୍ତିନାମା |
| 122. | ଏସ୍‌ଓପି | ମାନକ କାର୍ଯ୍ୟ ପଦ୍ଧତି |
| 123. | ସାଉଥକୋ | ଓଡିଶା ଦକ୍ଷିଣାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ |
| 124. | ଏସ୍‌ପିଏସ୍‌ଇ | ରାଜ୍ୟ ସରକାରୀ ଉଦ୍ୟୋଗ |
| 125. | ଏସ୍‌ପିଭି | ସ୍ୱତନ୍ତ୍ର ଉଦ୍ଦେଶ୍ୟ କମ୍ପାନୀ |
| 126. | ଟିସିପିଏଲ୍ | ତୋଷାଳୀ ସିମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ |
| 127. | ଟିଓଆର୍ | ନିର୍ଦ୍ଦେଶ ନିବନ୍ଧନ |
| 128. | ଟିପିସିଏଲ୍ | ଟାଟା ପାୱାର କମ୍ପାନୀ ଲିମିଟେଡ୍ |
| 129. | ୟୁସି | ଉପଯୋଗ ପ୍ରମାଣପତ୍ର |
| 130. | ୟୁପିଏସ୍‌ୱାଇସିଏଲ୍ | ଉତ୍ତରପ୍ରଦେଶ ରାଜ୍ୟ ସୂତା କମ୍ପାନୀ ଲିମିଟେଡ୍ |
| 131. | ୱେସ୍କୋ | ଓଡିଶା ପଶ୍ଚିମାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ |
| 132. | ଡବ୍ଲ୍ୟୁପି | କାର୍ଯ୍ୟ ଯୋଜନା |
| 133. | ଡବ୍ଲ୍ୟୁପିଆଇ | ପାଇକାରୀ ମୂଲ୍ୟ ସୂଚକାଙ୍କ |
| 134. | ଡବ୍ଲ୍ୟୁଏସ୍ | କାର୍ଯ୍ୟକାରୀ ଯୋଜନା |

© ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ
**www.cag.gov.in**

**https://cag.gov.in/ag2/odisha/en**